ନାରୀକବି
ଅନ୍ନପୂର୍ଣ୍ଣା
ରଚନାଶ୍ରୀ

ଡକ୍ଟର ଅନ୍ତର୍ଯାମୀ ନାୟକଙ୍କ
ସମ୍ପାଦିତ

Digitized by srujanika@gmail.com

ନାରୀ କବି ଅନ୍ନପୂର୍ଣ୍ଣା

ରଚନା ଶ୍ରୀ

Digitized by srujanika@gmail.com

ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ

ସଙ୍ଗ୍ରହ ଓ ସମ୍ପାଦନା

ଡକ୍ଟର କ୍ଷେତ୍ରବାସୀ ନାୟକ

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ରେଭେନ୍ସା କଲେଜ, କଟକ

Digitized by srujanika@gmail.com

NARIKAVI ANNAPURNA RACHANA SHREE

Compiled & Edited by

Dr. KSHETRABASI NAYAK, M. A., Ph. D

First Published, December, 1980

Published by

Smt. MONORAMA PATNAIK

Gopabandhu Nagar, Berhampur-760004

Price Rs, 45/-

ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ

ସମ୍ପାଦକ

ଡକ୍ଟର କ୍ଷେତ୍ରବାସୀ ନାୟକ

ଶୁଭ ପ୍ରକାଶ, ଡିସେମ୍ବର ୧୯୮୦

ପ୍ରକାଶକ

ଶ୍ରୀମତୀ ମନୋରମା ପଟ୍ଟନାୟକ

ଗୋପବନ୍ଧୁ ନଗର, ବ୍ରହ୍ମପୁର-୭୬୦୦୦୪

ପ୍ରଚ୍ଛଦ ଅଙ୍କନ

ଅଧ୍ୟାପିକା ସଂଯୁକ୍ତା ରଥ ଓ

ଶ୍ରୀ କାଳିପ୍ରସନ୍ନ ପଟ୍ଟନାୟକ

ମୂଲ୍ୟ—ପଇଁଚାଳିଶ ଟଙ୍କା

Digitized by srujanika@gmail.com

'କରି କରାଉ ଥାଏ ମୁହିଁ
ମୋ ବିନୁ ଆନ ଗତି ନାହିଁ'

ଜଗନ୍ନାଥେ !

ତୁମରି ଇଚ୍ଛାର କର୍ମ-ଫଳ, ତୁମରି ଚରଣେ ନିବେଦିତ

ପ୍ରଣତ

କ୍ଷେତ୍ରବାସୀ

Digitized by srujanika@gmail.com

ବିଷୟ ସୂଚୀ

ସଂପାଦକୀୟ

ସ୍ୱୀକୃତି ପୃଷ୍ଠା

ନାରୀକବି ଅନ୍ନପୂର୍ଣ୍ଣା : କବି ଚରିତ ଓ କାବ୍ୟ ଚର୍ଚ୍ଚା ଏକ-ତେତିଶ

ବିବିଧ ରଚନା : ବିବିଧ ବିଭାଗ

(କ) କାବ୍ୟ-ଶ୍ରୀ ବିଭାଗ

୧ । କଳ୍ପ କୁଞ୍ଜ ୧-୭୮

୨ । ଆଶା ହାଟ ୭୯-୧୦୮

(ଖ) ଗୀତିକାବ୍ୟ ଶ୍ରୀ ବିଭାଗ

୩ । ପକ୍ଷୀ ଘର ୧୧୧

୪ । ସଂସାରର ଚିତ୍ର ୧୨୨

୫ । ଲୁପ୍ତ କଥା ୧୨୮

୬ । ପାପୀର ମିନତି ୧୩୩

୭ । ପାସୋର ୧୩୫

୮ । ମାନବର ଗର୍ବ ୧୩୬

୯ । ସ୍ତବନା ୧୩୯

୧୦ । ନିର୍ବାଣ ୧୪୧

୧୧ । ସୁଖ କିସ ୧୪୩

୧୨ । ସଂସାରର ସୁଖୀ କିଏ ୧୪୫

୧୩ । ଦୁଃଖର ମହିମା ୧୪୯

୧୪ । ପ୍ରାଣକୁ ସାନ୍ତ୍ୱନା ୧୫୨

୧୫ । ଧୂଳି ଖେଳ ୧୫୪

୧୬ । ଅତୀତର ଭ୍ରମଣ ୧୫୬

Digitized by srujanika@gmail.com

		ପୃଷ୍ଠା
୧୭ ।	ନିଜ ଧାମ	୧୬୧
୧୮ ।	ପ୍ରଶ୍ନ	୧୬୩
୧୯ ।	ଯୌବନ ବସନ୍ତ	୧୬୫
୨୦ ।	ଚନ୍ଦ୍ରଙ୍କ ପ୍ରତି	୧୬୭
୨୧ ।	ଏକ ଦୃଶ୍ୟ	୧୬୯
୨୨ ।	ପସରା	୧୭୩
୨୩ ।	ସତୀଙ୍କ ପ୍ରତି	୧୭୮
୨୪ ।	ଅଶ୍ରୁଧାରା ପ୍ରତି	୧୮୦
୨୫ ।	ପର୍ବତ ପ୍ରତି	୧୮୨
୨୬ ।	ନାହିଁ କଛୁ	୧୮୪
୨୭ ।	ପ୍ରେମ ଡ଼ାକ	୧୮୬
୨୮ ।	କି ମଧୁର ଲୀଳା	୧୮୮
୨୯ ।	ମହା ବନ୍ଧୁର	୧୯୦
୩୦ ।	ଭିକ୍ଷୁକ ପଥିକ	୧୯୪
୩୧ ।	ବରଷ ଓ ବରଷର ସମ୍ଭାଷଣ	୧୯୮
୩୨ ।	ଆତ୍ମାକୁ ପ୍ରଶ୍ନ	୨୦୨
୩୩ ।	କୁଆଁ ତାରା ପ୍ରତି	୨୦୬
୩୪ ।	ସଂଶୟ	୨୦୯
୩୫ ।	ଅଶାନ୍ତ	୨୧୧
୩୬ ।	ଚିନ୍ତା	୨୧୩
୩୭ ।	ଭକ୍ତି	୨୧୫
୩୮ ।	ଜୀବନ	୨୧୭
୩୯ ।	ଯୌବନ	୨୧୯
୪୦ ।	କାନ୍ତ	୨୨୧
୪୧ ।	ଭାବନା	୨୨୩
୪୨ ।	ଆଶା	୨୨୫
୪୩ ।	କାମନା	୨୨୮
୪୪ ।	ନିର୍ବାଣ	୨୩୦
୪୫ ।	ଶାନ୍ତି	୨୩୪
୪୬ ।	କ୍ରୋଧ	୨୩୮
୪୭ ।	ମୃତ୍ୟୁ	୨୪୧

Digitized by srujanika@gmail.com

		ପୃଷ୍ଠା
୪୮ ।	ବନ୍ଧନ	୧୪୩
୪୯ ।	ମୃତ୍ୟୁ	୧୪୪
୫୦ ।	ଅଶ୍ରୁ ବନ୍ଧୁ	୧୪୬
୫୧ ।	ଧର୍ମଗ୍ରନ୍ଥ	୧୪୮
୫୨ ।	କାତର	୧୫୧
୫୩ ।	ଦେବପୂଜା	୧୫୪
୫୪ ।	ଧୈର୍ଯ୍ୟ	୧୫୬
୫୫ ।	କିଏ ଗୋ	୧୫୯
୫୬ ।	ଦୁଃଖ	୧୬୧
୫୭ ।	ବିଶ୍ୱାସ	୧୬୩
୫୮ ।	ଦାରିଦ୍ର୍ୟ	୧୬୫
୫୯ ।	କାହ୍ନାବାଣୀ	୧୬୭
୬୦ ।	ଶୂନ୍ୟ ଡାକ	୧୬୯
୬୧ ।	ସପ୍ତ ଦେବତା	୧୭୧

ଗ । ମନ-ଶ୍ରୀ ବିଭାଗ

୬୨ ।	ମନ ଫେରଣ	୧୭୫
୬୩ ।	ପ୍ରାଣ ଅନନ୍ତ୍ୟ	୧୭୭
୬୪ ।	ମନର ବ୍ୟାକୁଳ	୧୭୮
୬୫ ।	ମନକୁ ପ୍ରଶ୍ନ	୧୮୦
୬୬ ।	ମନର ବିଳାପ	୧୮୨
୬୭ ।	ମନର ବଗ୍ନର	୧୮୩
୬୮ ।	ମନ ରତ୍ନ	୧୮୪
୬୯ ।	ମନର ଚିନ୍ତା	୧୮୬
୭୦ ।	ସାବଧାନ	୧୯୦
୭୧ ।	ମନ ଜୀବନ ମେଳ	୧୯୪
୭୨ ।	ମନର ଉତ୍ତର	୧୯୬
୭୩ ।	ମନ	୩୦୧

Digitized by srujanika@gmail.com

(ଘ) ବିଚ୍ଛେଦ ମିଳନ

		ପୃଷ୍ଠା
୭୪ ।	ବିଚ୍ଛେଦ	୩୦୯
୭୫ ।	ବିଦାୟ	୩୧୦
୭୬ ।	ତୁମେ ଓ ମୁଁ	୩୧୧
୭୭ ।	ଛବି	୩୧୩
୭୮ ।	ଆବାହନ	୩୧୫
୭୯ ।	ଗୋପନ ପୂଜା	୩୧୭
୮୦ ।	ଶ୍ରୀ ଶଶୀବାବୁଙ୍କ ପ୍ରତି	୩୧୯
୮୧ ।	ପ୍ରେମର ମୂଲ୍ୟ	୩୨୦
୮୨ ।	ନିବେଦନ	୩୨୩
୮୩ ।	ମୃଗଜଳଯାତ୍ରୀ	୩୨୫
୮୪ ।	କବି	୩୨୭
୮୫ ।	ଫୁଟା ଫୁଲ	୩୩୦
୮୬ ।	ମହା ଦାନ	୩୩୨
୮୭ ।	ପ୍ରେମ	୩୩୪
୮୮ ।	କହ କଥା	୩୩୫
୮୯ ।	ଜର ଜନ୍ତୁ	୩୩୭
୯୦ ।	ଉଦ୍‌ବୋଧନ	୩୩୯
୯୧ ।	ମନୋଭାବ	୩୪୩
୯୨ ।	ଅନ୍ୱେଷଣ	୩୪୫
୯୩ ।	ମନ ଭାବ	୩୪୭
୯୪ ।	ଶୂନ୍ୟ ଘନେ ପକ୍ଷୀ	୩୪୯
୯୫ ।	ସେହି ସ୍ମୃତି	୩୫୧
୯୬ ।	ସନ୍ଧ୍ୟା	୩୫୩
୯୭ ।	ସ୍ନେହର ସାଥି	୩୫୫

(ଙ) ବିବିଧ କବିତା ବିଭାଗ

୯୮ ।	ଦେଶାନ୍ତର	୩୫୯
୯୯ ।	ଚକୁଆ ଚକୋଇ କଥା	୩୬୭

Digitized by srujanika@gmail.com

		ପୃଷ୍ଠା
୧୦୦ ।	ସନ୍ତାନଙ୍କ ବିଭୁ ପ୍ରେମ	୩୭୩
୧୦୧ ।	ନିବେଦନ—୧	୩୭୬
୧୦୨ ।	ନିବେଦନ—୨	୩୮୧
୧୦୩ ।	ନନ୍ଦଘୋଷ	୩୮୮
୧୦୪ ।	ଜନୈକ ସ୍ୱର୍ଣୀଙ୍କ ନିକଟକୁ	୩୯୮
୧୦୫ ।	ଶୁକ ପକ୍ଷୀ ପ୍ରତି	୪୦୦
୧୦୬ ।	ସହୋଦରଙ୍କ ପ୍ରତି	୪୦୨
୧୦୭ ।	ସତୀ ପ୍ରତି ସଖୀ ଦ୍ରୋଣ୍ଣ ପତିର ଉକ୍ତି	୪୦୫
୧୦୮ ।	ଉତ୍କଳ ଭୂମି	୪୦୭
୧୦୯ ।	ମାତୃଭୂମି ପ୍ରତି	୪୧୦
୧୧୦ ।	ଚନ୍ଦ୍ରାର ସଂସାର	୪୧୪
୧୧୧ ।	ଗାନ୍ଧିଙ୍କ ଉନ୍ନାଭିନ୍ନ	୪୧୬
୧୧୨ ।	ଭଲ୍ଟଣା	୪୧୯
୧୧୩ ।	ଷଣ୍ଢ ପାଇଁ	୪୨୧
୧୧୪ ।	କଷ୍ଟ ଗାନ୍ଧି	୪୨୩
୧୧୫ ।	ନିର୍ଜନ	୪୨୫
୧୧୬ ।	ଗାନ୍ଧିଙ୍କ ଅନ୍ତର	୪୨୬
୧୧୭ ।	ମିଳନର ସୁଖ	୪୩୦
୧୧୮ ।	ପଥ ଭୁଲ	୪୩୨
୧୧୯ ।	ମୁଗଧା	୪୩୪
୧୨୦ ।	ସେହି ଦିନ	୪୩୭
୧୨୧ ।	ଦୁଇ ଶବ୍ଦ	୪୪୦
୧୨୨ ।	ସତ୍ୟର ଅନେକ ରୂପେ	୪୪୧
୧୨୩ ।	ଜାତୀୟ ସଂଗୀତ	୪୪୩
୧୨୪ ।	ପ୍ରାର୍ଥନା	୪୪୬

(ଚ) ସ୍ୱପ୍ନ-ଶ୍ରୀ ବିଭାଗ : ଗଦ୍ୟ ରଚନା

୧୨୫ ।	ଶ୍ରୀକୃଷ୍ଣ ମହାତ୍ମା ଓ ଅନ୍ନପୂର୍ଣ୍ଣା	୪୪୯
୧୨୬ ।	ଉତ୍କଳ ସରୋବର, ଜାତୀୟ ସୁମନ, ଫକୀର ମୋହନ ଓ ଅନ୍ନପୂର୍ଣ୍ଣା	୪୫୨
୧୨୭ ।	ଋଷିପୂଜା, ଶଙ୍ଖଚଲ ଓ ଅନ୍ନପୂର୍ଣ୍ଣା	୪୫୭

Digitized by srujanika@gmail.com

		ପୃଷ୍ଠା
୧୨୮ ।	ଛାତ୍ର ଓ ଅନ୍ନପୂର୍ଣ୍ଣା	୪୬୧
୧୨୯ ।	ତପସ୍ୱୀ, ଅନ୍ନପୂର୍ଣ୍ଣା ଓ ଚନ୍ଦ୍ରବତୀ	୪୬୫
୧୩୦ ।	ଶୁକ, ଶାସ୍ତ୍ର ଓ ଅନ୍ନପୂର୍ଣ୍ଣା	୪୬୭
୧୩୧ ।	ଯୁବା ସ୍ତ୍ରୀ ଓ ଅନ୍ନପୂର୍ଣ୍ଣା	୪୭୧
୧୩୨ ।	ଅନ୍ନପୂର୍ଣ୍ଣା, ଶ୍ରୀରାମ ଓ ଏକ ତେଜସ୍ୱାନ ପୁରୁଷ	୪୭୩
୧୩୩ ।	ଅନ୍ନପୂର୍ଣ୍ଣା ଓ ଏକ ତେଜସ୍ୱାନ ପୁରୁଷ	୪ ୭

ଚିତ୍ରସୂଚୀ

୧ । ସଂପାଦିକା ଅନ୍ନପୂର୍ଣ୍ଣା—ସଚିତ୍ର ସହକାର, ବୈଶାଖ ଓ ଜ୍ୟେଷ୍ଠ ୧୩୩୩ସାଲ ଷଷ୍ଠ ଭାଗ ୮ମ—୯ମ ସଂଖ୍ୟାର ପ୍ରଚ୍ଛଦ ଚିତ୍ର; ଢରଣ—ଏକତ୍ରିଂଶ ପୃଷ୍ଠା ମଝିରେ ସଂଯୋଜିତ ।

୨ । ନାରୀ କବି ଅନ୍ନପୂର୍ଣ୍ଣାଙ୍କ ଆବକ୍ଷ ଆଲୋକ ଚିତ୍ର—କାବ୍ୟ ଶ୍ରୀ ବିଭାଗ ପୂର୍ବରୁ ସଂଯୋଜିତ ।

୩ । ଅନ୍ନପୂର୍ଣ୍ଣାଙ୍କର ଜୀବନ ସାଥି ଓ ସାରସ୍ୱତ ପ୍ରେରଣା ପାଦପ—ଶ୍ରୀ ଶ୍ରୀରାମ ପଟ୍ଟନାୟକଙ୍କର ଆଲୋକଚିତ୍ର ପୃଷ୍ଠା ୧୦୮ ରୁ ୧୦୯ ମଝିରେ ।

୪ । ନାରୀ କବିଙ୍କ ସନ୍ତାନ ସନ୍ତତି—ମନୋରମା ପଟ୍ଟନାୟକ, ମନମୋହନ ପଟ୍ଟନାୟକ, ପ୍ରେମଲତା ପଟ୍ଟନାୟକ ପ୍ରଭୃତିଙ୍କ ଆଲୋକଚିତ୍ର ପୃଷ୍ଠା ୧୦୮ରୁ ୧୦୯ ମଝିରେ ।

୫ । କବିତା ଲେଖା ସଂପର୍କରେ ନାରୀ କବିଙ୍କ ନିଜସ୍ୱ ସଂଳାପର ହସ୍ତଲିପି—ବ୍ଲକ ଚିତ୍ର ପୃଷ୍ଠ ୨୨୨ ।

୬ । ନାରୀ କବି ଅନ୍ନପୂର୍ଣ୍ଣାଙ୍କର ହସ୍ତାକ୍ଷରର ଏକ ନିଦର୍ଶନ—ବ୍ଲକ ଚିତ୍ର ୨୨୩ ପୃଷ୍ଠା ।

୭ । କେତୋଟି ବିଶିଷ୍ଟ ପତ୍ରିକାର ପ୍ରଚ୍ଛଦ ଚିତ୍ର ଏବଂ ତନ୍ମଧ୍ୟରେ ପ୍ରକାଶିତ ଅନ୍ନପୂର୍ଣ୍ଣାଙ୍କର କବିତାର କିୟଦଂଶ—ସମ୍ବଲପୁର ହିତୈଷିଣୀ/ସଂବାଦ ବାହିକା - ପୃଷ୍ଠା ୩୫୮–୩୫୯ ମଝିରେ ।

Digitized by srujanika@gmail.com

ସଂପାଦକୀୟ

ଓଡ଼ିଶାର ସ୍ୱଳ୍ପଖ୍ୟାତ କବି-ସମାଜ ସଂପର୍କରେ ନାନାଦି ବିଷୟ ଖୋଳା-ଖେଳି କରୁଥିବା ବେଳେ ନାରୀ କବି ଅନ୍ନପୂର୍ଣ୍ଣାଙ୍କ କୃତି-ସମଗ୍ର ମୋ ଦୃଷ୍ଟିରେ ପଡ଼ିଥିଲା । ଦେଖିଲି, ଅନ୍ନପୂର୍ଣ୍ଣାଙ୍କ ରଚନା ପ୍ରଚୁର । କିନ୍ତୁ ଦୁର୍ଭାଗ୍ୟର କଥା ଯେ, ସେଥିରୁ କେବଳ ସର୍ବଢରଣଟି କବିତା କ୍ଷୁଦ୍ର ପୁସ୍ତିକା ଆକାରରେ କବିଙ୍କର ଜୀବଦ୍ଦଶାରେ ପ୍ରକାଶ ପାଇଥାଏ । ଆଉସବୁ ଗତ ପଚିଶ ଶହେ ବର୍ଷର ପ୍ରାଚୀନ ପତ୍ର ପତ୍ରିକାରେ ଅତ୍ର ତତ୍ର ବିକ୍ଷିପ୍ତ । କେତେକ ଅପ୍ରକାଶିତ ପାଣ୍ଡୁଲିପି ଆକାରରେ କବିଙ୍କର କନ୍ୟା ଶ୍ରୀମତୀ ମନୋରମା ପଟ୍ଟନାୟକ ଙ୍କ ଠାରେ ମଧ୍ୟ ସାଇତା ହୋଇ-ଥାଏ । ଏହା ଜାଣି, କବିଙ୍କ ରଚନାକୁ ଏକତ୍ର ଦେଖିବା ଲାଗି ମୋର ଆଗ୍ରହ ବଢ଼ିଲା । ଇଚ୍ଛା ହେଲା, ବିସ୍ମୃତିର ଅନ୍ଧାର କବଳରୁ କବିଙ୍କୁ ମୁକ୍ତ କରି ଏ କାଳର ପାଠକ-ସମାଜ ସମ୍ମୁଖରେ ତାଙ୍କୁ ଉପସ୍ଥାପିତ କରିବି ।

ମୁଁ ଅନୁଭବ କଲି ଯେ, ଓଡ଼ିଆ ସାହିତ୍ୟର ଇତିହାସ ଲାଗି ଏହା ଏକାନ୍ତ ଆବଶ୍ୟକ । କାରଣ ଓଡ଼ିଆ କବି-ଶକ୍ତିର ସକଳ ପରିଚୟ ଆମକୁ ନ ମିଳିବା ଯାଏ ଆମର ସାହିତ୍ୟ ଇତିହାସ ଚର୍ଚ୍ଚା ଅଭାବ ମୁକ୍ତ ହେବ ନାହିଁ । ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଯେଉଁମାନେ ସାହିତ୍ୟ ସେବା କରି ଜୀବନ ବିତେଇଛନ୍ତି, ସେମାନେ ଆମ ସାରସ୍ୱତ ଇତିହାସ ଲାଗି ଗୋଟିଏ ଗୋଟିଏ ଅମୂଲ୍ୟ ଉପାଦାନ । ନିଭୃତ ତପୋବନର ସ୍ରଷ୍ଟାକୁଳଙ୍କୁ ଆମେ ଚିହ୍ନି ନ ଥିବାରୁ ଆମର ଇତିହାସ ଲେଖା ଆଜି ବି ସୀମିତ ହୋଇ ରହିଛି । ଆମ ବୌଦ୍ଧିକ ବିଭବର କାହାଣୀ ଯେତେ କଥିତ ହେଉଥିଲେ ବି ଅକଥିତ ହେଲା ପରି ମନେ ହେଉଛି । ଏଇ ଅଭାବ ବିରୁଦ୍ଧରେ ମୋର ଏ ପ୍ରଯତ୍ନ ସାମାନ୍ୟ ମାତ୍ର ।

ଆପଣଙ୍କ ଗୋଚରାର୍ଥେ କହୁଛି ! ନାରୀ କବି ଅନ୍ନପୂର୍ଣ୍ଣା ହେଉଛନ୍ତି, କୁନ୍ତଳା କୁମାରୀ ସାବତଙ୍କର ପୂର୍ବବର୍ତ୍ତୀ । କୁନ୍ତଳାଙ୍କର ଜନ୍ମର ଦୁ' ବର୍ଷ ଆଗରୁ ଅନ୍ନପୂର୍ଣ୍ଣା, ସାହିତ୍ୟ ଜଗତରେ ବେଶ ଜଣାଶୁଣା ହୋଇ ଯାଇଥିଲେ । ତଥାପି ସାହିତ୍ୟ କ୍ଷେତ୍ରକୁ ବହୁ ପଛରେ ଆସି କୁନ୍ତଳା କୁମାରୀ ଯେପରି ବହୁଳ ଭାବେ ଆଲୋଚିତ ଓ ପରିଚିତ ହୋଇ ପାରିଥିଲେ, ଅନ୍ନପୂର୍ଣ୍ଣାଙ୍କ ଜୀବନରେ ସେପରି ସୁଯୋଗ ଘଟି ନ ଥିଲା । ମୋର ମନେହୁଏ, ଏଇ ବିସ୍ମୃତିର ଏକମାତ୍ର କାରଣ ହେଉଛି; ପାଠକ ବା ଆଲୋଚକଙ୍କ ନିକଟରେ ଉପାଦାନର ଅଭାବ ଅନ୍ନପୂର୍ଣ୍ଣାଙ୍କ ରଚନା ଗ୍ରନ୍ଥାକାରରେ ପ୍ରକାଶ ପାଇ ନ ଥିବାରୁ ଏହା ଘଟିଥିବା ନିଶ୍ଚିତ । କବିଙ୍କର ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ଆଲୋଚନାର ସୁଯୋଗ ସୃଷ୍ଟି

Digitized by srujanika@gmail.com

ହେବ ଏବଂ ସେ ଆମ ସାହିତ୍ୟର ଇତିହାସରେ ଯଥୋଚିତ ସ୍ଥାନ ଘେନିବେ ଏପରି ବିଶ୍ୱାସ ମୋ ମନରେ ବଳବତ୍ତର ହେଉଥାଏ ।

କିନ୍ତୁ ଏ କାର୍ଯ୍ୟଟି ସମ୍ପନ୍ନ ହେବ କିପରି ! କବି ଜୀବନୀ ଓ କୃତିର ସଠିକ ସଂବାଦ ଜାଣିବା ପାଇଁ କବିଙ୍କର ଆତ୍ମଜନମାନଙ୍କ ସହ ପରିଚିତ ହେବା ଆବଶ୍ୟକ ମଣିଲି । ଦୈବାତ ଦିନେ ଅଧ୍ୟକ୍ଷା ଦେବବାଳା ରାୟଙ୍କ ଜରିଆରେ କବିଙ୍କର ଅନ୍ୟତମ କନ୍ୟା ମନୋରମା ଦେବୀଙ୍କ ସହିତ ପରିଚିତ ହୋଇଗଲି । ଆଗରୁ କବିଙ୍କର ପୁତ୍ର ଶ୍ରୀ ମନମୋହନ ପଟ୍ଟନାୟକଙ୍କ ସହିତ ମୋର ଜଣାଶୁଣା ଥିଲା । ସେ ଆଜି ସମ୍ବଲପୁରରେ, ମନୋରମା ଦେବୀ ବ୍ରହ୍ମପୁରରେ । ସମୟକ୍ରମେ ଏମାନଙ୍କ ସହିତ ଦେଖା ସାକ୍ଷାତ ଓ ଘନିଷ୍ଠ ସମ୍ପର୍କ ମଧ୍ୟ ସ୍ଥାପିତ ହେଲା । କବିଙ୍କ ବିଷୟରେ ବହୁ ଅଜଣା ତଥ୍ୟ ତାଙ୍କଠାରୁ ଜାଣିଲି, ତାଙ୍କଠାରେ ଗଚ୍ଛିତ ଥିବା ପାଣ୍ଡୁଲିପି ଗୁଡ଼ିକ ମଧ୍ୟ ଦେଖିବାର ସୁଯୋଗ ପାଇଲି ।

ଏମାନଙ୍କଠାରେ ଯେତିକି ଉପାଦାନ ଥିଲା, ମନେ ହେଲା, ଏହା ମୋର ପରିକଳ୍ପିତ ଯୋଜନା ପାଇଁ ଯଥେଷ୍ଟ ହେବ ନାହିଁ । ନାରୀ କବିଙ୍କୁ ଆବିଷ୍କାର କରିବାକୁ ହେଲେ, ସେ ଯେଉଁ ପତ୍ର ପତ୍ରିକା ମାନଙ୍କରେ ନିୟମିତ ଲେଖୁଥିଲେ ତାହା ଅନୁସନ୍ଧାନ କରିବାକୁ ପଡ଼ିବ । ଏହା ଏକ ଦୁରୂହ କାର୍ଯ୍ୟ, ଏଥିରେ ସଫଳତା ଅପେକ୍ଷା ବିଫଳତାର ସମ୍ଭାବନା ବେଶି । ହେଲେ ବି ପ୍ରଯତ୍ନଟିକୁ ଲକ୍ଷ୍ୟାନୁସାରୀ କରି ଉଦ୍ୟମ ରତ ଥାଏ । ନାନାଚିନ୍ତା ଭିତରେ ଦିନେ ସ୍ଥିର କଲି ଗଞ୍ଜାମର ସହର ତଳି ତଥା ଗ୍ରାମ୍ୟ ପାଠାଗାର ସବୁ ସର୍ଭେ କରିବି । ଏହି ଉଦ୍ଦେଶ୍ୟରେ ଗଞ୍ଜାମର ବିଭିନ୍ନ ଅଞ୍ଚଳ ବୁଲିଛି, ବହୁ ପାଠାଗାର ସର୍ଭେ କରିଛି । ଚିକିଟି, ଭଞ୍ଜନଗର, ରମ୍ଭା, ଦିଗପହଣ୍ଡି, କବିସୂର୍ଯ୍ୟ ନଗର, ଆସ୍କା ପ୍ରଭୃତି ସ୍ଥାନରେ ଥିବା ପାଠାଗାର ଗୁଡ଼ିକୁ ତନଖି ଦେଖିଛି । କେତେକ ପୁରୁଣା ସ୍କୁଲ, କଲେଜ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପାଠାଗାର ମଧ୍ୟ ଅନୁସନ୍ଧାନ କରିଛି । ଉତ୍କଳ ସାହିତ୍ୟ ସମାଜ ଓ କଳିଙ୍ଗ ସାହିତ୍ୟ ସମାଜର ପତ୍ର-ପତ୍ରିକ ସଂଗ୍ରହରୁ ନାରୀ କବି ଅନ୍ନପୂର୍ଣ୍ଣାଙ୍କର ଲେଖାବଳୀ ଖୋଜିଛି । ଯେଉଁ ଯେଉଁ ପତ୍ରିକାରୁ କବିଙ୍କର ପ୍ରକାଶିତ କବିତା ଓ ଅନ୍ୟାନ୍ୟ ରଚନା ସଂଗୃହୀତ ହୋଇଥିଲା, ତାହା ପ୍ରତ୍ୟେକ କବିତାତଳେ ଟିପ୍ପଣୀ ଆକାରରେ ସୂଚେଇ ଦେଇଛି ।

କବିଙ୍କର କାବ୍ୟ-କବିତାକୁ ବିଭିନ୍ନ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଛି । ବିଷୟ ଓ ଭାବର ଚରିତ୍ର ଘେନି ବିଭାଗର ନାମକରଣ କରାଯାଇଛି । ସ୍ୱପ୍ନ ଶ୍ରୀ ବିଭାଗରେ ସଂଯୋଜିତ ସ୍ୱପ୍ନ ଗୁଡ଼ିକର ଶିରୋନାମା, ପ୍ରସଙ୍ଗ ଅନୁଯାୟୀ ପ୍ରଦତ୍ତ ହୋଇଛି ।

Digitized by srujanika@gmail.com

'ବିଚ୍ଛେଦ ମିଳନ' ବ୍ୟତୀତ ସବୁ ବିଭାଗର ଶିରୋନାମା, ସଂପାଦନା ବେଳେ ହିଁ କରାଯାଇଛି । ନାରୀ କବିଙ୍କ ସାରସ୍ୱତ ଜୀବନର ପ୍ରାମାଣିକ ସଂକେତ ବହନ କରୁଥିବା କେତୋଟି ନଥିପତ୍ରର ବ୍ଲକ ଚିତ୍ର ଏଥିରେ ଦିଆଯାଇଛି ।

ଗ୍ରନ୍ଥାବଳୀ ଛପିବା ବହୁ ବ୍ୟୟ ସାପେକ୍ଷ କାର୍ଯ୍ୟ, ହେଲେ ବି ମନୋରମା ଦେବୀ ଓ ମନମୋହନ ପଟ୍ଟନାୟକଙ୍କର ଅକୁଣ୍ଠ ଆଗ୍ରହ; ମୋର ଅନ୍ତରଙ୍ଗ ବନ୍ଧୁ ଶ୍ରୀ ନିତ୍ୟାନନ୍ଦ ଦାସଙ୍କର ସହଯୋଗ ଏବଂ ଶ୍ରୀ ବୃନ୍ଦାବନ ସାହୁ, ଶ୍ରୀ ନରସିଂହ ପାଲ ପ୍ରଭୃତି ବନ୍ଧୁ ମାନଙ୍କର ଆନ୍ତରିକ ପ୍ରଯତ୍ନ ଏହାକୁ ଶ୍ରୀ ସଂପନ୍ନ କରିଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ନାରୀ କବିଙ୍କ ଲେଖାର ବହୁଳାଂଶ ଏଥିରେ ଗ୍ରଥିତ ହୋଇଛି; ଅବଶିଷ୍ଟ କିଛି ପଦ୍ୟ ଓ ଗଦ୍ୟ ରହି ଯାଇଛି । ତାହା ଆଉ ଏକ ଖଣ୍ଡରେ ପ୍ରକାଶ ପାଇବ ।

ମୋର ଏହି ସାରସ୍ୱତ କର୍ମଟିକୁ ଶୁଭଶ୍ରୀ ମଣ୍ଡିତ କରିବା ମୂଳରେ ବହୁ ହିତାକାଙ୍କ୍ଷୀ ବ୍ୟକ୍ତିଙ୍କର ସାଧୁ ପ୍ରେରଣା ଓ ଉତ୍ସାହପ୍ରଦ ଦୃଷ୍ଟି କି ଆଦୌ ଭୁଲି ହେବ ନାହିଁ । ଏହି ଅବସରରେ ମୁଁ କୃତଜ୍ଞତାର ସହ ସର୍ବଶ୍ରୀ ଚିତ୍ତରଞ୍ଜନ ଦାସ, ଡକ୍ଟର କୃଷ୍ଣ ଚରଣ ବେହେରା, ନୀଳମାଧବ ଦାସ, ଡକ୍ଟର ବାସୁଦେବ ସାହୁ (ଅର୍ଥନୀତି ଅଧ୍ୟାପକ), କବି ଦିଲୀପ ଦାସ, କବି ଶ୍ରୀନିବାସ ଉଦଗାତା, ବ୍ରହ୍ମାନନ୍ଦ ସିଂହ ରାଜକିଶୋର ଜେନା, ମହେଶ୍ୱର ଦାସ ପ୍ରଭୃତି ବରେଣ୍ୟ ସାହିତ୍ୟିକ ଓ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ସ୍ମରଣ କରୁଛି । ଏଥି ସହିତ ମଧ୍ୟ ମୋର ଆଦରର ଛାତ୍ର-ଛାତ୍ରୀ ଶ୍ରୀମାନ ମୁନୀନ୍ଦ୍ର କୁମାର ପଣ୍ଡା, ଶଶଧର ଆଚାର୍ଯ୍ୟ, ବୀରକିଶୋର ମହାନ୍ତି, କୁମାରୀ ହିମାଂଶୁ ଜ୍ୟୋତ୍ସ୍ନା ପଟ୍ଟନାୟକ, କୁମାରୀ ହେମଲତା ସାହୁ ଏବଂ ମୋ ପରିବାରର ସମସ୍ତଙ୍କୁ ସେମାନଙ୍କର ସାହାଯ୍ୟ ସହାନୁଭୂତି ପାଇଁ ମର୍ମେ ମର୍ମେ ସ୍ମରଣ କରୁଛି ।

ସଂପାଦନା ବଡ଼ କଠିଣ କଳା । ତୀକ୍ଷ୍ଣ ଦୃଷ୍ଟି ଓ ସୁଚିନ୍ତିତ ସତର୍କତା ନ ଥିଲେ ସଫଳ ହେବା ମୁସ୍କିଲ । ସବୁ ପ୍ରକାର ସତର୍କତା ସତ୍ତ୍ୱେ ବେଳେ ବେଳେ ହୁଏତ କେଉଁଠି ଛୋଟବଡ଼ ତ୍ରୁଟି କିଛି ପ୍ରବେଶ କରିଯାଇଥିବ; ଅନୁରୋଧ କରେ କି, ବିଦଗ୍ଧ ପାଠକ ସମାଜ, ଉଦାର ଚିତ୍ତରେ ତାହା ଗ୍ରହଣ କରିବେ; ଭବିଷ୍ୟତ ପାଇଁ କିଛି ସାଧୁ ପରାମର୍ଶ ସୁଝାଇ ଦେବେ । ଆପଣ ମାନଙ୍କର ସହଯୋଗ ମିଳିଲେ ମୋ ଶ୍ରମ ସାର୍ଥକ ହେଲା ବୋଲି, ମଣିବି । ଜୟ ଜଗନ୍ନାଥ

ସାରସ୍ୱତ ନିଳୟ
କଟକ
ଗୀତା ଜୟନ୍ତୀ
୧୨ ଡିସେମ୍ବର—୧୯୭୮

କ୍ଷେତ୍ରବାସୀ ନାୟକ

Digitized by srujanika@gmail.com

ସ୍ୱୀକୃତି

ଜୀବନ କାଳରେ ନିଜ ଲେଖାକୁ ବହି ଆକାରରେ ଦେଖିବା ଲାଗି ଇଚ୍ଛାଥିଲେ ବି ମାଙ୍କ ଭାଗ୍ୟରେ ତାହା ସଫଳ ହେଲା ନାହିଁ । ଆଗରୁ ରାଜା ଜମିଦାରମାନେ କବି ଓ ଲେଖକ ମାନଙ୍କୁ ଉତ୍ସାହିତ କରୁଥିଲେ, ଅର୍ଥ ସାହାଯ୍ୟ ଦେଇ ବହି ପତ୍ରର ମୁଦ୍ରଣ ଖର୍ଚ୍ଚ ବହନ କରୁଥିଲେ । ଲେଖକଙ୍କଠାରେ ରାଜାନୁଗତ୍ୟ ଥିଲେ ରାଜ ଦରବାରରୁ ସାହାଯ୍ୟ ମିଳିବା ସହଜ ହେଉଥିଲା । ଅନ୍ନପୂର୍ଣ୍ଣା ଏତେ ସ୍ପଷ୍ଟବାଦିନୀ ଓ ସ୍ୱାଧୀନଚେତା ଥିଲେ ଯେ ରାଜା ରାଜଡ଼ାଙ୍କର ଅତ୍ୟାଚାର, ଶୋଷଣ ଓ ଅନୀତି ବିରୋଧରେ ସେ ଯାଉଥିଲେ । ବଡ଼କେମୁଣ୍ଡି ରାଜାଙ୍କ ସଙ୍ଗେ ତାଙ୍କର ବାଦାନୁବାଦ କେତେ ତୀବ୍ର ହୋଇଥିଲା, ତାର ପ୍ରମାଣ ପ୍ରଜାବନ୍ଧୁ, ସମ୍ବଲପୁର ହିତୈଷିଣୀ, ଉତ୍କଳବାସୀ ପ୍ରଭୃତି ପତ୍ରିକାର ସ୍ତମ୍ଭମାନ ସୂଚନା ଦିଅନ୍ତି । ମନଯାର ସାମନ୍ତବାଦର ବିରୋଧୀ ତାଙ୍କୁ ସାହାଯ୍ୟ କରିବେ କେଉଁ ରାଜା ? ତଥାପି ନୀଳମଣି ବିଦ୍ୟାରତ୍ନ, ଫକୀରମୋହନ, କବିବର ଚିନ୍ତାମଣି ପ୍ରଭୃତି ବହୁ ବରେଣ୍ୟ ଲେଖକ ନାରୀ କବିଙ୍କ ରଚନାବଳୀ ପ୍ରକାଶନାର୍ଥେ ଦେଶର ବଦାନ୍ୟ ବ୍ୟକ୍ତି ଓ ଉଦାର ରାଜନ୍ୟବର୍ଗଙ୍କୁ ନିବେଦନ ଜଣାଇଥିଲେ । ଅଳ୍ପ କେତେଜଣଙ୍କ ସାହାଯ୍ୟରୁ ଓ ବାପଙ୍କ ଉଦ୍ୟମରୁ ପଦ୍ୟମାଳା, ବିଚ୍ଛେଦ ମିଳନ ବହି ଛପା ହୋଇଥିଲା । ମା ଯଦି ଆପଣା ଟାଣପଣକୁ ଭୁଲି ଯାଇଥା'ନ୍ତେ, ତୋଷାମଦର ସାହାଯ୍ୟ ନେଇଥା'ନ୍ତେ ତେବେ ତାଙ୍କୁ ଏପରି ଅବସ୍ଥା ଭୋଗିବାକୁ ପଡ଼ି ନ ଥା'ନ୍ତା । ତାଙ୍କ ରଚନାବଳୀ ଅପ୍ରକାଶିତ ହୋଇ ରହି ନ ଥାନ୍ତା ।

ମାଙ୍କ ଦେହାନ୍ତ ଘଟଣା ବହୁ କାଳ ହୋଇ ଗଲାଣି । ଆମର ବି ସମୟ ସରି ଆସିଲାଣି । ମାଙ୍କର ଅତୃପ୍ତ ଅଭିଳାଷକୁ ପୂର୍ଣ୍ଣ କରିବୁ — ଏହା ଥିଲା ଆମର କାମନା । ଏଥିପାଇଁ ବହୁଲୋକଙ୍କ ସାହାଯ୍ୟ ଲୋଡ଼ିଛୁ, ଅନେକ ଅଧ୍ୟାପକ ଓ ଗବେଷକଙ୍କର ପରାମର୍ଶ ଏବଂ ସହାନୁଭୂତି ଗ୍ରହିଛୁ । କେତେଜଣଙ୍କୁ ମଧ୍ୟ ମୋ ପାଖରେ ଥିବା ଉପାଦାନ ଦେଖାଇଛୁ । ସମସ୍ତେ ପ୍ରତିଶ୍ରୁତି ଦେଇ ମୋତେ ଭୁଲେଇଛନ୍ତି ।

ଡକ୍ଟର ନାସ୍ତିକ ଯେ ଆନ୍ତରିକତାର ସହ କାର୍ଯ୍ୟ କରିବେ ପ୍ରଥମେ ପ୍ରଥମେ ମୋର ମଧ୍ୟ ବିଶ୍ୱାସ ହେଉ ନ ଥିଲା । ସେ ଏଥିପାଇଁ ବହୁ ଲାଇବ୍ରେରୀ ବୁଲିଛନ୍ତି, ବହୁ ଅନୁଷ୍ଠାନରୁ ଉପାଦାନ ସଂଗ୍ରହ କରିଛନ୍ତି, ମୋ ଠାରେ ଥିବା ଉପାଦାନକୁ ମିଶାଇ ଏହାର ପୂର୍ଣ୍ଣାଙ୍ଗ ରୂପ ଗଢ଼ିଛନ୍ତି । ଗବେଷକର ଆଖିରେ ସବୁ ଜିନିଷକୁ ଦେଖିଛନ୍ତି । ଗ୍ରନ୍ଥଟିକୁ ପ୍ରାମାଣିକ କରି ସମ୍ପାଦନା କରିଛନ୍ତି । ସାହିତ୍ୟ ପ୍ରୀତି ନ ହେଲେ କିଏ ଏଥିପାଇଁ ପ୍ରଗାଢ଼ ଆନ୍ତରିକତା ପ୍ରକାଶ କରିବ ?

Digitized by srujanika@gmail.com

ଆଜି ଏତେ ଦିନରେ ସ୍ୱର୍ଗବାସୀଙ୍କ କାମନା ପୂରଣ ହେଲା; ଆମେ ଭାଇ-ଭଉଣୀ ସମସ୍ତେ ମାତୃଋଣରୁ କିଞ୍ଚିତ୍ ମୁକ୍ତ ହେଲୁ । ଏଥିପାଇଁ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞତା ପାଶରେ ଆବଦ୍ଧ । ଗ୍ରନ୍ଥଟିର ସମ୍ପାଦକ ଡ଼କଟର କ୍ଷେତ୍ରବାସୀ ନାୟକ ଏବଂ ମୁଦ୍ରକ ତଥା ଅନ୍ୟାନ୍ୟ ହିତାକାଙ୍କ୍ଷୀ ବନ୍ଧୁଗଣଙ୍କୁ ଆନ୍ତରିକ ଶ୍ରଦ୍ଧା ନିବେଦନ କରୁଛୁ । ଓଡ଼ିଶାର ପାଠକ-ପାଠିକା ଏବଂ ସାହିତ୍ୟ-ପ୍ରାଣ ବ୍ୟକ୍ତିବର୍ଗ ଏଥିରୁ ଶୁଭଫଳ ପାଇଲେ ଆମେ ସମସ୍ତେ ଖୁସି ହେବୁ । ଇତି ।

ଗୋପବନ୍ଧୁ ନଗର
ବ୍ରହ୍ମପୁର
୨୫, ଡ଼ିସେମ୍ବର ୧୯୭୮

ମନୋରମା ପଟ୍ଟନାୟକ

Digitized by srujanika@gmail.com

କବି-ବରଣ

ଅନ୍ନଶୂନ୍ୟା ଅନ୍ନପୂର୍ଣ୍ଣା ମହିଳା ମଣ୍ଡଳୀ
କବି ନାମେ ମୁହିଁ ତୋତେ କରୁଛୁ ଗଣନା ।
ସାମାନ୍ୟ ଗୃହିଣୀ ତୁହି ନୋହୁ ଧନବତୀ,
ମାତ୍ର ମୋ ବିଶ୍ୱାସେ ତୁହି ମହା ଭାଗ୍ୟବତୀ ।
ଧର୍ମନିଷ୍ଠା ପତିଭକ୍ତି କରିଛୁ ସମ୍ବଳ,
କୁଳବତୀ ପକ୍ଷେ ଯହିଁ ସମ୍ପତ୍ତି କେବଳ ।
ଦାରିଦ୍ର୍ୟର ବେତ୍ରାଘାତେ ନୋହୁ ବିଚଳିତ
ସୁଖେ ଦୁଃଖେ ରଖିଅଛୁ ପ୍ରଭୁ ପଦେ ଚିତ୍ତ ।
ଭୋଗେ ଦୁଃଖେ ପତି ମଧ୍ୟ ସ୍ଥିର କରି ମନ,
ସାହିତ୍ୟ ସେବାରେ କଲୁ ଚିତ୍ତ ସମର୍ପଣ ।

(ଫକୀର ମୋହନ ସେନାପତି-ଉତ୍କଳବାସୀ-୮-୧୨-୧୯୦୪ ସଂଖ୍ୟା)

ଅନ୍ନଶୂନ୍ୟା ଅନ୍ନପୂର୍ଣ୍ଣା ଯାଏ ଗୀତ ବାନ୍ଧି
ଶୁଣିଲେ କପଣ ତାର ପକାଏ ମୁଁ କାନ୍ଦି ।
ପାଠଶାଳା ପାଠେ ନାମ ମାତ୍ର ଶିକ୍ଷା ପାଇ
ଲେଖେ ପଦେ ଅଧେ ଗୀତ ଶକ୍ତି ଅନୁଯାୟୀ ।
ଏ ହେତୁ ସେ କାହା କାହା କୋପ କଟାକ୍ଷରେ
ପଡ଼ି ଦିନ କାଟୁଅଛି ମହା ହରବରେ ।
ଟଙ୍କା ଦେଇ କିଣନ୍ତି ଯେ ନାମ, ଖ୍ୟାତି, ଯଶ
ସେମାନେ ବୁଝିବେ କାହୁଁ, କବିତାର ରସ ।

(କବିବର ଚିନ୍ତାମଣି ମହାନ୍ତି-ଗଞ୍ଜାମ ଭୂଷଣ-ଗ୍ରନ୍ଥାବଳୀ ୨ୟ ଭାଗ ପୃଷ୍ଠା ୧୪୩୦)

ବନର ମାଳତୀ ଫୁଟି ବିଜନ ବନରେ
ମର୍ତ୍ତ୍ୟଲୀଳା ସାଙ୍ଗ କରେ ବିଧି ବିଧାନରେ
ମାନବ ମଧ୍ୟରେ ଥାଏ ବନର ମାଳତୀ
ଉତ୍କଳ ଅରଣ୍ୟେ ଅନ୍ନପୂର୍ଣ୍ଣା ସରସ୍ୱତୀ ।

(ଚନ୍ଦ୍ର ମୋହନ ମହାରଣା-ପ୍ରଜାବନ୍ଧୁ, ୧୫-୨-୧୯୦୫)

Digitized by srujanika@gmail.com

ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ଆବର୍ଭାବ—୧୮୮୩ ମସୀହା

ତରୋଭାବ—୧୯୪୮ ମସୀହା

Digitized by srujanika@gmail.com

୧

ନାରୀ କବିଙ୍କ ଜୀବନାଲେଖ୍ୟ

Digitized by srujanika@gmail.com

ନାରୀ କବି ଅନ୍ନପୂର୍ଣ୍ଣା

(୧୮୮୩—୧୯୪୮)

ସ୍ଥପତିର ଶାଳଭଂଜିକା ପରି କବିର ଅକ୍ଷରମୂର୍ତ୍ତି ହେଉଛି ଓଡ଼ିଶାର ଅକ୍ଷୟ ଐଶ୍ୱର୍ଯ୍ୟ । ପ୍ରକୃତିର ବିପାକ କିଂବା କାଳର ପ୍ରତୀପ ଆଚରଣ ହେତୁ କାହିଁ କେତେ କଳା-କର୍ମ ଦୃଷ୍ଟିର ଅନ୍ତରାଳକୁ ଚାଲିଯାଇଛି ସତ; ତଥାପି ଅନ୍ୱେଷଣର ନୂତନ ଅନିଷାରେ ତାହାର ପ୍ରତ୍ନୋଦ୍ଧାର ଏବେ ବି ଧାରଣା ଦିଏ ଯେ, ଓଡ଼ିଶା ହେଉଛି ବସ୍ତୁତଃ ରତ୍ନଗର୍ଭା । କେତେ କବି, କେତେ ଶିଳ୍ପୀ; କାହିଁ ତାଙ୍କର କଳନା ! ସୃଷ୍ଟି ପାଇଁ ସେମାନଙ୍କର ଶୁଭଦାନ ହିଁ ଏ ଜାତିର ପୁଣ୍ୟ ସମ୍ବଳ ।

ଏ ଜାତି ଦେଖିଛି ନର୍ତ୍ତେ ଧର୍ମପଦର ଆତ୍ମତ୍ୟାଗ, ଏବଂ ସରସ୍ୱତୀ ଫକୀରମୋହନଙ୍କର ଜୀବନ-ବ୍ୟାପୀ ସାରସ୍ୱତ-ସଂଗ୍ରାମ; ଐତିହ୍ୟରୁ ଶିଖିଛି ଅନେକ । ପରଂପରାର ଅସୀମ ସ୍ରୋତରେ ପଥଚାରୀ ଏ ମାଟିର ସଂତାନ ବର୍ଗ ସମସ୍ତେ ଯେମିତି ଆତ୍ମ-ପ୍ରତ୍ୟୟର ମୁଗ୍‌ଧ-ମହିମାରେ ଆପଣାକୁ ଚହ୍ଲି ଛନ୍ତି; ସଂସ୍କୃତିର ନବଜନାରେ ଆତ୍ମନିୟୋଗ କରିଛନ୍ତି ।

କଳାର ତପସ୍ୟା ତ ଏ ଜାତିର ଜୀବନ ଧର୍ମ । ତାହାର ପ୍ରେରଣାରେ ଓଡ଼ିଆ ଲଳନା ଅସଂଖ୍ୟ କୁଟିକମରେ ଆପଣାର ସୌନ୍ଦର୍ଯ୍ୟ-ଭୂକ ଶିଳ୍ପୀ ମନକୁ ରୂପ ଦିଏ; ଝୋଟି ମୁରୁଜରେ ଗୃହାଙ୍ଗନ ରଂଜିତ କରେ, କବିତାରେ କଥା କୁହେ, ହସେ ପୁଣି କାନ୍ଦେ । ତା' ଜୀବନର ପ୍ରତିପଦ-ପାତରେ କବିତାର ଫୁଲ ଫୁଟେ, ଶିଳ୍ପ-ଶ୍ରୀର ଆଭା ଉକୁଟି ଉଠେ, ଭକ୍ତି କାରୁଣ୍ୟର ଉଚ୍ଛ୍ୱାସ ସିନ୍ଧୁରେ ତାର ଜୀବନ-ବେଳା ବାରମ୍ବାର ସିକ୍ତ ହୁଏ, ପ୍ରାଜ୍ଞ ମନର ଅତିଜାଗତିକ ବିଳାସରେ ତାର ବୌଦ୍ଧିକ ସତ୍ତା ହୁଏ

Digitized by srujanika@gmail.com

ଭାବ-ମଗ୍ନ । ଏଣୁ ପ୍ରଶ୍ନ ହୁଏ ଯେ, ଓଡ଼ିଆ ହୁଏତ କବି ବା ଶିଳ୍ପୀ ନହେଲେ ଭକ୍ତ କିଂବା ଦାର୍ଶନିକ । ଏହା ହିଁ ହେଉଛି ଓଡ଼ିଆର ନିଜସ୍ୱ ରୂପ; ଆତ୍ମ-ମହିମା ଓ ଜୀବନ-ଶକ୍ତି । ଏ ଜାତିର ଦାୟାଦ ଯେଉଁମାନେ, ସେମାନଙ୍କ ଭାବ-ସତ୍ତାରେ ଏଇ ଜାତୀୟ ଜୀବନ-ଧର୍ମର ଅମୃତ ଲକ୍ଷଣ ଗୁଣ ଅଧିକେ ବିଦ୍ୟମାନ । ସେ ଜଣେ ତନ୍ମୟ ତରୁଣ ହେଉ କି ଲଜ୍ଜାବତୀ କୂଳବଧୂ ହେଉ କିବା ଜଣେ ପ୍ରାଜ୍ଞ ବାଗୀଶ ସମାଜ-ଶାସ୍ତ୍ରୀ ହେଉ— ସମସ୍ତଙ୍କର ଅନ୍ତର୍ରାଜ୍ୟରେ ଏଇ ଚେତନା-ସ୍ରୋତ ଚିର ପ୍ରବାହିତ ।

ଅଚ୍ଛିନ୍ନ ସେହି ଜାତୀୟ-ଭାବ ସ୍ରୋତରେ ଏକ ପୁଣ୍ୟ ଫଲ୍‌ଗୁ ଧାରା ହେଉଛନ୍ତି ନାରୀ କବି ଅନ୍ନପୂର୍ଣ୍ଣା; ଗଂଜାମର କୁଳବଧୂ, ଓଡ଼ିଶାର ନାରୀ କବି । ସବୁ ଥାଇ କିଛି ନାହିଁ—ଏଇ ତାଙ୍କ ଜୀବନ । ପରିବାରର ପୂର୍ବଜଗଣ ସାହିତ୍ୟର ସର୍ଜନାକାଂକ୍ଷା ଠାରୁ ଥିଲେ ବହୁ ଦୂରରେ । ପାରିବାରିକ ପରଂପରାର ଭୂମିକା ଉପରେ ତାଙ୍କର ନୈତିକ ଜୀବନ ଯିନା ଗଢ଼ାହେଲା ମାତ୍ର ସାରସ୍ୱତ ଜୀବନର ସୃଷ୍ଟି ଓ ସମ୍ଭୋଦ୍ଭବର ଆଲୋକ ବର୍ତ୍ତିକା ହେଲେ ସେ ନିଜେ । ଜନ୍ମ ଭୂମିର ସାରସ୍ୱତ ପରିବେଶ ହୁଏତ କେବେ କେମିତି ତାଙ୍କୁ ଅନୁପ୍ରେରଣା ଯୋଗାଇଥିବ କିଂତୁ ତଦ୍‌ପେକ୍ଷା ଅନ୍ତର୍ଶକ୍ତିର ମହିମା ହିଁ ତାଙ୍କ ପାଇଁ ପ୍ରେରଣାର ଅମୃତ ପାଦୋଦକ ରୂପେ କାର୍ଯ୍ୟ କରିଥିଲା ।

ଜନ୍ମ / କୁଳ ପରିଚୟ

ଚିକିଟି ତାଲୁକରେ ଜମିଦାରୀ କିରଣ ବୃତ୍ତି କରି ଜୀବିକା ନିର୍ବାହ କରୁଥିବା ଏକ ପରିବାର; ବହୁମାନୀ ସମାଜ କିଡରେ କେତେ ସାଧାରଣ ତାଙ୍କ ସ୍ଥାନ ! ସେଇ ସାଧାରଣ ପରିବାରରେ ଭୂମିଷ୍ଠ ହେଇ, ଗୋବିନ୍ଦ ପଟ୍ଟନାୟକ ଓ ସୁଭଦ୍ରା ଦେବୀଙ୍କର କନ୍ୟା ଅନ୍ନପୂର୍ଣ୍ଣା ହେଲେ ଏ ମାଟିର ଯୋଗ୍ୟତମ ସାରସ୍ୱତ ଦାୟାଦ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଅନ୍ତର୍ଶକ୍ତିର ଉଚ୍ଛଳ ପ୍ରବାହ ନହେଲେ ଜଣେ ନିରକ୍ଷର ମାତା ଓ ସ୍ୱଳ୍ପ ଶିକ୍ଷିତ ପିତାଙ୍କର ବୌଦ୍ଧିକ ଉପାର୍ଜନରେ ପରିବର୍ଦ୍ଧିତ ହୋଇ କେହି ଜଣେ ନାରୀ ସାହିତ୍ୟିକ ଗୌରବର ଅଧିକାରୀ ହୋଇଥାନ୍ତେ କି ?

Digitized by srujanika@gmail.com

ବିଶ୍ୱାସ ହିଁ ଏ, ଅନ୍ନପୂର୍ଣ୍ଣା ଥିଲେ ଶୀଳଲଳନା; ସତ୍ୟ ଓ ପୁଣ୍ୟ ଚୈତନ୍ୟର ପ୍ରମୂର୍ତ୍ତି ପ୍ରତିମା । ନିଜକୁ ସେ ବିଭୁ-କନ୍ୟା * ବୋଲି ଚିହ୍ନିଥିଲେ । ଏହି ପ୍ରତ୍ୟୟ ବଳରେ ସେ ଅନୁକୂଳ ବା ପ୍ରତିକୂଳ ସବୁ ପରିସ୍ଥିତିରେ ରହିଥିଲେ ନିର୍ବିଚଳ । ନିର୍ଭୀକ ଆତ୍ମ-ପ୍ରତ୍ୟୟ ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ସମ୍ବଳ ।

ବିଶ୍ୱାସର ବଳ ଆହରଣ ଲାଗି ତାଙ୍କର ଆତୁର ଅନ୍ୱେଷଣ; ଜୀବନର ପ୍ରାକ-କାଳରୁ ହିଁ ଆରମ୍ଭ ହୋଇଛି । ବିଶ୍ୱାସ ତ ବିଭୂତି ମାତ୍ର; କିନ୍ତୁ କେତେ ତାର ଶକ୍ତି ! ଏଇ ବିଶ୍ୱାସ ହିଁ ମଣିଷର ପାବନ ଓ ପାବକ ଶକ୍ତି । ଏଇ ଧାରଣାର ଜନ୍ମ ନାରୀ କବିଙ୍କର ବାଲ୍ୟକାଳରୁ, ଯେତେବେଳେ ଧର୍ମ ହିଁ ଥିଲା ତାଙ୍କ ପରିବାରର ଏକମାତ୍ର ସଂଚୟ । ଭଗବତ୍ ପରାୟଣା ମାତା ଓ ସଦାଗୃହୀ ପିତାଙ୍କର ବ୍ୟକ୍ତିତ୍ୱର ପୁଣ୍ୟ ପ୍ରଭାବରୁ ତାଙ୍କର ଜୀବନ ପୁଷ୍ପ ବିକଶିତ ହୋଇଥିଲା । ହେତୁ ହେଲାପରେ ସେ ଧର୍ମର ନିହିତ-ସାମର୍ଥ୍ୟକୁ ଜିଜ୍ଞାସୁ ଚିତ୍ତ ଘେନି ବୁଝିବାକୁ ଚେଷ୍ଟା କରିଥିଲେ । ଧର୍ମର ସାମର୍ଥ୍ୟ କେତେ, ଜାଣିବା ଲାଗି ଆନ୍ଦୋଳିତ କବି-ମନ ଆପଣାକୁ ଆପେ ପ୍ରଶ୍ନ କରି ସମାଧାନ ନେଉଛି । ଯେଉଁ ଲବ୍ଧ ଚେତନାରେ ସେ ପହଞ୍ଚିଛନ୍ତି ତାହା ସ୍ପଷ୍ଟ କରି ଦେଇଛି ଯେ, ଏକମାତ୍ର ଧର୍ମ ହିଁ ହେଉଛି ମଣିଷ ପାଇଁ ଯଶ-ପୌରୁଷର ନିପୂନ୍ତା । □ ଏତେ କାଳର ଅନ୍ୱେଷଣ ପରେ ବିଶ୍ୱାସର

---

* 'ବିଭୁଙ୍କର ମୁଁ ସଂତାନ ନାହିଁ କିଛି ଭୟ
ଏହାଭିନ୍ନ ପଦ୍ୟ ଲେଖି ଦିଏଁ ପରିଚୟ ।'
(ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—
ଜନୈକାରଣୀଙ୍କ ପ୍ରତି କବିତା)

□ ଧର୍ମକୁ ଆଦର କଲେ ପାଇବି କି ପଥ
ସତେ କି ମୋହର ପୂର୍ଣ୍ଣହେବ ମନୋରଥ
ଧର୍ମ କଲେ କେତେ ଦୂର ବ୍ୟାପିପାରେ ଯଶ
ସତେ କି ହେ ଧର୍ମ ଯଶ କଣେ ପଉରୁଷ
(ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮) —
ଗୀତି କାବ୍ୟ-ଶ୍ରୀ ବିଭାଗ ଅନ୍ତର୍ଗତ 'ମନକୁ ପ୍ରଶ୍ନ' କବିତା)

Digitized by srujanika@gmail.com

ମହତ ମର୍ଯ୍ୟାଦା ଦେଉନ୍ତି । ତେଣୁ କବି ମନର ଯେତେ କିଛି ସାତ୍ତ୍ୱିକ ବିଶ୍ୱାସ ତାହା ଧର୍ମର ମୂଲ୍ୟାମୂଲ୍ୟ ବିଚାର-ବିବେଚନାରୁ ହିଁ ଉତ୍ପନ୍ନ; ଏଥିପାଇଁ ନାୟିକବିଙ୍କ ପରିବାରର ପ୍ରଭାବ ହିଁ ଦାୟୀ ।

ଅନ୍ନପୂର୍ଣ୍ଣାଙ୍କର ପିତୃବଂଶର ପ୍ରତ୍ୟେକ ବ୍ୟକ୍ତି ସ୍ନେହ ଓ ସହନଶୀଳତାର ନିତ୍ୟ ମହିମାରେ କୁଳ-ଧର୍ମର ଗୌରବ ରକ୍ଷା କରୁଥିଲେ ମିନା କୌଣସି ଛଦ୍ମ ଆଡ଼ମ୍ବରରେ ବଂଶର ପ୍ରତିଷ୍ଠାପନ୍ନ ପାରଗପଣିଆ ପ୍ରକାଶ କରୁନଥିଲେ । ଗୌର ପଟ୍ଟନାୟକ ଓ ଗୋବିନ୍ଦ ପଟ୍ଟନାୟକ ଦି' ଭାଇ । ଗୌର ପଟ୍ଟନାୟକ ନିଃସନ୍ତାନ । ତେଣୁ ଗୋବିନ୍ଦଙ୍କର କନ୍ୟା ଅନ୍ନପୂର୍ଣ୍ଣାଙ୍କୁ ଗୌର ପଟ୍ଟନାୟକ ଝିଅ କରି ନେଇଥିଲେ । ପାଳକ ପିତା ନଗୌର ପଟ୍ଟନାୟକଙ୍କର ଅଳିଅଳି ଦୁହିତା ପରି ଅନ୍ନପୂର୍ଣ୍ଣା ଅତି ସରସ ଓ ସୁକୁମାର ଜୀବନଯାପନ କରୁଥିଲେ । ମାତ୍ର ପ୍ରୀତିର ସାଧନ ଭୂମି ଉପରେ ଗଢ଼ାହେଲା ତାଙ୍କ ଜୀବନ । ଗୁରୁଜନ କିବା ପ୍ରିୟଜନଙ୍କ ସେବା ଲାଗି ତାଙ୍କ ଚରିତ୍ରରେ ଉତ୍ସାହର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇଲା । ସେବା ମନୋଭାବର ମୂଳପତ୍ତନ ହେଲା ଏଇଠୁ, ଏହାର ବର୍ଦ୍ଧିତ-ରୂପଶ୍ରୀ ପ୍ରକାଶ ପାଇଲା ପରିଣତ ଜୀବନରେ । ପଟ୍ଟନାୟକ ବଂଶର ଯଶ-ଲତିକାର ଏ ଯେ ଅଂକୁର ଉନ୍ମାଦ ! ସେବା ଲାଗି ଏତେ ଉଚ୍ଛ୍ୱାସ ଓ ଅଧୀରତା !

ଅନ୍ନପୂର୍ଣ୍ଣାଙ୍କ ପିତୃବଂଶ ନିଶ୍ଚିତଭାବେ ବୁଝିଥିଲେ ଯେ, ସେବା ବଳରେ ମଣିଷ ଅନାୟାସରେ ଦୂରବର୍ତ୍ତୀ ବା ନିକଟବର୍ତ୍ତୀ ଯେ କେହି ମଣିଷକୁ ଆପଣାର କରିପାରେ । ମାନବ ଆତ୍ମାର ନିଗମସ୍ଥ ଉପାସନା ଇଏ, ଏହାକୁ ଜୀବନର ବ୍ରତ ରୂପେ ବରିନେଲେ ଅନ୍ନପୂର୍ଣ୍ଣା । କୁଳ ଧର୍ମକୁ ଆଗାମୀ ଜୀବନର ଧର୍ମ ରୂପେ ମାନି ଚଳପଥରେ ଗତି କରୁଥିଲା ବେଳେ ଏଇ ସେବାପ୍ରାଣତା ହିଁ ତାଙ୍କୁ ଲୋକପ୍ରିୟ କରିଛି । ସେବାର ଗୁରଣ ପୀଠରେ ଆତ୍ମୀୟତାର ଅନନ୍ତ ଆହ୍ଲାଦ ଯେ ଚିହ୍ନା-ଅଚିହ୍ନା କେତେ ହୃଦୟରେ ଅବିସ୍ମରଣୀୟ ସ୍ମୃତି-ଲିପି ସାଇତି ଯାଇଛି, ତାର ଇୟତ୍ତା ନାହିଁ । ଅନ୍ନପୂର୍ଣ୍ଣାଙ୍କୁ ପିଏ ଥରେ ମାତ୍ର ଭେଟିଛି, କିଂବା ତାଙ୍କ ପରିବାରର ଅତିଥି ହୋଇଛି; ସେ ନିଶ୍ଚୟ କହିବ ଏଇ ଅନୁଭବର କଥା ।

Digitized by srujanika@gmail.com

ଲକ୍ଷ୍ମୀନାରାୟଣ ସାହୁଙ୍କର ଏକ ସ୍ମୃତିଲିପି ଠିକ୍ ଏଇ ଧରଣର ଏକ ସପକ୍ଷ ସଂବାଦ ଯୋଗାଇଥାଏ । *

ଅନ୍ନପୂର୍ଣ୍ଣା ତିନି ଦିଗରୁ ସେବା-ପ୍ରେମରେ ଆପଣାକୁ ବିଳାଇ ଦେଉଥିଲେ । ମାନବ-ସେବା, ଦେଶ ସେବା ଓ ବିଶ୍ୱ ସେବାହିଁ ଥିଲା ତାଙ୍କ ସେବାସ୍ପୃହର ନାନା ଦିଗନ୍ତ । ମାନବ ସେବା-ବେଦୀ ଉପରେ ପ୍ରଥମେ ପାଦ ରଖି ସେ ଜୀବନର ନିହିତ ତାତ୍ପର୍ଯ୍ୟକୁ ଅନ୍ୱେଷଣ କରୁ କରୁ ସତ୍ତା ବା ଶିଳ୍ପୀଳିଟିର ଉପଲବ୍ଧି ମଧ୍ୟ ଦେଇ ପରମ ସତ୍ତା ବା ସୁପର ଶିଳ୍ପୀଳିଟିର ସିଂହଦ୍ୱାର ଆଡ଼କୁ କ୍ରମଶଃ ଗତି କରିଛନ୍ତି । ତେଣୁ ଅନ୍ନପୂର୍ଣ୍ଣାଙ୍କର ସେବା-ସାଧନାରେ ମାନବ ସେବା ଓ ଦେଶ ସେବା ଏକାକାର ହୋଇଯାଇଛି ଏବଂ ତାହା ପୁଣି ବିଶ୍ୱ-ସେବାରେ ରୂପାନ୍ତରିତ ହୋଇ ଆପଣା ଦର୍ଶନର ମହତ୍ତ୍ୱକୁ ପ୍ରତିପାଦିତ କରିଛି । ଶିଶୁ ଅନ୍ନପୂର୍ଣ୍ଣାଙ୍କର ମନୋଭୂମିରୁ ହିଁ ଏଇ ସେବା-ଚିନ୍ତନର ଉତ୍ପତ୍ତି ଏବଂ ପରିଣତ କାଳରେ ତାହାର ଅଭିବୃଦ୍ଧି ସାଧିତ ହୋଇଛି ।

ଶିକ୍ଷା / ଶୈଶବ-ମାନସ

ଅନ୍ନପୂର୍ଣ୍ଣାଙ୍କ ଶୈଶବ-ମାନସର ପରିଗଠନରେ ଶିକ୍ଷାର ଭୂମିକା ଯେତେ ନୁହେଁ ତା'ଠାରୁ ଅଧିକ ହେଉଛି ପରିବେଶର ପ୍ରଭାବ । ଅନ୍ନପୂର୍ଣ୍ଣାଙ୍କୁ ବିଦ୍ୟାଳୟ ଶିକ୍ଷାର ସୁଯୋଗ ମିଳିଛି କଅଣ ? କାରଣ ଗ୍ରାମ୍ୟ ଚାଟଶାଳୀର ଏରୁଣ୍ଡି ଡେଇଁ ସେ ବାହାରକୁ ଯାଇ ନାହାନ୍ତି ।

---

* 'ଅନ୍ନପୂର୍ଣ୍ଣା ସୁଖେ ଦୁଃଖେ ବାସ୍ତବିକ ଅନ୍ନପୂର୍ଣ୍ଣା । ଅତିଥି ସେବାରେ ସିଦ୍ଧହସ୍ତା । ନାନା ବିପଦରେ ପଡ଼ି ସୁଦ୍ଧା ନିଜର ସଦଭିମାନ ଛାଡ଼ି ନାହାନ୍ତି ।'

(ଲକ୍ଷ୍ମୀନାରାୟଣ ସାହୁ—ପ୍ରତିବିମ୍ବ (୧୯୧୩) ପୃଷ୍ଠା ୨୦-୨୧, ୟୁନିଅନ ପ୍ରିଣ୍ଟିଂ ଓ୍ୱାର୍କସ, କଟକ)

Digitized by srujanika@gmail.com

ଗାଁର ଚୈାପାଢ଼ୀ ଓ ଅବଧାମୀ ଶିକ୍ଷା ଭିତରେ ତାଙ୍କର ଅଧ୍ୟୟନ ସୀମିତ । ତାଙ୍କ ପରିବାରର ଲୋକେ କହନ୍ତି; ଅନ୍ନପୂର୍ଣ୍ଣାଙ୍କୁ ଯେତେବେଳେ ନଅ ବର୍ଷ ସେତେବେଳେ ତାଙ୍କ ଗାଁ ଗୃହଶାଳୀ ପରିଦର୍ଶନରେ ଜଣେ ସରକାରୀ ଶିକ୍ଷା-ପରିଦର୍ଶକ ଆସି ଗାଁରେ ପହଞ୍ଚିଲେ । ଅନ୍ନପୂର୍ଣ୍ଣା ତ ଗୃହଶାଳୀର ଜଣେ ଛାତ୍ରୀ । ଗାଁରେ ହୁରି ପଡ଼ିଲା ଯେ ଛାତ୍ର-ଛାତ୍ରୀଗଣ ଗୃହଶାଳୀରେ ଯଥା ସମୟରେ ହାଜର ହୋଇ ପରିଦର୍ଶକଙ୍କୁ ଭେଟିବେ ଏବଂ ତାଙ୍କ ପ୍ରଶ୍ନର ଉତ୍ତର ଦେବାପାଇଁ ପ୍ରସ୍ତୁତ ହୋଇଥିବେ । ମାତ୍ର ନଅ ବର୍ଷର ଝିଅ ଅନ୍ନପୂର୍ଣ୍ଣା, ନିଜ ମହତ ଗୁଣ୍ଡି ଘରୁ ଗୋଡ଼ କାଢ଼ି ଗୃହଶାଳୀକୁ ଯିବ ଓ ପରିଦର୍ଶକଙ୍କ ପ୍ରଶ୍ନର ଉତ୍ତର ଦେବାପାଇଁ ନିଃସଂକୋଚରେ ପ୍ରସ୍ତୁତ ହେବ— ଏହା ଗୋବିନ୍ଦ ପଟ୍ଟନାୟକଙ୍କ ପରିବାରର ସମ୍ମାନ ପ୍ରତି ଆଞ୍ଚ ଆଣିବ ନାହିଁକି ? ଏଥିପାଇଁ କୁଳର ଅବରୋଧ ମାନି ଅନ୍ନପୂର୍ଣ୍ଣାଙ୍କର ଗୃହଶାଳୀ ଯିବା ନେହିଲା । ପିତାଙ୍କର ତାଗିଦା ଓ କଡ଼ା ନିର୍ଦ୍ଦେଶ ଯୋଗୁଁ ସେଇ ଦିନଠାରୁ ଅନ୍ନପୂର୍ଣ୍ଣାଙ୍କର ପାଠପଢ଼ାରେ ଡୋରି ବନ୍ଧା ହେଲା ।

କାରଣ ସେ କାଳର ବିଗୃହ ଥିଲା, ସବୁ ଯାଉ ପଛେ ମହତ ଥାଉ । କୁଳ-କୁମାରୀର ବିଦ୍ୟାଳୟ ଗମନ ମହତ ହାନିକରି, ସମାଜ ଆଖିକି ମଧ୍ୟ ଦୃଷ୍ଟିକଟୁ । ନାରୀ ଶିକ୍ଷା ପ୍ରତି ସେତେବେଳେ ସାମାଜିକ ବାଛବିଚାର ଯଦି ନଥାନ୍ତା, ଫକୀରମୋହନ ହୁଏତ ରେବତୀର ଦାରୁଣ ବିପର୍ଯ୍ୟୟ କଳ୍ପନା କରିନଥାନ୍ତେ; କିଂବା ବୁଢ଼ୀମାର ରକ୍ଷଣଶୀଳ ମନରେ ଅନାବଶ୍ୟକ ଆଶଂକାର ଉଦ୍‌ବେଗ ସୃଷ୍ଟି କରି ନଥାନ୍ତେ ।

ବାସୁଦେବଙ୍କର ଉନ୍ନତ ରୁଚିଶୀଳ ପଦକ୍ଷେପ ଏବଂ ଶ୍ୟାମବନ୍ଧୁଙ୍କର ଉଦାର ସମର୍ଥନ; ସେ କାଳର ସମାଜ-ଭୂମିରେ ନାରୀ ଶିକ୍ଷାର ପ୍ରସାର ପାଇଁ ଯେତିକି ସୁଯୋଗ ସୃଷ୍ଟି କରିଥିଲା ବୁଢ଼ୀମାର ଅନୁଦାର ଅଭିଶାପ ତଦନୁଯାୟୀ ଅଧିକ ମାତ୍ରାରେ ପ୍ରତିବାଦ ସ୍ୱର ତୋଳି ଥିଲା । * ତେଣୁ ନାରୀ ଶିକ୍ଷା ପ୍ରତି ଏ ଦେଶର ରକ୍ଷଣଶୀଳ ମନ ସେପରି ଉତ୍ସାହ ପ୍ରକାଶ କରି ନଥିଲା; ଏଇ ଅବସ୍ଥାର ଶିକାର ହୋଇଥିଲା ଊନବିଂଶ ଶତାବ୍ଦୀର

---

* ଫକୀର ମୋହନ ସେନାପତିଙ୍କ ରେବତୀ ଗଳ୍ପ ଦ୍ରଷ୍ଟବ୍ୟ

Digitized by srujanika@gmail.com

ଓଡ଼ିଆ ସମାଜ । ଅନ୍ନପୂର୍ଣ୍ଣା ସେଥିରୁ ବାଦ ପଡ଼ନ୍ତେ କପରି ? ତଥାପି ସକଳ ପ୍ରତିବନ୍ଧକ ସତ୍ତ୍ୱେ, ଅନ୍ନପୂର୍ଣ୍ଣା ଆପଣା ଉଦ୍ୟମରେ ଘରେ ପିତା-ମାତାଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ପାଠରୁ ନିବୃତ୍ତ ହୋଇନଥିଲେ । ଓଡ଼ିଆ ଭାଗବତ, ରାମାୟଣ, ମହାଭାରତ, ଚୈତନ୍ୟ ଚରିତାମୃତ ପ୍ରଭୃତି ଗ୍ରନ୍ଥ ସେ ଅଧ୍ୟୟନ କରିଥିଲେ । ଗୃହଶାଳୀ ଶିକ୍ଷାରୁ ସେ, ବ୍ୟାକରଣ, ଅଭିଧାନ, ଗଣିତ ଅଧ୍ୟୟନର ସୁଯୋଗ ପାଇଥିଲେ । ପିତାମାତା ଗୁରୁଜନ ମାନଙ୍କ ଆଳାପ ଆଲୋଚନାରୁ ପୌରାଣିକ ହିତୋପଦେଶ ଓ ଉପାଖ୍ୟାନ ଇତ୍ୟାଦି ଶୁଣି ଆପଣା ବୋଧଶକ୍ତିକୁ ପ୍ରସାରିତ କରିଥିଲେ ।

ନାରୀ କବିଙ୍କ ପାଇଁ ଆଧୁନିକ ଶିକ୍ଷାର ସୁବିଧା ଯୋଗାଇ ଦେବା ଲାଗି ୧୯୦୬/୧୯୦୭ ବେଳକୁ ବ୍ରହ୍ମପୁରର ଖ୍ରୀଷ୍ଟୀୟ ମହିଳା ସମିତି ଯତ୍ନ କରିଥିଲେ । ଜଣେ ଇଂରେଜ-ଶିକ୍ଷିତା ମହିଳା ଏଥିପାଇଁ ଦାୟିତ୍ୱ ବହନ କରିଥିଲେ । ତାଙ୍କର ସହଯୋଗରୁ ଅନ୍ନପୂର୍ଣ୍ଣାଙ୍କର ଦୃଷ୍ଟି କୋଣ ପ୍ରଶସ୍ତ ହୋଇଥିଲା । ଏତଦ୍ ବ୍ୟତୀତ ବ୍ରହ୍ମପୁରରେ ଅବସ୍ଥାନ କରୁଥିବା ବେଳେ (୧୯୦୭-୧୯୧୫) ସେ ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବୀଙ୍କର ପରିଚୟରେ ଆସି ଆପଣାର ମାନସିକ-ବିକାଶ ଘଟାଇଥିଲେ ।

ପାରିବାରିକ ଜୀବନ / ପ୍ରବାସ ଯାତ୍ରା

ଅନ୍ନପୂର୍ଣ୍ଣାଙ୍କ ଜୀବନରେ ଶିକ୍ଷା ଏକ ବିଭବ ହୋଇ ପାରିଲାନାହିଁ । ଶୈଶବରେ ପିତୃକୁଳ ଏବଂ ଯୌବନରେ ପରିବାରର ବନ୍ଧନ ବରଣ କରି ଆପଣାର ଶିକ୍ଷା-କ୍ଷୁଧା ମେଣ୍ଟାଇବା ହିଁ ତାଙ୍କ ପକ୍ଷରେ ସାର ହେଲା । ବିଂଶ ଶତାବ୍ଦୀର ଆଦ୍ୟ ବର୍ଷରୁ କୁମାରୀ ଅନ୍ନପୂର୍ଣ୍ଣା, ଏକ ନୂଆ ଜୀବନର ଇଲାକାରେ ପ୍ରବେଶ କଲେ । ସେତେବେଳକୁ ତାଙ୍କୁ ବୟସ ପ୍ରାୟ ସତରବର୍ଷ । ଗଂଜାମ ପୁରୁଷୋତ୍ତମପୁର ଗାଁର ତରୁଣ ଯୁବକ ଶ୍ରୀରାମ ପଟ୍ଟନାୟକଙ୍କ ସହିତ ତାଙ୍କର ବିବାହ ସଂପନ୍ନ ହେଲା ୧୯୦୦ ମସିହା ମେ ମାସରେ । ଶ୍ରୀରାମ ପଟ୍ଟନାୟକ (୧୮୭୩-୧୯୪୮) ଥିଲେ ବଡ଼ଖେମୁଣ୍ଡି ରାଜାଙ୍କର ଜଣେ ଅଧସ୍ତନ କର୍ମଚାରୀ ଏବଂ ଅନ୍ନପୂର୍ଣ୍ଣା ହେଉଛନ୍ତି ଚକ୍ରିଟୀ ରାଇଜର ଝିଅ ।

Digitized by srujanika@gmail.com

ସେତେବେଳେ ଚିକିଟି ଓ ବଡ଼ଖେମୁଣ୍ଡି ଭିତରେ ଘୋର ବିବାଦ । ଦୁଇରାଜ୍ୟର ରାଜବଂଶ ଶତ୍ରୁ ପଣିଆ କରିବା ସଂଗେ ସଂଗେ ପ୍ରଜା ବର୍ଗଙ୍କୁ ଆପଣା ଆପଣା ଭିତରେ ମିଳିମିଶା କରିବା କିଂବା ପରସ୍ପରରେ କୌଣସି ସାମାଜିକ ସମ୍ବନ୍ଧ ଥାପିବା ପାଇଁ ବାରଣ କରୁଥିଲେ । ଏ ରାଜ୍ୟର ଲୋକେ ସେ ରାଜ୍ୟକୁ ଯାଇ ସାମାଜିକ ସଂପର୍କ ବାନ୍ଧିବେ ଏହାକୁ ସହଜ ଆଖିରେ ଦୁଇ ରାଜବଂଶ ଦେଖୁ ନଥିଲେ । ଚିକିଟିରେ ବିବାହ ନ କରିବାକୁ ଶ୍ରୀରାମ ପଟ୍ଟନାୟକଙ୍କୁ ବାରମ୍ବାର ବାରଣ କରାଗଲା; ଏପରିକି ବରଯାତ୍ରା ଲାଗି ଆବଶ୍ୟକ ପଡୁଥିବା ଶଙ୍ଖୁଆ, ବାଦ୍ୟକାର, ସବାରୀ,ବାହାକ ପ୍ରଭୃତି ତାଙ୍କୁ ମିଳିଲା ନାହିଁ । ବଡ଼ଖେମୁଣ୍ଡି ରାଜାଙ୍କ ନିର୍ଦ୍ଦେଶରେ ରାଜ-କର୍ମଚାରୀ ଗଣ ଏବଂ ଚିକିଟି ରାଜାଙ୍କ ଆଦେଶରେ ସେଠିକାର କର୍ମଚାରୀ ବୃନ୍ଦ ଏହି ବିବାହ ସମ୍ବନ୍ଧକୁ ବିରୋଧ କରି ବର ଓ କନ୍ୟାପକ୍ଷଙ୍କୁ ବହୁ ବାଧା ଦେଇଥିଲେ । ଏମାନଙ୍କ ବିରୋଧ ହେତୁ ଅତିଷ୍ଠ ହୋଇ ଉଭୟ ପକ୍ଷର ଲୋକମାନେ ଦୁଇ ରାଜ୍ୟର ସୀମାନ୍ତରେ ଅବସ୍ଥିତ ଏକ କ୍ଷୁଦ୍ର ପଲ୍ଲୀ 'ଜକାର' ଗ୍ରାମରେ ନିରାଡ଼ମ୍ବର ଭାବରେ ବିବାହ କାର୍ଯ୍ୟ ସଂପନ୍ନ କରିଥିଲେ । *

ବିହାହ ଉତ୍ତାରୁ ଆରମ୍ଭ ହେଲା ଅନ୍ନପୂର୍ଣ୍ଣାଙ୍କର ସୁଖ ଦୁଃଖମୟ ପାରିବାରିକ ଜୀବନ । ବଡ଼ଖେମୁଣ୍ଡି ହେଉଛି ତାଙ୍କ ଦାଂପତ୍ୟ ଜୀବନର ଆଦ୍ୟ ନିକେତନ । ଯେଉଁଠି ଏତେ ବିରୋଧ ଓ ଅସହ୍ୟ ନିର୍ଯାତନା ସେଠି ପୁଣି ଯୁଗ୍ମ ଜୀବନର ସଂଭ୍ରମ ବିଳାସ; ଭାବିଲେ ବିସ୍ମୟ ଲାଗେ ସତ କିଂତୁ ଅମାପ ସେ ମନର ଶକ୍ତି ।

ଶ୍ରୀରାମ ପଟ୍ଟନାୟକ ଓ ଅନ୍ନପୂର୍ଣ୍ଣା—ଜୀବନ ତାଙ୍କର ଅଶ୍ରୁ କଲ୍ଲୋଳ ପାବନ-କ୍ଷେତ୍ର; ଆନନ୍ଦ ତାଙ୍କର ନିତ୍ୟ ଆରାଧ୍ୟ । କିଂତୁ ସିଏ ଆରାଧ୍ୟ ତାର ପ୍ରାପ୍ତି କଣ ଏତେ ସହଜ ! ଏମାନେ ଆନନ୍ଦର ଉପାସନା କରିଛନ୍ତି ସିନା ସାରା ଜୀବନ ଆନନ୍ଦକୁ ପୂର୍ଣ୍ଣ ପ୍ରାଣରେ ଭୋଗି ନାହାଁନ୍ତି । ଦୁଃଖର ଘ ଟନା

---

* ରାଧାଚରଣ ପଣ୍ଡା-ନାୟିକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ (୧୯୬୭) ପୃଷ୍ଠା ୯, ସାରସ୍ୱତ ପ୍ରେସ, କଟକ

Digitized by srujanika@gmail.com

ଭିତରେ ପ୍ରତି ମୂହୂର୍ତ୍ତରେ ସୁଖର ଆଧାର ଖୋଜିଛନ୍ତି । ଦୁଃଖ ମଦରେ ଘାରି ହୋଇ କେତେବେଳେ କେମିତି ବାଟ ଭୁଲିଛନ୍ତି; ଚେତନା ହରାଇ ଅଚଳ ପ୍ରତିମା ପରି ଜୀବନକୁ ସହିଛନ୍ତି । ସବୁ ଶୁଷ୍କତା ଭିତରେ ସମାଜ ଆଗରେ ଝାଣପଣ କରି ବଂଚିବାର ବାସନା ପୋଷିଛନ୍ତି ସେମାନେ ✳ ତାଙ୍କୁ କିଏ ମାନ୍ୟତା ଦେଉ ବା ନ ଦେଉ, ସ୍ୱାଧୀନ ମନ ଓ ନିରପେକ୍ଷୀ ଦୃଷ୍ଟି ରଖି ସମ୍ବଳ କରି ସମସ୍ୟାର ସକଳ ବତାସକୁ ପିଠେଇ ଦେଇଛନ୍ତି ।

ବଡ଼ଖେମୁଣ୍ଡି ଅବସ୍ଥାନ, ନାଗ୍ନି କବିଙ୍କ ଜୀବନରେ ବହୁ ସମସ୍ୟା ସୃଷ୍ଟି କରିଥିଲା । ଶ୍ରୀରାମ ପଟ୍ଟନାୟକଙ୍କ ସହିତ ରାଜା କୃପାମୟ ଦେବଙ୍କର ମତାନ୍ତର ଘଟିବାରୁ, ରାଜ-ପ୍ରଦତ୍ତ ସୁବିଧା ସୁଯୋଗ ସେମାନଙ୍କୁ ମିଳିଲା ନାହିଁ । ଶ୍ରୀରାମ ପଟ୍ଟନାୟକ, ପରିବାରର ମୌଳିକ ଆବଶ୍ୟକତା ମେଣ୍ଟାଣ ପାଇଁ କ୍ରମଶଃ ଋଣ ଗ୍ରସ୍ତ ହେଲେ । ଏପରିକି, ବିବାହ ପୂର୍ବରୁ ଓ ପରେ ସ୍ୱାମୀଙ୍କର ସମସ୍ତ ଋଣ ପରିଶୋଧ ପାଇଁ ଅନ୍ନପୂର୍ଣ୍ଣା ଅକାତରରେ ଆପଣାର ଅଳଂକାର ସବୁ ବିକି କରିଦେବାକୁ ପଛେଇ ନ ଥିଲେ । ଗଚ୍ଛିତ ସମ୍ବଳ ସବୁ ଗଲା, ନିଃସ୍ୱ ଅବସ୍ଥାରେ, ଏତେ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ବଳ କାହିଁ ? ଏଣେ ମାସର ଅର୍ଦ୍ଧାଧିକ ଦିନ ଅନାହାରରେ ବିତୁଛି, ଦିଗପହଣ୍ଡିର ସେଇ ଛଣ-ଛପର ବାସଗୃହଟି ଅର୍ଥାଭାବରୁ ମରାମତି ହୋଇ ପାରୁନାହିଁ ।

✳ ଦୁଃଖ ମଦ ପିଇଦେଇ ଦିଶୁନାହିଁ ବାଟ
ନିଶା ଘୋରେ ଘାରି ହୋଇ ଗଲେ ଅଣବାଟ ।
ଯେଣୁ ପୋଗୁଁ ହଜିଯାଏ ମୋହର ଚେତନା
ଶୁଷ୍କ ଅଂଗ ଦେଖି କାର ନହୁଏ ମାନ୍ୟନା ।
(ନାଗ୍ନି କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—
ଚନ୍ଦ୍ରକାନ୍ତ ପ୍ରଭୃତି, ପୃଷ୍ଠା ୧୬୭, ବ୍ରହ୍ମପୁର)

Digitized by srujanika@gmail.com

ରାଜକର୍ମ ବିନା ବର୍ତ୍ତମାନକୁ ତ ଅନ୍ୟ କୌଣସି ଅବଲମ୍ବନ ନାହିଁ । ଶ୍ରୀରାମ ପଟ୍ଟନାୟକ; ସମସ୍ତଙ୍କର ତୃତୀୟ ଧାରାରେ ଆପଣାର ପରିବାରକୁ ନିର୍ବିଚାର ରହି ଚଳେଇ ନେବା ଲାଗି ଖୁବ ଯତ୍ନ କରିଛନ୍ତି । ଅଭାବ ପୂର୍ତ୍ତି ପାଇଁ ରାଜାଙ୍କୁ ଗୁହାରି କରିଛନ୍ତି. ସତ କିଂତୁ ଆତ୍ମସଂହତିକୁ କୌଣସି କ୍ଷେତ୍ରରେ ବଳି ଦେଇ ନାହାଁନ୍ତି । ନାଗ୍ନି କବି ଅନ୍ନପୂର୍ଣ୍ଣାଙ୍କର ଜୀବନୀକାର ଶ୍ରୀ ରାଧାଚରଣ ପଣ୍ଡା କହନ୍ତି; କେବେ ଥରେ ଶ୍ରୀରାମ ପଟ୍ଟନାୟକ ରାଜା କୃପାମୟ ଦେବଙ୍କୁ ଆକୁଳ ଅନୁରୋଧ କରି ଆପଣାର ଗୃହ ଖର୍ଚ୍ଚ ନିମନ୍ତେ ତାଙ୍କଠାରୁ ଦଶଟଂକା ଆଣିଥିଲେ । ଏହି ଘଟଣାର କିଛିଦିନ ପରେ ସମ୍ଭବତଃ ରାଜାଙ୍କର ଉଦ୍ୟମରୁ 'ଗଂଜାମ ଗୁଣ ଦର୍ପଣ' ଏବଂ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ପ୍ରକାଶ ପାଇଲା ଯେ, ବଡ଼ଖେମୁଣ୍ଡି ରାଜା ନାଗ୍ନି କବି ଅନ୍ନପୂର୍ଣ୍ଣାଙ୍କର ସାହିତ୍ୟ ରଚନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦଶଟଂକା ସାହାଯ୍ୟ କରିଛନ୍ତି । ମାତ୍ର ଏପରି ଏକ ସଂବାଦ ପାଠ କରି ନାଗ୍ନିକବି ବିବ୍ରତ ହୋଇ ପଡ଼ିଥିଲେ ଏବଂ ଏହାର ପ୍ରତିବାଦ ସୂଚକ ଦୁଇଟି ପତ୍ର ସମ୍ବାଦ ପତ୍ର ଓ ରାଜାଙ୍କ ଉଦ୍ଦେଶ୍ୟରେ ଲେଖି ପଠାଇଥିଲେ । * ପତ୍ର

---

* ମହାଶୟ, ଆପଣ ଅବଶ୍ୟ 'ଗୁଣ ଦର୍ପଣ' ୩ୟ ଭାଗ/୧୩ଶ ସଂଖ୍ୟା ଦେଖିଥିବେ ଯେ, ବଡ଼ଖେମୁଣ୍ଡିର ରାଜା ମହୋଦୟ ମୋତେ ଦଶଟଂକା ଦାନ କରିଅଛନ୍ତି ଏବଂ ସାମୟିକ ଉତ୍ସାହ ଓ ସହାନୁଭୂତି ପ୍ରଦାନ ପୂର୍ବକ ମୋର (ସାହିତ୍ୟ ସେବାରୂପ) ମହାବ୍ରତରେ ସହାୟ ହୋଇଅଛନ୍ତି । ପୁଣି 'ସମ୍ବଲପୁର ହିତୈଷିଣୀ' ର ୪୦ଶ ସଂଖ୍ୟାରେ ଏହି ବିଷୟକୁ ନେଇ ଯେଉଁ ସଂପାଦକୀୟ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତାହା ଅବଶ୍ୟ ପାଠକ ମାନଙ୍କର ସ୍ମରଣଥିବ । ଏହି ପତ୍ରିକାରେ ମୋ ସମ୍ବନ୍ଧରେ ଯାହା ଲେଖା ହୋଇଅଛି, ତାହା ପାଠ କଲା ମାତ୍ରକେ ମନରେ ଯେଉଁ ଦୁଃଖ ଭାବ ଜନ୍ମ ହେଲା, ତାହା ଅଧିକ କରି କଣ ଜଣାଇବି । × × × କୌଣସି ସଂଗତି ସଂପନ୍ନ ବ୍ୟକ୍ତି ମୋର ଗ୍ରାସାଚ୍ଛାଦନ ବିଷୟରେ କେବେ ପ୍ରତିଶ୍ରୁତି ଦେବାର ମୁଁ ଜାଣେ ନାହିଁ । ସ୍ଥାନୀୟ ରାଜାଙ୍କ ଠାରୁ ମୋ କବିତା ସମ୍ବନ୍ଧରେ ବା ଅନ୍ୟ ପ୍ରକାର ସାହାଯ୍ୟ (ମୁଁ କବିତା ଲେଖିବା ଦିନଠାରୁ) କେବେ କିଛି ପାଇଲା ପରି ବୋଧ ହେଉ ନାହିଁ । ଏତିକ କଥା ଯେ, ଋଣ ଜାଲରେ ପଡ଼ିବା ଯୋଗୁଁ କିଛି କରିପାରୁ ନାହିଁ । ତେଣୁ ଯାହା

Digitized by srujanika@gmail.com

ସହିତରେ 'ନିବେଦନ' ନାମକ ଏକ କବିତା ମଧ୍ୟ ପଠାଯାଇଥିଲା । କବିତାଟି 'ମନୋରମା' ପତ୍ରିକାରେ ଏବଂ ପତ୍ରଟି 'ଉତ୍କଳବାସୀ'ରେ (୭-୬-୧୯୦୬ ସଂଖ୍ୟା) ପ୍ରକାଶ ପାଇଥିଲା ।

ନାରୀ କବି ଆପଣାର ମନୋଭାବକୁ ନିର୍ଭୀକ ଚିତ୍ତରେ ସମସ୍ତଙ୍କର ଗୋଚରାର୍ଥେ ଜଣାଇ ଦେଇଥିଲେ ।

ପତ୍ରଟି ନାରୀ କବିଙ୍କର ଦୁଃଖ-ଦୁଶ୍ଚିନ୍ତା ପୀଡ଼ିତ ମନକୁ ପ୍ରତିବିମ୍ବିତ କରୁଥିଲା, ତତ୍-ସହିତେ ଏହା ମଧ୍ୟ ସ୍ପଷ୍ଟବାଦୀ ଅଭିବ୍ୟକ୍ତିର ନିଦର୍ଶନ ହୋଇଥିଲା । କବି ସ୍ପଷ୍ଟ ସୂଚାଇ ଦେଇଥିଲେ ଯେ, କେହି ସଂଗତି ସଂପନ୍ନ ବ୍ୟକ୍ତି କବିଙ୍କର ଚଳାଚଳ ପାଇଁ କିଛି ସାହାଯ୍ୟ କିଂବା ଲେଖାଲେଖି ପାଇଁ ସ୍ଥାନୀୟ ରାଜାମାନେ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେଇଥିବା, ସେ ଜାଣନ୍ତି ନାହିଁ ।

ଅନ୍ନପୂର୍ଣ୍ଣାଙ୍କର ଏପରି ପ୍ରତିବାଦ ପତ୍ର ରାଜାଙ୍କର ହସ୍ତଗତ ହେବା ସଂଗେ ସଂଗେ ସେ, କବିଙ୍କର ପରିବାରକୁ ରାଜ୍ୟରୁ ବାହାରିଯିବା ଲାଗି ହୁକୁମ ଦେଲେ । ଶ୍ରୀରାମ ପଟ୍ଟନାୟକଙ୍କର ଘୋର ବିପଦ ଲେଣି; କେଉଁଠିକି ଯିବେ ? ପୈତୃକ ନିବାସ ବୋଲି ଯାହା କହନ୍ତି, ତାହାର ଅସ୍ତିତ୍ୱ ନାହିଁ । ପୁରୁଷୋତ୍ତମପୁରରେ ଆପଣାର ବୋଲି କେହି ନାହିଁ, ନିଃସ୍ୱ ପରିବାରଟିକୁ ସମ୍ଭାଳିବ କିଏ ?

ନାରୀ କବିଙ୍କର ଦୁଃଖ ଓ ବିପଦର ବାର୍ତ୍ତା ବିଭିନ୍ନ ସଂବାଦ ପତ୍ରରୁ * ଶୁଣି ଏବଂ କବିଙ୍କ ଠାରୁ ନିବେଦନ ପତ୍ର ପାଇ ମଧ୍ୟ କେହି

କିଛି କଷ୍ଟ ଓ ଅପମାନ ସହ୍ୟକରି ଦିନ ଯାପନ କରିବାକୁ ହେଉଅଛି । ମୋର 'ନିବେଦନ' ପଦ୍ୟ ଓ ଏହି ପତ୍ରଟି ମାନ୍ୟ ସାଦରେ ପାଠକଲେ ଜୀବନ ଚରିତାର୍ଥ ହେବ । ଆଜି ଏତିକି, ପରେ ଅନ୍ୟାନ୍ୟ ଦୁଃଖ ଲେଖିବି ।"
ଆପଣଙ୍କର ଶ୍ରୀମତୀ ଅନ୍ନପୂର୍ଣ୍ଣା ।'
(ଉତ୍କଳବାସୀ-ତା ୭-୬-୧୯୦୬ ସଂଖ୍ୟାରେ ପ୍ରକାଶିତ ପତ୍ରର ଅଂଶବିଶେଷ)

* ପ୍ରଜାବନ୍ଧୁ—୧-୬-୧୯୦୪ / ଉତ୍କଳବାସୀ ୨୧-୮-୧୯୦୬ / ମନୋରମା ୨୭-୮-୧୯୦୬ / ୧୭-୯-୧୯୦୬

Digitized by srujanika@gmail.com

ସଂସ୍କୃତପ୍ରାଣ ରାଜ-ପୁରୁଷ ବା ବିଭବଶାଳୀ ବ୍ୟକ୍ତି ତାଙ୍କପାଇଁ କୌଣସି କର୍ମ ସଂସ୍ଥାନର ବ୍ୟବସ୍ଥା କରିଦେଇନଥିଲେ । ଏଣେ ଏମାନେ ତ ବଡ଼ଖେମୁଣ୍ଡି ଛାଡ଼ିବାକୁ ବାଧ୍ୟ;ସ୍ଥାନୀୟ ମହାଜନଙ୍କ ଠାରୁ ଉଧାରର ସୀମା ନାହିଁ । ରାଜା ଓ ରାଜକର୍ମଚାରୀ ମାନଙ୍କର କଡ଼ା ନିର୍ଦ୍ଦେଶ ଅବଲମ୍ବେ ବଡ଼ଖେମୁଣ୍ଡି ପରିତ୍ୟାଗ କର ।

ବିଷାଦ-ମଗ୍ନ ଓ ସହାୟ-ଶୂନ୍ୟ କବି ପରିବାର ଏଇ ଅବସ୍ଥାରେ କରନ୍ତି ବା କଣ ? ସେମାନେ ଅକସ୍ମାତ ଖଣ୍ଡେ ପତ୍ର ପାଇଲେ, 'ମୁଁ ତୁମ୍ଭ ମାନଙ୍କ ପାଇଁ ସମସ୍ତ ସୁବିଧା କରିଛି । ତୁମ୍ଭେମାନେ ଯଥା ଶୀଘ୍ର ଏଠାକୁ ଆସିବା ପାଇଁ ଯତ୍ନ କର' । □

ଏଇ ଚିଠି ଲେଖିଥିଲେ,ବ୍ରହ୍ମପୁରର ଜଣେ ଉକିଲ ଶ୍ରୀଯୁକ୍ତ ପର୍ଶୁରାମ ପାତ୍ର । ବଡ଼ଖେମୁଣ୍ଡିରୁ ବିଦାୟ ନେଇ ଅନ୍ନପୂର୍ଣ୍ଣା ସପରିବାରେ ପାତ୍ର ମହାଶୟଙ୍କ ଘରେ ଆଶ୍ରୟ ନେଲେ ସେତେବେଳେ ତାଙ୍କର ଆର୍ଥିକ ଅବସ୍ଥା ଥିଲା ଅତ୍ୟନ୍ତ ଶୋଚନୀୟ, ଆପଣା ଅର୍ଜନରୁ ସଂଚିତ କଉଡ଼ିଟିଏ ହେଲେ ହାତରେ ନାହିଁ । ଆସିଲାବେଳକୁ ସ୍ଥାନୀୟ ବ୍ୟକ୍ତିଗଣ ସାମାନ୍ୟ କିଛି ପାଥେୟ ନାରୀକବିଙ୍କର ପରିବାରର ଚଳାଚଳ ପାଇଁ ଭେଦା ଉଠାଇ, ତାଙ୍କ ହାତରେ ଗୁଞ୍ଜି ଦେଇଥିଲେ । ଶ୍ରଦ୍ଧାର ସମର୍ପଣ ଇଏ; ଶ୍ରଦ୍ଧାର ସମ୍ବନ୍ଧ ବଳରେ ସେମାନେ ବଡ଼ଖେମୁଣ୍ଡିରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଅଭିଯାତ୍ରୀ ହୋଇ ଆପଣା ପରିଚୟ ଦେଇ ବଂଚିବାର ଉଦ୍ୟମ କରିଥିଲେ ।

ବ୍ରହ୍ମପୁର ଅବସ୍ଥାନ (୧୯୦୬-୧୯୧୬) ନାରୀକବିଙ୍କ ସାରସ୍ୱତ ଜୀବନରେ ନୂତନ ସମ୍ଭାବନାର ଦିଗନ୍ତ ଉନ୍ମୋଚନ କରିଥିଲା । ମାତ୍ର ଆର୍ଥିକ ଅନଟନ ଓ ଦୁଶ୍ଚିନ୍ତାରେ ତାଙ୍କର ପାରିବାରିକ ଅବସ୍ଥା କିଛି କାଳ ପାଇଁ ଅଭାବ-କ୍ଲିଷ୍ଟ ହୋଇ ପଡ଼ିଥିଲା । ପର୍ଶୁରାମ ପାତ୍ରଙ୍କର ଉଦ୍ୟମରୁ ଅନ୍ନପୂର୍ଣ୍ଣାଙ୍କର ସ୍ୱାମୀ ଶ୍ରୀରାମ ପଟ୍ଟନାୟକଙ୍କୁ ଏଠାରେ ତହସିଲଦାରଙ୍କ ଅଫିସରେ ମାସିକ ପନ୍ଦରଟଂକା ବେତନରେ ଗୋଟିଏ କିରାଣୀ ଚାକିରୀ

□ ରାଧାଚରଣ ପଣ୍ଡା—ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ (୧୯୩୮) ପୃଷ୍ଠା ୩୩, ସାରସ୍ୱତ ପ୍ରେସ, କଟକ ।

Digitized by srujanika@gmail.com

ମିଳିଥିଲା । ନାୟିକବଙ୍କ ପରିବାର ଏଥିଯୋଗୁଁ ଉକିଲ ମହାଶୟଙ୍କ ପ୍ରତି ଅତ୍ୟନ୍ତ ଅନୁଗତ ଥିଲେ । କୃତଜ୍ଞତା-ସ୍ନିଗ୍ଧ ଅନୁଭୂତିରେ ଉଚ୍ଛଳ ନାୟିକବି ଏଇମତେ ଏକ ପତ୍ର 'ପ୍ରଜାବନ୍ଧୁ' ପତ୍ରିକାରେ ପ୍ରକାଶ କରିଥିଲେ । *

ପତ୍ର-ପତ୍ରିକା ଓ ସଭା-ସମିତିରେ ନାୟିକବିଙ୍କ ଆତ୍ମ ପ୍ରକାଶ ଏତେବେଳେ ବହୁ ଲୋକଙ୍କ ମନରେ କୌତୂହଳ ସଂଚାର କରିଥିଲା । ପାରଂପରିକ ଜୀବନର ଶୃଙ୍ଖଳରୁ ମୁକ୍ତିଲଭି କୌଣସି ଓଡ଼ିଆ ନାରୀ ସେତେବେଳେ ଯଦି ଅନ୍ତପୁରର ଏନ୍ତୁଣି ଡେଇଁ ସଭା-ସମିତିରେ ଯୋଗ ଦେଲା କିଂବା ପତ୍ର-ପତ୍ରିକାର ଆତ୍ମ-ପ୍ରକାଶ କଲା —ତାହା ଅନ୍ଧକାରାଚ୍ଛନ୍ନ ଜନ-ଜୀବନରେ ଏକ ଆଲୋଚ୍ୟ ସଂବାଦ ହେବ ନାହିଁକି ?

ତାହାହିଁ ହେଲା ନାୟିକବିଙ୍କ ଜୀବନର ସଦ୍ୟଲଭ୍ୟ । ବ୍ରହ୍ମପୁରରେ ଥିବାବେଳେ ଶ୍ରୀମତୀ ଅନ୍ନପୂର୍ଣ୍ଣା ବହୁ ସାହିତ୍ୟିକ ଓ ସମାଜ-ସେବୀଙ୍କର ସଂସ୍ପର୍ଶରେ ଆସିଥିଲେ । କେତେ ଉତ୍ସାହ ଓ ଉଦାର ପ୍ରେରଣା ଲଭିବାର ସୁଯୋଗ ମଧ୍ୟ ତାଙ୍କୁ ମିଳିଥିଲା । ବ୍ୟାସକବି ଫକୀରମୋହନ ଭକ୍ତ କବି ମଧୁସୂଦନ,ନୀଳମଣି ବିଦ୍ୟାରତ୍ନ,ଚନ୍ଦ୍ରମୋହନ ମହାରଣା, ଚିନ୍ତାମଣି ମହାନ୍ତି, ସମାଜସେବୀ ଶ୍ରୀବତ୍ସ ପଣ୍ଡା ଓ ଲକ୍ଷ୍ମୀନାରାୟଣ ସାହୁ ପ୍ରଭୃତିଙ୍କର ସାହଚର୍ଯ୍ୟ

---

* 'ଆମ୍ଭମାନଙ୍କର ଉତ୍କଟ ଲାଞ୍ଛନା ଭୋଗ ବିଷୟ ଉତ୍କଳ ସଂପୂର୍ଣ୍ଣ ଅବଗତ । ସେ ସମ୍ବନ୍ଧରେ ଅଧିକ କହି ହୃଦୟର କ୍ଷୁଦ୍ରତା ପ୍ରକାଶ କରିବା ମୋର ଇଚ୍ଛା ନୁହେଁ । X X X ଏହି ଘୋର ସଂକଟ କାଳରେ ଶ୍ରୀଯୁକ୍ତ ବାବୁ ପଶୁରାମ ପାତ୍ର ମହୋଦୟ ଆମ୍ଭମାନଙ୍କର ପୂର୍ଣ୍ଣ ସାହାଯ୍ୟ କରି ବିପନ୍ନ ବତ୍ସଳତାର ପରାକାଷ୍ଠା ଦେଖାଇ ଅଛନ୍ତି । ବ୍ରହ୍ମପୁରରେ ସୁଖ ସ୍ୱାଚ୍ଛନ୍ଦରେ ରହିବା ଏବଂ ମୋର ପୂଜନୀୟ ପତି ମହୋଦୟଙ୍କର କାର୍ଯ୍ୟ ଲାଭ ହେବା ବିଷୟରେ ବାବୁ ମହାଶୟ ଯଥେଷ୍ଟ ଶ୍ରମ ସ୍ୱୀକାର ଓ ଅର୍ଥବ୍ୟୟ କରିଅଛନ୍ତି । ତାହାଙ୍କର ସହାୟତା ଲାଭ କରିନଥିଲେ ଆମ୍ଭମାନଙ୍କର ଯେଉଁ କଷ୍ଟ ହୋଇଥାନ୍ତା ତାହା ଭାବିଲେ ହୃତକଂପ ହୁଏ । ଏହିସବୁ କାରଣରୁ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ମୋର ଏକାନ୍ତ କର୍ତ୍ତବ୍ୟ ।"
ଶ୍ରୀମତୀ ଅନ୍ନପୂର୍ଣ୍ଣା

(ପ୍ରଜାବନ୍ଧୁ ୧୯-୧୨-୧୯୦୬)

Digitized by srujanika@gmail.com

ତାଙ୍କୁ ଲେଖାଲେଖି କ୍ଷେତ୍ରରେ ତତ୍ପର କରିଥିଲା । ବ୍ୟାସକବିଙ୍କ ସହିତ ସାରସ୍ୱତ-ସଂପର୍କ ନାଟ୍ୟକବିଙ୍କୁ ଏତେ ଉଦ୍‌ବୁଦ୍ଧ କରିଥିଲା ଯେ ସେଇ ପ୍ରେରଣାରେ ଆପଣାର କାବ୍ୟ-ସାଧନାକୁ ସେ ସଫଳିତ କରି ପାରିଥିଲେ । ଫକୀରମୋହନଙ୍କର ପଦ୍ୟମାଳାର ପ୍ରଥମ ପଦ୍ୟଟିକୁ ନାଟ୍ୟକବି ଅତ୍ୟନ୍ତ ଆଦର ସହ ଦୈନିକ ଉପାସନା ଲାଗି ଭଜନାସ୍ତୁ ଶ୍ଳୋକ ରୂପେ ବ୍ୟବହାର କରୁଥିଲେ । ଅନ୍ନପୂର୍ଣ୍ଣା ପ୍ରତ୍ୟହ ଗାୟତ୍ରୀ ମନ୍ତ୍ର ଜପ କରିବା ସଂଗେ ସଂଗେ ବ୍ୟାସକବିଙ୍କର ପ୍ରାର୍ଥନାଟିକୁ ଭଜୁଥିଲେ ।

କବି ପାଇଁ ଏହାର ପ୍ରୟୋଜନ କଣ ଥିଲା ତାହା ହୁଏତ ପ୍ରଶ୍ନର କୁହେଳି ସୃଷ୍ଟି କରିପାରେ ମାତ୍ର ଜୀବନର ଅନ୍ତଃସ୍ପନ୍ଦନ ସଂଚାର ପାଇଁ ଏହା ଅନ୍ନପୂର୍ଣ୍ଣାଙ୍କ ନିମିତ୍ତ ଏକାନ୍ତ ଉପଯୋଗୀ ଥିଲା—ଏପରି ବିଚାର ଅବାନ୍ତର ନୁହେଁ । କାରଣ ରୁଚିର ଅନୁକୂଳ ହେଉନଥିଲେ କିଂବା ଆପଣା ମନକୁ ଏହା ପ୍ରସନ୍ନ କରୁନଥିଲେ କିଏ କାହିଁକି, ଆଜି କାହାର ଲେଖା ପଦ୍ୟଟିଏ ଉପାସନା-ଭଜନ ରୂପେ ନିତ୍ୟ ବ୍ୟବହାର କରନ୍ତା !

ବ୍ରହ୍ମପୁର ସହିତ ନାଟ୍ୟକବିଙ୍କ ପାଇଁ ହୋଇଥିଲା ଏକ ଆଶ୍ରୟ ନିକେତନ ତଥାପି କବି ଜୀବନର ପ୍ରଶସ୍ତ-ପରିଚିତି ଲାଗି ଏହା ଅନୁକୂଳ ସମ୍ଭାବନା ଯୋଗାଇ ଦେଇଥିଲା । ପତ୍ର-ପତ୍ରିକା ଓ ସାରସ୍ୱତ ସଙ୍ଗ ପ୍ରସଙ୍ଗର ସୁଯୋଗରୁ ନାଟ୍ୟକବିଙ୍କର ସାଧନା-ଫଳ ପ୍ରଚାରିତ ହୋଇପାରିଥିଲା । ତେଣୁ ଏ କାଳକୁ କବି ଜୀବନର ଇତିହାସରେ ଆତ୍ମ-ପ୍ରତ୍ୟୟ ଓ ସାରସ୍ୱତ-ସ୍ୱପ୍ନ ସଂଚାରର ଏକ ସୂତ୍ରଧର ରୂପେ ଗ୍ରହଣ କରାଯାଇପାରେ ।

ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ପୁନଶ୍ଚ ପ୍ରବାସ ଯାତ୍ରା ! ଗଜପତିଙ୍କର ଆଗ୍ରହ କ୍ରମେ ଅନ୍ନପୂର୍ଣ୍ଣା ଦେବୀ ଓ ଶ୍ରୀରାମ ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡି ରାଜ-ପୋଷିତ ହେବା ବିଷୟ ଗଭୀର ଭାବେ ବିଚାର କରିବାକୁ ପଡ଼ିଥିଲା । ରାଜ ଉଆସରୁ ଡାକରା ଆସୁଥିଲେ ମଧ୍ୟ ବଡ଼ଖେମୁଣ୍ଡିର ତିକ୍ତ ଅନୁଭୂତି ନାଟ୍ୟକବିଙ୍କୁ ସଂକୋଚିତ କରୁଥିଲା ପୁନର୍ବାର ରାଜ-ନିଯୁକ୍ତି ଗ୍ରହଣ କରିବା ଲାଗି । ସେ ଅନିଚ୍ଛା ପ୍ରକାଶ କରି ପାରଳାଖେମୁଣ୍ଡି ନଯିବା ଲାଗି ସ୍ୱାମୀଙ୍କୁ ପ୍ରବର୍ତ୍ତାଇ ଥିଲେ । ମାତ୍ର ପାରଳାରୁ ଏମିତି ପ୍ରତିଶ୍ରୁତି ଓ

Digitized by srujanika@gmail.com

ପୁନଃ ପୁନଃ ତାଗିଦା ମିଳିଲା ଯେ, ଶେଷରେ ଶ୍ରୀରାମ ପଟ୍ଟନାୟକ ଆପଣାର ସିଦ୍ଧାନ୍ତ ବଦଳାଇଲେ, ପରୀକ୍ଷା ସ୍ୱରୂପ କିଛି ଦିନ ପାଇଁ ସପରିବାର ପାରଳାଖେମୁଣ୍ଡି ଗଲେ (୧୯୧୫)।

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ପାଟରାଣୀ ମହୋଦୟାଙ୍କର ସାହିତ୍ୟ-ଶିକ୍ଷୟିତ୍ରୀ ରୂପେ ମାସିକ ପଚାଶଟଙ୍କା ବେତନରେ ନିଯୁକ୍ତ କରାଗଲା ଏବଂ ଶ୍ରୀରାମ ପଟ୍ଟନାୟକ ମାସିକ କୋଡ଼ିଏଟଙ୍କା ବେତନରେ ମହାରାଜଙ୍କର ଛାପାଖାନାରେ ଯୋଗ ଦେଲେ। କିନ୍ତୁ କାଳ ସେମାନଙ୍କର ଚଳଣି ଓ ଆର୍ଥିକ ଅବସ୍ଥାରେ କୌଣସି ଅଭାବ ପ୍ରବେଶ କରିନଥିଲା, ମାତ୍ର ସମୟ କ୍ରମେ ଲୋକମାନଙ୍କର ଚକ୍ରାନ୍ତ ଫଳରେ ଅନ୍ନପୂର୍ଣ୍ଣା, ରାଜ-ଦଂପତିଙ୍କର ଆସ୍ଥା ହରାଇଲେ, ତାଙ୍କପ୍ରତି ରାଜା-ରାଣୀଙ୍କର ବିରାଗ ବେଳକୁ ବେଳ ବଢ଼ିବାକୁ ଲାଗିଲା।

କାରଣ ପାରଳାଖେମୁଣ୍ଡି ଅବସ୍ଥାନ ବେଳେ ଅନ୍ନପୂର୍ଣ୍ଣାଙ୍କର ଦୁଇଟି ସନ୍ତାନ ନଷ୍ଟ ହୋଇଯାଇଥିବାରୁ ତାଙ୍କୁ ଅଲକ୍ଷଣୀ ବୋଲି ଅନ୍ତଃପୁରର ପରିଚାରୀ ଗଣ ପ୍ରଚାର କରି, ପାଟରାଣୀଙ୍କ ସଂସର୍ଗରୁ ଏହାଙ୍କୁ ବଞ୍ଚିତ କରାଇବାଲାଗି ଖୁବ ଉଦ୍ୟମ କରିଥିଲେ। ଦୈବ ଯୋଗକୁ ରାଣୀଙ୍କର ଏକ ଗର୍ଭ ନଷ୍ଟ ହେଲା; ଏହା ଅନ୍ନପୂର୍ଣ୍ଣାଙ୍କ ସହ ରାଣୀଙ୍କର ମିଳାମିଶାର ପରିଣାମ ବୋଲି ସାଧାରଣରେ କୁହାଗଲା। କୁସଂସ୍କାର ପୀଡ଼ିତ ସେବକ ସେବିକା ଗଣ ରାଜା-ରାଣୀଙ୍କୁ ମଧ୍ୟ ଏପରି ଧାରଣା ଦେଲେ ଯେ, ସେମାନେ ଏହାକୁ ସତ ମଣିବାକୁ କୁଣ୍ଠିତ ହେଉଥିଲେ ସୁଦ୍ଧା ପାରଂପରିକ ବିଶ୍ୱାସର ଅନ୍ଧ-ବଶ୍ୟତାରେ କ୍ରମେ ମୋହାଚ୍ଛନ୍ନ ହୋଇ ପଡ଼ିଲେ।

ଏହି ଘଟଣା ଓ ଅପପ୍ରଚାର କବି-ଦଂପତିଙ୍କ ବିପର୍ଯ୍ୟୟର କାରଣ ହେଲା। ପାରଳାଖେମୁଣ୍ଡିରୁ ସେମାନଙ୍କର ଆଶ୍ରୟ ନୀଡ଼ ଭାଂଗିଗଲା, ସମ୍ବଲ-ପୃଥ୍ୱୀ ଦୋହଲି ଗଲା।

ନାରୀକବିଙ୍କର ଆତ୍ମା ପାରଳାଖେମୁଣ୍ଡି ଅବସ୍ଥାନର ପରିଣତିକୁ କିପରି ଦେଖିଥିଲା ତାହାର ଏକ ବ୍ୟଥାମୟ ଅଭିବ୍ୟକ୍ତି 'କିସହେଲା' କବିତାରେ ପ୍ରତିଫଳିତ। ପାରଳା ଆଗମନ କାଳରେ କବିଥିଲେ ଖୁବ୍ ଆଶାବାଦୀ-କିନ୍ତୁ ପରିଣତି ହେଲା ବିଷମୟ। କବିଙ୍କର ବକ୍ତବ୍ୟ ହେଉଛି--

Digitized by srujanika@gmail.com

ଆସିଲି ସୁଖ ଆଶା ଧରି / ମଣ୍ଡିଲି ଅଙ୍ଗେ ରାଜଶିରୀ
ମନରେ ହୋଇ ହୃଷ୍ଟ ପୁଷ୍ଟ / ତଥାପି ନ ଗଲା ମୋ କଷ୍ଟ
ଇଚ୍ଛିଲି କେତେ କେତେ ଭୋଗ/ଭୋଗିଲି ଯାହା ଥିଲା ଯୋଗ
ରତନ ପାଇଁ ପାଣ୍ଡି କରି / ମୃତ୍ତିକା ପ୍ରାପ୍ତ ନିରନ୍ତର
ତାହା ମୁଁ ଦେଖେଁ ନୟନରେ / ସଞ୍ଚଇ ଅଛି ଯତନରେ

ତେଣୁ ପାରଳାରୁ ବିଦାୟ (୧୯୧୯, ନଭେମ୍ବର) କବିଙ୍କର ପାର୍ଥିବ ଜୀବନ-ବଞ୍ଚାଣ ଲାଗି ଏକ ମର୍ମାନ୍ତିକ ଧକ୍କା । ଏବେ ସେମାନେ ସଂପୂର୍ଣ୍ଣ ଅସହାୟ; ବୃତ୍ତି ନାହିଁ; ହାତରେ ବିତ୍ତ ବି ନାହିଁ । ଭିଟାମାଟିରେ ମଧ୍ୟ ପୈତୃକ ସମ୍ପତ୍ତି ବୋଲି କିଛି ନାହିଁ । କେଉଁଠି କି ଯାଆନ୍ତେ ସେମାନେ । ଭାବି ଭାବି ସ୍ୱାମୀ-ସ୍ତ୍ରୀ ଦୁହେଁ ଅସ୍ଥିର; ସହାନୁଭୂତି ବା ସମ୍ବଳର କ୍ଷୀଣ ସମ୍ଭାବନା ବା ମିଳୁଛି କାହିଁ ?

ବଜ୍ର ନିର୍ଘୋଷରୁ ଚିତ୍ତ ଚମକିଲା ପରି ଶ୍ରୀରାମ ପଟ୍ଟନାୟକଙ୍କର ମନ ଡାକିଲା ପାରଳାଖେମୁଣ୍ଡି ଛାଡ଼ି ବିଶାଖାପାଟଣା ଆଡ଼େ ଚାଲିଯିବେ । ସ୍ମରଣ ହେଲା, ସେଠି ତାଙ୍କର ଜଣେ ବନ୍ଧୁ ବନ୍ଦୋବସ୍ତ ଅଫିସରେ କାର୍ଯ୍ୟ କରନ୍ତି । ବ୍ରହ୍ମପୁରରେ ଥିଲାବେଳେ ତାଙ୍କ ସହିତ ଯେଉଁ ଅନ୍ତରଂଗତା ଜନ୍ମିଥିଲା ତାହାର ଭରସାରେ ସେ, ବନ୍ଧୁଙ୍କର ଆଶ୍ରୟରେ ଅନ୍ନସଂସ୍ଥାନର କିଛି ସୁବିଧା କରିପାରିବେ ବୋଲି ଅନୁଭବ କଲେ । ଆଉ ଏକ ଆଶାର ରଶ୍ମିରେଖା ତାଙ୍କ ମନକୁ ମଧ୍ୟ ଉତ୍ଫୁଲ୍ଲିତ କଲା ।

ସାହିତ୍ୟ ଓ ସଂସ୍କୃତିର ପ୍ରେରଣା-ପାଦପ,ଜୟପୁର ଅଧିପ ଶ୍ରୀ ବିକ୍ରମ ଦେବ ବର୍ମା ସେତେବେଳେ ବିଶାଖାପାଟଣାରେ ଅବସ୍ଥାନ କରୁଥାନ୍ତି । ସାହିତ୍ୟ ସମ୍ରାଟ ଶ୍ରୀ ବର୍ମା, କବି ଅନ୍ନପୂର୍ଣ୍ଣାଙ୍କୁ ପୂର୍ବରୁ ଜାଣିଥିଲେ । ସହାୟ ଶୂନ୍ୟ ହୋଇ କବି ଦଂପତି ଯେତେବେଳେ ବିଶାଖାପାଟଣାରେ ପହଁଞ୍ଚିଲେ ଏବଂ ଏହି ସଂବାଦ ଯେତେବେଳେ ରାଜାଙ୍କର କର୍ଣ୍ଣଗୋଚର ହେଲା ସେତେବେଳେ ସେମାନଙ୍କୁ ଆବଶ୍ୟକ ସାହାଯ୍ୟ କରିବାକୁ ସେ ହେଳା କରିନଥିଲେ । ମହାରାଜାଙ୍କର ଉଦାର ଅନୁକଂପା, ଅକୁଣ୍ଠ ସାହାଯ୍ୟ ଏମାନଙ୍କ ଉଜୁଡ଼ା ଅବସ୍ଥାକୁ ସଜାଡ଼ି ଦେଇଥିଲା । ବୁଡ଼ିଗଲା ବେଳା ସତେ ଯେପରି ଅଗ୍ରୁନକ କୂଳ ଧରିଲା ପରି !

Digitized by srujanika@gmail.com

ନାୟିକବ ଏବେ ମାତୃଭୂମିରୁ ପୂରାପୂରି ବିଚ୍ଛିନ୍ନ, ସପରିବାରରେ ଏକ ତେଲୁଗୁ ରାଜ୍ୟର ବାସିନ୍ଦା । ସ୍ୱାମୀ ଶ୍ରୀରାମ ପଟ୍ଟନାୟକ ବନ୍ଦୋବସ୍ତ ଅଫିସରେ ଜଣେ ଅସ୍ଥାୟୀ କିରାଣୀ, ପରେ ହେଲେ ସ୍ଥାୟୀ ଏଜେନ୍ସି କମିସନରଙ୍କ ଦପ୍ତରରେ କପିଷ୍ଟ । ଏଇ କାର୍ଯ୍ୟରେ ଶ୍ରୀରାମ ପଟ୍ଟନାୟକ ଜୀବନର ଅବଶିଷ୍ଟାଂଶ ବିତାଇଥିଲେ, ଏଣେ ଅନ୍ନପୂର୍ଣ୍ଣା ଅଣ ଓଡ଼ିଆ ରାଜ୍ୟରେ ଥିଲେ ସୁଦ୍ଧା ଆପଣାର ସାହିତ୍ୟ-ତୃଷାକୁ ଦମିତ ନକରି ଓଡ଼ିଶାର ପତ୍ର ପତ୍ରିକା ମାନଙ୍କୁ ଯଥାମତ ଲେଖାଲେଖି ପଠାଉଥିଲେ ଏବଂ ସମସ୍ତଙ୍କ ସହିତ ସାହିତ୍ୟିକ ଯୋଗସୂତ୍ର ରକ୍ଷା କରିଥିଲେ । ଏଠାରୁ ସେ 'ସହକାର' ପତ୍ରିକାର ସଂପାଦନା ଦାୟିତ୍ୱ ମଧ୍ୟ ବହନ କରିଥିଲେ । ଲକ୍ଷ୍ମୀନାରାୟଣ ସାହୁଙ୍କର ପ୍ରସ୍ତାବ କ୍ରମେ ସେ ସଂପାଦିକା ଦାୟିତ୍ୱ ଖୁବ ଉତ୍ସାହର ସହିତ ଗ୍ରହଣ କରିଥିଲେ । ସେକାଳରେ ଲେଖିକା ମାନଙ୍କ ପ୍ରତି ସାଧାରଣଙ୍କ ଦୃଷ୍ଟିକୋଣ ଯେପରି ମନ୍ଦ, ସେଥିରେ ଏପରି ସାହାସ କରିବା ଏକ ସାମାନ୍ୟ ସ୍ପୃହା ନୁହେଁ । ସାହିତ୍ୟ ତ ତାଙ୍କ ଜୀବନର ପ୍ରାଣ-ଧନ, ଚଲାପଥର ସହଚରି, ଆପଦ ବିପଦର ପରାଣ ସଖା, ଏପରି ସ୍ଥଳେ ସେ କଣ କେବେ ଭିନ୍ନ କେଉଁ ଆକର୍ଷଣରେ ଭୁଲିବେ ?

ଅଭାବ ଅବଶ୍ୟ ତାଙ୍କୁ ପ୍ରତିନିୟତ କବଳିତ କରୁଥାଏ; ତା'ବୋଲି ସାହିତ୍ୟକୁ ଛାଡ଼ି ସେ ବଂଚିବାର ଭିନ୍ନେ ରାହା ଖୋଜନ୍ତେକି ? ପାର୍ଥିବ ଦୁଃଖର ଅଗ୍ନି ତାପରେ ଜଳୁଥାନ୍ତୁ ପଛକେ, ସାହିତ୍ୟରେ ମଜ୍ଜିବେ, ସାହିତ୍ୟର ବିଳାସରେ ବିଭୋର ହେବେ—ଏହାହିଁ ଥିଲା ନାୟିକବଙ୍କର ସ୍ୱପ୍ନ । ତା' ନହୋଇଥିଲେ କାହିଁ ବିଶାଖାପାଟଣା କାହିଁ ପୁଣି ଓଡ଼ିଶା । ଏ ଦୁହିଁଙ୍କର ସଂଯୋଗ ସେତୁ କି ହୁଅନ୍ତେ ଚିର ଅଭାବ ମଗ୍ନା ନାୟିକବ ଅନ୍ନପୂର୍ଣ୍ଣା ଏବଂ 'ସହକାର' କି ହୁଅନ୍ତା ତାଙ୍କର ଅବଲମ୍ବନ ?

ନାୟିକବଙ୍କ ବ୍ୟକ୍ତିତ୍ୱକୁ ଦୁଃଖ କିଂବା ଅଭାବ ବୋଧ ବାଟବଣା କରିପାରିନଥିଲା । ଦୁଃଖକୁ ଅଂଗୀକାର କରି ପୁଣି ତାକୁ ଫିଙ୍ଗି ଦେବାର ଅସୀମ ଧୈର୍ଯ୍ୟ ଓ କୋଠର ଶକ୍ତି ତାଙ୍କର ଥିଲା । ସେ ସ୍ୱୀକାର କରୁଥିଲେ-

ଦୁଃଖ ମୋର ବନ୍ଧୁ / ଦୁଃଖ ମୋର ସହା / ଜାଣିଗଲି ଭଲକରି
ତାର ନାମ ଗାଇ/ ତାର ପଦ ଧ୍ୟାୟି / ଯିବ ତାକୁ ସଙ୍ଗେ ଧରି । *

* ନାୟିକବ ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮) – ସୁଖ କସ-ପୃଷ୍ଠା ୧୮୪

Digitized by srujanika@gmail.com

ଦୁଃଖର ଡ଼ୋର ଖୁବ ଟାଣ । ଟ଼ରେ ଡ଼ୋର ଲଗିଲେ ତାହା ସହଜରେ ଛିଡ଼େ ନାହିଁ । ସଂଗ୍ରାମୀ ମନ ବିପଦକୁ ମାନେ ନାହିଁ । ଅବସ୍ଥାର ଦାସ ହୋଇ ବନ୍ଧନ ଭିତରେ ବଂଚିବାର ଅପଦ୍ରସ୍ପୃହା ପୋଷଣ କରେ ନାହିଁ ବରଂ ନିରନ୍ତର ଉଦ୍ୟମ କରେ ଜୀବନ ସ୍ରୋତର ଉଜାଣି ଠେଲି ଦେଇ ପହଁରି ଲକ୍ଷ୍ୟ ସ୍ୱପ୍ନର ଇଲାକାରେ ଓହ୍ଲାଇ ପଡ଼ିବାକୁ । ଏପରି ସାଧନା ହିଁ ସିଦ୍ଧିର ଜନନୀ । ନାରୀକବି ଜୀବନ-ସାଧନାର ଏଇ ମର୍ମଟିକୁ ଗଭୀର ଭାବେ ଉପଲବ୍ଧ କରିଥିଲେ--"ଡ଼ରନାହିଁ ଡ଼ରନାହିଁ ଆସୁ ଯେତେ ପୀଡ଼ା / ଦେଖାଇ ରକ୍ତିମ ତାର ଖେଳାଇ ତା କ୍ରୀଡ଼ା/ମନ ଯେବେ ଅଛି ଦୃଢ଼,କିସ ଅଛି ଭୟ/ତୁମେ ମୋର ସାକ୍ଷୀ ରୂପ ତାରିବ ଅଭୟ ।" *

ବିଶାଖାପାଟଣାରେ ନାରୀକବି ୧୯୧୯ ରୁ ୧୯୩୫ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଏହିଟି କାଳ ଭିତରେ ତାଙ୍କର ପରିବାରିକ ଜୀବନ ଅଭାବର କଷଣରୁ କିଂଚିତ୍ ରକ୍ଷା ପାଇଥିଲା । ଏତେବେଳକୁ କବିଙ୍କର ସଂତାନ ସଂତତିଗଣ ପ୍ରାପ୍ତ କର୍ମକ୍ଷମ ଯୋଗ୍ୟତା ହାସଲ କରି ଆସୁଥାନ୍ତି । ଜ୍ୟେଷ୍ଠା କନ୍ୟା ମନୋରମାଙ୍କର ପାଠ ପଢ଼ା ଶେଷ ହୋଇଥାଏ ଏବଂ ପୁତ୍ର ମନମୋହନଙ୍କର ପଢ଼ା ଶେଷହେବାକୁ କିଛି କାଳ ବାକିଥାଏ । ତଥାପି ଅତୀତ ବର୍ଷ ମାନଙ୍କରେ ଏହି ଅଭାବୀ ପରିବାରଟି ଯେତେ ପରିମାଣରେ କଷ୍ଟ ଭୋଗୁଥିଲେ କ୍ରମେ କ୍ରମେ ତାହା ଊଣା ହୋଇ ଆସିଲା । ଏତେବେଳେ ମନୋରମାଙ୍କୁ ପ୍ରଥମ ନିଯୁକ୍ତି ମିଳିଲା ମୁରାଦାବାଦର ଗୋକୁଳ ଦାସ ମହିଳା କଲେଜରେ । ଶ୍ରୀମତୀ ପଟ୍ଟନାୟକ ଅଧ୍ୟାପନା କର୍ମରେ ଯୋଗ ଦେବା ଲାଗି ମୁରାଦାବାଦ ଗଲାବେଳେ ତାଙ୍କ ସାଥିରେ ନାରୀକବି ସହଯାତ୍ରୀ ହୋଇ ଯାଇଥିଲେ । ମୁରାଦାବାଦରେ ଝିଅଙ୍କ ପାଖରେ ପ୍ରାୟ ଆଠମାସ କାଳ ସେ ବିତେଇ ଦେଲେ । ଏଠାରୁ ନାରୀକବି, ଭାରତୀୟ ଜାତୀୟ କଂଗ୍ରେସର ଲକ୍ଷ୍ନୌ ଅଧିବେଶନ (୧୯୩୫) ଦର୍ଶନ ପାଇଁ ଯାଇଥିଲେ । ନାରୀନେତ୍ରୀ ସରଳା ଦେବୀ ଇତ୍ୟାଦିଙ୍କ ମେଳରେ ୨/୪ ଦିନ କଟେଇ ଥିଲେ । ପରାଧୀନ ଭାରତରେ ସ୍ୱାଧୀନ ଚେତା ଦେଶ ସେବୀ ମାନଙ୍କର ଏହି ମହାନ ଐତିହାସିକ ସମ୍ମିଳନୀ ନାରୀକବିଙ୍କ ମନରେ ଗଭୀର

---

* _ ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ— ଦୁଃଖ— ପୃଷ୍ଠା ୨୬୨

Digitized by srujanika@gmail.com

ପ୍ରଭାବ ବିସ୍ତାର କରିଥିଲା । ଏକେତ ନାୟିକାଙ୍କ ମନ ମାନବାତ୍ମାର ମୁକ୍ତି ବାସନାକୁ ଶ୍ରେଷ୍ଠତା ଦେଉଥିଲା । ସେହି ଆତ୍ମମୁଖ୍ୟର ଅନ୍ୟ ଏକ ପ୍ରକାଶ ହେଉଛି—ଦେଶ ଜାଗରଣର ବାସନା । ଏହା କବିଙ୍କ ମନରେ କିଛି ପୂର୍ବରୁ ବଳିଷ୍ଠ ଭାବାବେଗ ସୃଷ୍ଟି କରୁଥିଲା । ଏଠି ଶ୍ରୀମତୀ ଅନ୍ନପୂର୍ଣ୍ଣା, ଅମୃତ ଏକ ଅଭିଳାଷର ପ୍ରେରଣାରେ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କରିବା ଲାଗି ଉଦ୍ୟମ କରିଥିଲେ । ମୁଁ ମନୋରମା ଦେବୀଙ୍କ ଠାରୁ ଶୁଣିଛି, ମହାତ୍ମାଗାନ୍ଧୀଙ୍କର ସେଦିନ ମୌନ ଦିବସ ଥିବାରୁ ନାୟିକାଙ୍କ ତାଙ୍କୁ ସାକ୍ଷାତ କରିବା ସମ୍ଭବ ହୋଇନାହିଁ । ଏହି ଘଟଣା କପୂରକ୍ଷଣ ପାଇଁ ଅନ୍ନପୂର୍ଣ୍ଣାଙ୍କ ମନରେ ଅନୁଶୋଚନାର ସ୍ପନ୍ଦନ, ନାରୀ ମୁକ୍ତିବୋଧର ଉଗ୍ର ଆକାଂକ୍ଷା ଓ ସ୍ୱାଧୀନତାର ଅନ୍ତସ୍ସ୍ୱପ୍ନ, କାଶୀସ୍ଥ କଂଗ୍ରେସ ଅଧିବେଶନର ପର୍ଯ୍ୟବେକ୍ଷଣ ପରେ ପରେ ନାୟିକାଙ୍କ ମନରେ ଅଧିକରୁ ଅଧିକ ଦୃଢ଼ ହେବାରେ ଲାଗିଲା । ଦେଶମୁକ୍ତିର ଭାବନା ଓ ଉତ୍କଳୀୟ ଚେତନା ନାରୀ କବିଙ୍କ ମନରେ ପୂର୍ବରୁ ଯେପରି ଥିଲା ତାହା ଏହି ଅବସରରେ ବିକଶିତ ହୋଇଥିଲା ।

ପ୍ରାୟ ଆଠମାସ ରହିଣି ପରେ ସେ ମୁରାଦାବାଦରୁ ବଣାଖାପ ଫେରି ଆସିଲେ ଏବଂ ତାଙ୍କର ବଡ଼ଝିଅ ମଧ୍ୟ ମୁରାଦାବାଦରୁ ଫେରି (୧୯୩୬) ବ୍ରହ୍ମପୁର ବାଳିକା ସ୍କୁଲରେ ଶିକ୍ଷୟିତ୍ରୀ ରୂପେ ଯୋଗଦେଲେ । ସେତେବେଳେ ନାୟିକାଙ୍କୁ ପୁନଶ୍ଚ ବଣାଖାପାଟଣାରୁ ବ୍ରହ୍ମପୁର ଆସିବାକୁ ପଡ଼ିଥିଲା । ଏବେ ନାୟିକାଙ୍କ ପରିବାର ବ୍ରହ୍ମପୁରରେ, ଏଠି କିଛି ଦିନ ପାଇଁ ସେମାନେ ବଳଭଦ୍ର ମିଶ୍ରଙ୍କର ବଜବନ୍ଧି ଭବନରେ ଅତିଥି ହୋଇ ରହିଲେ । ପରେ ଗାନ୍ଧିବର ଷ୍ଟ୍ରିଟ ଓ ପାର୍କ ଷ୍ଟ୍ରିଟରେ ବସାଘର ଠିକ କରି ସେଠାକୁ ଉଠି ଯାଇଥିଲେ । ନାୟିକାଙ୍କ ସ୍ୱାମୀ ଶ୍ରୀରାମ ପଟ୍ଟନାୟକ ଏଠାରେ କପିଷ୍ଟ କାର୍ଯ୍ୟକରି ଜୀବିକା ମେଣ୍ଟାଉଥିଲେ । ୧୯୪୦ ବେଳକୁ ନାୟିକାଙ୍କ ପୁତ୍ର ମନମୋହନ, ବାଲେଶ୍ୱର ଜିଲ୍ଲାରେ ଶିକ୍ଷକତା କରିବା ଲାଗି ଯିବାରୁ ତାଙ୍କ ପାଖରେ ନାୟିକା କିଛିକାଳ ଅବସ୍ଥାନ କରିଥିଲେ ।

ବ୍ୟାସକବି ଫକୀରମୋହନଙ୍କ ଜନ୍ମଭୂମି ଏଇ ବାଲେଶ୍ୱର— ସାରସ୍ୱତ ତୀର୍ଥ ମାଟି ଟିଏ ! ସାରସ୍ୱତ ଯୋଗାଯୋଗର ବନ୍ଧୁ ସ୍ମୃତି

Digitized by srujanika@gmail.com

ଏହା ସହିତ ଜଡ଼ିତ । ବ୍ୟାସକବି ଥିଲେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର କାବ୍ୟ-ଜୀବନର ଆଦର୍ଶ । ପୂର୍ବରୁ ଦୁହେଁ ଦୁହିଁଙ୍କର ସାହିତ୍ୟିକ ସାଧନା ଓ ଜୀବନର ନାନା ସମ୍ବାଦ ରଖୁଥିଲେ । ବାଲେଶ୍ୱର ରହଣି ବେଳେ ସେନାପତିଙ୍କର ଅନୁପସ୍ଥିତି ନାୟିକବିଙ୍କ ପାଇଁ ନିଶ୍ଚୟ ଏକ ଦୁଃଖଦାୟକ ଘଟଣା । ସ୍ନେହ ସ୍ୱିଁ ସମ୍ପର୍କ ମାନ । ଫକୀରମୋହନ ତାଙ୍କର ରଚନା-ବଳୀ ଉପହାର ସ୍ୱରୂପ ନାୟିକବିଙ୍କୁ ଅର୍ପଣ କରିଥିଲେ । ଏଥି ମଧ୍ୟରୁ ସେନାପତିଙ୍କର 'ପୁଷ୍ପମାଳା' କବିତା ଗ୍ରନ୍ଥଟି, ନାୟିକବିଙ୍କର ଜୀବନ-ସାଥି ହୋଇରହିଗଲା । 'ପୁଷ୍ପମାଳା'ର ପ୍ରାର୍ଥନା ପଦ୍ୟଟିକୁ ଅନ୍ନପୂର୍ଣ୍ଣା ଦେବୀ ତାଙ୍କର ଦୈନିକ ଉପାସନା ଭଜନ ରୂପେ ଆବୃତ୍ତି କରୁଥିଲେ । ଏତଦ୍‌ଭିନ୍ନ ଫକୀରମୋହନଙ୍କ ଅନ୍ୟାନ୍ୟ ଲେଖା ପରିବାରର ସମସ୍ତଙ୍କ ମେଳରେ ବାରମ୍ବାର ପଢି ସେ ବେଶ ଆନନ୍ଦ ଅନୁଭବ କରୁଥିଲେ । ଏ ଦୃଷ୍ଟିରୁ ମନେହୁଏ, ଫକୀରମୋହନ ହିଁ ଥିଲେ ନାୟିକବି ଅନ୍ନପୂର୍ଣ୍ଣାଙ୍କ କାବ୍ୟ-ଗୁରୁ ।

ଚିଠିପତ୍ରରୁ ଜଣାଯାଏ, ବ୍ୟାସକବି ବିଭିନ୍ନ ସମୟରେ ଅନ୍ନପୂର୍ଣ୍ଣାଙ୍କୁ ସତ୍ ଉପଦେଶ, ଏବଂ କାବ୍ୟ କବିତା ରଚନା ପାଇଁ ସାଧୁ ପରାମର୍ଶ ପ୍ରଦାନ କରୁଥିଲେ । ବେଳେବେଳେ ମଧ୍ୟ ଅନ୍ନପୂର୍ଣ୍ଣାଙ୍କ ଲେଖାକୁ ଆବଶ୍ୟକ ସ୍ଥଳେ ସଂଶୋଧନ କରି ଦେଉଥିଲେ ।

ବାଲେଶ୍ୱରରେ ସାତମାସ ରହି ଅନ୍ନପୂର୍ଣ୍ଣା ଦେବୀ ବ୍ରହ୍ମପୁର ଫେରି ଆସିଲେ । କେତେଦିନ ପରେ ପୁନଶ୍ଚ ବଡଝିଅ ସାଥିରେ କଟକ ଗଲେ । ସେଠାରେ ତାଙ୍କୁ କିଛୁକାଳ ପାଇଁ ଅବସ୍ଥାନ କରିବାକୁ ପଡ଼ିଥିଲା । ଏତିକି ବେଳେ ନାୟିକବି, 'ଉତ୍କଳ ସାହିତ୍ୟ' ପତ୍ରିକାର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କର, ଭକ୍ତକବି ମଧୁସୂଦନ ରାଓ, କବି ଚନ୍ଦ୍ରମୋହନ ମହାରଣା ପ୍ରଭୃତି ବିଶିଷ୍ଟ ସାହିତ୍ୟିକଙ୍କ ସହିତ ଯୋଗାଯୋଗର ସୁବିଧା ଲାଭ କରିଥିଲେ ।

କର ମହାଶୟଙ୍କର ପଡ଼ୋଶୀ ହୋଇ ନାୟିକବି କନ୍ୟା ମନୋରମାଙ୍କ ପାଖରେ ଥିଲାବେଳେ ଖୁବ ସୌହାର୍ଦ୍ଦପୂର୍ଣ୍ଣ ସମ୍ବନ୍ଧ ଦୁଇ ପରିବାର ଭିତରେ ଗଢ଼ିଉଠିଥିଲା । ଏକେ ତ ସାରସ୍ୱତ ସ୍ୱାର୍ଥ, ହେଲେ

Digitized by srujanika@gmail.com

ପୁଣି ପତ୍ରେ.ଶୀ ଏଣୁ ସଂପର୍କରେ ଦୃଢ଼ତା ଅଳ୍ପଦିନେ ପ୍ରତିଷ୍ଠିତ ହୋଇଥିଲା । ସଂସ୍କାରକ ବିଶ୍ୱନାଥଙ୍କର ଦୂରଦୃଷ୍ଟି ଏବଂ ନାରୀ ଜାତିର ଅଗ୍ରଗତି ପାଇଁ ତାଙ୍କର ବିବିଧ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣାଙ୍କର ଚିନ୍ତାଧାରାର ଅନୁକୂଳ ଥିଲା । ସାମାଜିକ ଆଦର୍ଶ ପୋଷଣରେ ନାରୀକବିଙ୍କର ମନନ, ବିଶ୍ୱନାଥ କର ଙ୍କର ପରାମର୍ଶ ଓ ସହଯୋଗିତାରେ ପରିଚ୍ଛନ୍ନ ଆକାର ଧାରଣା କରିଥିଲା ।

ନାରୀକବିଙ୍କର-ସାରସ୍ୱତ-ସଂସର୍ଗ ଜଗତର ଘଟଣାମ ଯେ ତାଙ୍କ ମନକୁ କିଛି ପ୍ରଭାବିତ କରିନାହିଁ—ଏକଥା କିପରି କହିବା ? ସମାଜ ଜୀବନରୁ ସଂଗୃହିତ ଅନୁଭୂତି ହେଉଛି ତାଙ୍କ କବିତାର ଅକ୍ଷର; ବ୍ୟକ୍ତିଗତ ଜୀବନର ହାବ-ଭାବରେ ଏହା ପୁଣି ରସସିକ୍ତ ।

ଫକୀର ମୋହନଙ୍କର କାବ୍ୟ-ସଂଚୟ ଯେପରି ବ୍ୟକ୍ତିଗତ ଆବେଗ-ଅନୁଭବର ଏକ ସ୍ୱତଃସ୍ଫୂର୍ତ୍ତି ଅଭିବ୍ୟକ୍ତି ସେହିପରି ନାରୀକବି ଅନ୍ନପୂର୍ଣ୍ଣାଙ୍କର କବିତା । ଏହାର ଉଭୟ ନିଜସ୍ୱ ପୃଥକ୍‌ତା ହୋଇଥିଲେ ମଧ୍ୟ କବିତା ଚୟରେ କବିଗଣ ସମାଜର ଚଳନ୍ତି ଚିନ୍ତାଧାରା ଓ ଶାଶ୍ୱତ ମୂଲ୍ୟ ବୋଧକୁ ପ୍ରତିଫଳିତ କରିବାରେ କୌଣସି ଅବହେଳା ପ୍ରଦର୍ଶନ କରି ନାହାନ୍ତି ।

ନାରୀକବିଙ୍କର କବିତା, କଷ୍ଟ-କଳ୍ପିତ ପ୍ରକାଶ କଳା କିଂବା ପ୍ରଯତ୍ନ-ପ୍ରେରିତ ଉଚ୍ଛ୍ୱାସକୁ ସମ୍ବଳ କରି ପୁଷ୍ଟ ହୋଇନାହିଁ । ବରଂ ମୁକ୍ତ ଉଚ୍ଚାରଣର ଆଲେଖ୍ୟ ହୋଇ ଏହା ଆତ୍ମ ପ୍ରକାଶ କରିଛି । କବିତା-ସମଗ୍ରରେ ଯଦିଓ ବ୍ୟକ୍ତିଗତ ଘଟଣାର ଉଲ୍ଲେଖ ଅଛି, ତାହା ସମାଜର ଗତି ଧାରାରର ଏକ ଅଂଶ ପରି ପ୍ରତୀୟମାନ ହେଉଛି । ତେଣୁ କବି ଅନ୍ନପୂର୍ଣ୍ଣା ବହୁ ଅଂଚଳ ଭ୍ରମଣର ଅନୁଭୂତି ଘେନି ଏବଂ ବିଚିତ୍ର ପରିସ୍ଥିତି ତଥା ପରିବେଶର ସଂସର୍ଗରେ ଆସି ଯେଉଁ ଭାବ-ସ୍ପନ୍ଦର ଶିହରଣ ମର୍ମେ

Digitized by srujanika@gmail.com

ମର୍ମେ ଅନୁଭବ କରିଛନ୍ତି, ତାହାକୁ ଚିନ୍ତାର ଆବରଣରେ ସଜାଇ ଏକ ସହଜ ପ୍ରକାଶ ଦେଇଛନ୍ତି ସିନା, କବିତା ଲେଖିବା ପାଇଁ କବିତା ଲେଖି ନାହାଁନ୍ତି । ସେ ଦୃଷ୍ଟିରୁ କୁହାଯାଇପାରେ ଯେ, ନାଟ୍ୟକବିଙ୍କର କାବ୍ୟ-ଜଗତ ହେଉଛି ତାଙ୍କର ଜୀବନ ଜଗତ । ବିଶ୍ଳେଷଣରୁ ହିଁ ଏହା ସ୍ପଷ୍ଟ ହେବା ସମ୍ଭବ ।

●

Digitized by srujanika@gmail.com

ଜଂଶତ୍ଥ ସ୍ମୃତି/ସାରସ୍ୱତ ସହଯୋଗ

Digitized by srujanika@gmail.com

କବିତ୍ୱର ସାଧନା / ସାରସ୍ୱତ ପ୍ରେରଣା

ନାଟ୍ୟକବି ଅନ୍ନପୂର୍ଣ୍ଣା ହେଉଛନ୍ତି ଏକ ସହଜାତ କବି-ପ୍ରତିଭା । କବି-ଶକ୍ତିର ଉପାର୍ଜନ ପାଇଁ ସେ କୌଣସି ଉଦ୍ୟମର ଅନୁଗତ ହୋଇ ନାହାନ୍ତି । ସ୍ୱତଃସ୍ଫୂର୍ତ୍ତି ହୋଇଛି ତାଙ୍କର ଏକମାତ୍ର ବଳ ଏବଂ ତାହାହିଁ ତାଙ୍କୁ କବି-କଳାରେ ଭୂଷିତ କରିଛି । ପରିବେଶ ତାଙ୍କ ଅନୁଭୂତିକ କରିଛି ଭାବ-ବିଚିତ୍ର । କବି ଲେଖନୀ କୌଣସି ସ୍ଥଳରେ ସ୍ଥଗିତ ହୋଇ ରହିନାହିଁ । ଗିରି କୂଟରୁ ନିର୍ଗତ ନିର୍ଝର ଶିଳାଶଯ୍ୟା ଦେଇ ଅରଣ୍ୟେ ଅରଣ୍ୟେ ସଂଚରି ଗଲା ପରି କବି-କଣ୍ଠର ଉଚ୍ଚାରଣ ଜନପଦର ଚିହ୍ନା-ଅଚିହ୍ନା ରାହାରେ ଝରିଯାଇଛି । କାହିଁ କେଉଁଠି ଅବରୋଧ ମାନି ନାହିଁ କିଂବା କଷ୍ଟ-କଳ୍ପିତ କବି-ଶକ୍ତିର ତାଡ଼ନା ଭୋଗି ନାହିଁ । କବି ଅନ୍ନପୂର୍ଣ୍ଣା କାବ୍ୟ-ଦେବୀଙ୍କର ପରାଣ ପ୍ରତିମା, ଅନୁରାଗରେ ଆରକ୍ତ ଏବଂ ଆଶିଷରେ କୃପାସିଦ୍ଧ ।

ନାଟ୍ୟକବିଙ୍କ କବି-ଶକ୍ତିର ଅନ୍ତରାଳରେ ଅଲୌକିକ ସ୍ଫୂର୍ତ୍ତିର ନିଦର୍ଶନ ଏପରି । କବିଙ୍କର ନିଜସ୍ୱ ଅଭିବ୍ୟକ୍ତିରୁ ଜଣାଯାଏ ଯେ, ସେ ଜୀବନ ଯନ୍ତ୍ରଣାର ଦହନ ଭୋଗୁଥିବା ବେଳେ ଅକସ୍ମାତ ଆକାଶରୁ ଅତି ଉଚ୍ଚ ସ୍ୱରରେ ସ୍ଫୁରିତ ଏକ ଗମ୍ଭୀର ଶବ୍ଦ ତାଙ୍କୁ ଶୁଣାଗଲା । ତାହା ସ୍ପଷ୍ଟ ବୁଝାଯାଉନଥିଲେ ମଧ୍ୟ ତହିଁର ତର୍ଜମାରୁ ସେ ଜାଣିଲେ ଯେ ତାଙ୍କୁ ନିର୍ଦ୍ଦେଶ ମିଳୁଛି—ତୁମେ ନାଟ୍ୟକବି ହୋଇ କୌଣସି ଗ୍ରାମରେ ବାସକର । ତୁମ କବିତାର ଗ୍ରାହକତା ମିଳିବ । ଲୋକେ ମଧ୍ୟ ବିବେକତା ଟଣରେ

Digitized by srujanika@gmail.com

ତୁମ କବିତାର ମୂଲ୍ୟ ଦେବେ । ତେଣୁ କଷଣ ନ ଭୁଂଜ ଏଇ ବୃତ୍ତି ଆଚରଣ କର । *

ଏତଦ୍‌ଭିନ୍ନ ଅନ୍ୟ ଏକ ସଂବାଦରୁ ଜଣାଯାଏ ଯେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଓ ଶ୍ରୀରାମ ପଟ୍ଟନାୟକ ଦିନେ ରାତିରେ ଏକା ସମୟର ଗୋଟିଏ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଜଣେ ବୃଦ୍ଧ ଋଷି ଶ୍ରୀରାମ ପଟ୍ଟନାୟକଙ୍କୁ ଚାରିଧାଡ଼ି କବିତା ଶୁଣାଇ, ତାହା କାଗଜରେ ଲେଖି ରଖିବାପାଇଁ କହି, ଚାଲିଗଲେ । ଏଥିରୁ ମାତ୍ର ଦୁଇଧାଡ଼ି ଶ୍ରୀ ପଟ୍ଟନାୟକଙ୍କର ମନେ ରହିଲା । ସେ ଶେଯ ଉପରେ ବସି ତାହା ଲେଖି ରଖିଲେ । ଅନ୍ୟ ଦୁଇଧାଡ଼ି ତାଙ୍କର ମନେ ପଡ଼ିଲା ନାହିଁ । ଏତିକିବେଳେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଦରୁ ଉଠି ଚାରିଧାଡ଼ି କବିତା ସ୍ୱପ୍ନରେ ଦେଖିବା କଥା କହିଲେ ଏବଂ ବାକିଥିବା ଦୁଇଧାଡ଼ି କବିତା ତତ୍‌କ୍ଷଣାତ୍ ପୂରଣ କରିଦେଲେ । ଏଇ ଘଟଣା ଶ୍ରୀରାମ ପଟ୍ଟନାୟକଙ୍କ ମନରେ ଗଭୀର ବିସ୍ମୟ ସଂଚାର କଲା । ●

ଅନ୍ନପୂର୍ଣ୍ଣାଙ୍କ ଠାରେ କବି-ଶକ୍ତିର ସ୍ଫୁରଣ ଘଟିଛି ତାହା ଜାଣି ଶ୍ରୀରାମ ପଟ୍ଟନାୟକ ତାଙ୍କୁ ସେହିଦିନ ଠାରୁ କବିତା ସର୍ଜନା ବ୍ୟାପାରରେ ନିରନ୍ତର ଉତ୍ସାହିତ କରୁଥିଲେ । ମାନ ଅପମାନକୁ ତିଳାର୍ଦ୍ଧେ ଭ୍ରୂକ୍ଷେପ

---

* ନାରୀକବି ହୋଇ ଉଭେ ଏକଇ ଗ୍ରାମରେ
ବାସ ଗୋଟି କର ଯାଇ ଆନନ୍ଦ ମନରେ
ଅନେକ ଗ୍ରାହକ ଆସି ପଢ଼ିବେ କବିତା
ଦୁଇ ଚାରି ଟଂକା ଦେବେ ଚିହ୍ନି ବିବେକତା
ବୟସତ ଊଣା ଅଟେ ଉତ୍ତମ ଯୌବନ
ଏଣେ ଦେହେ ପୂରିଅଛି କବି ରୂପ ଧନ
ବୃତ୍ତିକର ସ୍ୱଚ୍ଛଭାବେ ନ ଭୁଂଜ କଷଣ
ଅନେକତ ସାରଛନ୍ତି ଉତ୍କଳ ଭୁବନ ।
(ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)-ଗୁପ୍ତକଥା--ପୃଷ୍ଠା ୧୨୮)

● ଶ୍ରୀ ରାଧାଚରଣ ପଣ୍ଡା—ନାରୀ କବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ (୧୯୬୮) ପୃ ୧୧୨

Digitized by srujanika@gmail.com

ନ କରି ସେ ସହଧର୍ମିଣୀ ଅନ୍ନପୂର୍ଣ୍ଣାଙ୍କ କବି-ଜୀବନର ବିକାଶ ଲାଗି ସମ୍ଭାବ୍ୟ ସୁଯୋଗ ଓ ଅବସର ଯୋଗାଇ ଦେଇଥିଲେ । ନାରୀ କବିଙ୍କ କାବ୍ୟ-ପ୍ରେରଣାର ଉତ୍ସ ଏକ ଅଦୃଶ୍ୟ ଇଂଗିତ ହୋଇପାରେ ମାତ୍ର ବସ୍ତୁତଃ ଉତ୍ସାହର ଦୀପଶିଖା ଥିଲେ ତାଙ୍କର ସ୍ୱାମୀ ଶ୍ରୀରାମ ପଟ୍ଟନାୟକ । ଅନ୍ୟ କଥାରେ କହିଲେ; ଆରାଧ୍ୟ ପ୍ରଭୁଙ୍କ ସ୍ୱପ୍ନ-ସଂକେତ ଏବଂ ଜୀବନ ସାଥି ପତିଙ୍କର ଅନାହତ ଉତ୍ସାହ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ କବି-ଗୌରବରେ ଭୂଷିତ କରିଥିଲା । କାବ୍ୟ-ଲତିକା ଅନ୍ନପୂର୍ଣ୍ଣା; ପ୍ରେରଣା ପାଦପ ଶ୍ରୀରାମ ପଟ୍ଟନାୟକଙ୍କ ଆଶ୍ରୟରେ ପରିପୁଷ୍ଟ ଓ ଗୌରବ ମଣ୍ଡିତ ହୋଇଥିଲେ । କବି ଅନ୍ନପୂର୍ଣ୍ଣାଙ୍କ ସ୍ୱୀକୃତିରେ ମଧ୍ୟ ଏହା ଏକ ମହନୀୟ ଉଚ୍ଚାରଣ ହୋଇଥିଲା ଯେପରି.........

‘ତୁମେ ଅଟ ଦେବ ଅଟଳ ମନ୍ଦର/ମୁହିଁ ଅଟେ ତହିଁ ସୁଚନ୍ଦ୍ରା
ତୁମେ ଅଟ ଦେବ ମନର ଉତ୍ସାହ/ମୁହିଁ ତବ କଳ୍ପ କବିତା
ତୁମେ ଅଟ ଦେବ ତପନ କିରଣ/କର ହୃଦ ବିଶ୍ୱେ ପ୍ରକାଶ
ମୁହିଁ ଅଟେ ତହିଁ ସୁନ୍ଦର କମଳ/ଭବ ରୂପେ ହୁଏ ବିକାଶ । *

ସ୍ୱାମୀଙ୍କର ସମର୍ଥନ ଓ ସତ୍ପ୍ରଶଂସ ଦୃଷ୍ଟି ଯଦି ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ଅନୁପ୍ରେରିତ କରି ନଥା’ନ୍ତା ତାହାହେଲେ ସେ ଅନ୍ତଃପୁରର ଅବରୋଧ ଓ ସାମାଜିକ ନିର୍ଯ୍ୟାତନାରେ ପେଶି ହୋଇ ଆପଣାର ସତ୍ତା ହରାଇଥାନ୍ତେ ସିନା ବଂଚିବାର ମହତ ମୂଲ୍ୟ ତାଙ୍କୁ ଆଉ ମିଳିଥାନ୍ତା କି ? ସାମାଜିକ ପ୍ରତିଷ୍ଠା ପ୍ରାପ୍ତି କିଂବା ସ୍ୱକୀୟ ପ୍ରତିଭାର ପ୍ରଦର୍ଶନ ବ୍ୟାପାରରେ ନାରୀ ଯେ କେତେ ପଶ୍ଚାଦପଦ ତାର ଦୃଷ୍ଟାନ୍ତ ଇତିହାସରେ ବିରଳ ନୁହେଁ । ଯୁଗେ ଯୁଗେ ନାରୀ, ସମାଜର ଚଳନ୍ତି ସଂସ୍କାର ଓ ପାରଂପରିକ ବନ୍ଧନରେ କବଳିତ । ତେଣୁ ସମୟ ଭେଦରେ ନାରୀର ସ୍ୱାଧିକାର ଓ ସ୍ୱାଧୀନତା ଖର୍ବୀକୃତ ହୋଇଛି । ଯେଉଁଠି ସାମାନ୍ୟ କିଛି ପ୍ରୋତ୍ସାହନ ନାରୀ ପ୍ରତିଭାକୁ ଉନ୍ମାଦିତ କରିଛି ସେଠି ସେ, ସକଳ ଅବଗୁଣ୍ଠନକୁ ଫିଙ୍ଗିଦେଇ ବ୍ୟକ୍ତିତ୍ୱର ମୂଲ୍ୟ

---

* ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ—ବିଚ୍ଛେଦ ମିଳନ (୧୯୪୧)— ତୁମେ ଓ ମୁଁ କବିତା, ପୃଷ୍ଠା ୩, ଶାରଦା ପ୍ରେସ, ବ୍ରହ୍ମପୁର ।

Digitized by srujanika@gmail.com

ବୃଦ୍ଧି ଲାଗି ଯତ୍ନ କରନ୍ତି । ସେପରି ଏକ ବ୍ୟକ୍ତିତ୍ୱର ଦୃଷ୍ଟାନ୍ତ ହେଉଛନ୍ତି ନାରୀକବି ଅନ୍ନପୂର୍ଣ୍ଣା ।

ଜୀବନରେ ପଦେ ପଦେ ସେ ନିର୍ଯ୍ୟାତନା ଭୋଗିଛନ୍ତି ସତ, ମଥାପୋତି ଅବିଚାରକୁ ସହି ନାହାନ୍ତି । ମଣିଷର ନିର୍ମଳ ସତ୍ତାକୁ ଆଦର କରିଛନ୍ତି; ଛଦ୍ମ କପଟକୁ ପଦେ ପଦେ ନିନ୍ଦିଛନ୍ତି । ନିଜ ମନର ସ୍ୱଚ୍ଛ ମୁକୁରରେ ସେ, ମଣିଷ ସମାଜର ସୁସ୍ଥ ଛବି ଦର୍ଶନ ପାଇଁ ଇଚ୍ଛା କରିଛନ୍ତି । ସବୁବେଳେ ଆଶା କରିଛନ୍ତି ଯେ; ସେ ନିଜେ ଯେପରି ଦେଶବାସୀ ଭାଇ-ଭଉଣୀମାନଙ୍କ ପାଇଁ ଚିନ୍ତିତ, ତାଙ୍କ ପାଇଁ ଦେଶବାସୀ ସେହିପରି ଚିନ୍ତା କରନ୍ତୁ ! କିନ୍ତୁ ତାଙ୍କୁ ସେମିତି କିଛି ଉତ୍ସାହ ଜନକ ଫଳ ମିଳିନାହିଁ । ଦେଶବାସୀଙ୍କର ନିଷ୍କ୍ରିୟତା ଦେଖି ନାରୀ କବିଙ୍କର ମନ ଅଭିମାନରେ ନଇଁ ଯାଇଛି :

ଅଛ କହେ ସୁସନ୍ତାନେ ଉତ୍କଳ ମାତାର
ଚିହ୍ନିବାକୁ ଭଗିନୀର ହୃଦୟ ଭଣ୍ଡାର
ଜାଣି ଶୁଣି ପଛଘୁଞ୍ଚା ଦେଉଛ କିପାଇଁ
ଅଭିମାନ ରଖିବାକୁ ସାହାସ କି ନାହିଁ ? *

ନାରୀ କବିଙ୍କର ସତ୍ୟାଶ୍ରିତ ବିପ୍ଳବୀ ମନର ଆହ୍ୱାନ ଯଦି ଦେଶବାସୀ ଯଥାର୍ଥ ଭାବେ ଉପଲବ୍ଧି କରିଥାନ୍ତେ ତାହାହେଲେ ରାଜାରଜୁଡ଼ା ମାନଙ୍କର ଖିଆଲି ଶାସନର କୁପରିଣାମ କିଏ ତାଙ୍କୁ ଭୋଗିବାକୁ ପଡ଼ିଥାନ୍ତା ? ଚଞ୍ଚଳତା ସତ୍ତ୍ୱେ ତାଙ୍କର ବ୍ୟକ୍ତିତ୍ୱ ଯେ ସ୍ୱାଭିମାନର ଗୌରବକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବଞ୍ଚେଇ ରଖିଥିଲା; ତାହାହିଁ ତାଙ୍କ ଜୀବନର ବିଶେଷତ୍ୱ ।

ସଂପାଦିକାଙ୍କ ସାରସ୍ୱତ ସଂଗ୍ରାମ

ଲକ୍ଷ୍ମୀନାରାୟଣ ସାହୁଙ୍କର ପ୍ରସ୍ତାବ କ୍ରମେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ମହିଳାର ପତ୍ରିକାଟିର ସଂପାଦନା ଦାୟିତ୍ୱ ବହନ କରିବା ପରେ

* ନାରୀ କବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ—ବିବିଧ କବିତା ବିଭାଗର ନିବେଦନ କବିତା, ପୃଷ୍ଠା ୩୮୧ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ସଂପାଦିକା ଅନ୍ନପୂର୍ଣ୍ଣା

Regd No. D 127

SAHAKAR

The Oriya Monthly Magazine

Established by

T. I. Lakshminarayan Sahu M. A., Member, Servants of India society.

Vol. VI.] May and June, 1926. [8th and 9th issue.

୬ଷ୍ଠ ଭାଗ } ବୈଶାଖ ଓ ଜ୍ୟେଷ୍ଠ—୧୩୩୩ ସାଲ { ୮ମ ଓ ୯ମ ସଂଖ୍ୟା

ସଚିତ୍ର

ସହକାର

ମାସିକପତ୍ର ।

ସଂପାଦିକା ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

Printed and Published by R. SAHU at MAHANADI PRESS, Cuttack

[ସଚିତ୍ର ସହକାର—ବୈଶାଖ ଓ ଜ୍ୟେଷ୍ଠ—୧୩୩୩ ସାଲ, ଷଷ୍ଠ ଭାଗ, ୮ମ-୯ମ ସଂଖ୍ୟାର ପ୍ରଚ୍ଛଦ ଚିତ୍ର]

Digitized by srujanika@gmail.com

ସଂପାଦିକା ଉବାଚ

ସମ୍ପାଦିକା ।

[ଲେଖିକା—ଶ୍ରୀମତୀ ଅନ୍ନପୂର୍ଣ୍ଣା ।]

ସମ୍ପାଦକାର ଅର୍ଥ କଣ ? ପୃଥିବୀ ଓ ନର ନାରୀଙ୍କ ହୃଦୟ ଭାବରାଶି ଉତ୍ତୋଳନ ଓ ସଂକଳନ କରିବା, ସକଳର ଭାବରାଶି ସମ୍ପାଦନ କରିବା, ଅରୁ ସମସ୍ତଙ୍କର ଭାବରାଶି ଲେଖନୀର ସୁନ୍ଦରତା, ଲୋକରେ ଗ୍ରାହ୍ୟତା, ସୁପାଠ୍ୟ କରିବା ସମ୍ପାଦକାର କର୍ତ୍ତବ୍ୟ । ଜଣେ ଲେଖକ ବା ଲେଖିକାଙ୍କ ଭାବ ଏକାଥରକେ ସର୍ବବାଦୀ-ସମ୍ମତ ହୋଇଯିବ ଏହା କଦାପି ସମ୍ଭବ ନୁହେଁ । ଏହାବୋଲି ତାହାଙ୍କର ଲେଖା ଭୁଚ କରିବାକୁ ହେବନାହିଁ । କାରଣ ଅବଶ୍ୟ ସେ ନିଜର ଭାବସ୍ୱାତନ୍ତ୍ର୍ୟର କର୍ତ୍ତବ୍ୟ ସୀମାରେ ଯଦି ନିଜର ଭୁକ୍ତଭୋଗ ଚର୍ମଦୃଷ୍ଟି ମସ୍ତିଷ୍କ ଗ୍ଭଳନା କରି ଲେଖିଥାଏ । ତାହା ଭଲ ବା ମନ୍ଦ ବୋଲିବା ହଠାତ୍ ସିଦ୍ଧାନ୍ତ କରିଦେଲେ ଲେଖକର କୋମଳ ମାନସରେ ବଜ୍ରାଘାତ ହୋଇ ପାରେ । ସମସ୍ତଙ୍କ ହୃଦୟ-ଜଗତରେ ସମ୍ପାଦକା ଦାୟିତ୍ୱ ଦୁର୍ଲଭ ପ୍ରବେଶକରି ଲୋକ ମନରଞ୍ଜନ କରିବା, ଗ୍ରାହକ ଗ୍ରାହିକାଙ୍କ ବାଙ୍ମୟ-ସାଗରର ଢେଉରେ ଖେଳ ଭାବତରଙ୍ଗକୁ ପ୍ରେମଦୃଷ୍ଟିରେ ବାରମ୍ବାର ଗ୍ରହିବା, ନିଜର ଶକ୍ତିରେ ମାର୍ଜ୍ଜନା କରି ଜନସାଧାରଣର କରପୁଟରେ ଅର୍ପଣ କରିବା ସମ୍ପାଦକାର କର୍ତ୍ତବ୍ୟ । ଗୋଟିଏ କଥା ମନେ ରଖିବାକୁ ହେବ । ଲେଖକ ଲେଖିକାଙ୍କ ଲେଖନୀ ଧାରଣା କରିବା ପୂର୍ବେ ଲେଖିବ ବିଷୟ ନିଜ ଚନ୍ଦ୍ରାଗ୍ରତ୍ୟରେ ଉତ୍ତମରୂପେ ବିଗ୍ଭର କରି ଲେଖନୀ ଗ୍ଭଳନା କଲେ ଦେଶର ଓ ଜାତିର ମଙ୍ଗଳ ହେବ ଅରୁ ସମ୍ପାଦକା ଦାୟିତ୍ୱରେ ବହୁ ଅଘାତ ଅସିବନାହିଁ ।

[ସହକାର—ବୈଶାଖ ୧୩୩୩ ସାଲ, ୬ଷ୍ଠ ଭାଗ, ୮ମ ସଂଖ୍ୟା
ପୃଷ୍ଠା ୧୭୫ରେ ପ୍ରକାଶିତ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର
ସଂପାଦିକା ପ୍ରବନ୍ଧର ପ୍ରାମାଣିକ ଚିତ୍ର ।]

Digitized by srujanika@gmail.com

ପତ୍ରିକାର ରୂପରେଖ ବଦଳାଇ ଦେବାଲାଗି ଯଥାସମ୍ଭବ ଉଦ୍ୟମ କରିଥିଲେ । ସଂପାଦନାର ଦାୟିତ୍ୱ ବୋଧ ସଂପର୍କରେ ସେ ଯେଉଁମତ ପୋଷଣ କରିଥିଲେ ତହିଁରେ ଉନ୍ନତ ଚିନ୍ତା ଓ ରୁଚି ଜ୍ଞାନର ପରିଚୟ ମିଳୁଥିଲା । ଲେଖକ ଲେଖିକାଗଣ ବିଚାର କରି ତାଙ୍କ ରଚନାରେ ଉତ୍ତମ ଚିନ୍ତାର ଉଲ୍ଲେଖ କରିପାରିଲେ ତାହା ଦେଶ ଓ ଜାତିର ହିତ ସାଧନ କରିବ, ଏହି ମର୍ମରେ ସଂପାଦିକା ଅନ୍ନପୂର୍ଣ୍ଣା ଦେବୀ ଲେଖକ ଲେଖିକା-ମାନଙ୍କୁ ସଂଗଠିତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏ ଦେଶର ଅସହିଷ୍ଣୁ ଲୋକେ, ନାରୀ କବିଙ୍କର ଏପରି ଏକ ପଦ ମର୍ଯ୍ୟାଦାକୁ ସହିପାରିଲେ ନାହିଁ । ପରାଧୀନ ରାଷ୍ଟ୍ରର ଏକ ସଂଗ୍ରାମଶୀଳ ପରିସ୍ଥିତିରେ ଜଣେ ନାରୀ ଜନମତ ସଂଗଠନର ନେତୃତ୍ୱ ନେବ ଏବଂ ତାକୁ ସମସ୍ତେ ଉଦାର ହୃଦୟରେ ବିବେଚନା କରି ଗ୍ରହଣ କରିବେ; ଏହା ଓଡ଼ିଶା ଲୋକଙ୍କୁ ଖୁବ୍ ବାଧିଲା । ସେମାନେ ନିଜର ଦୁର୍ବଳତାକୁ ଘୋଡ଼ାଇଦେଇ ସଂପାଦିକାଙ୍କର ଅପାରଗତା ସପକ୍ଷରେ ସ୍ୱର ଉତ୍ତୋଳନ କଲେ ।

ଓଡ଼ିଶାର ପତ୍ର-ପତ୍ରିକାର ଇତିହାସରେ କେବଳ ଆଶା ପତ୍ରିକା (୧୮୯୨)ର ସଂପାଦିକା ରେବା ରାୟଙ୍କ ବ୍ୟତୀତ ଆଉ କେହି ନାରୀ, ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ପରି ସମ୍ପାଦିକା ଭୂମିକାରେ କାର୍ଯ୍ୟ ତୁଲାଇଥିବା ଜଣାଯାଏ ନାହିଁ । ବିବିଧ ବିରୋଧ ସତ୍ତ୍ୱେ, ନୂତନ ଭୂମିକାରେ ଅଟଳ ରହି କାର୍ଯ୍ୟ କରିବାର ଯେଉଁ ନିର୍ଭୀକ ଆତ୍ମପ୍ରତ୍ୟୟ ଅନ୍ନପୂର୍ଣ୍ଣାଙ୍କ ଠାରେ ପ୍ରକାଶ ପାଇଥିଲା—ତାହା ନିଶ୍ଚିତ ଭାବେ ସେ କାଳର ଇତିହାସରେ ଏକ ବିସ୍ମୟ । ସମାଲୋଚକ ମାନଙ୍କର ପ୍ରତିବାଦର ଉତ୍ତରରେ ସେ ଯେଉଁ ପତ୍ର ପ୍ରକାଶ କରିଥିଲେ, ତହିଁରେ ତାଙ୍କ ମନର ନିର୍ବିଚଳତା ଓ ପ୍ରକାଶ ଭଙ୍ଗୀର ଶାଳୀନତା ବେଶ ପରିସ୍ଫୁଟ । ସମ୍ପାଦିକା ଅନ୍ନପୂର୍ଣ୍ଣା ଦେବୀ, ବିଦ୍ୱେଷୀମାନଙ୍କୁ ପ୍ରଶ୍ନ କରିଥିଲେ,—'ଆପଣମାନେ କହିଛନ୍ତି, ସହକାରୀ'ଟିର ପ୍ରାଣ ନାଶ କରି ସାହିତ୍ୟ ଓ ବାରୁଣୀକୁ ଚିରଂଜୀବୀ ଓ ଶ୍ରୀମାନ କଲେ ଭଲ ହେବ । ତାହା କେବଳ ସହକାରୀର ମୃତ୍ୟୁ ହେଲେ ଏକା ହେବ, ସେ ଜୀବିତ ଥାଉଁ ଅନ୍ୟର ଶ୍ରୀ ବୃଦ୍ଧି ସାଧନ ଅସମ୍ଭବ କି ? ତାହା ମୋ ହାତରେ ରହି ଆପଣମାନଙ୍କ ଦ୍ୱାରା ତାହାର ସୌନ୍ଦର୍ଯ୍ୟ ସମ୍ପାଦିତ ହେଲେ ଭାଇମାନଙ୍କର

Digitized by srujanika@gmail.com

ଓ ଦେଶର କ୍ଷତି କଅଣ ? ମୋର ନାମ ଓ ପ୍ରତିଷ୍ଠା କାହାର କରଗତ, ଅଳ୍ପ ଚିନ୍ତା କରି ଦେଖିବେ କି ?' *

ଏହା ଅନ୍ନପୂର୍ଣ୍ଣାଙ୍କର ନାରୀ ମନର ଦୁର୍ବଳ ଉଚ୍ଚାରଣ ନୁହେଁ ବରଂ ଗଠନକାମୀ ସଂଗ୍ରାମୀ ମନନର ଅଭିବ୍ୟକ୍ତି । ଏଇ ଶକ୍ତି ହେଉଛି, ସମ୍ପାଦିକା ଅନ୍ନପୂର୍ଣ୍ଣାଙ୍କର ମୌଳିକ ଶକ୍ତି । ବିବେକର ଅନୁପ୍ରେରଣାରେ ଏହା ପରିଚାଳିତ, ସତ୍ୟ ବଳର ଆଧାରରେ ଏହା ଗଠିତ । ସୁତରାଂ କୁହାଯାଇପାରେ ଯେ, ନାରୀ କବିଙ୍କର ସାରସ୍ୱତ ଜୀବନ, ପୁଷ୍ପିତ ନନ୍ଦନ—ବନର ଭୋଗ ବିଳାସରେ ପରିବର୍ଦ୍ଧିତ ହୋଇନାହିଁ; ପଦେ ପଦେ ଶତ ସମସ୍ୟାର କଣ୍ଟକ ପୀଡ଼ାରେ କ୍ଷତାକ୍ତ ହୋଇ ଆପଣାର ନିର୍ମଳ ଶୁଦ୍ଧ ସତ୍ତା ପ୍ରତିଷ୍ଠିତ କରିଛି । ସକଳ କ୍ଷେତ୍ରରେ ସେ, ଆପଣାର ବୌଦ୍ଧିକ ସ୍ୱାଧୀନତାକୁ ସଂରକ୍ଷିତ କରିବା ଲାଗି ପ୍ରାଣ ପଣେ ଉଦ୍ୟମ କରିଛନ୍ତି । ନାରୀ କବି, ଜୀବନର ଅନ୍ତିମ ଅପରାହ୍ଣ ପର୍ଯ୍ୟନ୍ତ ଏଇ ଶୁଦ୍ଧ ଆତ୍ମ ସତ୍ତାର ଅକ୍ଷୟ ଗୌରବକୁ ସାଥିରେ ଘେନି ଦୁନିଆରୁ ବିଦାୟ ନେଇଛନ୍ତି ସିନା, କେବେହେଲେ ଦୁନିଆ ହାଟର ଶିକାର ହୋଇ ନାହାନ୍ତି । ଦୁନିଆରୁ ଚିର ବିଦାୟ ନେଲାବେଳର ଅଦ୍ଭୁତ ଘଟଣାଟି ମୁଁ ନାରୀ କବିଙ୍କର ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ମନୋରମା ପଟ୍ଟନାୟକଙ୍କ ମୁଖରୁ ଶୁଣିଛି ଏବଂ ଅଭିଭୂତ ହୋଇଛି ।

କବି ଜୀବନର ଦିନାନ୍ତ

ଶୁଣିଲି, ନାରୀକବି, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବେଶ ସୁସ୍ଥ ଓ ପ୍ରଫୁଲ୍ଲଥାନ୍ତି । ସ୍ୱାମୀ ତାଙ୍କର ବହୁ ଦିନରୁ ସ୍ନାୟୁବିକ ଦୁର୍ବଳତା ହେତୁ ଶଯ୍ୟାଶାୟୀ ହୋଇ ବ୍ରହ୍ମପୁର ବାସଭବନରେ ଚିକିତ୍ସିତ ହେଉଥାନ୍ତି । ଘରର ସକଳ ଦାୟିତ୍ୱ ଓ ସ୍ୱାମୀଙ୍କର ସେବା ଶୁଶ୍ରୂଷା ଅନ୍ନପୂର୍ଣ୍ଣା ଦେବୀ, ପୁଅ ଝିଅଙ୍କ ସାହାଯ୍ୟରେ ତୁଲାଉଥାନ୍ତି । ନିୟତିର ଏଇ ଅବସ୍ଥାର ପାଇଁ କେବେ ଦୁଃଖ କରି ନାହାନ୍ତି କିଂବା ସଂତାନ ସଂତତିଙ୍କୁ ଦୁଃଖ ମଗ୍ନ

---

* ଗଡ଼ଜାତ ବାସିନୀ—୧୪ଶ ଭାଗ / ୨୨ଶ ସଂଖ୍ୟାରେ ପ୍ରକାଶିତ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର ପତ୍ରରୁ ଉଦ୍ଧୃତ ।

Digitized by srujanika@gmail.com

କରାଇ ନାହାନ୍ତି । ଠାକୁର ସେବା ଓ ସ୍ୱାମୀ ସେବା —ଏହାକୁ ଜୀବନର ଶ୍ରେଷ୍ଠ ବ୍ରତ ବିଚାରି ଏଥିରେ ସେ ନିବିଷ୍ଟ ରହିଥାନ୍ତି । ହଠାତ୍ ଶଯ୍ୟାଶାୟୀ ସ୍ୱାମୀ ଶେଷ ଦିନକୁ ଉଦରାମୟରେ ଆକ୍ରାନ୍ତ ହୋଇ-ପଡ଼ିଲେ । କ୍ଷଣକୁ କ୍ଷଣ ରୋଗର ପ୍ରକୋପ ବଢ଼ୁଥାଏ, ସମସ୍ତେ ସେବାରେ ଲାଗିଥାନ୍ତି । ଅନ୍ନପୂର୍ଣ୍ଣା ଦେବୀ କପ୍ପୂର୍ଦକ୍ଷଣ ପାଇଁ ଠାକୁର ଘରକୁ ଗଲେ । ରୋଗ ବିମୋଚନର ସମ୍ଭାବନା ନ ଦେଖି ବନ୍ଧୁ ବାନ୍ଧବମାନେ ଶ୍ରୀରାମ ପଟ୍ଟନାୟକଙ୍କର ଶେଷ ମୁହୂର୍ତ୍ତ ଆସିଗଲା ବୋଲି ଆଶଂକା କଲେଣି । ନାରୀ କିନ୍ତୁ ତ ଠାକୁର ଘରେ; ଏପରି ଆଶଂକାଠାରୁ ନିଜକୁ ନିର୍ଲିପ୍ତ ରଖିବା ପାଇଁ ତାଙ୍କର ସାଧନା ଚାଲିଥାଏ । ଇଷ୍ଟ ଶ୍ରୀ ରାଧାକୃଷ୍ଣ ବିଗ୍ରହ ଚରଣରେ ଧ୍ୟାନସ୍ଥ ଥାଇ ସେ ଗାୟତ୍ରୀ ମହାମନ୍ତ୍ର ଜପୁଥାନ୍ତି । ଠାକୁରଙ୍କଠାରେ ଆଉ ଅଳି କରୁଥାନ୍ତି କି ?

ବଡ଼ ଝିଅ ମନୋରମା ଠାକୁର ଘର ଭିତରକୁ ପଶି ଯାଇଁ ଯାଇଁ ଦେଖିଲେ ଯେ, ମା ତାଙ୍କର ଠାକୁରଙ୍କ ସାମନାରେ ମୂର୍ଚ୍ଛିତା, ଚେତା ନାହିଁ । ଘରେ ହୁରି ପଡ଼ିଗଲା । ସଂଗେ ସଂଗେ ଅନ୍ନପୂର୍ଣ୍ଣା ଦେବୀଙ୍କୁ ଉପସ୍ଥିତ ବନ୍ଧୁ ବାନ୍ଧବ ଡ଼ାକ୍ତରଖାନାକୁ ନେଲେ । ସେତେବେଳକୁ ମଧ୍ୟରାତ୍ରି ଆସନ୍ନ ପ୍ରାୟ । ଘରେ ମାତ୍ର ଦୁଇ ତିନି ଘଣ୍ଟା ଚିକିତ୍ସିତ ହୋଇଛନ୍ତି କି ନାହିଁ ଶ୍ରୀରାମ ପଟ୍ଟନାୟକଙ୍କର କାଳ ପୂରିଗଲା (ଅକ୍ଟୋବର ୪, ୧୯୪୮) । ଚେତାଶୂନ୍ୟା ଅନ୍ନପୂର୍ଣ୍ଣାଙ୍କ କାନକୁ ଏଇ ବିଷାଦ ବାର୍ତ୍ତା ପ୍ରବେଶ କରେ କିମିତି ? ଘରୁ ଡ଼ାକ୍ତରଖାନା, ମାତ୍ର ଅଳ୍ପ ବାଟର ବ୍ୟବଧାନରେ ସ୍ୱାମୀ-ସ୍ତ୍ରୀଙ୍କର ବିଶ୍ରାମ । ବାର୍ତ୍ତା ବିତରଣରେ ହୁଏତ ହେଲା ନ ଥିଲା ମାତ୍ର ଶୁଣୁଛି କିଏ ? ଯାହାକୁ ଶୁଣାଇବା ପ୍ରଥମ କର୍ତ୍ତବ୍ୟ, ସିଏ ତ ଅଚେତା ! ଡ଼ାକ୍ତର ଖବର ଦେଲେ—ଅନ୍ନପୂର୍ଣ୍ଣା ସଂପୂର୍ଣ୍ଣ ନିଃସ୍ପନ୍ଦ, ସ୍ନାୟୁଶକ୍ତି ନିଷ୍କ୍ରିୟ, ନିଃଶ୍ୱାସ ପ୍ରଶ୍ୱାସର ଗତାଗତ ଆଉ ନାହିଁ—ସବୁ ଶେଷ (୧୯୪୮, ଅକ୍ଟୋବର ୪ ତାରିଖ) । କେବଳ ପଡ଼ିରହିଛି ଚର୍ମସାର ଶରୀର । ପ୍ରାଣର ଆକୁତି ପ୍ରାଣ ବୁଝିଛି । ମିଳନର ମହା ସିନ୍ଧୁରେ ଦୁହିଁଙ୍କର କୋଳାକୋଳି । ଚକୁଆ ଚକୋଇଙ୍କର ସଂସାର-ନିବାସ ତୁଟିଯାଇଛି । ଏବେ ଏକାନ୍ତ ନିବାସର ଅଭିଯାତ୍ରୀ ସେମାନେ ।

Digitized by srujanika@gmail.com

ନାଗ୍ରୀକବି ଗୃହଗଲେ । ସ୍ୱାମୀଙ୍କର ଚିତାନଳରେ ତାଙ୍କର ଶେଷକ୍ରିୟା ନିଷ୍ପନ୍ନ ହେଲା । ଏ ପ୍ରାଣ ଖୋଜୁଥିଲା ଯାହା କାଳେ ପ୍ରାପତ ହେଲା ତାହା । ପରିବାର ବାନ୍ଧିଲା ବେଳୁ ନାଗ୍ରୀକବିଙ୍କର ମନ ବାରମ୍ବାର ଠାକୁରଙ୍କଠାରେ ଆକୁଳ ଆକୁତି ବାଢ଼ିଛି; ପ୍ରଭୁଙ୍କର ଆଶିଷରୁ ସେ ଯେପରି ଜନ୍ମ ଜନ୍ମାନ୍ତରେ ପତିଙ୍କର ସଂଗେ ସମଗତି ଲାଭ କରନ୍ତି । ପତି ସଂଗେ ତାଙ୍କର ଗତି—ଏହାହିଁ ଥିଲା ତାଙ୍କର ଶ୍ରେଷ୍ଠ ଇଚ୍ଛା । ଏପରି ଇଚ୍ଛା ଅନ୍ନପୂର୍ଣ୍ଣା ଦେବୀ ଯୌବନ କାଳରୁ ପୋଷଣ କରିଥିଲେ । * ବିଭୁ ପଦରେ ତାହାକୁ ନିବେଦିତ କରିଦେଇଥିଲେ ।

ଏପରି ସ୍ୱରର ଉଚ୍ଚାରଣ ସେ ସଚେତନ ଭାବରେ ବାରମ୍ବାର କରିଛନ୍ତି । ହୃଦପୁର ନିଭୃତ ଅଭିଳାଷ ଇଏ । ପରିବାରରେ ପଶିଲା ବେଳୁ ଏଇ ଯାଚଞ୍ଚାରେ ଅନୁଳିପ୍ତ ହୋଇଛି ତାଙ୍କର ମନ । ତେଣୁ ସ୍ୱାମୀଙ୍କର ଛାୟା—ମୂର୍ତ୍ତିପରି ଆପଣାକୁ ଚିହ୍ନି ତାଙ୍କ ସହିତ ଜନ୍ମ ଜନ୍ମାନ୍ତର ଧରି ଅଭିନ୍ନ ରହିବାକୁ ସେ ବ୍ୟାକୁଳତା ପ୍ରକାଶ କରିଛନ୍ତି—

ଯେଉଁ ଦିନୁ ଦେଖା / ସେହି ଦିନୁ ପ୍ରଭୁ / ପୋଷିଛି ଏ ଆଶା ମନର
ଛାୟା ସମ ତବ / କାୟାରେ ମିଶି ମୁଁ / ତରିଯିବି ଦୁଃଖ ସାଗର ।÷

---

* 'ଏହି ଧନ ଯେହ୍ନେ ମୁହିଁ ଜନ୍ମାନ୍ତରେ / ପାଉଥିବି ସେବୁଥିବି ପତି ଚରଣରେ / ପତି ମୋ ପ୍ରତ୍ୟକ୍ଷ ଦେବ ଜୀବନେ ଜୀବନ / କରିଛତ ପ୍ରଭୁ ତୁମ୍ଭେ ନ ଦିଅ କଷଣ / ଉଭୟଙ୍କୁ ସମଗତି ଦିଅ ଭଗବାନ / ଗୋଟିକୁ ଘେନିଣ ଯାଇ ଅନ୍ୟକୁ ଅଜ୍ଞାନ / ନ କରିବ କଦାପି ହେ କରୁଛି ବନ୍ଦନ / ଏହି ଆଶେ ପଦ୍ୟ ଲେଖି କରେ ନିବେଦନ ।' (ନାଗ୍ରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ଅନ୍ତର୍ଗତ ବିବିଧ କବିତା ବିଭାଗର 'ନନ୍ଦଘୋଷ' କବିତା ଦ୍ରଷ୍ଟବ୍ୟ ।)

÷ ଏ ଜନ—ବିଚ୍ଛେଦ ମିଳନ କବିତା ବିଭାଗ ଅନ୍ତର୍ଗତ 'ତୁମେ ଓ ମୁଁ' କବିତା, ପୃଷ୍ଠା ୩୧୧ ।

Digitized by srujanika@gmail.com

ଦୁଇ ପ୍ରାଣୀ ସତେ ଯେମିତି ଚକୁଆ ଚକୋଇ । ଦୁହିଁଙ୍କର ଜୀବନ ପଥରେ କୌଣସି ଫାଟ ନ ପଡ଼ୁ, ଆଗ ପଛ ସେମାନେ ସଂସାର କର୍ମ ତ୍ୟାଗକରି ଚିର ବିଦାୟ ନ ନେଉନ୍ତୁ—ଏପରି ଇଚ୍ଛାର ପରିଣତି ବାସ୍ତବରେ କଣ ସଫଳ ହୋଇଥାଏ ?

କିନ୍ତୁ ନାରୀ କବିଙ୍କର ଜୀବନରେ ତାହା ସତ ହୋଇଛି। ନିଷ୍ଠା ଓ ବିଶ୍ୱାସ ବଳରେ ଭାବନାର ପ୍ରତିଟି ଅକ୍ଷର ଅକ୍ଷୁର୍ଣ୍ଣଭାବେ ଫଳିଛି । ଏଥିରୁ ମନେ ହେଉଛି—ଭାବନାର ଐକାନ୍ତିକତାହିଁ ନାରୀ କବିଙ୍କର ଜୀବନରେ ଘଟଣାର ବାସ୍ତବତା ପାଇଁ ଏକାନ୍ତ ଦାୟୀ । ଭାବନା ଭିତରେ ଯଦି ପ୍ରତାରଣା ଥାଆନ୍ତା ତାହାହେଲେ ଭାବନା ଅନୁଯାୟୀ ଫଳ ଫଳନ୍ତା ନାହିଁ । ଘଟଣା ଗୁଡ଼ିକ ଯେଉଁଠି ଚିନ୍ତା ପ୍ରେରିତ ବା ଅଭିଳାଷ ଅନୁଗାମୀ ହୋଇ ପ୍ରକାଶ ପାଉଥାନ୍ତି ସେଠି ବ୍ୟର୍ଥତାର ଆଶଂକା ଆସିବ କାହିଁକି ?

ଅନ୍ନପୂର୍ଣ୍ଣା ଏକ ବ୍ୟର୍ଥ-ଶକ୍ତି ନୁହନ୍ତି । ଆର୍ଥିକ କଷଣ ତାଙ୍କ ପାଇଁ ଚିନ୍ତା ଦାରିଦ୍ର୍ୟର ଅସହାୟ ଅବସ୍ଥା ସୃଷ୍ଟି କରିପାରି ନାହିଁ । କାରଣ ସାତ୍ତ୍ୱିକ ମନନର ଅପାପବିଦ୍ଧ ଅନୁଭୂତିରେ ତାଙ୍କର ଜୀବନଗତି ପରିଚାଳିତ । ସେଥିପାଇଁ ସକଳ ପ୍ରକାର ପାର୍ଥିବ କିଂବା ପାରିପାର୍ଶ୍ୱିକ ନିର୍ଯ୍ୟାତନାକୁ ଖାତିର ନ କରି କବି-ଦଂପତି; ଆତ୍ମ-ସଂହତି ରକ୍ଷାଲାଗି ଯତ୍ନବାନ ହୋଇଛନ୍ତି । ଅଶିକ୍ଷିତା ସ୍ତ୍ରୀ ରୂପେ ଆପଣାକୁ ଅଭିହିତ କରୁଥିଲେ ମଧ୍ୟ, ଅନ୍ନପୂର୍ଣ୍ଣା ତାଙ୍କ ସମୟରେ ଯେଉଁ ସମାଜର ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିତଭାବେ ଯେ କୌଣସି ଉନ୍ନତ ସମାଜବିତ୍‌ର ଭାବନାଠାରୁ ଆଦୌ ନ୍ୟୂନ ନୁହେଁ ।

ଅନ୍ନପୂର୍ଣ୍ଣା ଅଗ୍ରଗାମୀ ଚିନ୍ତାର ପୋଷକତା କରି ଯୁଗସନ୍ଧିରେ ଆପଣାକୁ ରେନାସାଁସର ଅନ୍ୟତମ ପ୍ରତିଭୂ ରୂପେ ଚିହ୍ନେଇ ଦେଇଥିଲେ । ତାଙ୍କର ନିଜସ୍ୱ ଦର୍ଶନର ରୂପ-ରୀତି ଏବଂ ପ୍ରତିପୋଷିତ ଦର୍ଶନର ଭାବ-ରାଗ ଚଳନ୍ତି ସମାଜ ଓ ଆଗାମୀ ସମୟ ପାଇଁ କେତେ ଦୂର ଶ୍ରେୟ ବୋଧ ହୋଇଥିଲା ତାହାର ବିଚାର, କବି-ବ୍ୟକ୍ତିତ୍ୱ କଳନା ପ୍ରସଂଗରୁ ହିଁ ପ୍ରତିପନ୍ନ ହେବ ।

Digitized by srujanika@gmail.com

ତେବେ ଏକଥା ସତ ଯେ, ନାରୀକବି ସମସ୍ତର ବାସ୍ତବତାକୁ ଯେତିକ ମର୍ମ ଦେଇ ବୁଝିଛନ୍ତି—ଭବିଷ୍ୟତ ପାଇଁ ସେତିକ ଚିନ୍ତା କରିଛନ୍ତି । ସେ ଯେଉଁ ସମାଜର ସ୍ୱପ୍ନ ଦେଖିଛନ୍ତି ତାହା କୁ-ସଂସ୍କାର ମଗ୍ନ ଅନ୍ଧାରି ମୁଲକର ଏକ ରୂପାନ୍ତର ନୁହେଁ ବରଂ ପରିବର୍ତ୍ତନର ଧରଣୀ-ର ଅଭିଯାତ୍ରୀ ଏକ ନବୀନ ସମାଜର ଆବିର୍ଭାବ । ଏଠି ନାରୀ ହେବ ସକଳ ବନ୍ଧନରୁ ମୁକ୍ତ; ଶିକ୍ଷା ଓ ସଂସ୍କୃତିର ନବ ମୂଲ୍ୟାୟନରେ ଅଂଶୀଦାର । ସେଥିପାଇଁ ଅନ୍ନପୂର୍ଣ୍ଣା ତାଙ୍କର ରହଣି ସ୍ଥାନମାନଙ୍କରେ ନାରୀ-ସମାଜ ସଂଗଠନରେ ସମୟ ଦେଇଛନ୍ତି । ପରଦା ପ୍ରଥାର ଉଚ୍ଛେଦଠାରୁ ଆରମ୍ଭକରି ନାରୀ-ଶିକ୍ଷାର ପ୍ରସାର ପାଇଁ ନିଷ୍ଠାପର କର୍ମୀଙ୍କ ଭଳି ଯତ୍ନ କରିଛନ୍ତି । ଏତେବେଳେ ତାଙ୍କ ମନରେ ଓଡ଼ିଆ ତେଲୁଗୁ, ଖ୍ରୀଷ୍ଟିୟାନ ଆଦି ସାମାଜିକ ଭେଦର ଚିନ୍ତା ଆଦୌ ପ୍ରବେଶ କରି ନାହିଁ । ସେ ତେଲୁଗୁ-ସମାଜକୁ ଯାଇଛନ୍ତି ତ ପୁଣି ଖ୍ରୀଷ୍ଟିୟାନ ମହିଳା ସମିତିରେ ଯୋଗ ଦେଇଛନ୍ତି ।

ନାରୀ କବିଙ୍କ ଭାବନାରେ ସଂକୀର୍ଣ୍ଣ ସାଂପ୍ରଦାୟିକ ବିଗ୍ରହ ପ୍ରବେଶ କରିନାହିଁ । ସେ ମଣିଷକୁ ଦେବ-ଶିଶୁ ବିଗ୍ରହ, ତାହାର ଆତ୍ମାକୁ ସର୍ବୋଚ୍ଚ ମର୍ଯ୍ୟାଦା ଦେଇଛନ୍ତି । ତାଙ୍କ ମନନର ବିବିଧ ଦିଗରୁ ଏ କଥାର ରୂପରେଖ ବାରି ହୁଏ ।

Digitized by srujanika@gmail.com

୩

କାଣ୍ଟଙ୍କ ଦର୍ଶନ / ମୌଳିକ ମନନ

Digitized by srujanika@gmail.com

କବି ମନର ଭୂମିକା

ନାରୀ କବିଙ୍କ ଜୀବନରେ ସାହିତ୍ୟ ହେଉଛି ଏକ ପ୍ରାଣସ୍ଫୂର୍ତ୍ତି, ନିତ୍ୟ ବିଳାସର ଏକ ଅବଲମ୍ବନ । କାବ୍ୟ-ସର୍ଜନା କିଂବା ତତ୍ତ୍ୱ ଚିନ୍ତାର ଅନୁଷଙ୍ଗ ବିନା ଅନ୍ନପୂର୍ଣ୍ଣା ବଂଚିବାର ଯଥାର୍ଥତା ଆଦୌ ଉପଲବ୍ଧି କରୁନଥିଲେ । ସାରସ୍ୱତ-ବିଳାସକୁ ଜୀବନର ବ୍ରତ ରୂପେ ବରଣ କରି ତାଙ୍କର ଆତ୍ମା-ପୁରୁଷ ଆନନ୍ଦମୟ ଅବସ୍ଥାର ଯେଉଁ ଅତୀନ୍ଦ୍ରିୟ ରାଜ୍ୟରେ ଉପନୀତ ହେଉଥିଲା ତାହା ତୁଳନାରେ ପାର୍ଥିବ ଆକର୍ଷଣ କିଛି ନୁହେଁ କହିଲେ ଚଳେ । ସାହିତ୍ୟ ପ୍ରତି ପ୍ରାଣାଧିକ ସଂପର୍କ ଥିବା ହେତୁ ଏହାକୁ ସମର୍ଥନ କରି କାବ୍ୟ-ଛନ୍ଦରେ ନାରୀ କବି ଅନୁକୂଳ ମନ୍ତବ୍ୟ ମଧ୍ୟ ପ୍ରଦାନ କରିଛନ୍ତି—

"ସର୍ବ ବିଦ୍ୟା ମଧ୍ୟେ/ସାହିତ୍ୟ ସମ୍ବନ୍ଧେ/ସର୍ବଦା ଥିଲି ଭାବନା
ବିଳାସିତା ପ୍ରତି/ତଳେ ନାହିଁ ମତି/ଭାବ ନିଅନ୍ତ କଳ୍ପନା । *

ସାରସ୍ୱତ ଉଲ୍ଲାସ ଯୋଗୁଁ ଏପରି ପ୍ରାଣୋପମ ସମ୍ବନ୍ଧର ବାର୍ତ୍ତା କବି ନିଜେ କିଂବା କୌଣସି ତରହ ଜରିଆରେ ଚେତେଇ ଦେବାକୁ ଭୁଲି ନାହାନ୍ତି । କବି ବିଶ୍ୱାସ କରନ୍ତି ଯେ, କାବ୍ୟ-ଭାରତୀ ବା ଶ୍ୱେତଭୁଜାଙ୍କ ଉପାସନାର ପ୍ରଧାନ ଉପକରଣ ହେଉଛି—ସତ୍ୟ, ଭକ୍ତି ଓ ପ୍ରୀତି । ଜ୍ଞାନ ରୂପକ ଦୃଷ୍ଟି ହିଁ ଜ୍ୟୋତିର ପ୍ରକୃଷ୍ଟ ପ୍ରକାଶକ । ନମ୍ରତା ହେଉଛି ଧୂପ, ସାଧକର ମନ ହିଁ କାବ୍ୟଦେବୀଙ୍କ ପାଇଁ ବନ୍ଦନା ସ୍ତୋତ୍ର, ସାନ୍ତ୍ୱନା ଯେ ନୈବେଦ୍ୟ, ଆତ୍ମଦାନ ହେଉଛି,

---

* ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—କଳ୍ପକୁଞ୍ଜ, ପୃଷ୍ଠା ୫,

Digitized by srujanika@gmail.com

ପୁଷ୍ପାଞ୍ଜଳ । * କବିତା ଲାଗି ସିନା କବିର ଆତ୍ମଦାନ, ତା'ହା ପୁଣି କଳ୍ପନାର କୁଞ୍ଜ ବନରେ । ଭାବ-ନଗରର ପ୍ରେମିକ ହେଉଛନ୍ତି ଏଇ କବି; କବିତା ଲାଗି କେତେ ତାର ଲାଳସା !

କବିତା ଲେଖିବାର ଲାଳସା ଯେମିତି ଅନ୍ନପୂର୍ଣ୍ଣା କବିତା ଲେଖି ନାହାନ୍ତି । ଜୀବନକୁ ଶବ୍ଦରେ ଚଢ଼େଇବାର ଅକୁଣ୍ଠ ଆଗ୍ରହ ତାଙ୍କର ଥିଲା । ନିଜ ଜୀବନର ଭିତ୍ତି ଯାହା ହେଉନା କାହିଁକି ସାର୍ବଜନୀନ ଜଗତର ଗତି ଧାରାରୁ ଆପଣା ପାଇଁ ସେ ଯାହା ସଂଗ୍ରହ କରିଥିଲେ ତାହାର ଭାବ-ମୂର୍ତ୍ତି ହିଁ ସେ କାବ୍ୟାକାରରେ ଅଂକନ କରିଥିଲେ । ତାଙ୍କର କବିତା-ସମଗ୍ର ବ୍ୟକ୍ତି-ଜଗତର ନାନା ଅନୁଭୂତି ଓ ବହିର୍ବିଶ୍ୱର ଅବଧାରଣାରେ ଏକାନ୍ତ ଭାବ-ସର୍ବସ୍ୱ । କିନ୍ତୁ ଉଭୟ କ୍ଷେତ୍ରରେ ସାର୍ବଜନୀନ ଆଲେଖ୍ୟର ନିଦର୍ଶନ ବିଦ୍ୟମାନ । ତେଣୁ ଏହା ସାଧାରଣଙ୍କ ପାଇଁ କୌଣସି ନା କୌଣସି ଆବେଦନ ନିଶ୍ଚୟ ଯୋଗାଇଥାଏ ।

କବି ବ୍ୟକ୍ତିଗତ ଜୀବନର ଭୂମିକା ସଂପର୍କରେ ସୂଚନା ଦେବାକୁ ଯାଇ ଉଲ୍ଲେଖ କରନ୍ତି ଯେ, ଅଶ୍ରୁ-ଆଘାତ ଓ ନୈରାଶ୍ୟ-ଅନୁତାପ ହେଉଛି ତାଙ୍କ ଜୀବନର ନିତ୍ୟ ସୁଖ । ଏହା ଏକାଧାରରେ ମଧ୍ୟ ସୁଖର ସ୍ୱପ୍ନ ଓ ବେଦନାର ଅଗ୍ନି । ଉଭୟକୁ ଏକାକାର କରି ଧୈର୍ଯ୍ୟର ମନ୍ଦର ଧରି ସେ ଭାବର ସମୁଦ୍ର ମନ୍ଥନ କରିଛନ୍ତି। ସେଥିରୁ ଯାହା ପାଇଛନ୍ତି ତାହା ହେଉଛି ନିର୍ମଳ କବିତାମୃତ । ଆପଣା ଭାଷାରେ ଏଇ କଥା ସ୍ୱୀକାର କରି କବି ଲେଖିଛନ୍ତି ଯେ—"ବେଦନାର

---

* ସେ ସତ୍ୟ ପୂଜାରି/ସତ୍ୟଟି ସମ୍ଭାର/ଅନ୍ୟ କିଛି ଲାଗେ ନାହିଁ
ଭକତି ସୁମନ / ପ୍ରୀତି ଜଳ ପୂର୍ଣ୍ଣ / ଗନ୍ଧ ଅନୁରାଗ ଥାଇ
ଜ୍ଞାନ ଘୃତ-ଜ୍ୟୋତି / ଧୂପ ନମ୍ର ମତି / ସାଧକ ବନ୍ଦନାବଳୀ
ସାନ୍ତ୍ୱନା ଶୀତଳ / ନୈବେଦ୍ୟ ତଣ୍ଡୁଳ / ଆତ୍ମଦାନ ପୁଷ୍ପାଞ୍ଜଳ ।
ନାଶ୍ୱ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୬୮)—

କଳ୍ପକୁଞ୍ଜ, ପୃଷ୍ଠା ୭

Digitized by srujanika@gmail.com

ଅଗ୍ନି /ତ୍ରାଳ୍ପୁଅଛୁ ବହ୍ନି / କ ନରଣା ଅନୁତାପ/ସନ୍ତବା ସାମର୍ଥ୍ୟ/ପାଇଛୁ ଯଥାର୍ଥ / କରୁଛୁ ଆଘାତ ମାପ / ତାହା ମୋର ଧନ /ତାହାହିଁ ଜୀବନ / ତାହା ମୋର ନିତ୍ୟ ସୁଖ / ଯେହି ସ୍ୱପ୍ନ ଦେଖି / ଯାଏ ଚିହ୍ନ ଲେଖି / ଦୂରକେ କରିବ ଦୁଃଖ" ।ᵍ

କବିତା ରାଜ୍ୟରେ ଦନ୍ତନର ଭାବଶିଖା ଯଦି ହୁଏ କବିର ସମ୍ବଳ ସେଠି କବିର ଭୂମିକା ବିଳାସର ବିପଣୀରେ ଜଣେ କେହି ଜୀବଦ୍ରଷ୍ଟା ଯାଜ୍ଞିକର ଅବା ହେବ କିପରି ? ସେଥିପାଇଁ ନାୟକବଙ୍କର ଆତ୍ମା ବିଳାସକୁ ଜୀବନ ଲାଗି ଏକ ଅପରିହାର୍ଯ୍ୟ ଅଂଶ ବୋଲି ସ୍ୱୀକାର କରିନାହିଁ । ଦୁଃଖକୁ ସଂସାରର ସାଥିରୂପେ କଳ୍ପନା କରି ତାହାର କରିଆରେ ନିତ୍ୟ ଆନନ୍ଦର ଭାବ-ଭେଳା ସେ ଭସାଇ ଦେଇଛନ୍ତି । ସେ ଅନୁଭବ କରିଛନ୍ତି ଯେ,—"ଦୁଃଖମୟ ବୋଲି / ଭାବୁଛି ସଂସାର / ଉତ୍ତାଏ ଶୋକ କେତନ / ସମସ୍ତ ଭାବକୁ ଏକଜ କରାଇ / ଭେଦ ନ ରଖାଇ ମନ ।"*

ରାଧାନାଥ ଯେପରି ଆପଣାକୁ 'ପଞ୍ଚଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର' ବୋଲି ଆଖ୍ୟାୟିତ କରି ସମସ୍ତଙ୍କ ପାଇଁ ଅକ୍ଷୟ କବିତାର ଆନଂଦଧାରା ସୃଷ୍ଟି କରିଗଲେ, ଠିକ ସେହିପରି ନାୟକବି ଦୁଃଖକୁ ଜୀବନର ସାଥିରୂପେ ବରଣ କରି ସମସ୍ତଙ୍କ ପାଇଁ ବିଚିତ୍ର ଭାବ-ସାଗର ଅଖଣ୍ଡ ଶିହରଣ ଖେଳେଇ ଦେଲେ । ଭାବିଲେ ସତିଲାଗେ, ଦୁଃଖରୁ ସୁଖର ଉତ୍ପତ୍ତି । କିନ୍ତୁ ସାଧାରଣରେ ସମସ୍ତେ ଏହା ବୁଝନ୍ତି ନାହିଁ । ଦୁଃଖରେ ସୁଖ ହିଁ ଅନ୍ତର୍ଗର୍ଭିତ, ଏହା ନିଶ୍ଚିତ ଭାବରେ ଏକ ସାର୍ବଜନୀନ ସତ୍ୟ । ଦୁଃଖକୁ ବୁଝିଲେ ସୁଖକୁ ଚିହ୍ନି ହୁଏ କିଂବା ସୁଖର ଆସ୍ୱାଦନ ଅନ୍ତରାଳରେ ଦୁଃଖର ଆତଂକ ଜୀବନକୁ ଗ୍ରାସ କରି ରହିଥାଏ । ଏହାର ବାସ୍ତବତା ସହିତ ସମସ୍ତେ ପରିଚିତ ।

ᵍ ନାୟକବ ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ଗୀତ କାବ୍ୟଶ୍ରୀ ବିଭାଗ ଅନ୍ତର୍ଗତ ଅଶ୍ରୁ ବିନ୍ଦୁ କବିତା ପୃଷ୍ଠା ୨୪୭ ।

* ଏ ଜନ—ସୁଖ କିସ କବିତା ପୃଷ୍ଠା ୧୪୩ ।

Digitized by srujanika@gmail.com

କିନ୍ତୁ କବି ଏଠି ଯେଉଁ ଦୁଃଖ କଥା ଉଲ୍ଲେଖ କରିଛନ୍ତି ତାହା କେବଳ ବ୍ୟକ୍ତିଗତ ଦୁଃଖର ହିସାବକୁ ପ୍ରକଟିତ କରୁନାହିଁ । ବ୍ୟାବହାରିକ ପୃଥିବୀର ଦୁଃଖ କବିର ଦୁଃଖ ନୁହେଁ, ଭାବର ଦହନ ହିଁ କବିର ଦୁଃଖ । ଯିଏ ଯେତେ ଭାବ-ଦୁଃଖରେ ଦଗ୍‌ଧ, ସିଏ ସେତେ ବଡ଼ କବି । ତେଣୁ ନାୟିକବି ଅନ୍ନପୂର୍ଣ୍ଣାଙ୍କ ଭୂମିକା ବିଶ୍ଳେଷଣ ଅବସରରେ ଏତିକି କୁହାଯାଇପାରେ ଯେ, ଆତ୍ମଦହନର ଯନ୍ତ୍ରଣାରୁ ହିଁ ତାଙ୍କ କବିତାର ଆଲୋକ ରେଖା ବିକୀର୍ଣ୍ଣ ହୋଇଛି । ବର୍ତ୍ତି ଦଗ୍‌ଧ ହୋଇ ଆଲୋକ ରଶ୍ମି ବିକୀରଣ କଲାପରି କବି ମନ ପରିସ୍ଥିତିରେ ଜଳି ଜଳି ଜଗତ ପାଇଁ ଭାବର ସ୍ଫୁଲିଙ୍ଗ ହିଁ ସଂଗ୍ରହ କରିଛି । କବିଙ୍କ ଭାବର ଗୋଲକ ତିନୋଟି ବସ୍ତୁକୁ ନେଇ ପରିପୁଷ୍ଟ ହୋଇଛି । ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ—ଏଇ ତିନୋଟି ଉପାଦାନର ଉତ୍ସଙ୍କରୁ ଯେତେବେଳେ ଯେଉଁ ଭାବ କବି ମନକୁ ସ୍ପର୍ଶ କରିଛି ତାହାର କାବ୍ୟ-ଲିପି ସେ ଅଂକନ କରିଛନ୍ତି । କବିତା ସଂପର୍କରେ କବିଙ୍କର ନିଜସ୍ୱ ଅଭିବ୍ୟକ୍ତି ହିଁ ଏହାର ଶ୍ରେଷ୍ଠ ପରିଚୟ । କବି ପ୍ରକାଶ କରିଛନ୍ତି ଯେ, "ମୋର କରୁଣ ହୃଦୟର ଶୁଷ୍କ ମରୁଭୂମି ଉପରେ ଯେଉଁ ଚନ୍ଦ୍ରାର ଅଭିନୟ ଦେଖୁଅଛି ତାହାର ଆଭାସରେ ଯାହା ପାଉଅଛି ତାହା ଅଶ୍ରୁର ସ୍ମୃତି ଉପରେ ଅଂକନ କରି ମରମ ବ୍ୟଥାର ଭାବ ଉଦ୍‌ଘାଟନ କରିଅଛି ।" *

ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ—ଏଇ ତ୍ରିଧାରାରୁ ସଖ୍ୟ, ଭକ୍ତି, ପ୍ରୀତି ଏବଂ ଭୋଗ-ବିରାଗ ପ୍ରଭୃତି ଚିନ୍ତନର ଉନ୍ମେଷ । କବି ଆପଣାର କାବ୍ୟ-ଛନ୍ଦରେ ତାହାର ପରିଚୟ ପ୍ରଦାନ କରିଛନ୍ତି । କବି-ମନର ଏହି ଭୂମିକା ଉପରେ ତାଙ୍କ ଚେତନାର ବିଶଦ ଚର୍ଚ୍ଚା ଆବଶ୍ୟକ ।

---

* କବିତା ସଂପର୍କରେ, ଅନ୍ନପୂର୍ଣ୍ଣାଙ୍କ ସ୍ୱହସ୍ତଲିଖିତ ମନ୍ତବ୍ୟରୁ ଗୃହୀତ ।

Digitized by srujanika@gmail.com

ନାରୀ କବଙ୍କ ସମାଜ-ଚେତନା

କବି ବିଗୃରି କରିଛନ୍ତି ଯେ, ଜଗତର ପ୍ରତ୍ୟେକ ଜୀବ ବା ବସ୍ତୁ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ; ଏଇ ତିନୋଟି ପ୍ରଲୋଭନର ଶିକାର ହୁଅନ୍ତି ଏବଂ ଏହାକୁ ଭୋଗ କରିବା ପାଇଁ ଆଶା ହିଁ ସେମାନଙ୍କୁ ନିରନ୍ତର ଉଦ୍ଦୀପ୍ତ କରୁଥାଏ । ବସ୍ତୁ ଜଗତର ଆକର୍ଷଣରେ ସମସ୍ତେ ଆଶାବାଦୀ ହୋଇ ଜୀବନର ପ୍ରଶସ୍ତ ପ୍ରହରକୁ ବିତେଇବା ଲାଗି ଚେଷ୍ଟା କରିଥାନ୍ତି । କିନ୍ତୁ ମାନବଶିଶୁର କ୍ଷୁଧିତ ମନ ଯଦି ତାମସ ଉଲ୍ଲାସରେ ସବୁ କିଛି ଭୋଗ କରିବା ଲାଗି ପ୍ରବୃତ୍ତ ହୁଏ, ତେବେ ସମାଜରେ ଅବକ୍ଷୟର ମାତ୍ରା ବୃଦ୍ଧି ଘଟିବା ନିଶ୍ଚିତ । ଏହା ହେଉଛି ସମାଜ ସଂପର୍କରେ ନାରୀ କବିଙ୍କର ଅନ୍ୟତମ ଅଂଗୀକାର । ସମାଜକୁ ତାମସ ଉଲ୍ଲାସର କ୍ରୀଡ଼ା ଭୂମି କରିବା ଅପେକ୍ଷା ସତ୍ୟ ଓ ସଂଗତର ଲୀଳା ଭୂମିରେ ମାନବଗଣ ପରିଣତ କରନ୍ତୁ—ଏହା ନାରୀ କବି ଚିନ୍ତା କରିଛନ୍ତି । ବ୍ୟକ୍ତିର ନିବାସ; ସୌନ୍ଦର୍ଯ୍ୟ ଓ ପ୍ରୀତିବନ୍ଧ ଆକର୍ଷଣର ଏକ କ୍ଷେତ୍ର ହୋଇପାରିଲେ ସଂସାର ବା ସମାଜ ମହନୀୟ ଗୌରବ ଲାଭ କରିବ । ଏହି ବିଗୃରର ପ୍ରତିଧ୍ୱନି ପରୋକ୍ଷରେ ନାରୀ କବିଙ୍କ ଲେଖନୀରୁ ଶୁଣାଯାଇଛି । ଯେପରି, "ଦେଖ ମୋ କୁଟୀର/ ସୁନ୍ଦରେ ସୁନ୍ଦର / ହରି ନିଏ ସର୍ବ ମନ / ସ୍ୱରଗରୁ ବଳି / ଅଟେ ସୁଖ ସ୍ଥଳୀ / ଧରିତ୍ରୀ ଶୋଭା ଭୁବନ ।" *

ସଂସାରକୁ କବି, ପାରଂପରିକ ଦୃଷ୍ଟିକୋଣର ଅନୁରୋଧରେ ଈଶ୍ୱରଙ୍କର ଏକ ପ୍ରତିଫଳନ ବୋଲି ବିଗୃରିଛନ୍ତି । ଜଗତର ଆଧାର ରୂପେ ତାଙ୍କୁ ମାନ୍ୟତା ଦେଇଛନ୍ତି । ସଂସାରର ସକଳ କ୍ଷେତ୍ର କବିଙ୍କ ପାଇଁ ହୋଇଛି ବିଚିତ୍ର ରହସ୍ୟର ଆଳୟ । ବ୍ୟକ୍ତି ବା ଜୀବ ଏହି ରହସ୍ୟକୁ ବୁଝିବା ଏକ ସହଜ ବ୍ୟାପାର ନୁହେଁ । ତେଣୁ କବି ଉଲ୍ଲେଖ କରିଛନ୍ତି ଯେ, 'ଘଳୁଥାଏ ବସି ଜୀବ କିସ ଏ ସଂସାର /

---

* ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—
ଆଶାବାଟ —ପୃଷ୍ଠା ୭୬,

Digitized by srujanika@gmail.com

କିନ୍ତୁ ଜଣାଗଲା ନାହିଁ ଏଥି ସାରସାର ।' †—ଏହି ପଙ୍‌କ୍ତିର ମର୍ମ ଯାହା ତାହାର ସ୍ୱରୂପକୁ ଏମିତି ବୁଝିଯିବା ସାଧାରଣଙ୍କର ସାମର୍ଥ୍ୟ ବାହାରେ । ତେଣୁ ସଂସାରକୁ ପରଂବ୍ରହ୍ମଙ୍କର ଏକ ଅନୁଷ୍ଠାନ ବୋଲି ଗ୍ରହଣ କରି ତାହାର ସେବାରେ ଆପଣାକୁ ନିୟୋଜିତ କରିବା ଲାଗି କବି, ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ସମାଜର ଅବସ୍ଥା ଓ ପକ୍ଷାପକ୍ଷ ବିଚାର କରି କବି ଚେତେଇ ଦେଇଛନ୍ତି ଯେ ଆତ୍ମ-ବଡ଼ିମାର ନିଃସଂକୋଚ ପ୍ରକାଶରୁ ବ୍ୟକ୍ତି ବ୍ୟକ୍ତି ଭିତରେ ବିଦ୍ୱେଷ ଭାବ ବୃଦ୍ଧି ପାଉଛି । ମାନବର ଗର୍ବ ହିଁ ଜୀବନର ବିନାଶ ଲାଗି ଦ୍ୱାର ଉନ୍‌ମୋଚିତ କରି ଦିଏଛି—ତେଣୁ ସମାଜକୁ ସ୍ୱ ମର୍ଯ୍ୟାଦାରେ ଗତିଶୀଳ କରାଇବାକୁ ହେଲେ ପ୍ରତ୍ୟେକ, ନମ୍ରତା ଓ ସହିଷ୍ଣୁତାର ଆଚରଣ ପ୍ରଦର୍ଶନ କରିବା ଉଚିତ; ଅନୁରୂପ ପ୍ରେରଣା ହିଁ ନାଗ୍ଥ କବି ତାଙ୍କ କବିତାରେ ସମସ୍ତଙ୍କ ପାଇଁ ପ୍ରଦାନ କରିଛନ୍ତି ।

ଗର୍ବ ବଡ଼ ନୁହେଁ, କର୍ମ ହିଁ ଜୀବନର ବଡ଼ ମୂଲ୍ୟ । ସମାଜ ପାଇଁ କର୍ମର ଗୌରବ ହିଁ ଏକମାତ୍ର ଐଶ୍ୱର୍ଯ୍ୟ । କର୍ମ ବିହୁନେ ଜୀବନର ବ୍ୟର୍ଥତା ଓ ସମାଜର ଅବନତିକୁ କବି, ବିଶେଷଭାବେ ଲକ୍ଷ୍ୟ କରିଛନ୍ତି । 'ବିନା କର୍ମ ହେତୁ କେହି ନ ହେବ ପ୍ରସନ୍ନ । କର୍ମ ଯହିଁ ଭଲ ନାହିଁ ତାର କି ଜୀବନ ।' *

ସମାଜରେ ବିତ୍ତ ନିଶା ହିଁ ସକଳ ଅବସାଦର କାରଣ । ନାଗ୍ଥ କବିଙ୍କ ଅନୁଭବରୁ ଜଣାଯାଏ, ଧନ ଓ ମାନର ଆକର୍ଷଣ ମଣିଷ ପାଇଁ ଅମୂଲ୍ୟ ରତ୍ନ ପ୍ରାପ୍ତିର ପ୍ରତିବନ୍ଧକ ହୁଏ । ପୁନଶ୍ଚ ବିତ୍ତର ମୋହ ଜୀବନକୁ ଅନ୍ଧକାରାଚ୍ଛନ୍ନ କରେ । ଫଳରେ ସମାଜର ବ୍ୟକ୍ତିବର୍ଗ ଏହାରି ଆୟତ୍ତରେ ଆପଣାକୁ ଭସାଇ ଦେଇ ସାରସାର ବିବେଚନାରୁ ଦୁରେଇ ଯାଆନ୍ତି । ଯେଉଁଠି ବିଶ୍ୱାସ ପରାହତ ହୁଏ, ଶ୍ରଦ୍ଧା ସେଠି

---

† ଗୀତି କାବ୍ୟ-ଶ୍ରୀ—ସଂସାରର ଚିହ୍ନ, ପୃଷ୍ଠା ୧୨୫ ।

* ନାଗ୍ଥ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)– ମାନବର ଗର୍ବ ପୃଷ୍ଠା ୧୩୭ ।

Digitized by srujanika@gmail.com

ବିଷତୁଲ୍ୟ ବିବେଚିତ ହୋଇଥାଏ । ସମାଜରେ ଶ୍ରଦ୍ଧାର ଅଭାବ ଘଟିଲେ ଜୀବନର କ୍ଷୟାବସ୍ଥା ନିକଟ ହୋଇ ଆସେ । ତେଣୁ ଜୀବନରେ ନିରାଶାର ମାତ୍ରା ବଢ଼ିଯିବାଲେ ପରବଶତାର ଅନୁଭବରୁ ଲୋକ ବଂଚିତ ହୁଏ । ସମାଜ ଲାଗି ଏପରି ଅଶୁଦ୍ଧ ଆଚରଣ ହିତକର ନୁହେଁ ।

ନାରୀ କବିଙ୍କର ଏହି ବିଚାର ଏକ ପାରଂପରିକ ବିଚାର । ତଥାପି କବି ଏହାକୁ ଆପଣା କବିତାରେ ରୂପାୟିତ କରିବାର ନିହିତ ତାତ୍ପର୍ଯ୍ୟ ହେଉଛି ଯେ, ସେ ଆପଣାକୁ ପରଂପରାର ଦାୟାଦ ରୂପେ ଗ୍ରହଣ କରିଛନ୍ତି । ବସ୍ତୁତଃ ଭାରତୀୟ ଚିନ୍ତନର ଅନୁଦାନରୁ ସେ ଆପଣାକୁ ମୁକ୍ତ କରିପାରି ନାହାନ୍ତି । ତେଣୁ ନାରୀକବିଙ୍କ ଦୃଷ୍ଟିରେ ସୁସ୍ଥ ସମାଜ କହିଲେ, ସତ୍ୟ ଓ ପ୍ରୀତିର ମୂଳରେ ଗଢ଼ା ସମାଜକୁ ହିଁ ବୁଝାଏ । ଏହାର ପୁନର୍ନ୍ୟାସ ପାଇଁ ଅନ୍ନପୂର୍ଣ୍ଣାଙ୍କ କବିତାରେ ଉଦ୍ୟମ କରାଯାଇଛି ।

ନାରୀକବି ଅନ୍ନପୂର୍ଣ୍ଣାଙ୍କ ସମୟର ସମାଜ ଆଧୁନିକ ସଭ୍ୟତାର ଉଦୟାଲୋକ ଦେଖିଥିଲେ ମଧ୍ୟ କୁସଂସ୍କାରର ଆବିଳ ଅନ୍ଧକାରରେ ଆଚ୍ଛନ୍ନ ଥିଲା । ପ୍ରାଚୀନ ଧାରା ଅନୁଯାୟୀ ଶିକ୍ଷାର ଅନଗ୍ରସରତା ହେତୁ ସମାଜର ବହୁ ଅଂଶ ଜୀବନର ନୂତନ ସମ୍ଭାବନା ସଂପର୍କରେ ଆଦୌ ସଚେତନ ନ ଥିଲେ । ସାଧାରଣ ମାନବ-ଶିଶୁର ଶିକ୍ଷା, ସ୍ୱଚ୍ଛଳ ଜୀବନ ନିର୍ବାହ ଓ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତି ପାଇଁ ଯେକୌଣସି ନୂତନ ପଦକ୍ଷେପ ସେତେବେଳେ ବିରୋଧର ସମ୍ମୁଖୀନ ହେଉଥିଲା । ଫଳରେ ସମାଜର ଗୋଟିଏ ଶ୍ରେଣୀ ଆଧୁନିକତାର ପକ୍ଷ ସମର୍ଥନ କରୁଥିଲା ବେଳେ ଅନ୍ୟ ଏକ ଶ୍ରେଣୀ ତାହାର ପ୍ରତିରୋଧ କରୁଥିଲା । ନାରୀ ସମାଜକୁ କର୍ତ୍ତୃତ୍ୱର ବନ୍ଧନ ଭିତରେ ଗୁପି ଦେବାର ପାରଂପରିକ ଚଳଣି ବହୁ କ୍ଷେତ୍ରରେ ପ୍ରୋତ୍ସାହିତ ହୋଇଥିଲା । କିନ୍ତୁ ଅନ୍ନପୂର୍ଣ୍ଣା ଦେବୀ ସକଳ ପ୍ରତିବନ୍ଧକ ସତ୍ତ୍ୱେ ଆପଣା ସମାଜର ଅଗ୍ରଗତି ପାଇଁ ବିଭିନ୍ନ ସମୟରେ ଉଦ୍ୟମ କରିଥିଲେ । ଚିଠି ପତ୍ରଠାରୁ ଆରମ୍ଭ କରି ସଭା ସମିତିର ଆୟୋଜନ, ମାଧ୍ୟମରେ ସମାଜରେ ନାରୀ ସ୍ୱାଧୀନତା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରୁଥିଲେ । ଏପରିକି କବିତା ଲେଖାରେ ମଧ୍ୟ ସମାଜର ଉତ୍‌ଥାନ

Digitized by srujanika@gmail.com

ପାଇଁ ଯତ୍ନ କରିଥିଲେ । ମହିଳା ସମିତି ସଂଗଠନ ଓ ଗ୍ରାମରେ କ୍ଷୁଦ୍ରପାଠ ଶାଳା ପ୍ରଭୃତି ସ୍ଥାପନଦ୍ୱାରା ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କ ତରଫରୁ ଯତ୍ନକଳ୍ପିତ ଉଦ୍ୟମ କରାଯାଇଥିଲା । ପୁନଶ୍ଚ ନାରୀ-ସମାଜରୁ ଓଢ଼ଣା ପ୍ରଥାର ଉଚ୍ଛେଦ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ସେତେବେଳେ ଅନ୍ନପୂର୍ଣ୍ଣା ଦେବୀ ମଧ୍ୟ ଗ୍ରହଣ କରିଥିଲେ । ନିଜେ ଅବସ୍ଥା ପୀଡ଼ିତ ହୋଇଥିଲେ ସୁଦ୍ଧା ସମାଜର ଅଭ୍ୟୁଦୟ ପାଇଁ ସେ ନିରନ୍ତର ଚିନ୍ତା କରୁଥିଲେ ।

ସେ ତାଙ୍କର ଏକାଧିକ କବିତାରେ ସାମାଜିକ କଟକଣାରୁ ନାରୀ ଜୀବନକୁ ମୁକ୍ତ ରଖିବାପାଇଁ ଏବଂ ମାତୃନିଷ୍ଠ ସ୍ୱାଧୀନଭାବାପନ୍ନ କରି ନାରୀ ମନକୁ ଗଢ଼ିବା ପାଇଁ ଉଦ୍‌ବୋଧନ ଦେଉଥିଲେ । *

କବି ଅନ୍ନପୂର୍ଣ୍ଣା ବିଶ୍ୱାସକରୁଥିଲେ ଯେ, ସମାଜର ଶ୍ରେଷ୍ଠତା ଓ ମହତ୍ତ୍ୱପ୍ରତିଷ୍ଠା ମାନବଗଣଙ୍କର ମାନସିକ ବିକାଶ ଉପରେ ନିର୍ଭର କରେ । ଶିକ୍ଷା ହେଉଛି ଏପରି ବିକାଶର ଜନକ । ଶିକ୍ଷା ବିନା ସମାଜର ଉନ୍ନତି ସାଧନ ଅସମ୍ଭବ । † ବିଭେଦ ବା ବୈଷମ୍ୟ

---

* ନାରୀ ଜାତି ସ୍ୱାଧୀନତା ପାଇଁ ଅବକାଶେ
ନାନା ଶାସ୍ତ୍ରେ ରଚିଥିଲେ ଅଛି ଇତିହାସେ ।
ବୀର ବେଶ ଧରି ପୁଣି କେତେକ ରମଣୀ
ଯୁଦ୍ଧ କ୍ଷେତ୍ରେ ଯୋଗଦାନ କରିଥିଲେ ପୁଣି ।
ସତୀ ବ୍ରତ ଅନୁଷ୍ଠାନେ ଭାରତ ଭୂଷଣ
ଥିଲେ ବୋଲି ପୁରାଣରେ ହୋଇଛି ଲେଖନ ।
ଏବେ କାହିଁଗଲା ସେହି ଭାରତ ଗୌରବ
ସାମାନ୍ୟ କି ନାରୀ ପରି ଆର୍ଯ୍ୟ ନାରୀ ସବ ।
(ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ବିବିଧ କବିତା ବିଭାଗ ଅନ୍ତର୍ଗତ ଦେଶ ଗୃହ କବିତା ପୃଷ୍ଠା ୩୫୯-୬୦ ଦ୍ରଷ୍ଟବ୍ୟ)

† ଶିକ୍ଷା ବିନା ସମାଜର ଉନ୍ନତି ସାଧନା
କଦାପି ତ ହେବ ନାହିଁ କରେ ମୁଁ ଭାବନା । (ତତ୍ରୈବ, ପୃଷ୍ଠା ୩୬୧)

Digitized by srujanika@gmail.com

କୌଣସି ସମାଜର ଅଗ୍ରଗତିର ଅନୁପନ୍ଥୀ ନୁହେ । ସେଥିପାଇଁ ନାରୀ କବି ମଣିଷ ମଣିଷ ଭିତରେ ଥିବା ଭେଦର ଧାରଣାକୁ ବିରୋଧ କରୁଥିଲେ । ମଣିଷ ମନରେ ସହୋଦରଭାବର ଅଭାବ ଘଟିଲେ ସମାଜରେ ବିଭ୍ରାଟ ଓ ବିଚ୍ୟୁତିର ଅବସ୍ଥା ତୀବ୍ର ହୋଇଥାଏ । ପ୍ରତ୍ୟେକ ଯଦି ଏଇ ବିଶ୍ୱ ବ୍ରହ୍ମାଣ୍ଡକୁ ବିଶ୍ୱ-ନିୟନ୍ତାଙ୍କ ସ୍ଥଳୀ ବୋଲି ବିଶ୍ୱର ଜୀବନ ବିତାନ୍ତେ, ତାହାହେଲେ ସମାଜରେ ବିଦ୍ୱେଷର ମାତ୍ରା ବଢ଼ନ୍ତା ନାହିଁ । ଏହି ଦୃଷ୍ଟିକୋଣର ପୋଷକତା କରି କବି ଅନ୍ନପୂର୍ଣ୍ଣା ବିଭିନ୍ନ କବିତାରେ ଆପଣାର ମନୋଭାବ ପ୍ରକାଶ କରିଛନ୍ତି ।*

ପ୍ରେମ ଚେତନା

ନାରୀ କବି ସମାଜ ସଂପର୍କରେ ଯେଉଁ ହିତାହିତ ଧାରଣା ପୋଷଣ କରିଛନ୍ତି ତାହାର ମୂଳରେ ବିଦ୍ୟମାନ ସାର୍ବଜନୀନ ପ୍ରେମ-ବୋଧ । ମଣିଷ-ପ୍ରୀତିର ମୂଲ୍ୟାନୁକୂଲ୍ୟରେ ଏହାର ସ୍ଫୁରଣ । ପ୍ରୀତି ହିଁ ଏକମାତ୍ର ଶକ୍ତି ଯାହାକି ସମାଜ ଓ ମଣିଷକୁ ନିରାପଦ ଜୀବନ-ଯାତ୍ରା ପାଇଁ ସମସ୍ତ ସୁଯୋଗ ଯୋଗାଇ ଦେଇଥାଏ । କିଂତୁ ପ୍ରୀତିରେ ବିଷ ମିଶିଗଲେ ସମାଜ ଭିନ୍ନ ରୂପ ନିଏ, ମଣିଷ ମଣିଷକୁ ଭୁଲେ, ଘୃଣା ଓ ବିରାଗ ଦୃଷ୍ଟି ସମସ୍ତିଙ୍କି କବଳିତ କରେ ।

ଅମୃତ ଶିଶୁ ମଣିଷ କଣ ଏଇ ଅବସ୍ଥାର ଜୀବ ହୋଇ ବଂଚିବ ? କବି ଅନ୍ନପୂର୍ଣ୍ଣା ଏପରି ଆଶଂକାକୁ ଏଡ଼େଇ ଦେଇଛନ୍ତି । ସେ ତ ଅମୃତ ବିଳାସୀ, ପ୍ରୀତିର ମହକରେ ଲୁବ୍ଧକ ପରି ଜୀବନକୁ ଖୋଜିବେ ସିନା ମରୁ—ମର୍ମରର କରୁଣ ଆବହାଓ୍ୱାରେ ଜଳିବେ କାହିଁକି ?

---

* ସହୋଦର ଜ୍ଞାନ ସକଳ ମାନବ କିଂପା ନ ଭାବଇ ଚିତ୍ତେ
ନାରୀଗଣ ମୋର ଅଟନ୍ତି ଭଗିନୀ ଭ୍ରମଇ କାହାର ହିତେ ।
(ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ଗୀତି କାବ୍ୟଶ୍ରୀ ଅନ୍ତର୍ଗତ ଅଣ୍ଟଥି ଭ୍ରମଣ କବିତା ପୃଷ୍ଠା ୧୫୮)

Digitized by srujanika@gmail.com

ନାସ୍ତି କବିଙ୍କ ଦୃଷ୍ଟିରେ ପ୍ରେମ ଦେହଜ ଆକର୍ଷଣର ବଳୟ ମଧ୍ୟରେ ଆବଦ୍ଧ ନୁହେଁ । ପ୍ରେମର ମୂଲ୍ୟ, ପ୍ରେମିକର ଶୁଦ୍ଧ ବିଶ୍ବାସବୋଧ ଉପରେ ପ୍ରତିଷ୍ଠିତ । * ମନର ଦୃଢ଼ତା ବଳରେ ଜୀବନ-ତରଣୀଟିକୁ ବାହି ନେବାର ଇଚ୍ଛା ହେଉଛି ମଣିଷର ଶ୍ରେଷ୍ଠ ପାଥେୟ । କବି ମୃତ୍ୟୁର ସୀମା ବୋଲି ଜୀବନକୁ ବୁଝିଥିବାରୁ ଜୀବନ ନଦୀର ଅତିକ୍ରମଣ ଲାଗି ଆପଣା ମନ ଭିନ୍ନ ଅନ୍ୟ କୌଣସି ମାଧ୍ୟମର ଆବଶ୍ୟକତା ଥିବା ସେ ଅନୁଭବ କରି ନାହାନ୍ତି । ‡

କବି ବୁଝିଛନ୍ତି ଯେ, ମରଣ ସହିତ ମରମର ମିଳନ ଯେଉଁଠି ଗଭୀର ସେଠି ପ୍ରେମର ଆସ୍ଥାନ ଅତି ଦୃଢ଼ । ମୃତ୍ୟୁ ବା ବିଚ୍ଛେଦର ଭୟଙ୍କରତା ଏ କ୍ଷେତ୍ରରେ ପ୍ରେମର ଅକ୍ଷୟଧାରାକୁ ପ୍ରତିହତ କରିପାରେ ନାହିଁ । ବ୍ୟକ୍ତିଗତ ଜୀବନରେ କବି ଏଇ ଅନୁଭବକୁ ସମ୍ବଳ କରି ପତି-ପତ୍ନୀର ସଂପର୍କରେ ପ୍ରେମର ସ୍ଥିତି ସତ୍ତ୍ୱ ତଦନୁଯାୟୀ କଳନା କରିଛନ୍ତି । ସ୍ୱାମୀଙ୍କ ଉଦ୍ଦେଶ୍ୟରେ ସେ ଉଲ୍ଲେଖ କରିଛନ୍ତି— "ମରଣର ଦାଉ ଅବା କି କରିପାରିବ / ସହସ୍ର ଗୁଣରେ ସୁଖ ପ୍ରାଣେ ପହଞ୍ଚିବ / ଯଦ୍ୟପି ଏହାର ଭାଉଥିବ ତବ ମନେ / ତୁମର ପ୍ରେୟସୀ ହେବ ଶେଷର ମିଳନେ ।" *

* କର୍ତ୍ତବ୍ୟର ପରାକାଷ୍ଠା ପ୍ରେମର ସମ୍ଭାର /
ପ୍ରେମ ମୂଲ୍ୟ ଜଣାଯାଏ ପ୍ରେମିକ ବିଶ୍ବାସ ।

‡ ତରିବାକୁ ନାହିଁ କାହିଁ ଜୀବନ ତରଣୀ
ବହିବ ବା କେହି ତାଙ୍କୁ କାହିଁବା କ୍ଷେପଣୀ ।
ନାବିକର ସାହା ମାତ୍ର କାହିଁ ଦରକାର
ମାନସ କେବଳ ଦୃଢ଼ କରିବାକୁ ପାର ।
ବୁଝିଛି ଜୀବନ କିଂତୁ ମୃତ୍ୟୁର ସୀମା
ପ୍ରେମର ପ୍ରେମିକା ହେବା ନ ରଖିବା ଖିଆ ।
(ନାସ୍ତି କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୬୮)— ବିଚ୍ଛେଦ ମିଳନ-ପ୍ରେମର ମୂଲ୍ୟ, କବିତା ପୃଷ୍ଠା ୩୨୧)

* ନାସ୍ତି କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ବିଚ୍ଛେଦ ମିଳନ ଅନ୍ତର୍ଗତ ପ୍ରେମର ମୂଲ୍ୟ, କବିତା ପୃଷ୍ଠା ୩୨୨ ।

Digitized by srujanika@gmail.com

କବି-ମନ ପବିତ୍ର ପ୍ରୀତିରେ ଆଦର କରିଛି । ଜଗତକୁ ଘରର ସଂସାର ରୂପେ ଗ୍ରହଣ କରି ପବିତ୍ର ପ୍ରୀତିର ଆହ୍ଲାଦ କଣିକା ସବୁ ହୃଦୟରେ ବାଣ୍ଟି ଦେବାର ମହାବ୍ରତ କବି ଆଜି ପୋଷଣ କରିଛନ୍ତି କି ? ତାଙ୍କର କାବ୍ୟ-କବିତାର ଅନ୍ତର୍ବାଣୀରୁ ଏପରି ଧାରଣା ଉପଲବ୍ଧ ହୁଏ ୩ । ଦେଶ ଓ ଦେଶବାସୀ ଏଇ ପବିତ୍ର ପ୍ରୀତିରେ ନିରଞ୍ଜନା କରନ୍ତୁ; ପବିତ୍ର ଭାବନା ଓ ବିଶୁଦ୍ଧ କାମନାରେ ଦେଶବାସୀଙ୍କର ଜୀବନଧାରା ସ୍ନେହ ସୋହାଗରେ ରଂଜିତ ହେଉ—ଏପରି ମହତ ଇଚ୍ଛା କବି ଅନ୍ନପୂର୍ଣ୍ଣା ଅନୁକ୍ଷଣ ପୋଷଣ କରିଛନ୍ତି ।

ମହତର ସୁରକ୍ଷା ଲାଗି ସେ ଅତ୍ୟନ୍ତ ଯତ୍ନବାନ । ପ୍ରତ୍ୟେକ ବ୍ୟକ୍ତିର ସ୍ୱାଭିମାନ ମହତ ଭାବର କଷଟିରେ କଳିତ ହେଉ; ମହତ ଥିଲେ ବ୍ୟକ୍ତି ମୂଲ୍ୟ ପାଉ—ଏହା ହେଉଛି କବିଙ୍କର ମତ ।

ମହତର ମାଧ୍ୟମରେ ପ୍ରୀତିର ଶକ୍ତି ହୁଏ ପ୍ରଭାବଶାଳୀ । ସଂସାରରେ ପ୍ରୀତିର ଶକ୍ତିଠାରୁ କାହାରି ଶକ୍ତି ବେଶି ବଳବାନ ନୁହେଁ । ଧନ, ମାନ, କୁଳ ଗରିମା କିଛି ବଡ଼ ନୁହେଁ, ବଡ଼ ହେଉଛି ପ୍ରୀତି । ବଡ଼ମାର ପ୍ରବେଶ ଯେଉଁଠି କ୍ଷିପ୍ର, ପ୍ରୀତିର ପଦଧ୍ୱନି ସେଠି ପ୍ରାପ୍ୟ ନିରାନନ୍ଦମୟ କହିଲେ ଚଳେ । *

---

୩ ପବିତ୍ରେ ଦେଖିବି ହୃଦରେ ଲେଖିବି / ମଣ୍ଡିବି ପବିତ୍ର ପ୍ରାଣେ
ପବିତ୍ର ପୀରତି କରିବି ମୁଁ ନିତି / ପବିତ୍ର ଭାବ ପ୍ରଦାନେ ।
(ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ଆଶାହାଠ ପୃଷ୍ଠା ୯୭)

* ବିତ୍ତର ବିଭୂର ନାହିଁ ହୃଦରେ କାହାର
ଅହଂଗୁଣ କଣି କଲ ପ୍ରୀତିକି ସଂହାର
ପ୍ରୀତି ଠାରୁ ବଳ କିସ ଅଛି ଏ ସଂସାରେ
ତାହାର ମହତ କେହି ନ ବୁଝିଲ ବାରେ ।
(ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)— ଗୀତି କାବ୍ୟଶ୍ରୀ ବିଭାଗ ଅନ୍ତର୍ଗତ ପ୍ରେମ ଡାକ କବିତା ପୃ: ୧୮୬)

Digitized by srujanika@gmail.com

ଜୀବନ ଅଚ୍ଛିନ୍ନ କାମନା ଅଛି । ପ୍ରେମମଧୁ ପାନ ପାଇଁ ଜୀବନ ଓ କାମନା ଉଭୟ ସତତ ଜାଗ୍ରତ । * କାମନାର ବିନାଶରେ ଦୁଃଖର ବିନାଶ—ଏହା ଯୋଗୀର ବାକ୍ୟ ହୋଇପାରେ । ମାତ୍ର ବାସ୍ତବ ମଣିଷର ଚିତ୍ତ ବୃତ୍ତିରେ କାମନାର ବିନାଶ ଘଟୁଛି କେଉଁଠି ? ଅତଏବ ଜୀବନ ମାତ୍ରେଇ କାମନା ବଶ ।

କାମନାର ଅନ୍ୟ ଏକ ପ୍ରକାଶ ହେଉଛି ପ୍ରେମ । କବି, କାମନା-ପ୍ରେରିତ ପ୍ରେମକୁ ବିଶେଷ ମାନ୍ୟତା ଦେଉନଥିଲେ ବି ଜୀବନରେ କାମନାର ସ୍ଥିତିକୁ ଅସ୍ୱୀକାର କରି ନାହାନ୍ତି । କବି ପ୍ରେମର ନିତ୍ୟ ସତ୍ତାକୁ ହିଁ ନିରୂପଣ କରିଛନ୍ତି । ତାଙ୍କ ବିଶ୍ୱାସରେ ସତ୍ୟ ଓ ଧର୍ମ ପରି, ସ୍ନେହ ଓ ପ୍ରୀତି ହେଉଛି, ଚିର ସୁନ୍ଦର ଓ ଚିନ୍ମୟ । ଏଇ ଅକଳଂକ ପ୍ରେମ ସତ୍ତାକୁ ଅଂଗୀକାର କରିପାରିଲେ ନିର୍ଭୟରେ ଚିର ସୁଖ ଭୋଗର ସକଳ ସୁଯୋଗ ମିଳିଥାଏ । ତେଣୁ ତତ୍‌ପ୍ରତି ମନକୁ ପରିଚାଳିତ କଲେ ମଣିଷର ଜୀବନ ସାର୍ଥକ ହୁଏ ।

ଇନ୍ଦ୍ରିୟଜ ତୃଷ୍ଣା ନାରୀ କବିଙ୍କର ପ୍ରେମଭାବକୁ କବଳିତ କରିନାହିଁ । କିନ୍ତୁ ଜୀବନରେ ଦୈହିକ କ୍ଷୁଧାର ବାସ୍ତବତାକୁ ଅସ୍ୱୀକାର କରି ମାନବୋତ୍ତର ପ୍ରେମ-ବୋଧରେ ସର୍ବଦା ନିମଜ୍ଜିତ ହୋଇ ରହିବା କବିଙ୍କ ପକ୍ଷରେ ତେତେ ସହଜ ହୋଇନାହିଁ । କାରଣ ଅନ୍ନପୂର୍ଣ୍ଣା ବି ପୁଣି ଜଣେ ସହଜ ମଣିଷ, ମଣିଷର ମନ ତ ଇନ୍ଦ୍ରିୟ ପରିଚାଳନାରୁ କେବେ ମୁକ୍ତ ନୁହେଁ । ତଥାପି ଇନ୍ଦ୍ରିୟ ବିଳାସକୁ ଜୀବନର ଶ୍ରେଷ୍ଠ ଧନ ରୂପେ ମାନି ନେବାପାଇଁ ନାରୀକବି କୁଣ୍ଠା ପ୍ରକାଶ କରିଛନ୍ତି ।

ତାଙ୍କର ପ୍ରେମ ଜିଜ୍ଞାସା ଦେହ ଜଗତର ପରିଧି ଡେଇଁ ସୂକ୍ଷ୍ମ ମାନସ ଜଗତର ଇଲାକାରେ ପ୍ରବେଶ କରିଛି । ଏଥିରେ ମାନବୀୟ ଆକର୍ଷଣ କ୍ରମେ କ୍ରମେ ରୂପାନ୍ତରିତ ହୋଇ ଈଶ୍ୱରୀୟ ଆହ୍ଲାଦରେ ପରିଣତ ହୋଇଛି । ମାନବିକ ପ୍ରେମ ଲାଳସା ସକଳ ସଂଯତ ଆଚରଣ

---

* ମନସ୍ୱୀ ବିଭାଗ ଅନ୍ତର୍ଗତ ଅନ୍ନପୂର୍ଣ୍ଣାଙ୍କର 'ମନ ର ବ୍ୟାକୁଳ' କବିତା ଦ୍ରଷ୍ଟବ୍ୟ ପୃଷ୍ଠା ୨୭୮ ।

Digitized by srujanika@gmail.com

ଭିତରେ ପରିବର୍ଦ୍ଧିତ ହେଲା ଜନ୍ମରୁ ତାହା ଯେତେବେଳେ ପୂର୍ଣ୍ଣ ପ୍ରକାଶ ହେଉଛି ସେତେବେଳେ ଏହା ବିଶ୍ୱପ୍ରେମର ସୀମା ସରହଦ ଭିତରକୁ ପ୍ରବେଶ କରୁଛି । ତେଣୁ କୁହାଯାଇପାରେ ଯେ ନାୟିକବି ଅନ୍ନପୂର୍ଣ୍ଣାଙ୍କର ପ୍ରେମ-ଚେତନାରେ ମାନବ ପ୍ରେମ ଓ ବିଶ୍ୱପ୍ରେମର ଚିରନ୍ତନ ଧାରା ପ୍ରବାହିତ ।

ଈଶ୍ୱର ଭାବନା

କବି ଅନ୍ନପୂର୍ଣ୍ଣା, ମଧୁସୂଦନଙ୍କ ପରି ସକଳ ବସ୍ତୁ ପିଣ୍ଡରେ ଚିଦାନନ୍ଦମୟ ବିଶ୍ୱ ସତ୍ତାର ସ୍ଫୁରଣ ଲକ୍ଷ୍ୟ କରିଛନ୍ତି । ଆପଣାକୁ ବିଶ୍ୱ ସନ୍ତାନ ରୂପେ ଜ୍ଞାନ କରି ଜୀବନର ନିଜସ୍ୱ ଭୂମିକା ସ୍ଥିର କରି ଦେଇଛନ୍ତି । କବିଙ୍କ ଦୃଷ୍ଟିରେ ଆଶା ଓ ବିଶ୍ୱାସକୁ ଈଶ୍ୱର ସତ୍ତା ରୂପେ ଗ୍ରହଣ କରାଯାଇଛି । କେଉଁଠି ବା ତାହାଙ୍କୁ ଅମୂଲ୍ୟର ମୂଲ୍ୟ ଓ ଅନ୍ତରର ନିଧି ରୂପେ ବରଣ କରାଯାଇଛି । କବିଙ୍କର ଚିନ୍ତାଧାରାରେ ଏକାଧାରରେ ଜଣେ ଆର୍ତ୍ତୀ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଭକ୍ତର ବିଶ୍ୱ ପ୍ରେମ ପ୍ରକାଶ ପାଇଛି । ଦୁଃଖ ଓ କାରୁଣ୍ୟଭରା କବି ଜୀବନ ସଂସାରର ଆପଦ ସମୂହରୁ ମୁକ୍ତି ହେବା ଲାଗି ଯେତେବେଳେ କାତର ଅନୁନୟ ପ୍ରକାଶ କରୁଛି ସେତେବେଳେ କବି ଚିତ୍ତ ଆର୍ତ୍ତୀ ଭକ୍ତ-ଭାବରେ ପୂର୍ଣ୍ଣ ହୋଇ ଉଠିଛି । ଆପଣାର ଅବସ୍ଥାକୁ ନିଃସ୍ୱତାର ମରୁ ମର୍ମର ବୋଲି ବିଚାରି କବି-ମନ ଯେତେବେଳେ ଘୋର ନୈରାଶ୍ୟତାପ ପୀଡ଼ିତ ହୋଇ ପଡ଼ିଛି କିଂବା ସାଂସାରିକ ଅନଟନ ଭିତରେ ଶ୍ୱାସରୁଦ୍ଧ ହୋଇଯାଇଛି, ସେତେବେଳେ ତାଙ୍କ ତୁଣ୍ଡରୁ ସ୍ଫୁରିଛି ଅର୍ଥାର୍ଥୀ ଭକ୍ତି ଭାବନାର ଉଚ୍ଚାରଣ ।

କବି ଏପରି ଅନେକ ମୁହୂର୍ତ୍ତ ଭୋଗ କରିଛନ୍ତି ଯାହା କି ତାଙ୍କ ମନରେ ବଳିଷ୍ଠ ଆତ୍ମ-ପ୍ରତ୍ୟୟ ଓ ସ୍ଥିତ ପ୍ରଜ୍ଞ ଭାବାବସ୍ଥା ସୃଷ୍ଟି କରିପାରିଛି । କବି-ମନ ନିରନ୍ତର ବିଶ୍ୱ-ଶକ୍ତିର ଅନୁସରଣରେ କାଳାତିପାତ କରୁଥିବାରୁ ଏବଂ ଇଷ୍ଟ ସ୍ମରଣରେ ମଗ୍ନଥିବାରୁ କି ଦିନ କି ରାତି ବିଶ୍ରାମ ଅବସ୍ଥାରେ ସେ ବହୁ ସ୍ୱପ୍ନର ସାକ୍ଷାତ ଦର୍ଶନ ଲାଭ କରିଛନ୍ତି । 'ସ୍ୱପ୍ନଶ୍ରୀ' ଅନ୍ତର୍ଗତ ସ୍ୱପର କାହାଣୀ ଗୁଡ଼ିକୁ ଯଦି ବିଶ୍ଳେଷଣ

Digitized by srujanika@gmail.com

କଣ୍ଠଯାଏ, ତାହାହେଲେ ତହିଁରୁ ଅନ୍ନପୂର୍ଣ୍ଣାଙ୍କର ଜିଜ୍ଞାସୁ ଓ ଜ୍ଞାମୀ ଭଗବତ-ମନନର ଦୃଷ୍ଟାନ୍ତ ମିଳିପାରିବ ।

କବିଙ୍କର ଏକ ସ୍ୱପ୍ନ ବୃତ୍ତାନ୍ତରୁ ଜଣାଯାଏ, ସେ ଶ୍ରୀରାଧା-କୃଷ୍ଣଙ୍କର ଉପାସିକା ଥିଲେ । ଉପାସନାର ମର୍ମ ଓ ବିଶ୍ୱପ୍ରେମର ତତ୍ତ୍ୱ ସଂପର୍କରେ ତାଙ୍କର ଉପଲବ୍‌ଧି ହେଉଛି—'ସବୁ ଜାଣି ସେବାକଲେ ଯଥେଷ୍ଟ—ସଂସାରର ସବୁ ତତ୍ତ୍ୱ ଚହ୍ନିପାରିବ—ନଜାଣି ସେବାକଲେ, ଯେଉଁ ଭ୍ରମକୁ ସେଇ ଭ୍ରମ ।' * ଭକ୍ତ ଯଦି 'ମନ ପୁଷ୍ପ' ଅର୍ପଣ କରି ଇଷ୍ଟ ଅର୍ଚ୍ଚନା କରେ ତେବେ ଆତ୍ମାରୂପୀ ପରମ୍ପର ତାଙ୍କୁ ସାକ୍ଷାତରେ କୃପା କରନ୍ତି । ମନେହୁଏ ସତେ ଯେପରି ତାଙ୍କ ସହିତ ସ୍ୱୟଂ ଈଶ୍ୱର ହିଁ ଚଳପ୍ରଚଳ ହେଉଛନ୍ତି ପରି ! କବିଙ୍କର ଅଧିକାଂଶ ସ୍ୱପ୍ନ ଏହିପରି ଆଧ୍ୟାତ୍ମିକ ଜିଜ୍ଞାସା ସମ୍ବଳିତ । ଋଷି, ତାରି,ପଦ୍ମ, ବୃଦ୍ଧ ବାବାଜୀ, ଇତ୍ୟାଦି ପ୍ରତିମୂର୍ତ୍ତି ଦର୍ଶନ ଓ ତାଙ୍କସହ କଥୋପକଥନରେ ଏଗୁଡ଼ିକ ପୂର୍ଣ୍ଣ ।

ସ୍ୱପ୍ନ ସମୂହ ମିସ୍ତିକ୍ ମନନର ଅଭିଲେଖ ହୋଇଥିଲେ ବି ଏଥିରୁ କବିଙ୍କର ଅନ୍ତର୍ମାନସର ଭାବ-ଛଟା ଓ ମାନସିକ ଆବେଗର ତରଙ୍ଗ କଳନା କରିହୁଏ । କବି ଅନ୍ନପୂର୍ଣ୍ଣାଙ୍କର ଆଧ୍ୟାତ୍ମିକ ଜିଜ୍ଞାସା ଓ ସାରସ୍ୱତ ସଙ୍ଗ-ପ୍ରସଙ୍ଗର ପରିଚୟ ଏଥିରୁ ମିଳିଥାଏ । କବି ପୁରୁଷର ତୃଷିତ ନୟନ କେଉଁ ରୂପ-ସତ୍ତାରେ ଆବିଷ୍ଟ କିଂବା କେଉଁ ଭାବର ଭୋଗ ଲାଗି ଆତୁର ତାହାର ଏକ ପରିଚ୍ଛନ୍ନ ଧାରଣା ସ୍ୱପ୍ନ ବୃତ୍ତାନ୍ତ ଗୁଡ଼ିକରୁ ଉପଲବ୍ଧ ହୁଏ । ସ୍ୱପ୍ନ-ଦର୍ଶନ ସଂପର୍କରେ ନାରୀକବିଙ୍କ ବକ୍ତବ୍ୟ ହେଉଛି ଯେ, ସ୍ୱପ୍ନ ଦ୍ୱାରା ଜୀବନ ବଡ଼ ଶାନ୍ତ ଲଘୁକରେ ଓ ଅଭାବ ବା ସନ୍ଦେହ କିଛି ରହେନାହିଁ । †

ସେ ଏପରି ଶତାଧିକ ସ୍ୱପ୍ନ ଦେଖିଛନ୍ତି, କେତେ ମଧ୍ୟ ଲେଖି ରଖିଛନ୍ତି । ଅନେକ ସ୍ୱପ୍ନରେ ସେ ଫକୀରମୋହନଙ୍କର ପ୍ରତିମୂର୍ତ୍ତି ଦର୍ଶନ କରିଛନ୍ତି । ତାଙ୍କ ସହିତ ବାକ୍ୟାଳାପ କରିଥିବାର ଉଲ୍ଲେଖ ମଧ୍ୟ

---

* ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ସ୍ୱପ୍ନଶ୍ରୀ ବିଭାଗ ପୃଷ୍ଠା ୪୫୦ ।

† ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ସ୍ୱପ୍ନଶ୍ରୀ ବିଭାଗ ଅନ୍ତର୍ଗତ ଦୁଇ ନମ୍ବର ସ୍ୱପ୍ନ ପୃଷ୍ଠା ୪୫୬ ।

Digitized by srujanika@gmail.com

କେତେକ ସ୍ୱପ୍ନରୁ ମିଳୁଛି । ଫକୀରମୋହନ, ଅନ୍ନପୂର୍ଣ୍ଣାଙ୍କୁ 'ଜାତୀୟ ସୁମନ' ବୋଲି ଜ୍ଞାନ କରିଛନ୍ତି । ମାନସିକ ନିର୍ମଳତା ଓ ଦୃଢ଼ତା ଯୋଗୁଁ ଜାତିହିତରେ ତତ୍ପର ବ୍ୟକ୍ତିର ସକଳ କର୍ମ ଜାତୀୟ ବିକାଶ ସାଧନରେ ସଫଳ ହୋଇଥାଏ । ବ୍ୟକ୍ତି ମାନସର ଏତାଦୃଶ ଉନ୍ମୀଲନକୁ ଏଠାରେ 'ଜାତୀୟ ସୁମନ'ର ପ୍ରସ୍ଫୁଟନ ନାମରେ ଅଭିହିତ କରାଯାଇଛି । ନାୟିକବ ଅନ୍ନପୂର୍ଣ୍ଣା ହେଉଛନ୍ତି ସେଇ ମାନସିକତାର ପ୍ରତିମୂର୍ତ୍ତି । ଜାତିର ହିତଭାବନା ହେଉଛି ତାଙ୍କର ସାଧାରଣ ଅଭିପ୍ରାୟ ।

ସ୍ୱପ୍ନର ପରିଧି ଭିତରେ ସେ ଯେଉଁମାନଙ୍କୁ ଭେଟିଛନ୍ତି, ସେମାନେ ଆଧ୍ୟାତ୍ମିକ ବା ଆଧିଭୌତିକ ପ୍ରତିମୂର୍ତ୍ତି ହୁଅନ୍ତୁ ପଛକେ ତାଙ୍କ ସହିତ କଥୋପକଥନ ବେଳେ ସେ ଆତ୍ମିକ ବା ଜାତୀୟ ବିକାଶର ବିଭିନ୍ନ ପ୍ରଶ୍ନ ଘେନି ଆଲୋଚନା କରିଛନ୍ତି । ସେମାନଙ୍କଠାରୁ ଆଶ୍ୱାସନା ପାଇ ସେ ଆପଣା ମନରୁ ଆପଦ ବିପଦର ଚିନ୍ତା ଭୁଲାଇ ଦେଇଛନ୍ତି । କବିଙ୍କର ଅନୁଭବ ଯେ, ଯନ୍ତ୍ରଣାରେ ମାଧୁର୍ଯ୍ୟ ଅଛି, ଜୀବନରେ ମାଧୁର୍ଯ୍ୟର ମାତ୍ରା ଆଘାତର ତୀବ୍ରତା ଭିତରେ ପରିପକ୍ୱତା ଲାଭ କରେ । ଏ ଜୀବନ ହେଉଛି, ଈଶ୍ୱରଙ୍କର ମହାଦାନ, ଦାନର ଧାରା ନିତ୍ୟ ପ୍ରବାହିତ । ଦାନର ଗ୍ରହୀତା ଗଣ ବିଶ୍ୱ-ମାନବିକତାର ହିତ ପାଇଁ ଯଦି କର୍ମୋଦ୍ୟୋଗୀ ହୁଅନ୍ତି ତେବେ ଜାତିର ମଂଗଳ ସହଜସାଧ୍ୟ ହେବ । ତେଣୁ ତାଙ୍କର ବକ୍ତବ୍ୟ ହେଉଛି—'ଯା ମହତ ସେହି ଧରି ଚଳିଲେ ଜଗତେ / ସୁନ୍ଦର ନୋହିବ କିବା ନିଜ ଇଚ୍ଛାମତେ ?/ନାରୀ ପାଇଁ ନରପ୍ରାଣ ଚିନ୍ତା କଳାପରି / ପ୍ରତାରକ ହୁଅ ନାହିଁ ଦେଇ ଶୁଷ୍କ ହରି / ମୁହିଁ କହେ ନାରୀ କରୁ ତା' ଜାତି ମଂଗଳ / ସେହିପରି ନର ମଧ୍ୟ କରୁ ତା ଚହଳ ।"*

ପ୍ରତାରଣା କିଂବା ଅବିଶ୍ୱାସ 'ଆତ୍ମା ବେଶଧାରୀ ଘଟି ବିଶେଷ' ପକ୍ଷରେ ସ୍ପୃହଣୀୟ ନୁହେଁ । ଆତ୍ମ-ପ୍ରତ୍ୟୟ-ଶୂନ୍ୟ ଜୀବ ହେଉଛି ଅନ୍ଧାର ନିବାସୀ । ଯିଏ ବ୍ରହ୍ମ ପଦରେ ଅନୁଗତ ସେ

* ନାୟିକବ ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮) ବିଚ୍ଛେଦ ମିଳନ ଅନ୍ତର୍ଗତ ଉଦ୍‌ବୋଧନ କବିତା ପୃଷ୍ଠା ୩୪୨ ।

Digitized by srujanika@gmail.com

ଜ୍ୟୋତିଷ୍ମାନ । କବି ଏହି ଭାବନା ଘେନି ଦୃଢ଼ବ୍ରତୀ ହୋଇଥିବାରୁ ଈଶ୍ୱରଙ୍କର ପଦ-ପଙ୍କଜକୁ ଅଭୟ-ଅମୃତ ସିନ୍ଧୁ ବୋଲି ବର୍ଣ୍ଣିଛନ୍ତି ଏବଂ ଇଷ୍ଟ ମନ୍ତ୍ରକୁ ପ୍ରାଣର ସକଳ ସଂପଦଭାବେ ଗ୍ରହଣ କରିଛନ୍ତି । ତାଙ୍କର ବିଶ୍ୱାସ ଜନ୍ମିଛି ଯେ, ଈଶ୍ୱର ସାନ୍ନିଧ୍ୟ ହିଁ ତାଙ୍କ ଜୀବନରୁ ସକଳ କଳୁଷ ଦୂର କରିପାରିଛି ।*

କବି ଅନ୍ନପୂର୍ଣ୍ଣା ଭକ୍ତିରସ ପାନ ପାଇଁ ଅଧୀର ହୋଇ ପଡ଼ିଛନ୍ତି । ପ୍ରାଣର ପିପାସାକୁ ମୁକ୍ତ କଣ୍ଠରେ ଘୋଷଣା କରି ସେ ଉନ୍ମତ୍ତ ହୋଇଛନ୍ତି; ସ୍ୱୀକାର କରିଛନ୍ତି; 'ତାଙ୍କ ପ୍ରେମେ ବନ୍ଧା ହେଲି ଆଜି କିସ ଭୟ / ଦାନ କରିଛନ୍ତି ମୋତେ ଅମୃତ ଅଭୟ / ଚକ୍ଷୁ ଥିବ ତାଙ୍କ ସତ୍ୟ ହୃଦୟରେ ଧରି/ଭକ୍ତିଭରେ ବୁଲୁଥିବ ପ୍ରେମ ଅନୁସରି ।'†

କବି ବୁଝିଛନ୍ତି ଯେ, ଈଶ୍ୱରୀୟ ଦାନରେ ଯେତେ ପୁଲକ ଓ ବିସ୍ମୟବୋଧ ଅଛି, ତାର କଳନା ନାହିଁ । ଅପମାନର ଅଶ୍ରୁ ଏଠି ସମ୍ମାନର ବିଭୂତିରେ ପରିଣତ ହୁଏ । ଅନ୍ଧକାରର ହୃଦୟ ପୀଡ଼ା ଆଲୋକର ମହୋତ୍ସବରେ ଉଦ୍ଭାସି ଉଠେ । ଲାଞ୍ଛନା ଓ ମାର୍ମିକ ଆଘାତ ସବୁ ବିଭୁ କୃପାର ନିର୍ମାଲ୍ୟ କଣିକା ରୂପେ ପ୍ରତିଭାତ ହୁଏ । ନାରୀ କବିଙ୍କର ଏଇ ବିଶ୍ୱାସ ହେଉଛି ତାଙ୍କ ଜୀବନ-ଧାରାର ପ୍ରାଣ-ଧନ । ବାସ୍ତବତାର କଷଣରେ ନିର୍ଯ୍ୟାତିତ ହେଉଥିଲେ ସୁଦ୍ଧା ଏଥିରୁ ସେ ଆଦୌ ଆସ୍ଥା ହରାଇ ନାହାନ୍ତି । ଆଧ୍ୟାତ୍ମିକ ଦମ୍ଭ ତାଙ୍କୁ ଜୀବନ ଘେନିବାର ବିପୁଳ ଶକ୍ତି ଯୋଗାଇଛି; ମଣିଷ ପ୍ରତି ଅକପଟ ମମତା ସମାଜ କତିରେ ତାଙ୍କୁ ମର୍ଯ୍ୟାଦାରେ ସମ୍ମାନିତ କରିଛି । ଏହି ଦୁଇ

---

* ପୁଲକିତେ ଅଯାଚିତେ କରିଅଛ ଦାନ
ଅପମାନ ତଳେ ରଖି କରିଛ ସମ୍ମାନ
ସେ ସମ୍ମାନ ସଙ୍ଗେ ତୁଲ୍ୟ କିଛି ନାହିଁ ଆଜି
ଜଳଇ ଅନ୍ଧର ହୃଦେ ଜ୍ୟୋତି ଦାଉଦାଉ ।
(ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ବିଚ୍ଛେଦ ମିଳନ ଅନ୍ତର୍ଗତ ମହାଦାନ କବିତା ପୃଷ୍ଠା ୩୩୩ ।)

† ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ— ବିବିଧ କବିତା ବିଭାଗ ଅନ୍ତର୍ଗତ ସଂତାନଙ୍କ ବନ୍ଧୁପ୍ରେମ କବିତା ପୃଷ୍ଠା ୩୭୫ ।

Digitized by srujanika@gmail.com

ଚିନ୍ତା-ଶକ୍ତିର ସମ୍ମିଶ୍ରଣରୁ ଉପଲବ୍ଧ ଚେତନାର ନବଜାତ ଶିଶୁଟିକୁ ନାସ୍ତିକବି ଆପଣାର ଅଭିଜାତ ସଂତାନ ରୂପେ ମାନି ନେଇଥିଲେ ଏବଂ ତାହାର ଅଭିଷେକ ଉତ୍ସବ କବିତା-କୁଞ୍ଜରେ ହିଁ ନିତ୍ୟ ପାଳନ କରୁଥିଲେ ।

କବିଙ୍କ ମୌଳିକ ଦର୍ଶନ

ବସ୍ତୁତଃ କୁହାଯାଇପାରେ ଯେ, ଆଧ୍ୟାତ୍ମିକ ମାନବବାଦ ହେଉଛି ଅନ୍ନପୂର୍ଣ୍ଣାଙ୍କର ନିଜସ୍ୱ ଦର୍ଶନ । ସାରସ୍ୱତ ଜୀବନର ଶେଷ ଲଗ୍ନ ପର୍ଯ୍ୟନ୍ତ ସେ ଏହି ଚେତନାରେ ବଂଚିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଏହାର ଭାବ କଣିକା ବାଣ୍ଟିଦେଇ ଯାଇଛନ୍ତି । ଈଶ୍ୱର ଓ ମଣିଷ ଏମାନଙ୍କ ଅନୁଚିନ୍ତାରେ ଅନ୍ନପୂର୍ଣ୍ଣାଙ୍କର କବିମନ ନିରନ୍ତର ଭାବିତ ହେଉଛି । ଈଶ୍ୱରଙ୍କର ପ୍ରତୀକ ଜ୍ଞାନରେ ସେ ମଣିଷକୁ ମାନିଛନ୍ତି ଏବଂ ମଣିଷର ସତ୍ ବିକାଶ ପାଇଁ ଈଶ୍ୱର ହିଁ ଏକମାତ୍ର ପଥଦ୍ରଷ୍ଟା ଏହା ଦୃଢ଼ତାର ସହିତ ବିଶ୍ୱାସ କରିଛନ୍ତି । ସତ୍ୟ ଓ ପ୍ରୀତିର ଆଚରଣୀୟ ଆଦର୍ଶ ଅନୁସରଣରେ ଜୀବନର ଗତିଧାରାକୁ ମର୍ଯ୍ୟାଦାବନ୍ତ କରିବା ଲାଗି ସେ ସତତ ଯତ୍ନ କରୁଥିଲେ । ବ୍ୟାବହାରିକ ଜୀବନ ଓ କବି-ଜୀବନ ମଧ୍ୟରେ ଅଚ୍ଛିନ୍ନ ସମନ୍ୱୟ ହେଉଛି ତାଙ୍କ ବ୍ୟକ୍ତିତ୍ୱର ବଳିଷ୍ଠ ବିଭବ । ଆଧ୍ୟାତ୍ମିକ ବିଶ୍ୱର ବୋଧ ଯେନ ସେ ବାସ୍ତବତାକୁ ବୁଝିବା ଲାଗି ଯତ୍ନ କରୁଥିଲେ ବୋଲି ତାଙ୍କର ଅଧିକାଂଶ କବିତାରେ ଆଧ୍ୟାତ୍ମିକ ମାନବବାଦର ଉଚ୍ଚାରଣ ଖୁବ୍ ସ୍ପଷ୍ଟ ।

ମନକୁ ଥିର୍ କରି କବି ଅନ୍ନପୂର୍ଣ୍ଣା ଯେତେ କବିତା ଲେଖିଛନ୍ତି ତହିଁରେ କବିଙ୍କର ଏକାନ୍ତ ବ୍ୟକ୍ତିକେନ୍ଦ୍ରିକ ଚିନ୍ତା-ରାଜି ପ୍ରକାଶ ପାଇଛି । ଏହାର ଚରିତ୍ର ପରୀକ୍ଷା କଲେ ଜଣାପଡ଼େ ଯେ ଏ ଗୁଡ଼ିକ ମଧ୍ୟ କବି-ମନର ସର୍ବ ମୋଟ ଦୁଇଟି ଭାବ-ବିଭବ (ମାନବୀୟ ଓ ଈଶ୍ୱରୀୟ)କୁ ପ୍ରକଟିତ କରିଛନ୍ତି । ଜାଗତିକ ବା ଆଧ୍ୟାତ୍ମିକ ସତ୍ୟର ଉପଲବ୍ଧି ପାଇଁ ଏଥିରେ ମନକୁ ଉଦ୍‌ବୋଧିତ କରିବାର ଦୃଷ୍ଟିଭଙ୍ଗୀ ପ୍ରତିଫଳିତ । ବେଳେ ବେଳେ କବି ମଧ୍ୟ ଆଶା କରିଛନ୍ତି ଯେ, ମାନବ ମନ ବହୁମୁଖୀ ନ ହୋଇ ଅପାର୍ଥିବ ଜିଜ୍ଞାସାରେ ବ୍ୟାପୃତ ରହୁ, ଜୀବନରେ ନିର୍ମଳ ଆତ୍ମପ୍ରତ୍ୟୟ ଈଶ୍ୱର କରୁଣାରୁ ଉଦିତ ହେଉ,

Digitized by srujanika@gmail.com

ଏବଂ ଈଶ୍ୱର ଆନୁଗତ୍ୟର ଅଭିବୃଦ୍ଧି ଦ୍ୱାରା ଜାଗତିକ ଭାବ ଚିହ୍ନିବାର ସାମର୍ଥ୍ୟ କ୍ରମଶଃ ବଢ଼େ । * ଏପରି ଆଶାବାଦୀ ସମ୍ଭାବନାର ସମ୍ବଳ ଉପରେ ନାସ୍ତି କବିଙ୍କର ଜୀବନ-ଜିଜ୍ଞାସା ପରିପୁଷ୍ଟ ହୋଇଥିଲା । ଅବଶ୍ୟ କେତେବେଳେ କେମିତି ଈଶ୍ୱରଙ୍କ ପ୍ରତି ଅଭିମାନୀ ହୋଇ ସେ ମନେ ମନେ ଚିନ୍ତା କରୁଥିଲେ ଯେ, ଯିଏ ଧର୍ମଠାରୁ ସେ ଦୁର୍ବଳ ଏବଂ ଧର୍ମବ୍ରତୀର ଜାଗତିକ ଉନ୍ନତି ସେତେ ସହଜ ନୁହେ । (୧) ମାତ୍ର ଏହା ତାଙ୍କ ହୃଦୟର ମାର୍ମିକ ଉଚ୍ଚାରଣ ନୁହେଁ । ଏକାନ୍ତ ବିଶ୍ୱାସ ଯେ ଆଧ୍ୟାତ୍ମବାଦ ହେଉଛି ଯୁଗ ଜୀବନ ଓ ମଣିଷ ସମାଜର ଶ୍ରେଷ୍ଠ ପାଥେୟ । ଆଧ୍ୟାତ୍ମବାଦର ଅବକ୍ଷୟରେ ମାନବବାଦର ବିନାଶ ଘଟେ । ଅପରନ୍ତୁ ମାନବବାଦର ବିକାଶ ଘଟିଲେ, ମଣିଷର ମନ ଆଧ୍ୟାତ୍ମିକ ଭାବ-ବୋଧ ପାଇଁ ପ୍ରଶସ୍ତ ସୁଯୋଗ ପାଇଥାଏ । ତେଣୁ ନାସ୍ତି କବିଙ୍କର ମନନରେ ଆଧ୍ୟାତ୍ମିକ ମାନବବାଦ ଏକ ବିଧିବଦ୍ଧ ଭୂମିକା ଗ୍ରହଣ କରିପାରିଛି ।

---

* ଆହେ ପ୍ରଭୁ ତୁମ୍ଭେ ମୋର ସକଳ ଉପାୟ
ସକଳ ଚିହ୍ନାଇ ଅଛ ହୋଇ ମୋ ସହାୟ ।
ଜାଣି ଶୁଣି ପଥ ବଣା ହୁଏ କିସ ପାଇଁ
ଧରି କ ପାରିବ ବଳେ ବାୟୁ ପଛେ ଧାଇଁ ।
ଦିଅ ଧୈର୍ଯ୍ୟ ଦିଅ ପଣ ହେବି ଅଗ୍ରସର
କର୍ତ୍ତବ୍ୟ ପାଳିବି ଭାବ ଚିହ୍ନି ଜଗତର ।
ନାସ୍ତିକବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ (୧୯୬୮)—ମନଶ୍ରୀ ବିଭାଗ ଅନ୍ତର୍ଗତ 'ମନ ଫେରଣ' କବିତା ପୃଷ୍ଠା ୨୭୭)

(୧) ସତ୍ୟ ଧର୍ମ ଯେ ପାଳଇ ସେ ଅଟେ ଦୁର୍ବଳ
ଯାର ସାହା ସଖା ନାହିଁ ଲୋଡ଼େ ଧର୍ମ ବଳ ।
ଧର୍ମରେ କାହାର ମାତ୍ର ହୋଇଛି ଉଦୟ
ହୃଦୟରେ ଶାନ୍ତି ଉଠି ବିନାଶିଛି ଭୟ ।
(ନାସ୍ତିକବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ (୧୯୬୮)—ମନଶ୍ରୀ ବିଭାଗ ଅନ୍ତର୍ଗତ 'ମନକୁ ପ୍ରଶ୍ନ' କବିତା ପୃଷ୍ଠା ୨୮୧)

Digitized by srujanika@gmail.com

୪

ପ୍ରତିଭା ପ୍ରଶସ୍ତି/ବ୍ୟକ୍ତିତ୍ୱ ବନ୍ଦନା

Digitized by srujanika@gmail.com

କବି ଅନ୍ନପୂର୍ଣ୍ଣା ସକଳ ପ୍ରତିକୂଳତା ସତ୍ତ୍ୱେ ରଚନା ବ୍ୟାପାରରେ ନିଜସ୍ୱ ଦୃଷ୍ଟିକୋଣର ପରିଚୟ ଦେଇଛନ୍ତି । ତାଙ୍କର ଅକ୍ଷର କାନ୍ତି, ମାନବ ଓ ଈଶ୍ୱରଙ୍କର ଭାବ-ରୂପ ହିଁ ଅଙ୍କନ କରିଛି । ତହିଁରୁ ପାଠକ-ସମାଜ ମଧ୍ୟ ମନଲାଖି ଆବେଦନ ଲାଭ କରିଛନ୍ତି । ଅନ୍ନପୂର୍ଣ୍ଣା ଶିକ୍ଷା-ଦୀକ୍ଷାରେ ଯେତେ ଦୀନା ହୁଅନ୍ତୁ ପଛକେ, ପ୍ରତିଭା-ଶକ୍ତିରେ ଖୁବ୍ ଶକ୍ତିଶାଳୀ; ନ ହୋଇଥିଲେ ତାଙ୍କୁ ସାଧନାର ଗୁଣ କଥନ ଓ ପ୍ରତିଭା-ପ୍ରଶସ୍ତିରେ ସମସାମୟିକ ବିଦଗ୍ଧ ଲେଖକଗଣ ମଧୁ-କଣ୍ଠ ହୋଇଥାନ୍ତେ କାହିଁକି ?

ପ୍ରଚୁର ଓ ପୃଷ୍ଠପୋଷକତାର ଅଭାବ ତାଙ୍କୁ ଅନ୍ଧକାରାଚ୍ଛନ୍ନ କରି ରଖିଥିଲା । ଜୀବିତାବସ୍ଥାରେ ସେ ଯେପରି ସ୍ୱଳ୍ପ-ଜ୍ଞାତ ଅବସ୍ଥାରେ କାଳାତିପାତ କରୁଥିଲେ, ଦେହାନ୍ତ ହେଲାପରେ ମଧ୍ୟ କବି ଅନ୍ନପୂର୍ଣ୍ଣା ଓଡ଼ିଆ ସାହିତ୍ୟ ଇତିହାସରେ ଅନାଲୋଚିତ ହୋଇ ଏଯାବତ୍ ରହିଥିଲେ ! ସମ୍ଭବତଃ କାଳର ପରମ କଲ୍ୟାଣରୁ ସେ ଏବେ ଅଜ୍ଞାତ ବାସରୁ ଆତ୍ମପ୍ରକାଶ କରୁଛନ୍ତି ।

ତାଙ୍କ କବି-ଶକ୍ତିର ଭବିଷ୍ୟତ ସମ୍ଭାବନା ସଂପର୍କରେ ଆଶାପ୍ରଦ ସୂଚନା ଦେଇ କବିବର ଚିନ୍ତାମଣି ମହାନ୍ତି ଲେଖିଥିଲେ ଯେ, 'ବର୍ତ୍ତମାନ କେହି ତୁମ୍ଭଙ୍କୁ ନ ଚିହ୍ନନ୍ତୁ ପଛକେ ଭବିଷ୍ୟତ ବଂଶଧରମାନେ ତୁମ୍ଭ ଉଦ୍ଦେଶ୍ୟରେ ପୂଜା କରିବେ, ଏଥିରେ ସଂଦେହ ନାହିଁ ।'* ଅନ୍ନପୂର୍ଣ୍ଣାଙ୍କର କବି-ଗୌରବର ସିଦ୍ଧି ବିଷୟରେ ସେ ସଚେତନ ଥିଲେ ବୋଲି, ଏପରି ମତର ଅବତାରଣା କରିବାକୁ ଦ୍ୱିଧା ବୋଧ କରି ନ ଥିଲେ । ରାଧାନାଥ, ନାୟିକାଙ୍କର ପଦ୍ୟମାଳା ପାଠକରି

* ନାୟିକାଙ୍କୁ ଲିଖିତ କବିବର ଚିନ୍ତାମଣି ମହାନ୍ତିଙ୍କର ୧୮-୧୧-୧୯୦୪ ତାରିଖର ପତ୍ର ।

Digitized by srujanika@gmail.com

ଲେଖିକାଙ୍କର ଶକ୍ତି-ମତ୍ତା ସଂପର୍କରେ ଅନୁକୂଳ ଧାରଣା ପୋଷଣ କରିଥିଲେ । ଅଧ୍ୟବସାୟ ଅବଲମ୍ବନ କଲେ ଅନ୍ନପୂର୍ଣ୍ଣା ଉତ୍କଳ ସାହିତ୍ୟ ସଂସାରରେ ଅମର କୀର୍ତ୍ତି ସ୍ଥାପନ କରିପାରିବେ ବୋଲି ତାଙ୍କର ବିଶ୍ୱାସ ଜନ୍ମିଥିଲା ।ᐧ

ଭକ୍ତକବି ମଧୁସୂଦନଙ୍କର ହୃଦବୋଧ ହୋଇଥିଲା ଯେ, ଅନ୍ନପୂର୍ଣ୍ଣା ହେଉଛନ୍ତି ଜଣେ ସୁକବି । ତାଙ୍କ ଲେଖା ଜନ୍ମରୁ ଶୁଦ୍ଧ ଓ ସୁନ୍ଦର । ତାଙ୍କର କବି-ବ୍ୟକ୍ତିତ୍ୱ ହେଉଛି ସ୍ଫଟିକ ପରି ନିର୍ମଳ ଓ ଜ୍ୟୋତିଷ୍ମାନ । କିନ୍ତୁ ଅନ୍ୟ ପକ୍ଷରେ ଦେଖିଲେ ଜଣାପଡ଼େ ଯେ ତତ୍କାଳୀନ ନାରୀ-ସମାଜ ଏପରି ଜଣେ କବି-ପ୍ରତିଭାକୁ ପ୍ରୋତ୍ସାହିତ ନ କରି ବିଦ୍ୱେଷପୂର୍ଣ୍ଣ ଆଚରଣ ପ୍ରକାଶ କରୁଥିଲା । ଓଡ଼ିଆ ସମାଜର ମତିଗତିରୁ ଅନ୍ନପୂର୍ଣ୍ଣାଙ୍କ ଅବସ୍ଥା ସମ୍ବନ୍ଧରେ କବି ଗଂଗାଧର ମେହେର ସେପରି କୌଣସି ସୁଖକର ଧାରଣା ପୋଷଣ କରି ପାରିନଥିଲେ । ଆତ୍ମ ନିଷ୍ଠା ଓ ପରିସ୍ଥିତିର ଅନୁଧ୍ୟାନ କରି ସେ ବୁଝିଥିଲେ ଯେ 'ଆପଣ ଉନ୍ନତି ପଥରେ ଅଗ୍ରସର ହେଉଥିବା ସ୍ଥଳେ ଆମ୍ଭେମାନେ ଆପଣଙ୍କର ସାହାଯ୍ୟ ନ ହେବା ନିନ୍ଦାର ବିଷୟ ହେବ । ଅବଶ୍ୟ ଯଥାସାଧ୍ୟ ସହାନୁଭୂତି ଦାନରେ ମୁଁ ପଶ୍ଚାତ୍‌ପଦ ହେବି ନାହିଁ । ଆପଣଙ୍କ ପ୍ରତି ଭଗିନୀମାନେ ବିଦ୍ୱେଷ ପୂର୍ଣ୍ଣ ଘୃଣା ପ୍ରକାଶ କରୁଥିବାର ଜାଣି ସେ (ମୋ ସ୍ତ୍ରୀ) ଦୁଃଖିତା ହୋଇଥାନ୍ତି ଏବଂ ଆପଣଙ୍କର ଆଚରଣକୁ ପ୍ରଶଂସା ମଧ୍ୟ କରିଥାନ୍ତି' । *

ᐧ 'ପଦ୍ୟମାଳା ପାଠଦ୍ୱାରା ଆପଣଙ୍କ ଶକ୍ତିମତ୍ତା ସମ୍ବନ୍ଧରେ ମୋହର ଅନୁକୂଳ ଧାରଣା ଦୃଢ଼ୀଭୂତ ହୋଇଅଛି । ଅଧ୍ୟବସାୟ ଅବଲମ୍ବନ କଲେ ଆପଣ ଉତ୍କଳ ସାହିତ୍ୟ ସଂସାରରେ ଅମର କୀର୍ତ୍ତି ସଂସ୍ଥାପନ କରିପାରିବେ, ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।' (ନାରୀକବି ଅନ୍ନପୂର୍ଣ୍ଣାଙ୍କୁ ଲିଖିତ କବିବର ରାଧାନାଥ ରାୟଙ୍କର ୨୧-୧୧-୧୯୦୪ ତାରିଖର ପତ୍ର ।)

* ନାରୀକବିଙ୍କୁ ଲିଖିତ ଗଂଗାଧର ମେହେରଙ୍କର ୧୦-୧୧-୧୯୧୦ ତାରିଖର ପତ୍ର ।

Digitized by srujanika@gmail.com

ବ୍ୟାସ କବି ଫକୀରମୋହନଙ୍କ ଦୃଷ୍ଟିରେ ଅନ୍ନପୂର୍ଣ୍ଣା ଥିଲେ ଏକ କାବ୍ୟ-ପ୍ରତିମା । ଅନ୍ନପୂର୍ଣ୍ଣାଙ୍କ କବିତାକୁ କବି ପ୍ରାଣର ବିଶୁଦ୍ଧ ଉଚ୍ଚାରଣ ହିସାବରେ ସେ ଗ୍ରହଣ କରୁଥିଲେ । କାବ୍ୟ-ସାଧନା ବେଦୀରେ ସତେ ଯେପରି ସେ ଏକ ତପସ୍ୱିନୀ ।* କବି ଅନ୍ନପୂର୍ଣ୍ଣାଙ୍କର କବି-ଶକ୍ତି ଓ ବ୍ୟକ୍ତି ସତ୍ତାର ହାବ-ଭାବ କଳନା କରି ଫକୀରମୋହନ ଉତ୍କଳବାସୀ ପତ୍ରିକାର ୮-୧୧-୧୯୦୪ ସଂଖ୍ୟାରେ ଲେଖିଥିଲେ ଯେ—'ଅନନ୍ୟଶୂନ୍ୟା ଅନ୍ନପୂର୍ଣ୍ଣା ମହିଳା ମଣ୍ଡନା/କବି ନାମେ ମୁହିଁ ତୋତେ କରୁଛି ଗଣନା/ସାମାନ୍ୟ ଗୃହିଣୀ ତୁହି ନୋହୁ ଧନଦଣ୍ଡା,'ମାଁ ମୋ ବିଶ୍ୱାସ ତୁହି ମହାଭାଗ୍ୟବତୀ/ଧର୍ମନିଷ୍ଠା ପତିଭକ୍ତି କରନ୍ତୁ ସମ୍ବଳ/କୁଳବତୀ ପକ୍ଷେ ଯହିଁ ସଂପତ୍ତି କେବଳ/ଦାରିଦ୍ର୍ୟର ବେହାଘାତେ ନୋହି ବିଚଳିତ/ସୁଖେ ଦୁଃଖେ ରଖିଅଛୁ ପ୍ରଭୁପଦେ ଚିତ୍ତ/ଭୋଗେ ଦୁଃଖେ ପଡ଼ି ମଧ୍ୟ ସ୍ଥିରକରି ମନ/ସାହିତ୍ୟ ସେବାରେ କଲୁ ଚିତ୍ତ ସମର୍ପଣ ।' ✝

ବସ୍ତୁତଃ ସାହିତ୍ୟକୁ ଜୀବନର ଶ୍ରେଷ୍ଠ ବ୍ରତରୂପେ ବରଣ କରି ଜୀବନ ବ୍ୟାପି ଏଥିଲାଗି ସାଧନା କରିବା ଜଣେ ଅନନ୍ୟଶୂନ୍ୟା ମହିଳାଙ୍କ ପକ୍ଷରେ କମ ଗୌରବର ବିଷୟ ନୁହେଁ । ଗଂଜାମ ଭ୍ରମଣ ପ୍ରସଙ୍ଗରେ କବିବର ଚନ୍ଦ୍ରମଣି ମହାନ୍ତିଙ୍କର ମତ ମଧ୍ୟ ଅନୁରୂପ ବିବେଚନାରେ ପରିଚିଥିବା ଲକ୍ଷିତ ହୁଏ । ଅନ୍ନପୂର୍ଣ୍ଣାଙ୍କର କବିଶକ୍ତି ଓ ବ୍ୟକ୍ତି-ଜୀବନର ଅବସ୍ଥା ସଂପର୍କରେ କବିବର ଚନ୍ଦ୍ରମଣି ଅନୁଧ୍ୟାନ କଲେ ଯେ, ଗୃହଶାଳୀ ଶିକ୍ଷିତା ଅନ୍ନପୂର୍ଣ୍ଣା ଶକ୍ତିମତେ ଯେପରି କବିତା

---

* 'ମୁଁ କବିତା ରୂପ ଦର୍ପଣରେ ଆପଣଙ୍କ ହୃଦୟର ପ୍ରତିବିମ୍ବ ଦେଖୁଅଛି, ଆପଣ ଗୋଟିଏ କ୍ଷୁଦ୍ର ତପସ୍ୱିନୀ ଅଟନ୍ତି ।'
(୪-୪-୧୯୦୩ରେ ଲିଖିତ ଫକୀରମୋହନଙ୍କର ପତ୍ରର ଅଂଶ)

✝ ଉତ୍କଳବାସୀ ୮-୧୧-୧୯୦୪ ସଂଖ୍ୟାରେ ପ୍ରକାଶିତ ଫକୀର ମୋହନଙ୍କର କବିତାର କିୟଦଂଶ ।

Digitized by srujanika@gmail.com

ଲେଖେ ଏବଂ ଏଥିପାଇଁ ଯେପରି ଅନ୍ୟମାନଙ୍କର କୋପ କଟାକ୍ଷରେ ପଡ଼େ; ତାହା କଳ୍ପନାତୀତ । *

କିନ୍ତୁ ଲୋକ ପ୍ରକୃତି ଏପରି ଯେ ଏହା ସହଜରେ ପ୍ରତିଭାର-ସୌରଭକୁ ଘେନିପାରେ ନାହିଁ । ଯେଉଁମାନେ ପ୍ରବଞ୍ଚନାର ମହା-ସମୁଦ୍ରରେ ପହଁରି ପହଁରି ପାଣ୍ଡିତ୍ୟର ବେଳାଭୂମିରେ ଏକ ସମ୍ମାନିତ ଆସନ ମାଡ଼ି ବସନ୍ତି, ସେମାନେ କେବେ କଣ ବୁଝନ୍ତି ପ୍ରତିଭାବାନ ପୁରୁଷର ମାନ ? ତେଣୁ ଅନ୍ନପୂର୍ଣ୍ଣାଙ୍କର କବି-ଆତ୍ମାର ଐଶ୍ୱର୍ଯ୍ୟକୁ ଚିହ୍ନିବ କିଏ ? କବିବର ନିଃସନ୍ଦେହରେ ଧାରଣା କରିଥିଲେ ଯେ; ଅକ୍ଷର କୀର୍ତ୍ତି ହେଉଛି ସ୍ଥିର ଓ ସ୍ଥାୟୀ; ଏଇ କୀର୍ତ୍ତିର ଉପାସିକା ହେଉଛନ୍ତି ଶ୍ରୀମତୀ ଅନ୍ନପୂର୍ଣ୍ଣା ! ଅଜ୍ଞାନ ମଣିଷ ତାଙ୍କୁ ନ ଚିହ୍ନନ୍ତୁ ପଛକେ ସମୟର ମହାସଭାରେ ସେ ଦିନେ ନା ଦିନେ ଚିହ୍ନା ପଡ଼ିବେ —ଏପରି ବିଶ୍ୱାସ ଥିଲା କବିବର ଚିନ୍ତାମଣିଙ୍କର ।

ସେ କାଳର ଅନ୍ୟତମ କବି ଓ ବିଦ୍ୟାବିଳାସୀ ପଣ୍ଡିତ ଚନ୍ଦ୍ରମୋହନ ମହାରଣା, ଅବହେଳିତ କବି ପ୍ରତିଭା ଅନ୍ନପୂର୍ଣ୍ଣାଙ୍କର ପ୍ରଶସ୍ତି ପର୍ଯ୍ୟାୟରେ ଉଲ୍ଲେଖ କରିଥିଲେ ଯେ, 'ସତୀ ଅୟି ଅନ୍ନପୂର୍ଣ୍ଣେ ଉତ୍କଳ ଅରଣ୍ୟ/ସେ ବନେ ମାଳତୀ ତୁହି, ଗୁଣ ତୋ ବରେଣ୍ୟ, ଯେ ଅଟେ ଯାହାକୁ ଯୋଗ୍ୟ ତାହାକୁ ତହିଁରେ/ନିହିଥାନ୍ତି ବିଧି, ଏହି ବିଧି ସବୁଠାରେ/ତୁ ବନ ମାଳତୀ, ତୋର ଲୀଳାଭୂମି ବନ/ଏହାକୁ ଜାଣିବୁ ବିଧି କୃପା ନିଦର୍ଶନ ।' †

---

* ଅନ୍ନଶୂନ୍ୟା ଅନ୍ନପୂର୍ଣ୍ଣା ଯାଏ ଗୀତ ବାନ୍ଧି / ସ୍ମରିଲେ କଷଣ ତାର ପକାଏ ମୁଁ କାନ୍ଦି / ଗୃହଶାଳୀ ପାଠେ ନାମ ମାତ୍ର ଶିକ୍ଷା ପାଇ / ଲେଖେ ପଦେ ଅଧେ ଗୀତ ଶକ୍ତି ଅନୁଯାୟୀ ।
(କବିବର 'ଚିନ୍ତାମଣି ମହାନ୍ତି—ଗଂଜାମ ଭ୍ରମଣ—ଗ୍ରନ୍ଥାବଳୀ ୨ୟ ଭାଗ (୧୯୩୮) ପୃଷ୍ଠା ୧୪୩୦)

† ନିଃସ୍ୱ କବି ଅନ୍ନପୂର୍ଣ୍ଣାଙ୍କ ଉଦ୍ଦେଶ୍ୟରେ ଲିଖିତ ଚନ୍ଦ୍ରମୋହନ ମହାରଣାଙ୍କର ଏକ କବିତାର କିୟଦଂଶ—ପ୍ରଜାବନ୍ଧୁ ୧୯୦୫, ଫେବୃଆରୀ ୧୫ ତାରିଖରେ ପ୍ରକାଶିତ ।

Digitized by srujanika@gmail.com

କବି ପଦ୍ମଚରଣ ପଟ୍ଟନାୟକ, ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ କବି ଗୌରବ ବନ୍ଦନା କରି ଉଲ୍ଲେଖ କରିଥିଲେ ଯେ, 'ଅନ୍ନପୂର୍ଣ୍ଣା ଗଞ୍ଜାମର ରମଣୀ ଲଲାମ/ଧନ୍ୟ ତବ ପିତା-ମାତା ଧନ୍ୟ ସେ ଗଂଜାମ/ଯେ ସରେ ସରସେ ଶୋଭୁଥିଲେ ରଥ ଭଂଜ/ସେ ସରର ଅଟ ତୁମ୍ଭେ କମନୀୟ କୁଞ୍ଜ/ଲଳିତ କବିତାମାଳା ଗୁନ୍ଥି ପ୍ରେମଭରେ/ପୂଜୁଛୁ ବାଗ୍‌ଦେବୀ ପଦ ନିର୍ଜନେ ନିଷ୍ଠଲେ ।' *

ଏତଦ୍‌ଭିନ୍ନ ନାରୀକବିଙ୍କର ପ୍ରତିଭା-ପ୍ରଶସ୍ତିରେ ସେ କାଳର ବହୁ ପତ୍ର ପତ୍ରିକା ଓ ସାମାଜିକ ଅନୁଷ୍ଠାନ ପ୍ରଗଲ୍‌ଭ ହୋଇ ଉଠିଥିଲେ । ସେମାନେ ବୁଝିଥିଲେ ଯେ, ଦୁଃଖ କିଂବା ଅପବାଦ ଦୀପ୍ତିମୟୀ କୌଣସି ସାରସ୍ୱତ ଶକ୍ତିକୁ ଅନ୍ଧକାର କାରାଗୃହରେ ଆବଦ୍ଧ କରି ରଖିପାରିବ ନାହିଁ । ଅନ୍ଧକାରକୁ ହଟେଇ, ଆଲୋକ କଣିକା ବାଣ୍ଟିବା ତ ହେଉଛି ପ୍ରତିଭାବାନ ବ୍ୟକ୍ତିର କର୍ମ । ତାକୁ ପୁଣି ଅନ୍ଧକାର କବଳିତ କରିବ କିପରି ? ନାରୀକବି ଅନ୍ନପୂର୍ଣ୍ଣାଙ୍କ ପକ୍ଷରେ ତାହାହିଁ ହେଲା । କଷଣରୁ କଲ୍ୟାଣ ମିଳେ; ଏଇ ଆପ୍ତ ବଚନକୁ ପୁନଃ ପ୍ରମାଣିତ କରିଦେଲେ କବି ଅନ୍ନପୂର୍ଣ୍ଣା ।

କିଂତୁ ଅପର ପକ୍ଷରେ କେତେକ ଈର୍ଷାଳୁ ବ୍ୟକ୍ତି ଅନ୍ନପୂର୍ଣ୍ଣାଙ୍କ କବି-ଶକ୍ତିକୁ ସଂଦେହ କରି ଶେଷରେ ହାରି ମାନିଥିଲେ ଆଜି କେହି ମଧ୍ୟ ଅନ୍ୟାନ୍ୟ ନାରୀକବିଙ୍କ ତୁଳନାରେ ଅନ୍ନପୂର୍ଣ୍ଣାଙ୍କୁ ଯଥାଯୋଗ୍ୟ ସ୍ଥାନ ଦେଇ ନପାରି ଆପଣାର ଅସାମର୍ଥ୍ୟ ପ୍ରକାଶ କରିଛନ୍ତି ସିନା ସତ୍ୟାନୁଶୀଳନର ପଥ ଭୁଲିଛନ୍ତି । ଶ୍ରୀ ଚକ୍ରଧର ମହାପାତ୍ର; କୁନ୍ତଳା କୁମାରୀ ଜୀବନ ଚରିତ ପ୍ରସଙ୍ଗରେ ଏକପ୍ରକାର ତୁଳନାତ୍ମକ ବିଚାର ଦର୍ଶାଇବାକୁ ଯାଇ ଏକ ଦେଶ ଦର୍ଶୀ ଦୋଷରୁ ମୁକ୍ତ ହୋଇପାରି ନାହାନ୍ତି । ପୁନଶ୍ଚ ସେ, ଅନ୍ନପୂର୍ଣ୍ଣାଙ୍କ ସମ୍ବନ୍ଧରେ ଯାହା ସତ୍ୟ, ସେପରି ବିଶ୍ୱାସ ଯୋଗ୍ୟ ତଥ୍ୟ ଯୋଗାଇ ଦେଇପାରି ନାହାନ୍ତି ।

---

* କବି ପଦ୍ମଚରଣ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ନାରୀକବି ଅନ୍ନପୂର୍ଣ୍ଣା' ନାମକ ଏକ ପଦ୍ୟର କିୟଦଂଶ; ପ୍ରକାଶକାଳ ୮-୩-୧୯୦୫, ପ୍ରଜାବନ୍ଧୁ / (ଏହା ଶ୍ରୀ ରାଧାଚରଣ ପଣ୍ଡାଙ୍କର ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଗ୍ରନ୍ଥରୁ ଉଦ୍ଧୃତ ।)

Digitized by srujanika@gmail.com

ବରଂ କୁନ୍ତଳାକୁମାରୀଙ୍କୁ ଗୌରବ ଦେବା ଅଭିପ୍ରାୟରେ ଅନ୍ନପୂର୍ଣ୍ଣାଙ୍କ କବି-ପ୍ରତିଷ୍ଠା ବିଷୟରେ ଏକ ଭ୍ରାନ୍ତ ତଥ୍ୟ ପରିବେଷଣ କରିଛନ୍ତି । ସେ ଲେଖିଛନ୍ତି ଯେ, "ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ 'ସହକାର'ରେ ଅନ୍ନପୂର୍ଣ୍ଣାଙ୍କ କବିତା କଣ ଗୋଟିଏ ଅଧେ ନାରୀକବି ହିସାବରେ ପ୍ରକାଶିତ ହୋଇଥିଲା । କିନ୍ତୁ କୁନ୍ତଳାକୁମାରୀଙ୍କ କବିତା ସମଗ୍ର ଉତ୍କଳକୁ ନାରୀ ଜାତିର କୃତିତ୍ୱରେ ଏକାନ୍ତ ପ୍ରଭାବିତ କରିପକାଇଲା ।"*

ଏପରି ମନ୍ତବ୍ୟ ସତ୍ୟାନୁମୋଦିତ ନୁହେଁ । ଅନୁସନ୍ଧାନରୁ ଜଣାଯାଏ ଯେ ନାରୀକବି ଅନ୍ନପୂର୍ଣ୍ଣାଙ୍କ ଅସଂଖ୍ୟ କବିତା କେବଳ 'ସହକାର'ରେ କାହିଁକି ସେକାଳର ଅନ୍ୟାନ୍ୟ ପତ୍ର-ପତ୍ରିକା ଯଥା, ସମ୍ବଲପୁର ହିତୈଷିଣୀ, ସଂବାଦ ବାହିକା, ଉତ୍କଳ ହିତୈଷିଣୀ, ଉତ୍କଳ ବାର୍ତ୍ତା, ପ୍ରଜାବନ୍ଧୁ, ଗୁଣ ଦର୍ପଣ, ଗଡ଼ଜାତ ବାସିନୀ, ଉତ୍କଳ ବାସୀ, ଉତ୍କଳ ସେବକ, ମନୋରମା, ନବୀନ ପ୍ରଭୃତିରେ ପ୍ରକାଶ ପାଇଥିଲା । ମୋ ଦ୍ୱାରା ସଂଗୃହୀତ ଓ ସଂପାଦିତ ନାରୀକବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ (୧୯୭୭) ଗ୍ରନ୍ଥରୁ ହିଁ ଏହାର ବାସ୍ତବ ଓ ପ୍ରାମାଣିକ ନିଦର୍ଶନ ମିଳିପାରିବ ।

ଅତଏବ ଏହା ନିଶ୍ଚିତ ଯେ ପକ୍ଷପାତୀ ବିଗ୍ରହର ମାୟାବର୍ତ୍ତରେ ନ ପଡ଼ି ଅନୁଧ୍ୟାନ କଲେ ଅନ୍ନପୂର୍ଣ୍ଣାଙ୍କ କବି-ପ୍ରତିଭାର ଗୌରବ କଳନା କରିହେବ । ଅନ୍ନପୂର୍ଣ୍ଣା ଯଦି ଖଣ୍ଡେ ଅଧେ କବିତା ଲେଖିଥାନ୍ତେ ତାହା ହେଲେ ତାଙ୍କ ପ୍ରଶସ୍ତିରେ ସେ କାଳର ଏତେ ଜଣ କବି ଓ ପଣ୍ଡିତ କାହିଁକି ମନ ଦେଇଥାନ୍ତେ ? ଏହା ଖୁବ୍ ବିଶ୍ୱାସ ସଂଗତ; ପ୍ରତିଭାର ଅପମୃତ୍ୟୁ ଘଟେ ନା । କେହି ଇଚ୍ଛାକରି ପ୍ରତିଭାବାନ ବ୍ୟକ୍ତିର ଅବମୂଲ୍ୟାୟନ ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ତାହା ଇତିହାସ ଚକ୍ଷୁରେ ଗୃହୀତ ହୁଏ ନାହିଁ । ଏପରି ଆବର୍ତ୍ତର ଦୁର୍ଭାଗ୍ୟଜନକ ପରିଣାମ ହୋଇଛନ୍ତି ନାରୀକବି ଅନ୍ନପୂର୍ଣ୍ଣା । ସେ ଦୀର୍ଘକାଳ ଅଜ୍ଞାତ ବାସରେ ରହିଯାଇଥିଲେ ସୁଦ୍ଧା, ତାଙ୍କର ଅକ୍ଷର କୀର୍ତ୍ତି ହିଁ ତାଙ୍କୁ ସ୍ୱକୀୟ ଗରିମାରେ ସମ୍ମାନିତ କରିଛି ।

* ଚକ୍ରଧର ମହାପାତ୍ର—କୁନ୍ତଳା କୁମାରୀ ଜୀବନ ଚରିତ (୧୯୭୨) ପୃଷ୍ଠା ୮୪, ଗ୍ରନ୍ଥ ମନ୍ଦିର, କଟକ ।

୪

ଓଡ଼ିଶାର ନାରୀକଣ୍ଠ

ଓ

କଣ୍ଠ ଅନ୍ନପୂର୍ଣ୍ଣା

Digitized by srujanika@gmail.com

ନାରୀ କବି ଅନ୍ନପୂର୍ଣ୍ଣାଙ୍କର ସମସାମୟିକ କବି ରୂପେ ପ୍ରତିଭାବତୀ ଯେଉଁ ନାରୀଗଣ ଜ୍ଞାତ-ଅଜ୍ଞାତ ଅବସ୍ଥାରେ ଓଡ଼ିଆ କାବ୍ୟ ସାହିତ୍ୟର ଗତିସ୍ରୋତକୁ ଆପଣା ଶକ୍ତି ମତେ ପ୍ରବହମାନ କରିପାରିଥିଲେ ସେମାନଙ୍କ ମଧ୍ୟରୁ ସୁଲକ୍ଷଣା ପଟ୍ଟନାୟକ (୧୮୨୯-୧୯୦୧), ରେବାରାୟ (୧୮୭୬-୧୯୫୭), ସୁଲୋଚନା ଦେଈ (୧୮୯୫-୧୯୪୭), କୁନ୍ତଳା କୁମାରୀ ସାବତ (୧୯୦୦-୧୯୩୮), ଅପର୍ଣ୍ଣା ଦେବୀ (୧୮୯୯-୧୯୬୨) ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ ।

କବି ସୁଲକ୍ଷଣା ପଟ୍ଟନାୟକଙ୍କର ଏକମାତ୍ର କବିତା ଗ୍ରନ୍ଥ ‘ପାରିଜାତ ମାଳା’ରେ କେତୋଟି ଭକ୍ତି-ଗୀତ, ଜଣାଣ, କୋଇଲି ଏବଂ ବନ୍ଧୁ ଦେଉଳ ଓ ଋତୁ ସଂପର୍କୀୟ କେତେକ କବିତା ସଂକଳିତ ହୋଇଥିଲେ ମଧ୍ୟ ଏହା ସେକାଳର କାବ୍ୟ-କୌଶଳ ଓ ଭାବ-ରାଗକୁ କେତେକାଂଶରେ ପ୍ରତିଫଳିତ କରିଥିଲା । ନୀତିମୟ ଓ ନିଷ୍ଠାପର ହୃଦୟର ପ୍ରତିବିମ୍ବନ ତାଙ୍କର କବିତା ଗୁଚ୍ଛରେ ଘଟିଥିଲା । କୁହାଯାଏ, ତାଙ୍କ କବିତା ଲେଖାର ଉପକରଣ ଥିଲା ତରଳ ଅଳତା ଓ ଖଡ଼ିକା, ସେ ଉଚ୍ଛ୍ୱାସ ନିକଟରେ ଥିଲେ ଖୁବ୍ ଅନୁଗତ । ଯେତେବେଳେ ଯେଉଁ ଉଚ୍ଛ୍ୱାସ ତାଙ୍କୁ ଉଦ୍‌ବେଳିତ କରୁଥିଲା ତାହାକୁ ପଦ୍ୟାକାରରେ ସେ କାନ୍ଥରେ ଲେଖି ରଖୁଥିଲେ । ଗୃହଶାଳୀ ଶିକ୍ଷା ପ୍ରାପ୍ତ ଏଇ ନାରୀ କବି, ସର୍ବଦା ଥିଲେ ଅନ୍ତଃପୁର ବାସିନୀ । ତାଙ୍କର ଦୃଷ୍ଟିକୋଣ ଏତେ ପ୍ରଶସ୍ତ ନଥିଲା । କବିତା ନୁହେଁ, ବରଂ ପଦ୍ୟ ଲେଖାର ମହିମାରେ ସେ ପାଠକ ସମାଜକୁ ଶୁଦ୍ଧ ଜୀବନ-ବୋଧ, ଧର୍ମ-ନିଷ୍ଠା ଓ ସରଳତାର ସଂଦେଶ ବିତରଣ କରିପାରିଥିଲେ । ସୁଲକ୍ଷଣାଙ୍କର ପୁତ୍ର ଦାମୋଦର ପଟ୍ଟନାୟକ (୧୮୬୩-୧୯୧୫), ହେମଚନ୍ଦ୍ର, ମାତାଙ୍କର ଯୋଗ୍ୟତମ ଦାୟାଦ; ସାରସ୍ୱତ କ୍ଷେତ୍ରରେ ତାଙ୍କର ସ୍ଥିତି, ମାତାଙ୍କ ଆଦର୍ଶର ଅନୁବର୍ତ୍ତୀ ।

Digitized by srujanika@gmail.com

କିନ୍ତୁ କବି ରେବାରାୟ (୧୮୭୭-୧୯୫୭)ଙ୍କର ଅବଦାନ ଏପରି ସ୍ୱଳ୍ପ ନୁହେଁ । ଅନୁକୂଳ ପରିବେଶ ଓ ଶିକ୍ଷାର ପ୍ରଶସ୍ତ ସୁବିଧା ଲାଭ କରି ସେ ଆପଣାର ଦୃଷ୍ଟିକୋଣକୁ ପ୍ରସାରିତ କରିପାରିଥିଲେ । ଊନବିଂଶ ଶତାବ୍ଦୀର ଓଡ଼ିଶାରେ ଜନ୍ମ ନେଇ ଥିବା ନବ-ଜାଗରଣର ବାର୍ତ୍ତାକୁ ଜନ-ଜୀବନରେ ନାନା ମତେ ସଂପ୍ରସାରିତ କରାଇବା ଲାଗି ସେ ଯଥାସମ୍ଭବ ଚେଷ୍ଟା କରିଥିଲେ । ସାହିତ୍ୟ ସୃଷ୍ଟି, ଆଶା (୧୮୮୮) ପତ୍ରିକା ସଂପାଦନା, ମଡ଼େଲ ବାଳିକା ସ୍କୁଲ ପ୍ରତିଷ୍ଠା (୧୯୦୫) କଟକ ମହିଳା ସମାଜ ସଂଗଠନ କ୍ଷେତ୍ରରେ ସେ ଆଗୁଆ ପଦକ୍ଷେପ ନେଇଥିଲେ । ସାମାଜିକ ଶୃଙ୍ଖଳ ଓ ଅମାନବିକ ଅତ୍ୟାଗ୍ରରୁ ନାରୀ-ସମାଜକୁ ମୁକ୍ତ କରିବା ଲାଗି ସେ ପ୍ରକାଶ୍ୟରେ ନେତୃତ୍ୱ ନେଇଥିଲେ । ସେ ବିଶ୍ୱାସ କରୁଥିଲେ ଯେ କେବଳ ଅକ୍ଷର ପରିଚୟ ଦ୍ୱାରା ନାରୀ-ଶିକ୍ଷାର ପୂର୍ଣ୍ଣତା ଆସେ ନାହିଁ । ଯେଉଁ ଶିକ୍ଷା ନାରୀମାନଙ୍କର ମାନସିକ ବଳ ଓ ବ୍ୟକ୍ତିତ୍ୱର ଶକ୍ତିକୁ ବହୁ ଗୁଣିତ କରିପାରିବ ଏବଂ ପୁରୁଷ ସହିତ ସମାନ ଅଧିକାର ଭୋଗ ଲାଗି ନାରୀକୁ ସାମର୍ଥ୍ୟ ଯୋଗାଇପାରିବ ସେପରି ଶିକ୍ଷା ହିଁ ନାରୀମାନଙ୍କର ଏକାନ୍ତ ପ୍ରୟୋଜନ । *

---

* ସ୍ତ୍ରୀ ଲୋକମାନଙ୍କର ଏପରି ଶିକ୍ଷା ଲାଭ କରିବା ଉଚିତ ଯହିଁରେ କି ସେମାନଙ୍କର ନୀତି, ଧର୍ମ ଓ ଜ୍ଞାନୋନ୍ନତି ହୋଇପାରେ ଏବଂ ମାନସିକ ଶକ୍ତିର ବିକାଶ ହୋଇପାରେ । ଲବଣ୍ୟବତୀ ଓ ପ୍ରେମ ସୁଧାନିଧିରୁ ଛାନ୍ଦ ଗାନ କରି ଜାଣିଲେ ଯେପରି ଏ ଦେଶର ମହାନାୟକ ଓ କରଣ ଘରର ସ୍ତ୍ରୀମାନେ ଆପଣାକୁ ଶିକ୍ଷିତା ମନେ କରନ୍ତି, ସେପରି ଶିକ୍ଷିତା ହେବାର ଆବଶ୍ୟକ ନାହିଁ । ତଦପେକ୍ଷା ଯେବେ ସେମାନେ ଚିରଦିନ ଅଜ୍ଞାନାନ୍ଧକାରରେ ପଡ଼ି ରହନ୍ତି ତାହା ବରଂ ଭଲ ମାତ୍ର ଏପରି ସ୍ତ୍ରୀ ଶିକ୍ଷାର ପ୍ରୟୋଜନ ନାହିଁ—ଅତଏବ ଆଜି ଆମ୍ଭମାନଙ୍କର ବ୍ୟକ୍ତବ୍ୟ ଏହି ଯେ ସ୍ତ୍ରୀ ପୁରୁଷ ଉଭୟଙ୍କର ସର୍ବପ୍ରକାର ଶିକ୍ଷା ଓ ଉନ୍ନତିରେ ସମାନ ଅଧିକାର, କାହାର ଶିକ୍ଷାକୁ ଅବହେଳା କରିବା ଉଚିତ ନୁହେଁ ।
(ରେବାରାୟ ସଂପାଦିତ ଆଶା ପତ୍ରିକା ୩ୟ ଖଣ୍ଡ ୧ମ ସଂଖ୍ୟା (୧୮୯୧)ରେ ପ୍ରକାଶିତ ସ୍ତ୍ରୀ ଶିକ୍ଷା ପ୍ରବନ୍ଧରୁ ଉଦ୍ଧୃତ)

Digitized by srujanika@gmail.com

ଏହିପରି ବିବିଧ ସାଂଗଠନିକ କର୍ମରେ ସାମାଜିକ ଅନୁଚିନ୍ତାର ପରିଚୟ ମିଳିବା ପରି କବି ରେବା ରାୟଙ୍କର କବିତା-ସମଗ୍ରରୁ ବ୍ୟକ୍ତି, ଦେଶ ଓ ସମାଜ ସଂପର୍କରେ ସମ୍ବେଦନଶୀଳ ମନୋଭଙ୍ଗୀର ସଂକେତ ମିଳୁଥିଲା । ତାଙ୍କ କବିତା ଗୁଡ଼ିକ ବେଶ ଗୀତିମୟ ଓ ଆତ୍ମକେନ୍ଦ୍ରିକ ଆବେଗ ଉଚ୍ଛ୍ୱାସରେ ପରିପୂର୍ଣ୍ଣ । ଦେହ ଓ ଦେହୋତ୍ତର ପ୍ରେମ ରାଜ୍ୟର ମାର୍ମିକ ଅଭିବ୍ୟକ୍ତିରେ ତାଙ୍କର ପ୍ରେମ କବିତା ଗୁଡ଼ିକ ରସାପ୍ଳୁତ । ପୁନଶ୍ଚ ନାରୀ ଜାଗରଣ ଲକ୍ଷ୍ୟରେ ଲିଖିତ ତାଙ୍କ କବିତା ଗୁଡ଼ିକ ମଧ୍ୟ ଉଦ୍‌ବୋଧନମୂଳକ । ବସ୍ତୁତଃ କବି ରେବା ରାୟଙ୍କର କବିତା-କୃତିରେ ଜଣେ ରୋମାଣ୍ଟିକ ଭାବ-ସଚେତନ କବି ପ୍ରାଣର ଆଲେଖ୍ୟ ପରିଦୃଷ୍ଟ ହୁଏ । ଆଧୁନିକ ଓଡ଼ିଆ ଗୀତି କବିତାର ବିଭିନ୍ନ ଆଂଗିକ ପରୀକ୍ଷାରେ ସେ ସଫଳ କୃତିତ୍ୱ ହାସଲ କରିଥିବା ହୃଦବୋଧ ହୁଏ । ଅଞ୍ଜଳି (୧୯୦୪) ହେଉଛି ତାଙ୍କର ସ୍ମରଣୀୟ କବିତା ଗ୍ରନ୍ଥ । ସ୍ୱାମୀ ସାଧୁଚରଣ ରାୟଙ୍କ ମୃତ୍ୟୁ ପରେ, ତାଙ୍କ ବିରହରେ ସେ ଲେଖିଥିବା କବିତା ଯଥା ଏକ ବର୍ଷ ପୂର୍ତ୍ତି, ଚତୁର୍ବର୍ଷ ପୂର୍ତ୍ତି, ଲତିକା ଇତ୍ୟାଦି କାରୁଣ୍ୟ ରସୋଚ୍ଛଳ ଓ ହୃଦୟଗ୍ରାହୀ ଆବେଦନରେ ଖୁବ୍ ସ୍ୱାଦ୍ୟ । ନାରୀ ମନର ନିଃସଂକୋଚ ଅଭିବ୍ୟକ୍ତି ହେଉଛି ତାଙ୍କ କବିତା-କୃତିର ବୈଶିଷ୍ଟ୍ୟ ।

ଏ କାଳର ଅନ୍ୟତମ ନାରୀ କବି ସୁଲୋଚନା ଦେଈ (୧୮୯୫-୧୯୭୭) ଆଦିବାସୀ ଅଧ୍ୟୁଷିତ ସୁଦୂର ଦେବଗଡ଼ ବାମଣ୍ଡାରେ ଜୀବନ କାଳ ବିତେଇଥିଲେ ମଧ୍ୟ ନବ ଚେତନାର ଆଲୋକରେ ଓଡ଼ିଆ ସମାଜକୁ ଆଲୋକିତ କରାଇବାର ଶୁଦ୍ଧ ବାସନା ପୋଷଣ କରିଥିଲେ । ବାମଣ୍ଡା ରାଜ୍ୟର ମନ୍ଦାକିନୀ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରୁଥିଲାବେଳେ ସେ କାବ୍ୟ-କବିତା ରଚନାକର୍ମରେ ମନୋନିବେଶ କରିଥିଲେ ଏବଂ ସମ୍ବଲପୁର ହିତୈଷିଣୀ ପତ୍ରିକା ମାଧ୍ୟମରେ ପାଠକ ସମାଜରେ ପରିଚିତ ହୋଇପାରିଥିଲେ । ଅବକାଶ ମଞ୍ଜରୀ (୧୯୧୪), ପଦ୍ମିନୀ (୧୯୨[illegible]), ଚିତ୍ତବିକାଶ (୧୯୨୭), ବଣମଲ୍ଲୀ (୧୯୩୧) ଇତ୍ୟାଦି ହେଉଛି ତାଙ୍କର ସାହିତ୍ୟ କୃତି । ଏଥିରୁ ଅବକାଶ ମଂଜରୀ ଓ ବଣମଲ୍ଲୀରେ ଗଦ୍ୟ ଓ ପଦ୍ୟ—ଉଭୟର

Digitized by srujanika@gmail.com

ସଂକଳନ ବିଦ୍ୟମାନ । 'ପଦ୍ମିନୀ' ହେଉଛି ସାତ ସର୍ଗ ବିଶିଷ୍ଟ ଏକ ଐତିହାସିକ କାବ୍ୟ, 'ଶତଦଳବିକାଶ' (୧୯୨୭) ରେ ବିବିଧ ଭାବ ଉଦ୍‌ବୋଧକ ଗୀତି କବିତାର ସମାବେଶ ପରିଲକ୍ଷିତ ହୁଏ । ତତ୍‌କାଳୀନ ପରିବେଶରେ ଶ୍ରୀମତୀ ସୁଲୋଚନା ନିରଳସ କାବ୍ୟ ସାଧନା କରି ବାମଣ୍ଡା ରାଜଦରବାରରୁ କବିତା ମନୋରମା ଉପାଧିରେ ସମ୍ମାନିତ ହୋଇଥିଲେ ।

କବି ସୁଲୋଚନାଙ୍କର କାବ୍ୟ-ମାନସ ଅନୁଶୀଳନ କଲେ ପ୍ରତୀତ ହୁଏ ଯେ, ଏହା ମୁଖ୍ୟତଃ ମାନବୀୟ ପ୍ରେମ, ପ୍ରକୃତି ଓ ଆଧ୍ୟାତ୍ମିକ ଅନୁଚିନ୍ତାରେ ମଗ୍ନ ଥିଲା । କବିଙ୍କର କାବ୍ୟଲୋକ ମାନବୀୟ ପ୍ରେମ ଭାବନାର ଈଶ୍ୱରୀୟ-ବିଳାସ ଏବଂ ପ୍ରକୃତି ବୋଧ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଅଧିକାଂଶ କବିତାରେ ନିରାବରଣ ନାରୀ ମନର ଉଚ୍ଛ୍ୱାସ ପ୍ରବାହିତ । ତାଙ୍କର କବିତା ସମଗ୍ର ଭିତରୁ ବିଶେଷତଃ ଅତୃପ୍ତି, ବୈଧବ୍ୟ ଦଶା, ପ୍ରେମମୟୁ, ବର୍ଷାଋତୁ, ଫୁଲର ଭାଗ୍ୟ, ପ୍ରଭୃତି କେତୋଟି କବିତା ମନୋଜ୍ଞ ଓ ଉତ୍କୃଷ୍ଟ ବୋଧ ହୁଅନ୍ତି । କବି, ନିଜସ୍ୱ ଭାବନା ଓ ଅଭିବ୍ୟକ୍ତିରେ ଖୁବ ସରଳ ଓ ସ୍ୱଚ୍ଛ । ନାରୀ-ଜାଗରଣ ପାଇଁ କବି, ନିଷ୍ଠାପ୍ତ ଅଭିଳାଷୀ । କାରଣ ଏହାର ପ୍ରତିଧ୍ୱନି ତାଙ୍କର କେତୋଟି ପ୍ରବନ୍ଧ ଯଥା— ନାରୀ ସମସ୍ୟା ଓ ଶିକ୍ଷା, ଦେଶସେବା, ନାରୀ ଶିକ୍ଷାର ଆବଶ୍ୟକତା, ନାରୀ ଏବଂ ନାରୀର ଆଚରଣ ଓ କର୍ତ୍ତବ୍ୟ ପ୍ରଭୃତିରେ ଶୁଣାଯାଏ ।

ଅତଏବ ଏଥିରୁ ମନେହୁଏ ଯେ, ଯେଉଁ ଲେଖିକାଗଣ ଏ କାଳର ସାହିତ୍ୟ ଜଗତରେ ଜଣା ଶୁଣା ହୋଇ ପାରିଥିଲେ ସେମାନେ ପ୍ରାୟ ସମସ୍ତେ ଥିଲେ ନାରୀ-ମୁକ୍ତି ପିପାସୀ । ଶାସ୍ତ୍ର ଓ ସମାଜର ଶୃଙ୍ଖଳରୁ ନାରୀକୁ ମୁକ୍ତ କରିବା ଜନ୍ମା ନିୟମବନ୍ଧତାରୁ ସେମାନଙ୍କୁ ସ୍ୱାଧୀନ କରି ସମାଜର ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ନାରୀ ଶକ୍ତିକୁ ବିନିଯୋଗ କରିବା ଲକ୍ଷ୍ୟରେ ସେ କାଳରେ ଶିକ୍ଷିତା ଲେଖିକାଗଣ ଆପଣା ସାଧ୍ୟ ମତେ ଉଦ୍ୟମ କରିଥିଲେ । ସେମାନଙ୍କ ଲେଖା-ଲେଖିରେ ନୀତି, ଧର୍ମ ଓ ଶୁଦ୍ଧ ଚରିତ୍ରବତ୍ତାର ଉଚ୍ଚ ଆଦର୍ଶ ରକ୍ଷା ପ୍ରତି ଗଭୀର ଆନୁଗତ୍ୟ ଥିଲା । ସେମାନେ ଆତ୍ମ ନିଷ୍ଠ ଭାବନାରେ ପାରିବାରିକ ଜଗତକୁ ବୁଝିଥିଲେ

Digitized by srujanika@gmail.com

ଏବଂ ଜୀବନ ପାଇଁ ଏହାର ସଫଳ ଉପାଦେୟତା ବୁଝାଇ ଦେଉଥିଲେ । ପାରିବାରିକ ଅନୁଭୂତି ଭିତରୁ ସଂଗୃହୀତ ବଳିଷ୍ଠ ଭାବାବେଗର ଅକ୍ଷର ଲିପି ସେମାନଙ୍କ କବିତାରେ ଉତ୍କୀର୍ଣ୍ଣ ହୋଇଥିଲା । ପରିବାର ଓ ସାମାଜିକ କ୍ଷେତ୍ରରେ ଉପଲବ୍ଧ ବାସ୍ତବ ଅନୁଭବର ସରଳ ଅଭିବ୍ୟକ୍ତି ନାରୀ କବିଙ୍କ କବିତା ବଳୀରେ ବିଶେଷ ଭାବେ ଲକ୍ଷିତ ହୋଇଥିଲା । ମଣିଷ ଓ ପ୍ରକୃତି ସମେତ ନାରୀକବି-କୁଳ ଈଶ୍ୱରୀୟ ଜିଜ୍ଞାସା ଦ୍ୱାରା ଅନୁପ୍ରେରିତ ହୋଇ ରହସ୍ୟମୟ ବିଶ୍ୱସତ୍ତାର ଅନୁଶୀଳନ ଲାଗି ଅନୁରାଗ ପ୍ରକାଶ କରିଥିଲେ ଏବଂ ଏହି ମୌଳିକ ମୂଲ୍ୟ-ବୋଧର ବିଚିତ୍ର ବିଭବ ମଧ୍ୟ ସେମାନଙ୍କ କବିତାରେ ପ୍ରତିଫଳିତ ହୋଇଥିଲା । ନାରୀ-କବିଙ୍କ ଲେଖାରେ ଆର୍ଯ୍ୟ ସଂସ୍କୃତି ଓ ଐତିହ୍ୟ ପ୍ରତି ଅଭୁତ ଆଗ୍ରହ ପ୍ରକାଶ ପାଇଥିଲା । ନବୀନ ଚିନ୍ତାଶ୍ରେଣୀରେ ପାରଂପରିକ ସମାଜର ମୂଲ୍ୟବୋଧକୁ କିପରି ବିନିଯୋଗ କରାଯାଇ ପାରିବ; ତାହାର ସାଧାରଣ ସମ୍ଭାବନା ଏମାନଙ୍କ ଲେଖାରେ ଉଣା ଅଧିକେ ପ୍ରକାଶ ପାଉଥିଲା ।

ନାରୀ କବି ଅପର୍ଣ୍ଣା ଦେବୀ ଥିଲେ ଏପରି ଏକ ଭାବନାର ପ୍ରତିରୂପ । ସେ ତାଙ୍କର ଜୀବଦଶାରେ ଇନ୍ଦୁମତୀ, ଆର୍ଯ୍ୟଲଳନା, ବାରମାସୀ ପ୍ରଭୃତି କବିତା ଗ୍ରନ୍ଥ ପ୍ରକାଶ କରି ପ୍ରଶଂସିତ ହୋଇଥିଲେ । ତାଙ୍କ କବିତାର ମୁଖ୍ୟ ସ୍ୱର ଥିଲା; ଆର୍ଯ୍ୟ ଗୌରବର ସଂରକ୍ଷଣ ଏବଂ ମାନବୀୟ ଆଦର୍ଶବତ୍ତାର ପୁନଃ ଜାଗରଣ । ସମାଜରେ ଏଇ ଆର୍ଯ୍ୟ-ଚେତନାର କ୍ରମ ଅବକ୍ଷୟରେ ସେ ବ୍ୟଥିତ ହୋଇ ପଡ଼ୁଥିଲେ କହୁଥିଲେ— 'ହାୟ ! କି କାରଣେ ସେ ଧର୍ମ ରକ୍ଷଣେ ଅକ୍ଷମ ଆର୍ଯ୍ୟର ପୁତ୍ର !' ଆର୍ଯ୍ୟ ଲଳନା (୧୯୩୪) କବିତା-କୃତିରେ କବିଙ୍କର କର୍ତ୍ତବ୍ୟ ସୁଝୁଇ ଥାଏ ଯେ ସେ କେତେ ପରିମାଣରେ ଭାରତୀୟ ମୂଲ୍ୟବୋଧ ପ୍ରତି ଅନୁରକ୍ତ । ସମାଜରେ ଏହାର ବ୍ୟାପକ ଚଳଣି ସେ ଇଚ୍ଛା କରିଥିଲେ ।

କବି ଗଙ୍ଗାଧରମେହେରଙ୍କର କବି-ଶକ୍ତିର ଶୁଭ ପ୍ରଭାବ ଅପର୍ଣ୍ଣା.ଦେବୀଙ୍କର କବିତାରେ ପଡ଼ିଥିବା ଲକ୍ଷିତ ହୁଏ । ତଥାପି ଏହାଙ୍କର କବି-ଶକ୍ତି ସଂପର୍କରେ ଉତ୍କଳର ଆର୍ତ୍ତବଲ୍ଲଭ ମହାନ୍ତି କହନ୍ତି ଯେ, ତାଙ୍କର କବିତା ସୁନ୍ଦର ଓ ଆନନ୍ଦ ପ୍ରଦ । ଭାବ ଓ ଭାଷାର

Digitized by srujanika@gmail.com

ସୁନ୍ଦର ସମନ୍ୱୟ, ଔଚିତ୍ୟ ଓ ରଚନା ଶୃଙ୍ଖଳରେ ଏହା ରମଣୀୟ । କୁଳବଧୂ ଅପର୍ଣ୍ଣା, ଗୃହ କର୍ମର ନିଗଡ଼ ଭିତରେ ଥାଇ କାବ୍ୟ-ଉପାସନାର ସ୍ୱାତନ୍ତ୍ର୍ୟ ସାଇତି ପାରିଛନ୍ତି— ତାହାହିଁ ତାଙ୍କ ସାଧନାର ଶ୍ରେଷ୍ଠ ଗୌରବ ।

କିନ୍ତୁ କୁନ୍ତଳା କୁମାରୀଙ୍କ କଥା ନିଆରା । ସେ ଥିଲେ ବନ୍ଧନ ମୁକ୍ତ । ଆଧୁନିକ ସଭ୍ୟତାର ସକଳ ସୁଯୋଗ ଭୋଗ କରି ସେ ଅନାୟାସରେ ଆପଣାର ମାନସ-ବ୍ୟାପ୍ତି ଘଟାଇ ପାରିଥିଲେ । ତାଙ୍କୁ ଜୀବନ-ନିର୍ବାହର ଗୁରୁ ଯନ୍ତ୍ରଣା ଭୋଗିବାକୁ ପଡ଼ି ନଥିଲା କି ସମାଜ କଟରେ ଏକ ମର୍ଯ୍ୟାଦାବନ୍ତ ପରିଚୟ ପାଇଁ ସଂଗ୍ରାମ କରିବା ଲୋଡ଼ା ହୋଇ ନଥିଲା ।

ଏକ ଦିଗରେ କୁନ୍ତଳାଙ୍କର ଡାକ୍ତରୀ ଜୀବିକା ତାଙ୍କୁ ଦେଇଥିଲା ଯଥେଷ୍ଟ ଖ୍ୟାତି; ପୁଣି ଏହା ମଧ୍ୟ ତାଙ୍କ କବି ପ୍ରତିଭାର ପ୍ରସାର ଓ ପ୍ରଶସ୍ତି ଲାଗି ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା । ଲୋକ ପରିଚିତି ଓ ସାଂଗଠନିକ ସମର୍ଥନର ବୃଦ୍ଧି ଲାଗି ମଧ୍ୟ ଏହା ଅପୂର୍ବ ସୁଯୋଗ ଯୋଗାଇ ଦେଇଥିଲା । ତେଣୁ କବି କୁନ୍ତଳା କୁମାରୀ, ଅନ୍ୟାନ୍ୟ ନାରୀ କବିଙ୍କ ତୁଳନାରେ ବୟସରେ କନିଷ୍ଠା ଓ ସ୍ୱଳ୍ପାୟୁ ହୋଇଥିଲେ ସୁଦ୍ଧା ଯେଉଁ ପରିମାଣରେ ଜଣା ଶୁଣା ହୋଇ ପାରିଥିଲେ ସେପରି ସୌଭାଗ୍ୟ ହୁଏତ ଆଉ କୌଣସି ନାରୀ କବିଙ୍କୁ ମିଳିନଥିଲା ।

ଏହାକୁ ଯଦି ବିପୁଳ ପରିଚୟ ଲାଭର ନିର୍ଣ୍ଣାୟକ ଲକ୍ଷଣ ବୋଲି ମନେ ନିଆଯାଏ ତେବେ ନାରୀ କବି ଅନ୍ନପୂର୍ଣ୍ଣା; କୁନ୍ତଳା କୁମାରୀଙ୍କ ଜନ୍ମର ସତର ବର୍ଷ ଆଗରୁ ସାହିତ୍ୟ-ସାଧନା କରି ଏବଂ ବିପୁଳ ସାରସ୍ୱତ ଐଶ୍ୱର୍ଯ୍ୟର ଅଧିକାରିଣୀ ହୋଇ ସୁଦ୍ଧା ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱଳ୍ପକଥିତ ହୋଇ ରହିଗଲେ କାହିଁକି ? ଏହାର କାରଣ ନୁହେଁ ଯେ, ତାଙ୍କଠାରେ ନିପୁଣ କବି-ଶକ୍ତି କିମ୍ବା ମୌଳିକ ଚିନ୍ତନର ଅଭାବ ଥିଲା । ବରଂ ଏହା ଏକାନ୍ତ ସତ୍ୟ ଯେ କବି ଅନ୍ନପୂର୍ଣ୍ଣା ଯଦି ଆପଣାର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହେତୁ ହେଉ ବା ଉଚ୍ଚ ଜୀବିକାସୀନ ସ୍ୱାମୀଙ୍କର ସୌଭାଗ୍ୟରୁ ହେଉ; କୌଣସି ସୂତ୍ରରୁ ସମାଜ ମଞ୍ଚରେ ଉପାଧି-ଜଡ଼ିତ ଆସନଟିଏ ଅଧିକାର କରିଥାନ୍ତେ

Digitized by srujanika@gmail.com

ତାହାହେଲେ ତାଙ୍କର ସାରସ୍ୱତ କୀର୍ତ୍ତି ଆଜଯାଏଁ ଅଜ୍ଞାତ ବାସରେ ସତ୍ ନଥାନ୍ତା ! ପୁନଶ୍ଚ ସେ ଯଦି ବ୍ରିଟିଶ ଓଡ଼ିଶାର ସମ୍ଭ୍ରାନ୍ତ ଅଞ୍ଚଳରେ ଜନ୍ମିଥା'ନ୍ତେ ତେବେ ହୁଏତ ତାଙ୍କର ଅବସ୍ଥା ଅବହେଳାର ଶରବ୍ୟ ହୋଇ ନଥାନ୍ତା କିମ୍ବା ଓଡ଼ିଆ ସାହିତ୍ୟର ଇତିହାସ ଲେଖକମାନେ ତାଙ୍କୁ ଭୁଲି ନଥାନ୍ତେ । ଅନ୍ନପୂର୍ଣ୍ଣା ଯଦି ସେତେବେଳେ ସ୍ୱଚ୍ଛଳ ପରିସ୍ଥିତିରେ ଥା'ନ୍ତେ ତାହାହେଲେ ତାଙ୍କର ଅଜସ୍ର କାବ୍ୟ-କବିତା ବର୍ଷିପ୍ରଭାବେ ବହୁ ପତ୍ରିକାରେ ପଡ଼ି ନରହି ଏକାଧିକ ଗ୍ରନ୍ଥରେ ହୁଏତ ଆତ୍ମ ପ୍ରକାଶ କରିଥା'ନ୍ତା; ଫଳରେ କବି ଅନ୍ନପୂର୍ଣ୍ଣା, ଐତିହାସିକ-ମାନଙ୍କ ନିକଟରେ ଅଜ୍ଞାତ ରହିଥାନ୍ତେ କି ?

ଅତଏବ ଏଥିରୁ ପ୍ରତୀତ ହୁଏ ଯେ କବି ଅନ୍ନପୂର୍ଣ୍ଣା, ଅବସ୍ଥା ପୀଡ଼ିତ ହୋଇଥିବାରୁ ତାଙ୍କ କାବ୍ୟ-ପ୍ରତିଭା ସମାଲୋଚକଙ୍କୁ ଆସି ପାରିନାହିଁ କିମ୍ବା ସେ ବିଦଗ୍‌ଧ ଆଲୋଚକ ମାନଙ୍କର ଦୃଷ୍ଟି ଅନ୍ତରାଳରେ ରହିଗଲେ । ମାତ୍ର ତାଙ୍କର ସାରସ୍ୱତ ସଂଗ୍ରାମ ଓ ସାଧନାର ସମ୍ପଦ କଣ କାଳ ବକ୍ଷରେ ଲିଭିଯାଇ ପାରେ ? ପୃଷ୍ଠ ପୋଷକତାର କୌଣସି ସୁଯୋଗ ନଥାଇ ନିଜ କଲମର ଶକ୍ତି ବଳରେ ବହୁ ପତ୍ର ପତ୍ରିକାରେ ଆତ୍ମ ପ୍ରକାଶ କରିଥିବା ଜଣେ ନାରୀ କବି, ସେ କାଳର ସାରସ୍ୱତ ଗତିଧାରାରେ ମୌଳିକ ଚିନ୍ତନର ଯେଉଁ ଆଲେଖ୍ୟ ଅଙ୍କନ କରି ପାରିଥିଲେ (ଦ୍ୱିତୀୟ ଅଧ୍ୟାୟରେ ଆଲୋଚିତ) ତାହା ବିସ୍ମୃତ ହେବ କିପରି ? ସେ ଯେ ଅକ୍ଷର କୀର୍ତ୍ତି ! ନାନାଦି ପ୍ରତିକୂଳ ଅଘଟଣ ସତ୍ତ୍ୱେ କାଳର ପରିଧିରେ କବି ଅନ୍ନପୂର୍ଣ୍ଣା ସାରସ୍ୱତ ଆକର୍ଷଣର ଯେଉଁ ସମ୍ଭାବନା ସୃଷ୍ଟି କରି ପାରିଥିଲେ ତାହାର ଅପଚୟ ନାହିଁ । କାଳର ଇତିହାସରେ ଏହା ଚିର ଅମ୍ଳାନ ।

ଏ ଦୃଷ୍ଟିରୁ ବିଚାରିଲେ ସଂପାଦିକା ଅନ୍ନପୂର୍ଣ୍ଣା ଏବଂ କବି ଅନ୍ନପୂର୍ଣ୍ଣା— ଏଇ ଦୁଇ ବ୍ୟକ୍ତିତ୍ୱର ମୌଳିକ ସତ୍ତା, ଓଡ଼ିଆ ଜାତିର ଉତ୍ତର ପୁରୁଷଙ୍କ ପାଇଁ ମହନୀୟ ଏକ ସାରସ୍ୱତ ସଂଚୟ ନୁହେଁ କି ?

ସାରସ୍ୱତ ନିଳୟ
କଟକ-୩

କ୍ଷେତ୍ରବାସୀ ନାୟକ
୨୩, ନଭେମ୍ବର, ୧୯୭୮

Digitized by srujanika@gmail.com

କାବ୍ୟଶ୍ରୀ

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ଏହି କାବ୍ୟଶ୍ରୀ ବିଭାଗରେ ନାଥ କବିଙ୍କର ଅନ୍ୟତମ କୃତି 'କଳ୍ପକୁଞ୍ଜ'କୁ ସଂଯୋଜିତ କରାଯାଇଛି । ଏହା ଗୋଟିଏ **ଭାବାତ୍ମକ କଥା କାବ୍ୟ,** ଏ ଯାବତ୍ ଅପ୍ରକାଶିତ ଥିଲା । କବିଙ୍କର ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ମନୋରମା ପଟ୍ଟନାୟକ ଙ୍କର ସଂଗ୍ରହରୁ ଏହାର ପାଣ୍ଡୁଲିପିକୁ ଅତ୍ୟନ୍ତ ଜୀର୍ଣ୍ଣ ଓ କୀଟଦଷ୍ଟ ଅବସ୍ଥାରେ ଉଦ୍ଧାର କରାଯାଇଛି । କୀଟଦଂଶନ ହେତୁ ଯେଉଁଠି ଯେମିତି ଗୋଟିଏ ଦୁଇଟି ପଙ୍କ୍ତି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ମୁଁ ଲକ୍ଷ୍ୟ କରିଛି, ସେଇ ସ୍ଥାନ ଶୂନ୍ୟ ରଖାଯାଇଛି । ଜୀର୍ଣ୍ଣପତ୍ରରୁ କାବ୍ୟଟିକୁ ଅବିକୃତଭାବେ ସଂଗ୍ରହ କରାହୋଇଛି । ଆଉ କିଛି କାଳ ବିଳମ୍ବ ହୋଇଥିଲେ ଓଡ଼ିଆ ସାହିତ୍ୟ, ଚିରଦିନ ପାଇଁ କବିଙ୍କର ଏଇ ଅକ୍ଷରକୀର୍ତ୍ତିଟିକୁ ହରେଇଥାନ୍ତା।

Digitized by srujanika@gmail.com

କଳ୍ପ କୁଞ୍ଜ

ତଟିନୀ ତଟରେ   ନିକୁଞ୍ଜ ନାମରେ
ଥିଲା ଏକ କଳ୍ପଲତା
ଅତି ମନୋହର   ନିକୁଞ୍ଜ ସେ ପୁର
ଦିଶଇ ଅତି ଶୋଭିତା ।
ନାନା ଜାତି ପୁଷ୍ପ   ବଢ଼ାଏ ହରଷ
ଶୋଭିତା ପଣକୁ ସେଥି
ବହେ କଳ କଳ   ତଟିନୀର ଜଳ
ତାପିତ ଦିଅଇ ଦହି ।
ନିକୁଞ୍ଜ ଆବୃତ   ନାହିଁ ତା ବିକୃତ
ଅଛି ଏକ ରାଜସ୍ଥାନ
କଳ୍ପିତ କଳ୍ପନା   ଘେରିଛି କାମନା
ମଣ୍ଡିତ କଳ୍ପ ଆସନ ।
ସତ୍ୟ ମନ୍ଦାକିନୀ   ସତ୍ୟରେ ଶୋଭିନୀ
ସତ୍ୟ ରୂପେ ହୋଇ ଠିଆ
ପୁଲକାଏ ଅଙ୍ଗ   ଦେଇ ଅନୁରାଗ
ଲୁକ୍‌କାଇ ପାରେ ସେ ହିଆ ।
ସେ ପୁର ରାଜନ   ସତ୍ୟ ନିବଘନ
କରୁଥିଲେ ରାଜପଣ
ଲକ୍ଷ୍ମୀ ସରସ୍ୱତୀ   ତାଙ୍କ ଆଜ୍ଞା ବ୍ରତୀ
ସମ୍ମାନେ ମାନ୍ତି ବରଣ ।
ସତ୍ୟ ନ୍ୟାୟ ଦଣ୍ଡ   ସତ୍ୟରେ ଆଖଣ୍ଡ
ପାଳନ୍ତି ନିକୁଞ୍ଜ ପତି
ଦୟା ଦାକ୍ଷିଣ୍ୟାଦି   ସଦ୍‌ଗୁଣେ ଆଚ୍ଛାଦି
ଲକ୍ଷ୍ୟେ ମଣ୍ଡାନ୍ତି ଶ୍ରୀଜ୍ୟୋତି ।

Digitized by srujanika@gmail.com

ରାଜାଙ୍କର ସହ ଥିଲା ପ୍ରାଣ ଦେହ
ପ୍ରଜାଙ୍କର ଭକ୍ତିବିତ୍ତ
ସୁନ୍ଦର ପାଳନେ ସତ୍ୟର ଆୟତ୍ତେ
ନିତି ଫୁଲୁଥାଏ ଚିତ୍ତ ।

ନ ଧରନ୍ତି ସେହୁ ରାଜଦଣ୍ଡ ବାହୁ
ପ୍ରଜାଙ୍କ ପାଳନ ପାଇଁ
ନିଜେ ଶୁଦ୍ଧ ମତି ସାଧନେ ହୁଅନ୍ତି
ସତ୍ୟ ଧର୍ମେ ନରସାଇଁ ।

ପ୍ରଜାଙ୍କର ମନ କରି ଆକର୍ଷଣ
ଧର୍ମେ ମତି ପରିପୂର୍ଣ୍ଣ
ଯାଚକ ଯାଚଜ୍ଞା ନଥିଲା ଅବଜ୍ଞା
ଶାନ୍ତି ଚିତ୍ତେ ଦେଇ ଧନ ।

କର୍ମଯୋଗୀ କର୍ମେ ରତ ମନ ଧର୍ମେ
ବିଭୁପଦେ ଆତ୍ମାଦାନ
ଅର୍ପୁଥିଲେ ନିତି ରଖି ସତ୍ୟ କୀର୍ତ୍ତି
ନ ରଖି ମନେ ଗୁମାନ ।

ସଦା ଶାନ୍ତି ପ୍ରିୟ ଥିଲା ସେ ହୃଦୟ
ଗୁଣେ ଭୂଷଣ ନୃପତି
ସିଂହାସନ ଛତ୍ର ଆସକ୍ତ ନୁହନ୍ତି
ନିଜେ ମାନସ କଣନ୍ତି ।

ତୃଣ ସମ ଧନ ମଣନ୍ତି ରାଜନ
ଧର୍ମରେ ରଖି ବିଶ୍ୱାସ
ଶାନ୍ତି ସମ୍ଭାଷଣ ଶାନ୍ତିରେ ପାଳନ
ହରଷ କାଟେ ନିରାଶ ।

ସତ୍ୟ ତାଙ୍କ ପ୍ରୀତି ସତ୍ୟ ତାଙ୍କ ମତି
କେବଳ ସତ୍ୟ ବିଚାର
ସତ୍ୟରେ ଭୂଷଣ ସତ୍ୟ ତାଙ୍କ ଧନ
ସତ୍ୟ ଜଗିଥାଏ ଦ୍ୱାର ।

Digitized by srujanika@gmail.com

ମୃତ୍ତିକା ଉପରେ ସକଳ ପ୍ରକାରେ
ସ୍ଥାପୁଥିଲେ ଯଶ ଧନ
ମାଳବ ନୃପତି ବୈରାଗ୍ୟ ମୂରତି
ପାଳୁଥାନ୍ତି ରାଜପଣ ।
ସେହି ରାଜାଙ୍କର ଏକଇ କୁମର
ଥିଲେ ବୀରେନ୍ଦ୍ର ନାମରେ
ପିତା ସଦ୍‌ଗୁଣେ ସୁଜାତି ନିପୁଣେ
କାନ୍ତି ବିରାଜେ ଆକାରେ ।

ଆତ୍ମିକ କାୟାରୁ ଗୁପ୍ତ କଳ୍ପତରୁ
ଶବ୍ଦ ଜାତ ପ୍ରତିଧାନ
କିବା ସାଧନାରୁ ଆସ୍ୱାଦ ଅଧରୁ
ମାନସେ ସମାନ ଜ୍ଞାନ ।

ସେ ନୃପ ନନ୍ଦନ ଦେଖି ସର୍ବଜନ
ଭାବୁଥିଲେ ଏହି ପାଞ୍ଚେ
ବିଶ୍ୱ ଶୋଭା ସାର ମଣ୍ଡନେ ଆକାର
ଗଢ଼ିଛନ୍ତି ଏକଇ ଗୁଞ୍ଜେ ।
କିବା ଆହ୍ଲାଦ ଖେଳାଏ ପ୍ରମୋଦ
ରସାଣି ସ୍ୱର୍ଣ୍ଣ ପ୍ରତିମା
ନେତ୍ର ଅନୁରାଗ ଖେଳାଏ ସୁଆଗ
ଲକ୍ଷଣ ମୁଗ୍‌ଧ ମହିମା ।
ଉପମାର ଗର୍ବ ଯାହା ଅଛି ସର୍ବ
ବୀରେନ୍ଦ୍ର ଆଗରେ ନିନ୍ଦ୍ୟ
ଶୋଭା ପୂର୍ଣ୍ଣ ମୂର୍ତ୍ତି ଶୋଭାପୂର୍ଣ୍ଣ ଜ୍ୟୋତି
ପୂର୍ଣ୍ଣାନନ୍ଦ ଅରବିନ୍ଦ ।
ସର୍ବ ସୁଲକ୍ଷଣ ସର୍ବ ଗୁଣେ ପୂର୍ଣ୍ଣ
ମିଶାଇ ଗଢ଼ିଛି କାୟା
ଦେବ କି ମାନବ ଚିହ୍ନା ଅସମ୍ଭବ
ସୁକୃତ ଫଳକ ଗୁପ୍ତା ।

Digitized by srujanika@gmail.com

ରତ୍ନ ଅଳଙ୍କାର   ବିନା ଅଧିକାର
ଲୁଚୁଏ ଅଙ୍ଗ ଆକାର
ଏଣୁ ତା ମାଧୁରୀ   ଆଜେ ଅଛି ପୂରି
ହେଲା ସବୁ ନାରଖାର ।

ଫୁଟେ ଶତଦଳ   ବଦନ ମଣ୍ଡଳେ
ନବ କାନ୍ତି କୋଟି ପ୍ରଭା
ହୃଦୟ ଗମ୍ଭୀର   ଶୌର୍ଯ୍ୟ ଧୈର୍ଯ୍ୟ ଙ୍କର
ମହକ ଉଠଇ ଶୋଭା ।

ପିତାଙ୍କ ଗୁଣରେ   ପିତା ପାଳନରେ
ଏକୁ ଏକ ଏକ ମୂର୍ତ୍ତି
ସମାନ ଆକାର   ସମାନ ସ୍ୱଭର
ସମାନ ଅକ୍ଷୟ ଦୀପ୍ତି ।
ହସିଲେ ବଚନ   ଖେଳଇ ବଦନ
ବରଷଇ ସୁଧା ଧାର
ଔଦାର୍ଯ୍ୟ ପାଣ୍ଡିତ୍ୟ   ବାଣୀକ ଉନ୍ନତ
ଆଭାସେ ଧରି ଆକାର ।

ସାହିତ୍ୟ ସଙ୍ଗୀତେ   ସଦା କାର୍ଯ୍ୟବର୍ତ୍ତୀ
ରତ ଥିଲେ ଅନୁକ୍ଷଣ
ଦେଶ ସେବା ଲାଗି   ମାତା ଅନୁରାଗୀ
ସର୍ବଦା ନୃପ ନନ୍ଦନ ।
ତାଙ୍କ ଅନୁଚର   ଦୁଇଟି କୁମର
ସୁରେନ୍ଦ୍ର ମହିନ୍ଦ୍ର ସଖା
ଏକ ପ୍ରାଣେ ମିଶି   ଏକ ଠାବେ ବସି
ଥିଲେ ଏକୁଏକ ରଖା ।
ମିତ୍ର ନାମ ବହି   ଏକୁ ଏକ କହି
ମନ ଥିଲା ମିଶା ମିଶି
ଏକ ବୟସରେ   ଶୁଭ ମିଳନରେ
ପ୍ରୀତି କଲା ରସାରସି ।

Digitized by srujanika@gmail.com

ଅମୃତ ନୟନେ ଅମୃତ ମିଳନେ
ଅମୃତ ଦେଲା କେ ଢ଼ାଳି
ସରଳ ହୃଦୟ ସରଳ ସଦୟ
ସତ୍ୟ ପଥେ ଥାନ୍ତି ଗୃଳ ।
ଆକାରରେ ଭିନ୍ନ ଭିନ୍ନଥିଲା ପ୍ରାଣ
କେବଳ ପ୍ରକୃତି ଏକ
ଥିଲା ଏକ ସତ କ୍ଷୀର ନୀର ପରି
ସୁନ୍ଦର ସ୍ୱଭାବେ ଠେକ ।
ଥିଲେ ପରସ୍ପରେ ଯୋଗ୍ୟତା ବିଷୟରେ
କ୍ରୀଡ଼ା ଆଳାପ ଘଟନେ
ମିଳି ଏକ ମତ ମିଶୁଥାଏ ମତ
ସ୍ୱର୍ଗୀୟ ସୁଖ ମିଳନେ ।
ଅଳ୍ପ ବୟସରେ ସକଳ ଶିକ୍ଷାରେ
ନଜେ ହେଲେ ଧୁରନ୍ଧର
ରାଜାଙ୍କ କୁମର ଉଚ୍ଚ ଉନ୍ନତର
ଯୋଗ୍ୟତା ହେଲେ ନିକର ।
ସର୍ବ ବିଦ୍ୟା ମଧ୍ୟେ ସାହିତ୍ୟ ସମ୍ବନ୍ଧେ
ସର୍ବଦା ଥିଲା ଭାବନା
ବିଳସିତା ପ୍ରଭୃତି ତଳେ ନାହିଁ ମତି
ଭାବ ନଅନ୍ତି କଳ୍ପନା ।
ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ଆଳାପ ସୌନ୍ଦର୍ଯ୍ୟ
କଳାପ ବିଭୋଳ ରସ
ପଳକ ବିନନ୍ଦ ଅଙ୍ଗନରେ ଶନ୍ଦ
କରାଏ ନିତ୍ୟ ବିରସ ।
ବିଳାସେ ରସିକ ନାହିଁ ସମଧିକ
ସୁବାକ୍ୟ ରସିକ ବାଳ
ସମୟର ପଦ ଦିନକ ସମ୍ପଦ
ଗଣି ବସୁଥାନ୍ତି କାଳ ।

Digitized by srujanika@gmail.com

କଳ୍ପନାଶାଳୀରେ ସତ୍ୟର କାଳରେ
ପଢ଼ୁଥାନ୍ତି ନିତି ପାଠ
ଉତ୍ସାହ ପ୍ରତିଭା ଧରିଥାଇ ଶୋଭା
ନାମରଖି ବଡ଼ ଗୃହ ।

ଛନ୍ଦ ଗନ୍ଧ କରି ଉଚ୍ଚ ଲକ୍ଷ୍ୟ କରି
ପଢ଼ନ୍ତି ପ୍ରକୃତି ଗ୍ରନ୍ଥ
ଅନ୍ତରସ୍ଥ ଚିତ୍ତେ ଆତ୍ମଜ୍ଞାନ ହିତେ
ଯହିଁ ଅଛି ସତ୍ୟ ପଥ ।
ଏକାଗ୍ରରେ ବସି ଏକଧ୍ୟାନେ ରସି
ବାଢ଼ନ୍ତି ମନ ଭାବନା
ଧୀର ଧୀର ଧରି ଚୁରି ଚୁରି କରି
ଭାଙ୍ଗନ୍ତି ନିଜ କାମନା ।

ଚକ୍ଷୁଥାଏ ମୁଦ ଦେଖା କି କୁମୁଦ
ଇଙ୍ଗିତ ଭୃଙ୍ଗ ଉଡ଼ଇ
ଚୁମ୍ବି ମକରନ୍ଦ ଖେଳାଏ ଆନନ୍ଦ
ଧୀର ସାଧନା ସାଧଇ ।
କେବେ ଭାଷା ଅର୍ଥେ ରଚି ନିଜ ମତେ
ବସି ବନ୍ଧୁଙ୍କ ଗହଣେ
କେବେ ଆନନ୍ଦରେ କୌତୁକ ଅନ୍ତରେ
କବିତା ଲେଖା ପୂରଣେ ।
କେବେ ଚିତ୍ତ ମଗ୍ନ ଦେଖନ୍ତି ଭୁବନ
ଭାବନା ଭବ ସାଗରେ
ଜଳ ଚିହ୍ନ ଅଙ୍ଗ ନାନା କାନ୍ତି ରଙ୍ଗ
ମନ ସ୍ନେହାନୁରାଗରେ ।
କେବେ ବା କଳ୍ପନା ଆଣଇ ଭାବନା
ବିରାଗ ବଶେ ଅଜ୍ଞାନ
ବାଜଉଠେ ବୀଣା ଶ୍ରୁତି ତାନ ଜଣା
ଗାନେ ମିଶାଇ ପରାଣ

Digitized by srujanika@gmail.com

ନାହିଁ କ୍ଷୁଧା ତୃଷା ନାହିଁ ଅନ୍ୟ ଆଶା
ସତ୍ୟ ମୋଦକରେ ମାତ୍ତ
ଥିଲେ ଅନୁରକ୍ତ ନିଶା ଆସକ୍ତ
ନ ଜାଣନ୍ତି ନିଶା ଗତ୍ତ ।

ତାଙ୍କର କବିତା ଆହା ! କି ଶୋଭିତା
ପଣ୍ଡିତ କରନ୍ତି ପୂଜା
ମାତ୍ର ସେ ଆନନ୍ଦେ ପୂଜୁଥିଲେ ହୃଦେ
ସ୍ଥିର ମନେ ଶ୍ୱେତ ଭୁଜା ।

ସେ ସତ୍ୟ ପୂଜାର ସତ୍ୟଟି ସମ୍ଭାର
ଅନ୍ୟ କିଛି ଲୋଡ଼େ ନାହିଁ
ଭକତି ସୁମନ ପ୍ରୀତି ଜଳ ପୂର୍ଣ୍ଣ
ଗନ୍ଧ ଅନୁରାଗ ଥାଇ ।

ଜ୍ଞାନ-ଘୃତ-ଜ୍ୟୋତି ଧୂପ ନମ୍ର ମତି
ସାଧକ ବନ୍ଦନାବଳୀ
ସାନ୍ତ୍ୱନା ଶୀତଳ ନୈବେଦ୍ୟ ତଣ୍ଡୁଳ
ଆତ୍ମଦାନ ପୁଷ୍ପାଞ୍ଜଳି ।

ବସି ଯୋଗାସନେ ଶ୍ୱେତାଙ୍ଗୀ ପ୍ରସନ୍ନେ
ପାଇଲେ ଅଭୟ ବର
ଶୁଭ ମୁହୂର୍ତ୍ତରେ ବୀଣା ଧରି କରେ
ବାହିଲେ ନୃପ କୁମର ।

ସଙ୍ଗୀତ କଳାରେ ତେଜସ୍ୱୀ ବଳରେ
ଯଶସ୍ୱୀ ହେଲେ ନନ୍ଦନ
ସଙ୍ଗୀତ ଲହରୀ ପ୍ରାଣେ ଗଲା ଭରି
ଉଲ୍ଲାସେ ଉଠିଲା ମନ ।

Digitized by srujanika@gmail.com

କବିତାର ଛନ୍ଦ ଛନ୍ଦାଏ ଆନନ୍ଦ
ଭାବନା ସୂତ୍ରରେ ଗୁନ୍ଥି
ଲେଖନୀ ଶୃଜନ କରଇ ପ୍ରମାଣ
ମରମେ ବିଶ୍ରାମ ମନ୍ଥି ।

ନୀଳ ଘନ ଶୋଭା ପ୍ରକୃତିର ଗଭା
ମଳୟ ଶୋଭିତା ନେଇ
ବନ ଯେ କାନନ ସୁବାସ ସୁମନ
କୋକିଳ ସୁତାନ ଫେଇ ।

ହସଇ କବିତା ଧରି ଦେଶ ଚିନ୍ତା
ମାତାଙ୍କ ଗୌରବ ରାଶି
ଗୌରବର ବଳେ ହୃଦର କୌଶଳେ
ଭାବନା ଖେଳଇ ଭାଷି ।

ନବୀନ ଯୌବନେ କିଶୋର ଜୀବନେ
ବିବେକ ରହିଲା ଜାଗି
ହୃଦୟ ସରଳ ଭାବନା ବିଭୋଳ
ଆଶାଥିଲା ଅନୁରାଗୀ ।

ଭୟେ ଥର ହର ବିଳାପ ସମ୍ଭାର
ତ୍ରିବେଣୀ ନପାରେ କେହି
ଷଡ଼ରିପୁ ଭୂଷଣ ଯେବେ ଥାନ୍ତି ପୂର୍ଣ୍ଣ
ସର୍ବ ମତ ଏକ ସ୍ନେହୀ ।

ଦୁଷ୍ଟ ରିପୁଗଣ କରି ଆକର୍ଷଣ
ଚୋଷନ୍ତି ପରଜା ଗଣ
ବନର ଶିକାର ଅତି ଚମତ୍କାର
ପଦଗତି ବାୟୁସମ ।

Digitized by srujanika@gmail.com

ପିତୃ ମାତୃ ପଦେ   ସେବନ୍ତ ଆନନ୍ଦେ
ଭାବି ଦେବତା ସମାନ
ଭକତ ଆଦରେ   ନମ୍ର ଶିଷ୍ଟାଚାରେ
କରନ୍ତି କ ସନମାନ ।

ସଙ୍ଗୀ ସଖା ଦାସୀ   ମିଶନ୍ତି ଭରସି
ଭୟ ନ ରଖି ମନରେ
ସର୍ବଦା ପ୍ରସନ୍ନ   କଟାଇ ଜୀବନ
ସମଦୃଷ୍ଟି ସମାନରେ ।

ଜଗତେ ଦୁର୍ଜ୍ଜୟ   ଅସାଧ୍ୟକୁ ଭୟ
ଯୌବନ ଗର୍ବ କ୍ଷମତା
ମାତ୍ର ସେ ଉଦ୍ଦେଶ   କୁମରଙ୍କ ପାଶ
ନ ଆସି ପୋତନ୍ତି ମଥା ।

ସର୍ବେ ସଙ୍ଗେ ଜିଣି   ସର୍ବ ମନ କିଣି
ଥିଲେ ଅତି ଅଦଭୂତ
ଶତ୍ରୁ ମିତ୍ର ଗଣ   ଥିଲେ ଯେତେ ପୂର୍ଣ୍ଣ
ସବୁ ହେଲେ ବଶୀ ଭୂତ ।

ଶତ୍ରୁ ସୈନ୍ୟ ଗଣ   ତାଙ୍କ ଗୁଣଗାନ
କଲେ ଅହରହ ନିତ
ଗୌରବର ଗାନ   ଉଠି ଘନ ଘନ
ସ୍ଥାପିଲା ଅମର କୀର୍ତ୍ତି ।

ସୁନ୍ଦର ପଣର   ବର୍ଣ୍ଣାବଳୀ କର
ନାହିଁ ନାହିଁ କିଛି ଆଜ
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ   ଦେଲେ ତେଜ ପୁଞ୍ଜ
ଅଙ୍ଗ ଜଳେ ଦାଉ ଦାଉ ।

Digitized by srujanika@gmail.com

ନଘଟେ ଗ୍ରହ ପନ୍ଥ ସର୍ବେ ଆଜ୍ଞାବର୍ତ୍ତୀ
ଦେଲେ ପ୍ରସନ୍ନର ଧନ
ସକଳ ଆଦେଶ ମଣ୍ଡି ଅଙ୍ଗ ଦେଶ
ବୁଦ୍ଧି ବାନ୍ଧିଅଛି ମନ ।

ସକଳ ଗୁଣରେ ସକଳ ଭାବରେ
ପ୍ରକୃତି ରଞ୍ଜନ କାନ୍ତି
ସାରଥି ସୁନ୍ଦର ଧଇର୍ଯ୍ୟ ମନ୍ଦର
ଅଶ୍ୱ ଚାଳନେ ଶିକାନ୍ତି ।

ଜୀବେ ପୂର୍ଣ୍ଣ ଦୟା ନାହିଁ ହୃଦେ ମାୟା
ଲକ୍ଷ୍ୟ ଧରେ ଲକ୍ଷି ଶର
ଗୁଣର ଆକୃତି ଚଢ଼ାଏ ପ୍ରକୃତି
ସାଧକ ପଣେ ଅମର ।

ଖେଳନା ଗୃହନ୍ତି ମନେ ଆସେ ପୂର୍ବ
ପଶୁଙ୍କ କ୍ରୀଡ଼ା ଦର୍ଶନେ
ଲୁଚି ଲୁଚି ବସି ଦେଖନ୍ତି ଉଲ୍ଲସି
ଇଙ୍ଗିତ ଆଳାପ ବନେ ।

କେବେ ବସିଥାନ୍ତି ଫୁଲ୍ଲ ମନ ସ୍ଥିତି
ଶୈଳ ଶିଖରୀ ଚୂଳେ
କେବେ ନଦୀ ତୀରେ ସମୀର ସଧୀରେ
କଣ୍ଟକ କେତକୀ ମୂଳେ ।

ଗମ୍ଭୀର ନିଶିରେ ନିର୍ଭୟ ଧୈର୍ଯ୍ୟରେ
ଭ୍ରମନ୍ତି ସାରଥି ସାର
ସିନ୍ଧୁ ତରଙ୍ଗରେ ମାନସ ରଙ୍ଗରେ
ଖେଳଇ ନାନା ବିହାର ।

Digitized by srujanika@gmail.com

କେବେ ତରୁ ଶିଖେ ବସି ଏକ ଲକ୍ଷ୍ୟ
ଝୁଲନ୍ତ ଝୁଲାଇ ପ୍ରାଣ
ପଶୁ ପକ୍ଷୀ ଗଣେ ଖେଳନ୍ତ ନୟନେ
ବୁଝାଇ ନିଜ ଅଜ୍ଞାନ ।

ଅପୂର୍ବ ବଚନ ସୁଗୁରୁ ସୁଚନ
ସୁଧୀରେ ହୋଇଣ ଛିଡ଼ା
ଦେଖନ୍ତ ବୀରେନ୍ଦ୍ର ନୃପ କୁଳ ଚନ୍ଦ୍ର
ସୁନ୍ଦର କୁରଙ୍ଗୀ କ୍ରୀଡ଼ା ।

ସବୁ ଦେଖି ଦେଖି ଯାଉଛନ୍ତି ଲେଖି
ପ୍ରକୃତ ଗୂଢ଼ କବିତା
ନୟନର ଦୃଶ୍ୟ ଖେଳାଏ ହରଷ
ଉଦ୍ୟାନେ ବନେ ଶୋଭିତା ।

ପ୍ରକୃତି ବିରାଟ ମହା ଦୃଶ୍ୟ ହାଟ
ଉଚ୍ଛଳେ ହୃଦ ସାଗରେ
ବୁଢ଼ ପାରାବାରେ ଉଠନ୍ତ ରଙ୍ଗରେ
ଭାବ କାମନା ଛଳରେ ।

ବିଚଳିତ ନାହିଁ ଲକ୍ଷ୍ୟ ହୀନ ନାହିଁ
ଅଚଳ ଭାବ କଳ୍ପନା
ଅନନ୍ତ ଅପାର ପାରାବାରୁ ସାର
ନେଇ କେ କରେ ତୁଳନା ।

ଭବେ ବିମଣ୍ଡିତ ସୁନ୍ଦର ଜଗତ
ଭବେ ଅଛି ସବୁ ପୂର୍ଣ୍ଣ
ସତ୍ୟର ଆଲୋକ ବିନାଶଇ ଶୋକ
ପ୍ରେମ ପୂର୍ଣ୍ଣେ ସତ୍ୟ ଗୁଣ ।

Digitized by srujanika@gmail.com

ସବୁ କାରବାର   ଅତି ଚମତ୍କାର
କଲଙ୍କର ଗୁପ୍ତ ନାହିଁ
କଷାଁ ମନ ମୂଢ଼   ଚେତ ଦେଇ ଦୃଢ଼
ବୃଥା ମରେ ଭ୍ରମେ ଧାଇଁ ।

ରାଜା କିବା ସୁଖୀ   •   ଧର୍ମ କିବା ଦୁଃଖୀ
ଲଂଘି ନପାରେ କେ ସୀମା
ତୁଚ୍ଛ ଅଧିକାର   ତୁଚ୍ଛ ଅତ୍ୟାଚାର
ତୁଚ୍ଛ ପ୍ରକାଶେ ବଡ଼ିମା ।

ବୋଲେ ମୋର ନାମ   ବଡ଼ ମୋ ଗୁମାନ
ମୋ ସଙ୍ଗେ କେ ଅଛି ସରି
ମୋ ନିଜ ଇଚ୍ଛାରେ   ବୁଲିବ ସଂସାରେ
ମୋ ଭାବ ମୁଁ ଅନୁସରି ।

ନିଜର ଉଚ୍ଚାଟେ   ନିଜ ବାହୁ ପିଟେ
ନିଜେ ଗର୍ବେ ହୋଇ ମତ୍ତ
ପାପର ଆଚାର   ପାପ କାରବାର
ମୂଢ଼ ନ ଚିହ୍ନେ ମହତ ।

ସତ୍ୟର ମହିମା   ସତ୍ୟର ଗରିମା
ବୁଝି ନୃପତି ନନ୍ଦନ
ସତ୍ୟରେ ପାଳିତ   କଲେ ନିଜ ଚିତ୍ତ
ସତ୍ୟେ ଚଳାଇ ଜୀବନ ।

ଦେଖି ଦୃଢ଼ ପଣ   ମୁଗ୍ଧ ମନ ପ୍ରାଣ
ସକଳ ପରଜା ବାସୀ
ତାଙ୍କ ଗୁଣ ଗାନ   ମହିମା ବର୍ଣ୍ଣନ
କରନ୍ତି ପ୍ରେମ ପ୍ରକାଶି ।

Digitized by srujanika@gmail.com

ତାଙ୍କ ଗୁଣ ନାମ ତାଙ୍କ ଶୋଭବନ
ତାଙ୍କୁ ସେ ଅତ୍ୟନ୍ତ ସର
ତାହାଙ୍କୁ ସମାନ କେହି ନାହିଁ ଜନ
ସର୍ବେଛନ୍ତ ଅନୁସର ।

ବ୍ୟବହାର ମତି ରାଜଧର୍ମ ମତି
ନୈତିକ ଶୃଙ୍ଖଳ ବଳ
ବିନୟ ସୁନ୍ଦର ସୁଧୀର ଗମ୍ଭୀର
ଦୟା ଗୁଣେ ସୁଶୀତଳ ।

ଧନ୍ୟ ଯୁବରାଜ ଧନ୍ୟ ତବ ତେଜ
ଧନ୍ୟ କଲ ପ୍ରଜାଗଣ
ବାହୁ ଆଶ୍ରିତରେ ପାଳି ସମାଦରେ
ଧନ୍ୟ କଲ ଦେହ ମନ ।

ଜୟ ନାଦ ପୂର ଉଠିଲା ନଗରୀ
ବାଜିଲା ମାତାଙ୍କ କର୍ଣ୍ଣେ
ରାଣୀ ଇନ୍ଦୁମତୀ ପୁତ୍ରର ସୁଖ୍ୟାତି
ଶୁଣି ଆନନ୍ଦ ଜୀବନେ ।

ପୁତ୍ରଙ୍କ ସ୍ନେହରେ ଜନ ପ୍ରଶଂସାରେ
ପୁଲକେ ପୁଲଇ ଚିତ୍ତ
ପୁଲକଇ ମନ ପୁଲକେ ଜୀବନ
ପୁଲକେ ବିହ୍ୱଳ ମାତ ।

କୁମାର ଗୁଣରେ ରାଜା ରାଣୀଙ୍କର
ହରଷ ଖେଳେ ମାନସେ
ହରଷେ ନୟନ ଅଶ୍ରୁକରେ ଦାନ
ହରଷ ସୁଧା ବରଷେ ।

Digitized by srujanika@gmail.com

ଦ୍ୱରଷର ଗାନ ଉଚ୍ଛଳେ ଭୂବନ
ମିଶାଇ ଗୌରବ ତାନ
ଧନ୍ୟ ରଜା ରଣୀ ଉଠାଏ ରଗିଣୀ
ମିଶାଏ ସକଳ ପ୍ରାଣ ।

ଧନ୍ୟ ଗର୍ଭବନ୍ତି ଧନ୍ୟ ଇନ୍ଦୁ ମନ୍ତି
ପ୍ରସବିଲ କ କୁମର
ଶ୍ରବ୍ୟରୁ ସୁନ୍ଦର ସଙ୍ଗ୍ୟରୁ ମଧୁର
ଜନ୍ମିଲେ କ କଲାକାର ।

ପୂର୍ଣ୍ଣ ଶଶୀ କୁଳେ ପୂର୍ଣ୍ଣ ଇନ୍ଦୁ କୋଳେ
ପୂର୍ଣ୍ଣ କଲାରେ ଗୋ ସତ !
କ ଜାଙ୍କ କୁମର କ ଘବେ ଅଙ୍କର
ମଣ୍ଡି ଅଛ ଭାଗ୍ୟବନ୍ତ ।

ଶ୍ରଜା ରଣୀ ଧନ୍ୟ ନବଜାତ ଧନ୍ୟ
ଧନ୍ୟ ଧନ୍ୟ ଏ ନଗର
ଧନ୍ୟ ପ୍ରଜା ବାସୀ ଧନ୍ୟ ପୁର ବାସୀ
ଧନ୍ୟ ନବୀନ ସମ୍ଭାର ।

Digitized by srujanika@gmail.com

ଦୁଇ

"ଭବ ରୂପ" ନାମେ ଥିଲା   ଏକଇ ନଗର
ପ୍ରକୃତିର ଚାରୁ ଅଙ୍କେ   ଲାଗଇ ସୁନ୍ଦର ।
ଶୈଳ ମାଳା ବୈଡୂର୍ଯ୍ୟରେ   ହୋଇଛି ମଣ୍ଡିତ
ଚାହିଁବା ମାନବଙ୍କେ ହରି   ନେଉଅଛି ଚିତ୍ତ ।
ସେ ନଗରବାସୀ ଥିଲେ   ଧର୍ମେ ଧନ ବାନ
ପାପ ସ୍ପୃହା ଛୁଏଁ ନାହିଁ   ଅସତ୍ୟ ଅଜ୍ଞାନ ।
ଏକ ମନ ଏକ ପ୍ରାଣ ଥିଲେ   ଦେଶବାସୀ
ଦୁଃଖେ ସୁଖେ ନାହିଁ ଭ୍ରାନ୍ତି   ଥାଆନ୍ତି ଉଲ୍ଲାସି ।
ଭ୍ରାତୃ ଭାବ ସ୍ନେହ ଡୋରେ   ଥିଲେ ସେ ବନ୍ଧନ
ହୃଦୟୁ ହୃଦ ଏ ଛନ୍ଦ   ଥିଲା ଏକମନ ।
ଧର୍ମ ବଳେ ସାଧୁ ଥିଲେ   ମାତୃଭୂମି ହିତ
ଗୌରବେ ମହିମା ଗୁଣି   ହୁଅଇ ବର୍ଦ୍ଧିତ ।
ନାହିଁ ହିଂସା ନାହିଁ ଦ୍ୱେଷ   ନାହିଁ କଷ୍ଟ ଲେଶ
ଆତ୍ମାର ଉନ୍ନତି ସଙ୍ଗେ   ଆଣନ୍ତି ହରଷ ।
ରଖିଲେ ଅମର କୀର୍ତ୍ତି   ଏ ମହୀ ମଣ୍ଡଳେ
ଅମର୍ତ୍ତ୍ୟ ସୁଖ ସମ୍ପତ୍ତି   ଭୁଞ୍ଜନ୍ତି ବହେଳେ ।
ରାଜ ଭକ୍ତ ପୂର୍ଣ୍ଣ ଥାଏ   ରାଜାଙ୍କ ଚରଣେ
ଦେବତା ସମାନ ମଣି   ପୂଜନ୍ତି ନନ୍ଦନେ ।
ଆଜ୍ଞା ପାଳି ମନ ଢ଼ାଳି   ଥିଲେ ଅନୁଗତ
ଆଦେଶର ପ୍ରତିଧ୍ୱନି   ଆଣଇ ମହତ ।
ଶୋଭାରେ କି ପାରିବାର   ନଗର ସୁଷମା
ଦେଖିବାକୁ ଆଚମ୍ବିତ   ମର୍ତ୍ତ୍ୟେ ଅନୁପମା ।
ଉଠି ଅନ୍ତଃକରଣରେ   [illegible] ସମ୍ଭାର
ସ୍ଥାପନ କି ଅଳକାର   ମୂର୍ତ୍ତି ଅଳଙ୍କାର ।

Digitized by srujanika@gmail.com

ଆହା କି ବିସ୍ତାର ଅଛି ଅପୂର୍ବ ସୁପ୍ରଭା
ଅବନୀ ସୁନ୍ଦରୀ ଶିରେ ଶ୍ୱେତ ଫୁଲ ଗଭା ।
ନାନା ରଙ୍ଗ ନାନା ଚିହ୍ନ ହେଉଅଛି ଦେଖା
ପ୍ରକୃତିର ଗୁଣାବଳୀ ହୋଇ ଅଛି ଲେଖା ।
ଆହାକି ଉଦ୍ୟାନ ଶୋଭା କି ସୁନ୍ଦର ଘାଟ
ଦେଖିବାକୁ ମିଳେ ପୁଣି ସୁବିସ୍ତୃତ ହାଟ ।
ଅଟଳ ସାହାସେ ଉଭା ଧୈର୍ଯ୍ୟ ଶୌର୍ଯ୍ୟ ବୀର
ରାଜ୍ୟ ଶାନ୍ତି ରକ୍ଷା ଅର୍ଥେ ଜଗିଥାଏ ଧୀର ।
କମ୍ପୁଥାଏ ଅଙ୍ଗ ପୁଣି ପୁଲକ ଭାରରେ
ବାଦ୍ୟ ସଙ୍ଗୀତର ଧ୍ୱନି ମିଶଇ ପ୍ରାଣରେ ।
ପ୍ରତି ବୃନ୍ଦେ ଧନ ପୂର୍ଣ୍ଣ ଅଭାବ ତ ନାହିଁ
ପଦ୍ମାସନା ସୁପ୍ରସନ୍ନା ସର୍ବଦା ସେଠାଇଁ ।
ଏକତା ସୌରଭ ଯୋଗୁଁ ଖେଳଇ ମଳୟ
ଏକ କଣ୍ଠ ଗାନ ଉଠେ କୋକିଳ ସଦୟ ।
ପ୍ରଭୁଙ୍କର ଆଶିଷ ପୁଷ୍ପ ହେଉଥାଏ ବୃଷ୍ଟି
ଶୋଭାମୟ ମୃଦୁ ହାସେ ବିରାଜଇ ସୃଷ୍ଟି ।
ସେ ନଗର ଦଣ୍ଡ ଧାରୀ ମନ୍ମଥ ରାଜନ
ତାଙ୍କ ସୁଶାସନେ ସୁଖୀ ସର୍ବ ପ୍ରଜାଗଣ ।
ହିମାଳୟ ପରି ଅଟେ ହୃଦୟ ତାଙ୍କର
କି ଉଦାର କି ଉନ୍ନତ ସୁଧୀର ସୁନ୍ଦର ।
ଆଡ଼ମ୍ବର ଅଟେ ଶୂନ୍ୟ ଗର୍ବ ନାହିଁ ଲେଶ
ଭାବନାର ସଙ୍ଗେ ସାଥି ନଅନ୍ତି ଉଦ୍ଦେଶ ।
ପଦେ ବୁଲି ଦେଖୁଥାନ୍ତି ପ୍ରକୃତିର ଶୋଭା
ନୟନ ଦେଖଇ ମାତ୍ର ମନ ନୁହେ ଲୋଭା ।
କର୍ମ ମନ୍ଦାକିନୀ ଜଳେ ଚିତ୍ତ ଶୁଦ୍ଧ କରି
ସାଧନ୍ତି ସାଧନା ଧର୍ମ ସତ୍ୟ ଦଣ୍ଡ ଧରି ।
କାଙ୍ଗାଳ ମୂରତି କେବେ ନ ଦେଖେଁ ନୟନ
ଦାନେ ଦାନ ଅନୁପମ ତାଙ୍କର ଜୀବନ ।

Digitized by srujanika@gmail.com

କାହାର ଉପମା ଦେବା   କିଛି ଆଉ ନାହିଁ
ତାଙ୍କ ଗୁଣ ତାଙ୍କ କର୍ମ   ତାଙ୍କୁ ଏକା ଯାଇ ।
ଥିଲା ପୂର୍ଣ୍ଣ ସର୍ବ ଗୁଣ   ପୁଣି ଧନ ମାନ
କିନ୍ତୁ ଆପଣାକୁ ସେହି   ମଣୁ ଥିଲେ ସାନ ।
ଗୌରବ ବଢ଼ାଇ ନଏ   ଉପୃତ୍ତିର ସ୍ଥାନ
ପ୍ରଜ୍ଜ୍ୱଳିତ ହୋଇ ଉଠେ   ପ୍ରସନ୍ନତା ଦାନ ।
ସ୍ୱର୍ଣ୍ଣ ସିଂହାସନେ ବସି   ଧରି ରାଜ ଦଣ୍ଡ
ମସ୍ତକେ ସତ୍ୟ ମୁକୁଟ   ପାଳଇ ଆଖଣ୍ଡ ।
ସତ୍ୟରେ ଚଳଇ ପ୍ରାଣ   ସତ୍ୟ କରେ କର୍ମ
ସତ୍ୟର ଇଙ୍ଗିତ ଠାରେ   ବୁଝନ୍ତି ମରମ ।
ସତ୍ୟରେ ଚଳଇ ପ୍ରାଣ   ସତ୍ୟରେ ନିବାସ
ସତ୍ୟାସତ୍ୟ ଭାବ ବୁଝି   କରନ୍ତି ଉଲ୍ଲାସ ।
ବିଶାଳ ରାଜ୍ୟରେ ସେହି   ହୋଇ ଅଧିକାରୀ
ଐଶ୍ୱର୍ଯ୍ୟ ମାଦକ ବନେ   ନ ପାରିଲା ଠାରି ।
ସମ୍ପଦ ଆମୋଦ ସବୁ   ବୁଝି ମନେ ମନେ
ମୋହିନୀ ମାୟାର ଛଳ   ବାନ୍ଧି ନାହିଁ ବନେ ।
ମୋ ପ୍ରଜାଙ୍କ ଧନ ପ୍ରାଣ   ରଖିବାର ପାଇଁ
ଏ ଜୀବନ ପାଇ ଅଛି   ଅନ୍ୟ କିଛି ନାହିଁ ।

ଆଶାର ଉଚ୍ଚାଟ ମୂର୍ତ୍ତି   କରି ନାହିଁ ଅନ୍ଧ
କାହାଠାରେ କିଛି ମନେ   ନଥିଲା ସମ୍ବନ୍ଧ
ଶତ୍ରୁଠାରେ କ୍ଷମା ଦାନ   ହୃଦେ ନାହିଁ ଈର୍ଷା
କ୍ଷମା ଗୁଣେ ଦେବତା ସେ   ନାହିଁ ପ୍ରତିହିଂସା ।
ଅଙ୍ଗ କାନ୍ତି ଜ୍ଞାନ ଜ୍ୟୋତି   ମାନସର ଲକ୍ଷ
କ୍ରୋଧର ଆକାର ଭଙ୍ଗୀ   କରିଯାଏ ଭକ୍ଷ ।

ଶୀତଳ ଅମୃତ ଧାର   ଢାଳେ ଶାନ୍ତ ବାଣୀ
ଶାନ୍ତ ମୁଗ୍‌ଧେ ଶାନ୍ତଭାବ   ଆଣୁଥିଲେ ଘୁଞ୍ଚି ।
ଲାବଣ୍ୟ ପ୍ରତିମା ନାମେ   ଥିଲେ ତାଙ୍କ ରାଣୀ
ସର୍ବ ଗୁଣେ ପରିପୂର୍ଣ୍ଣା   ଗୌରବ ମଣ୍ଡିନୀ ।

Digitized by srujanika@gmail.com

ପାତିବ୍ରତ୍ୟ ଧର୍ମ ହୃଦେ ଥିଲା ସଦା ଜାଗି
ପ୍ରକୃତିର ଶୋଭାବଳେ ପତି ଅନୁରାଗୀ ।
ସିନ୍ଦୂରେମା ଶୋଭା ସଙ୍ଗେ ତାଙ୍କର ତୁଳନା
ଶୋଭା ସଙ୍ଗେ ମିଶା ମିଶି ନାହିଁ କିଛି ଊଣା ।
କୋଟି ଚନ୍ଦ୍ର ଶୋଭା ସଙ୍ଗେ ପୀୟୂଷରେ ଧାର
ବିମଣ୍ଡିତ ମୁଖ ଜ୍ୟୋତି ମଧୁପୂର୍ଣ୍ଣେ ଭରା ।
ନୃପ ସନ୍ନିଧାନେ ଦେବୀ ପାଉଥିଲେ ଶୋଭା
ଚନ୍ଦ୍ର ପାଶେ ଶଶ ତାରା ଦେଖାଏ କି ଲୋଭା ।
ଋତୁ ଆଗମନ ଜାଣି ବହେ କି ମଳୟ
ଗନ୍ଧର ମାଧୁରୀ ବଳେ ନିର୍ଭୀକା ନିର୍ଭୟ ।
ଏକ ଗୁଣେ ଏକ ମୁଗ୍ଧ ନାହିଁ କପଟତା
ହୃଦେ ହୃଦ ଚକାବକ ଖେଳେ ସରଳତା ।
ମଣାନ୍ତ ଅବନୀ ଦେବୀ ଗୌରବେ ଭୂଷଣ
ଉଭୟଙ୍କ ପ୍ରେମ ସଙ୍ଗେ ଥିଲା ଏକପଣ ।
ମାନବ ମାତ୍ରକେ ସୁଖ ଦୁଃଖ ଭୋଗକରେ
ସୁଖ ସରେ ସନ୍ତରଣ ନାହିଁ ସଦାନରେ ।
ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ଶୋଭା କିନ୍ତୁ ଥିଲେ ପୂରି
ଚିନ୍ତାର ଇଙ୍ଗିତ ଭାଷା ଆସୁଥାଏ ଝୁରି ।

ଯାର ଯେତେବେଳେ ପାଳି ହୃଦ ଅଧିକାର
କରେ ଆସି ବଳେ ଛଳେ ନଥାଇ ବିଚାର ।
ବୁଲୁଥାଏ ଚକ୍ର ଗୋଟି ସମାନ ଭାବରେ
ଭୋଗୁଥାଏ ଶୋକ ସୁଖ କର୍ମ କୌଶଳରେ ।

ସୁଖ ମଗ୍ନା ଥିଲେ ସୁଦ୍ଧା ଆସେ ଘୋର ଚିନ୍ତା
ଶୂନ୍ୟକରେ ହୃଦ ରାଜ୍ୟ ଆକୁଳ ଶୋଭିତା ।
ବେଦନାର ତନ୍ତ୍ର ରୂପ ଘାଣ୍ଟୁଥାଏ ପ୍ରାଣ
ସୁଖର ବିଚକ୍ର ଗର୍ବ ଭାଙ୍ଗିଦିଏ ଠାଣ ।
ସବୁ ସୁଖ ପୂର୍ଣ୍ଣ ଅଛି ମାତ୍ର କସ.ହେବ
ହୃଦର ମୋ ଚିନ୍ତା ଭାବ କେହି ଆଣିଦେବ ।

Digitized by srujanika@gmail.com

ଗୃହର ମାଧୁରୀ ଛବି   ନୟନ ପ୍ରତିମା
ଅଙ୍କର ମଣ୍ଡନ ମୂର୍ତ୍ତି   ନାହିଁ ଯେ ଗରିମା
ଗୁରୁଜନେ ରାଜ ରାଣୀ   ସର୍ବଦା ବିସ୍ମିତ
ପ୍ରଭୁ ପଦେ ସଦା ଅଳ   ଦେଇ ମନ ବିତ୍ତ ।
ପୂଜନ୍ତି ଗଜଲକ୍ଷ୍ମୀ ଦେବୀ   ଚମ୍ପକ ସୁମନେ
ଅର୍ପନ୍ତି ଚରଣେ ଆଣି   କେତକୀ ଯତନେ ।
ହରଷ ବଢେଇଲେ ଲାଗେ   ମାନସ ସମ୍ଭାର
କଳ୍ପିତ କଳ୍ପନା ପୂଜେ   ଜଗି ନିଜ ଦ୍ୱାର ।
ହୃଦ ଦେବତାଙ୍କୁ ନିତି   କରି ଆରାଧନା
ଭାବ ସଙ୍ଗେ ଭାବ ଆସେ   ଯୋଗାଇ କାମନା ।
ଯଜ୍ଞରେ ଆହୁତି ଦେଇ   ଲକ୍ଷ ଆଣେ ଜ୍ୟୋତି
ଦାନ କାରବାର କରେ   ଧୀର ସ୍ଥିର ମତି ।
ଦୃଢପଣ ପାତି ବସେ   ନିଜର ଆସନ
ଦେଖିବାକୁ ପ୍ରେମ ଛବି   ସଜଳ ନୟନ ।
ସାନ୍ତ୍ୱନା ଆସଇ ଧରି   ସୁମନ ସଜାଡ଼ି
ଭାବନା ଭାଙ୍ଗଇ ହସି   ପ୍ରଫୁଲ୍ଲିତା ବାଡ଼ି ।

ମନର ସମ୍ଭାର ନିତି   ମନର ସଙ୍ଗରେ
ପୂଜନ୍ତି ଇଚ୍ଛା ଦେବତା   ନମ୍ର ବିନୟରେ ।
ନାନା ଜାତି ପୁଷ୍ପ ହାର   ମଣ୍ଡି ହୃଦୟରେ
ନତ ମସ୍ତକରେ ଶିର   ଦିଅନ୍ତି ପଦରେ ।
ମାଗୁଥାନ୍ତି ଇଚ୍ଛାବର   ଯୋଡ଼ି ବେନିକର
ବହୁ ଦିନେ ଇଚ୍ଛା ରୂପ   ଦେଲେ ଇଚ୍ଛାବର ।
ଇଚ୍ଛାରେ ଜନ୍ମିଲା ଏକ   ସୁନ୍ଦରୀ ଦୁହିତା
ଶକ୍ତି ରୂପା ଶୋଭାମୟୀ   ସୁନ୍ଦର ଶୋଭିତା ।

ଅଜସ୍ର ଲାବଣ୍ୟ ରାଶି   ବଢ଼ାଏ ମାଧୁରୀ
ଜ୍ୟୋତି କାନ୍ତି ବିରାଜିତ   ଅଙ୍ଗେଯାଏ ପୂରି ।
ବୁଦ୍ଧିର ପ୍ରତିଭା କିବା   ହୋଇଅଛି ଜାତ
ଚନ୍ଦ୍ରମାରୁ ଚନ୍ଦ୍ରିକା କି   ହୋଇଛି ବିଖ୍ୟାତ ।

Digitized by srujanika@gmail.com

ଲେଖନୀରୁ ଜାତ କଳ୍ପ- ମୟୀ ବର୍ଣ୍ଣାବଳୀ
ସ୍ୱଭାଷରୁ ସମ୍ଭବକ କମଳର କଳି ।
ଭରି ଦେଇଅଛି ଗନ୍ଧ ଶୋଭିତା ପ୍ରେମରେ
ଝର ଝର ବହେ ମଧୁ ତୃଷିତ ଆଶାରେ ।
ଉପମାକୁ ଉପମୂର୍ତ୍ତି କେ ବର୍ଣ୍ଣିପାରିବ
କଲ୍ୟାଣ ସାଧେନୀ ବାଳା କେ କସ ଭାବିବ ।
ଚନ୍ଦ୍ରର ଜ୍ୟୋଛନା କସ ମୁଖ ମଣ୍ଡଳକୁ
ତରୁଣ ଅରୁଣ ନିଜେ ଅଧର ଦେଶକୁ ।
ରୂପ ପାରିବାରେ ଭାସେ ପ୍ରବାଳ ତରଣୀ
ଶୋଭା ସଙ୍ଗେ ଶୋଭକର ବୁହାଏ ଝରଣୀ ।
କଳ୍ପନାର କସ ଚୂର ଚିହ୍ନିବାକୁ ମୂଲ୍ୟ
ଇଚ୍ଛାବଳେ ଫୁଟିଅଛି ଇଚ୍ଛା ନାମେ ଫୁଲ ।
ବିଧିର ନିର୍ମାଣ ସିନା ଇଚ୍ଛାର ଉତ୍ତମା
ଗଢ଼ିଅଛି ନନା ରଙ୍ଗେ ଶୋଭିତ ସୁଷମା ।
କି ସୁନ୍ଦର ରତ୍ନ ଲତା କାହିଁ ଦେଖା ନାହିଁ
ଜନମ ବିମୁଗ୍ଧ ହେଲେ ରୂପ ଚାହିଁ ଚାହିଁ ।
ଦୃଢ଼ ସିଦ୍ଧି ବକ୍ଷୁଁ ଜନ୍ମ ନହାଇଛି ଏହାର
ସିଦ୍ଧି ଶ୍ୱରୀ କାଦମ୍ବରୀ ନାମ ହେଉ ଆର ।
ଆହାକି ଅଦ୍ଭୁତ ଗୁଣ ସୁରମ୍ୟା ସୁନ୍ଦରୀ
ହରି ନେଉ ଅଛି ମନ ନୟନେ ଓଠାର ।
ଆହା ! କି ସୁନ୍ଦର ଦିଶେ ବଦନ ମଣ୍ଡଳ
ସଦ୍ୟକି ଫୁଟିଛି ସତେ ସୁନ୍ଦର କମଳ ।
କଜ୍ଜଳ ନିର୍ମିତ ନେତ୍ର ନୀଳ ଇନ୍ଦୀ ଜିଣି
ଲଲାଟ ସୁଦୀର୍ଘ ଶୋଭା ମନ ନିଏ କିଣି ।
କର୍ଣ୍ଣିକ ପାଟଳା ସମ ନାଶାତିଳ ଫୁଲ
ଗୋଲାପ ରଙ୍ଗେ ମିଶ୍ରିତ ଅଧର କି ମୂଲ୍ୟ ।
କୁନ୍ଦକଳି ଦନ୍ତ ପଂକ୍ତି ପଦ୍ମଫୁଟେ ପଡେ
ମୃଣାଳ କି ବାହୁ ବେନି ବାନ୍ଧିଛି ସମ୍ପଦେ ।

Digitized by srujanika@gmail.com

ଚମ୍ପା କଢ଼ି ବିମଣ୍ଡିତ ଅଙ୍ଗୁଳି ଗଠନ
ନିଆଳୀ ପାଖୁଡ଼ା ନଖ କରେ କି ମଣ୍ଡନ ।
କେତକୀ ଯାଇଛି ମିଶି ସର୍ବାଙ୍ଗ କାନ୍ତିରେ
ଲଜ୍ଜାବୋଳା ଭାବ ଗଢ଼ା ପୀରତି ସ୍ନେହରେ ।
ତାଙ୍କ ରୂପ ସମାନକୁ କେ ନୁହେ ସମାନ
ଗୁମାନରେ ଗୁଣ ଦେଇ ହେଲେ ଅପମାନ ।
ରୂପର ଲବଣ୍ୟ ଛଟା ନେଲା ସବୁ ଠାରି
ବୟସ ସଙ୍ଗେ ଯୌବନ ଆସିଲା ବିସ୍ତାରି ।
ଲଜ୍ଜାରେ ଭୂଷଣ ସବୁ ଲୁଚିଲେ ଚରଣେ
ସ୍ୱଭାବ ସୁନ୍ଦର ସଙ୍ଗେ କି ମଣ୍ଡେ ଭୂଷଣେ ।
କୃତ୍ରିମ ଯୋ ଆଭରଣ ହେଲେ ପଶ୍ଚାତ୍‌ପଦ
ତାକୁ ସେହି ପଟାନ୍ତର କାହିଁ ମୋ ଆମୋଦ ।

ସ୍ୱଭାବ ଶୋଭାକୁ ଦେଲା ଯଉବନ ଢ଼ାଙ୍କି
ସର୍ବାଙ୍ଗ ସୁନ୍ଦର ସଙ୍ଗେ ନାହିଁ କିଛି ବାକି ।
ଗୁଳିଯାଉ ଥିଲେ ବାଳା ଶୋଭା ପଡ଼େ ଝରି
ବିରାଜି ଉଠଇ ଜ୍ୟୋତି ପୂର୍ଣ୍ଣ ଜ୍ୟୋତି ଧରି ।
ସର୍ବାଙ୍ଗ ଜ୍ୟୋତ୍ସ୍ନା ଢ଼ାଳେ କିରଣ ଉଜ୍ଜ୍ୱଳ
ବ୍ୟାପିଯାଏ ଅନୁକମ୍ପା ଆଖଣ୍ଡ ମଣ୍ଡଳ ।
ଜନମି ପାଉଛି ଶୋଭା ଧରି ବାହ୍ୟ ଛନ୍ଦେ
ପୁଲକ ଭରି ପୁଲକେ ପ୍ରକୃତ ଆନନ୍ଦେ ।
ନିଜର ଲାବଣ୍ୟ ଛଳେ ପରଶେ ହରଷ
ପଟାନ୍ତର କିଛି ନାହିଁ ନାହିଁ କି ସନ୍ଦେଶ ।
ମାନସ ଅନ୍ଧାରେ ଖେଳେ ମୁଖଚନ୍ଦ୍ର ଝଳ
ଆଶା କୁମୁଦିନୀ ଗୃହେଁ ପ୍ରେମ ଗନ୍ଧ ବୋଳ ।

ଉଭୟଙ୍କ ପ୍ରେମେ ଉଠେ ମିଶ୍ରିତ ଉଲ୍ଲାସ
ଘେନା ଘେନ ସ୍ନେହ ସଙ୍ଗେ ଚହଟେ ସୁବାସ ।
ଛନ୍ଦରେ ଛନ୍ଦାଇ ଦେଇ ବାନ୍ଧଇ ନୟନ
ଅଟଳ ନିଶବ୍ଦ ଭାବେ ଥକରହେ ମନ ।

Digitized by srujanika@gmail.com

ଲଲାଟର କାମଧେନୁ ମାରେ ମାର ଶର
ଝାଳଦଏ ସୁଧାଧାର ରଙ୍ଗିମା ଅଧର ।
ମୃଦୁ ହାସେ ବସିଥାଇ ମନ ନଏ ତୋଷି
ଝାଳମ୍ବର ଜ୍ୟୋତ ଖଜେ ପ୍ରେମ ରହେ ରସି ।
ଝଲକ ଉଠଇ ବନ୍ଦୁ ଇନ୍ଦୁ ଗୌରବରେ
ସିନ୍ଦୁର ସୁନ୍ଦର ଦଶେ ଲଲାଟ ପଷ୍ଠରେ ।
ଶୁଦ୍ଧ ସୁବର୍ଣ୍ଣରେ କବା ମାଣିକ୍ୟ ନର୍ମିତ
ଝସି ଆସି ନାଶା ଅଗ୍ର କରେ କ ଶୋଭିତ ।
ମତ୍ତ୍‌ଗଜ କର୍ଣ୍ଣ ଝୁଲ ଯାଉଥାଏ ଶୋଭା
ମନ୍ଥର ଗମନୀ ଆଜେ ପ୍ରାଣର ପ୍ରତିଭା ।
ସ୍ୱର୍ଣ୍ଣଚୂଡ଼ି ଜଡ଼ିଯାଏ ସୁବର୍ଣ୍ଣ ବାହୁରେ
ମଉନାମ ରଖାଇଲା ଛଳନା ସ୍ନେହରେ
ବିଶାଳ ବକ୍ଷରେ ଶୋହେ ମୁକୁତାର ହାର
ସବେ ଧନ୍ୟ ହେଲ ହାର ନାହିଁ ମୋ କାତର ।
ସବ ଶୋଭା ଯେଉଁଠାରେ ହୋଇଛି ସଂପୂର୍ଣ୍ଣ
ତଥିରେ ମାର୍ଜିତ ହେଲା ମୋର ସାର ଗୁଣ ।

ଆଜ କ ଆନନ୍ଦେ ଝୁଲ ଅଛି ମୁଁ ବକ୍ଷରେ
କେ ଦେଖାନ୍ତା ମୋ ଲାବଣ୍ୟ ସାଗର ମଧ୍ୟରେ ।
ଧନ୍ୟ ହେଲ ଧନ୍ୟ ହେଲ ପାଇ ହାର ନାମ
ରାଜଜେମାଙ୍କର ବକ୍ଷ ଚିହ୍ନିଲ ମୋ ଦାମ ।
ନୂପୁର ବାଜଣ ଉଠେ ରହି ଚରଣରେ
ରୁଣୁଝୁଣୁ ନାଦ ବାଜେ ସକଳ କର୍ଣ୍ଣରେ ।
ଛନ୍ଦ ଦେଲା ନାନା ଛନ୍ଦେ ହୃଦୟୁ ବନ୍ଧନ
ସାବର ଭାବୁକା ବେଶ କରେଖେ ଗମନ ।

ଚକିତ ଚରଣେ ଗୃହେଁ ନପଡ଼େ ପଲକ
ବିବେକ ବସ୍ତୁର ବାଟେ ନେବାକୁ ଆଲୋକ ।
ବୀଣାପିକ ସ୍ୱର ମିଶେ ବାଣୀର ମଧୁରେ
ଛଣାପଣା ବୋଲ ଭାବ ପିଅଇ ମଧୁରେ ।

Digitized by srujanika@gmail.com

ପୀରତ୍ତ ପ୍ରକୃତ ମିଶି ସ୍ୱଚ୍ଛ ଆନନ୍ଦରେ
ମନ୍ତ୍ରିତ ଚିନ୍ତୁର ସଙ୍ଗେ ପଡ଼ିଲା ପଦରେ ।
ସୃଷ୍ଟିର ସୁନ୍ଦର ଯେତେ ପଶିଲେ ଶରଣ
ସେ ଶୋଭାରେ ସମ ରୂପ ନ ହେବାରୁ ପଣ ।
ରୂପ ଅନୁରୂପେ ଗୁଣ ଥିଲା ଚମତ୍କାର
ସର୍ବ ମଧୁମୟ ଅଟେ ନଥାଇ ବିଗୁର ।
ଦୟା ଧର୍ମ ମୈତ୍ରୀ ଗୁଣ କୋମଳ ସ୍ୱଭାବ
ଆଶ୍ରିତେ ରହିଲେ ହୃଦେ କେ ଦେଖେ କୁଭାବ ।
ସଙ୍ଗୀତ ସାହିତ୍ୟ ଶିଳ୍ପ କଳା ଯେତେ ଗୁଣ
ଶିଖିଲେ ଯତନେ ଦେବୀ ହେଲେ କି ନିପୁଣ ।
ବାତ୍ସଲ୍ୟ କରୁଣା ଭାବ ଶାନ୍ତ ହାସ୍ୟ ରସେ
କେବଳ ଏକାନ୍ତ ପ୍ରୀତି ସଦ୍‌ଗୁଣ ସରସେ ।

ଅନୁଭବ ସଙ୍ଗେ ଯାହା ଲେଖନ୍ତି କବିତା
ଉତ୍ସାହରେ ମିଶିଯାଏ ଉତ୍ସାହର ଚିନ୍ତା ।
ସଙ୍ଗ ଆଳାପରେ ମତି ନଦିଏ କଦାପି
ନିରୋଳାରେ ବସିଥାନ୍ତି ନିଜ ମନ ମାପି ।

ଗୁନ୍ଥୁଥାନ୍ତି ମାଳ ବସି କବିତା ଫୁଲରେ
ସାରସ୍ୱତ-ବାକ୍ୟ-କୁଞ୍ଜ ଭାବନା ମୂଳରେ ।
ଉଚ୍ଚ ମନ ଉଚ୍ଚ ଭାବ ଉଚ୍ଚ ଅଭିଳାଷ
ସାହିତ୍ୟ ଆଭାଷ ଶୁଣେ ସଂପୂର୍ଣ୍ଣ ସାହାସ ।
ଝରଇ ମାଧୁର୍ଯ୍ୟ ରସ କବିତା ନିର୍ଝରି
ମାତୃଭାଷା ଦେଶ ସେବା ପଦେ ପଦେ ପୁରି ।
ବାହ୍ୟ ପ୍ରେମେ ଗପ ସପେ ନାହିଁ ସରସତା
ଅନୁକ୍ଷଣ ମାନସରେ ମନ ଆସକତା ।
ପଥ ମାର୍ଗ ବୁଦ୍ଧି ବଳେ କରନ୍ତି ନିର୍ମଳ
ଲକ୍ଷ୍ୟ ଦିଗ ଆବିଷ୍କାର ଚେତନା ସରଳ ।
ବୁଦ୍ଧି ସଙ୍ଗେ ଶୁଦ୍ଧି କରୁ- ଥାନ୍ତି ନିଜ ମନ
ନିଜ ଜ୍ଞାନେ ନିଜ ପ୍ରାଣେ ନିଜେ ଆଣି ପଣ ।

Digitized by srujanika@gmail.com

ନିଜ ଘରେ ଖୋଜୁଥାଏ ନିଜର କବିତା
ନିଜ ମନେ ମିଶୁଥାଏ ଠାରି ନିଜ ଚିନ୍ତା ।

ଶଶୀକଳା ମଦାଳସୀ ଥାନ୍ତି ଦୁଇ ସଖୀ
ଜେମାଙ୍କର ପ୍ରିୟତମା ଥାନ୍ତି ପ୍ରାଣ ରଖି ।

ଅଛନ୍ତି ଅନେକ ସଖୀ ସେବିକା ନାମରେ
ନାନା ଚର୍ଚ୍ଚା ସେବା ଧେନି ରହନ୍ତି ପାଖରେ ।

ଜେମାଙ୍କର ପ୍ରିୟ ସଖୀ ଶଶୀ ମଦାଳସୀ
ଶିଷ୍ଟ ମିଷ୍ଟାଳାପେ ବେନି ପାରନ୍ତି ଭରସି

କାର୍ଯ୍ୟ କରୁଥାନ୍ତି ନିତି ଜେମା ମନ ଜାଣି ।
ବହରନ୍ତି ପୁଷ୍ପବନେ ନାନା ପୁଷ୍ପ ଆଣି ।

ଗୁନ୍ଥନ୍ତି ସୁମନ ହାର ଅତି ଯତନରେ
ବିଭୋଳେ ମଣ୍ଡାନ୍ତି ନେଇ ଜେମାଙ୍କ ବକ୍ଷରେ ।

କହୁଥାନ୍ତି ନାନା କଥା ଇଙ୍ଗିତ ମିଶାଇ
ଖେଳୁଥାନ୍ତି ପଶାଖେଳ ଭାବରେ ରସାଇ ।

ଆମୋଦ ପ୍ରମୋଦ ପ୍ରୀତି ଉଛୁଳେ ମନରେ
ଅନ୍ତର ନୋହି କଞ୍ଚତ ଜଗନ୍ତି ପାଶରେ ।

ନିଜ ପ୍ରତିବିମ୍ବେ ଦେଖେ ନିଜ ସଖୀ ପ୍ରେମ
ସଖୀ ସୁଧା ମିଶା ଅନ୍ତ ନୟନେ ନୟନ ।

ସୌହାର୍ଦ୍ଦ୍ୟ ମୂଳରେ ଥିଲା ପରସ୍ପର ପ୍ରୀତି
ଗୁଣେ ଋଣ ପରିଶୋଧ କରୁଥାନ୍ତି ନିତି ।

ପ୍ରାଣେ ବିକା କଣା ଲାଗିଥାଏ ଅବିରତ
ଏକା ପ୍ରାଣେ ବନ୍ଧାଜନି ଦେଖନ୍ତି ଜଗତ ।

....

Digitized by srujanika@gmail.com

ଧ୍ୱନି

କେତେବେଳେ ପଡ଼େ ମୀନଙ୍କର ହସ୍ତେ
ଟାଣି ଓଟାରନ୍ତି ଜାଲ
ଊର୍ଦ୍ଧ୍ୱକୁ ଉଠିଣ ଡେଇଁ ପଡ଼ୁଥାନ୍ତି
ନାନା ଜାତି ମୀନ ଦଳ ।
କୈବର୍ତ୍ତ ବସିଣ ଲକ୍ଷ୍ୟ ରଖି ସୂକ୍ଷ୍ମ
ପକାଏ ବଡ଼ଶୀ ଧରି
ପଞ୍ଚଣେ କି ଯମ ଅଲକ୍ଷ୍ୟ ଭାବରେ
ଡୋରେ ବାନ୍ଧଇ ଓଟାରି ।
ସୁନ୍ଦର ମନ୍ଦିର ସୁନ୍ଦର ଅଙ୍ଗରେ
ରଜ ଉଠେ ଜାଲ ଛନ୍ଦ
ଆତ୍ମାର ତୃପତି ଲାଲସା ସଙ୍ଗରେ
ହୃଦେ ଉଛୁଳେ ଆନନ୍ଦ ।
କୁଟୁମ୍ବର ଚିନ୍ତା ଆଣଇ ବିହ୍ୱଳେ
କରଇ କେତେ ବିସ୍ତର
କେତେ ଅଙ୍କେ ମୂଲ୍ୟ ବାନ୍ଧଇ ମନରେ
କେତେ ଭାବେ କାରବାର ।
ବିଚଳିତ ହୋଇ ଉଡ଼େ ମନ-ଚିଲ
ଝାମ୍ପି ନିଏ ଚିନ୍ତା-ମୀନ
ଗର୍ଭକୁ କ୍ଷେପଇ ବିଦ୍ୟୁତେ ଖେଳଇ
ଭାବ କରି ଛିନ୍ନ ଭିନ୍ନ ।
ବିମଳ ଶୋଭାରେ ନୈତିକ ଶୌର୍ଯ୍ୟରେ
ମାତି ଯାଉଥାଏ ଲତା
ନବୀନ ସମୟୁ ନବୀନ ହୃଦୟୁ
ବାଢ଼ୁଥାଏ ନବ କଥା ।

Digitized by srujanika@gmail.com

ଉଠେ ଅନ୍ୟକୂଳେ ଧ୍ୱନିର ପ୍ରଜାତ
ମିଶିବାକୁ ଏକ ସ୍ୱର
ମିଶା ମିଶି ସଖୀ ନିଜ ଭାବ ଲେଖି
ଶୁଣି ନିଜର ଉତ୍ତର ।

ନିଜର ସଦପ୍ରେ ନାଚେ ନୂଏ ଠିଆ
ନିର୍ମଳ ସ୍ରୋତ ମୁହାଁଣେ
× × × ନାଚେ ନଏ ଘର୍ଙ୍କି
ସନ୍ତ୍ରର ଜୀବନ ଠାଣେ ।

ଆସି ମନ ଯୋର ବଢାଏ ସମର
ସଂସାର ସାଗର ସଙ୍ଗେ
ଖେଳଇ ତରଙ୍ଗ ଲେଖି ନାନା ରଙ୍ଗ
ମିଶାଇ ସିନ୍ଧୁ ତରଙ୍ଗେ ।

ଦେବନଙ୍କ ସଂଗ୍ରାମେ ଘୋଷଣ ଉର୍ଦ୍ଧିରି
ଘୂରୁଥାଏ ଏକାଠାରେ
ଲାଗେ ଘୂର୍‌ଘୂରି ନ ଛାଡ଼େ କେ କାକୁ
ବୁଲୁଥାନ୍ତି ଚକ୍ରାକାରେ ।

ବିଚିତ୍ର ରଙ୍ଗର ବିଚିତ୍ର ମାଧୁରୀ
ଦେଖୁଥାନ୍ତି ଯୁବରାଜ
ମାନସ ଦର୍ପଣେ ଦେଖି ନିଜ ମୂର୍ତ୍ତି
ବଢ଼ୁଥାଏ ନିଜ ତେଜ ।

ଆଜ୍ଞା ଦେଲେ ନୃପ ଶୁଣି ଆଜ୍ଞାକାରୀ
ରଖିଲା ତୀରେ ତରଣୀ
ଆସିଲା ନାବିକ ଧରି ଇଚ୍ଛା ଯାନ
ଘବରେ କଲା ବରଣି ।

ଆସିଲା ଅନ୍ଧାର ଘୋଟିଲା ସଂସାର
ବଜାଇ ବିଜୟ ଭେରୀ
ଆଲୋକେ ଆଲୋକ ଦେଖିଲା ପୁଲକ
ଲୁଟିଲା ଆନନ୍ଦେ ଫେରି ।

Digitized by srujanika@gmail.com

ମିଳ ନବ ଘନେ   କୋଟି ତାର ରାଜ
ପ୍ରକାଶିଲେ ଘନ ପ୍ରଭା
ଗୋଟି ଗୋଟି ହୋଇ   ହାସ ମୁଖ ଫେଇ
ବାଢ଼ିଲେ ଜଗତେ ଶୋଭା ।
ଦକ୍ଷିଣ ପବନ   ବହେ ସାଇଁ ସାଇଁ
ବଜାଏ ପରାଣ ବଂଶୀ
ମଧୁର ଗାନରେ   ବିହ୍ୱଳ ପ୍ରେମରେ
ଉଇଁଲେ ସୁନ୍ଦର ଶଶୀ ।
ଢ଼ାଳି ଦେଲେ ମଧୁ   ପିଇଲ ଆନନ୍ଦେ
କୁମୁଦିନୀ ହାସ ରସେ
ଏ ବିଶ୍ୱ ବ୍ରହ୍ମାଣ୍ଡ   ହେଲା ଜ୍ୟୋତିର୍ମୟ
ସୁଷମା ଶୋଭେ ପରଶେ ।
ସର୍ବ ପଥ ଯାତ୍ରୀ   ବଶିଲେ ନିଦ୍ରାକୁ
ଅଜ୍ଞାନେ ନେଲେ ବିଶ୍ରାମ
ଆହାର ସଂପୂର୍ଣ୍ଣେ   ପ୍ରବେଶଇ କ୍ଳାନ୍ତ
ସ୍ୱେଚ୍ଛା ଦେବୀ ଦେଲେ ସ୍ଥାନ ।
କଳ୍ପ ଯୁଗ ମୂର୍ତ୍ତି   ସୃଷ୍ଟିର ପ୍ରକୃତ
ମାଧୁରୀ ରହିଲେ ଗୃହିଁ
ଲକ୍ଷ ଉଦ୍ୟାନର   ଶୋଭାକରେ ଦାନ
ନୟନ ଧୀରେ ଖେଳାଇ ।
ଆହା ! କି ଅଭୀଷ୍ଟା   ଖର ନିଶ୍ୱାସର
ମୁଦ୍ରିତ ନୟନ ବେନି
ଘାରୁଛି ଅଜ୍ଞାନ   ନାହିଁ ଘଟେ ପ୍ରାଣ
ଏତେ ସୁଖ କାହା ପେନି ।
ନିଦ୍ରା ଦାସ ସିନା   ଚିନ୍ତା ଶୂନ୍ୟ ପ୍ରାଣୀ
ଆଳସ୍ୟତା ପ୍ରେମ ଗୁରୁ
ମାତ୍ର ଯେ ଭାବୁକ   ଖୋଜେ ସର୍ବମତ
ବାହାର ସେ ଜଗତରୁ ।

Digitized by srujanika@gmail.com

ସୃଷ୍ଟି ପ୍ରେମମୟୀ　　କି କରିପାରିବ
　ଚନ୍ଦ୍ରାମୟୀ ଥିଲେ ଶାନ୍ତ
ନିଦ୍ରା କ୍ରୀତ ଦାସୀ　　ଅଟେ ତା ଆପୃତ
　ଜନ୍ମି ନପାରଇ ଭ୍ରାନ୍ତ ।
ମନ ଚନ୍ଦ୍ର ବିମ୍ବେ　　ଜୋଛନା ଉଚ୍ଛଳେ
　ତରଙ୍ଗ ନାଚେ ପୁଲକେ
ପୁଲକ ପୁଲକ　　ମିଶଇ ସାଗରେ
　କିରଣ ଉଠେ ଝଲକେ ।
ସକଳ ବିଚାର　　ସକଳ ସୁଚିନ୍ତ
　ବସି ଦେଖନ୍ତି ସ୍ୱଜନ
ଆମୋଦରେ ମନ　　ସୃଷ୍ଟିର ନୟନ
　ଧୀରେ ଖେଳଇ ଜୀବନ ।
ଯେଉଁଠି ଶୋଭା ରାଶି　　ଢ଼ାଳେ ନାନା ଧାର
　ଉଚ୍ଛଳେ ସିନ୍ଧୁ ଗର୍ଜନ
ସୁନ୍ଦର ତାଣ୍ଡବ　　କଙ୍କିଣୀ ରବ
　ତର୍ଜନେ ହୁଏ ବର୍ଦ୍ଧନ ।
ଗରଜଇ ନିଶି　　ଗମ୍ଭୀର ଅନ୍ଧାରେ
　ବଜାଏ ମଧୁର ବଂଶୀ
ତ୍ରାସ ସଙ୍ଗୀତର　　ଆଣଇ ଆନନ୍ଦ
　ଚେତନା ସ୍ୱପ୍ନ ପରଶି ।
କାନ୍ତ ହରଷରେ　　କମଳ ସୁନ୍ଦରୀ
　ଉଠାଏ କାତର ସ୍ୱର
ନିଶା ସଖୀ ସଙ୍ଗେ　　କହେ କି ବେଦନା
　ହୃଦୟ ଶୂନ୍ୟ କାତର ।
ସବୁ ଅଚେତନ　　ହୋଇଛି କେବଳ
　ଖୋଲିଛି ପ୍ରକୃତି ବାଟ
ତାହାର ସମ୍ଭାର　　ଅତି ଚମତ୍କାର
　ସୁନ୍ଦରେ ସାଜେ କି ହାଟ ।

Digitized by srujanika@gmail.com

ଷବୃଠାରେ ଦେବୀ ପ୍ରବେଶିଲେ କନ୍ତୁ
ନୀରବତା ଭାବ କରେ
କୋଳାହଳ ମଧ୍ୟେ ଅଛି ସରସତା
ଭାବୁକ ବୃନ୍ଦଙ୍କ ଭାବରେ ।
ବସି ଭଜାଗରେ ନୃପତି କୁମର
ଖାଦ୍ୟ କରି ଦେଲେ ଶେଷ
କସ ବା କଳ୍ପନା ଥିଲା ତାଙ୍କ ମନେ
ସେ ଜାଣେ ସେ ଉଦ୍ଦେଶ ।

ପାହିଲା ରଜନୀ ଉଦେ ଉଷା ରାଣୀ
ସଜାଡ଼ି ସର୍ବ ସମ୍ଭାର
ସକଳ ସର୍ବାଙ୍ଗେ ମାରି ସ୍ନେହ ଫଗୁ
ସର୍ବ କଲେ ସମାଦାର ।
ରକ୍ତ ଝିନ ଶାଢ଼ି ଦାନ କଲେ ମୋଦେ
ରକ୍ତ ବେଶ ଭୂଷା-ଧାରୀ
ବାଜଇ ନୂପୁର ବଣ୍ଟୁ ବାସୀଙ୍କର
ମନ ନିଏ ମନକାଢ଼ି ।

ଉଠଇ ସଙ୍ଗୀତ ବାଜେ ବଣ୍ଟୁ ବୀଣା
ଶୋଭା ଶ୍ରୁତି ତାନେ ମିଶି
ତାନ ଶୁଣେ ଗାନ ମିଶଇ ସମାନେ
ଏକ ଭାବେ ଏକ ରସି ।
ନାନା ଜାତି ଫୁଲ ଭରାଇ ଡାଲାରେ
ଅର୍ଘ୍ୟ ଆଳତି ସଙ୍ଗରେ
ଉପସ୍ଥିତ ବାଳା କରେ ଅରଚନା
ମାଳା ଦେଇ ହୃଦୟରେ ।

କ୍ଷଣକ ମିଳନ ଅତି ମନୋହର
ସର୍ବେ ମିଶି କଲେ ସୃଷ୍ଟି
ଏକଇ ମନରେ ଏକଇ ପ୍ରାଣରେ
କଲେ ପ୍ରେମ ପୁଷ୍ପ ବୃଷ୍ଟି ।

Digitized by srujanika@gmail.com

ସମାନ ଆଦର ସମାନ ସତ୍କାର
ସେ ସମସ୍ତ ଶୁଭମୟ
କି ଶୁଦ୍ଧ ପ୍ରଭାତ ନବଭାବ ଜାତ
ହେଲେ ନବୀନ ଉଦୟ ।
ନବୀନେ ପ୍ରଭାତେ ନବୀନ କୁମର
ଉଠିଲେ ନବ କାମରେ
ଯେଉଁଠାରେ ଲକ୍ଷ୍ୟ ସେହିଠାରେ ଯାଇ
ବସିଲେ ଆସନ ପରେ ।
ସଖା ସହଚର ବେଢ଼ି ଚଉପାଶେ
କରନ୍ତି ଆମୋଦ ମନ
ଇଙ୍ଗିତ ଆଳାପ କଥୋପକଥନ
ହେଉଥାନ୍ତି ସଜ୍ଜନ ।
ନିୟମିତ କାର୍ଯ୍ୟ କବେ ସମାଧାନ
ଭୋଜନ କଲେ ସକଳ
ପ୍ରାତଃରେ ମାଧୁରୀ ଛିଡ଼ିଲା ଦମରେ
କ୍ଲାନ୍ତେ ଜୀବନ ବିକଳ ।
ମଧ୍ୟାହ୍ନ ସମୟେ ମଧ୍ୟାହ୍ନ ଗଗନେ
ଉଠିଲେ ସୁତେଜ ରବି
ଢାଳିଲେ ଅନଳ ତପ୍ତ ହେଲା ଧରା
ମ୍ଳାନ ହେଲା ସ୍ନେହ ଛବି ।
ସିନ୍ଧୁ ବକ୍ଷସ୍ଥଳ ହୁଏ ଧପଧପ
ରବି କିରଣରେ ଝଳ
ଉଠଇ ଅନଳ ତପ୍ତ ସଙ୍ଗେ ଜଳ
ଉଚ୍ଛୁଳେ ସୁଆଗ ବୋଳି ।
ତପନ ମନରେ ତପତ ପ୍ରେମରେ
ତପତ ହୁଅଇ ପ୍ରୀତି
ବଢ଼େ ତପ୍ତକାନ୍ତି ଖେଳଇ ପ୍ଳାବିତ
ସମସ୍ତ ଭୁଲଇ ମତି ।

Digitized by srujanika@gmail.com

ଅସହ୍ୟ ଯନ୍ତ୍ରଣା   ଭୋଗନ୍ତି ବହୁଙ୍କେ
ତପ୍ତ ଜଳେ ବୁଡ଼ ବୁଡ଼
ତାପିତ ସନ୍ତାପୁ   ରଖିବାକୁ ପ୍ରାଣ
ନିଜ ବନେ ଗଲେ ଉଡ଼ ।
କେ କାହାର ମୁଖ   ଦେଖଇ ସେ କାଳେ
ଗୃଳନ୍ତି ବିକଳ ସ୍ୱରେ
ଯେ ଯାହାର ଆତ୍ମା   ରକ୍ଷା କରୁଛନ୍ତି
ନିଜ ଗୁମ୍ଫା ଆଶ୍ରିତରେ ।
ଉଠେ କୋଳାହଳ   ଶୁଭଇ ଚହଳ
ଭେଦେ ମର୍ମ ଘର୍ମ ସ୍ୱରେ
ଡାଳେ ବୃକ୍ଷ ଗୁମ୍ଫା   ବାନ୍ଧି ରଖେ କାୟା
ସାନ୍ତ୍ୱନା ସ୍ନେହ ଭାବରେ ।
ନିବଣ ବଗିଚେ   ଖେଳନ୍ତି ନଗିଚେ
ମାୟାମୟୀ ମରୀଚିକା
ଇନ୍ଦ୍ରଜାଲ ମୂର୍ତ୍ତି   ଗଇଲ ପ୍ରକୃତି
ମାଧୁର୍ଯ୍ୟ ହୋଇଲା ଫିକା ।
ପ୍ରଚଣ୍ଡର ତାପ   ଅସହ୍ୟ ଅସହ୍ୟ
ସର୍ବେ ଗଲେ ଏଣେ ତେଣେ
ଗୁମ୍ଫାର ବାହାକୁ   ଆଶ୍ରା ନେଲେ ସବୁ
ଲୁଚି ଗଲେ କେ ଚରଣେ ।
ଯା'ର ଯେତେ ବଳ   ଚିରସ୍ଥାୟୀ ନୁହେ
କ୍ଷଣକେ ହୁଏ ଉଲଟ
ତୀବ୍ର ଜ୍ୱାଳା କ୍ଲାନ୍ତେ   ମିଶିଲା ଶୀତଳ
ନ ରଖି ମନେ କପଟ ।
ଶୀତଳ ବସନେ   ପୋଛଇ ସର୍ବାଙ୍ଗ
ମୁଖେ ଦେଇ ଶାନ୍ତ ଜଳ
ଶୀତଳ ଜୀବନେ   ଶୀତଳ ନୟନେ
କରେଦେଲା କର୍ମଫଳ ।

Digitized by srujanika@gmail.com

ଶୀତଳ ମଳୟେ ଶୀତଳ ବସନ୍ତ
ଶୀତଳ ଡ଼ାଳକୁ ମୃତ
ମଧୁପାନେ ପ୍ରାଣ ଉଠିଲା ପୁଲକ
ଜୀବନେ ଆଣିଲା ତୃପ୍ତ ।
ଯେ ଯାହା ସମୟେ ପ୍ରବେଶିଲେ ଯାଇ
ସୁମେରୁ ଅଚଳ ପାଶେ
ମନର କାମନା ଭାବର ଭାବନା
ଇଚ୍ଛାର ନିକୁଞ୍ଜ ଆଶେ ।
ବସନ୍ତର କାଳ କରନ୍ତି ଗମନ
ବଞ୍ଚାଇ ଦେଇ କୁହୁଡ଼ି
ବନଶ୍ରୀର ଘନ ସୁଷମା ସଙ୍ଗତେ
ସ୍ନେହ ଜଳେ ଅଛି ବୁଡ଼ି ।
ମଧୁମୟ ସଙ୍ଗେ ମଧୁର ଆଳାପ
ବଢ଼େ ରେଣୁ ଆକାଶରେ
ପ୍ରକୃତ ସୁନ୍ଦର ପ୍ରକୃତ ଫଗୁରେ
ଚନ୍ଦ କ ପ୍ରକୃତ ପରେ ।
କୋକିଳର ସ୍ୱର ଭେଦଇ କର୍ଣ୍ଣରେ
କଳକଣ୍ଠ କୁହୁସ୍ୱନ
ସକଳ ଶ୍ରୁତିରେ ସକଳ ମନରେ
କରଇ ସୁଧା ସେଚନ ।
ବସି ବୃକ୍ଷ ଡ଼ାଳେ ଅତି ଆହ୍ଲାଦେ
ଖଞ୍ଜେ ତାନ ବୀଣା ତାର
କଜ୍ଜ୍ୱଳରେ ବୋଳା କଜ୍ଜଳ ପାଉଛି
ଝଙ୍କାରଇ ବାରମ୍ବାର ।
ମିଶାଏ ସଙ୍ଗୀତ ତା ହୃଦୟ ଗୀତ
ମିଶାଏ ବୀଣା ବଜାଇ
ବିଶ୍ୱ ବାସୀଙ୍କର ନିର୍ମଳ ମନରେ
ଆଳାପ ଦିଏ ରସାଇ ।

Digitized by srujanika@gmail.com

ନିମିଷକେ କୁଜ୍ଝଟି ଉଡ଼ିଗଲା କାହିଁ
ଉଦେ ଦେଖି ମାରତଣ୍ଡ
ବୈରାଗ୍ୟ ମନରେ ଭାବମୟୀ ମାୟା
କସ କରେ ହେଲା ଭଣ୍ଡ ।
ଦେଖିଲେ ଆଗରେ ଅଚଳ ସେ ଗିରି
ଧରିଛି ସୁନ୍ଦର ବେଶ
ଦେଖି ଦେବ ଇନ୍ଦ୍ର ମାଧୁରୀ ତାହାର
ଆନନ୍ଦ ହେଲେ ବିଶେଷ ।
ପାରିଷଦ ସହ ଓହ୍ଲାଇଲେ ଧୀରେ
ବିଦାୟ ନେଲା ତରଣୀ
କ୍ଷିର ଆଗମନ ମାନସେ ବାନ୍ଧିଲେ
ସାଜିଲେ ବନ ଭ୍ରମଣି ।
ଶୁଭ ଆଗମନେ ଚଳିଲା ଗମନ
ପଡ଼ଇ ଗୃହାଁଣି ଛଟା
ନାନା ଜାତି ଦୃଶ୍ୟ ଦେଖେ ମନୋହର
ବିବେକ କରଇ ହଟା ।
ଜଗତ ଆକୃତି କଣଇ ପ୍ରକୃତି
ଉଠେ କ୍ଷୁଦ୍ର କୋଳାହଳ
ପରସ୍ପର ମଧ୍ୟେ ଆଦାନ ପ୍ରଦାନ
ମଧୁ ଆଣେ ମଧୁଫଳ ।
ଝରେ ମଧୁ ଝର ଉଠଇ ଝଙ୍କାର
ମିଶଇ ସ୍ନେହରେ ପ୍ରୀତି
ନାଚଇ ପ୍ରକୃତି ହସଇ ପ୍ରକୃତି
ଦେଖାଇ ନବୀନ ନୀତି ।
ଉଭୟଙ୍କ ମନ ନୂତନ ଭାବନା
ଉଛୁଳି ପଡ଼ିଲା ଆସି
ନବୀନ ନିକୁଞ୍ଜ ନବୀନ ଖଞ୍ଜିଲେ
କୀର ରଙ୍ଗେ କଲା ମିଶି ।

Digitized by srujanika@gmail.com

ହୃଦ ଦରପଣେ ସବ ପ୍ରତବମ୍ବ
ଦେଖିଲେ ନର୍ମଳ ମନେ
ଉଠିଲେ ଉର୍ଦ୍ଧ୍ୱକୁ କ୍ଳାନ୍ତ ନାହିଁ ତନେ
ଇଚ୍ଛାହେଲା ପୂର୍ଣ୍ଣ ଧନେ ।
କେଉଁଠାରେ ବସି କେଉଁଠାରେ ଛିଡ଼ା
ଧଶ କେବେ ଚତୁରବର
କୌତୁକ ଖେଳାରେ ହାସ୍ୟ ଆଭାସରେ
ଗୃଲନ୍ତି ଶିଖୁ ଶିଖର ।
ଅତଙ୍କମ ପଥ କଲ୍ଲ ମନୋରଥ
ପ୍ରବେଶିଲେ ଶିଖେ ଯାଇ
ଦେଖିଲେ ନୟନେ ସେ ସ୍ଥାନ ସୁନ୍ଦର
କାହାକୁ ତୁଳନା ନାହିଁ ।
ସତେ କ ସ୍ୱର୍ଗୀୟ ନନ୍ଦନକାନନ
ସବ ଭବ ଅଛି ପୂର୍ଣ୍ଣ
ଉଠିଅଛି ଚୂଡ଼ା ଅତ ସାହାସରେ
ଶୋଭରେ ହୋଇ ଭୂଷଣ ।
ନାହିଁ ଆର୍ତ୍ତନାଦ ନାହିଁ ତ ବଷାଦ
ନାହିଁ ଦୁଃଖ ତାର କଣ
ବଶୁଦ୍ଧ ମୋହିମା ଶାନ୍ତଦେବୀ ରାଣୀ
ଚଲଏ ଧୀରେ ତା ଗତ ।
ପରଶି ଦଅଇ ହର ସେ ନଅଇ
ପ୍ରକୃତ ପ୍ରକୃତ ଶୋଭ
ଦୁଃଖ ପରତାପ ହରବାକୁ ସେହ
ମୋହିବାକୁ ମତ ଲୋଭ ।
ସାକ୍ଷୀ ସେହଠାରେ ମଳୟ ବସନ୍ତ
କାନନ ମନୋ ହାରଣୀ
ଫୁଟି ନାନା ପୁଷ୍ପ ଗନ୍ଧକରେ ଦାନ
ଉଷା ସାର ଫୁଲ ରାଣୀ ।

Digitized by srujanika@gmail.com

ଲେପଇ ଚନ୍ଦନ ଚାପିଚ ହୃଦୟେ
ନୟନ ପୁଲକେ ଭରା
ହସି ହସି ମନ ଭ୍ରମଇ ଶିଖରେ
ଚମକି ଗୃହିଁଇ ଧରା ।
ଯାଇ ମନମଥ ମହେନ୍ଦ୍ର ଉପରେ
ସଜାଇ ଦେଲେ ଆସନ
ଭାବିଲେ ମନରେ ସାର୍ଥ ହେଲା ଆଜ
ଧରି ମାନବ ଜୀବନ ।
ଥିବ ପରା ସ୍ୱର୍ଗ ଦେଖାଚ ନଯାଏ
କାହାକୁ ଲୋଡ଼ା ଅଦୃଶ୍ୟ
ନାହିଁ ମନ ମୁଗ୍ଧ ନାହିଁ ମରୁଭୂମି
ଆହା କ ମୁଗ୍ଧ ସୁଦୃଶ୍ୟ ।
କ ଶୀତଳ ଛାଇ ପ୍ରାଣେ ଦିଏ ଶାନ୍ତ
ଅତୁଲ୍ୟ ଅମୂଲ୍ୟ ସ୍ଥାନ
କର୍ମର ସାଧନା ପ୍ରକୃତ କାମନା
ପୂର୍ଣ୍ଣ କର ଏହି ଧାମ ।
ଏହି ମହା ତୀର୍ଥ ଅଙ୍ଗେ ଦିଏ ହାତ
ପୋଚ୍ଛିଦିଏ ଦେହ ପାପ
ନରକୁ ଦେବତା କରିବା କ୍ଷମତା
ପାଇ କରେ ନଷ୍ଟେ ମାପ ।
ଧନ୍ୟ ଗିରିବର ଧନ୍ୟ ତୁ ସୁନ୍ଦର
ଧନ୍ୟ ତୋହର ମହିମା
ତୋର ଗୁଣେ ତୁହି ତୋର ଭାବେ ତୁହି
ବିସ୍ତାର ଅଛୁ ଗରିମା ।
ତୋର ପ୍ରେମ କୋଳେ ଆଜ ମୁହିଁ ଖେଳେ
ପାଏ ସ୍ନେହ ଅପ୍ରମିତ
ତୋର ପରସନ୍ନ ମୋର ସାରୁ ଧନ
ସଞ୍ଚରେ ଉଲ୍ଲାସ ରଙ୍ଗ ।

Digitized by srujanika@gmail.com

ଭାବନା କାମନା   ବେନି ସଖା ପୁଣି
କହି ମଧୁର ଭାଷଣ
ହସୁଛନ୍ତି ଚିତ୍ତ   ଇଙ୍ଗିତ ଅର୍ଥାରେ
ମିଶାଇ ମନରେ ମନ ।
ସ୍ନେହେ ଦୁଇ ସଖା   ଯୁବରାଜଙ୍କର
ଦୃଢ଼େ ଧରି ଦୁଇଙ୍କର
ବୁଲନ୍ତି ଆନନ୍ଦେ   ପ୍ରୀତି ମିଶା ପଦେ
ମିଶାଇ ମଧୁ ଅଧର ।
ଖୋଜି ବୁଲୁଛନ୍ତି   ସତ୍ୟ ପ୍ରେମ କାହିଁ
ଦେଖିବକ ସତ୍ୟେ ମନ
ଭାବୁଛନ୍ତି ପୁଣି   ଅଛନ୍ତି ମନରେ
କାହିଁକି ଗୃହେଁ ଭୁବନ ।
ପୁଣି ଠାବେ ଠାବେ   ଦେଖିଲେ ବିଚିତ୍ର
ରମଣୀୟ ପର୍ଣ୍ଣକୁଟୀ
ଲତାରେ ନିର୍ମିତ   ବିକାଶେ ଶୋଭିତ
ପୁଷ୍ପ ଡାଳଯାଏ ଲୁଟି ।
କୁଟୀରର ଦ୍ୱାରେ   ଶୋଇଛନ୍ତି ମୃଗ
ଚିନ୍ତା ଭୟ ପରିହରି
ନିର୍ଭୟେ ମସ୍ତକ   ଟେକି ରଖିଛନ୍ତି
ସତ୍ୟ ଅସ୍ତ୍ର କରେ ଧରି ।
ସଜଳ ନୟନେ   ଅନାଇ ଅଛନ୍ତି
ନାହିଁ ତାଙ୍କ ଭେଦାଭେଦ
କେବଳ କପଟ   କଳୁଷ ହୃଦୟ
ଦେଖିଲେ କରନ୍ତି ଖେଦ ।
ଓଟାରଣ ଶର   ମାରନ୍ତି ଝଙ୍କାରେ
ବନାନ୍ତି ନଅନ୍ତି ପ୍ରାଣ
ସତ୍ୟ ଧର୍ମ ନ୍ୟାୟ   ଜଗି ରଖେ ପଥ
ସତ୍ୟେ କରିବାକୁ ତ୍ରାଣ ।

Digitized by srujanika@gmail.com

ସତ୍ୟର କୁଟୀରେ ଅସତ୍ୟର ପଦ
ପଡ଼ନପାରେ ଭରମି
ପାପ କୁଟିଳତା ହ୍ରଦ ହଳାହଳା
ବିଷାଦ ମୋହ ତାମସୀ ।

ଦୂରୁ ଦୂରୁ ହୋଇ ଯାଉଛନ୍ତି ପଳାଇ
ସତ୍ୟ ଜ୍ୟୋତି ଜାଳେ ଅଙ୍ଗ
ସତ୍ୟ ସ୍ଥାନେ କାହୁଁ ପାଇବ ତାହାର
ମନ ଅନୁଯାୟୀ ସଙ୍ଗ ।
ସେହି ଦ୍ୱାର ଦେଖି ନମ୍ରେ ଯୁବରାଜ
ଓହ୍ଲାଇଲେ ସଖା ସଙ୍ଗେ
ମଞ୍ଜୁଳ ନିକୁଞ୍ଜ ଶିଖରୀ ଶିଖରେ
ଡାଳ ଲୁଚି ପଡ଼େ ରଙ୍ଗେ ।
ସବୁ ଅଦ୍ଭୂତ ଚିହ୍ନରେ ରଞ୍ଜିତ
କୁଟୀରେ ଅଛି ବିହିତ
ବିଚିତ୍ର କୌଶଳ ବିଚିତ୍ର ନିର୍ମାଣ
ଦେଖିଲେ ହୋଇ ବିସ୍ମିତ ।
ସବୁ ଦେଖି ଦେଖି ବୁଲନ୍ତି ଆନନ୍ଦେ
ଭେଟିଲେ କଳ୍ପନାପୁର
ବିରାଜନ୍ତି ତହିଁ ସତ୍ୟ ଦିବ୍ୟ ମୂର୍ତ୍ତି
ସତ୍ୟଦାନ ହୁଏ ଜୁର ।
ସତ୍ୟର ସାହାସେ ବସିଲେ ସେଠାରେ
ଶ୍ରମ ନିବାରିବା ପାଇଁ
ସ୍ନେହ ପ୍ରେମ ମଧ୍ୟେ ଉଠିଲା ଆଳାପ
ଆଲୋଚନା ଭବେ ଥାଇ ।

କଥାର ପ୍ରସଙ୍ଗ ଉଠୁଥାଏ କେବେ
ଉତ୍ତରେ ମନ ଭ୍ରମଇ
ଭବନା ପୁଚ୍ଛିଲେ କାହିଁ ନାକୁ ସ୍ନେହେ
ଯୋଗ୍ୟ କେ ଏଥି ଅଟଇ ।

Digitized by srujanika@gmail.com

ଯୋଗ୍ୟଙ୍କୁ ସୁନ୍ଦର ଯୋଗ୍ୟ ନୃପବର
ହେବେ ସିନା ପଟାନ୍ତର
ଭାବନା ବିସ୍ତର ସହଜେ ଗମ୍ଭୀର
ଲେଖିବ କବିତା କର ।
ସ୍ୱରେ ସ୍ୱର ଛନ୍ଦ ମନେ ମନ ବନ୍ଦୀ
ହୃଦୟ ଶାନ୍ତ ନିର୍ମଳ
ଭୁଲିପାରେ ଭୁଲ ବାନ୍ଧି ପାରେ ମୂଳ
ଉନ୍ନତ ବୁଦ୍ଧି କେବଳ ।
ନୃପରାଜ ହୃଦେ ବୁଲେ ଭାବ ରାଶି
ଭାବେ ବନ୍ଧା ଭାବଲତା
ମଧୁର କବିତା ଢ଼ାଳେ ମଧୁରତା
ଫୁଟୁଛି ପୁଷ୍ପ ସର୍ବଥା ।
ତାଙ୍କ ବିନା କେହି ଚିହ୍ନିବ ଏ ସ୍ଥାନ
ତାଙ୍କୁ ସିନା ଶୋଭାପାଏ
ହୀରା ମାଣିକରେ ମୂଲ୍ୟ କେ ଚିହ୍ନଇ
ବଣିକ ମୂଲ୍ୟ ବଢ଼ାଏ ।
ରସିକ ଚତୁର ରସିକ ଶେଖର
ପ୍ରେମେ ଢ଼ାଳି ପାରେ ରସ
ରସିକା ବିହୁନେ ନାହିଁ ପ୍ରେମ ଜାତ
କାହାକୁ କେ କରେ ବଶ ।
ଥିଲେ ସବୁ ପୂର୍ଣ୍ଣ ହୋଇଛି ଅପୂର୍ଣ୍ଣ
ଉପସ୍ଥିତ କାମ ମୂର୍ତ୍ତି
ନାହିଁ ପୂର୍ଣ୍ଣ ମୂର୍ତ୍ତି ମାଜିବାକୁ କାନ୍ତି
ଆକୁଳେ ଫାଟଇ ଧୃତି ।
ଏ ଚିର ଗଗନେ ଉଇଁଛି ଚନ୍ଦ୍ରମା
ନାହିଁତ ଜ୍ୟୋଛନା ତାର
କିରଣ ବିହୁନେ କାହିଁ ମଧୁ ଧାର
ସବୁ ହୁଏ ନାରଖାର ।

Digitized by srujanika@gmail.com

ଉଡ଼ ଭ୍ରମେ ଭୃଙ୍ଗ ଝଙ୍କାରକୁ ନେଇ
ସୁମନ ସୁବାସ ନାହିଁ
ଝଙ୍କାର ଝଙ୍କାର କ୍ଳାନ୍ତକୁ ଭଜଇ
ପୁଷ୍ପ ବିନା ଭାବ କାହିଁ ?

ହେ କାମ ସୁନ୍ଦର ରକ୍ତ ଦେଖି କର
ସ୍ନେହରେ କର ମର୍ଦ୍ଦନ
ନବ ଯଉବନ ପ୍ରେମେ ହେବ ପୂର୍ଣ୍ଣ
ହସିବ ହାସେ ବଦନ ।

ହାସରେ ଆଳାପ ଫିଙ୍ଗିବ ଇଙ୍ଗିତେ
ଗୋଲାପ ଗନ୍ଧ ସୁମନ
ଦେଖି ପୁଷ୍ପ ଝଳ ପାନେ ମକରନ୍ଦ
ଆନନ୍ଦେ ଦେବ ଚୁମ୍ବନ ।

ଜ୍ୟୋତି ଅଛି ମାତ୍ର ପ୍ରଜ୍ଜ୍ୱଳିତ ନାହିଁ
କିସ ହେବ ଜ୍ଞାନ ଥାଇ
ଯୌବନକୁ ଶୋଭି ଚନ୍ଦ୍ରହାସ ବାମା
ତା ବିହୁନେ କିଛି ନାହିଁ ।

ଏକ କରେ କେବେ ମାରିଲେକ ତାଳି
ଉଠି ନୁହେ କରତାଳ
ଅଗ୍ନିର ଧୂମରେ କିଛି ନାହିଁ କାର୍ଯ୍ୟ
ଯେବେ ନ ଉଠିବ ଜାଳ ।

ଏକ ପକ୍ଷ ହୋଇ ଉଡ଼ି କି ପାରିବ
କହ ହେ ରାଜ ନନ୍ଦନ
ଅନ୍ଧାର ଗୃହରେ ଆଲୋକ ନଥିଲେ
ଗୃହିଁ କି ପାରେ ନୟନ ।

Digitized by srujanika@gmail.com

ବରଷା ଘନରେ ବିଦ୍ୟୁତ ନଥିଲେ
ଶୋଭା କି ପାଇବ କହ
କାମରାଜ ଅଙ୍କେ ରତି ବିରଞ୍ଜିତା
ନ ହେଲେ ସବୁ ସନ୍ଦେହ ।

ନିକୁଞ୍ଜ ସୁନ୍ଦର ଲାବଣ୍ୟ ମଧୁର
ଅଭାବ ଅଛଇ ଏକ
ଏ ସମୟୁ ଯେବେ ପ୍ରିୟା ସମାଗମ
ମିଳନ୍ତ ହୁଅନ୍ତା ଠେକ ।

ହେ ରାଜ ନନ୍ଦନ ଆମ୍ଭର ବଚନ
ନଶୁଣ କପାଇଁ କର୍ଣ୍ଣେ
ଦେଖାଯାଉ ତବ କେତେ ଦୂର ଗର୍ବ
ଭେଟିବ ନାହିଁ ଜୀବନେ ।

ହାସ୍ୟରେ ପ୍ରଳାପ ନଶୁଣନ୍ତି କର୍ଣ୍ଣେ
ଲକ୍ଷ୍ୟ ଅଛି ଏକ ଧ୍ୟାନେ
ବନ ଶୋଭାମୟୁ କହିଁ ଅଛି ଲୟୁ
ଉତ୍ସାହ ଦେଉଛି ପ୍ରାଣେ ।

କ୍ଷଣକ ଉତ୍ତରେ ଈଷତ୍ ହାସରେ
ପଚାରନ୍ତି ସ୍ନେହାଦରେ
କିସ ପ୍ରାଣ ସଖା କହ ମୋ ହିତରେ
ପ୍ରକାଶନ୍ତୁ ଆଉ ଥରେ ।

ସବୁ ସହଚର ମୁଖ ଫେରାଇଲେ
ଗୁମାନେ ନ କହି ଭାଷା
ସଖାଙ୍କର ଚିତ୍ତ ଜାଣିଲେ ନୃପତି
ଆରମ୍ଭିଲେ ନିଜ ଛଦା ।

Digitized by srujanika@gmail.com

ତବ ହିତ ବାଣୀ ଶୁଣିଛି ମୁଁ ଧୀରେ
କପାଁ ଆଗ୍ରହ ନ ଜନ୍ମଇ
ସଂପୂର୍ଣ୍ଣ ଜଗତେ ପୂର୍ଣ୍ଣ ନୁହେ ମନ
ମୃଗ ତୃଷ୍ଣା ସମ ହୋଇ ।

ଏ ଦେହେ ପଞ୍ଚଆତ୍ମା ଜଡ଼ ସେ ଅଟନ୍ତି
ମୁଁ ଭାବେ ଚେତନା ନାହିଁ
ମାଂସରକ୍ତ ମିଶି ଏ ଦେହ ତୟାର
କାହା ସଙ୍ଗେ କିଛି ନାହିଁ ।

କାଳ କର୍ମ ଗୁଣେ ହୋଇଛି ଉତ୍ପନ୍ନ
କାଳ କ୍ରମେ ଯିବ ଭାସି
ପ୍ରୀତିରେ ମିଶଇ ପ୍ରୀତିରେ ଭାସଇ
ସ୍ନେହ ସୂତ୍ରେ ମିଶାମିଶି ।

ସଂସାର ବନ୍ଧନ ବାନ୍ଧଇ ଜୀବନ
ମାନସେ ବିଗ୍ରହ ନାହିଁ
ଆତ୍ମ ମନ ଦୁଇ ନରଖେ ସମାନ
ଇଚ୍ଛା ସଙ୍ଗେ ମରେ ଧାଇଁ ।

ଯେଉଁ ରୂପେ ଶୁଦ୍ଧ ଫୁଟିବେ ବନ୍ଧୁକ
ମିଶ୍ରିତେ ହୁଏ ଆକାର
ପୁଣି ତାର ବର୍ଣ୍ଣ ଧରଇ ଶ୍ରୁତିରେ
ମିଶ୍ରିତେ ନ ପାଏ ସାର ।

ବାସନାର ବଳେ ହୁଏ ଆସକତ
କେଉଁଠାରେ ସ୍ଥିର ନାହିଁ
ଅବିଦ୍ୟାରେ ନିତ ବଶ ହୋଇଥାଏ
ଆଳାପ ପ୍ରେମ ବଢ଼ାଇ ।

Digitized by srujanika@gmail.com

କିଛୁ ମତେ ଲୋଡ଼ା   ନାହିଁ ପ୍ରାଣ ସଖା
ଏକାକୀରେ ଥିବ ମୁହିଁ
ମାୟାର ଆଳାପ   ଛାୟାର କଳାପ
ନ ଯିବ କଦାପି ଭୁଲିଁ ।
ମୋହର କର୍ତ୍ତବ୍ୟ   ମୁଁ ନିଜେ ପାଳିବ
ସଦ୍‌ଗତି କହିଁ ଖୋଜ
ମୋର ଆତ୍ମା ସଖୀ   ହେବ କି ସେ ମତେ
ସେ ଭାବ ମନୁ ବରଜ ।
ହେଉ ତବ କଥା   ନ ପୋଡ଼ିବ ମଥା
ଦେଖିବା ତବ ଗୃହିଣୀ
ହାସରେ କାନନ   ଉଚ୍ଛଳି ଉଠିଲା
ସର୍ବ ଦିଗ ଗଲା ପୂରି ।
ଗାଇଲେ କୁମର   ଏକ ଲକ୍ଷ୍ୟ ସଙ୍ଗେ
ସୃଷ୍ଟି କର୍ତ୍ତା ଗୁଣ ଗାନ
ସଂସାରର ନାଥ   ସର୍ବ ଜନ୍ମ ଦାତା
ପାଳନ୍ତି ପିତା ସମାନ ।
ତାଙ୍କ ସମ କେହି   ଅନ୍ୟ କେହି ନାହିଁ
ତୁମ୍ଭେ ମୋ ପ୍ରାଣେ ଭରସା
ଚରଣ ଅମୃତ   ପାନେ ହେବି ତୃପ୍ତ
ନ ଲୋଡ଼େ ଅନ୍ୟ ଲାଳସା ।
ସଖୀ କହେ ହସି   ସୁଜ୍ଞାନ ସଙ୍ଗୀତ
ଶୁଣିଲୁ ନୃପ ନନ୍ଦନ
ଯାହାଙ୍କ ମହିମା   ଗୁଣ କର ଗାନ
ସେ ପତ୍ନୀ ସଙ୍ଗେ ଭୂଷଣ ।
ଯା'ର ନାହିଁ ମାୟା   ତାର ନାହିଁ କାୟା
ମିଳେ ନାହିଁ ଅନୁରାଗ
ଦେଖାଯାଉ ତବ   କେତେ ଦୂର ଭାବ
ବୁଝିବ ପ୍ରେମେ ବିରାଗ ।

....

Digitized by srujanika@gmail.com

ଗୀରି

କଳ୍ପନା ମୂରତି ଭାବ ବଢ଼ାଏ ପ୍ରବୃତ୍ତି
ଝାଣିବାଏ ଉଲ୍ଲାସରେ ଖେଳାଇ ପ୍ରକୃତି ।
ନବୀନ ଯୌବନ ଖେଳେ ରସ ଢଳ ଢଳ
ନବୀନ ଜ୍ୟୋତିରେ କାନ୍ତି ଉଠଇ ଉଜ୍ଜ୍ୱଳ ।
ନବୀନ ବସନ୍ତ ସଙ୍ଗେ ନବୀନ ସମ୍ଭାର
ଋତୁ କୁଳ ଅଧିରାଜ ଭ୍ରମଇ ସଂସାର ।
ସଙ୍ଗେ ଦେନ ଶୋଭାସଜ ମୁଖେ ଭରି ହାସ
ମଧୁର ଆଳାପ ଭାବ ତେଜ ନିଜ ବାସ ।
ମଧୁର ଯୌବନେ ପୂର୍ଣ୍ଣ ସର୍ବ ତରୁ ଲତା
ଭୁବନ ମୋହନ୍ତ ଦେଇ ହାସରୁ ଶୋଭିତା ।
ଯୌବନରେ ଗଣ୍ଡ ଦେଶୁ ଝରଇ ଶୀତଳ
ବହିଲା ସୁଧୀରେ ଝୁଲ ବାୟୁ ପରିମଳ ।
ଛୁଇଁଲା କାନନ ପୁଷ୍ପ ଝୁଲାଇ ମାଧୁରୀ
ପୁଷ୍ପ ଗନ୍ଧ ସୁବାସଇ ରସ ଯାଇ ପୂରି
ନବୀନ ସୁନ୍ଦର ଘନ ନବୀନ ଭୁବନ
ନବ ମନେ ନବ କାନ୍ତି ଚଳାଏ ଗମନ ।
ନବ ଉଷା ରାଣୀ ସଖୀ ଦେଲା ପରିଚୟ
ନବୀନ ସମ୍ଭାରେ ଦେଖା ହେଲା ଅଭିନୟ ।
ଗୃହଦ୍ୱାରେ ବାଜଗଲା ନବ ଶଙ୍ଖ ଧ୍ୱନି
ସୁନ୍ଦର ସୁବେଶେ ଶୋଭା ପାଇଲା ଅବନୀ ।
ମହକଲା ଗୃହଅଙ୍ଗେ ମଧୁର ଆମୋଦ
ଇଚ୍ଛା ମନେ ଲୁଟି ନେଲେ ମାଧୁର୍ଯ୍ୟ ସମ୍ପଦ ।
ଯେ ଯାହାର ଆଭରଣେ ହେଲେ ନବ ବେଶ
ଇଚ୍ଛା ମନେ ଲଭ ସାର ସାଧିବା ଉଦ୍ଦେଶ ।

Digitized by srujanika@gmail.com

ଫୁଲ ବନେ ଉପସ୍ଥିତ ଫୁଲ ପାଟରାଣୀ
ଫୁଲର ଆନନ୍ଦ ମନେ ଟେକି ନିଜ ପାଣି ।
ହସଇ କମଳ ମୁଖ ପ୍ରାଣବନ୍ଧୁ ଦେଖି
ଯୌବନ ସ୍ରୋତରେ ଭାସି ପ୍ରେମ ଦିଏ ଲେଖି ।
ଉଚ୍ଛଳେ ଯୌବନ ପୁଣି ଉଚ୍ଛଳେ ଭୁବନ
ମଧୁକାଳ ମଧୁମୟ ମଧୁର ଜୀବନ ।
ଦିବା ରାତ୍ର ମଧୁମୟ ମଧୁର ସମୟ ।
ବିଶ୍ୱ ବ୍ୟାପି ମଧୁମୟ ବଢ଼େ ମଧୁମୟ ।
ସର୍ବ ଦୃଶ୍ୟ ମଧୁମୟ ରାଜ ଉଠେ କାନ୍ତ
ମଧୁର ସମୟ ସଙ୍ଗେ ମିଶି ଆସେ ଶାନ୍ତ ।
ମଧୁର ସମୟ ଡାକେ ଆସ ପ୍ରାଣ ସଖୀ
ନ ପାଶୋର ଦୟା ପୂର୍ଣ୍ଣ ହୃଦେ ଅଛ ରଖି ।
କି ବର୍ଣ୍ଣି ପାରିବି ସଖୀ ତବ ଯଉବନ
ପୂର୍ଣ୍ଣ କାନ୍ତ ବଦନରେ ଦେନ ଗୋ ଚୁମ୍ବନ ।
ଆଳାପ ସଙ୍ଗରେ ମିଶି ବିଳାପ ନକର
ତୁମ୍ଭେ ମଧୁ ପୂର୍ଣ୍ଣ ଭର ମୁଁ ମଧୁ ସୁନ୍ଦର ।
ଉଭୟଙ୍କ ମଧୁମୟ ଅଟଇ ସମାନ
ଢାଳି ଦିଅ ମଧୁଧାର କରିବି ମୁଁ ପାନ ।
ଚାହିଁଦିଅ ବାରେ ସଖୀ ଆପାଙ୍ଗ ନୟନେ
କି ସୁନ୍ଦର ଏହି ହାର ଗୁନ୍ଥିଛି ଯତନେ ।
ମୋ ମଧୁ କାନନୁ ତୋଳି ଅଛି ଏ ସୁମନ
ଇଚ୍ଛା ଅଛି ତବ ହୃଦ କରିବା ମଣ୍ଡନ ।
ଦେଖାଅ ସୁନ୍ଦର ବକ୍ଷ ଦେବ ଉପହାର
ମଧୁପୂର୍ଣ୍ଣ ହୃଦୟରେ ଅନ୍ୟ ନ ବିଚାର ।
କ୍ଷଣସ୍ଥାୟୀ ଅଟେ ସିନା ସୁନ୍ଦର ସୁବାସ
ତପ୍ତ ବାୟୁ ଦେଲେ ଛୁଇଁ ହେବତ ବିନାଶ ।
କଳାପେ ମଉଳ ଯିବ ଆଳାପ ଭାବନା
ପୂର୍ଣ୍ଣ ରୂପେ ପୂର୍ଣ୍ଣ ହେଉ ମନର କାମନା ।

Digitized by srujanika@gmail.com

ସର୍ବ ଶୋଭା ସଙ୍ଗେ ଚଳେ କାଦମ୍ବରୀ ପଦ
ଅର୍ପନ୍ତି ଜେମାର କରେ ସକଳ ସମ୍ପଦ ।
ଶଶୀ ମନ୍ଦାଳସୀ ଝଲସନ୍ତି ଆଗଭର
ତାଙ୍କ ପଛେ ସହଚରୀ ଅନ୍ୟ ତତ୍‌ପର ।
ଅରଣ୍ୟ ଭେଦ ଝୁଲନ୍ତି ହୋଇ ପଛଆର
କ୍ଲାନ୍ତ ଭ୍ରାନ୍ତ କେହି ନାହିଁ ହୋଇ ସୁକୁମାରୀ ।
ତନଙ୍କ ଆକୃତି ଦିଶେ ସ୍ୱର୍ଣ୍ଣଲତା ସମ
ବାରିଦ କୋଳେ କ୍ଷଣିକା ଅତି ଅନୁପମ ।
ସମୁଜ୍ଜ୍ୱଳ ନକ୍ଷତ୍ର କି ଉଦେ:ବନ ଘନେ
ସ୍ୱର୍ଣ୍ଣପଦ ପ୍ରତିଚ୍ଛିକ ମାନସର ବନେ ।
ଗତି କାଳେ ବାଜେ ତାଙ୍କ ପଦର ନୂପୁର
ମଧୁର ଶବଦ ବାଜେ ମାନସର ପୁର ।
ବଜାଇ ନୂପୁର ଆଣେ ଝଙ୍କାର ଓଙ୍କାର
ଶବଦର ପ୍ରତିଧ୍ୱନି ପଥ ନଏ ଠାରି ।
ସର୍ବ ଶୋଭା ଝୁଲଅଛି ଜେମାଙ୍କ ଗହଣେ
ଆତ୍ମାର ମର୍ଯ୍ୟାଦା ଆଣେ ନଜେ ହୋଇ ଜଣେ ।
ଝୁଲଇ ଗଗନ ସଙ୍ଗେ ଝୁଲଇ ଧରଣୀ
ଝୁଲଇ କାନନ ପୁଷ୍ପ ଝୁଲନ୍ତି ରମଣୀ ।

ଭୁଲନ୍ତି ବିହଙ୍ଗ ଗଣ ଗାଇ ମଧୁ ଗାନ
ଝଙ୍କାର ଉଡ଼ଇ ଭୃଙ୍ଗ ମିଶାଇ ତା ତାନ ।
ଅରୁଣ ଅରୁଣାଚଳ ମିଶିଲା ଅଧରେ
କାନନୁ ସୁମନ ଶୋଭା ମିଶିଲା ହାସରେ ।
ଧୀର ସମୀରଣ ଧୀରେ ପୂର୍ଣ୍ଣ ଅଙ୍ଗେ ଭରା
ପୂର୍ଣ୍ଣ ଆଶିଷକୁ ଧରି ଝୁଲେ ବସୁନ୍ଧରା ।
ପଥ ଶେଷ ଜାଣି ଆସେ ପାଖେଟି ତଟିନୀ
କଳ କଳ ବହେ ପ୍ରେମେ ହୋଇ ପ୍ରମୋଦିନୀ ।
ପୁଲକେ ଉଚ୍ଛୁଳ ଉଠେ ଶ୍ୱେତାଙ୍ଗର ଛବି
ପ୍ରେମ ନୟନରେ ଝୁହେଁ ପ୍ରେମେ ଯାଇ ଦ୍ରବି ।

Digitized by srujanika@gmail.com

ପଥକୁ ଓଷ୍ଠାର ନେଇ ମାର୍ଗ ଗଲା ବନ୍ଦ
ଆନନ୍ଦ ଲଭିଲେ ସର୍ବେ ହୋଇ ପ୍ରେମାନନ୍ଦ ।
ମନର କଳ୍ପନା ସଙ୍ଗେ କଲେ ନିତ୍ୟ କର୍ମ
ନଦୀ ଗର୍ଭେ ମିଶି କଲେ ଅଙ୍ଗ ମାରଜନ ।
ନିର୍ମଳ ତଟିନୀ ଜଳ ଦେଖି ପରିମଳ
ନିର୍ମଳେ ନିର୍ମଳ ହେଲା ନୟନ ଯୁଗଳ ।
ଝାମ୍ପି ନେଲେ ଏକୁ ଏକ ହୋଇ ଠଉଠର
ଆରମ୍ଭିଲେ ଜଳ କ୍ରୀଡ଼ା ଜଳରେ ପହଁରି ।
ଏକୁ ଏକ ଫିଙ୍ଗାଫିଙ୍ଗି ଜଳ ପଦ୍ମକରେ
କେହି ବୋଲେ ମଜା ମଜା ଦେଖ ଆସି ଥରେ ।

କାଦମ୍ବରୀ କହେ ସଖୀ ଜଳେ ଗଲା ବୁଡ଼ି
ସଖୀ କହେ କପଁା ଯାଉ ନିଜ ପଥ ହୁଡ଼ି ।
ନଦୀ ସ୍ରୋତେ ମିଶାଉଛୁ ଯୌବନ ତରଙ୍ଗ
କେ ଉଦ୍ଧରି ପାରେ ଆସି କାହିଁ ତୋର ସଙ୍ଗ ।
ପରିହାସି କହେ ହସି ଅଛି ପ୍ରାଣମିତ
ତାରି ନେଉ ଆସି ତୋର କୃପାମୟୀ ଚିତ୍ତ ।
ସଖୀ କହେ ଉଦ୍ଧାରିବ ଜଗିଥା ସମସ୍ତ
ଶୁଭ ମୂର୍ତ୍ତି ମସ୍ତିଷ୍କରେ ବହିବେ ସଦସ୍ତ ।
ସ୍ନାନ ଶେଷେ ଛିନ୍ନ ଶାଢ଼ି କରି ପରିଧାନ
ବେଶ ଭୂଷା ହେଲେ ସର୍ବେ ଧରି ନବ ପ୍ରାଣ ।
ପଡ଼ିଲା ନୟନ ଯାଇ ସୁବାସ କାନନେ ।
କାନନ ପାଉଛି ଶୋଭା ମଣ୍ଡିତ ସୁମନେ ।
କାଦମ୍ବରୀ କହେ ସଖୀ ତୋଳ ଗୋ ସୁମନ
ଗୁନ୍ଥିବା ସୁମନ ହାର କରିବା ଭୂଷଣ ।
ଦେବ ମୂର୍ତ୍ତି ଦେବ ଶକ୍ତି ପାଇ ପୁଷ୍ପ ହାର
ପୁଷ୍ପ ହାର ଉପହାରେ ଦେବେ ପ୍ରତିହାର ।
ନିଶ୍ଚୟ ନିଶ୍ଚୟ ସଖୀ ନଥାଇ ସନ୍ଦେହ
ଆସ ଆସ ପ୍ରାଣ ସଖୀ ଧରି ମନେ ସ୍ନେହ ।

Digitized by srujanika@gmail.com

ନାନା ଜାତି ପୁଷ୍ପ ଫୁଟି ବିସ୍ତାରେ ସୁଗନ୍ଧ
ଛନ୍ଦ ନଏ ଛନ୍ଦ ପଶେ ହୃଦପୁରେ ଦ୍ୱନ୍ଦ୍ୱ ।

ଦେଖ ସଖୀ ଗୋଲାପର ସୁନ୍ଦର ବଦନ
ଡ଼ାଳ ହଲେ ଢଳ ଯାଇ ଛନ୍ଦଇ ନୟନ ।

ଚନ୍ଦ୍ର ପୂର୍ଣ୍ଣ ଦେଖ ସଖୀ ପୁଲକର ଭରା
ମନ୍ଦ ହାସେ କି ଉଲ୍ଲାସେ ଫୁଟି ଉଠେ ତୋରା ।

ମଧୁପ ମଧୁର ବରେ ବାଜେ ଗୁଣୁ ଗୁଣୁ
ଅଛି ପରା ତୋର କର୍ଣ୍ଣ ନାହିଁ କି ତୁ ଶୁଣୁ ।

ମତ୍ତ ଭରେ ମତ୍ତ ଆଳ କହି ଅନୁରାଗ
ମଙ୍ଗଳ ସଙ୍ଗୀତ ଗାନ ବଢ଼ାଏ ସୁଆଗ ।

ନିମନ୍ତ୍ରଣ ନାହିଁ ସଖୀ ବଳେଯାଏ ରସି
ରସିକ ନାଗର ପଣ ବଜାଇ ବଇଁଶୀ ।

ଛୁଇଁ ଯାଉଅଛି ଅଙ୍ଗ ଦେଇ ନଖ ଚିହ୍ନ
ବୋଲେ ମୁଁ ଭ୍ରମର ଅଟେ ନକର ମୋ ଭିନ୍ନ ।

ଭ୍ରଙ୍ଗିର ଗୃହୁଷ୍ଟ ବୋଲ ଚିହ୍ନିଲ କି ସଖୀ
ଏହି ଭାବ ତୋର ମନେ ନିଜେ ଥାଅ ରଖି

ଶଶୀକଳା ବାକ୍ୟ ଶୁଣି ହସି ମଦାଳସୀ
ବୋଇଲେ କହିଲୁ ସତ ହେଲେ ହସାହସି ।

ସଖୀ ଦ୍ୱୟ ଗଲେ ଦୂର ତୋଳିଲେ ସୁମନ
କାଦେମ୍ବରୀ ଦେଖୁଅଛି ଗୋଲାପ ସୁମନ ।

ଏକାଳେ ଉଡ଼ିଲା ଆସି ଏକ ମଧୁକର
ଯେଉଁ ଭୃଙ୍ଗ ଚୁମ୍ବୁଥିଲା ଗୋଲାପ ଅଧର ।

ବାରମ୍ବାର ଉଡ଼ିଯାଏ ପୁଣି ଆସି ବସେ
ସୁନ୍ଦରୀ ମୁଖ ମଣ୍ଡଳେ ଭାବେ ଯାଇ ରସେ ।

ବିଚାଡ଼ିତ କଲେ ବାଳା ଉଡ଼ିଆସେ ପୁଣି
ଊର୍ଦ୍ଧ୍ୱକୁ ଉଡ଼ଇ ଆସେ ଭାବଗୁଣ ଗୁଣି ।

Digitized by srujanika@gmail.com

ତଳକୁ ଆସଇ ପୁଣି କରେ ପ୍ରଦକ୍ଷିଣ
ଚପଳ ନୟନେ ନତ କ ପଲକହୀନ ।

କର ବୃନ୍ତୁ ଥାଏ ଜେମା ତ୍ରିଭଙ୍ଗିମା ଠାଣି
ଓଢ଼ର କଟି ଗ୍ରୀବା ଭଙ୍ଗେ ସୁବୃନ୍ତୁ ବୃନ୍ଦାଁଣି ।

ଅଳି ଉଡ଼ ଉଡ଼ ନାଏ ନର୍ତ୍ତକୀ ଭଙ୍ଗିରେ
ପଡ଼ଯାଏ ଚପଳାଙ୍ଗି ଚମକ ଭୂମିରେ ।

ଅଧୀରେ ସୁନ୍ଦରୀ ଡ଼ାକେ ଆସ ପ୍ରାଣ ମିତ
ଏ ଭୃଙ୍ଗି କଟାଳ ଦେଖି ହେଲ ମୁଁ ବିସ୍ମିତ ।

ପୁଣି ଡ଼ାକ ଦେଲା ଆସ ଆସ ସଖି ଥରେ
ବିବ୍ରତ କରୁଛନ୍ତି ମଧୁ ବ୍ରତ ଅକାତରେ ।

ନମାନେ ବାରଣ ମୋର ଗୋଲାପ ଆସିଲା
ଝଙ୍କାରଇ ମତ୍ତ ଅଳି କ ବୋଲି ଭାବିଲା ।

ଜାଣି ନଜାଣିଲା ପରି ପ୍ରିୟ ସଖୀ ବୃନ୍ଦ
ମଣ୍ଡନେ ରହିଲେ ବସି ଛଳନା ନିର୍ଦ୍ଦୟ ।

କାନନେ ସହୁଛନ୍ତି ସଖୀ ଭୃଙ୍ଗର ଗଞ୍ଜଣା
ଚଳ ଚଳ ଚଳ ସଖୀ ନାଶିବ ତାଡ଼ନା ।

ମଣ୍ଡିଛନ୍ତି ଗୋଲାପ ସମ ସଖୀଙ୍କ ଆନ୍ତର
ଅଳିଗଣ ଥାଉଁ ଥାଉଁ ସଖୀଙ୍କ ସଙ୍ଗର ।

କେତେଢ଼େ ଦୁଷ୍ଟ ପ୍ରତାପୀ ସେ କରେ ହରବର
ଏକାଲା ଦେଖିଣ ସଖୀ ପାଇ ଅବସର ।

ବେଗେ ଧାଇଁ ଯାଇ କହେ କାଦମ୍ବିନୀ ପାଶ
ଭୟ ନାହିଁ ଭୟ ନାହିଁ ଚୁରୁ ଶୀଳେ ଆସ ।

ସୁଗୋଲ ମୁଖ ସୁବାସ ଚୁମ୍ବିବା ଆଶାରେ
ଆହା ଲଜେ ଝଙ୍କାରଇ ମନ ଲାଲସାରେ ।

ଅସହ୍ୟ ହେଲାକି ତତେ ମଧୁକର ଗାନ
ନେବାକୁ ସେ ଆସିନାହିଁ ଗୁପ୍ତ ପ୍ରେମ ମାନ ।

Digitized by srujanika@gmail.com

ସହଚରୀ ମୁଖୁ ଶୁଣି ବଚନର ଛଟା
ସବେଇ [1] କର କମଳେ ବାଜଇକ କଣ୍ଟା ।

ଛୁଟିଲା ଅଲାଜୁକୀ ତୁହି କସ କହି ଯାଉ
ଠକ କପଟର ଗୁଣ ତୁହି ବୁଝୁ ନାହୁଁ ।

ଅସହ୍ୟ ଅସହ୍ୟ ଜାଣ ଶଠ କପଟତା
ମୋ ପ୍ରେମରେ କେ ମିଶିବ ଅନ୍ତିକା କ୍ଷମତା ।

ଶୁଣି ଶଶୀକଳା କହେ କପଟ ନାଗର
ବଳେ ଛଳେ ପଶି କେତେ କରେ ହରବର ।

ତୋ ପ୍ରେମ ଚିହ୍ନିବା ବ୍ୟକ୍ତି ବିଶ୍ୱେ କେହି ନାହିଁ
ହେଉ ତୋର ପ୍ରେମ ସଞ୍ଚ ଅନ୍ୟେ ଦିଅ ନାହିଁ ।

ଆଳି ବାକ୍ୟ ଶୁଣି ମଥା ପୋତଇ ତଳକୁ
କ ପୁଷ୍ପ ଆଣିବୁ ଯାଇ ଗୁନ୍ଥ ସୁହାରକୁ ।

ପଚ୍ଛେ ତୁ ମାରିବୁ ଶର ମରମ ବଚନେ
ଦେବ ପୂଜା କଥା ଆଉ ନପଡ଼ୁ କ ମନେ ।

ଶୁଣି ସଖୀ କହେ ହସି ଦେବକ ପାଶୋର
ଦେବ ପୂଜା ସିଦ୍ଧିଶ୍ୱର ଅଣାଇବ ବର ।

ମିଶାଇବ ଯୁଗ୍ମ ସଙ୍ଗେ ଯୁଗଳ ନୟନ
ତେବେ ଇଚ୍ଛା ସିଦ୍ଧି ସଙ୍ଗେ ସାର୍ଥକ ଜୀବନ ।

ଯୁଗ୍ମ ନୟନର ଭାବ ବୁଝିଲତ ନାହିଁ
କାହିଁ କେହୁ କେଉଁଠାରେ ପଚ୍ଛେ ଯାଅ ଧାଇଁ ।

ଧାଇଁଯିବ ଆଣିବ ମୁଁ ଏହା ନିଶ୍ଚେ ସତ୍ୟ
ଅକ୍ଷୁଣ୍ଣ ପ୍ରେମର ସଙ୍ଗେ ଥିବ କ ମୋ ସତ୍ତ୍ୱ ।

ସଲଜ୍ଜ ବଦନେ ବୋଲେ ଆଗ ପ୍ରାଣ ସଖୀ
କେତେ କଥା ତୁମ୍ଭେ ଜାଣ କାହିଁ ଅଛ ରଖି ।

---

୧. ସବେଇ-ସବ୍ୟ-ବାମ ଦକ୍ଷିଣ ହସ୍ତ

Digitized by srujanika@gmail.com

ପ୍ରମୋଦେ ପ୍ରମଦା ବସି ଗୁନ୍ଥେ ପୁଷ୍ପ ହାର
ଶଶୀକଳା ଯୋଗାଡ଼ିଲା ନୈବେଦ୍ୟ ସମ୍ଭାର ।

କାଦେମ୍ବିନୀ ବସି ଗାଏ ସୁନ୍ଦର ସଙ୍ଗୀତ
କଳକଣ୍ଠ ତାନ ଆଣେ ଆପଣାର ହିତ ।

ଦେବ ଶକ୍ତି ଦେବ ମୂର୍ତ୍ତି ମହିମା ତୁମ୍ଭର
ଗରିମାରେ ବ୍ୟାପି ଅଛି ଏ ବିଶ୍ୱ ସୁନ୍ଦର ।

ଯହିଁ କି ଗୃହେଁ ନୟନ ସବେଁ ତୁମ୍ଭେ ପୂର୍ଣ୍ଣ
ତବ ଜ୍ୟୋତି ବିରାଜଇ ଗାଇ ତବ ଗୁଣ ।

ପୁଷ୍ପ ଆଶେ ଗୃଲେ ୧ କହେ ମୁଁ ନୁହେ ତୁମ୍ଭର
ଫଳ କହେ ମୁହିଁ ଅଟେ ବିଶ୍ୱ ପିତାଙ୍କର ।

ସର୍ବ କର୍ତ୍ତ୍ରୀ ଅଟ ତୁମ୍ଭେ କି ଦେଇ ପୂଜିବି
ଚଞ୍ଚଳ ମାନସ ମୋର କି ଭାବେ ଭଜିବି ।

କାହାଠାରେ ଅଧିକାର ମୋର ନାହିଁ କିଛି
ସର୍ବ ଅନାଦରେ ଗୃହେଁ ବୋଲିଥିବେ ଛି ଛି ।

ବାଛିଲି ବାଛିଲି ମନେ ତୁମ୍ଭର ଜୀବନ
ଅର୍ପି ଦେଉଅଛି ଯେନ ପରଣ ସୁମନ ।

ସୁନ୍ଦର ଚରଣେ ଥୋଇ ଦେଲି ଦେହ ମନ
ମୋର ଇଚ୍ଛା ପୂର୍ଣ୍ଣ କର ଭାବେ ଯେନ ତେନ ।

ଲତା ଅନ୍ତରାଳେ ବସି ଯୌବନ କରତା
ଅଭିନବ ନୟନରେ ମିଶାଏ ମମତା ।

---

୧. ଗୃଲେ-ଗୃଲବାଜ ବା ଫନ୍ଦି ଫିକର କର

Digitized by srujanika@gmail.com

ପାନ୍ଥ

ବୀରେନ୍ଦ୍ର କୁମର ସବୁ ଅଭିନୟ
ଲୁଚି ଦେଖନ୍ତେ ନୟନେ
ଲତା ଅନ୍ତରାଳେ ବସି ନବୋଲାରେ
ଭାବୁଛନ୍ତି ମନେ ମନେ ।
କଳ କଣ୍ଠ ଗୀତ ଝଙ୍କାରେ କର୍ଣ୍ଣରେ
ମଧୁ ଢ଼ାଳେ ଘନ ଘନ
କମ୍ପିତ ସର୍ବାଙ୍ଗ ଅସ୍ଥିର ଜୀବନ
ଫେରି ନ ଆସେ ନୟନ ।
ଭାବୁଛନ୍ତି ମନେ ଆହା କି ସୁନ୍ଦର
ଅମୂଲ୍ୟ ପ୍ରତିମା ନିଧି
ଝୁରି ମରିବାକୁ ଘଟିଲା ଜୀବନେ
ଦେଖାଇଲା ଆଣି ବିଧି ।
ଏକାନ୍ତ ସ୍ଥାନରେ ଅପରୂପ ମୂର୍ତ୍ତି
କାହୁଁ ଆସି ଉପସ୍ଥିତ
ମୁଗ୍ଧ କରେ ମନ ଓଠାରେ ନୟନ
ଅସ୍ଥିର ହେଉଛି ଚିତ୍ତ ।
ଏ ନୃତ୍ୟ ଦର୍ଶନ କରିବାକୁ ମୋର
ଭାଗ୍ୟେ କି ଘଟିଲା ଆସି
ଦେଖିଲି ଦେଖିଲି କୃତାର୍ଥ ମୁଁ ହେଲି
ପାରେ ଯିବକି ସାହସି ।
ସ୍ୱର୍ଗ ଅପସରୀ ମର୍ତ୍ତ୍ୟେ କିବା ଲୀଳା
କରୁଛନ୍ତି ମୋଦ ଭରେ
ଏହାଙ୍କ ଦର୍ଶନେ ପରିଣୟ ଆଶା
ଅଙ୍କୁର କପାଁ ମନରେ ।

Digitized by srujanika@gmail.com

ନବ ଆଶା ମନେ ପଲ୍ଲବିତ ହେଲା
ସଖୀଗଣ ଦରଶନେ
ନାହିଁ ପରିଚୟ ଉପୁଜଇ ଭୟ
ମିଶିବାକୁ ତାଙ୍କ ଗଣେ ।
ବାରିବାକୁ ଦୃଷ୍ଟି ଶକ୍ତି ଆଉ ନାହିଁ
ପ୍ରଲୋଭ ବଢ଼େ ଆୟୁତେ
ଦେଖୁଅଛୁ ଯାହା ସତ୍ୟ କି ସ୍ୱପନ
ଏହା କେ କହିବ ମତେ ।
ଆପାଙ୍ଗ ନୟନେ ମନ ନେଲେ କିଣି
ହୃଦ ଦମ୍ଭ ଦେଲେ ଭାଙ୍ଗି
ଚିରଦିନ ପାଇଁ ହେବ କି ମୋ ସାଥି
ଦେବୀ ମୂରତି ଶୋଭାଙ୍ଗୀ ।
ଆହା ! କି ସୁନ୍ଦର ବୀଣା ବାହେ କର
ଗାନ ମିଶାଇଛୁ ତାନେ
କାହାଠାରେ ଲକ୍ଷ୍ୟ ରଖିଛ ମହତେ
ତାହାତ ମୁହିଁ ନ ଜାଣେ ।
ଭବେ ସଖା ଆସି ବୋଲଇ ସଙ୍ଗାତ
କିସ କର ଏକା ବସି
କାହାଠାରେ ମନ ରଖିଛ ଆତୁରେ
କହିବ କି ମନେ ହସି ।
ବୋଲନ୍ତି କୁମର କିସ ମୁଁ କହିବ
ଯାହା ଦେଖିଲି ନୟନେ
ଆହା ! କି ଅଦ୍ଭୁତ ହେଲି ଆସକତ
ଭବେ ବାନ୍ଧିଲି ଜୀବନେ ।
ସୁରେନ୍ଦ୍ର କହଇ ଆହେ ପ୍ରାଣ ସଖା
କହ କି ଶୁଭ ସମୟ
କି ଶୁଭ ବାରତା କହିବକି ବାରେ
ଦେଇ ମନ ପରିଚୟ ।

Digitized by srujanika@gmail.com

ନରେନ୍ଦ୍ର ହସିଣ ବୋଲନ୍ତି ମୁଁ କିସ
କହିବ ଦେଖାଇ ଦେବି
ନିଜେ ତୁମ୍ଭେ ଦେଖ ଆଣି ପ୍ରେମ ମୂର୍ତ୍ତି
ତବ କରୁ ମୁହିଁ ନେବି ।
ସନ୍ଦେହେ ବଚନେ ଭାବନ୍ତି ନରେନ୍ଦ୍ର
ଆଳାପେ ଦେଇ ଉସ୍ରନା
ନବ ସ୍ୱାଧୀନତା ଆଜି କି ତୁମ୍ଭର
ପର ଦ୍ରବ୍ୟ ପ୍ରଲୋଭନା ।
କାହିଁ ଦୃଢ଼ପଣ କାହିଁ ଏକ ଧ୍ୟାନ
ପୂର୍ବେ କିସ କରୁଥିଲ
ଦେଲ କି ପାଶୋରି ସବୁ କଥା ମନୁ
ନବ ପ୍ରେମରେ ବୁଡ଼ିଲ ।
ଅଙ୍କ ମଣ୍ଡନୀ ମୋ ଲୋଡ଼ା ନାହିଁ ନାହିଁ
ଏକାରେ କାଟିବି କାଳ
ଏକନ୍ତ ଦୃଢ଼ତା ମନସ୍ୱୀ ତପସ୍ୟା
କାହିଁ ଗଲା ହେ ଭୂପାଳ ।
କି ପରିବର୍ତ୍ତନ ଆସିଲା ପହଞ୍ଚି
ଦୃଢ଼ ତପସ୍ୱୀଙ୍କ ମନେ
ଜ୍ଞାନ ପ୍ରଷ୍ଠାପରେ ପ୍ରକୃତି ସୁନ୍ଦରୀ
ମିଶିବା ସନ୍ଧ୍ୟା ନମଣେ ।
କ୍ଷଣ ମାତ୍ର ଦେଖି ଆହା ! କି ଚଞ୍ଚଳ
ନାହିଁ କିଛି ପରିଚୟ
ଥିବ ବୋଲି ସିନା ହେବ କି ନିଶ୍ଚୟ
ପାଉନାହିଁ ମନେ ଭୟ ।
ଗୁଣର ଗରିମା ମନର ଗର୍ବିତା
କହିଅଛ କେତେ ଥର
ହାସ୍ୟ ଆଳାପକୁ ମନେ ବହି ଚିର
ପାଶରୁ ହୁଅ ଅନ୍ତର ।

Digitized by srujanika@gmail.com

ଏବେ କପାଁ ପ୍ରଭୁ ଏତେ ଆତୁରତା
ମାନସରେ ଯାଏ ବହି
କେଉଁ ରୂପବତୀ ତୁମ୍ଭଙ୍କୁ ବିପଥେ
ନେଲା ମାନସକୁ ମୋହି ।
ବୋଲନ୍ତି ନୃପତି ସୌନ୍ଦର୍ଯ୍ୟ ସାଗରୁ
ଉତ୍ପତ୍ତି ସେହି ରତନ
କେଜାଣି କପାଇଁ ହେଲା ତାଙ୍କ ଠାରେ
ପ୍ରଥମ ଦୃଷ୍ଟି ପତନ ।
ପ୍ରଥମ ନୟନେ ପ୍ରଥମ ଯୌବନ
ନେଇଅଛି ଯେବେ ଟାଣି
ହେଲା ଅଧିକାର କି ଅଛି ବିଚାର
କି କହ ବାତୁଳ ବାଣୀ ।
ସୁରେନ୍ଦ୍ର ବୋଲଇ ଅଚିହ୍ନା ତରୁଣୀ
ଅନ୍ତଃପୁର ଜ୍ୟୋତି ତାର
କିସ ଭାବ ଜ୍ଞାନେ ଲବ୍ଧ ମୁଗ୍ଧ ମନେ
ପ୍ରାପ୍ତି ଆଶେ ଯିବ ମାର ।
ମହୀନ୍ଦ୍ର କହନ୍ତି ଭାବେ ଉଦ୍ରେକେ ହର୍ଷ
କାହିଁ ପୂର୍ବର ଚରିତ୍ର
ସ୍ମର ଯାଅ ଥରେ ମାନସ ଗମ୍ଭୀରେ
ନକର ଚଞ୍ଚଳ ଚିତ୍ତ ।
ବୋଲନ୍ତି ନରେଶ ଶୁଣ ପ୍ରାଣ ସଖା
ମନ୍ଦ ମଣୁଥିଲ ଯାହା
ହୃଦ ରାଜ ରାଣୀ ମାନସ ନାୟିକା
ପର ଦଶିଲଣି ତାହା ।
ରାଜ କୁଳରେ କି ଜନ୍ମିଛନ୍ତି ବାମା
ଭଙ୍ଗିରୁ ଯାଉଛି ଜଣା
କିନ୍ତୁ ଏ ଅରଣ୍ୟେ ବିହାର କପାଇଁ
ପୁଣି ଆସେ ବଡ଼ମନା ।

Digitized by srujanika@gmail.com

ମୁନିଙ୍କ ଆଶ୍ରମେ ମୁନି କନ୍ୟା ଗଣ
ବିହାର କରିବେ ସିନା
କହନ୍ତି ସୁରେନ୍ଦ୍ର ରାଜାଙ୍କ ଅର୍ଦ୍ଧାଙ୍ଗୀ
ଖୋଜେ ଘର କି ନବୀନା ।

କେ ଜାଣିବ ତାହା ବିହି ଲେଖା ଯାହା
ପୂର୍ଣ୍ଣ କି ହେବ ଅଭୀଷ୍ଟ
ମତ୍ତ ଅଳି ମନ କରେ ହରବର
ବଢ଼ାଇ ଶିଖଣ୍ଡୀ ପୀଠ ।

କୁତୂହଳ ରଥେ ଚଢ଼ି ରାଜ ମଣି
ଭେଦି ଯାଏ ମନଶର
କି ମଧୁ କୁମୁଦ ରସେ ଢଳଢଳ
ଭାସେ ପ୍ରେମ ସରୋବର ।

କିନ୍ତୁ କ୍ଷଣ ରହି କରେ ଦରଶନ
ପ୍ରଲୋଭେ କନକଲତା
ଭାବେ ଭାଗ୍ୟେ ଯଦି ପାଇବି ସୁନ୍ଦରୀ
ତେବେ ମୋ ଇଚ୍ଛା ପୂରନ୍ତା ।

ଯେବେ ନ ପାଇବି ଆଜନ୍ମ ଝୁରିବି
ଉଡ଼ିବ ହାସ୍ୟ କେତନ
ପ୍ରିୟ ସହଚର ରଖିବେକି ଆଉ
କହିବେ କେତେ ବଚନ ।

ନୟନ ଆସନ ତେଜଗଲେ ବାରେ
କେ ହେବ ମୋ ହୃଦ ରାଣୀ
ଦୁଷ୍ଟ ପ୍ରଜାଗଣ ହୋଇଛନ୍ତି ସଜ
ବଦାରିବେ ଶର ଆଣି ।

ଏଣେ ସହଚର ବୋଲନ୍ତି ହେ ମୁନି
କିଛି ନାହିଁ ତବପଣ
ଋଷିଙ୍କ ଏକଥା ଯୋଗ୍ୟ ନାହିଁ ନାହିଁ
କହିଛନ୍ତି ଜ୍ଞାନୀ ଗଣ ।

Digitized by srujanika@gmail.com

କୁଟୀର ସଜାଡ଼ି   ବସ ଏକ ଧ୍ୟାନେ
ଗୃହ ଯାଅ ଘୋର ବନ
ମଣ୍ଡି ମଣ୍ଡନାକୁ   କପାଇଁ ଗୃହୁଁ ଛ
ହେବେ କି ବାରେ ଦ୍ରୁଘନ୍ତ ।
ଦୃଢ଼ ଦୃଢ଼ ଡୋର   କଠିଣ ମନ୍ଦର
ପଟ୍ଟଏ ଥିବାର ମନ
ନବୀନ ଉଲ୍ଲାସ   ନବୀନ ସାହସେ
ଭୁଲାଇ କାର ଗମନ ।
ଚଞ୍ଚଳ ଚମ୍ପାଙ୍ଗୀ   ଭୁଜାଳକ ଚନ୍ଦ୍ର
ଗୃହରାଇ ସିଦ୍ଧ ଆସନ
ନୟନ ମୀନାକ୍ଷି   ମାରି ମାର ଶର
କ୍ଷତ କରେ କି କାରଣ ।
ଅସହ୍ୟ ଅସହ୍ୟ   ବର୍ତ୍ତମାନ ଦଶା
ଘଟିଛି ଶୂନ୍ୟେ ବସାଇ
ଦେବ କବା ଛଡ଼ି   ନେବକ ଉଡ଼ାଇ
ମଦନ ଜଳେ ବୁଡ଼ାଇ ।
ହେ ପ୍ରାଣ ସଙ୍ଗାତ   ଭାବତବ ଚିତ୍ତ
ରହିଲା କାହାର କଥା
ନିଜର ମାନସ   ନିଜେ ହେଇ ବୈଷ୍ଣ
ପୋଡାଇଲା ନିଜ ମଥା ।
ସୁରେନ୍ଦ୍ର କହଇ   ବନ୍ଦ କର ମଥା
ଚଞ୍ଚଳ ଚଳାଅ ନାହିଁ
ଦୋଷ ସ୍ୱୀକାର   କର ବାରମ୍ବାର
ହେ ଲମ୍ପଟ ନରସାଇଁ ।
ବୋଲନ୍ତି କୁମର   ଆହେ ପ୍ରାଣ ସଖା
କେତେ କହ ଛଟା ବାଣୀ
ତୁମ୍ଭର ଏ ମନ   ତୁମ୍ଭର ଜୀବନ
ଯାହା କର ଇଚ୍ଛା ଜାଣି ।

Digitized by srujanika@gmail.com

ସିନ୍ଧୁ ଗର୍ଭ ମୀନ ପଡ଼ନ୍ତି ଜାଲରେ
ଦିଅ ଦନ୍ତା ପୁରସ୍କାର
ସିଂହ ଶିଶୁ ଗୋଟି ଖେଳଇ ଯନ୍ତାରେ
ଇଚ୍ଛାରେ ସାଧ ବଗୁର ।

ମନେ ହସି କହେ ମହୀନ୍ଦ୍ର କୁମର
ଜ୍ଞାନ ରାଜ୍ୟଗଲେ ଟଳି
ମାନସେ ଦର୍ପଣେ ମାନସ ପ୍ରତିମା
ଦେଖି ମନ ଗଲା ଢଳି ।

ମାନସେ ମାନସ ମିଶିବା ବଚନ
କିଛି ତ ନାହିଁ ଆପତ୍ତି
ଚନ୍ଦ୍ରର ଜ୍ୟୋଛନା ଚୁମ୍ବିବ ଲଳନା
ନାମ ଦେବ ମୁଦ ପତି ।

ଯାଅ ହେ ନାଗର ନାଗରୀଙ୍କ ସଙ୍ଗେ
କରନ୍ତୁ ପ୍ରେମ ପରୀକ୍ଷା
କୋହ୍ନ ପରାଜୟ ଦିଅ ପରିଚୟ
ପାଶେ ଆଣ ପ୍ରେମ ଭିକ୍ଷା ।

ଏଣେ ସୁରଇନ୍ଦ୍ର ବୋଲେ ହେ ରାଜନ
ଥିବ ଯେବେ ବୀର ପଣ
କଣ୍ଟକ କାନନୁ ଆଣନ୍ତୁ ଗୋଲାପ
ନଥାଇ କିଛି କଷଣ ।

ତୋରା ଦିବ୍ୟ ଚିତ୍ତ ନାନାଦି ମନ୍ତ୍ରେ
ମନ୍ତ୍ରାଅ ମାନସ ପୁର
ଡ଼କାଇ ପ୍ରକୃତି ଚୌଦିଗେ ଜଗାଇ
ପ୍ରେମେ ଗୃହଣନ୍ତୁ ମଧୁର ।

ଫୁଟି ଛୁଟୁ ବାଣ ନଭଠୁ ଗରଜ
ସ୍ୱର୍ଗ ଲୋକେ ଯାଅ ମିଶି
କୁମୁଦିନୀ ଗନ୍ଧ ଆଣଇନ୍ଦୁ ବର
କର କମଳେ ପରଶି ।

Digitized by srujanika@gmail.com

ଯାଅ ଯାଅ ବେଗେ ବିଳମ୍ବ ନ କର
ଥିବୁ ଆମ୍ଭେ କେତେ ଦୂରେ
ଦେଖିବୁ ତୁମ୍ଭର ପ୍ରେମର କୌଶଳ
ପ୍ରେମାଙ୍ଗନା ପ୍ରେମ ପୂରେ ।

ଧୀରେ ଧୀରେ ଯାଇ ଲତା ଅନ୍ତରାଳେ
ରହି ସାଧନ୍ତି ବିଷୟ
ପ୍ରଣୟୀର ଆଶ ପୂର୍ଣ୍ଣ କର ପ୍ରେମେ
ଦେଇ ସାଧୁ ପରିଚୟ ।
ଦୂର ହେଲେ ସଖା ଗଲେ ନୃପ ମଣି
ଆରୋହି ମାନସ ରଥ
ଦେଖିଲେ ସେଠାରେ କୁଳାଙ୍ଗନା କୁଳ
ଜଗି ବସିଛନ୍ତି ପଥ ।

ଦିବ୍ୟ ଶକ୍ତି ଆଗେ ହୋଇଛନ୍ତି ଉଭା
ବଢ଼ାଇ ପୂଜା ସକଳ
କେ ଦିଅଇ ଧୂପ କେ କରେ ଆଳତି
କେ ମାଗେ ମାନସ ଫଳ ।
କେ ବୋଲେ ସଖୀ କି ଧର ପୁଷ୍ପ ହାର
ବର ଆସ ଙ୍କର ପତି
ମନ ପ୍ରାଣ ଦେଇ ପ୍ରସନ୍ନତା କର
ଇଚ୍ଛା ପୂର୍ଣ୍ଣେ କର ମତି ।
ସଖୀ ବାକ୍ୟ ଶୁଣି ହସି ଜେମାମଣି
ଲଜ୍ଜାରେ ଢାଙ୍କି ସର୍ବାଙ୍ଗ
ବୋଲନ୍ତି ସଖୀ କି ଦୂର ହୁଅ ବେଗେ
କେତେ ଦେଖାଉ ସୁହାଗ ।
ସଲଜ୍ଜ ବଦନେ ବୋଲନ୍ତି କୁମାରୀ
କେତେ ଭାବ ତୁମ୍ଭେ ଜାଣ
ଉପସ୍ଥିତ କାର୍ଯ୍ୟ ନ ବୁଝି ପ୍ରଥମେ
ଭବିଷ୍ୟତ ଭାବ ଆଣ ।

Digitized by srujanika@gmail.com

ଉପସ୍ଥିତ କଥା ଭବିଷ୍ୟତ ସଙ୍ଗେ
ମିଶାଇ କହୁଛି ମତ
ଶଶୀକଳା ବାକ୍ୟ ନାହିଁ କେବେ ମିଥ୍ୟା
ହସିବ ରହି ଜଗତ ।
ମଦାଳସୀ ତହିଁ ବୋଲେ ଶୁଣ ସଖୀ
ଆସିଛି ଶୁଭ ସମୟ
ଏ ମଧୁ କାନନେ ଭୃଙ୍ଗି ଗାଏ ଗାନ
ହେବ ନଷ୍ଟେ ପରିଣୟ ।
କାଦେମ୍ବିରୀ ବସି ବୋଲେ ପରିଣୟ
ସ୍ୱତ ମୀତ ଜଣା ନାହିଁ
ଯେବେ ତୁମ୍ଭେ ଜାଣ ହୁଅନ୍ତୁ ବ୍ରାହ୍ମଣ
ସେ ବିଧି ଦିଅ ଚଳାଇ ।
ଶଶୀକଳା ତହିଁ ବୋଲନ୍ତି ନଷ୍ଟପ୍ରୁ
ବ୍ରାହ୍ମଣେ ହୋଇ ବରଣ
ସାଧିବୁ ସକଳ କାହିଁକି ବିକଳ
ସାଧି ନିଅ ଇଚ୍ଛାପଣ ।
ଯେନ ପୁଷ୍ପ ହାର ଅର୍ପ ପ୍ରଭୁ କଣ୍ଠେ
ବିଳମ୍ବ କପାଇଁ ଆଜ
ଜାଣିଛନା କେତେ ଦୂର ମୋ ନଗର
ବେଳ ଯିବ ଯାଉ ଯାଉ ।
ଶୁଣି କାଦେମ୍ବିରୀ ଧରିଲେ ହାରକୁ
ଚଉଦିଗ ଦେଲେ ଗୁହିଁ
ସତେ ଏହି ହାର ଦେବ ମୁଁ କାହାକୁ
ପାଶରେ ତ କେହି ନାହିଁ ।
କାମନା ମୂରତି ଭବନାରେ ଆସି
ଦେଖାଇଲେ ଯିନା ବକ୍ଷ
ମାଳା ଗୋଟି ମୂଳ୍ୟ ବଢ଼ିବ ଦ୍ୱିଗୁଣେ
ଅର୍ପି ନେବ ଇଚ୍ଛା ଲକ୍ଷ୍ୟ ।

Digitized by srujanika@gmail.com

ଏହିପରି ମନେ ଭାବନ୍ତି ମଉନେ
ନ କହି କାହାକୁ କଥା
ଶଙ୍କର ମାଧୁରୀ ଖେଳଇ ନୟନେ
ପଡ଼ି ଠେକୁଛନ୍ତି ମଥା ।
ସୁକୁମାରୀ ଚିତ୍ତ ଜାଣି ସଖୀ ହୃଦୟ
ବୋଲନ୍ତି ଭାବ ଭୁମ୍ବର
ଜଣାଗଲା ସଖୀ କସ ଭାବ ମନେ
ବରିବ କି ଇଚ୍ଛାବର ।
ଏ ବନ କାନନେ କାହିଁ ଭେଟାଇବୁ
ମନ ଅନୁଯାୟୀ ପତି
ସତ୍ୟ ଯେବେ ତବ ଇଚ୍ଛା ରୂପ ଶକ୍ତି
ପାଅ ତାଙ୍କ ଅନୁମତି ।
ସୁନ୍ଦର ସୁଷାର ସୁଧୀର ସୁବର
ଭେଟନ୍ତୁ ତବ ନୟନେ
ଯୁବତୀ ଯୁବକ ଗଢ଼ା ଏକ ଅଙ୍ଗ
ଖେଳାଇ ପ୍ରେମ ଜୀବନେ ।
ବନ ପ୍ରତିଧ୍ୱନି ବାଜଲା କର୍ଣ୍ଣରେ
ରାଜନ ହେଲେ ବିଭୋଳ
ଚନ୍ଦ୍ର କଳା ସୁଧା ଢାଳିଲେ ଜୀବନେ
ହୃଦୟ ହେଲା ଶୀତଳ ।
ସଜାଇ ଥିଲା କି ବୀଣା କାମଧନୁ
ବଜାଏ ତାନ ଝଙ୍କାର
ହଜାଇଲା ମୋର ଧଇର୍ଯ୍ୟ ସକଳ
କି ପୁଷ୍ପଧନୁ ଟଙ୍କାର ।
ଗଲା ମୋ ସଂଶୟ ନାହିଁ କିଛି ଭୟ
ଚଳାଇବି ନିଜ ପଦ
ପାଇବି ମନର ମାନସ ହାରଣୀ
ଯାଇବି ହୃଦ ସମ୍ପଦ ।

Digitized by srujanika@gmail.com

ଏତେ ଭାଳ ମନେ ସତ୍ତ୍ୱରେ ନୃପତି
ଯାଇ କାଦେମ୍ବରୀ ପାଶ
ପ୍ରଭୂଙ୍କ କୃପାରୁ ଦେଖା ଦେଲ ଆସି
ଆଉ ନାହିଁ ମନେ ତ୍ରାସ ।
ଭୟ ନାହିଁ ସଖୀ ଦିଅ ପ୍ରେମ ହାର
ଦେଖାଉଛି ବକ୍ଷ ସ୍ଥଳ
ଫଳିଲ ଫଳିଲ ଆହେ ଗୃରୁ ଶୀଳେ
ବଢ଼ାଅ କର କୋମଳ ।
ମନ ଅନୁଯାୟୀ ହୃଏକ ଏ ଫଳ
ଦେଖି ନିଅ ନେହ କୋଣେ
ଜୀବନ ପେଟିକା ପୂର୍ଣ୍ଣ କର ପ୍ରେମେ
ବୁଝିରଖନ୍ତୁ ଯତନେ ।
ଦେଖିଲେ କୁମାରୀ ସମ୍ମୁଖେ ସୁନ୍ଦର
ଅପୂର୍ବ ଯୁବକ ବର
ଅଙ୍ଗରୁ ବାହାର ଅନଙ୍ଗ ମୂରତି
ନର କବା ସୁଧାକର ।
ବଦନକୁ ତାଙ୍କ ଗୃହିଁ ଇଙ୍ଗିତରେ
କଲେ ମୁଖ ଅବନତ
ଲଜ୍ଜାରେ ସର୍ବାଙ୍ଗ ଥରିଲ ପ୍ରେମରେ
ଟେକି ନପାରିଲେ ହସ୍ତ ।
କିସ ଭାବୁଥିଲ କି ଆସି ଘଟିଲା
ଏହା ଭାବ ନେଲ ମନେ
ବସ୍ତୁ ଭଳସା ଖେଳ ଗଲ ଆସି
ନିର୍ମଳ ହୃଦ ଗଗନେ
ଶାନ୍ତ ସହଚରୀ ପାଞ୍ଚେଟିଲ ଆସି
ପ୍ରେମ ହେଲ ଢ଼ଳଢଳ
ସେ ବେନି ନୟନ ରଖିଲେ ନୃପତି
ଲକ୍ଷ୍ୟ ଗଲ ପଦତଳ ।

Digitized by srujanika@gmail.com

ଭାବି ନଏ ମନେ ଏ ରଙ୍ଗ ଚରଣ
କି ସୁନ୍ଦର ନଖ ପଂକ୍ତି
ହୁଏ ଆନନ୍ଦିତ ଧୀରେ ମା ଧରଣୀ
ନାଚଇ ବଢ଼େଲ ମତି ।

ଝରେଲ ବଢ଼େଲେ ଠିଆ ହୋଇଛନ୍ତି
ସର୍ବ ସଖୀ ଏକ ମନେ
ନାହିଁ କିଛି ଭାଷା ନାହିଁ ଚପଳତା
ଗୃହିଁଛନ୍ତି ଏଣେ ତେଣେ
ଭାବନ୍ତି ସଖୀଏ କି ସୁନ୍ଦର ମୂର୍ତ୍ତି
ସର୍ବ ପ୍ରଭାରେ ଶୋଭିତ
ସତେ କି ନବୀନ ନବୀନ ବେଶରେ
କଲେ ଆସି ଆଚମ୍ବିତ ।

ସତେ କଏ ମୂର୍ତ୍ତି ବହିଛନ୍ତି କାନ୍ତି
ଜେମା ଅଙ୍ଗ ପ୍ରେମ ଜ୍ୟୋତି
ହେଲେ ଉପସ୍ଥିତ କରି ଆଚମ୍ବିତ
ହେବେ ପରା ଜେମା ପତି ।

ଗେଲେ ହସି ହସି ଶଶୀ ମଦାଳସୀ
କହାଁ ତବ ଆଗମନ
କାହାର କୁମର ଦିଅ ପରିଚୟ
ଆହେ ସୁନ୍ଦର ନବୀନ
ବୋଲେ ମଦାଳସୀ ବସନ୍ତୁ ଆସନେ
ପାରିଲି ପଛ ବସନ ✳
ବୋଲନ୍ତି କୁମର ନାହିଁ ମୋ ଲାଳସା
ଆସନ ମର୍ଯ୍ୟାଦା ପ୍ରତି
ଯାହା ମୁଁ ଦେଖୁଛି ନାଚେ ମନ ପ୍ରାଣ
ନୟନେ ଖେଳଇ ଜ୍ୟୋତି ।

✳ ଅନ୍ୟ ପଙ୍‌କ୍ତିଟି ନଷ୍ଟ ହୋଇଯାଇଛି ।

Digitized by srujanika@gmail.com

ଶୁଣ ପ୍ରିୟ ସଖି ! ମୁଁ ରାଜ କୁମର
ଆସିଲି ଶିକାର କରି
ଦେଖିଲି ଏ ସ୍ଥାନେ ଆହାକି ସୁରମ୍ୟ
ଅଷ୍ଟ ସହଚର ଧରି ।

ଅତି ଆନନ୍ଦରେ ଯାପୁ ଥିଲି ଦିନ
ଶୁଣିଲି ବୀଣା ସଙ୍ଗୀତ
ମୋ ଶ୍ରୁତି ପୁଟରେ କେ ଢାଳେ ଅମୃତ
ଭାବ ଉଲ୍ଲସିଲା ଚିତ୍ତ ।

ଦେଖିଲି ନୟନେ ମନୋହାରୀ ବାମା
ଆସିଲି ତୁମ୍ଭର ପାଶ
ଥିଲେ ମୋର ଦୋଷ କ୍ଷମା କରି ଦେଇ
ତବ ପରିଚୟ ଭାଷ ।

ବୋଲେ ଶଶୀକଳା ଆମ୍ଭ ପ୍ରାଣ ସଖୀ
ଅଟନ୍ତି ରାଜ କୁମାରୀ
ଶକ୍ତି ପୂଜା ଇଚ୍ଛା କରି ଜେମା ମଣି
ହୋଇଛନ୍ତି ବନଚାରୀ ।

ପୂଜାର ସମ୍ଭାର ବାଢ଼ିଲୁ ପାଶରେ
ଦେଲୁ ହସ୍ତେ ପୁଷ୍ପ ହାର
ସମୟକୁ ଜାଣି ଉପସ୍ଥିତ ଆସି
ଅତିଥି ଆମ୍ଭର ଦ୍ୱାର ।

ଅତିଥିଙ୍କ ମନ ନ ଜାଣୁ ତ ଆମ୍ଭେ
କି ଭାବେ ପୂଜିବୁ ପଦ
ଜାଣିଥିବ ପରା ଆମ୍ଭ ପ୍ରିୟ ସଖୀ
ପୂଜି ପାଇବେ ସମ୍ପଦ ।

Digitized by srujanika@gmail.com

ଜାଣି ତା ନୃପତି ବୋଲନ୍ତି ଅତିଥି
ଆଜ ହୋଇଛୁ ପ୍ରସନ୍ନ
ତବ ମଧୁବାଣୀ ସଦ୍ ବ୍ୟବହାର
ତୃପତି ଅତିଥି ମନ ।

ବାକ କହୁଁ ନାହିଁ ବସନ୍ତ ସକଳେ
ଭୟର ଆଶଙ୍କା ନାହିଁ
ବସିଲେ ସକଳେ ପରସ୍ପର ହସ୍ତ
ଧରି ସୁସ୍ନେହ ବଢ଼ାଇ ।

ଏ ସମୟ ଜାଣି ଭାବନ୍ତି ମନରେ
ହେ ରାଜନ ଚୂଡ଼ାମଣି
ତପସ୍ୟାର ଫଳ ହେଲକ ପ୍ରାପତି
ଲାବଣ୍ୟ ରୂପ ରମଣୀ ।

ସ୍ୱର୍ଗୀୟ ସୁଖ କି ହୋଇ ସୁବେଶିତ
ସ୍ୱର୍ଗୀୟ ସୁଷମା ଧରି
ସ୍ୱର୍ଗୀୟ କାନନୁ ଯେସନ ପାରିଜାତ
ବାଞ୍ଛା ଏ ସୁସଜେ ଭରି ।

ସ୍ୱର୍ଗୀୟ ସୁଗନ୍ଧ ବସ୍ତାରେ ପ୍ରମୋଦ
ଐଶିକ ମାଦକ ହେଲେ
ଅକୃତ୍ରିମ ପ୍ରେମ ଧରି ଦିବ୍ୟ ମୂର୍ତ୍ତି
ଦେଲକ ଦେଖା କୌଶଳେ ।

ଭାବ ଭାବ ମନେ ଗୃହାନ୍ତି ନୟନେ
ସୁଧା ପୂର୍ଣ୍ଣ ମୁଖ ଶଶୀ
ଆଳାପର ମଧୁ ଆଳାପରେ ଆଣି
ଦେଉଛୁ ପ୍ରେମ ପରଶି ।

Digitized by srujanika@gmail.com

କଠୋର ନୟନେ ଜୀବନ ଓଠାର
ନେଉଛନ୍ତି ମାନସ ଚୁରି
ଉଭୟଙ୍କ ମନ ଉଭୟ ନୟନ
ଆଦାନେ ସମାନ ସରି ।

ନତମୁଖୀ ବାଳା ନତ ରଖି ମନ
ଆବୃତ କଲେଣି ସବୁ
ଅଚଳ ଶରୀର ଅକଳେ ରହିଲା
ଗବ୍ଧ ଆଣି ଦେଲା ଲଭ୍ଭୁ ।

ନୃପତି ନୟନ ଆସଇ ଅପାଙ୍ଗେ
ପ୍ରେମେ ହୁଏ ଠଣାଠଣି
ଜେମା ନେହ ଶୋଭା ସଦୃଶ୍ୟ ସାଗର
ତରଙ୍ଗେ ଖେଳେ ତରଣି ।

ମିଶେ ଥରେ ଥରେ ଗୃହନେହ ଏକ
ଚମକେ ଆଲୋକ ପ୍ରେମ
ଆଲୋକିତ ମୂର୍ତ୍ତି ଆଲୋକିତ ହୁଏ
ପରୀକ୍ଷା ସୂତ୍ରେ ସୁସ୍ନେହ ।

ବୋଲନ୍ତି ସଖି ଏ ଉଠ ଜେମାମଣି
ପୂଜ ଦ୍ୱାରେ ଇଚ୍ଛା ପତି
ମନର କାମନା ପୂର୍ଣ୍ଣ ହେଲା ଆଜ
ସୁ ପ୍ରସନ୍ନ ଦେବ ଶକ୍ତି ।

ସଖୀ ବାକ୍ୟାଳାପେ ନୃପ ଆଶା ତରୁ
ପଲ୍ଲବେ ପୁଷ୍ପ ଶୋଭିତ
ଭାବେ, ମନ ଭୃଙ୍ଗ ପୁଷ୍ପ ରସ ପାନେ
ତୃପତ ତାପିତ ଚିତ୍ତ ।

Digitized by srujanika@gmail.com

ବୋଲନ୍ତି ରାଜେନ୍ଦ୍ର   ଯେବେ ଜେମା ମଣି
କହି ନେବେ ମନ ସଙ୍ଗେ
କଅନ୍ତୁ ସେ ବର   ମୁଁ ଯୋଗ୍ୟ ନୁହଇ
ତାଙ୍କ ଅପରୂପ ସଙ୍ଗେ ।

ବୋଲନ୍ତି ସଖିଏ   କହିଲୁ ବରିଲୁ
ନାହିଁ ମନରେ ଆପତ୍ତି
ମାନବ କ ପୁରୁଷ   ଜାତକ ଆମ୍ଭର
ଘଟଣେ ଉପୁଜେ ଖ୍ୟାତି ।

ବଡ଼ ଦଗାବାର   କୂଟ କପଟତା
ପୂର୍ଣ୍ଣ ଥାଏ ହୃଦୟରେ
ପୀରତିର ମୂଲ୍ୟ   ନ ଚହ୍ନେ ପ୍ରେମରେ
ଛିନ୍ନ ସ୍ନେହ ସ୍ନେହାଦରେ ।

ଯେବେ ସତ୍ୟ ପ୍ରୀତି   ନଥାଏ ଜାଗ୍ରତ
ସତ୍ୟ କାହିଁ ପରଣୟ
ପ୍ରଣୟ ଐଶ୍ୱର୍ଯ୍ୟ   ପୀରତି ମାଧୁର୍ଯ୍ୟ
ସତ୍ୟରେ ହୁଏ ଉଦୟ ।

ଶଶୀକଳା ବାଣୀ   ରାଜ ପୁତ୍ର ଶୁଣି
ଅଳପ ଦେଇ ଇଙ୍ଗିତ
ପ୍ରକୃତ ପୀରତି   ଯେ ଚହ୍ନି ନ ଚହ୍ନେ
କପାଁ ହେବ ଅନୁଗତ ।

ବସନ୍ତ ଆଗମେ   ପ୍ରସ୍ଫୁଟେ ଲତିକା
ପ୍ରଦାନ କରଇ ଗନ୍ଧ
ହସଇ ସୁମନ   ରସେ ହୋଇ ପୂର୍ଣ୍ଣ
ଗୁଣେ ବାନ୍ଧେ ଭୃଙ୍ଗ ବୃନ୍ଦ ।

Digitized by srujanika@gmail.com

ଚ୍ୟୁତ ପତ୍ର ପଟଳୁ ଆସଇ କୋକିଳ
ଡ଼ାକଇ ମଧୁର ସ୍ୱରେ
ତପସ୍ୟା ସଫଳ ହେଲେ ସିନା ଜାଣି
ପ୍ରସନ୍ନ ହୃଦ ଈଶ୍ୱର ।

ମାନସ ଗଗନେ ଉଦେ ହେଲେ ଇନ୍ଦୁ
ପ୍ରତିବିମ୍ବ ଯାଏ ମିଶି
ନିଷ୍କପଟ ପ୍ରୀତି ଜାତ ହେଲା ମନେ
ଦୁଏ ପ୍ରାଣ ମିଶାମିଶି ।

ପ୍ରଣୟ ପ୍ରତିମା ଦେଖି ସେ ପାରନ୍ତି
କେବେ କି ହୁଅଇ ଛାଡ଼ି
ସ୍ୱରଗ ସୁଷମା କରକୁ ଆସିଲେ
ହୁଏ କିଏ ପଦେ ମାଡ଼ି ।

ଶୁଦ୍ଧ ଯେବେ ମନ ସାକ୍ଷୀ ଯେବେ ପ୍ରାଣ
ଆଉ କି ଅଛି ସନ୍ଦେହ
ଦେଖିବା ବେଳୁ ଅର୍ପି ଅଛି ମନ
ଅର୍ପି ଦେଲି ଏବେ ଦେହ ।

ସାକ୍ଷୀ ଦିଗ ପାଳ ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ
ସାକ୍ଷୀ ଅଟେ ବସୁମାତା
ସାକ୍ଷୀ ସଖୀ ଗଣ ସାକ୍ଷୀ ଦୁଇ ମନ
ସାକ୍ଷୀ ଏ ବନ ଦେବତା ।

ଆଉ କି ଅଧିକ କହିବ ତୁମ୍ଭଙ୍କୁ
ଇଚ୍ଛୁଥିଲେ ଦିଅ ମାଳା
ଧନ୍ୟ ବୋଲାଇବ ଜଗତରେ ମୁହିଁ
ପାଇ ପ୍ରେମମୟୀ ବାଳା ।

Digitized by srujanika@gmail.com

ରାଜାଙ୍କର ବାଣୀ   ଶୁଣି ସଖୀ ଗଣ
ହାସ୍ୟ ଦେଲେ କର ତାଳି
ସତେ କି ନୃପତି   ଜେମାଙ୍କର ପତି
ତେବେ ପଡ଼ୁ ହୁଳହୁଳି ।
ହୁଅ ଅଗ୍ନି ଜାଳି   ହେଉ ଏହି ସାକ୍ଷୀ
ଆଉ ନକର ସନ୍ଦେହ
ନିଜ ଘର ଏବେ   କରନ୍ତୁ ବନ୍ଧନ
ଅର୍ଦ୍ଧାଅର୍ପି ହୁଅ ଦେହ ।
ଯେଉଁ ଭାବନାରେ   ପୂରୁ ଆସିଥିଲୁ
ପ୍ରତ୍ୟକ୍ଷେ ପାଇଲୁ ସଖୀ
ଆସ ଜେମା ମଣି   ଅର୍ପ ଇଚ୍ଛା ମାଳା
ଶ୍ରୀ ଚରଣେ ଲକ୍ଷ ରଖି ।
ଗଡ଼ରୁ ନ ମଣି   ଗୌରବ ସଙ୍ଗେ
ଦେଖାଅ ବିଶାଳ ବକ୍ଷ
ଉଭୟଙ୍କ ପ୍ରାଣ   ଏକ କର ଆଣି
ଅନ୍ୟେ ନ ଫେରାଅ ଲକ୍ଷ୍ୟ ।
ହସି ପ୍ରଫୁଲ୍ଲରେ   ସୁନ୍ଦର ସୁବୀର
ଜେମା ପାଶେ ହେଲେ ଉଭା
ଶଚୀ ଇନ୍ଦ୍ର ସମ   ବିରାଜିଲୁ କାନ୍ତ
ଧରଣୀ ପାଇଲୁ ଶୋଭା ।
ସଖୀଙ୍କ ଆଦେଶେ   କାଦେମ୍ବିଣୀ [1] ଦେଲେ
ବୀର କଣ୍ଠେ ପୁଷ୍ପ ହାର
ପ୍ରାଣର ଦେବତା   ଭାବି ନେଲୁ ମନେ
ପୁଣି ଅର୍ପି ଅଙ୍ଗଭାର । ★

୧. ଦକ୍ଷିଣ ଓଡ଼ିଶାର ଲୋକକଣ୍ଠରେ 'କାଦମ୍ବିନୀ' ଶବ୍ଦଟି 'କାଦେମ୍ବିଣୀ' ରୂପେ ଉଚ୍ଚାରିତ ହେଉଥିବା ଶୁଣାଯାଏ । ଅଞ୍ଚଳର ଉଚ୍ଚାରଣରେ ଅଭ୍ୟସ୍ତ ଥିବାରୁ କବି କାଦମ୍ବିନୀ ପରିବର୍ତ୍ତେ କାଦେମ୍ବିଣୀ ଲେଖିଥିବା ମନେହୁଏ । କିନ୍ତୁ ଶବ୍ଦଟି କାଦମ୍ବିନୀ ହେବା ସମୀଚୀନ ।

(ସଂପାଦକ)

★ରଚନା କାଳ-୧୯୩୪

Digitized by srujanika@gmail.com

ଆଶାଘାତ

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ଆଶାବାଟ (୧୯୩୫) ହେଉଛି, ମନ୍ମଥ କଳ୍ପନାର ଆଧାରରେ ରଚିତ ଏକ ଖଣ୍ଡ କାବ୍ୟ । ହାତ ଲେଖା ପୋଥି-ପତ୍ରରେ ଏହା ଅତ୍ୟନ୍ତ ଜୀର୍ଣ୍ଣ ଅବସ୍ଥାରେ ଥିଲା, ଅଦ୍ୟାବଧି କୌଣସି ପତ୍ର-ପତ୍ରିକାରେ ପ୍ରକାଶ ପାଇ-ନଥିଲା ।

କାବ୍ୟସ୍ଥ ନାୟିକ କବିଙ୍କର ଅନୁଭବରୁ ପ୍ରତୀତ ହୁଏ ଯେ,ଆଶାର ରସସ୍ଥଳୀ ହୋଇଛି ଏଇ ଜଗତ । ଏଠି ମଣିଷର ମନୋଭୂମିରେ ଆଶାର ନୃତ୍ୟ ନାଟ ଚାଲିଛି । ଆଶାବାଟର ମହକୁମାରେ ବିବିଧ କଳରବର ଗୁଂଜରଣ ଏବଂ ବିଚିତ୍ର ରୂପରାଗର ସମ୍ମୋହନରେ ମଣିଷ କିପରି ପୀଡ଼ିତ ତାହାର ଏକ ଇଙ୍ଗିତାତ୍ମକ ଚିତ୍ର କାବ୍ୟଟିର ବିଭିନ୍ନ ଛନ୍ଦରେ କବି ପ୍ରଦାନ କରିଛନ୍ତି ।

କାବ୍ୟଟିର ଥିମ୍‌ରୁ ସୂଚନା ମିଳେ ଯେ, ଜଗତର ପ୍ରତ୍ୟେକ ଜୀବ ବା ବସ୍ତୁ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ଏଇ ତିନୋଟି ପ୍ରଲୋଭନର ଶିକାର ହୁଅନ୍ତି । ତେଣୁ ଏହାକୁ ଭୋଗ କରିବା ଲାଗି ସେମାନଙ୍କ ଠାରେ ଏତେ ଆଶାର ଉଦ୍ଦୀପନା ! କି ନାରୀ କି ପୁରୁଷ ଏପରି କି ପ୍ରକୃତିର ବସ୍ତୁ ଜଗତ ମଧ୍ୟ ଏ ଗୁଡ଼ିକର ଆକର୍ଷଣରେ ମିଳନ ଲାଗି ଆଶାବାଦୀ ହୋଇ ଉଠନ୍ତି । କିନ୍ତୁ ସେମାନଙ୍କର କ୍ଷୁଧିତ ମନ ଯଦି ତାମସ ଉଲ୍ଲାସରେ ସବୁ କିଛି ଭୋଗ କରିବା ଲାଗି ମନ ବଳାଏ ତେବେ ସମାଜରେ ଅବକ୍ଷୟପୂର ମାତ୍ରାବୃଦ୍ଧି ଘଟିବା ନିଶ୍ଚିତ । ଏହା ହିଁ ହେଉଛି କବିଙ୍କର ନିଜସ୍ୱ ଅଙ୍ଗୀକାର (Commitment) ।

କବି, ଏକାନ୍ତ ବ୍ୟକ୍ତିଗତ ଅନୁଭବ ଓ ପରିସ୍ଥିତିକୁ ଲଳିତ ଅଭିବ୍ୟକ୍ତି ଜରିଆରେ ପ୍ରକାଶ କରିଥିବାର ଦୃଷ୍ଟାନ୍ତ ଏଠି ବିଦ୍ୟମାନ । ଜଣେ ଦାରିଦ୍ର୍ୟାରମଣୀର ଅବସ୍ଥା ଅବଲୋକନ କରି ଜଣେ ସୁଖ ଭୋଗୀ ନାରୀର ସହାନୁଭୂତି ଏବଂ ଉଭୟଙ୍କର ଆତ୍ମିକ ସଂଳାପ କାବ୍ୟଟିର ଅନ୍ତଃ ଧାରାରେ ପ୍ରବହମାନ । କାବ୍ୟଟି କାହାଣୀ ସର୍ବସ୍ୱ ନୁହେଁ,ଭାବ-ସର୍ବସ୍ୱ ।

(କ୍ଷେତ୍ରବାସୀ ନାୟକ/ସଂପାଦକ)

Digitized by srujanika@gmail.com

ଆଗୋହାଟ

ଇଙ୍ଗିତେ କେ ଆସି ଇଙ୍ଗିତ ପ୍ରକାଶି
ଇଙ୍ଗିତେ ଢାଳ ଅପାଙ୍ଗ
ଇଙ୍ଗିତେ ସୁହାସି ଇଙ୍ଗିତେ ପରଶି
ଇଙ୍ଗିତେ ସଜାଇ ରଙ୍ଗ ।
ଇଙ୍ଗିତେ ଆଳାପି ଇଙ୍ଗିତେ କଳାପି
କ ଇଙ୍ଗିତ ଅନୁରାଗ
ଇଙ୍ଗିତେ ପୀରତି ଇଙ୍ଗିତର ଗତି
ଇଙ୍ଗିତେ ଆଣେ ସୁହାଗ ।
ଇଙ୍ଗିତର ଛନ୍ଦ ଇଙ୍ଗିତେ ବଚନ୍ଦ
ଇଙ୍ଗିତେ ଆଙ୍କେ ଅଙ୍କନ
ଇଙ୍ଗିତ ଆମୋଦ ଇଙ୍ଗିତ ପ୍ରମୋଦ
ଇଙ୍ଗିତେ ଗୁଲେ ଚରଣ ।
ଇଙ୍ଗିତେ ଉଚ୍ଚାଟ ଇଙ୍ଗିତରେ ନାଟ
ଇଙ୍ଗିତେ ଓଠାରେ ମନ
ଇଙ୍ଗିତ ଶୋଭମା ଇଙ୍ଗିତେ ମୋହମା
ଇଙ୍ଗିତ ଢାଳେ ଭୁବନ ।
ଇଙ୍ଗିତର ଭାଷା ଇଙ୍ଗିତ ଲାଲସା
ଇଙ୍ଗିତେ ସବୁ ଦେଖାଏ
ଇଙ୍ଗିତେ ମୁ ରୁକ ଇଙ୍ଗିତେ ପରକ ୧
ଇଙ୍ଗିତ ହାସ ଖେଳାଏ ।
ଇଙ୍ଗିତରେ ଡାକ ଇଙ୍ଗିତରେ ଫାଙ୍କି
ଇଙ୍ଗିତେ ଭୁଲାଏ ଚିତ୍ତ
ଇଙ୍ଗିତ ଅଞ୍ଜନ ଇଙ୍ଗିତ ନୟନ
ବୋଲା ଡ଼ୋଳାରେ ଇଙ୍ଗିତ ।

---

୧. 'ପରଙ୍କ' ଅର୍ଥରେ ଗ୍ରହଣୀୟ ।

Digitized by srujanika@gmail.com

ଇଙ୍ଗିତରେ ଠାର   ଇଙ୍ଗିତେ ଓଠାର
ଇଙ୍ଗିତେ ଘୂଳି ଚରଣ
ଅଙ୍ଗ ଦେଇ ଢାଳ   ମାରି କରି ତାଳ
ନୃତ୍ୟ ଛନ୍ଦାଏ ବନ୍ଧନ ।
ଇଙ୍ଗିତର ଦ୍ୱାର   ଖୋଲି ଚମତ୍କାର
ଇଙ୍ଗିତରେ ନଏ ଟାଣି
ଇଙ୍ଗିତ ଓଲଟ   ଇଙ୍ଗିତ ଉଚାଟ
ଇଙ୍ଗିତ ଆଣେ ଉଜାଣି ।
ଇଙ୍ଗିତରେ ଉଠି   ଇଙ୍ଗିତରେ ସୃଷ୍ଟି
ଇଙ୍ଗିତେ ଘେରାଏ ହୃଦ
ଇଙ୍ଗିତ ସ୍ରୋତରେ   ଇଙ୍ଗିତ ତଟରେ
ଫୁଟାଏ ସ୍ୱେଦ କୁମୁଦ ।
ଇଙ୍ଗିତର ଗନ୍ଧ   ଇଙ୍ଗିତ ସମ୍ବନ୍ଧ
ଇଙ୍ଗିତରେ ଯାଏ ଭରି
ଇଙ୍ଗିତରେ ଧାଏଁ   ଇଙ୍ଗିତେ ଅନାଏ
ଆସେ ଅଶ୍ରୁ ବିନ୍ଦୁ ଝରି ।
ଇଙ୍ଗିତେ ଚମକି   ଡାକେ ସଖି ସଖି !
ଆସ ମୋ ଦେଖିବ ହାଟ
ଦେଖି ଏହି ପଥ   ଦେଖ ଏହି ରଥ
ଦେଖ ଦେଖ ଏହି ବାଟ ।
ଧରି ସଖି କର   ଘୂଲେ ତର ତର
ପୁଲକେ ପୁଲକ ଧରି
ପୁଲକ ବାସନା   ପୁଲକ କାମନା
ଆପଣାକୁ ଆପେ ବରି ।
କିଏ ଗୋ ସୁନ୍ଦରୀ   କରେ କର ଧରି
କାହିଁକି ନେଉଛୁ ମୋତେ
ଆରେ କଉଶଳୀ   ହୋଇ କୁତୂହଳୀ
ଦେଖାଉ ମତ୍ତ ମହତେ ।

Digitized by srujanika@gmail.com

ଅସ୍ତି କି ମହତ ଏ ସାରା ଜଗତ
ସତ୍ୟରେ ସତ୍ୟ ବନାଇ
ସତ୍ୟ ତାର ସାର କେ ବୁଝେ ବସ୍ତୁର
ପୂର୍ଣ୍ଣତା ସତ୍ୟେ ମିଶାଇ ।
ସତ୍ୟର ମହତ ସତ୍ୟର ଜାଗ୍ରତ
ସତ୍ୟରେ କେ ଭରେ ପ୍ରାଣେ
ସତ୍ୟ ଅଟେ ବନ୍ଧୁ ସତ୍ୟେ ବାନ୍ଧେ ସିନ୍ଧୁ
ସତ୍ୟ ତରଙ୍ଗ ଉଜାଣେ ।
ସତ୍ୟରେ ଗଗନ ସତ୍ୟରେ ପବନ
ସତ୍ୟ ରଖିଛି ବ୍ରହ୍ମାଣ୍ଡ
ସତ୍ୟରେ ଧରଣୀ ବୁହାଏ ତରଣି
ସତ୍ୟେ ଭରି ସତ୍ୟ ଭାଣ୍ଡ ।
ସତ୍ୟ ଯେବେ ସତ ଅସ୍ତି ମୁଁ ଜଗତ
ସତ୍ୟରେ ପ୍ରାଣ ବଞ୍ଚଇ
ସତ୍ୟ ମୋର ଲକ୍ଷ୍ୟ ସତ୍ୟ ମୋର ବକ୍ଷ
ନିତି ସତ୍ୟରେ ଝୁଲଇ ।
ସତ୍ୟ ମୋର ସାକ୍ଷୀ ବୁକେ ସତ୍ୟ ଜ୍ଞାନ
ବାହିନଏ ସତ୍ୟ ବୀଣା
ଉଠେ ସତ୍ୟ ଗାନ ମିଶେ ସତ୍ୟ ତାନ
ଝଙ୍କାରେ ନାଚେ ନବୀନା ।
ସତ୍ୟର ସଂଗୀତ ସତ୍ୟେ ସାଧେ ହିତ
ସତ୍ୟ ବରି ଆଣେ ଧର୍ମ
ଧର୍ମର ଉପରେ ସତ୍ୟ ନୃତ୍ୟ କରେ
ଆବୋରି ସତ୍ୟ ଜନମ ।
ସତ୍ୟର ଦୁଆର କେ ଖୋଲି ନପାର
ବୃଥା ନ ଦେଖା ଭେଳକ
ଯାଅ ଯାଅ ସଖି ! ନ ଗୁହଁ ଚମକି
ଫେରି ନ ଆସ ଏଣିକି ।

Digitized by srujanika@gmail.com

ଚାହିଁଛି ମୁଁ ତତେ ତୁ ଚାହିଁଛୁ ମତେ
କହିଁ କପଟ ପୀରତି
ନ ଦେଖା ନଦେଖା ସ୍ନେହ ଶୁନ୍ନରେଖା
ଚଳାଇ ଚପଳ ଗତି ।
ଦୂରେ ଚାଲିଯାଅ ସ୍ନେହ ରଖିଥାଅ
ସତ୍ୟ ଜାଗ୍ରତ ଜୀବନେ
କମଳେ କମଳ ଜାକି ଧରି ଚଳ
ଭରି ନୟନ ନୟନେ ।
ଶୁଣ ପ୍ରାଣ ସଖି ! ତୋ ସ୍ନେହ ଉପେକ୍ଷି
କେଉଁଠାକୁ ଯିବ କହ
ମଧୁର ଜୀବନେ ମଧୁର ମିଳନେ
ମରମ କପାଇଁ ଦହ ।
ମଧୁର ପୀରତି ମଧୁର କୀରତି
ମଧୁର ସକଳ ଆଜ
ମଧୁର ଆମୋଦ ମଧୁର ପ୍ରମୋଦ
ମଧୁ ଆସେ ମଧୁ ସାଜ ।
ତୋ ମଧୁର ଭାଷା ବଢ଼ାଏ ଲାଳସା
ମଧୁ ସଙ୍ଗେ ମଧୁ ମାଖି
ତୋ ମଧୁ ଅଧରେ କି ଅମୃତ ଝରେ
ମଧୁ ପ୍ରେମେ ଯାଏ ଚାଖି ।
ମଧୁର ସୁଢ଼ଳ ତୋ ମୁଖ ମଣ୍ଡଳ
ମଧୁର ଅଟେ ଚାହାଣି
ବକଚ ନୟନୀ ସୁହାସ ହାସିନୀ
ଢାଳୁ ଛଣା ସୁଧାବାଣୀ ।
ମଧୁର ଇଙ୍ଗିତେ ମଧୁ ପ୍ରେମ ଚିତ୍ତେ
ମଧୁ ପ୍ରେମେ ନେଉ ହରି
ମଧୁର ମାଧୁରୀ ସୌନ୍ଦର୍ଯ୍ୟରେ ପୂରି
ଭାବ ଆଣେ ଭାବ ଭରି ।

Digitized by srujanika@gmail.com

କି ସୁଖ ସମ୍ପଦ   କି ମଧୁ ଆନନ୍ଦ
ମଧୁରେ ଦେଉ ଉଲ୍ଲାସ
ମଧୁର କାନନେ   ବୁଲି ଇଚ୍ଛା ମନେ
ତୋଳି ପୁଷ୍ପଭର ବାସ ।
ସୁମନ ସୁବାସ   ପୂରାଏ ମୋ ଆଶ
ମଧୁ ଆଣେ ଗୁନ୍ଥେ ମାଳା
ଦେଖା ବକ୍ଷ ଦେଶ   ମଣ୍ଡିବା ଉଦ୍ଦେଶ
ପୂର୍ଣ୍ଣେ ଭରି ହସେ ଡ଼ାଳ ।
ଏହି ପୁଷ୍ପମାଳା   ସାକ୍ଷୀ ଅଟେ ବାଳା
ଦେଖ ଗୋ ମଧୁର ହାସୀ
ମନ ନଧା କୂଳେ   ମନେ ମନୋ ମୂଳେ
ବାନ୍ଧିବା ମୂଳ ମନସ୍ୱୀ ।
ଭୁଲିଯାଅ ନାହିଁ   ଆସ ପ୍ରାଣ ସହି
ଧୀରେ ଉଠ ଶିଖ ମୂଳେ
ଧୀରେ ଧୀରେ ଦେଖ   ସଙ୍କେତେ ଉଲ୍ଲେଖ
କିସ ଅଛି ଇଚ୍ଛା ଫୁଲେ ।
ହାସେ ଇନ୍ଦୁ ମୁଖି   ପୁଲକାଇ ସ୍ମୃତି
ଢ଼ାଳେ ଜ୍ୟୋତ୍ସ୍ନା ସୁ ପ୍ରସନ୍ନା
କିରଣର ଧାର   ନିଏ ମଧୁ ସାର
ପୂର୍ଣ୍ଣ ପୁଲକ ବାସନା ।
ଧୀରେ ସୁବାସନା   ନାଚଇ କାମନା
କଳ କଳ କଳ ନାଦେ
ମଧୁର ଭଙ୍ଗିମା   ମଧୁ ଆମୋଦିମା
ଧୀରେ ନାଚଇ ଆନନ୍ଦେ ।
ଧୀରେ ସମୀରଣ   ଧୀରେ ଆସିବନ
ଛୁଇଁଯାଏ ବାସ ଫୁଲ
ଧୀରେ ଟେକ ମଥା   ଧୀରେ କହେ କଥା
ଗୁପତ ଭାବ ମଞ୍ଜୁଳ ।

Digitized by srujanika@gmail.com

ଆସ ପ୍ରାଣ ସଖୀ ଦୟା ସ୍ନେହେ ରଖି
ବାହିବା ମୁରଲୀ ଗାନ
ଧୀରେ ଧୀରେ ସ୍ୱର ମିଶିବ ଅନ୍ତର
ମାନଧରି ମଧୁ ତାନ ।
ଦେଖ ଏ ସଙ୍ଗୀତ କରେ ପୁଲକିତ
ମାଜଇ ମାନସ ଆଜ
ଧୀରେ କେ ନାଚଇ ନୂପୁର ବଜାଇ
ବନ ଲତା ଦିଏ ମାଜ ।
ଦେଖ ବନ ଲତା ଧରେ କି ଶୋଭିତା
ସଜାଏ ସୁମନ ଦୋଳା
ସୁମନ ସାଜଇ ସୁମନ ହସଇ
ଇଙ୍ଗିତେ ଖେଳାଇ ଡୋଳା ।
ଦେଖ ମୋ କୁଟୀର ସୁନ୍ଦରେ ସୁନ୍ଦର
ହରି ନିଏ ସବୁ ମନ
ସ୍ୱରଗରୁ ବଳି ଅଟେ ସୁଖସ୍ଥଳୀ
ଧରିଛି ଶୋଭା ଭୁବନ ।
ମୋ ସଂସାର ଚିତ୍ର ଅଟେ କି ବିଚିତ୍ର
ତୁଳିକା ଧରି ମୋ କରେ
ତୁଳି ନିଏ ସବୁ ହାଙ୍କି ଦିଏ ଗବୁ
ଆପଣା କର୍ମ ଚିତ୍ରରେ ।
ନିତି ନିତି ମନ କରେ ଉଚ୍ଚାଟନ
ଟେକାଏ ପକାଏ ତୋଳି
କରଇ ଆଦର ଦେଖାଏ ସଂସାର
ସ୍ନେହ ପବନରେ ଦୋଳି ।
ଯାଏ କେ ଆସଇ ମୋ ରଙ୍ଗେ ରସଇ
ଖେଳଇ ମୋ ହାସ୍ୟ ରଙ୍ଗେ
ମାଧୁର୍ଯ୍ୟ ସୌନ୍ଦର୍ଯ୍ୟ ଟାଳି ନିଏ ଧୈର୍ଯ୍ୟ
ମିଶାଇ ଆପଣା ସଙ୍ଗେ ।

Digitized by srujanika@gmail.com

ସୁଖ କ୍ରୀଡ଼ା ସ୍ଥଳେ   ଆପେ ନଜେ ଚଳେ
କରମ ସାଧେ ଇଚ୍ଛାରେ
ମଧୁର ମଧୁର   ସକଳ ମଧୁର
ଭବ ପ୍ରୀତ ମୋର ଦ୍ୱାରେ ।
ତୁମେ କପାଁ ସହି !   ହେଉଛ ବରଣୀ
ମତେ ଦେଖ ଭିନ୍ନାକାର
ମୋର ଭବ ପ୍ରୀତ   ମଣ ତୁଚ୍ଛ ସ୍ୱୀତ
ବୁଝ ନାହିଁ କାରବାର ।
ନଜର କୁଟୀରେ   ନଜର ସୁଖରେ
ବସିଅଛୁ ଦ୍ୱାର ଦେଇ
କଏ ବଳେ ଆସି   ଭାବେ ହସି ହସି
ପ୍ରାଣ ଦେଉ ମନ ନେଇ ।
ସୁନ୍ଦର ବଦନ   ମୋହର ନୟନ
କେବେ ଦେଖି ନାହିଁ ନାହିଁ
ନାହିଁ ପରିଚୟ   ସଂପୂର୍ଣ୍ଣ ସଦୟ
ଅଜାଡ଼ ଦେଉ କପାଇଁ ।
ନାହିଁ ମୋ ଭାବନା   ନାହିଁ ମୋ କାମନା
ନାହିଁ ଲୋଡ଼ା! ପ୍ରୀତ ଖେଳା
ବପଦ ଆପଦ   ଅଟେ ମୋ ସମ୍ପଦ
ନଜ ସୁଖେ ଅଛୁ ଭୋଳା ।
ପଥର ପାଥେୟ   କରେ ସବ ଜୟ
କ କରିପାରେ ଲାଞ୍ଛନା
ମନ ଇଚ୍ଛା ବରେ   ସ୍ନେହ ବଷାଦରେ
ପୂର୍ଣ୍ଣ କେ କରେ କାମନା ।
ପରାଣର ଗୀତ   ଉଠାଏ ସଙ୍ଗୀତ
ବଜାଇ ମରମ ବୀଣା
ଆସେ ବୀଣା ସ୍ୱର   ମିଶେ ହୃଦ ପୁର
ନୁହଁଇ ମୁଁ କାର ବୀଣା ।

Digitized by srujanika@gmail.com

ଅଛି ମୁହିଁ ଦୂରେ   ଅଛି ମୁଁ ବାହାରେ
କପାଳରେ ମାରି କରେ
ମୋ ହୃଦ ବେଦନା   ମୋ ମନ ଭାବନା
ନକହେ କାହାକୁ ଥରେ ।
ଏକାକୀ ଏ ବନେ   ଏକାକୀ ଜୀବନେ
ସାକ୍ଷୀ ରଖି ମୋର ମନ
ଗୋପନରେ ବସି   ଗୋପନରେ ହସି
କଟାଇ ମୋର ଜୀବନ ।

ସୁଖେ ଚାଲେ ଦିନ   ନ ବୋଲଏ ହୀନ
ଅଜଣା ଅଶୁଣା ମୁହିଁ
ଜାଳଇ ଆଲୋକ   ନପଡ଼େ ପଲକ
ଅଶ୍ରୁ ନିଏ ସବୁ ଧୋଇ ।
ସେନେହ ସୁହାଗ   ଦେଖି ପଥ ଆଗ
ଚାରିପାଖେ ଅଛି ଘେରି
ଅନୁରାଗ ମାଖି   ପ୍ରେମ ଗନ୍ଧ ଯାକି
ଚାଲିଯାଏ କିଏ ଫେରି ।

କାହାର ସମ୍ବନ୍ଧ   ନ କରଏ ଅନ୍ଧ
ଠାରି ନାହିଁ କା' ଛଳନା
କା'ର ମାୟା ଗୁମ୍ଫା   ନ ଘୋଡ଼ାଏ କାୟା
ନବୁଡ଼ାଏ କା' କଳ୍ପନା ।
ତୁମେ ହାତ ଧରି   ନଟାଣ ସୁନ୍ଦରୀ
ବୃଥା ଦେଖାଇ ମୋହିନୀ
ତୁମର ମହତେ   ତୁମର ଜଗତେ
ଚାଲିଯାଅ ଗୋ ଶୋଭିନୀ ।
ଫେରିଯାଅ ମିତ   ଫେର ଭଲ ହିତ
ନକର ଅନୁଶୋଚନା
ଥିଲେ ଅପରାଧ   କ୍ଷମ ନୋହି କ୍ରୋଧ
ଘେନ ଅନ୍ତର ଯାତନା ।

Digitized by srujanika@gmail.com

ସାହାସ ନଥାଇ   କମ୍ପା ଆସ ଧାଇଁ
ଦୁଃସାହସ ବୁକେ ବହି
ନିଜ ତଳେ ନିଜେ   କର କର ବଜେ
ଆସ ନାହିଁ କଥା କହି ।

ଆଜ ତବ ଦେଖା   ଯେଉଁ ପ୍ରେମ ଲେଖା
ଭୁଲିବାର ନୁହେ ସତ
ଚିର ପ୍ରିୟ ତବ   ହସି ଖେଳେ ସବ
ମୁଖ ଉର୍ଦ୍ଧି ଆରକତ ।
ରକତେ ରକତ   ରଖିଛ ମହତ
ଗଲି ଗୃହେ ଦେଲି ଦ୍ୱାର
କେବେ ମୁଁ ଫେରିବି   କହି ନ ପାରିବି
କେ ଆଣି ପାରେ ବିଚ୍ଛୁର ।
ମୁଁ ଚିର ଦୁଃଖିନୀ   ମୁଁ ଚିର ସୁଖିନୀ
ମୁଁ ହିଁ ଅଟେ ରାଜେଶ୍ୱରୀ
ଘେନ ମୋର ବାଣୀ   ଦିଅ ଗୋ ମେଲାଣି
ଗଲି ମୋ କପାଳ ଧରି ।
ଡ଼ାକଇ ମୋହିନୀ   ଆସ ପ୍ରାଣ ଧନ !
ରୋଧ କର ନାହିଁ ଦ୍ୱାର
ଆସ ସୁହାସିନୀ   ଗୋ ଅନୁରାଗିଣୀ
କର ନାହିଁ ଅବିଚ୍ଛୁର ।
ଦେଖ ଦେଖ ଆଳି   ଏହି ଫୁଟା କୋଳି
ଶିଶିର ଦିଅଇ ଝଳି
ଆସଇ ପବନ   ଦେଖଇ ବଦନ
ଛୁଇଁଯାଏ ଢ଼ଳି ଢ଼ଳି ।
ଲକ୍ଷ୍ୟ ଷେଫେ ଅଳି   ହୃଦ ଯାଏ କଳି
ଗୁଞ୍ଜନ ବୁଲେ କାନନ
ତାନର ମାଧୁରୀ   ଗାନେ ଯାଏ ପୂରି
ଗଣ୍ଡରେ ରଖି ଚୁମ୍ବନ ।

Digitized by srujanika@gmail.com

ପାନ କରି ସୁଧା   ବାରିବାକୁ କ୍ଷୁଧା
ଇଙ୍ଗିତେ ରଖି ଗୃହାଣି
ଶରମେ ଶରମ   ନଚେଇ ବଦନ
ଛପ୍ରେ ଲୁଚେ ଫୁଲ ରାଣୀ ।
ପ୍ରଣୟ ପୀରତି   ଜାକି ରଖେ ନିତି
ଲୁଚି ରହେ ପତ୍ର ତଳେ
ନ କହଇ କଥା   ନଟେକଇ ମଥା
ଜାଳେ ମର୍ମ ଦଗ୍‌ଧାନଳେ ।
ବିରହ କାତରେ   ଆପଣା ଅନ୍ତରେ
ଭାବନା ରଖେ ସାଇତି
ନିଜ ପରିଚୟ   ନ ଦେଇ ଅଭୟ
ଚମକି ଉଠଇ ଚେତି ।
ରଖି ମନେ ମାନ   କମ୍ପାଏ ପରାଣ
କରେ ନାହିଁ ମଧୁଦାନ
ମୁରୁକି ହାସରେ   ବୁଡ଼ାଏ ପ୍ରେମରେ
ସୁଗନ୍ଧେ ଅଳି ଅଜ୍ଞାନ ।
ରଖି ମଧୁ ଆଶା   ଖେଳାଏ ଲାଳସା
ଡ଼ାକଇଏ କର ଯୋଡ଼ି
ନିଷ୍ଠୁର କଳିକା   କପାଁ ହୁଅ ଫିକା
ବନ୍ଦଇ ଚରଣେ ପଡ଼ି ।
ହର୍ଷେ ମଧୁ ପିଇ   ଯିବ ଗୀତ ଗାଇ
ବୋଲାଇବ "ପୁଷ୍ପ ବନ୍ଧୁ
ଏହି ପ୍ରେମ ଛବି   ଦେଖି ସର୍ବେ ଦ୍ରବି
ମାନବେ ଉଭୟେ ବନ୍ଧୁ ।
ଅଳ୍ପ ଦରହାସୀ   ଭାଷେ ଶୁଭ୍ର କେଶୀ
ଏହା ନୁହେ ପ୍ରେମ ମୂର୍ତ୍ତି
ବାତୁଳେ ବାତୁଳ   ବୋଲଅ ପାଗଳ
ନ ଚହ୍ନ ପ୍ରଣୟ ସ୍ଫୁର୍ତ୍ତି ।

Digitized by srujanika@gmail.com

ରସ ପୂର୍ଣ୍ଣ ରସ ସଞ୍ଚିତ୍ତ ସରସ
ପୂର୍ଣ୍ଣରସ ପୂର୍ଣ୍ଣଭରେ
ତାର ବ୍ୟବହାର ତାର କାରବାର
ସତେକି ବୁଝିବୁ ଥରେ ।
ପିପାସାରେ ଆସି ତୁଚ୍ଛ ପ୍ରେମେ ଭାସି
ନିଗାଡ଼ିବୁ ରସ ସାର
ମତ୍ତ ହିଲ୍ଲୋଳରେ ଆମୋଦ ମୋଦରେ
ଶୋଷିବୁ କାହିଁ ବଗ୍ଗର ।
ଆସିବୁ ତୁ କାହୁଁ ଯିବୁ ଗୃହୁଁ ଗୃହୁଁ
ମେଣ୍ଟିଲେ ତୋର ପିପାସା
ଅଙ୍ଗ ଘୁର ଖାର କରିବୁ ପାମର
ପୂର୍ଣ୍ଣ କର ପୂର୍ଣ୍ଣ ଆଶା ।
ଏ ସୁନ୍ଦର ଝଳ ହରି ନେବୁ ଛଳ
କଳକାଟି ପଦେ ଦଳ
ରେ ଶଠ ନାଗର କପଟତା ଖେର
ଯାଅ ପଥ କଳ କଳ ।
ଏ ଗୃହୁଁ ପୀରତ ଖୋଜିବ ତୋ ଗତ
ଭରି ନେବ ନେହେ ଜଳ
ସେହି ଜଳ ଧାର ସଜାଇବ ଗାର
ବଗ୍ଗର ସବୁ ଅତଳ ।
ତେବେ କିଏ ସାକ୍ଷୀ କହି ଯାଉ ଫାର୍କି
ପଗ୍ଗରେ ଏତତ୍ତ୍ୱ ସାର
ଅଛି କି ରକତ ଅଛି କି ମହତ
ବୁଝି ଖୋଲ ପ୍ରୀତି ଦ୍ୱାର ।
ଏହି ପ୍ରେମ ହାଟେ ଏହି ପ୍ରେମ ବାଟେ
ବୁଲିବ ଇଚ୍ଛା ମନରେ
କୁଞ୍ଜେ କୁଞ୍ଜେ ବନେ ପ୍ରଳାପି ଗୁଞ୍ଜନେ
ପିଇବ ରସ ସ୍ନେହରେ ।

Digitized by srujanika@gmail.com

ତୁମ୍ଭି ଫୁଲେ ଫୁଲେ ଗାଇ ଗୀତ ବୁଲେ
ଆଜକ ଘାତ ଆଘାତ
ଦେଉଛ ମରମେ ନରହି ଶରମେ
ସକଳ କଣ୍ଠ ନପାତ ।

ବଳେ ନେବୁ ରସ ବଳେ ହେବୁ ହର୍ଷ
ନାହିଁ ଶୁଦ୍ଧ ସତ୍ୟ ପ୍ରୀତି
ସତ୍ୟର ସମ୍ଭାର ସତ୍ୟର ବିସ୍ତର
କାହିଁ ମନେ ସତ୍ୟ ମାତ୍ର ।

ସତ୍ୟ ଯେବେ ସତ୍ୟ ସତ୍ୟ ଶୁଦ୍ଧ ମତ
କଳାପେ ଗୁହିଁବ ନାହିଁ
ସତ୍ୟରେ ହସିବ ସତ୍ୟରେ ଖେଳିବ
ସତ୍ୟ ସୁଖେ ଡାଳେ ଥାଇ ।
ସତ୍ୟରେ ଫୁଟିବ ସତ୍ୟରେ ଲୁଟିବ
ସତ୍ୟରେ ମଣ୍ଡିବ ଅଙ୍ଗ
ଝଡ଼ିବ ସତ୍ୟରେ ଧରଣୀ ଉପରେ
ଲୋଡ଼ିବ ନାହିଁ କା ସଙ୍ଗ ।
କହି ସତ୍ୟ ବାଣୀ ଗୁପ୍ତେ ଫୁଲରାଣୀ
ତୃପତେ ଲୁଚିଲା କାହିଁ
ଅଳି ଗଲା ଉଡ଼ି ଦେଖି ଅନ୍ୟ କଢ଼ି
ନିଜ ଇଚ୍ଛା ଗୀତ ଗାଇ ।

ଏହି ଅଭିନୟ ଦେଖି ପ୍ରାଣ ପ୍ରିୟ
ଲୁଚୁଅ ନାହିଁ ଶ୍ରୀମୁଖ
ଖୋଲି ଦିଅ ଦ୍ୱାର ଖୋଲି ଦିଅ ଦ୍ୱାର
ଅନ୍ତରୁ ନିଅ ମୋ ଦୁଃଖ ।

Digitized by srujanika@gmail.com

ପଦ୍ମିଣୀ କହଇ ଶୁଣ ପ୍ରାଣ ସଖି
ମୁହିଁ ତବ ସହଚରୀ
ତୁମର ମୋହର ଅନ୍ତରେ ଅନ୍ତର
ଭାବ ଆଣେ ପ୍ରେମ ଭର ।
ଯାଉଛି ଆସୁଛି ସବୁତ ଛୁଉଁଛି
ବାହେ ଜୀବନ ତରଣୀ
ଧନ ଜନ ପ୍ରେମ ନାହିଁ ତହିଁ ସ୍ନେହ
ଆପଣାକୁ ନଏ ଗଣି ।
ନାହିଁ ମୋ ଆକୁଳ ନାହିଁ ମୋ ଚଞ୍ଚଳ
ବସିଛି ଏକା ବିଜନେ
ମୁରଲୀଟି ଧରି ବାଏ ଧିରି ଧିରି
ତାନ ମାଧୁରୀ ମିଳନେ ।
ତୁମେ ଆବାହନ କର ଭରି ପ୍ରାଣ
ନିମିଷକ ସୁଖ ପାଇଁ
ଭୁଲାଅ ମୋହରେ ଫୁଲାଅ କଥାରେ
ତବ ଯଶ କୀର୍ତ୍ତି ଗାଇ ।
ଡାକ ବାରମ୍ବାର ଦିଅ ଉପହାର
ବଳେ ଯାଚି ସ୍ନେହ କରେ
ତୁମ୍ଭର ବିଧାନ ସାଧେ ଅଭିମାନ
ପ୍ରେମ ହ୍ରଦ ଜର ଜରେ ।
ଗୃହେଁ ନାହିଁ ତାହା ଲୋଡ଼େ ନାହିଁ ସାହା
ଜଗତେ ଯା ଅଛି ସୁଖ
ଗୃହେଁ ନାହିଁ ଗଳା ତବ ପୁଷ୍ପ ମାଳା
ଗୃହେଁ ନାହିଁ କାହା ମୁଖ ।
ମୋର ଇଚ୍ଛା ସଙ୍ଗେ ବୁଲେ ନାନା ରଙ୍ଗେ
ଖୋଜି ଆଣେ ତତ୍ତ୍ୱ ସାର
ସରଳ ପୀରତି ଡ଼ାଳ ନିତି ନିତି
ଯାଚିଦିଏ ଉପହାର ।

Digitized by srujanika@gmail.com

ମୋହର ଜୀବନ ପାଇ ନାହିଁ ଦାନ
ସମାଜର ସନମାନ
ସମାନ ଗୌରବ ସମାନ ବିଭବ
ସମାନ କର୍ମ ଆସନ ।
ବସି ଦିନ ରାତି ଭାବ ଭରେ ମାତି
ନବ ନବ କଲପନା
କଳ୍ପନାର ଛବି ଲେଖିଯାଏ ଦ୍ରବି
ପୂରାଏ ପୂର୍ଣ୍ଣ କାମନା ।
ଏ ମହା ସଂସାରେ ବିରାଟ ହାଟରେ
ଏତିକି ମୋ କାରବାର
ଇଚ୍ଛାଥିଲେ ସହି ଆସ ଦସ୍ତା ବହି
ଦେଖି ବୁଝି ସାରସାର ।
କଳ ଯାଅ ଥରେ ପରାଣ ଅନ୍ତରେ
ପ୍ରବେଶି ମରମ ଦ୍ୱାରେ
କସ ଅଛି ତହିଁ କସ ଯାଏ ବହି
କେଉଁ ଝର କେଉଁଧାରେ ।
କେତେ ଫୁଲ ଫୁଟେ କେତେ ଫୁଲ ଲୁଟେ
କେତେ ଚହଟାଇ ବାସ
କେତେ ଯେ ଲୋତକ ଉଛୁଟାଏ ପଙ୍କ
କେତେ ହାସ କି ଉଲ୍ଲାସ ।
କେତେ ହରଷରେ କେତେ ବିନୟରେ
ପ୍ରେମ ପ୍ରୀତି ରସ ଝରେ
ଆସ ପ୍ରାଣ ସଖୀ ଆସ ଚନ୍ଦ୍ରମୁଖୀ
ଚାଖ ରସ ନଅ ଥରେ ।
ଉଇଁଛି ଚନ୍ଦ୍ରମା ଢାଳଇ ଜୋଛନା
ସାର ଦେଇ ଧରା ପରେ
କେତେ ଆସେ ଝରି କେତେ ଯାଏ ସରି
କେ ଜଗିଅଛି ପଥରେ ।

Digitized by srujanika@gmail.com

ଅପୂର୍ଣ୍ଣ ସଂପୂର୍ଣ୍ଣ   ଏ ଲୀଳା ବିଧାନ
ଲଗିଛି ଜୀବନେ ନିତ
ଥିଲେ ତୋ ସାହାସ   ବେଗେ ଆସ ଆସ
ସାଜ ଯାଅ ନବ କାନ୍ତି ।

ଆସ ଆସ ଧନ   ବସ କିଛି କ୍ଷଣ
ଏ ଜୀବନ ନଘ ଘରେ
ଶୁଣ ଶୁଣ ଶୁଣ   ସେ କଥା ଗୋପନ
ମରମ ଗାଥାଟି ଧୀରେ ।

ମରମ ଭେଦିବ   ପରାଣ କାନ୍ଦିବ
ଶୁଣି ସେ ମରମ ବାଣୀ
ଜୀବନର ତତ୍ତ୍ୱ   ନିଗୂଢ଼ ମହତ୍ତ୍ୱ
ସମ୍ଭବ ହେବ କାହାଣୀ ।

ଉଠିବ ପୁଲକ   ହସିବ ମୁରୁକ
ଭିଜିବ ଶରମ ଜଳେ
ଉତ୍ସାହ ବିହ୍ୱଳ   ହେବଟି ବିଫଳ
ଆଉ ନ ଆସିବ ବଳେ ।

ନହୁଅ କାତର   ନକର ବିଗୁର
ଦେଖାଅ ନାହିଁ ଐଶ୍ୱର୍ଯ୍ୟ
ସ୍ନେହ ଧନଜନ   ନୁହେ ଚିରନ୍ତନ
ରେଖାଅ ନାହିଁ ଗାମ୍ଭୀର୍ଯ୍ୟ ।

ମୋ ମୁରଲୀ ସ୍ୱର   ଡ଼ାକ ଉଚ୍ଚ ସ୍ୱର
ମିଳାଇ ପାରିବ ସବୁ
ପଲକେ ଧରଣୀ   ସଲଖେ ଚିହ୍ନିମି
ଆଣି ନେବ ଭବ ଭବୁ ।

ଛାପିଚ ଅନ୍ତରେ   ଛାପ ହରିପାରେ
ବୁକୁର ମରମ ବ୍ୟଥା
ସକଳ ବାସନା   ନୀରବ ଯାତନା
ବୁଝି ଆଣେ ପ୍ରାଣ ବ୍ୟଥା ।

Digitized by srujanika@gmail.com

ସକଳ ଆଶାରେ   ଫୁଟେ ଗନ୍ଧ ଭରେ
ଛନ୍ଦରେ ଛନ୍ଦେ ମୋ ବନ୍ଧ
ସକଳ ବାସନା   ସକଳ କାମନା
ଜଳି ଉଠେ ନାଶେ ଅନ୍ଧ ।
ସକଳ ଆପଦ   ସକଳ ବିପଦ
ସବୁ ନିଏ ନିଜ ଅଙ୍ଗେ
ହସାଏ ଉଲ୍ଲାସ   କନ୍ଦାଏ ନିରାଶ
ଉଭୟଙ୍କୁ ଏକ ସଙ୍ଗେ ।
ମୋ ବେଣୁ ବାଜାରେ   ମୋ ଗୁଣ ଗାନରେ
ସବୁକରେ ଅବସାନ
ପିପାସାର ଦାଉ   ବର୍ଷିକା ଭାଉ
ସବୁ ନିଏ ଅପମାନ ।
ସବୁ ଭବ ଶେଷେ   ନିର୍ବାଣ ହରଷେ
ଉଠଇ ବିଜୟ ଗାନ
ଜୟ ଜୟ ଜୟ   ବିଜୟୀର ଜୟ
ମିଶାଅ ପରାଣେ ପ୍ରାଣ ।
ବୁଝିଲି ବୁଝିଲି   ଭାବିଲି ଭାବିଲି
ମନରେ ମନ କାହାଣୀ
ମଣ୍ଡିଲି ମଣ୍ଡିଲି   ଖଣ୍ଡିଲି ଖଣ୍ଡିଲି
ମନ ଅନୁତାପେ ବାଣୀ ।
ଅନ୍ତର ଉଦ୍ୟାନ   ମଣ୍ଡିଛି ସାଧନ
ଖଣ୍ଡିଛି ସକଳ ବାଧା
ହସଇ ବାସନା   ହସଇ କାମନା
ହସେ ମରମ ଶରଧା ।
ତୋ ଅନ୍ତ ସୁନ୍ଦର   ତୋ ଅନ୍ତ ମଧୁର
ସୁନ୍ଦରେ ସୁନ୍ଦର ପୂର୍ଣ୍ଣ
କି ମହତ ପୂର୍ଣ୍ଣ   କି ଭାବ ସୁଗୁଣ
କାହିଁରେ ନାହିଁ ଅପୂର୍ଣ୍ଣ ।

Digitized by srujanika@gmail.com

ଅନ୍ତର ସୁନ୍ଦର ଦେଖି ଚମତ୍କାର
ହେଲି ଆଗୋ ପ୍ରାଣ ସଖୀ
ମୋ ବାହାର ବେଶ ଥରେ ଦେଖି ଆସ
ସ୍ନେହ ପୂର୍ଣ୍ଣ ଦୃଷ୍ଟି ରଖି ।

ଏହି-ରାଜ-ପୁରୀ ଦେଖ ଗୋ ସୁନ୍ଦରୀ
ରାଜ ଦିଶଇ ସୁନ୍ଦର
ଖୋଲି ଅଛି ଦ୍ୱାର ବସିଛି ବଜାର
କ ରସ ହାଟ ମଧୁର ।

ମନର ବଜାର ମନ କାରବାର
ମନ ଅଟେ କଣା ବିକା
ଆସଇ ନବୀନ ଘୂଲଇ ନବୀନ
ରସିକ ରସ ନାୟିକା ।

ବିଶାଳ ନଗର ବିଶାଳେ ସୁନ୍ଦର
ଲାଗିଛି ଆଲୋକ ମାଳା
ପ୍ରତ୍ୟେକ ଆପଣ ୧ ଧରି ଶୋଭା ବନ
ନିର୍ଭୟେ ବୁଲଇ ବାଳା ।

କେହି ଆସେ ବୁଲି କେହି ଯାଏ ଝୁଲି
ଫୁଲେ ଭରି ଫୁଲ ଡାଲି
ପକାଇ ନୟନ କଣଇ ସୁମନ
ହର୍ଷେ ଗୁନ୍ଥି ପୁଷ୍ପ ମାଳା ।

ଗୋଲାପ ମାଧୁରୀ ଦେଖାଏ ଚାତୁରୀ
ଫୁଲେ ସାଜେ ଫୁଲ ଅଙ୍ଗ
ଫୁଲର ବାସନା ପୂରାଏ କାମନା
ଅଙ୍ଗେ ଆଙ୍କି ନାନା ରଙ୍ଗ ।

---

୧. ଆପଣ-ହାଟ, ବଜାର

Digitized by srujanika@gmail.com

ମନ ଆସେ ଢ଼ାଳ ମନ ଯାଏ କଳ
ମନଟି ଅଟେ ସମ୍ରାଟ
ମନ କାରବାର ଅତି ଚମତ୍କାର
ପୁଲକ ହିଲ୍ଲୋଳେ ହାଟ ।
ଥାଟ ଗଣ ଆସି ମାନସ ମନାସି
ହାଟ ବାଟେ ଯାଏ ଠେଲି
ଆଲାପ ଇଙ୍ଗିତେ କଳାପି ସୁ ଛନ୍ଦେ
ଦେଖାଏ କେ ମୋହ ବେଳି । ୧
କେତେ ବା ସୁନ୍ଦରୀ ଆସି ହାଟେ ପୂରି
ନୟନେ ଭରି ପୁଲକ
ସୁ-ଅଧରେ ହାସ କରଇ ମାନସ
କ୍ଷଣେ ପଲକେ ପଲକ ।
ହୀରା ମାଳା ମୋତି ପୂର୍ଣ୍ଣ ଚନ୍ଦ୍ରେ ପୂର୍ତ୍ତି
ତୃପ୍ତେ କରଇ ନବୀନା
ବସନ ଭୂଷଣ ନାନା ଆଭରଣ
ଖେଳାଏ ନବ ଭାବନା ।
ନବୀନ ଉଚ୍ଛାଟେ ଉଠି ନବ ହାଟେ
ନବ ଉତ୍ସାହ କରଇ
ଅଙ୍ଗଟି ପାଗ୍ରେଟି ଅନାଇ ଓଲଟି
ଭାବରେ ଅଙ୍ଗ ମଣ୍ଡଇ ।
କେ କହଇ କଥା କେ ପୋଛଇ ମଥା
କେ ଠାରେ ନୟନ କୋଣେ
କେହି ଡ଼ାକେ ସଖି ଦେଖ ଗୋ ନିରେଖି
ଏହି ଶୋଭା ଏ ଭୁବନେ ।
କହାଁ ଗୋ ସରସୀ ଡ଼ାକ ହସି ହସି
ହାତେ ଅଛି କଉଡ଼ି ?
ଥିଲେ ଆଣ ପଣ କିଣିବା ଭୂଷଣ
ସରମେ ନ ଯାଉ ବୁଡ଼ି ।

---

୧. ବେଳି-ପରିହାସ, ଛଟା, ଛଳନା

Digitized by srujanika@gmail.com

କାହିଁ ଗୋ ସରମ — ଏ ଅଟେ ଭରମ
ସର୍ବ ନିଯୁକ୍ତି କରମେ
କରମର ବାଟ — ଦେଖାଇବ ଘାଟ
ଧରମ ଆସି ଆପଣେ ।

ମନର ପସରା — କି ଦୁଃଖ ପାଶୋରା
ସବୁ ତ ମନ ବଜାର
ମନ ମରୁଭୂମି — କେସ ଯିବ ଚୁମି
ବିନା ମୂଲେ କାରବାର ।

କେ ବୋଲେ ହରଷେ — ଦରିଦ୍ର ପୁରୁଷେ
ଚନ୍ଦ୍ର କି ନାରୀ ରତନ ୧
ରମଣୀର ତୁଲ୍ୟ — କେ ବାନ୍ଧିବ ମୂଲ୍ୟ
ପରାଣ ଦେଇ ବନ୍ଧନ ।

କ୍ଷଣକ ପୀରତି — କରିପାରେ ନତି
ବନ୍ଧନ ଜାଣେ ସଜନୀ
ସୁନ୍ଦର ପିଞ୍ଜରେ — ରଖାଏ ଆଦରେ
ଝୁଲାଏ ଆମୋଦ ଧନି !

ସୁଆଗ ଶିକୁଳି — ଛନ୍ଦେ ଛଳି ଛଳି
ରୋଧେ ପୀରତି କବାଟ
ପୀରତିର ଖେଳା — କି ବୁଡ଼ାଏ ଭେଳା
ମାରି କି ଉଚ୍ଚାଟ ଗ୍ରୁଠ ।

ଅବୋଧ ପକ୍ଷୀଟି — ପଦେ ଯାଏ ଲୋଟି
କା' ସଙ୍ଗ ନକରେ ଦେଖା
ଆପଣା ବୁକୁରେ — ଗୋପନ ଗୁପ୍ତରେ
ଆଙ୍କି ରଖେ ନିଜ ଲେଖା ।

---

୧. ଅନ୍ୟ ଏକ ପାଣ୍ଡୁଲିପିରେ 'ଚନ୍ଦ୍ରେ କି ରମଣୀରତ୍ନ' ବୋଲି ଲେଖା ଅଛି ।

Digitized by srujanika@gmail.com

ଆପଣା କରମ   ମାପଇ ଆଜନ୍ମ
ନିଜ ସୂତ୍ର ଦିଏ ବଳି
ଉତ୍ସାହ କରମ   ସାଧନା ଧରମ
ସଙ୍ଗେ ଦିଏ ପ୍ରାଣ ବଳି ।

ଥିଲେ ଶାନ୍ତ ସୁଖ   ବରି ଆଣି ଦୁଃଖ
ବର୍ଜି କରି ସ୍ୱାଧୀନତା
ଅର୍ପେ ପ୍ରାଣ ମନ   ଅରପେ ଯୌବନ
ନ ରଖି ନିଜସ୍ୱ ସତ୍ତା ।

ବାତୁଳ ବିଧାତା   କଲା ନାହିଁ ଚିନ୍ତା
ଉଭୟଙ୍କୁ ସମ ଜ୍ଞାନେ
ସମ ସ୍ନେହ ଜାଳ   ସମାନରେ ପାଳି
ନେଲା କି ସାଧି ବିଧାନେ ।

କେହି ହେଲା ଉଚ୍ଚ   କେହି ହେଲା ନୀଚ
କିଂତୁ ଅଙ୍ଗ ଏକାକାର
ସମାନ ଜୀବନ   ସମାନ କରମ
ସମାନ ଅଟେ ବିକାର ।

ସବୁ ସମ ଥାଇ   ଭିନ୍ନ କିସ ପାଇଁ
ବୁଝି ନ ପାରେ ସଜନୀ
ଏତକ ବଚନ   ଇଙ୍ଗିତର ଚିହ୍ନ
ଦିବାରେ ଡାକେ ରଜନୀ ।

ଆସି ଏକ ସଖି   ଘଷଇ ମୁରୁକି
ହସ୍ତେ ହସ୍ତ ଦେଇ ଛନ୍ଦି
ତୁମ୍ଭର ବଚନ   ଶୁଣିଲି ମୋ କର୍ଣ୍ଣେ
କିଂତୁ ଏଥିରେ କେ ବନ୍ଦୀ ।

Digitized by srujanika@gmail.com

ଦେଖ ଦେଖ ଥରେ ନୟନ କୋଣରେ
ଏକାକୀ ଭ୍ରମେ ନବୀନା
କହୁ କଣେ ନାହିଁ କହୁ ଦେଖେ ନାହିଁ
ମନେ ଧରି କି ଭାବନା ।
ଉଜ୍ଜ୍ୱଳ ତାରକା କଣି ସେ ନାୟିକା
ରୂପର ମାଧୁରୀ ଭରି
ରୂପର ସାଗରେ ରୂପ ତରଙ୍ଗରେ
ରଙ୍ଗ ଆସେ ଥରି ଥରି ।
ଚଳାଇ ପୟର ବଜାଇ ନୂପୁର
ଏକଲା ଯାଉଛି ଚୁଲି
ନାହିଁ କେ ସଙ୍ଗରେ ନାହିଁ କେ ପଛରେ
ଚୁଲେ ଅଙ୍ଗ ଢ଼ାଳି ଢ଼ାଳି ।
ସୁଖର ବଜାର ସୁଖର ସଂସାର
ଦେଖଇ ସୁଖ ନୟନେ
ଗୁପତ ଗୁପତ ଆଣଇ ତୃପତି
ଧରି ମାନସେ ଜୀବନ ।
ସବୁ ଦେଖି ସତ ! ଭାବେ ନିଜ ମତ
ନାହିଁ କି ଏଥିକି ବାଟ
ମୋହିବାକୁ ମନ ଏ କେଉଁ ସଦନ
ଧିକ ଧିକ ରସ ହାଟ ।
ଫେରାଇ ବଦନ ଚଳାଏ ଗମନ
ବୋଲଇ କି ଅଛି ସାର
ଏ ଭାବନା ଧରି ଚୁଲେ ଧୀରି ଧୀରି
ସକଳ ମଣି ଅସାର ।
ଦୁର୍ଗମର ପଥେ ଚୁଲେ ଇଚ୍ଛା ରଥେ
ଦେଖଇ ନାହିଁ କାହାକୁ
ଭାବେ କି କରିବ କାହାକୁ ଖୋଜିବ
କେହିତ ନାହିଁ ପଛକୁ ।

Digitized by srujanika@gmail.com

ନିଜ ଗୃହେ ଯାଇ   ପ୍ରବେଶିବି ଧାଇଁ
ସବୁତ ଅଟେ ଅଜଣା
ନ ଦେଖେ କାହାକୁ   ଡାକିବି ବା କା'କୁ
ନିଶ୍ଚେ ହେଲି ପଥବଣା ।
ଏତେ ଭାବି ବାଳା   ଶୂନ୍ୟକୁ ଚାହିଁଲା
ଏକାକୀରେ ହେଲା ଠିଆ
ଆପଣାକୁ ବରି   ନିଜେ ଧୈର୍ଯ୍ୟ ଧରି
ଦମ୍ଭରେ ବାନ୍ଧିଲା ହିଆ ।
ଦନ୍ତେ ଦମ୍ଭ ଧରି   ଗୁପ୍ତେ ଡାକେ ହରି
ତୁମ୍ଭେ ଅଟ ମୋ ଭରସା
ଉଦ୍ଧାର କରନ୍ତୁ   ଏ ପ୍ରାଣ ରଖନ୍ତୁ
ପୂର୍ଣ୍ଣ କରି ମୋ ଲାଲସା ।
ଏତେ ଭାବି ସଖି   ଚାହିଁଲା ଚଉଡିତ
ବହୁତ ଦୂରରୁ ଧୀରେ
ଏକଇ ପୁରୁଷ   ହୋଇ ହସ ହସ
ନିକଟକୁ ଆସେ ଝରେ ।
ବୋଲେ କେ ସୁନ୍ଦରୀ   ଯୌବନରେ ପୂରି
ବୁଲୁ ଏ ରସ ବଜାରେ
ଦେଖି ତୋ ବଦନ   ନଚଲେ ନୟନ
ମୂଲ ବାନ୍ଧିଲି ହଜାରେ ।
ହଅ ପରିଚୟ   ନାହିଁ ନାହିଁ ଭୟ
କହ କହ ମନ କଥା
ସଙ୍କୋଚ ସାଗରେ   ନ ବୁଡ଼ କାତରେ
ଲଜ୍ଜାରେ ନ ପୋତ ମଥା ।
ପୁରୁଷର ବାଣୀ   ଶୁଣି ନାରୀ ମଣି
ବୋଲେ ରଖ ମୋର ପ୍ରାଣ
ହୁଡ଼ି ଦେଇ ପଥ   ବରିଛି ବିପଦ
ପଥ ଦେଇ କର ତ୍ରାଣ ।

Digitized by srujanika@gmail.com

ସୀତା ଜଣା ବାଣୀ　　　　ଶୁଣି ଯାର ମଣି
　　ହୋଇ ଚପଳେ ଚଞ୍ଚଳ
ରେ ମନ ମୋହନ !　　　　ମୋହିଲୁ ସଜନୀ
　　କର ମୋ ଇଚ୍ଛା ସଫଳ ।

ଆସ ଆସ ଧନ　　　　ମୋ ନିଜ ଜୀବନ
　　ସୁଖରେ କାଟିବୁ ଦିନ
ମନର କାମନା　　　　ପୂର୍ଣ୍ଣ ହେବ ବାମା
　　ଶରଣ ମାଗୁଛି ଧନ !

ହୃଦୟ ମଣ୍ଡନ　　　　ତାପ ବିମୋଚନ !
　　ରଖ ଚରଣେ ଶରଣ
ଶୂନ୍ୟ ମନ ଥାଳ　　　　ପୂର୍ଣ୍ଣ କର ବାଳ
　　ଭିକ୍ଷାର୍ଥୀ ଅଟେ ଜୀବନ ।

ଏତେ କହି ଯାର　　　　ଧରି ବାଳାକର
　　ବଳେ ଛଳେ ନିଏ ଠାଣି
କୁଟିଳେ କୁଟିଳ　　　　ଭରି ହଳାହଳ
　　ନିବେଦେ ବିନୟ ବାଣୀ ।
ଏହି ଅଭିନୟ　　　　ଆବୋରିଲା ଭୟ
　　ଧାହି ବୋଲେ କୁଳବାଳା
ଧାହି ଧାହି ଧାହି　　　　ହେ ବ୍ରହ୍ମାଣ୍ଡ ସ୍ୱାଇଁ
　　ପ୍ରାଣେ ନିଅ ହୃଦ ଜ୍ୱାଳା ।
ରକ୍ଷା କର ମାନ　　　　ଧନ୍ୟ ଅଭିମାନ
　　ସତ୍ୟେ ଅଛି ଧର୍ମ ସାକ୍ଷୀ
ତୁମେ ଅଛ ମୋର　　　　ମୁଁ ଅଟେ ତୁମର
　　ନାହିଁ ନାହିଁ ମୁଁ ନିର୍ଲକ୍ଷ ।
ଏହି ନରାଧମ　　　　କି କରିବ ଜାଣ
　　ପାଉନାହିଁ ମନେ ଲାଜ
ସଚ୍ଚିତ୍ତ ସମ୍ପତ୍ତି　　　　ନ ଚିହ୍ନି ଦୁର୍ମତି
　　ଅପମାନ ଦିଏ ଆଜ ।

Digitized by srujanika@gmail.com

ପୁରୁଷ ବୋଲାଉ ଲଜ୍ଜାକି ନ ପାଉ
ବଳେ ଧରୁ କୁଳ ନାରୀ
ଆଜ ତୋର ବଳ କଳିବ ଚଣ୍ଡାଳ
ନିଜକୁ ରଖ ଉଦ୍ଧାରି ।
ମଣ୍ଡି ବୁକ ଅଙ୍କ ଚେଜିବୁକି ରଙ୍କ
ତୃପ୍ତ କର କାମାନଳ
ଫୁଲ ଶର କରେ ବାଜୁଛି ବୁକୁରେ
ଆଘାତେ ହେଲୁ ପାଗଳ ।
ଭେଦାଭେଦ ଜ୍ଞାନ ନ ଚିହ୍ନି ଅଜ୍ଞାନ
ଆସିଛୁ ନାଗର ବର
ରସିକ ସୁନ୍ଦର ରସିକାର ବର
ମନ୍ଥିବୁ ବୋଲି ମନ୍ଦର ।
କାହିଁରେ ମନ୍ଥିବୁ ସୁଧା କି ପାଇବୁ
କରିବୁକି ତୃପ୍ତ ଆଶା
ଅଗ୍ନି କୁଣ୍ଡେ ପଡ଼ି ନ ଯାଅରେ ପୋଡ଼ି
ଚଳ ଚଳ ଶୁଣି ଭାଷା ।
ମୂଢ଼ ବୁଦ୍ଧି ଭ୍ରାନ୍ତ ନହୁଅ ଉନ୍ମତ୍ତ
ଚଳିଯାଅ ନିଜ ବାଟେ
ଅସ୍ତ୍ର ହୀନେ ଯୁଦ୍ଧ ନକର ନିବୋଧ
ଭାବ ଦେଖାଇ ଏ ହାଟେ ।
ନାରୀ ବାଣ ଶରେ କୋପିତ କୋପରେ
ହୁଙ୍କାରେ କମ୍ପାଇ ଅଙ୍ଗ
ବୋଲେ ବୀରବର କି ସାହସ ତୋର
କେତେ ଦେଖାଉ ତୋ ରଙ୍ଗ ।
ଦୁର୍ବଳ ସରଳା ଚପଳେ ଚପଳା
ଦେଖାଉ କି ବୀର ମୂର୍ତ୍ତି
ସଂଗ୍ରାମେ ସାହାସ ଅଛିକି ଆଭାସ
ଗରଜ ବଦାନ୍ତର ସ୍ଫୂର୍ତ୍ତି ।

Digitized by srujanika@gmail.com

ସମର ରଙ୍ଗିଣୀ ମତ୍ତ ବୀରମଣି
ତୋର କେଡ଼େ ଚମତ୍କାର
ପୁରୁଷର ସଙ୍ଗେ ରାଗ ଅନୁରାଗେ
ବାକ୍ୟେ ଉଠେ ବାରବାର ।
ଆପଣା ବଳରେ ବାନ୍ଧିବ ବାହୁରେ
ଜୁରିବ ରସ ଭଣ୍ଡାର
ପ୍ରେମ ସୁଧାପାନ କରିବ ଏ ପ୍ରାଣ
ସୁଖାଇ ନେବ ଅଧର ।
ଆଜ ମୋ କାମନା ପୂର୍ଣ୍ଣକର ବାମା
ଧନ୍ୟ ମୁଁ ହେବ ସଂସାରେ
ଥିଲେ କେ ସାହସୀ ରକ୍ଷାକରୁ ଆସି
ତୋର ମୋର ସମ୍ମୁଖରେ ।
ଚୁହିଁ ଗଗନକୁ ବାକ ଆପଣାକୁ
ଟେକିଲା ନିଜର ମୁଖ
ହୃଦ ସରୋବରେ ପୁଲକ ରାଗରେ
ସାହସେ ଭରିଲା ବୁକ ।
ବଦନ ଆକୁଞ୍ଚି ଘେରାଇ ଆପୂର୍ତ୍ତ
ନୟନେ ଜଳେ ଅନଳ
ଭାଷଇ ରାଗରେ ଇଙ୍ଗିତ ହାସରେ
ଦେଖିବୁକ ମୋର ବଳ ।
ବୋଲଉ ପୁରୁଷ କାହିଁ ପଉରୁଷ
ରକ୍ଷା କ କରୁ ଧରମ
କୁଳବାଳା ହର ସାଧୁ କ ଅଇର
ପାଉ କ ନାହୁଁ ଶରମ ।
ସତୀତ୍ୱ ରତନ ଶ୍ରେଷ୍ଠ କର ଧନ
ବୋଲଉ ଧରାରେ ବୀର
ବୀରପଣ ଆଜ ବାଲା ତେଜେ ମାଜ
ଶୁଖାଇବ ତପ୍ତ-ନୀର ।

Digitized by srujanika@gmail.com

ନାରୀ କର ଧରି ପର ନାରୀ ହରି
ରଖି କି ପାରିବୁ ଯଶ
ଆଜ ନାରୀ କରେ ମରିବୁ କାତରେ
ତୁଟିବ ସବୁ ହରଷ ।
ଏତେ କହି କ୍ରୁଦ୍ଧା ଧରିଲା ସୁନ୍ଦରୀ
ବୁଲାଇଲା ବାହୁ ତୋଳି
ପ୍ରଚଣ୍ଡ ମୂରତି ଘେନି ଆଣେ ଜ୍ୟୋତି
ରକ୍ତ ରଂଗ ଅଙ୍ଗେ ବୋଳି ।
ନାରୀ ପଦାଘାତ ବାଜେ ହୃଦ ପାତ
ଆରେ ଆରେ ଧର୍ମ ଶେର
କର ପ୍ରାଣ ଦାନ ରହୁ ମୋର ମାନ
ଥିଲେ ବଳ ଆସି ଧର ।
ଏତେ କହି ବାଳା ଧରି ବୀର ଗଳା
ଘୂରାଇ ପକାଇ ତଳେ
ଲୁଚେ ହୋଇ ଠିଆ ଘୁଲାଇଲା ହସ୍ତ
ଧୋଇ ଅଙ୍ଗ ଅଶ୍ରୁ ଜଳେ ।
ବୋଲେ ଧନ ଶେର ଉଦ୍ଧାର ଉଦ୍ଧାର
ଧନ୍ୟ ଗୋ ରମଣୀ ମଣି
ଧନ୍ୟ ନାରୀ ରତ୍ନ ଧନ୍ୟ ତବ ଗୁଣ
ଧନ୍ୟ ସତୀ ଶିରୋମଣି ।
ଶୁଣି ସେ ରୂପସୀ ବୋଲେ ହସି ହସି
ଏହି କି ତୋହର ଶେଷ
ରମଣୀ ସଂଗ୍ରାମେ ପଶିଲୁ ଅକାଳେ
ଆଜ ରହିଲା କି ଯଶ ।
ବଦନ ମଣ୍ଡଳେ ଦେଇଣ ଅଞ୍ଚଳ
ଇଙ୍ଗିତ ମୁଖରେ ଆଣି
ଡାକ ମହାବୀର କାହିଁକି ଅସ୍ଥିର
କାହିଁଗଲା ବୀରବାଣୀ ।

Digitized by srujanika@gmail.com

ଗଲୁ ଆଜ ହଟି   ଖସିଲା କଣ୍ଠୀ
ପରାଣେ ନାହିଁ ସାହାସ
ରମଣୀ ଶରଣ   ଧର ତୁ ଆପଣ
ବୋଲାଉ ନାରୀର ଦାସ ।
ବେନିକର ଯୋଡ଼ି   ଦୁଇ ପାଦେ ପଡ଼ି
ନମ୍ରମ କର ତୁ ଆଜ
ନାରୀର ମହତ   କରିବ ଜାଗ୍ରତ
ପବିତ୍ର ମନରେ ମାଜ ।
ପବନେ ଦେଖିବ   ହୃଦରେ ଲେଖିବ
ମଣ୍ଡିବ ପବିତ୍ର ପ୍ରାଣେ
ପବିତ୍ର ପୀରତି   କରିବ ମୁଁ ନତି
ପବିତ୍ର ଭାବ ପ୍ରଦାନେ ।

ମାନିଲ ମାନିଲ   ତୋ ଆଜ୍ଞା ପାଳିଲି
ଦେଖିଲି ତୋର ସାହାସ
ଯାହା ଇଚ୍ଛା ତବ   ପାଳିବ ଗୌରବ
ଭରି ମାନସେ ଉଲ୍ଲାସ ।
ଏହି ତରବାରି   ନଅରେ ସୁନ୍ଦରୀ
ଇଚ୍ଛାଧୀନେ ନେଇ ରଖ
ତବ ଯୋଗ୍ୟସିନା   ଏ ଅସି ନବୀନା
ଅଧୀନ ଲକ୍ଷ୍ୟେ ପରଖ ।

ଆରେ ପ୍ରାଣ ଧନ୍ୟା   ତୁ ମୋର ଭଗିନୀ
ଏ ଭାଇ ଚିର ଦାସର
କ୍ଷମା କର ଦୋଷ   ଚେକ ମନୁରୋଷ
ସ୍ନେହରେ ଗୃହଁ ଏଥର ।
ଗୃହିଁଲ ଗୃହିଁଲ   ସବୁନେଲ ଭାଳ
ବୁଝିଲ ତୋ ଶୁଦ୍ଧ ମନ
ନଅ ଭଷା ମୋର   ଦିଅ ଭଷା ତୋର
ପୂର୍ଣ୍ଣ ହେଉ ତୋ ଜୀବନ ।

Digitized by srujanika@gmail.com

ଏହି ହିନ୍ଦୁସ୍ଥାନ ହେଉ ସନମାନ
ପବିତ୍ର ପୀରତି ମାନ
ଭାଇ ଭଗ୍ନୀ ପ୍ରୀତି ପ୍ରେମେ ହସୁ ନିତି
ତୁ ମେଣ୍ଟା ମାନସ ଗ୍ଲାନି ।

ପବିତ୍ର ଭାବନା ନୋହୁ ବିଡ଼ମ୍ବନା
ରହୁ ପବିତ୍ର ଭାରତି
ଏହି ଧରା ରାଣୀ ଶୁଣୁ ସ୍ନେହବାଣୀ
ନନ୍ଦନେ ହେଉ ପୀରତି ।

ନାରୀ ପୁରୁଷର ପୀରତି ଖବର
ପ୍ରଚାର କରୁ ଜଗତେ
ଏହି ଯେ ଭାରତ ଧରି ନାରୀ ହାତ
ମହତ ରଖୁ ମହତେ ।

ବିଶୁଦ୍ଧ ଭାବନା ପୂରାଇ କାମନା
ସୁପ୍ରେମ ଦେଲା ପରଶି
ଏବେ ଚାଲି ଯିବା କିଛି ନ ଭାବିବା
ନିଜ ପୁଲକରେ ହସି ।

କଲୁ କି ଶପଥ ଦେଖାଅ ମୋ ପଥ
ଚାଲିଯିବି ନିଜ ବାସ
ଅଶୁଣା ଅଜଣା ବାଟେ ହେଲା ବଣା
ପ୍ରବେଶି ହାଟେ ମାନସ ।

ଖୋଲି ଦେଇ ଦ୍ୱାର କଲି ନମସ୍କାର
ଦେଖାଇଲି ନିଜ ପଥ
ନିଜ ବାଟେ ଚାଲି ଗଲି କୁଳବାଳୀ
ପୂର୍ଣ୍ଣକରି ମନୋରଥ ।

Digitized by srujanika@gmail.com

ଏହି ଅଭିନୟ   ଆପଣାର ଜୟ
ଦେଖିଲେ ରମଣୀଗଣ
କାହିଁଯାଅ ଫେରି   ବୋଲି ଗଲେ ଘେରି
କାନ୍ଧରେ ମଣ୍ଡି ବଦନ ।
ଧନ୍ୟ କୁଳବାଳା   ଦେଖାଅ ତୋ ଗଳା
ମଣ୍ଡ ସଜ ଫୁଲ ହାର
ରେ କୁଳ ରମଣି !   ନାରୀ ଶିରୋମଣି
ଅଛୁ କି ଦୁଃଖ ପାଶୋର ।
ନିଜ ବାହୁ ପିଟି   ସଂଗ୍ରାମେ ନହଟି
ରଖିଲୁ ଅମର କୀର୍ତ୍ତି
ତୋର ଜୟ ଗାନ   ଗାଇ କୋଟି ପ୍ରାଣ
ପୂଜିବୁ ତୋ ପଦନତ ।
ରମଣୀର ଥାଟ   ରମଣୀର ହାଟ
ରମଣୀଏ କଲେ ଜୟ
ରମଣୀ କଣ୍ଠରେ   ରମଣୀ ପ୍ରାଣରେ
ଉଠ୍ ରମଣୀ ବିଜୟ ।
ରମଣୀ ସୁନ୍ଦର   ରମଣୀ ମଧୁର
ରମଣୀ ମଧୁର ପ୍ରୀତି
ରମଣୀ ସକଳ   ସାଧଇ ମଙ୍ଗଳ
ରମଣୀ ଦେଖାଏ ନୀତି ।
ରମଣୀର ଜୟ   ବିନାଶିଲା ଭୟ
ରକ୍ଷି ରମଣୀର ପଣ
ରମଣୀର ନାମ   ରଖିଲା ସୁନାମ
ଧରିବକ୍ଷ କରି ସ୍ପର୍ଶ ।
ଆହା କି ସୁନ୍ଦର   ଆହା କି ଅମର
ଆର୍ଯ୍ୟ ନାରୀ ଧର୍ମ ବ୍ରତ
ଜୟ ଆର୍ଯ୍ୟ କନ୍ୟା   ଆର୍ଯ୍ୟେ ଅଟେ ଧନ୍ୟା
କର୍ମେ ବାନ୍ଧିଲ ମହତ ।

Digitized by srujanika@gmail.com

ଜୟ ଜୟ ଜୟ ଗାଉ ନା ଶ୍ରୀଜୟ
ଅନ୍ଧାରେ ଖେଳାଇ ନେଉଛ
ଜୟ ଜୟ ଜୟ ନାଶୁ ଘୋର ଭୟ
କର୍ମ ଧର୍ମ ସାଜ ମୂର୍ତ୍ତି ।
ଆହେ କି ! କାରଣେ ଆର୍ଯ୍ୟ ସୁତଗଣେ
ଏ ରମଣୀ ହସ୍ତ ଧର
ନ ରଖନ୍ତୁ ମାନ ଧର ଅଭିମାନ
ଧର୍ମ ନାମ ପ୍ରାଣେ ଭର ।
ଆରେ ପ୍ରାଣ ଧନ ଏ ବେଳେ ବନ୍ଧନ
ଦେଖି କି ପାରୁ ନୟନେ
ଥିଲେ ତ ସାହାସ କେ କରେ ହତାଶ
ସବୁ ଅଛି ଏ ଜୀବନେ ।
ନୁହେ କି ଏକଲ ଦେଖିଲୁ କି କଲ
ହାଟରେ ବାଟରେ ବୁଲି
ଆଜି ନିଜ ପଣ ରଖି ନିଜ ଧର୍ମ
ନିଜ ବାହୁ ନିଜେ ତୋଳି ।
ନାରୀ ନୁହେ ସାନ ରଖିବାକୁ ମାନ
ଥିବ ଯେବେ ଧର୍ମ ଆସି
ବୁଲାଇ କୁଠାରେ ଖେଳାଇ ଆଦରେ
ହସି ହସି ଯିବ ଧ୍ୱଂସି ।
ଚଳ ଚଳ ଚଳ ସର୍ବେ ଚଳ ଚଳ
ସ୍ନେହେ ରଖି ପ୍ରେମ ମେଳ
ପୁରେ ଦେବା ଗୁଡ଼ି ଆସିବା ବାହୁଡ଼ି
ଖେଳ ପ୍ରେମେ ନବ ଖେଳ ।
ଧୀରେ ଧୀରେ ଧୀରେ ଚଳ ନିଜ ପୁରେ
ଘେନ ସକଳ ଅର୍ଚ୍ଚନା
ମଧୁର ପୀରତି ମଧୁର ଭାରତୀ
ଘେନ ମା ! ସର୍ବ ବନ୍ଦନା ।

Digitized by srujanika@gmail.com

ବୋଲେ ରୂପ ବାଳୀ   ସ୍ନେହେ ଧରି ଗଳା
କି ଭାବୁ ଏବେ ମନରେ
ଦେଖି ଆଶାଦ୍ୱାଠ   ଦେଖି ଆଶା ନାଠ
କି ସାର ଭରୁ ନେତ୍ରରେ ।
ନୁହେ କି ସୁନ୍ଦର   ନୁହେ କି ମଧୁର
ନୁହେ କି ସକଳେ ପୂର୍ଣ୍ଣ
ନୁହେ କି ବଚନ   ନୁହେ କି ସୁଚାନ
ନୁହେ କି ପୁଲକେ ପୂର୍ଣ୍ଣ ।
ସ୍ୱର୍ଗଠାରୁ ବଳି   ଏହି ରସ-ସ୍ଥଳୀ
ଇଚ୍ଛା ନାଏ ସବୁ ଭରି
କେତେ ରୂପ ରସ   କରେକେ ସ୍ମରଣ
ରୂପ ହାଟେ ରୂପ ବରି ।
ଆସଇ ଟାପରୁ   ଡ଼ାକଇ ହକରୁ
ସାଜଯାଏ ଫୁଲ ଦୋଳା
ଆସି ପ୍ରେମା ଫୁଲ   ବସିହୁଏ ଝୁଲି
ମାଦକେ ହୋଇ ବଭୋଳା ।
ଛୁଅଇଁ ପବନ   ମୋହଇ ସୁମନ
ହସାଏ ଗଗନ ତାର
ଗନ୍ଧଭରୁ ବାସ   ଖେଳାଏ ଉଲ୍ଲାସ
ମାନେ ମାନ ଗୁନ୍ଥେ ହାର ।
ସାଜଯାଏ ଫୁଲ   ବାନ୍ଧିନାଏ ମୂଳ
ଚନ୍ଦ୍ରର ଜୋଚ୍ଛନା ଆଣି
ଉଠଇ ଉଚ୍ଛାଠ   ପକାଏ ଆଲଠ
କହି ପ୍ରେମାପ୍ରେମ ବାଣୀ ।
ହୀରା ମାଳା ମୋତି   ଜଡ଼ିତେ ଚଡ଼ତି
ସାଜେ ଦେଖ ସିଂହାସନ
ଆଲୋକର ଜ୍ୟୋତି   ଆଣି ରେଖେ ମୂର୍ତ୍ତି
ମିଶାମିଶି ସଖୀଗଣ ।

Digitized by srujanika@gmail.com

ପ୍ରକୃତ ପେଟିକା ଫିଟାଏ ନାୟିକା
ଇଙ୍ଗିତେ ଆଳାପ ଦେଇ
ଦେଖ ତରତର ଦେଖ ଘର ଘର
ଆସେ ଯାଏ ଭାବ ନେଇ ।
ସୁନ୍ଦରୀ ଅଙ୍ଗରେ ସୁନ୍ଦର ସଜରେ
ସାଜଯାଏ ନାନା ସଜ
ସୁନ୍ଦର ସୁନ୍ଦରୀ ପ୍ରେମ ରସେ ପୂରି
ଆବେଗ ସୁଆଗେ ସଜ ।
ସୁନ୍ଦର ସୁନ୍ଦର ସକଳ ସୁନ୍ଦର
ସୁନ୍ଦର ମଧୁର ବନ
ସୁନ୍ଦର ଭୁବନ ମଧୁର ପବନ
ସୌନ୍ଦର୍ଯ୍ୟ ଦିଶେ ଗଗନ ।
ସୁନ୍ଦର ଲତିକା ମଧୁର କଳିକା
ସୁନ୍ଦର ମୁଖ ହଲାଇ
ମଧୁର ହସରେ . ସୁନ୍ଦର ତେଜରେ
ଲଜ୍ଜିତେ ତଳକୁ ଚାହିଁ ।
କି ସୁନ୍ଦର ଅଳି ଗୁଞ୍ଜେ ଆସେ ଢଳି
ଢଳାଇ ଗାନେ ସୁତାନ
ଢଳି ଢଳି ଆସେ ହସି ହସି ଭାଷେ
କପାଁ ସଖୀ କହ୍ନିମାନ ।
ଗନ୍ଧେ ଭରି ବୁକ ପୋଡଅଛୁ ମୁଖ
କରବାରେ ମଧୁ ବୃଷ୍ଟି
ସେ ମଧୁର ଦାନେ ତୃପ୍ତି ନେବ ପ୍ରାଣେ
ସୁନ୍ଦରେ ମଣ୍ଡିବ ସୃଷ୍ଟି ।
ସୁନ୍ଦର ବୃନ୍ତରେ ସୁନ୍ଦର କଣ୍ଠରେ
ବସି ପିକ ବାହେ ତାନ
ସୁନ୍ଦର ମଧୁର ତାନ କଣ୍ଠ ସ୍ୱର
ମୋହିନିଏ ସର୍ବ ମନ ।

Digitized by srujanika@gmail.com

ସୁନ୍ଦର ସୁନ୍ଦର ସକଳ ସୁନ୍ଦର
ସୁନ୍ଦର ଦିଶେ ଜଗତ
ସୁନ୍ଦରୀର ନୃତ୍ୟ ଖେଳାଏ ଆସକ୍ତ
ହୁଅଇ ସୁନ୍ଦର ଭୃତ୍ୟ ।

ଏ ସୁନ୍ଦର କେଳି ଦେଖିଲୁ ଗୋ ଆଜ
କି ଭାବୁ ସୁନ୍ଦର ମନେ
ସୁନ୍ଦର ବଜାର ମଧୁ କାରବାର
ଭୁଲାକି ଯିବୁ ଜୀବନେ ।

ବୋଲେ ଚନ୍ଦ୍ର ମୁଖି ଶୁଣ ପ୍ରାଣ ସଖୀ
ସବୁ ଦେଖିଲି ଖୋଜିଲି
ଦେଖିଲି ସୁଚର ନମଣେ ବଚର
ସାର କାହିଁ ନ ପାଇଲି ।

ଏ ବିଶ୍ୱ ବିଚର ଦେଖେ କି ପବର
ବୃକ୍ଷ ଲତା ଫଳ ଫୁଲେ
ଦେଖଇ ଗଗନ ଦେଖଇ ଭୁବନ
କିସ ଭୁଲ ବନ ମୂଳେ ।

ବହି ଆସେ ଜଳ ନାଚେ କଳ କଳ
ହସେ କାନନ ସୁନ୍ଦରୀ
ପଲ୍ଲବ ଆସନ ମଣ୍ଡନା ଶୋଭନ
ନଚୁଏ ପବନ ଭରି ।

Digitized by srujanika@gmail.com

ଝୁଲେ ବୃକ୍ଷ ଶାଖା ବକ୍ଷେ ଧରି ପକ୍ଷୀ
ଆଶ୍ରୟ ଦେଇ ଜୀବନେ
ଶୀତଳ ଶୀତଳ ଛାଳେ ସୁଶୀତଳ
କି ଶାନ୍ତ ସାନ୍ତ୍ୱନା ମନେ ।

ଫୁଟିଛି ସୁମନ ଫୁଟାଇ କାନନ
ଗନ୍ଧ ଭରି ଶୋଭା ସଙ୍ଗେ
ବାସ କରି ଦାନ ମୋହି ନିଏ ପ୍ରାଣ
ଆଭ୍ରସ ଭାଷା ସୁରଙ୍ଗେ ।

ଆସି କୁଳ ବାଳା ଭରି ନିଏ ଡାଲା
ଫୁଲ ତୋଳି ଫୁଲ୍ଲ ମନେ
ସୌନ୍ଦର୍ଯ୍ୟର ହାର ଗୁନ୍ଥେ ବୁଝି ସାର
ଭାବନା ଭରି ଜୀବନେ ।

ଭାବର ସଂସାର ଭାବ କାରବାର
ଭାବେ ଅଛି ସବୁ ପୂର୍ଣ୍ଣ
ନାହିଁ କଳପନା ନାହିଁ ଗୋ ଯାତନା
ଦେଖାଏ ଯେ ଯାହା ଗୁଣ ।

ଖେଳାଇ ଚଟିମା ଦେଇ କଳ ଧ୍ୱନି
ଗାଇ ଭକ୍ତି-ପ୍ରେମ-ଗୀତ
ମିଳେଇ ସାଗରେ ସାତ୍ତ୍ୱିକ ଗୁଣରେ
ଆପଣାର ଭାବ ହିତ ।

ଢେଉ ବଶି ବଶି ରଙ୍ଗେ ଉଠେ ଭାସି
ନାଚ ନାଚ କୁତୂହଳେ
ମିଶାଏ ଅଙ୍ଗରେ ସ୍ନେହ ସମାଦରେ
ବକ୍ଷ ଧୋଇ ଅଶ୍ରୁ ଜଳେ ।

Digitized by srujanika@gmail.com

କଏ ଆସେ ଉଠି   କଏ ଦେଖେ ସୃଷ୍ଟି
କଏ ହସେ ପ୍ରେମାନନ୍ଦେ
କଏ ଆସେ କାନ୍ଧ   କଏ ଯାଏ ବାନ୍ଧି
କଏ ବଖେଳ ସମ୍ପଦେ ।

କଏ ତୋଳ ଫୁଲ   ମଣ୍ଡେ ବକ୍ଷ ସ୍ଥଳ
କଏ ଦଏ ପଦେ ମର୍ଦ୍ଦି
କଏ ପୂଜା କରେ   ଆପଣା ମନରେ
ଆପଣାକୁ ଆପେ ଛନ୍ଦ ।

ଇଚ୍ଛା ଦେବ ଆଣି   କହି ଇଚ୍ଛା ବାଣୀ
ଅର୍ପେ ଫୁଲ ଶ୍ରୀ ପଦ୍ମରେ
କେହି ସ୍ନେହେ ବାନ୍ଧେ   କେହି ଶାଖା କାଟେ
କେହି ଝାମ୍ପେ ଇଚ୍ଛା ଜୋରେ ।

ମିଳ ଘନେ ତାର   ଖେଳ ଡ଼ାଳେ ଧାର
ତୋଷଇ ଚନ୍ଦ୍ର କରଣ
ଧର ନଏ ତୋଳ   ଅଙ୍ଗେ ବନ୍ଦୁ ବୋଳ
କରଣେ ଗୃଳ ବଦନ ।

ସୁନ୍ଦର ବହଙ୍ଗ   ରଖି ଇଚ୍ଛା ସଙ୍ଗ
ଗାଆନ୍ତ ମଙ୍ଗଳ ଗୀତ
ପିକ କଳତାନ   ମିଶାଏ ସୁଗାନ
ଉଠାଇ ହୃଦ ସଙ୍ଗୀତ ।

ପ୍ରଭାତରେ ରବ   ଅରୁଣ ତା ଛବ
ଦେଖାଇ ଉଠେ ଗଗନେ
ନାନା ସଜ ସାଜ   ବଣ୍ଟୁ ଦଏ ସାଜ
ସାନ୍ତ୍ୱନା ଦେଇ ଜୀବନେ ।

Digitized by srujanika@gmail.com

ଅନ୍ଧାର ଆକାଶେ କି ଜ୍ୟୋତି ପ୍ରକାଶେ
ଚନ୍ଦ୍ର ତାରା ପ୍ରେମ ଧାରା
ଧରି ନିଜ ଗୁଣ କରେ ବିଭୂଷଣ
ଏହି ଯେ ଜଗତ ସାରା ।

ଏ ଚିର ସୁନ୍ଦର ଏ ଚିର ମଧୁର
ଏଥିରେ କେ ନୁହେଁ ଚିର
ଉଠେ ବସେ ପଡ଼େ କାହିଁ ଯାଇ ଗଡ଼େ
ସର୍ବଦା ବୁଝାଇ ମୋର ।

ଭ୍ରମେ ଏ ଜଗତେ ଖୋଜେ ଇଚ୍ଛା ମତେ
ପାଏ ନାହିଁ ଇଚ୍ଛା ଫୁଲ
ଫୁଲ ଫୁଲ ବୋଲି ପ୍ରେମେ ଯାଏ ଢଳି
ପାଏ ସେ ପ୍ରାଣେ ଆକୁଳ ।

ଏ ବଜାରେ ଥାଇ କିଛି ନ ପାଅଇ
ତୋ ବଜାରେ କିସ ଅଛି
ଦେଖାଇବୁ ମତେ ଚାହିଁଲି ମୁଁ ତତେ
ସୁଖର ସୁଖ ସରିଛି ।

ତୁହି ନୋହୁ ଚିର ମୁହିଁ ନୁହେ ଚିର
ଚିର ଅନନ୍ତ ସାଗରେ
ଉଭୟେ ମିଶିବା ଉଭୟେ ଭାସିବା
ସେ ଅନନ୍ତ ଉଦ୍ଦେଶ୍ୟରେ ।

Digitized by srujanika@gmail.com

କୁଠୀର ବାସିନୀ   ମୁଁ ଚିର ଦୁଃଖିନୀ
ବାନ୍ଧିଛି ଚିର କୁଠୀର
ଦୁଃଖିନୀ ଦୁଃଖିନୀ   ଜାଣ ଗୋ ସଜନୀ
ଦେଖ କ୍ଷୀଣ ଏ ଶରୀର ।

ନାହିଁ ମୋ ଅବସ୍ଥା   ସ୍ୱଚ୍ଛଳ ବ୍ୟବସ୍ଥା
ନାହିଁ ସୁଖ କେଳି ରସ
ଦେଖ ଅସ୍ଥି ଚର୍ମ   ଘେରିଛି ଶରମ
ଲୁଚିଛି ନେଇ ହରଷ

ତୁମେ ରାଜେଶ୍ୱରୀ   ନବୀନା ସୁନ୍ଦରୀ
ସମ୍ରାଟ ଅଙ୍କ ମଣ୍ଡନୀ
କେଳି ରସେ ମାତି   ଫୁଲଅ କି ଗ୍ରୁଡି
ଆରେ ତାମସୀ ନନ୍ଦନୀ ।

ତାମସେ ତାମସ   ଖେଳାଏ ଉଲ୍ଲାସ
ଗର୍ବିତା ବୁଲାଇ ଡୋଳା
ମତ୍ତ ମାଦକତା   ମତ୍ତେ ଘଟେ କଥା
ପ୍ରେମ ସୁଖ ଶାନ୍ତେ ଭୋଳା ।

ତୁମ ସଙ୍ଗେ ସରି   ନୁହେ ପ୍ରାଣେଶ୍ୱରୀ
କେ ଚିହ୍ନେ ଦରିଦ୍ର ବାଳା
କେ ଚିହ୍ନିବ ଗୁଣ   କେ କରିବ ପୂର୍ଣ୍ଣ
ଏହି ଅସ୍ତ ଭିକ୍ଷା ଥାଳା ।

ଯାଅ ସଖୀ ଯାଅ   ସୁଖେ ପୂଜା ପାଅ
ନିଜ କେଳି ବନେ ବୁଲି
ନିଜ ସୁଖ ଭୋଗ   ନିଜେ କର ଭୋଗ
ମତେ ଯାଅ ମନୁ ଭୁଲି ।

Digitized by srujanika@gmail.com

ଯାଉଛି ଯାଉଛି ବିଦାୟ ମାଗୁଛି
ସ୍ନେହରେ ବିଦାୟ କର
ମୋ ନିଜ କୁଟୀରେ ବସିଲି ସୁଖରେ
ସବୁ ଲୁଟି ଦେଲି ଦ୍ୱାର ।

●

ରଚନା ୧୮-୮-୧୯୩୫

Digitized by srujanika@gmail.com

ଗୀତି-କାବ୍ୟଶ୍ରୀ

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ନାଗ୍ଚି କବି ଅନ୍ନପୂର୍ଣ୍ଣାଙ୍କର ରଚନାର ବିପୁଳାଂଶ ହେଉଛି ଗୀତି-କବିତା, ପରିମାଣ ପ୍ରାୟ ଏକ ହଜାରରୁ ଅଧିକ ହେବ । ଏଥିରୁ କିଛି କବିଙ୍କ ଜୀବିତାବସ୍ଥାରେ ପୁସ୍ତିକା ଆକାରରେ ପ୍ରକାଶ ପାଇଥିଲା । ପଦ୍ୟମାଳା-୧ମ (୧୯୦୪)ରେ ଛ'ଗୋଟି, ପଦ୍ୟମାଳା-୨ୟ (୧୯୦୫)ରେ ପାଞ୍ଚଟି, ପକ୍ଷିଘର (୧୯୦୬)ରେ ଦଶଟି ଏବଂ ବିଚ୍ଛେଦ-ମିଳନ (୧୯୪୧)ରେ ଚବିଶଟି-ଏପରି ସମୁଦାୟ ମାତ୍ର ସତଁଅରିଶଟି କବିତା ସଂକଳିତ ହୋଇ ପ୍ରକାଶ ପାଇଥିଲା ।

କବିଙ୍କର ଅନ୍ୟାନ୍ୟ କବିତାରୁ କେତେକ, ସମ୍ବଲପୁର ହିତୈଷିଣୀ, ସମ୍ବାଦ ବାହିକା, ସହକାର, ଉତ୍କଳ ବାର୍ତ୍ତା, ଗୁଣ ଦର୍ପଣ, ପ୍ରଜାବନ୍ଧୁ, ଗଡ଼ଜାତ ବାସିନୀ, ଉତ୍କଳବାସୀ, ଉତ୍କଳ ହିତୈଷିଣୀ, ଉତ୍କଳ ସେବକ, ମନୋରମା, ନବୀନ ପ୍ରଭୃତି ସେକାଳର ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶ ପାଇଥିଲା ।

ସାମାନ୍ୟ ଯେତୋଟି ପତ୍ର-ପତ୍ରିକା ସଂପର୍କରେ ମୁଁ ଆସିଛି ଏବଂ ନାଗ୍ଚି କବିଙ୍କର ଯେତେ କବିତା ପତ୍ରିକାର ଛିନ୍ନ ପୃଷ୍ଠାରୁ ମୋତେ ଆକୃଷ୍ଟ କରିଛନ୍ତି ସେମାନଙ୍କୁ ମୁଁ ସାଦରେ ସଂଗ୍ରହ କରିଛି । ଆଉ କିଛି କବିଙ୍କର ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ମନୋରମା ପଟ୍ଟନାୟକଙ୍କର ସଂରକ୍ଷଣରୁ ସଂଗ୍ରହ କରାଯାଇଛି ।

ଏହି କବିତା-ସମଗ୍ର ଅନୁଶୀଳନ କରି ମୋର ଧାରଣା ହେଲା ଯେ, ଏଗୁଡ଼ିକର ବିଷୟ-ଜଗତ ବୈଚିତ୍ର୍ୟମୟ । ବ୍ୟକ୍ତି-ଜଗତ(Privateworld)ର ନାନା ଅନୁଭୂତିରେ ଏହା ପରିପୂର୍ଣ୍ଣ ପୁଣି ବହିର୍ବିଶ୍ୱ (Publicworld)ର ଅବଧାରଣାରେ ଏହା ଭାବ-ମୟ । କିନ୍ତୁ ଉଭୟ କ୍ଷେତ୍ରରେ ସାର୍ବଜନୀନ ଆଲେଖ୍ୟ ବିଦ୍ୟମାନ । ନାଗ୍ଚି କବିଙ୍କର ଅଧିକାଂଶ କବିତା ବ୍ୟକ୍ତି କେନ୍ଦ୍ରିକ ଭାବ-ରାଗର ସ୍ଫୁରଣ ହେଲେ ବି ତାହା ସାଧାରଣଙ୍କ ପାଇଁ କୌଣସି ନା କୌଣସି ନିବେଦନ ଯୋଗାଇଥାଏ ।

ତାଙ୍କ କବିତା-ସମୂହ ରହସ୍ୟାତ୍ମକ ବା ମିଷ୍ଟିକ ଓ ଅତିଜାଗତିକ ବା ମେଟାଫିଜିକାଲ, ହେଲେବି ବ୍ୟତିକ୍ରମରେ କେତେକ କବିତା ସାମାଜିକ ବିଶ୍ୱାସ, ଇନ୍ଦ୍ରିୟାନୁଗ ଅନୁଭବ ଓ ଜାତୀୟ ଉନ୍ମାଦନା-ମୂଳକ ଭାବ-ଛନ୍ଦ ଉନ୍ମୋଚନରେ ଅଭିପ୍ରେତ ହୋଇଥିବା ପରିଲକ୍ଷିତ ହୁଏ । ଏ ଦୃଷ୍ଟିରୁ ମୁଁ ଯଥାସାଧ୍ୟ ନାଗ୍ଚି କବିଙ୍କ କବିତାର ଶ୍ରେଣୀ ବିଭାଗ କରିଛି ଏବଂ ବିଭିନ୍ନ ବିଭାଗରେ ତାହାକୁ ସ୍ଥାନ ଦେଇଛି ।

(କ୍ଷେତ୍ରବାସୀ ନାୟକ/ସଂପାଦକ)

Digitized by srujanika@gmail.com

ପକ୍ଷୀ ଘର।

ଈଶ୍ୱରଙ୍କ କଉତୁକ ଲୀଳା ଭାବ କରି
ଭୂମି ହେଉଥିଲା ସୁନ୍ଦର ଶ୍ରୀହରି ଶ୍ରୀହରି ।

ଏକଇ ପ୍ରାଙ୍ଗଣେ ଅଛି ପୁଷ୍ପ ଉପବନ
ଦେଶୀପ୍ରୁ ଗୋଲାପ ବୃକ୍ଷ ଜଗତ ମୋହନ ।

ଅତ୍ୟନ୍ତ ମାଧୁରୀ ଦିଶେ ବୃକ୍ଷ ଗୋଟି ରହି
ଶାଖାକୁ ବିସ୍ତାରି ଦେଇ ମନକୁ ମୋହଇ ।

ମନ୍ଦ ମନ୍ଦ ବାତ କଲେ ଝୁଲଇ କି ରଙ୍ଗେ
ମନକୁ ଓଟାରି ନେଇ ରଖେ ତଥି ସଙ୍ଗେ ।

ଶାଖା ମାନ ରହିଅଛି ଭୂମିକି ଲେଟିଣ
ଅତହିଁ କୋମଳ ଶାଖା ମନକୁ ମୋହିଣ ।

ଏହିପରି ରହିଥାଏ ବୃକ୍ଷ ଶୋଭା କରି
କି ସୁନ୍ଦର ଦିଶୁଥାଇ କୁସୁମକୁ ଧରି ।

ଦେଖୁ ଦେଖୁ ଏହିପରି କେତେ କାଳ ଗଲା
ଏକ ଦିନେ ନିଶାକାଳ ପ୍ରବେଶ ହୋଇଲା ।

ପ୍ରାତଃ ସାତ ଆଠ ଘଣ୍ଟା ବେଳେ ଦୁଇ ପକ୍ଷୀ
ଚିହିଁ ଚିହିଁ ରବଦେଇ ମିଶି ସଖାସଖୀ ।

ପ୍ରବେଶ ହୋଇଲେ ଆସି ବୃକ୍ଷର ସମୀପ
ଆନନ୍ଦରେ ଦୃଷ୍ଟିକ୍ଷେପ କଲେ ଡାଳ ଟିପ ।

ଡାଳେ ବସି ରାବଦେଲେ ସୁମଧୁର ସ୍ୱରେ
ସ୍ୱର ଯୋଗୁଁ ଡାଳ ହଲେ ଅତି ପ୍ରେମ ଭରେ ।

Digitized by srujanika@gmail.com

ଏକ ତାନେ ଏକ ସ୍ୱରେ ଏକ ତାର ଯନ୍ତ୍ର
ସଙ୍ଗୀତ କି କରୁଅଛନ୍ତି ଗାଇ ଇଷ୍ଟ ମନ୍ତ୍ର ।

ହାତେ କିବା ଦେଢ଼ ହାତ ଗ୍ରନ୍ଥିଛି ଧରାକୁ
ତହିଁ ପକ୍ଷୀ ବସି ଭୟ ନକଲ କାହାକୁ ।

ଇନ୍ଦ୍ରଙ୍କ ଭୁବନ କିବା ତୁଚ୍ଛ ମଣିଛନ୍ତି
ଆନନ୍ଦରେ ସୁମଧୁରେ ରବକୁ ଦିଅନ୍ତି ।

ଶାଖା ପରେ ବସି ଝୁଲୁ ଅଛନ୍ତି ଯେପରି
ପ୍ରଭୁ ଭକ୍ତ ତାଙ୍କ ପ୍ରେମେ ନୋହିବତ ସରି ।

କୋମଳ ଶାଖାଟି ହୋଇ ଥିବାରୁ ସୁନ୍ଦର
ଧୀରେ ଧୀରେ ମଳୟରେ ଝୁଲେ ଥର ହର ।

ପକ୍ଷୀ ଦୁଇଗୋଟି ତହିଁ ସ୍ଥାନକୁ ଦେଖିଲେ
ଦୁଇ ତିନ ଦିନ ଯାଏ ଏପରି ଆସିଲେ ।

ତତକାଳେ ଘର ଗୋଟି ଆରମ୍ଭ କରିଲେ
ତାହା ଦେଖି ଗୃହ ଜନେ ଖିତକ ଲଭିଲେ ।

ଗୃହରେ ତ ଅଛି ଏକ ମାର୍ଜାର ସୁନ୍ଦର
ପୋଷା ମାନି ରହିଥାଏ ଆନନ୍ଦ ମନର ।

ତାହାର ନଜର ତହିଁ ପଡ଼ିଲାକ ଯାଇ
ଏକାଗ୍ର ଚିତ୍ତରେ ବସି ରହିଲାକ ଗୃହିଁ ।

ଆଶା ଶର ବନ୍ଧକରି ଉଲ୍ଲାସେ ବସିଛି
ଚକ୍ଷୁ ଦୁଇ ନେଇ ପକ୍ଷୀ ପ୍ରାଣରେ ରଖିଛି ।

ଆହା ! ଆହା କି ସୁନ୍ଦର ଲୀଳା ପ୍ରଭୁଙ୍କର
ଜୀବକୁ ଜୀବନ ହତ୍ୟା କରୁଛି ସତ୍ୱର ।

ପଲ୍ଲାସି ବସିଛି ଦୁଇ କର୍ଣ୍ଣ ଡେରି କରି
ତନୁ ଉଲ୍ଲସାଇ ଦେଇ ବସିଛି କପରି ।

କାଳ ପାଶ ଆସି କିବା ହାରୁଛି ଜୀବନ
ତେସନ ଯେ ଦିଶୁଅଛି ବିରାଡ଼ି ବଦନ ।

Digitized by srujanika@gmail.com

ତାହା ଦେଖି ବିରକ୍ତି କି ହତାଦର କରି
ନିବାରଣ କରିଦେଲେ ହସ୍ତେ ଯଷ୍ଟି ଧରି ।

ଭୟେ ପଳାଇଣ ଗଲା ଆଉ ନ ଫେରିଲା
ନିର୍ଭୟରେ ପକ୍ଷୀ ବସି ଘର ଆରମ୍ଭିଲା ।

ତାହା ଦେଖି ଗୃହଜନେ ଭୟକୁ କରିଲେ
ପକ୍ଷୀଙ୍କର ପ୍ରାଣ ଯିବ ବୋଲିଣ ଭାବିଲେ ।

କୋମଳ ଶାଖାକୁ ଟାଣି ଉଚ୍ଚରେ ରଖିଲେ
ପକ୍ଷୀ ପ୍ରାଣ ରକ୍ଷା ଅର୍ଥେ ଏପରି କରିଲେ ।

କିସ ଭୟୁ ଉପୁଜିଲା ପକ୍ଷୀ ନ ଆସିଲେ
ସକଳେ ଆକୁଳ ହୋଇ ମନରେ ଭାଳିଲେ ।

କି ବୁଦ୍ଧି କରିବା ଆଉ ପକ୍ଷୀ ନ ଫେରିଲା
କି ସୁନ୍ଦରେ ଗୃହ ଗୋଟି ନିର୍ମ କରୁଥିଲା ।

ପୁନର୍ବାର ଗୃହଜନେ ଶାଖାକୁ ଲଟାଇ
ଦେଇ ଭାଳୁଛନ୍ତି ପକ୍ଷୀ କି ରୂପରେ ଗୃହିଁ ।

ଆସୁ ପୁନର୍ବାର ଦେଖୁ ତାର ନିଜ ସ୍ଥାନ
ଡାଳତ ନୁଆଁଇ ଦେଲୁ ଯଥା ତଥା ସ୍ଥାନ ।

ହୃଦପୂରୁ ସର୍ବ ଦୁଃଖ ଆମ୍ଭ ଦୂର ହେବ
କି ବୁଦ୍ଧି କରିବା କେହ୍ନ ପକ୍ଷୀ ଦୁଇ ଦେବ ।

ଏ ରୂପରେ ଭାଳୁ ଭାଳୁ ଦୁଃଖିତ ମନରେ
ପକ୍ଷୀ ଦୁଇ ପ୍ରବେଶିଲେ ଘର ସମୀପରେ ।

ଉଡ଼ି ଯାଉଥାନ୍ତି ମଧୁମୟୁ ଡ଼ାକ ଦେଇ
ତୃଣ ଆଣି ଦେଉଥାନ୍ତି ଗୃହ ମଧ୍ୟେ ନେଇ ।

ସକଳଙ୍କୁ ଭରସାତ ଶ୍ରୀହରି ଅଟନ୍ତି ।
ଅନ୍ତର୍ଯ୍ୟାମୀ ହୃଦବାସୀ ଅଦୃଶ୍ୟେ ଅଛନ୍ତି ।

ସକଳଙ୍କୁ ଜଗିଥାନ୍ତି ଜଗତ ଜୀବନ
କୃପା ଦୃଷ୍ଟି ପତନରେ ଜୀବ ବିମୋହନ ।

Digitized by srujanika@gmail.com

ଅତିହିଁ ମଧୁର ଲୀଳା ବିସ୍ତାରି ତାହାର
ଲୀଳା ରୂପେ ପ୍ରକାଶନ୍ତି ଆନନ୍ଦ ଲହରୀ ।

ପ୍ରଭୁଙ୍କ ଆକାର କେହି ନ ଦେଖେ ନୟନେ
ସଙ୍କଟୁ ପାରି କରୁଥାନ୍ତି ସେ ବହନେ ।

ଜୀବର କରତା ଜଗଦୀଶ ଅଟନ୍ତି
କରୁଣା ବତ୍ସଳ ପ୍ରଭୁ ଦୁଃଖ ନସହନ୍ତି ।

ଯେଉଁ ମାର୍ଗେ ପକ୍ଷୀ ଘର ଆରମ୍ଭ କରିଲା
ପ୍ରାଣ ରକ୍ଷା ହେବ ବୋଲି ଭାବନା ନଥିଲା ।

ଏ ଜୀବର ଆୟୁଷ ତ କିଛି ହେଲେ ନାହିଁ
ବୃଥାଠାରେ ମାନବ ସଦା ଭ୍ରମି ହେଉ ଥାଇ ।

ପକ୍ଷୀ ନିଜ ଆୟୁଷରେ ବଞ୍ଚିତ ନୋହିଲା
ପ୍ରଭୁଙ୍କର କୃପାବଳୁ ଉଦ୍ଧାର ହୋଇଲା ।

ଦେଖୁ ଦେଖୁ ଅତି ମନୋହର ଘର କରି
ତଥି ବସି ଝୁଲି ଥାଇ ମଧୁଡାକ ଧରି ।

ସେ ଗୃହକୁ କେହି ଆଉ ବର୍ଣ୍ଣି ନ ପାରିବ
ଦେଖିବା ମାନବେ ଏକା ମୋହିତ ହୋଇବ ।

କ୍ଷୁଦ୍ର କ୍ଷୁଦ୍ର ପକ୍ଷୀ ମାନ ସାହାସ ବଡ଼ ତ
କାହାକୁ କି ବୋଲି ପାରେ ଈଶ୍ୱର ମାୟା ତ ।

କାଠି କୁଟା ଜମା କରି ନାନା ସ୍ଥାନାନ୍ତରୁ
ନିର୍ମାଣ ତ କରିଥିଲା ଘରଟି ସୁନ୍ଦରୁ ।

ଘର ଗର୍ଭ ପୂର୍ଣ୍ଣ କଲା ତୁଳକା ଶଯ୍ୟାରେ
କାହୁଁ ଯେ ଆଣିଲା ଅବା ବର୍ଣ୍ଣି ତ ନପାରେ ।

କବା ମୋଡ ମହଲତ ତଥି ସମ ସରି
କେବେ ହେବ ନାହିଁ ତାର କାରିଗରି ପରି ।

ଏକ ପାର୍ଶ୍ୱେ ରାସ୍ତା ଏକ କଳ୍ପକ ନିର୍ମାଣ
କି ଉପମା ତାକୁ ଦେବା ଈଶ୍ୱର ବିଆଣ ।

Digitized by srujanika@gmail.com

ବର୍ଷା ନୀର ଯେସନ୍ତେ ନ ଭେଦଇ ଦ୍ୱାର ଦେଶେ
ସେହି ପରି ନିର୍ମାଣ କରିଥିଲା ସେ ଉଦ୍ଦେଶେ ।

କାରିଗର ପଣକୁ ତ ନାହିଁ ପଟାନ୍ତର
ଉପମାକୁ ଉପମେୟ ନୁହେ ରୁଚିକର ।

ଏହିପରି ଘର ଗୋଟି କରି ସେ ଯତନ
ଗୃହେଁ ଥାନ୍ତି ହରଷରେ ଫୁଲାଇ ବଦନ ।

ବେଳେ ବେଳେ ଡାକେ ବସି ମଧୁର ସୁସ୍ୱରେ
ସଙ୍ଗୀତ କରୁଥିଲା ପଞ୍ଚ ଗତ ସ୍ୱରେ ।

ନାନା ଯନ୍ତ୍ର ମିଶାଇ କି ଅତି ରୁଚିକର
ନାଟୁଆକି ନାଚୁଥିଲା ହୋଇ ପ୍ରେମଭର ।

ପବନର ସାହା ଯୋଗୁଁ ଅଙ୍ଗତ ଝୁଲାଇ
ସେଥି ଯୋଗୁଁ ନୃତ୍ୟକାରୀ ହେଲା ଉପମର୍ତ୍ତି ।

ଏହିପରି ଦେଖୁ ଦେଖୁ ଦିନ ଗଲା ବହି
ଏକ ଦିନ ନିଶି ଶେଷେ ନୀର ବରଷଇ ।

ସେ କାଳେ ସେ ପକ୍ଷୀ ଗୋଟି ଡିମ୍ବ ପ୍ରସବିଲା
ଉଦବେଗେ ପାଳିବାକୁ ପ୍ରୀତି ଆରମ୍ଭିଲା ।

ମନ ଚଇତନ୍ୟ ଦେଇ ଜଗି ବସି ଥାଇ
କ୍ଷୁଧା ତୃଷା ତାର ହୃଦେ କିଛି ପରି ନାହିଁ ।

ପଥପାର୍ଶ୍ୱେ ବୃକ୍ଷଟିତ ହୋଇଛି ରୋପିତ
ଗତାଗତ କାଳେ ଘର ବାଜଇ ତୁରିତ ।

ବେଳେ ବେଳେ ମାଦ ତୃଷା ହରିବାକୁ
ଥରେ କିବା ଦୁଇଥର ଯାଏ ଚରିବାକୁ ।

ସେତେବେଳେ ଗୃହଜନେ ଦେଖିଲେ ନୟନେ
ତାର ଡିମ୍ବ ଦୁଇଗୋଟି ପଡ଼ିଛି ଯତନେ ।

ଡିମ୍ବ ଦୁଇଗୋଟି ଦିଶେ ସ୍ଫଟିକ ଆକୃତି
ନାନା ଜାତି ଭବ ଲୀଳା ମାୟାରେ ପ୍ରକୃତି ।

Digitized by srujanika@gmail.com

ପକ୍ଷୀ କାହୁଁ ଚିହ୍ନିବଟି ମାୟାବଳ
ଛବି ବନ୍ଧେ ବାନ୍ଧି ଦେଇ ଦେଲ ପ୍ରେମଫଳ ।

ଫଳକୁ ପାଳନ କରେ ଆନନ୍ଦରେ ଅତି
ମନରେ ଭାବଇ କିବା ମିଳନ୍ତି ସମ୍ପତ୍ତି ।

ପକ୍ଷୀ ଜୀବ ପାଇ ମାତ୍ର ଦୁଃଖ ନ ଜାଣଇ
ଶିଶୁ ସେବି ଦିନ ତାର ଆନନ୍ଦେ ନିଅଇ ।

ଦୁଃଖ ସୁଖ ଗର୍ବ କଷ୍ଟ କିଛି ନ ଜାଣିଲା
ଶକ୍ତି ଅନୁସାରେ ତାର ଦିନକୁ ସାରିଲା ।

ଆହେ ଦୟାମୟ ପ୍ରଭୁ ଏ କିସ ବିଚାର
ମନୁଷ୍ୟକୁ ଜନ୍ମ ଦେଲ ପରି ବୋଲି ସାର ।

ପକ୍ଷୀ ସଙ୍ଗେ ଗଣନାତ ନହେଲା ଜୀବନ
ଧିକ ତୁମ୍ଭ ଏ ସଂସାର ନାହିଁ ପ୍ରୟୋଜନ ।

ସାରକୁ ଅପାର କର କର୍ମ ଗୋଟି ଦେଇ
ଛନ୍ଦ କୌଶଳରେ ରଖ ସଦ୍‌ଜ୍ଞାନ ଦେଇ ।

ଯେବେ ଦିବ୍ୟ ଜ୍ଞାନ ନେଲ ଭବରେ ପକାଇ
ମାୟାର ସୁନ୍ଦର ମତି ନ ଦେଲ କପାଇଁ ।

ଭକ୍ତି ଥିଲେ ତୁମ୍ଭ ପଦେ ଚିତ୍ତ ରଖିଥାନ୍ତି
ଆଶଙ୍କିତ ନୋହି ମୋର ଦିନ ସାରୁ ଥାନ୍ତି ।

ଯେବେ ତାହା ଦେବାକୁହେ ହୋଇଲ କୁଣ୍ଠିତ ।
ତେବେ କପାଁ ହୃଦୟରେ କରିଅ ଲୋଭିତ ।

ମୁକ୍ତି ମାର୍ଗ ଯେବେ ଗଲା ବାସ୍ତୁଳି ସମ୍ପତ୍ତି
କପାଁ ଦେଇ ସ୍ଥିର ମୋର ନ କରିଲ ମତି ।

ବାଲ୍ୟ ସେବା ଦୂର ହେଲା ଦିବ୍ୟ ଜ୍ଞାନ ଗଲା
ଅନୁକ୍ଷଣେ ହୃଦ ମଧ୍ୟେ ଚିନ୍ତା ବାସ କଲା ।

ସଂସାରରେ ଜନ୍ମ ଲଭି ହେଲା ଅକାରଣ
ଧିକ ଧିକ ମୋର ଜନ୍ମ ଧିକ ଏ ଜୀବନ ।

Digitized by srujanika@gmail.com

ତୁମ୍ଭ ଲୀଳା ମାଧୁରୀକୁ ଭାବିଲେ ମନର
ନୟନରୁଁ ନୀର ବହୁ ଅଛି ଝର ଝର ।

ସଂସାରକୁ ହୀନ ହେଲି ପ୍ରଭୁ ନ ଚିହ୍ନିଲି
ନିନ୍ଦା ଅପନିନ୍ଦା ଶୁଣି ପଥର ହୋଇଲି ।

ବୃଥା ମୋର ଜନ୍ମ ହେଲା କିଛି ନ ଜାଣିଲି
ନିରନ୍ତରେ ଭବ ଜଳେ ଦୁଃଖରେ ଭାସିଲି ।

ଯାହା ହେଉ କି ଆପତ୍ତି ଅଛି ହେ ମୋହର
ଈଶ୍ୱରଙ୍କ ଇଚ୍ଛା ସିନା ସଫଳ ଜୀବର ।

ବୃଥା ସିନା ଅଭିମାନ କରିଛି ତୁମ୍ଭଙ୍କୁ
ଅନ୍ତରତ ହୋଇଅଛି ଦେଇଣ କର୍ମକୁ ।

କର୍ମେ ଯାହା ଫଳୁଅଛି ତାହା ଭୁଞ୍ଜୁ ଅଛି
ଜୀବର ଉଦ୍ଧାର ମାର୍ଗ ସଦା ଖୋଜୁ ଅଛି ।

ପୁଣ୍ୟ ପଥ ଦେଲେ ଦିଅ ନ ଦେଲେ ନ ଦିଅ
ମାତ୍ର ତୁମ୍ଭ ପଦ୍ମ ପାଦେ ଲୟ ରଖି ଦିଅ ।

ବାତ୍ସଲ୍ୟ ସ୍ନେହରେ ପକ୍ଷୀ ଜଗି ବସି ଥାଇ
କଣ୍ଟକରେ ଭୟ ମନ ତାର ତ ନଥାଇ ।

ଡ଼ିମ୍ବ ଦୁଇଗୋଟି ଧରି ଝୁଲଇ କି ରଙ୍ଗେ
ମନ୍ଦ ମନ୍ଦ ବାତ ମଧ୍ୟ ବହୁଥାନ୍ତି ସଙ୍ଗେ ।

ଚଳ କି ପ୍ରଚଳ ହେଲେ ଗୃହ ପରିଜନ
ନିର୍ଭୟରେ ବସି ଥାଏ ହୋଇ ହର୍ଷ ମନ ।

ଗୃହୁଁ ଥାଏ ମିଠି ମିଠି କରି ଚକ୍ଷୁତାର
ଆନନ୍ଦରେ ଦେଖୁଥାନ୍ତି ଗୃହ ପରିବାର ।

ଗୃହଜନଙ୍କର ସଙ୍ଗେ ଏକ ସଙ୍ଗୀ ପରି
ଆନନ୍ଦରେ ବସିଥାଏ ପ୍ରେମ ଭାବ ଧରି ।

ଭୟ ଏକା ହୃଦେ ଥିଲେ ଶାନ୍ତି ଉପୁଜଇ
ଶାନ୍ତି ହେଲେ ସକଳରେ ବନ୍ଧୁକୁ ଘଟଇ ।

Digitized by srujanika@gmail.com

ବଦ୍ଧ ହେଲେ ମନ ଆଉ ସ୍ଥିର ତ ନୁହଇ
କାର୍ଯ୍ୟ ନପାରଣ ସଦା ଚଞ୍ଚଳ ହୁଅଇ ।

ଚଞ୍ଚଳଟି ଯେବେ ହେବ ସଂସାରର ତତ୍ତ୍ୱ
ନଜାଣିମ ଅଜ୍ଞାନରେ ପ୍ରାଣ ହେବ ହତ ।

ପାପାନଳେ ନଷ୍ଟପୁରେ ପଡ଼ିବ ଧସାଇ
ପ୍ରଭୁଙ୍କର ଦବ୍ୟ ଜ୍ଞାନ କଞ୍ଚିତେ ନପାଇ ।

ଭୟ ଯୋଗୁଁ ଏତେ ସବ ହୋଇବ ନଷ୍ଟୟ
ଏହା ଜାଣି ପ୍ରଭୁ ଭଜ ହୁଅ ହେ ନର୍ଭୟ ।

ଏହିପରି ବଂଶ ଦନ ଗତ ହୋଇଗଲା
ମାତା ପକ୍ଷୀ ଡ଼ମ୍ବ ଭାଙ୍ଗି ପକ୍ଷୀ ଜାତ କଲା ।

ପ୍ରତ ନତ୍ୟ ଉଡ଼ଯାଇ ଆଧାର ଆଣଇ
ନଜର ଶାବକ ମୁଖେ ଭର ସେ ଦଅଇ ।

ପିତା ପକ୍ଷୀ କେତେବେଳେ ମଧ ଆସୁଥାଏ
ତାର ଭାଗ ସେହି ମଧ କରି ଗୃହଯାଏ ।

ଏହି ମତେ ଶାବକକୁ ଲାଳନ ପାଳନ
ହେଲା ଯେବେ ଦବ୍ୟ ରୂପ ଧରଲା ବହନ ।

ଚିଁ, ଚିଁ, ଶବ୍ଦ କରୁଥାନ୍ତ ଘରରେ ବସିଣ
ମାତା ପିତା ଜଗିଥାନ୍ତ ଶବ୍ଦ ନରେକ୍ଷିଣ ।

ସାୟଁକାଳ ହେବା କ୍ଷଣି ଜଗେ ମାତା ପକ୍ଷୀ
ବସିଥାଏ ବସ ଯାକ କୋଳେ ପୁଅ ରଖି ।

କ୍ରମେ କ୍ରମେ ଶାବକଟି ପକ୍ଷୀ ରୂପ ହେଲା
ନଜ ଜ୍ଞାନ ବଳେ ସେହି ଖଣ୍ଡି ଉଡ଼ା ଦେଲା ।

ଏକ ଦନ ପ୍ରାତଃ କାଳେ ପିତା ମାତା ଆସି
ଘର ପାଖେ ରବଦେଇ ଡ଼ାକନ୍ତ ଆଶ୍ୱାସି ।

କବ ବସୁଛନ୍ତି ମନେ ରବ ନୁହେ ଜାଣ
ମାନବକ ସେ ଅଟେ ଏକା ପକ୍ଷୀର ଆହ୍ୱାନ ।

Digitized by srujanika@gmail.com

ଏକ ତାନେ ଏକ ସ୍ୱରେ ନାଦକୁ ପ୍ରଖର
ଯେତେବେଳେ ପିତା ମାତା କଲେ ତତ୍ପର ।
ପକ୍ଷି ଗୋଟି ଘର ମଧ୍ୟୁ ଧରାରେ ପଡ଼ିଲା
ଧାଇଁ ଆସି ପିତା ପକ୍ଷୀ ସମୀପେ ବସିଲା ।
ଏହା ଦେଖି ଗୃହଜନେ-ହେଲେ ବହୁ ଖିନ୍ନ
ଶାବକ ତ ଜାଣି ନାହିଁ ଭଲ ଉଡ଼ା ଗତି ।
ତାଙ୍କ ସଙ୍ଗେ କପଟରେ ଉଡ଼ିବ ବା ସେହି
ମାତା ପିତା କସ ଅବା କରିଦେବଟି ନେଇ ।
ଖଣ୍ଡେ ଦୂର ଉଡ଼ି ଯାଇ ଖଣ୍ଡେ ଦୂରେ ବସି
ରାବ ଦେଇ ଡାକୁଥାନ୍ତି ଆଦରେ ଭରସି ।
ଦେଖି ଦେଖି ବୃକ୍ଷରେ ତ ବସିଲେକ ଯାଇ
ଶାବକତ ଉଡ଼ିଅଛି ସଙ୍ଗରେ ଗୋଡ଼ାଇ ।
ଦେଖି ଦେଖି ସେହି ହେଲେ ଦୃଷ୍ଟି ଅଗୋଚର
କାହିଁ ଅବା ସେହି ଗଲେ ଉଡ଼ିଣ ସତ୍ୱର ।
ଗୃହଜନେ ଧାଇଁଯାଇ ଦେଖନ୍ତି ସେ ଘର
ତହିଁ ଏକ ପକ୍ଷୀ ପିଲା ପଡ଼ି ଅଛି ମରି ।
ବିଚାରିଲେ ହୃଦ ମଧ୍ୟେ ଈଶ୍ୱର ମହିମା
ବୃଥାସିନା କରୁଥାଏ ମାନବ ଗରିମା ।
କି ଆପୃତ୍ତ ଅଛି ବୋଲି ହୁଅଇ ଆକୁଳ
ଈଶ୍ୱରଙ୍କ ଆଦେଶକୁ ନକରଇ ମୂଳ ।
ମୂଳ ଏକା ରୋପି ଦେଉ ବୃକ୍ଷ ସମ ସରି
ଶାଖାମାନେ ବିସ୍ତାରିବେ ଦେଖାଇ ମାଧୁରୀ ।
ପୁଷ୍ପ କଢ଼ି ଧରି ଶୋଭା ଅତ୍ୟନ୍ତ ବଢ଼ିବ
ଯାହା ତହିଁ ଫଳ ଥିବ ଆନନ୍ଦେ ଭୁଞ୍ଜିବ ।
କେତେବେଳେ ଏ ସଂସାରେ ଭୁଲିତ ନ ଯାଇ
ଆତ୍ମକୁ ତ ଅପବନ୍ଧ କେବେ କର ନାହିଁ ।
ପ୍ରଭୁଙ୍କ ଚରଣରେ ଚିତ୍ତ ବୃତ୍ତି ଦିଅ
ତାଙ୍କ ସୁଧା ସମ ନାମେ କରୁଥାଅ ପ୍ରିୟ ।

Digitized by srujanika@gmail.com

ପକ୍ଷୀମାନେ ଉଡ଼ିଗଲେ ଘର ମାତ୍ର ଥାଇ
ସେହି ବୃକ୍ଷେ ଘର ଅଛି ଶୋଭିତ ନ ପାଇ ।
ଈଶ୍ୱରଙ୍କ ଘଟସୃଷ୍ଟ କେ ପାରିବ ଜାଣି
ଯେ ଯହିଁରେ ଶୋଭା ଦେଶେ ରଖିଥାନ୍ତି ଆଣି ।
ପକ୍ଷୀ ବିନା ଘର ଯେହ୍ନେ ହେଲା ଅସୁନ୍ଦର
ଜୀବ ଗଲେ ଘଟ ମଧ୍ୟ ହେବ ହତାଦର ।
ମାଟିର ପିତୁଳ ପରି ହୋଇବ ନର୍ଜୀବ
ହୃଦୟ କନ୍ଦର ମଧ୍ୟ ଶୂନ୍ୟ ହୋଇ ଯିବ ।
ଚଳ ନ ପାରିବ ଅତି ଶୋଭାହୀନ ହୋଇ
ମାଟି ସଙ୍ଗେ ସଙ୍ଗ ହେବ ନର୍ଜ୍ଜୀବନ ହୋଇ
ଜୀବଥିବା ଯାକେ କେତେ ଲୀଳାକୁ କରଇ
ଲୀଳା ଶେଷେ ଜୀବ ଗଲେ ମାଟିରେ ମିଶଇ ।
ଲୋଭ ପ୍ରୀତି ତେଣେ ଯାଇ ଶୂନ୍ୟରେ ମିଶଇ
ପ୍ରୀତି ଆସକତ ଆଉ କିଛି ନ ମିଳଇ ।
ବୃଥାଟାରେ ଏତେ କିପାଁ ଭ୍ରମି ହେଉଥିବ
ଯିବା କାଳେ କେହି ଜଣେ ସଙ୍ଗୀତ ନୋହିବ ।
ଦୃଢ଼ ଯେବେ କରିଥିବ ନାମ ପ୍ରଭୁଙ୍କର
ପ୍ରାଣ ଯିବା କାଳେ ସଙ୍ଗୀ ହୋଇବ ସତ୍ୱର ।
ପ୍ରଭୁଙ୍କର ଚରଣରେ ବିଶ୍ୱାସ ରଖିଣ
ଏବା ନିଶି ତାଙ୍କ ନାମ ହୃଦେ ସୁମରିଣ ।
ଭବ ଜଳୁ ପାର ହୁଅ ନୋହି ସନ୍ତାପିତ
କାୟ ମନେ ଭଜ ଭଜ ସ୍ଥିର କର ଚିତ୍ତ ।
କିଛି କିଛି ଯଶ କୀର୍ତ୍ତି ଯେବେ କରିଛନ୍ତି
ତାହା ମାତ୍ର ଚିର ହୋଇ ରହିବ ଜଗତ ।
ଆଉ କିଛି ସଙ୍ଗତରେ ନ ଯିବ ଗୋଡ଼ାଇ
ଏହି କଥା ସାଧୁଜନେ ଦିଅନ୍ତି ଚେତାଇ ।
ପକ୍ଷୀ ଗଲା ପ୍ରୀତି ଗଲା ଘର ମାତ୍ର ରହି
ପକ୍ଷୀଙ୍କର ଚିହ୍ନ ଏକା ରଖି ଅଛି ତହିଁ ।

Digitized by srujanika@gmail.com

ଏଣୁ କର ଜୀବନର ଯଶ ଏକ ମୂଳ
ଅନ୍ୟ କଥା ନ କରିବ କେବେ ଅନୁକୂଳ ।
ଧନ୍ୟ ଧନ୍ୟ ପକ୍ଷୀ ତୁହି ଧନ୍ୟ ତୋ ଜୀବନ
ତୋ ଯୋଗରୁ ଜ୍ଞାନ ଉଦେ ହୋଇଲା ବହନ ।
ଏ ସଂସାରେ ଜନ୍ମ ଲଭି ସାର ତୁ ହୋଇଲୁ
ଦୁଃଖର ବେଗର କିଛି ତୁହି ନ ଜାଣିଲୁ ।
ଆନନ୍ଦରେ ଦିନ ସାରି ହେଲୁ ତୁ ଉଦ୍ଧାର
ତୋର ଜନ୍ମ ଅଟେ ଏକା ସଂସାରରେ ସାର ।
ଆହା ! ଆହା କି ବିଗୁର ଅଟେ ପ୍ରଭୁଙ୍କର
ତୋର ସଙ୍ଗେ ସମକୋହି ହେଲା ହତାଦର ।
କେହି ହେଲେ ତତେ ଚିହ୍ନି ଆହ୍ଲାଦ କରନ୍ତି
ମୋର ଜୀବ ବ୍ୟର୍ଥ ହେଲା ସ୍ଥିର ନୁହେ ମତି ।
ଯାହା ହେଲେ ହେଉ ପଛେ କି ଆପୂତ୍ତି ଅଛି
ଈଶ୍ବରଙ୍କ ଆଜ୍ଞା ସିନା ଜୀବନ ପାଳୁଛି ।
ତାଙ୍କର ଆଦେଶ ଏକା ଫଳୁ ଜୀବନରେ
ଗୁରୁ ଚରଣରେ ଚିତ୍ତ ରହୁ ନିରନ୍ତରେ ।
ଏହି ଆଶେ ଭାବ ଭାବ ଚଞ୍ଚଳ ମନରେ
ନାଶି ଗୁରୁ ଭାଷା ପୂର୍ଣ୍ଣ କଲିକ ସତ୍ତ୍ୱରେ ।

[ଏହି କବିତାଟି ପୁସ୍ତକ ଆକାରରେ ପୁରୀ ଜଗନ୍ନାଥ ପ୍ରେସରୁ ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ କାବ୍ୟକଣ୍ଠଙ୍କ ଅନୁକୂଲ୍ୟରୁ ୧୯୦୬ ଖ୍ରୀଷ୍ଟାବ୍ଦରେ ପ୍ରକାଶ ପାଇଥିଲା । ବର୍ତ୍ତମାନ ଏହା ଦୁଷ୍ପ୍ରାପ୍ୟ, କବିଙ୍କର ହାତଲେଖା ପାଣ୍ଡୁଲିପିରୁ ଏହାକୁ ସଂଗ୍ରହ କରାଯାଇଛି । ସଂପାଦକ]

Digitized by srujanika@gmail.com

ସଂସାରର ଚିତ୍ର

ଧନ୍ୟ ଧନ୍ୟ ଏ ଜଗତ ଦିଶଇ କି ଶୋଭା
ଚନ୍ଦ ବଚନ୍ଦରେ ମଣ୍ଡି ଦିଶୁଅଛି ଲୋଭା ।

ବୃକ୍ଷ ଲତା ମାନେ ଥାଇ ଦିଶଇ ଯତନ
ପୁଷ୍ପମାନେ ରହିଥାଇ ହୋଇଛି ମଣ୍ଡନ ।

ପକ୍ଷୀମାନେ କ୍ରୀଡ଼ା କରୁଅଛନ୍ତି ଆନନ୍ଦେ
ବଣରେ କମଳ ଫୁଟି ରହିଛି ପ୍ରମୋଦେ ।

ବୃକ୍ଷମାନେ ଲୁଟୁଛନ୍ତି ଧରି ଫଳ ପୁଷ୍ପ
ଝର ଝର ବହୁଅଛି ପ୍ରେମ ମଧୁ ରସ ।

ଆକାଶକୁ ଗୃହିଁ ତାହା କରୁଛନ୍ତି ପାନ
ହୃଦୟୁ ବିଗୃର ଆଦି ସର୍ବ ଅଭିମାନ ।

ରଖିଛନ୍ତି ଅତି ଅନ୍ତ ଉଲ୍ଲାସକୁ ବହି
ଧୀରେ ଧୀରେ ରସ ପାନ କରୁଛନ୍ତି ରହି ।

ଘନ ଘନ ବହୁଅଛି ମଳୟ ପବନ
ଅନ୍ଧକାର ଘୋଟିଅଛି ସକଳ ଭୁବନ ।

ଝିର ଝିର ବହୁଅଛି ଆକାଶର ନୀର
ସକଳଙ୍କ ମନପ୍ରାଣ କରଇ ଅସ୍ଥିର ।

ହରଇ ମନକୁ ଦିଶି ଶୋଭା କି ସୁନ୍ଦର
ଝଟକ ବିଜୁଳି ମନ କରଇ କାତର ।

ଜଗତ ଆଧାର ପ୍ରଭୁ ଜଗତ ଜୀବନ
କି ଯତନେ ନିର୍ମି କରି ଅଛ ଏ ଭୁବନ ।

ସକଳ ନିର୍ମାଣ କରି ଲୁଚିଛ କି ପାଇଁ
ଏ ବିଶ୍ବର ତୁମ୍ଭର ତ କିଛି ହେଲା ନାହିଁ ।

Digitized by srujanika@gmail.com

ନିର୍ବିକାର ନିରଞ୍ଜନ ହୃଦୟ ନିବାସୀ
ନ ଦେଖଇ ଏ ନୟନ ତୁମ୍ଭ ରୂପ ରାଶି ।

ଲୀଳା ମାଧୁରୀକ ଦେଖି ହୁଅଇ ଆକୁଳ
ଅଜ୍ଞାନ ଭବରୁ କିନ୍ତୁ ନ ଦିଶଇ କୂଳ ।

ତାହା ପତ ଯୋଗୁଁ ସର୍ବ ହୁଅଇ ଶୀତଳ
ସର୍ବଜନ ସମଭାବେ ହୁଅନ୍ତି ପ୍ରଚଳ !

ସୁଧା ଧାର ଦାନ କରୁଛନ୍ତି ହରଷରେ
ସକଳ ଜୀବନ ରକ୍ଷା ପାଇଁଣ ମନରେ ।

ଅନୁକ୍ଷଣେ ସୁଧାମୟ ବନ୍ଦେ ଝର ଝର
ଶୀତଳ କରନ୍ତି ଜୀବ ଆନନ୍ଦେ ସତ୍ୱର ।

କଳା ମେଘେ ଲୁଚି ଯାନ୍ତି ଦେଖାଇ ତା ଭୟ
ଜୀବତ ନ ଚହ୍ନେ କେବେ ତାଙ୍କର ହୃଦୟ ।

କାତରକୁ ବହି ଅତି ହୁଏ ଛନ ଛନ
ବାତଚକ୍ର ପ୍ରାଏ ଭ୍ରମି କରୁଥାଏ ମନ ।

ଅରଣ୍ୟରେ ଜୀବ ବସି କଲି ନିରୀକ୍ଷଣ
ସଂସାରର ହାବ ଭାବ କଲି ଦରଶନ ।

ସନ୍ତାପିତ ହେଉଛି ହୃଦୟ ଏହାର
ନୟନରୁ ବହୁଅଛି ନୀର ଧାରଧାର ।

ଦୁଃଖାନଳ ଜଳୁଅଛି ହୃଦୟ କନ୍ଦରେ
ସନ୍ତାପିତ ଆହୁତ ତ ପଡ଼ଇ ସତ୍ୱରେ ।

ଆହୁତ ପଡ଼ନ୍ତେ ଅଗ୍ନି ଉଠେ ଶିଖା ଭରି
ପ୍ରତାପରେ ଜଳୁଅଛି ହୃଦୟ ବଦାରି ।

କ୍ରୋଧ କାଷ୍ଠ ଭରି ଦେଲେ କରି ଅତି ଯତ୍ନ
ସନ୍ତାପିତ ଘୃତ ପଡ଼ୁଅଛି ଘନ ଘନ ।

ବେଳୁ ବେଳୁ ଜ୍ୟୋତିର୍ମୟେ ଉଠୁଅଛି ଅଗ୍ନି
କ୍ଷୁଧା ତୃଷା ବହ୍ନି ରୂପେ ହୋଇଛି ବରଣି ।

Digitized by srujanika@gmail.com

ସ୍ୱାହା ବାକ୍ୟ ଉଚ୍ଚାରନ୍ତି ହୋଇ ଛନ ଛନ
ଭବ ମନ୍ତ୍ର ଜପୁଛନ୍ତି ଫୁଲାଇ ବଦନ ।

ପରଂବ୍ରହ୍ମ ତେଜକୁ ସେ ଦଅନ୍ତି ହରାଇ
ଜ୍ଞାନ ବଳ ସବୁ ସେହି ଚ୍ୟୁତକୁ କରାଇ ।

ପ୍ରତାପ ଅଗ୍ନିଙ୍କ ଦୁହେଁ କରନ୍ତି ଆଧାର
ଆନନ୍ଦ ମନରେ ବସିଥାନ୍ତି ଭବ ଦ୍ୱାର ।

ଅଗ୍ନିଙ୍କ ଆହାର ଯେହ୍ନୁ କରିବ ସନ୍ତତେ
ହରଷ ହୋଇବ ଅଗ୍ନି ଦେଖିଲେ ନାରନ୍ତେ ।

ଅଗ୍ନିକତ ହୃଦ ମଧ୍ୟେ ରଖିବ ଯତନେ
ତାଙ୍କ ମନ କ ଆହାରେ ତୋଷିବ କେସନେ ।

ଜଳଠାରୁ ଶୀତଳରେ କରନ୍ତି ଆଧାର
ଉଚ୍ଚାରୁ ଅଛନ୍ତି ବାକ୍ୟ ଦୁହେଁ ବାରମ୍ବାର ।

ଆଶାକୁତ ସଖୀରୂପେ ପାଶେଛନ୍ତି ରଖି
ହେମ କୁଣ୍ଡ ପାଶେ ବସି ଗୃହାନ୍ତି ନରେଖି ।

ଅଶ୍ରୁ ଧାର ନୟନରୁ ବହେ ଧାର ଧାର
ବୃଦ୍ଧି ବଣା ହୋଇଯାଇ ପଶେ ଅଗ୍ନି ଦ୍ୱାର ।

ଅଶ୍ରୁ ଧାର ମଣୁଛନ୍ତି ମଳୟ ପବନ
ହଂସାକୁ ବରଣ କରି ଆଣନ୍ତି ବହନ ।

ଏପରି ସମୟେ ମନ ଉଦ୍‌ବେଗରେ ଯାଇ
କଞ୍ଚିତ ପ୍ରମାଣେ ମନ ଦୁଃଖ ଧରୁ ନାହିଁ ।

ଯୋଗକରି ଆସଇ ସେ ଅମର ଭୁବନ
ବେଳେ ବେଳେ ତୀର୍ଥଯାଇ କରି କରି ସ୍ନାନ ।

ଦେବାଳୟ ଭ୍ରମି ଯାଇ କରଇ ଦର୍ଶନ
କେତେବେଳେ ପୁଷ୍ପ ଶେଯେ କରଇ ଶୟନ ।

ବ୍ରହ୍ମସ୍ୱୀ ବେଶ କେତେବେଳେ ସେ ଧରଇ
ଧନଦାରୀ ସୁତ କେବେ ପ୍ରୀତିକ କରଇ ।

Digitized by srujanika@gmail.com

ଭ୍ରମଣ କରଇ ସେହି ଜଗତେ ନିରନ୍ତେ
ବନରେ ପଶିଣ ବୁଲୁଥାଇ ଅବିରତେ ।

ନାନାଜାତି ପୁଷ୍ପମାନ ଦେଖଇ ଉଲ୍ଲାସେ
ଅତି ସୁମଧୁରେ ପୁଷ୍ପ ଅରଣ୍ୟରେ ବାସେ ।

ସର୍ବ ପୁଷ୍ପମାନ କେବେ ହୁଅଇ ମଣ୍ଡନ
ହରଷରେ ବେଶ ହେଉଥାଏ କି ଯତନ ।

ସରସରେ ବସି କେବେ କରଇ ରୋଦନ
ଧନ୍ୟ ତାର ଲୀଳା ଭାବ ଧନ୍ୟ ସେହି ମନ ।

କେବଳ କାନ୍ଥିତେ ମାତ୍ର ସ୍ଥିର ସେ ନୁହଇ
ବନେ ବସି ତ୍ରିଭୁବନଯାକ ସେ ଗମଇ ।

ତାର ପଦେ କୋଟି କୋଟି କରେ ନମସ୍କାର
ତା ଭାବ ବଟୃଶ ହୃଦ ହୁଅଇ ବିଦାର ।

ନୃତ୍ୟ କରୁଛନ୍ତ ରହି ତଥି ହିଂସା ମୋହ
ଭଲ ତାଙ୍କ ଭାବ ଅଟେ ଭଲ ତାଙ୍କ ସ୍ନେହ ।

ଅହଙ୍କାର ରହିଥାଇ ମାରେ କରତାଳି
ନିରନ୍ତରେ ଗୃହୁଁଥାଏ ନୟନକୁ ଢ଼ାଳି ।

କାତର ଭାବରେ ଲୁଚେଯାଇ ଦିବ୍ୟ ଜ୍ଞାନ
ଭକ୍ତ ଭାବେ କେହି ତାକୁ ନକରେ ପାଳନ ।

ଏପରି ଭାବରେ ଅଗ୍ନି ପ୍ରତାପେ ଜଳଇ
କାନ୍ଥିତ ପ୍ରମାଣେ ଆଉ ଶାନ୍ତିତ ନୁହଇ ।

ଚଉଦିଗ ଗୃହେ ଜୀବ ବହିଣ କାତର
ଆଉ ସାହା ନାହିଁ ତାକୁ ଏହି ଜଗତର ।

ଭାଳୁଥାଏ ବସି ଜୀବ କସ ଏ ସଂସାର
କିଛି ଜଣାଗଲା ନାହିଁ ଏଥି ସାରସାର ।

ନିରନ୍ତରେ ଆକୁଳିତ ହୁଏ ମୋର ପ୍ରାଣ
କାନ୍ଥିତେ କରୁଣା ଜଳ ପ୍ରଭୁ କର ଦାନ ।

Digitized by srujanika@gmail.com

ଶୀତଳ ଲଭିବ ଭକ୍ତ ଜଳ କଲେ ଦାନ
ହୃଦ ଅଗ୍ନି ଲଭି ଯିବ ପାଇଗଲେ ଜ୍ଞାନ ।

ଅଗ୍ନି କୁଣ୍ଡେ ଜ୍ଞାନ ବୀଜ ବୁଣ ଦେବହର
ଘୃତ ଧାର ଦିଅ ଢ଼ାଳ ପ୍ରେମ ରସ ଭର ।

ଅକ୍ଷୟ ଅବ୍ୟୟ ବେଶ ଧରି ବିପ୍ର ରୂପ
ଭକ୍ତି ବାକ୍ୟ ଉଚ୍ଚାରଣ ଭାଙ୍ଗ ଭବ କୂପ ।

ପରମ ରସକୁ ଗ୍ରାସ ଦିଅ ପରଂବ୍ରହ୍ମ
ଯେହ୍ନେ ପାପୁ ମୁକ୍ତି ହେବ ଧରି ଏ ଜୀବନ ।

ତେଜ ପ୍ରତାପକୁ ଧରି ବିଜୟୀ ହେ କର
ହୋମ କୁଣ୍ଡ ଭଗ୍ନ କର ହେ ପ୍ରଭୁ ସତ୍ୱର ।

ଏତିକି ପ୍ରାର୍ଥନା କରି ମାଗୁଅଛି ପ୍ରଭୁ
ଗୁରୁ ଚରଣରେ ମାତ୍ର ସଦା ଚିତ୍ତ ରହୁ ।

ଜଳନ୍ତା ଅନଳୁ ମତେ କରିଦିଅ ପାର
ନାମ ମାଳା ଲମ୍ବାଇବି ହୃଦେ କରି ହାର ।

ପରଂବ୍ରହ୍ମ ଅନୁଷ୍ଠାନ କରୁ ଏ ଜୀବନ
ମାତ୍ର ଅପରୂପ ଶକ୍ତି କରିବ ଦର୍ଶନ ।

ଅନ୍ୟ ବାଞ୍ଛା କିଛି ଆଉ ନ ପଶୁ ମନରେ
ପରଂବ୍ରହ୍ମ ଧ୍ୟାନ କରୁଥିବି ଆନନ୍ଦରେ ।

ନାମ ସୁଧାପାନେ ଥିବି ରାତ୍ର ଦିବା ବସି
ପଦ କମଳରେ ରହୁ ମୋର ମନ ରସି ।

କେତେବେଳେ ଜଗତରେ ଭ୍ରମନ୍ତି ନ କରୁ
ପଦମୂଳାଧାର କରି ସର୍ବ ଦୁଃଖ ହରୁ ।

ଅହଂକାର ଘୁଞ୍ଚିଯାଉ ମନରୁ ମୋହର
ଏକ ପରଂବ୍ରହ୍ମ ମଣୁ ସର୍ବ ଜଗତର ।

ଜୀବ ଏକ ଅଟେ ପ୍ରଭୁ ନାହିଁ କିଛି ଭିନ୍ନ
କି ଦୋଷରୁ ଏ ଜୀବନ ହେଲା ଏତେ [illegible]ନ ।

Digitized by srujanika@gmail.com

ତୁମ୍ଭ ନାମ ପାଶୋରିଲି ହେଲି ଅକାରଣ
ଧିକ ଧିକ ଏ ସଂସାର ଧିକ ଏ ଜୀବନ ।

ବ୍ୟର୍ଥ ହେଲା ଏ ଜୀବନ ଲଭିଣ ଜନମ
ନ ଚିହ୍ନିଲି ପରଂବ୍ରହ୍ମ ହେଲି ମୁଁ ଅଜ୍ଞାନ ।

ଆହେ ପ୍ରଭୁ ଦୟାକରି ଜୀବକୁ ଉଦ୍ଧାର
ସବୁ କହି ଦେଲି ପ୍ରଭୁ ହୃଦୟୁ ବାହାର ।

ଅପରୂପ ରୂହିଁକରି ଯାଉ ଏ ଜୀବନ
ଏହି ଆଶ ଧରି ପ୍ରଭୁ କରେ ନିବେଦନ ।

ହୃଦେ ପୂରି ରହୁ ଦୟା ଭାବ ଭକ୍ତି ରସ
ଅସଙ୍ଗରେ ସଙ୍ଗୀ ହୋଇ ନ ହେଉ ହରଷ ।

ଏତକ ସଂକଳ୍ପ କରି ଧାଇ ପରଂବ୍ରହ୍ମ
ପଦ୍ୟ ଗୋଟି ପୂର୍ଣ୍ଣ କଲି ଭାବ ଦରଶନ ।

●

[ଏହି କବିତାଟି ପଦ୍ୟମାଳା-ଦ୍ୱିତୀୟ ଭାଗରେ ସଂକଳିତ ହୋଇ ୧୯୦୫ରେ ରମ୍ଭା ମର୍ଦ୍ଦରାଜ ପ୍ରେସରୁ ପ୍ରକାଶ ପାଇଥିଲା । ଏବେ ପ୍ରକାଶିତ ଗ୍ରନ୍ଥଟି ଦୁଷ୍ପ୍ରାପ୍ୟ, ତେଣୁ କବିତାଟିକୁ ନାୟିକ ଙ୍କଙ୍କ ହାତଲେଖା ପାଣ୍ଡୁଲିପିରୁ ସଂଗ୍ରହ କରାଯାଇଛି ।]

Digitized by srujanika@gmail.com

ଗୁପ୍ତ କଥା

ଯନ୍ତ୍ରଣା ସାଗରେ ଭାସୁଥିଲି ଯେବେ ମୁହିଁ
ସଂସାରର ନାନା କଷ୍ଟ ଶରୀରରେ ସହି ।

ସେ ସମୟେ ଆକାଶରୁ ଅତି ଉଚ୍ଚ ସ୍ୱରେ
ଗମ୍ଭୀର ଶବଦ ଏକ ଶୁଣିଲି କର୍ଣ୍ଣରେ ।

ମୁହିଁ ମାତ୍ର ଏକ ନୁହେ ଅନେକ ଜାଣନ୍ତି
ଏବେ ସୁଦ୍ଧା ସ୍ମରୁଥିବେ ନୋହିଁ କିଛି ଭ୍ରାନ୍ତି ।

ଶବ୍ଦ ଅର୍ଥ ସେତେବେଳେ ବୁଝାଗଲା ନାହିଁ
ବିଭୁ ସାକ୍ଷୀ ଦେଇ ମାତ୍ର ରହିଲି ଅନାଇ ।

ଶବ୍ଦ ଭାବ ଶୁଣ ଶୁଣ ପ୍ରିୟ ଭ୍ରାତୃ ଗଣ
ରକ୍ତ ଥିଲେ ଆଚରନ୍ତୁ କର୍ତ୍ତବ୍ୟ କରମ ।

"ନାରୀକବି ହୋଇ ଭବେ ଏକଇ ଗ୍ରାମରେ
ବାସ ଗୋଟି କରଯାଇ ଆନନ୍ଦ ମନରେ ।

ଅନେକ ଗ୍ରାହକ ଆସି ପଢ଼ିବେ କବିତା
ଦୁଇ ଚାରି ଟଙ୍କା ଦେବେ ଚିହ୍ନି ବିବେକତା ।

ବୟସ ତ ଊଣା ଅଟେ ଉତ୍ତମ ଯୌବନ
ଏଣେ ଦେହେ ପୂରି ଅଛି କବିରୂପ ଧନ ।

"ବୃତ୍ତି" କର ସ୍ୱଚ୍ଛ ଭାବେ ନ ଭୁଞ୍ଜି କଷଣ
ଅନେକ ତ ବୀରଛନ୍ତି ଉତ୍କଳ ଭୁବନ ।

ନାମ ଦେଇ ପଦ୍ୟ ଲେଖି କୁଳ ଅତିକ୍ରମ
ଯେବେ କଲୁ ଏ ଭୁବନେ ମାନ୍ୟ ଇଚ୍ଛା ଧର୍ମ ।

ନ ମରିବୁ କଦାପିରେ ହେବୁତୁ ଅମର
ମୁହିଁ ମାତ୍ର ଏକ କରେ ଅଛି ଜଗତର ।

Digitized by srujanika@gmail.com

ଏହି ସ୍ୱର ବାରବାର ମୋ କର୍ଣ୍ଣ ପଥରେ
ଶୁଭୁଥାଏ ହେତୁ ଅଛି କହୁଛି ସତ୍ୟରେ" ।

"ଏହି ସ୍ୱର ଯେତେବେଳେ ବାଜିଲି ମରମ
ଡାକ ଦେଲ ଆହେ ପ୍ରଭୁ କି ଶୁଣିଲି କର୍ଣ୍ଣ ।

ଏହି ଉପଦେଶ ଦେଇ ସ୍ୱରକୁ ନ ପେଶ
ତବ ଆତ୍ମ ସମାଦରେ ପୃଥ୍ୱୀ ନୁହେ ଶେଷ ।

ତୁମ୍ଭେ ପ୍ରଭୁ, ହେଉଅଛି ଏ ଜୀବନ ଦାସ
କଷ୍ଟ ଭବ ନ ଉଛାର ନକର ନିରାଶ ।

ଏହି ନିବେଦନ ବାଡ଼ି ପାଶେ ହେଲ ଉଭା ।
ପୁଣି ସ୍ୱର କର୍କଶରେ ଧରି ନିଜ ଶୋଭା ।

ବଜେ କଲି ଶ୍ରୁତି ପୁଟେ ଦାରୁଣ ସ୍ୱବରେ
ମିଥ୍ୟା ମୁହିଁ କହୁନାହିଁ ଅବଶ୍ୟ ସତ୍ୟରେ" ।

ପୁନର୍ବାର ଶୁଭିଗଲି ଆରେ ରେ ପାମର
କମ୍ପି କ୍ଷୋଭ କରୁ ମନେ ହୋଇଣ କାତର ।

ମୟୂରଭଞ୍ଜ ନୃପତି ଦଶଟଙ୍କା ଦାନ
କରିକି ନାହାନ୍ତି ରଖିବାକୁ ଅଭିମାନ ।

କି ସରଲେ ବତ୍ସବାବୁ୧ ହୋଇ ଅଗ୍ରସର
ପାଞ୍ଚଟଙ୍କା ଦାନ ଅର୍ଥେ ପିଙ୍ଗିଛି ପଥର ।

ଏବେ ଆସି ସ୍ୱର କଥା ଘଟିଲା ନିଶ୍ଚୟ
ଧାଇଁ ଆସ ଗ୍ରାହକ ହେ ଚହଲିବ ହୃଦୟ ।

ସ୍ୱତନ୍ତ୍ର ସ୍ୱବରେ ଜୀବ ଉତ୍ତମ ସଦନେ
ବସିଅଛି ବାଟ ଚାହିଁ ତବ ଆଗମନେ ।

ପୂଜିବ ଚରଣ ତବ ଭକ୍ତି ନମ୍ର ଭରେ
ଶୁଣାଇବ ହୃଦ-ପଦ- ବିଳାସ ଜ୍ଞାନରେ ।

---

୧. ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡା

Digitized by srujanika@gmail.com

ରସାଇବି ତବ ମନ ଗୁଢ଼ ଖାଣ୍ଟି ଭାବ
ଭାବ ଚିହ୍ନି ମୂଲ୍ୟ ଦେବ ଜାଣି ମୋ ସ୍ୱଭାବ ।

ତବ ଇଚ୍ଛା ମୂଲ୍ୟ ଏକା ମୋର ଦରକାର
ପୂର୍ବ ମୂଲ୍ୟ କେହି ଆଉ ନକର ବିଚାର ।

ପୂର୍ବ ମୂଲ୍ୟ ବଡ଼ ଟାଣ ଗ୍ରାହକ ବିରକ୍ତ
ଧନ ଦେଇ ମନ ଭ୍ରଷ୍ଟ ହୁଏ ଅବିରତ ।

ପ୍ରଥମେ ସରବ ଆଶା ଥାଏ ବଳବତୀ
କିନ୍ତୁ ଜ୍ଞାନ ଉପୁଜିଲେ ହୃଦେ ହୁଏ ଖାନ୍ତି ।

ଏବେ ଆଶାତୁଚ୍ଛ କରି କେବଳ ଧୈର୍ଯ୍ୟରେ
ବସି ଅଛି ବିଭୁ ସ୍ମରି ଏକାଗ୍ର ଚିତ୍ତରେ ।

ନର ଦେହ ବହି ଯେବେ ଥିଲେ ବା ଜୀବନେ
କଦା କି ଲୁଚିବ କ୍ଷେତ୍ରେ କେହି ବା ଗୋପନେ ।

ସତୀ ତେଜ ବଳେ ଜାଣ ସଂସାର କ୍ଷେତ୍ରରେ
କରିବ ଗମନ ଦେଖି ତୁମ୍ଭର ଆଗରେ

ଡରନାହିଁ ଡରନାହିଁ କୁହୁକ ସ୍ୱରରେ
ଉଡ଼ିଲାଣି ଉଡ଼ିଲାଣି ଗଗନ ମାର୍ଗରେ ।

ଚିହ୍ନାଇବ ପ୍ରତିଷ୍ଠାନେ କରାଇ ସତର୍କ
ସତ୍ୟ କଥା ସତ୍ୟ ରୂପ ବଢ଼ାଇ ବିବେକ ।

ସତ୍ୟ ପାଳ ସତ୍ୟ କହ ଜଗତରେ ଚଳ
ତବ କଣ୍ଠେ ଲମ୍ବିଯିବ ଧର୍ମ-ପୁଷ୍ପ-ମାଳ ।

ସତ୍ୟ ଜ୍ୟୋତିର୍ମୟ ପ୍ରଭୁ ନିତ୍ୟ ନିରଞ୍ଜନ
ତାଙ୍କ ପଦେ ମନ ଦେଇ କର ଆଗମନ

ଦେଖିବ କି ଚିତ୍ର ଅବା କି ଅଦ୍ଭୁତ ଭାବ
କେତେ ଦିନୁ କେତେ ସ୍ୱରେ ଶୁଭୁଅଛି ରାବ ।

ବିଭିନ୍ନ ରାଗରେ କେତେ ବିଭିନ୍ନ ତାଳରେ
ଚାଲିଛି ଜୀବନ ଆଶା ଶୁଷ୍କ ସରୋବରରେ ।

Digitized by srujanika@gmail.com

ଫୁଟିଛୁ ନଳିନୀ ଦେଖି କି ରୂପ ମାଧୁରୀ
ଯନ୍ତ୍ରଣା ଶିଶିର ପାଇ ଦେଉଅଛୁ ଢାଳି ।

ବିରକ୍ତ-ଭ୍ରମର ସଦା ଢ଼ାଳେ ସୁଧା-ଧନ
ତା ନିଜ ସୁଖରେ ସଦା ଆସକତା ମନ ।

ନଜାଣି ପୁଷ୍ପର ଭାବ କରେ ହତଶିରୀ
ମନେ ବଢ଼େ କି ଗୁମାନ ବୋଲି ଅଧିକାରୀ ।

ଗୌରବଯେ ନଚହିଁଲି କିସ ପ୍ରୟୋଜନ
ବଳକାର ପରଶଂସା ଆସେ କି ବହନ ।

ଧନବଳ ପାଇ କିବା ଜୀବ କର ନାଶ
ଅଛୁ କି ସହଜ କଥା କପଟ ବିଶ୍ୱାସ ।

କରିଛ ହୃଦରେ ଭଲେ ନାହିଁ ପାପ ଭିତ୍ତି
ଈଶ୍ୱର କି ଭୁଲିଯିବେ ଦେଖି ଗୀତ ମାତି ।

ନାହିଁ ନାହିଁ କଦାପି ହେ ହେବେ ସେ ସହାୟ
ଧର୍ମ ପାଳି ସତ୍ୟ କହ ଧର୍ମ ସଙ୍ଗ ଜୟ ।

ଇଚ୍ଛା ଥିଲେ ଆସ ଆସ ଦେଲି ନିମନ୍ତ୍ରଣ
ସ୍ୱର ଆଶାଫଳ କିବା ଫଳିବ କେସନ ।

ବୃଥା ନୋହୁ ସେହି ସ୍ୱର ଆହେ କୃପାବାନ
ନାମ ଧନ୍ୟ କରିଭବେ ହୁଅ ପୁଣ୍ୟବାନ ।

ହେବ ମୁଁ ଅମର ଭବେ ସ୍ୱରର ବଳରେ
କେତେ ଆଗନ୍ତୁକ ପାଷା କରିବେ ଭକ୍ତିରେ ।

ନ ଭୁଲିବେ କେହି କେବେ କହୁଅଛୁ ସତ୍ୟ
ଏହି କଥା ଚିର ଭବେ ରହିଯିବ ମର୍ତ୍ତ୍ୟ ।

ତବ ଆଗମନେ ଆଶା ପୋଷି ଏ ହୃଦରେ
ବ୍ରହ୍ମପୁର ବଡ଼ ଦାଣ୍ଡ ସାହିର ଗୃହରେ

ନିବାସ କରିଛୁ ମୁହିଁ ସ୍ୱତନ୍ତ୍ର ଭାବରେ
ଭକ୍ତି ବଳ ଯାର ଅଛୁ ଆସ ତୁରିତରେ ।

Digitized by srujanika@gmail.com

ଭକ୍ତ ଧନ ଅଙ୍ଗେ ବହି କଥୋପକଥନ
ହେବ ଆହେ ବଙ୍କଗଣ ନୋହି ମୁଁ ବମନ ।

କର୍ତ୍ତବ୍ୟ ପାଳିଲି ମୁହିଁ ଜୀବନ-ସ୍ରୋତରେ
ଆଶା-ନାବ ଚଳି ଯାଉ ତା ନିଜ ଇଚ୍ଛାରେ ।

ସବୁ କଲି ଦୂର ଆଜ କେବଳ ଶ୍ରୀହରି
ତାଙ୍କ ଇଚ୍ଛା ପୂର୍ଣ୍ଣ କରି ଜୀବ ଯାଉତରି ।

●

[ବୃହତ ଖେମଣ୍ଡିରୁ ବିତାଡ଼ିତ ହେବା ସମୟରେ ଉପରଲିଖିତ ପଦ୍ୟଟି ଲେଖା ହୋଇଥିଲା । ରଚନା କାଳ ୧୯୦୨ ସାଲ ଅଗଷ୍ଟ ତା ୧ ରିଖ]

Digitized by srujanika@gmail.com

ପାପୀର ମିନତି

ନାରୀକୁଳେ କଳଙ୍କିତ ପାପିନୀ ରମଣୀ
କୁକ୍ଷଣେ ଆସି ମୁଁ ହରାଇଲି ପ୍ରେମମଣି ।

ତୋର ପରି କଷ୍ଟ ଆଉ ନାହିଁରେ ସଂସାରେ
ବସିଛ ବନ୍ଧୁର ଭ୍ରମେ ଏ ମାୟା ବଜାରେ ।

ଅଗ୍ନି ଚଟକେ ପଡ଼ି ମନ ଦଣ୍ଡେ ସ୍ଥିର ନାହିଁ
ନିଜ ହସ୍ତେ କାଟି ଗଲା ନିଜେ ଅପୂର୍ଥାଇ ।

ଦୁଃଖୀ ପରଗୃହୀ ହୋଇ ସେବେ ତୋ ଚରଣ
ଭୁଞ୍ଜୁଛି ଯାତନା ଅତି ଦଗ୍ଧ ଏ ଜୀବନ ।

ସେ ମାୟା ଭ୍ରମର ଉଡ଼ୁଅଛି ନିରନ୍ତର
ମର୍ମକୁ ମନ୍ଥଇ ପାନ କରଇ ନିର୍ଝର ।

ଜ୍ୱାଳା ସହି ନପାରଇ ସନ୍ତାପ ଲଭଇ
କାଳ ସର୍ପ ପ୍ରାୟେ ଆସି ଜୀବନ ଗ୍ରାସଇ ।

ସାଫଲ୍ୟ ଜୀବନ ପାଇ ଏବେ ମୁଁ ଉଦାସୀ
ଗ୍ରାସିଲା ପବନ ପ୍ରାଣେ ପାପର ମହସି ।

କେ ଗୃହିଁବ ଆଉ ମୋତେ ସର୍ବ ଅନ୍ଧକାର
କେ ହୋଇବ ଆଉ ମୋର ଏ ଦୁଃଖ କାତର ।

ସନ୍ତତରେ ମର୍ମ ପ୍ରାଣ କରୁ ହାହାକାର
କାନ୍ଦଇ ଏକାକୀ ବସି ବନ୍ଧୁର ଅନ୍ତର ।

Digitized by srujanika@gmail.com

ଦିବ୍ୟ ଜ୍ୟୋତି ଏ ଆଶାର ଶ୍ରୀପଦ କମଳେ
ସମର୍ପିଲି ମଧୁବାଣୀ ଭାଷନ୍ତୁ କୋମଳେ ।

ଏ ସକଳ ଅଟେ ସିନା କର୍ମର ଲିଖିତ
କେ ଆଉ କରିବ ମୋତେ ଏଥିରୁ ବଞ୍ଚିତ ।

ଯାହା ହେଲେ ହେଉ ପଛେ ମୁଁ ତବ ସନ୍ତାନ
ଚରଣେ ଶରଣ ରଖି ଦିଅ ପରିତ୍ରାଣ ।

●

[ସଂବଲପୁର ହିତୈଷିଣୀରେ ପ୍ରକାଶିତ, ପ୍ରକାଶ କାଳ ୨୭.୮-୧୯୧୦]

Digitized by srujanika@gmail.com

ପାସୋର

ତୁମ୍ଭଙ୍କୁ ପାସୋରି ଦେଇ ପଡ଼ିଛି ଅଜ୍ଞାନେ
ହରାଇ ଦେଇଛି ରତ୍ନ ବୃଥା ଅଭିମାନେ ।

ନାହିଁ ମୋ ସ୍ଥିରର ବୁଦ୍ଧି ନାହିଁ ମୋ ଶୀତଳ
ମାୟା ସମୁଦ୍ରରେ ବସି ହୁଏ ଢ଼ଳ ଢ଼ଳ ।

ସର୍ବଦାଗ ଗ୍ଲାନି ଅଛି ଆକୁଳ ନୟନେ
କାହିଁରେ ସାନ୍ତ୍ୱନା ପାଉନାହିଁ ଏ ଜୀବନେ ।

ମନ ଛନ ଛନ ପୁଣି ପ୍ରାଣ ଲଣ୍ଡ ଭଣ୍ଡ
ସଙ୍ଗେ ଫଳ ସେବନେ ଭୋଗେ ମଧ୍ୟ ଦଣ୍ଡ ।

ମଧୁର ବସନ୍ତ ନାହିଁ ଆଉ ଏ ହୃଦରେ
ସୁଧାଂଶୁ ଲୁଚିଅଛି ଭାବନା କାତରେ ।

ଝଙ୍କାର ଶବଦେ ଭୃଙ୍ଗ ଉଡ଼େ ଫରହର
କଳ୍ପନା-ସୁମନ ପାନେ ହୁଏ ଜର ଜର ।

ଉତ୍ତମ ବାସନା ସବୁ କରେ ଛିନ୍ନ ଭିନ୍ନ
ଗୁହାଁବା ମାନବେ ସେହି କାହୁଁ ହୁଏ ଲୀନ ।

ସୂର୍ଯ୍ୟ ଅନୁତାପ ପାଇ ଚନ୍ଦ୍ର ଶାନ୍ତ ନାହିଁ
ମାୟା ରୂପେ ବିମୋହିତ ସଦଜ୍ଞାନ କାହିଁ ।

ଏ ସବୁ ବିନାଶି ପ୍ରଭୁ ହୁଅ ପରସନ
ଅଭୟ ଚରଣେ ନେଇ ରଖନ୍ତୁ ଶରଣ ।

●

['ଉତ୍କଳବାର୍ତ୍ତା' ପତ୍ରିକାରୁ ସଂଗୃହୀତ; କବିତାଟିର ପ୍ରକାଶ-କାଳ ୧୪-୯-୧୯୧୫]

Digitized by srujanika@gmail.com

ମାନବର ଗର୍ବ

କେ ବୋଲେ ମୁହିଁ ବଡ଼ ସକଳ ଗୁଣରେ
କେ କହଇ ମୁହିଁ ବଡ଼ ଧନ ପୂରଣରେ ।

କେ ଭାଷଇ ମୋର ରୂପ ଅତି ମନୋହର
ମୋହଠାରୁ ବଳି କେହି ନଥିବ ସୁନ୍ଦର ।

କେହି ବିଦ୍ୟା ଗୁଣ ଗାଇ ଟେକେ ଗର୍ବ ପଣ
ଭାବୁଥାଏ ମୋହ ସମ ନାହିଁ ଅନ୍ୟ ଜନ ।

କେ କହଇ ମୋ ସମାନ ନାହିଁ ବଳବାନ
ମୋ ସମାନେ ସମକକ୍ଷ ନୁହେଁ ଅନ୍ୟ ପ୍ରାଣ ।

ସକଳ ଜାଣୁଛି ମୁହିଁ ଜ୍ଞାନର ବଳରେ
ପୃଥିବୀ ଟେକିବା ଶକ୍ତି ଅଛି ମୋ ଶରୀରେ ।

କେ ବୃଦ୍ଧି ବନ୍ଦନା କରି ନ ଟେକେ ବଦନ
ମହୀପରେ ଚଳେ ରଙ୍ଗେ ନଚଇ ଚରଣ ।

ମନ୍ଦର ସମାନ ମଣେ ତାର ଧୈର୍ଯ୍ୟ- ଠାଣ
ଚତୁର୍ଦ୍ଦିଗେ ଫିଙ୍ଗେ କସ ଭାବ ମନ ବାଣ ।

ଏଣେ ତେଣେ ପଡ଼େ ଶର ନଥାଇ ବିଚାର
କିବା ମୃଗ କିବା ବ୍ୟାଘ୍ର ଛନ୍ଦେ ପ୍ରାଣ ଦ୍ୱାର ।

ବ୍ୟାକୁଳ ଶବଦ ଶୁଣି ନାଚେ ପ୍ରାଣ-ପକ୍ଷୀ
କି ବୁଝିବ ବିକଳତା ଅଛି ଲକ୍ଷ୍ୟ ରଖି ।

ଲକ୍ଷ ଗୁଣ ବଡ଼ ସୂକ୍ଷ୍ମ ଅଙ୍ଗୁଳି ଅଗ୍ରରେ
ଭାବନା ଖେଳନା ଯାଇ ଓଗାଳେ ପଥରେ ।

Digitized by srujanika@gmail.com

ପଥ ପାର୍ଶ୍ୱକେ ବଧବ ବ୍ୟାପି ଅଛି ଶର
ଛିନ୍ନ ଭିନ୍ନ କରେ ପ୍ରାଣ ଆପଣା ଗର୍ବର ।

ତାର ଇଚ୍ଛା ପୂର୍ତ୍ତି କରେ ଆପଣା କ୍ରୋଧରେ
ଭଲ ମନ୍ଦ ଭାବ କିଛି ନରଖି ମନରେ ।

ସୁଖର ବନ୍ଦନା କର କେ ଫିଙ୍ଗଇ ବାହୁ
ସତେ କି ଚନ୍ଦ୍ରକୁ ଆସି ଗ୍ରାସିଦିଏ ରାହୁ ।

ସୁଖ ସଙ୍ଗେ କେତେ ମୋର ଉଠଇ ହରଷ
କେତେ ଭୋଗ କରିଯାଏ ଅର୍ଜେ ପଉରୁଷ ।

ବେଳେ ପଡ଼ିଗଲେ ଦୁଃଖୀ ତାହାର ନୟନେ
ହୃଦୟ ବର୍ଷଣ କରେ ନିଃଶ୍ୱାସ ବଚନେ ।
ତୃଣ ସମ ମଣୁଥାଏ ଦରିଦ୍ରର ପ୍ରାଣ
ଥିଲେ ଥାଉ ସାଧୁଗୁଣ ନକରେ ଆଘ୍ରାଣ ।

ମନ୍ଦ ମନ୍ଦ ହାସେ କହୁଥାଏ ନାନା କଥା
ତା ଗର୍ବ ତାହାର ପୁଣି ନ ଟେକାଏ ମଥା ।

ପଶୁରଇ ତୁମ୍ଭେ କଏ ଆସୁ ମୋ ପାଖକୁ
କସ ନିବେଦନ କରୁ ବୃଥାରେ ଭବକୁ ।

ଦୂର ହୁଅ ରହ ଯାଇ ତୋ କର୍ମ ଆଦର
କର୍ମେ ନାହିଁ ତୋର ଭୋଗ ହେଲୁ ଏତେ ସର ।

ବୃକ୍ଷ ବଢ଼ୁନରେ କାହିଁ ଫୁଟିବ ସୁମନ
ସୁମନ ନଥିଲେ ଫଳ କେ କରେ ଅର୍ପଣ ?

ଫଳ ନାହିଁ ରସପାନ କପରି କରିବୁ
ବୃଥା ସିନା ଶୁଷ୍କ ଆଶା ଜଗତେ ଫିଙ୍ଗିବୁ ।

ବିନା କର୍ମ ହେତୁ କେହି ନ ହେବ ପ୍ରସନ୍ନ
କର୍ମ ଯଦି ଭଲ ନାହିଁ ତାର କି ଜୀବନ ?

କର୍ମର ଓଜନ ଅବା କେ ଧରି ତୁଳଇ
ଅରୁଣ ନୟନ କରି ବଚନ କ୍ଷେପଇ ।

Digitized by srujanika@gmail.com

ଗର୍ବର ସ୍ୱଭାବ ଏହା ମନେ ଧରସରା
ବଳଗି ଉଠଇ କବା ପୂର୍ଣ୍ଣ କାମ ପରା ।

ଏହିପରି ଗର୍ବୀଙ୍କର ପଡ଼ିଥାଏ ହୁର
ଗର୍ବ ମଦେ ମାନବର ପ୍ରାଣଯାଏ ବୁଡ଼ି ।

କାଳର କରାଳ ବଳ କିଛି ଭାବେ ନାହିଁ
ଭ୍ରମୁଥାଏ ନିଜ ଗର୍ବେ ସୁଖ ପଛେ ଧାଇଁ ।

ବୃଥା ଆମୋଦରେ ସଦା ହୁଏ ବିଦ୍ୟମାନ
ଆତ୍ମାର ସଦ୍‌ଗତି ଭାବ ନ ବୁଝଇ ପ୍ରାଣ ।

କାମ କ୍ରୋଧ ହିଂସା ଗର୍ବେ ହୋଇ ପରିପୂର୍ଣ୍ଣ
କିଛି ବୁଝି ନପାରଇ ଭଲ ମନ୍ଦ ଗୁଣ ।

ପ୍ରଭୁଙ୍କର ନାମ ଆଉ ନ ସ୍ମରଇ ମନେ
ଚିର ସୁଖ ଆଶା ବକ୍ଷେ ଭ୍ରମଇ ଭୁବନେ ।

●

[ରଚନା କାଳ ୨୦-୭-୧୯୧୬—ସାବିତ୍ରୀ
ପତ୍ରିକାରେ ପ୍ରକାଶ ପାଇଥିଲା]

Digitized by srujanika@gmail.com

ଭାବନା

କେତେ ଦିନେ ଆହେ ପ୍ରଭୁ ଦେବ ଦରଶନ
ତବ ବିନା କେତେ ଦୁଃଖ ସହୁଛି ଜୀବନ ।

ଦେଖୁ ନାହିଁ ତବ ରୂପ ଛୁଟି ନାହିଁ ଆଶା
କି ଉଦ୍ଦେଶ୍ୟ ଅଛି ତବ, ନ ଶୁଣେ ଏ ଭାଷା ।

ଏହି ରୂପେ ଚାଲି ଯାଉଅଛି ଦିନ ରାତି
ଗଲେଣି ବସନ୍ତ ଋତୁ ମଧୁମୟ ସାଥି ।

ପିକ ଡ଼ାକ ଦେଇ ଦେଇ ହେଲେଣି ମଉନ
ଶୁଷ୍କ କଣ୍ଠେ କଛି ଆଉ ନ ସ୍ଫୁରଇ ସ୍ୱନ ।

ଆକାଶରେ ଚନ୍ଦ୍ର ତାରା ପୁଣି ହିଁ ତପନ
ଉଦେ ଅସ୍ତ କାର୍ଯ୍ୟ ସିଦ୍ଧି କରନ୍ତି ସାଧନ ।

ପୃଥିବୀରେ ଦେଉଛନ୍ତି ସୁଧା ଶଶୀ ଢ଼ାଳି
କରନ୍ତି ଶୀତଳ ପ୍ରାଣ ମାନସକୁ ଚାଲି ।

କେତେ ପୁଷ୍ପ ଫୁଟିଯାଇ ଲୋଟନ୍ତି ମହୀରେ
ହୃଦୟର ଭାବ ସବୁ ଲୁଚିଲା ଚିତ୍ତରେ ।

ସବୁ ଯାଉଛନ୍ତି ଚାଲି ମୁଁ ଦେଖୁଛି ବସି
ମାନଚିତ୍ର ଲେଖେ ମନ ହୃଦ ପଟେ ବସି ।

ତବ ଉପାସନା କରେ କାୟ ମନେ ହରି
ଉଦ୍ଧାର ହେବାକୁ ବାରେ ଏହି ଦୁଃଖ ତରୀ ।

Digitized by srujanika@gmail.com

ନିତି ନବ ପୁଷ୍ପ ତୋଳି ଗୁନ୍ଥୁ ଅଛି ମାଳ
କାହା କଣ୍ଠେ ଦେବ ଭାଳେ ଦୁଇ ନେତ୍ର ଢଳ ।

ଥରେ ତବ ଦରଶନ ନପାଏ ଜୀବନ
ନିତି ନିତି ଆଶା ପୋଷି ଢଳଇ ଚରଣ ।

କେତେ କେତେ ସୁଖ ସ୍ୱପ୍ନ ମାନସେ ବିକାଶେ
ଭାବ ଶେଷେ ମିଶିଯାଏ କଳ୍ପନା ଆକାଶେ ।

ଏହିପରି କେତେ କାଳ ଲକ୍ଷ ରଖିଥିବ
ଭକ୍ତ ଜ୍ୟୋତି ପ୍ରେମ ସୁଖେ ନିରାଶା ଢ଼ାଙ୍କିବ ।

●

[ରଚନା କାଳ-୧୯-୭-୧୯୧୬ ମାତ୍ର ପ୍ରକାଶ କାଳ ହେଉଛି ୧୯-୯-୧୯୧୬ । ଏହା ଗଡ଼ଜାତ ବାସିନୀରେ ପ୍ରଥମେ ପ୍ରକାଶ ପାଇଥିଲା]

Digitized by srujanika@gmail.com

ନିରାଶ

ଜନ୍ମଲଭି ଭୋଗୁଅଛି ଦୁଃଖ ଅପମାନ
ମନେ ଚିନ୍ତା କଲେ ହୁଏ ହୃଦୟ ବିଦୀର୍ଣ୍ଣ ।

ସକଳ ଭାବରୁ ପ୍ରଭୁ ହୋଇଛି ବଞ୍ଚିତ
ଯୋ’ ଭାବକୁ ଗଲେ ଖୋଜି ଘୋଟିଆସେ ଚିନ୍ତା ।

ଚିନ୍ତା-ସଖୀ ଶେଷ କରେ ସବୁ ଦେହ ବଳ
ଯେଣିକି ଗୃଳଲେ ମନ କାମନା ବିଫଳ ।

କ୍ଷଣ-ମାତ୍ର ସ୍ମରୁ ନାହିଁ ତବ ପ୍ରେମ ନାମ
କେବଳ ହୃଦୟେ ପୂର୍ଣ୍ଣ ହୋଇଛି ଅଜ୍ଞାନ ।

ଆଉ କି ହେବ ଉଦ୍ଧାର ଏହି ଆଶା ନାହିଁ
ବୃଥାରେ ଜୀବନ ଗଲା ମାୟା ପଛେ ଧାଇଁ ।

ଏ ଅଚିର ଧନ ସିନା କଲା ନାରଖାର
ଧିକ ଧିକ ଶତଧିକ ତାହାକୁ ଜୁହାର ।

ସେଥି ପ୍ରତି ହେବନାହିଁ ଆଉ ଆସକତ
ଚିହ୍ନିଲି ମହତ ପ୍ରଭୁ, ଚିହ୍ନିଲି ଜଗତ ।

ଧନ ସିନା କରେ ନାଶ ଅମୂଲ୍ୟ ରତନ
ବିତ୍ତ ନିଶା ବଡ଼ ଟାଣ ଘୁମାଏ ଜୀବନ ।

ତାହା ଯୋଗୁଁ ଭଲ ମନ୍ଦ ବାରିହୁଏ ନାହିଁ
ସାରକୁ କରେ ଅସାର ଭାବନା ବଞ୍ଚାଇ ।

Digitized by srujanika@gmail.com

ଦୂର ହୁଏ ପବିତ୍ରତା ପଦ୍ମକେ ନିର୍ଗଣ
ଉଲ୍ଲାସ ପଳାଏ କାହିଁ କରେ ନିଜ ବାସ ।

ନିଜ ବାସେ ଥାଇ ପୁଣି କରେ କେତେ ଠାଣି
ଝୁଲିଏ ରଙ୍ଗରେ ପୁଣି ଧରି ହାତେ ପ୍ରାଣ ।

ଝୁଲି ଝୁଲି ଯିବ ଥକି କି ଅଛି ଆପତ୍ତି
ବାୟୁରେ ବାୟୁ ମିଶାଇ ହରାଏ ମହତ ।

ବିଶ୍ୱାସେ ହୁଅଇ ଶ୍ରଦ୍ଧା ବିଶେଷ ପରିଣତ
ବିରସ ଭବରେ ଯାଇ କେ ପୋଷିବ ମତ ।

ଜ୍ୟୋତିରେ ଜ୍ୟୋତି ମିଶାଇ ନିଅ ଏ ଜୀବନ
ନିର୍ଗଣ କାଳରେ ପ୍ରଭୁ ଯାଉଛି ଶରଣ ।

●

[ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ରଚନା ତାରିଖ
୧୬-୭-୧୯୧୬ ପାରଳାଖେମୁଣ୍ଡି—ପ୍ରକାଶନ ତାରିଖ
୧୨-୯-୧୯୧୬]

Digitized by srujanika@gmail.com

ସୁଖ କିସ

ସୁଖ ସୁଖ ରଜ ବୋଲି ଏକ କଥା
ଶୁଣୁ ଅଛି ମୋର କର୍ଣ୍ଣ
କେତେ ଦୂରେ ଅବା ବହେ ଏ ମଳୟ
ନିକଟେ ନ ଦେଖେ ବର୍ଣ୍ଣ ।

ମଳୟକୁ ଡାକି ପଚାରେ ଏକଥା
ସତେ କହେ ଅଛି ସୁଖ
ମୁହିଁ ଦେଖେ ନାହିଁ ତାର କି ସ୍ୱରୂପ
ଦେଖୁଛି ସ୍ୱରୂପ ଦୁଃଖ ।

ଦୁଃଖ ମୟ ବୋଲି ଭାବୁଛି ସଂସାର
ଉଡ଼ାଏ ଶୋକ-କେତନ
ସମସ୍ତ ଭାବକୁ ଏକାଠି କରଇ
ଭେଦ ନ ରଖାଇ ମନ ।

ସୁଖର ତୃଷ୍ଣା ଜଗତ ଘୋଷୁଛି
ମୋର ପକ୍ଷେ ନାହିଁ କିଛି
ସୁମନ ସୁନ୍ଦର ଧରଇ କାଳିମା
ସୁଗନ୍ଧ ଯାଉଛି ବଞ୍ଚି ।

ଗନ୍ଧର ଗ୍ରାହକ ଜଣେ କେହି ନାହିଁ
ଭୁଞ୍ଜଇ କପାଳ ଦୋଷ
ବହୁ ଦିନ ଠାରୁ କରୁଛି ସେବନ
ନ ପାଉଛି ପରିତୋଷ ।

ନୟନରୁ ଆଜି କିଛି ଦିଶୁ ନାହିଁ
ବହି ବହି ଅଶ୍ରୁ ଜଳ
ନାହିଁ ମୋର ମାନ ନାହିଁ କିଛି ଧନ
ଆଜି କି ଅଛି ମଙ୍ଗଳ ।

Digitized by srujanika@gmail.com

ସତେ କି ଜନମି   ଜାତ କରି ମୋତେ
ଧୂଳି ଝାଡ଼ି ଥିଲି ଅଙ୍ଗ
ତାହା ଯେବେ ସତ୍ୟ   ଏହା କପାଁ ଭୋଗ
ହେଲାକି ଅଭାବ ସଙ୍ଗ ?

ଆହା ! ମୋ ଜନମି   କରି ଆହ୍ଲାଦ
ଥିଲୁ କି ମା ସୁଧା ଢ଼ାଳି
ତେବେ ସେହି ସୁଧା   କିସ ହୋଇଗଲା
ରହିଲା ନାରଶେ ଭାଳି ।

ତୋର ଚନ୍ଦ ବଳେ   ମୋର ଜ୍ଞାନ ବୃଦ୍ଧି
ହୁଅନ୍ତା ମୋ ମନ ସ୍ଥିର
ଅତି ଅଳ୍ପ ଦିନେ   ଶୁଣି ପାରିଥାନ୍ତି
ସୁଖର ଗମ୍ଭୀର ଗିର ।

ସେହି ପରସନ୍ନେ   ଦେଇ ଦରଶନ
ନାଶନ୍ତି ମୋହର କ୍ଲେଶ
ତା ରୂପ ମାଧୁରୀ   ବିସ୍ତାରି ଜଗତେ
ସାଧନ୍ତି ମୋର ଉଦ୍ଦେଶ୍ୟ ।

ଥିଲେ ପଛେ ଥାଉ   ମୁଁ ହିଁ ଦେଖି ନାହିଁ
ସୁଖର କି ବର୍ଣ୍ଣ ଚିହ୍ନ
ତାକୁ ଆଉ ମୁହିଁ   ଲୋଡ଼ି ନ ପାରଇ
ହେଲିଣି ସବୁରେ ହୀନ ।

ଦୁଃଖ ମୋର ବନ୍ଧୁ   ଦୁଃଖ ମୋର ସାହା
ଜାଣିଗଲି ଭଲ କରି
ତାର ନାମ ଗାଇ   ତାର ପଦଧ୍ୟାୟୀ
ଯିବି ତାକୁ ସଙ୍ଗେ ଧରି ।

●

[ସଂବଲପୁର ହିତୈଷିଣୀ ତା ୧-୯-୧୮୧୬ ସଂଖ୍ୟାରୁ
ସଂଗୃହୀତ-ରଚନା କାଳ ୧୮-୭-୧୯୧୬ ପାଟ୍‌ଲୋଗେମୁଣ୍ଡି]

Digitized by srujanika@gmail.com

ସଂସାରର ସୁଖୀ କିଏ

ପ୍ରମୋଦ ସୁନ୍ଦର ଉଦ୍ୟାନେ
ଅଳି ଉଡ଼ୁ ଅଛନ୍ତି,
ହସ ହସ ମୁଖ କରାଇ
ସୁଖେ ପୁଷ୍ପେ ବସନ୍ତି ।୧।

ପାନ କରୁଛନ୍ତି ଆନନ୍ଦେ
ମକରନ୍ଦ ସୁଖରେ,
ଝଙ୍କାର ଶବଦେ ଉଡ଼ନ୍ତି
ଚିର ଭବ ସଂସାରେ ।୨।

ତଥାପି ସେ ଚିର ନୁହନ୍ତି
ଉଡ଼ିଯାଏ ଜୀବନ,
ମଧୁପାନ ଥାଏ ମୁଖରେ
ବୁଜିଦିଅନ୍ତି ନୟନ ।୩।

ଆସଇ ବସନ୍ତ ସୁଧୀରେ
ପ୍ରାଣ କରି ବିଭୋଳ,
ପଞ୍ଚ ସ୍ୱରେ ତାନ ବଜାଇ
ସଙ୍ଗେ ଯେନି କୋକିଳ ।୪।

ମଧୁ ପୂର୍ଣ୍ଣିକରେ ସବୁରେ,
ଗ୍ରେହ୍ନ କରାଇ ଗନ୍ଧ,
ମାନବ ଜୀବନ ବଳରେ
ଭବେ କରାଇ ଅନ୍ଧ ।୫।

Digitized by srujanika@gmail.com

ତଥାପି ସେ ଚିର ନୁହଁଇ
ମିଶିଯାଏ କାହିଁରେ,
ଆସିଲା ବସନ୍ତ ଶବଦ
ମାତ୍ର ରହେ ମହୀରେ ।୬।

ନିର୍ମଳ ଗଗନ ମାର୍ଗରେ
ଉଦେ ହୋଇ ଚନ୍ଦ୍ରମା,
କେତେ ସୁଧା ଢ଼ାଳି ଦିଅନ୍ତି
ଶାନ୍ତି ସଙ୍ଗତେ କ୍ଷମା ।୭।

ଶାନ୍ତିର ସହିତେ ଜୀବନ
ନାଚି ଉଠେ ଜଗତେ,
ବିଶ୍ରାମ ଯେତେକ ନାହିଁଣ
ମନ ରହେ ଉଷତେ ।୮।

ତଥାପି ସେ ଚିର ନୁହଇ
ଲୁଚିଯାଏ ଗଗନେ,
ନିଶାମଣି ପ୍ରେମେ ବସନ୍ତ
ଗୁପ୍ତ ହେତୁ ବଦନେ ।୯।

ଉଡୁଛନ୍ତି କେତେ ବିହଙ୍ଗ
କୋଳାହଳ ଧ୍ୱନିରେ,
ଫଳ ରସ ପାନ କରନ୍ତି
ଏକୁ ଏକ ସଙ୍ଗରେ ।୧୦।

ପଶୁ ପକ୍ଷୀ ମିଳି ମିଶିଣ
କ୍ରୀଡ଼ା କରନ୍ତି ହେଲେ,
ତାଙ୍କ ଇଚ୍ଛା କାମ ସଂପୂର୍ଣ୍ଣ
ହୋଇଅଛି ସକଳେ ।୧୧।

Digitized by srujanika@gmail.com

ତଥାପି ସେ ଚିର ନୁହଁନ୍ତି
ଲୁଚି ବସନ୍ତ ବାସେ,
ପ୍ରୀତି ଭାବ ସବୁ ଗୁଲଛ
ମଧୁ ନିର୍ମଳେ ପାଶେ ।୧୨।

ଭୋଗିଅଛୁ କେତେ ଜୀବନ
ଦୁଃଖ ସୁଖ ବିରହ,
ମିଷ୍ଟାଳାପ କେତେ ଶୁଣିଛୁ
କେତେ ବହିଛୁ ଲୁହ ।୧୩।

ଦେଖିଅଛୁ କେତେ ନୟନେ
ସୁଖ ଆଶା ସପନ,
ଦୁଃଖ ସଙ୍ଗେ ସୁଖ ମିଶାଇ
କରିଅଛୁ ମିଳନ ।୧୪।

ଏ ମଧ୍ୟ କି ଚିର ହୁଅଇ
କହ କେ ଜାଣିଥିଲେ,
ତାହାର ପରଶେ ଲଭିବ
ନବ ଜୀବନ ଭଲେ ।୧୫।

ବଢ଼ିଥିଲି କେତେ ଯତନେ
ପିତା ମାତାଙ୍କ କୋଳେ,
ଖେଳୁଥିଲି ମନ ଆନନ୍ଦେ
ଭାଇ ଭଗ୍ନୀଙ୍କ ମେଳେ ।୧୬।

ବନ୍ଧୁ ସ୍ନେହୀ କେତେ ପୀରତି
କରୁଥାଆନ୍ତି ନିତି,
ଶିଶୁର ଅସ୍ଫୁଟ ବଚନ
କେତେ ଶିଖାଏ ଗୀତି ।୧୭।

Digitized by srujanika@gmail.com

ଋତୁ ସଙ୍ଗେ ଋତୁ ମିଶାଇ
ଢାଳ ଦଅଇ ମାର,
ଶୁଣା ଶୁଣି ବାକ୍ୟ ଅନେକ
ଶୁଣି ହୁଅଇ ଧୀର ।୧୮।

ତଥାପି ଏ ଚର ନୁହଇ
ଭୁଲି ଯାଏ ରଙ୍ଗରେ
ଯାର ଭାବ ସେହି ଆବୋରି
ଖେଳୁଥାଏ ଶୂନ୍ୟରେ ।୧୯।

ଅନ୍ତର ମଧ୍ୟରେ ଢଳଇ
ସଦା ଜ୍ୟୋତି ଅନଳ,
ଚତୁର୍ଦ୍ଦିଗେ ବ୍ୟାପି ଉଠଇ
ହଳାହଳ ବକଳ ।୨୦।

ବିଷର ମଧ୍ୟରେ ଅମୃତ
କେହି ଦେବ ପରଶି,
ଗଗନ ନଥିଲେ କପର
ଉଦେ ହୋଇବେ ଶଶୀ ।୨୧।

ଏଣୁ କରି ଏହି ଜଗତେ
କେହି ନୁହେଁ କାହାର,
ଏକାକୀ ଜୀବନ ଭୁଲିବ
ଭୋଜ ଥୋଇ ସଂସାର ।୨୨।

●

[ରଚନା କାଳ ୨୪-୭-୧୯୧୬-ଏହା କୌଣସି ପତ୍ରିକାରେ
ପ୍ରକାଶ ପାଇନଥିଲା]

Digitized by srujanika@gmail.com

ଦୁଃଖର ମହିମା

ହେ ଅତିଥି ମହାଗୁରୁ ଧନ୍ୟ ତବ ମନ୍ତ୍ର
ଆଜ ବୁଣି ବୁଣି ହୃଦେ ବଢ଼ାଉଛୁ ତନ୍ତ୍ର ।
ପ୍ରକାଶିଣ ତୋ ମହିମା ପ୍ରଫୁଲ୍ଲ ଶ୍ରୀମୁଖ
କ୍ଷଣକେ ଆବୋରିପାରୁ ଯେତେ ଥାଏ ସୁଖ ।
କେତେ ଶିକ୍ଷା ଦେଇଯାଉ ଶିଷ୍ୟଗଣ ମନେ
ଫୁଟିଲା କମଳ ଦେଖି ମର୍ଦ୍ଦାଉ ଚରଣେ ।
ନବୀନ ବସନ୍ତ ତୋର ନ ଦେଖେ ନୟନ
ଉଲ୍ଲାସ ହୃଦୟ ଆଣେ ଚଳାଉ ଗମନ ।
ମଧୁର ମିଳନେ ଯେବେ ହୁଏ ପୁଷ୍ପ ବୃଷ୍ଟି
ପଞ୍ଚ ସ୍ୱରେ ଗାନ ଗାଇ ବ୍ୟାପିପାରୁ ସୃଷ୍ଟି ।
ସାକ୍ଷୀ ଥିବେ ରହିଥାଉ ଲୋଟାଇ ମସ୍ତକ
ପୁଲକେ ଆକୁଳ ଦେଇ କ କନ୍ଦାଉ ଲୋକ ।
ଜୀବନ-ଦେବତା ପାଶେ ପ୍ରସାରୁ ଅଞ୍ଜଳି
କେ ମାନବ ତୋ ମହିମା ଯିବ ପାରି କଳି ।
ସ୍ୱଚ୍ଛ ପ୍ରେମ ତରଙ୍ଗରେ ପଡ଼େ ଯେବେ ଝଳ
କୂଳରେ ଲଗାଇପାରୁ ଜୀବନର ବଳ ।
ଉଲ୍ଲସି ଉଠିଲା ପ୍ରେମେ ତରୁଣୀ ଜୀବନେ
ସୁମନ ତୋଳଇ ହସି କୁସୁମ କାନନେ ।
ଦଗ୍ଧ ହୋଇଯାଏ ତେବେ ତୋ କୋମଳ ହୃଦ
ତଟିନୀ କୁମୁଦ ବାରେ କରିପାରୁ ମୁଦ ।
ତେଣୁ ଅଟୁ ଗୈର-ଭୃଙ୍ଗ ବୁଲୁ ବନେ ବନେ
ମଧୁ ଖାଇ ଶୋଇପଡ଼ୁ କୁସୁମ ଶୟନେ ।
ଝୁଲେ ଯେବେ ଏ ଜୀବନ ରତନ ପଲଙ୍କେ
ହରଷେ ବରଷ ଦେଇ କ୍ଷତ କରୁ ନଖେ ।

Digitized by srujanika@gmail.com

ଛିଣ୍ଡାଇ ପଲଙ୍କ ଡୋର ପକାଇ ଭୂମିରେ
ଛପି ଛପି ଦେଖୁଥାଇ ନୟନ ଭଙ୍ଗିରେ ।
ସୁଖ ଶିଖା ପଡ଼ିଗଲେ ଭାବନା ରାଜ୍ୟରେ
ଆଳାପ କଳାପ କରୁ ଆମୋଦ ସଙ୍ଗରେ
ମୋହର ସାଗର ବକ୍ଷୁ ତୋହର ଜନମ
କେତେ ଗର୍ବ ଭାବେ ଲେଖିପାରୁ ଚନ୍ଦ କମ ।
ନିଶ୍ଚିନ୍ତରେ ସୁଧା ପାନ କରୁ ପ୍ରେମେ ହସି
ଉଚ୍ଛୁଳି ଉଠୁଛି ଭାବ କାହା ପାଶେ ବସି ।
ଡାଳୁଅଛି ସୁଖ-ଚନ୍ଦ୍ର କମଳେ କିରଣ
ଅଧରୁ ପଡ଼ୁଛି ଝଡ଼ି ଗୋଲାପ ସୁମନ ।
ତରୁଣୀ କୋଳରେ ବସି ଦିଶୁ କେତେ ଶୋଭା
ମୁଁ ହି କି ନ ଭାଙ୍ଗିଦେବ ତୋର ଏହି ଲୋଭା ।
ତେବେ ହୋଇପାରେ ତୋର କର୍କଶ ବଦନ
ଅଙ୍ଗୁଳି ଅଗ୍ରରେ ଧରି ଝଙ୍କାଇ ଜୀବନ ।
କିସ ପାଇଁ ଆହେ ଗୁରୁ ତୁମ୍ଭର ଏ କର୍ମ
କି ଶିକ୍ଷାରେ ତବ ଜନ୍ମ ହେଲା ଏ ଭୁବନ ।
ସୁଧାରେ ବିଷ ମିଶାଇ କହୁ ମଧୁବାଣୀ
ଆଶା-ବନେ ବୁଲିଯାଉ ପୁଷ୍ପରସ ଘୁଣି ।
ଭୁଲଇ ବସନ୍ତ ବ୍ୟାପେ କି ଦାରୁଣ ଖରା
ଅଶ୍ରୁ-ପୁଷ୍ପ ବରଷାଇ ମଣ୍ଡିପାରୁ ଧରା ।
କେତେ ଦୂରେ ଶୁଭେ ତୋର ଆଗମନ କଥା
ମରୀଚିକା ପାଶେ ଉଭା ଧରି ବ୍ୟାକୁଳତା ।
ବ୍ୟାକୁଳତା ସଙ୍ଗେ ଝଞ୍ଜା ପ୍ରବେଶଇ ଆସି
ସୁବର୍ଣ୍ଣ ନର୍କଉପୁର ବେଗେ ଦିଏ ନାଶି ।
ସୁଖ ଶଶୀ ବୁଡ଼ିଯାଏ ତରଙ୍ଗି ର ଜଳେ
ମଣିହରା ଫଣୀ ପରି ରହେ ରସା ତଳେ ।

କ୍ଷଣିକରେ ତୁଟିପାରେ ସୁଖର ଗାରିମା
ଗୁଞ୍ଜିଁ ଗୁଞ୍ଜିଁ ଏ ଜଗତେ ବ୍ୟାପେ ତୋ ମହିମା ।

Digitized by srujanika@gmail.com

ଶୂନ୍ୟରେ ଉଡ଼ଇ ପ୍ରାଣ ତୋ ରାଜତ୍ୱ କାଳେ
ଅଗ୍ନିରେ ଆହୁତ ଆଣି କେଉଁ ସଖୀ ଢ଼ାଳେ ?

ଉଷତରେ ହସି ଗୃହୁଁ ସ୍ନେହେ ଢ଼ଳ ହଳ
ଉଲ୍ଲାସ କରଇ ଶୁଷ୍କ ବକ୍ଷୁଁରୁ ଅନଳ ।

କେତେ ହାସ ପରିହାସେ କହିପାରୁ କଥା
ଅନ୍ତରେ ବିଷାଦ ଢ଼ାଳି ପୋଛିଦେଉ ମଥା ।

କ୍ଷଣେ ହାସ ଲୁଚିଯାଏ କ୍ଷଣକେ କ୍ରନ୍ଦନ
କ୍ରନ୍ଦନ ଚେଲରେ ଭସେ ଏ ଦୁଃଖି ଜୀବନ ।

ତୋ ଲୀଳା ଖେଳାରେ ଆଉ ନୟନ ନ ଟଳେ
ବଡ଼ି କଲବଲ ପ୍ରାଣ ତୋ ମହିମା ବଳେ ।

ବିଫଳ ହୁଏ ସକଳ ବାସନା ମନର
ଗଳାମାଳା ଶୁଖିଯାଏ ପଡ଼ି ତୋ ପୟର ।

ଆଉ କି ବର୍ଣ୍ଣିପାରିବି ତୋର ଗୁଣ ରାଶି
ତୋ ଲୀଳା ସ୍ରୋତରେ ପଡ଼ିଯାଉଅଛି ଭାସି ।

କୁସୁମ ଅଞ୍ଜଳି ଧରି ବନ୍ଦୁଛି ଚରଣ
ତୋର ମନ୍ତ୍ର ଫୁଙ୍କ ନାହିଁ ଆଉ ମୋର କର୍ଣ୍ଣ ।

●

[ରଚନା କାଳ ୨୯-୬-୧୯୧୬; କୌଣସି
ପତ୍ରିକାରେ ପ୍ରକାଶ ପାଇନଥିଲା]

Digitized by srujanika@gmail.com

ପ୍ରାଣକୁ ସାନ୍ତ୍ୱନା

ନ ରହିବ ଏ ସମୟ ଜାଣିଥାରେ ପ୍ରାଣ
ନ ଉଡ଼ିବ ଏହି ଭୃଙ୍ଗ ଝଙ୍କାର ତା ଗାନ ।

ନ ଶୁଭିବ ବୀଣା ଭବ ସଂସାର ମଧ୍ୟରେ
ନ ରହିବ ନବ ଜ୍ୟୋତି ନୟନ ସଙ୍ଗରେ ।

ଏହି ଚନ୍ଦ୍ର ସୂର୍ଯ୍ୟ ତାରା ଯିବେ ସବୁ ବୁଡ଼ି
ଅନ୍ଧାର ସମସ୍ତ ହେବ ପଥ ଯିବ ହୁଡ଼ି ।

ଏ ପୁଷ୍ପ ଉଦ୍ୟାନ ପୁଣି ଧରି ପୁଷ୍ପ ଶୋଭା
ବସନ୍ତ ସହିତେ ନଷ୍ଟେ ତୁଟି ଯିବ ଲୋଭା ।

କୁଞ୍ଜେ କୁଞ୍ଜେ ପ୍ରେମ ସୁଖେ ନ ଉଡ଼ିବ ପକ୍ଷୀ
ଧୀର ମକରନ୍ଦ ପାନେ ଯିବ ଲକ୍ଷ୍ୟ ରଖି ।

ତଥାପି ତୋହର ନେତ୍ରେ ପୂର୍ଣ୍ଣ ହେବ ଜଳ
ତୁଟି ଯିବ ଥିବ ଯେତେ ଭାବ ପୂର୍ଣ୍ଣଫଳ ।

ଉଠିବ କ୍ରନ୍ଦନ ରୋଳ ଭୁଲିଯିବ କ୍ରୀଡ଼ା
ହୃଦୟ ବିଷାଦେ ପୂର୍ଣ୍ଣ ପ୍ରବେଶିବ ବ୍ରୀଡ଼ା ।

ଯେତେ ସଞ୍ଚି ଥିବୁ ମଧୁ ହେବ ଶୂନ୍ୟ ହସ୍ତ
ଉଦେ ହେବା ଭାନୁ ହେବେ ପଶ୍ଚିମରେ ଅସ୍ତ

ବନ୍ଧୁ ଥିବେ ଯେତେ ପ୍ରାଣୀ ତୋର ଆଶ ପାଶେ
ନ ଚଳିବେ ସଙ୍ଗେ କେହି ମାର ଉର୍ଦ୍ଧ ଶ୍ୱାସେ ।

ଅଞ୍ଚଳେ ପୋଛିବେ ମାର ସ୍ମରି ପୂର୍ବ ଭାବ
ଶ୍ରୀ ଅଙ୍ଗ ଆଉଁସି କନ୍ଦି ଦେବେ ଶୁଷ୍କ ରବ ।

ଆଜ ସେ ସୁନ୍ଦର ମୂର୍ତ୍ତି ନ ଫେରିବ ତୋର
ଯିବ ପ୍ରାଣ ବାୟୁ ଉଡ଼ି ଶୂନ୍ୟ ହେବ ଘର ।

Digitized by srujanika@gmail.com

ଆସିଥିବୁ ଯେଉଁ ସ୍ଥାନୁ ଯିବୁ ସେହି ସ୍ଥାନ
ବୃଥାଠାରେ କପାଁ ଏତେ ଧରୁ ଅଭିମାନ ।

ସୁନ୍ଦର ସୁମନେ କେତେ ବସିଥିଲୁ ଅଳି
ଲଜେ ଲଜେ ଯିବ ହସି ତୋର ଅନ୍ତ କଳି ।

ଧୀର ସମୀରଣ କରିଥିବ ଅଙ୍ଗେ ଖେଳା
ନ ରହିବ ହାସ ରଙ୍ଗଏ ଅମୃତ ବେଳା ।

ଏଥି ପାଇଁ କପାଁ ତୋର ଏତେ ମତ୍ତଗର୍ବ
ଯାହା ଥିବ ସୁଖ ଆଶା ଦନେ ହେବ ଖର୍ବ ।

ମନୋହର ନେତ୍ର ଦେବ ଊର୍ଦ୍ଧ୍ୱକୁ ଅନାଇ
ଅସୀମ ଅନନ୍ତେ ମିଶିଯିବୁ ଧୀରେ ଯାଇ ।

ଶୁଭ୍ର ରଙ୍ଗ ଭୂମି ଦେହ ହେବ ଭସ୍ମ ସାତ
ଜାଣିଥାଅ ମୃତ୍ୟୁ ଶବ୍ଦ ଶେଷେ ହେବ ଖ୍ୟାତ ।

●

[ଗଡ଼ଜାତ ବାସିନୀ ୨୫-୯-୧୯୧୬ ସଂଖ୍ୟାରୁ
ସଂଗୃହୀତ—ରଚନା କାଳ ୨୫-୭-୧୯୧୬
ପାରଳାଖେମୁଣ୍ଡି]

ଧୂଳି ଖେଳ

ଆସ ପିଲାମାନେ ମିଶି ପ୍ରାଣେ ପ୍ରାଣେ
ଖେଳିବା ଆନନ୍ଦେ ରସି
ସଜି ଧୂଳିଘର ବାନ୍ଧି ପୁରେ ପୁର
ଆନନ୍ଦେ ବସିବା ହସି ।
ଏ ବାଳ ପୁରକୁ ସପତ ମହଲ
ସରିକି ହେବ ସଙ୍ଘାତ
କେତେ ଲୀଳା ଭାବ ଉଛୁଳେ ଜୀବନେ
ଉତ୍ତମ ବସ୍ତୁର ଜାତ ।
ଯେତେ ବାଲ୍ୟ ଲୀଳା କରିବା ଏଥିରେ
ଈଶ୍ବରଙ୍କୁ ସାକ୍ଷୀ କରି
କାମନାର ଫଳ ନ ହେବ ବିଫଳ
ଥାଅ ଏହା ଦୃଢ଼େ ଧରି ।
ଧୂଳି ଧୂସରକୁ ସରି ହେବ ନାହିଁ
ରତ୍ନ ଅଳଙ୍କାର ଯେତେ
ଆମ୍ଭର ଶ୍ରୀଅଙ୍ଗ ଦେଖିଲେ ଜନନୀ
ପୀରତି କରିବ କେତେ ।
କୋଳରେ ବସାଇ ମୁଖେ ଦେବ ଚୁମ୍ବ
ସ୍ନେହ ଭରେ ହୋଇ ଭୋଳ
ଆଉଁସିବ ଦେହ କହି ଗୁଣ୍ଠୁ କଥା
ହୃଦୟ ହେବ ତରଳ ।
ଧୂଳି ଖେଳ ସମ ସିନା ଏ ଜଗତ
କିଛି ନାହିଁ ଚିର ସ୍ଥାୟୀ
ଏଥି ଲକ୍ଷ୍ୟ ରଖି କୋମଳ ଜୀବନେ
ଜ୍ଞାନ ଦେବା ପହଞ୍ଚାଇ ।

Digitized by srujanika@gmail.com

ଖେଳା ଶେଷେ ଯେହ୍ନେ ଭାଙ୍ଗି ଧୂଳି ଘର
ଚଳୁଅଛେ ମାତା ପାଶ
ତେସନେ ମାନବ କ୍ରୀଡ଼ା ଶେଷ କର
ଚଳିଯାଏ ନିଜ ବାସ ।

ଅନ୍ତେ ହୁଏ ଲୀନ ନ ଦିଶଇ ଚିହ୍ନି
ଶୂନ୍ୟମୟ ହୁଏ ସବୁ
କାଟଇ ମମତା ଯେତେ ପ୍ରୀତି ଭାବ
ଉଦ୍ଧାର ହୁଅଇ ଭବୁ ।

●

[ରଚନା କାଳ ୫·୮-୧୯୧୬ ପାରଳାଖେମୁଣ୍ଡି,
ଅପ୍ରକାଶିତ ଥିଲା, ପାଣ୍ଡୁଲିପିରୁ ସଂଗୃହୀତ]

Digitized by srujanika@gmail.com

ଅତିଥିର ଭ୍ରମଣ

ଯେ କାଳେ ଅତିଥି ଭ୍ରମଇ ବିଦେଶ
ସବୁ ମଣେ ନିଜ ଘର
ସେ କାଳେ ତାହାର ନ ଥାଏ ବିଚାର
କିସ ଘର କିସ ପର ।

ବିଦେଶରେ ଯେବେ ଥାଏ ସେ ଅତିଥି
ସବୁ ସଙ୍ଗେ ବୁଲୁଥାଏ
ସେହି ସମୟରେ ନିଜ ଚିନ୍ତା ନାହିଁ
ସବୁ ହିତ ମଣିଯାଏ ।

ଯେବେ ସେ ଆସଇ ନିଜ ଗ୍ରାମ ବୁଲି
ମଣେ ମୋର ଗୃହ ସୁଖ
ବିଦେଶ ପ୍ରାନ୍ତରେ ବୁଲି ବୁଲି ମଲି
ଭୁଞ୍ଜିଣ ଅସହ୍ୟ ଦୁଃଖ ।

ନିଜର ଗ୍ରାମଟି ନିଜର ଗୃହଟି
ସବୁ ମଣୁଥାଏ ଭଲ
ନଦୀ ପୁଷ୍କରଣୀ କୁସୁମ କାନନ
କାହିଁ ନାହିଁ କିଛି ସଲ ।

ମୋ ଦେଶ ବଣକୁ ଅନ୍ୟ ସବୁ ନୁହେଁ
ମୋ ଦେଶ ଉତ୍ତମ ସାର
ପୁଷ୍ପ ଗନ୍ଧ ବହି ପ୍ରକାଶେ ଶୀତଳ
ଅସୀମ ଅଟେ ବିଚାର ।

Digitized by srujanika@gmail.com

ନିଜ ଦେଶ ଚେଳେ ବଡ଼ିମା ପଣରେ
ବିଦେଶଙ୍କୁ କରି ନିନ୍ଦା
ଦେଖିଲି ବେଳକୁ କିଛି ଦେଶେ ଥାଏ
ବିଦେଶର ସବୁ ଚିନ୍ତା ।
ପୁଣି ଯେବେ ଯାଇ ଅନ୍ୟ ରାଜ୍ୟ ମାର୍ଗେ
ବିଚରଣ କରେ ଭ୍ରମି
ବଖାଣଇ କେତେ ନିଜ ରାଜ୍ୟ ଭାବ
କଣ୍ଠରେ ନୋହି ଶରମି ।
କେତେ ଶ୍ରେଷ୍ଠ ପଣ ହାତି ଘୋଡ଼ା ଠାରୁ
ସବୁ ଏ ରାଜ୍ୟରେ ଭଲ
ସୁଖର ମହିମା କେତେ ଗାଉଥାଏ
ଭାବନା ଚେକ କେବଳ ।
ଯେତେ ଦେଶ ଭ୍ରମେ ସେତେ ଦେଶ ଚେକେ
କାହିଁରେ ନ ଥାଏ ଅନ୍ତ
କେଉଁ ଦେଶ ବାୟୁ କେଉଁ ଦେଶ ଜଳ
କେଉଁ ଦେଶର ମହତ ।
କେଉଁ ଦେଶ ମାଟି କେଉଁ ଦେଶ ଶସ୍ୟ
କେଉଁ ଦେଶର ସୁମନ
କେଉଁ ଦେଶ ବୃକ୍ଷ କେଉଁ ଦେଶ ଫଳ
କେଉଁ ଦେଶର କରମ ।
କେଉଁ ଦେଶ ପ୍ରୀତି କେ। ସ୍ଥାନର ସ୍ନେହ
ପୁଣି କେ। ସ୍ଥାନ ମମତା
କେଉଁ ଦେଶ ପକ୍ଷୀ ମନ୍ଦରର ଶୋଭା
ବର୍ଣ୍ଣିତ କରଇ ଲତା ।
ପୁଣି ତତୋଧିକ ଦେଶରେ ଭ୍ରମିଲେ
ଭାବେ ସ୍ୱର୍ଗରୁ ଅଧିକ
ଯେତେ ସ୍ଥାନ ମଣି ଥିଲି ସେ ଅଧିକ
ଭାବିଲା ସକଳ ଧିକ ।

Digitized by srujanika@gmail.com

ଏ ଦେଶକୁ ସବ		କେହି ହେବ ନାହିଁ
ବିଶ୍ୱେ କେତେ କାରିଗର
କେଉଁ ବିଶ୍ୱକର୍ମା		ସିଜିଛି ଏ ପୁର
ସତେ କି ଶ୍ରିୟାର ଶିଖା ।
ବୁଝିଲତ କେବେ		କେଉଁ ଦେଶ ସାର
ନିର୍ଦ୍ଧାରଣ କଲି ମନେ
ଯେଉଁ ଦେଶ ଯାଏ		ସେହି ଦେଶ ବିଶ୍ୱେ
ଭ୍ରମକି ଗଲି ଜୀବନେ ।
ଜ୍ଞାନ ବଳେ ଯେବେ		ବୁଝି ସେ ପାରନ୍ତି
ସକଳ ସମାନ ଗତି
ଏକଇ ରୂପରେ		କ୍ରୀଡ଼ନ୍ତି ଅବନୀ
ଜଗତର ପ୍ରଭୁ ଗତି ।
ସହୋଦର ଜ୍ଞାନ		ସକଳ ମାନବ
କପାଁ ନ ଭାବଇ ଚିତ୍ତେ
ନାରୀଗଣ ମୋର		ଅଟନ୍ତି ଭଗିନୀ
ଭ୍ରମଇ କାହାର ହିତେ ।
ସକଳର ବନ୍ଧୁ		ଅଟଇ ସମାନ
କେହି ହେଲେ ମନ୍ଦ ନାହିଁ
ଯାହାକୁ ଦେଖିଲେ		ସେ ରଞ୍ଜେ ନୟନ
ତେଣୁ କେ ଅଧିକ କାହିଁ ।
ବିଶ୍ୱ ପତିଙ୍କର		ସିନା ଏ ବ୍ରହ୍ମାଣ୍ଡ
ମୁହିଁ କପାଁ ଭ୍ରମି ମରେ
ମୋ ନିଜ ଗୃହଟି		କିସ ଅବା ହେଲା
ତାହାକୁ ନ ଗୃହେଁ ଥରେ
କିସ ଏ ଜୀବନ		କିସ ଏ ଶରୀର
ତାହାକୁ ତ ଚିହ୍ନୁ ନାହିଁ
ଧରି ଗନ୍ଧ ଅଙ୍ଗେ		କରେ ପର୍ଯ୍ୟଟନ
କି ସାର ପାଇଲି କାହିଁ ?

Digitized by srujanika@gmail.com

ଏ ଦେଶ ସେ ଗ୍ରାମ   କଥା ସବୁ ବୁଝି
ବଚନେ ହେଲ ମୋହିତ
ଜୟ ଦେଶ ସେବା   ଜୟ ମାତୃ ଭାଷା
କ ମନ୍ତ୍ରେ ଫୁଙ୍କିବ ହିତ ।

କେବଳ ଏ ଭାବ   ନାହିଁ ଜାଗରୁକ
ମାନବ ଜୀବନ ଧର
ଜନମ ଭୂମିର   ନ ଜାଣେ ମମତା
ଗୃହେ ଠେକା ଠେକ କର ।

ଯା ହୃଦେ ଜନମି   ନାହିଁ ଦେଶ ଚିନ୍ତା
ତାର କ ଅଛେ ଜୀବନ
ତାକୁ କ ବୋଲବା   ଉତ୍କଳର ବୀର
ପାଇଚ୍ଛି ମାତାଠୁ ଜନ୍ମ ।

ଅଛି କ ତା ଜ୍ଞାନ   ଶିଖାଇବ ମାତ
ଧର ଦେଶ ଅଭିମାନ
ଯେବେ ସମ ଜ୍ଞାନ   ନାହିଁ ହୃଦୟରେ
ତା ଠାରେ କ ଅଛି ଜ୍ଞାନ ।

ନିଜ ସ୍ୱାର୍ଥ ଯେହୁ   ତେଜଇ ମନରୁ
ସବୁ ଦେଶ ମଣେ ଏକ
ଦେଖିଲେ ଉନ୍ନତି   କରବ ସେ ଚେଷ୍ଟା
ସ୍ୱଦେଶ କରବା ଠେକ ।

ତାହାର ଜୀବନ   ତାହାର ଭ୍ରମଣ
ତେବେ ହେବ ସାର୍ଥକତା
ଈଶ୍ୱରଙ୍କ ଭାବ   ଦେଶର ଉନ୍ନତି
ଚାହିଁଲେ ନାଚେ ଏକତା ।

Digitized by srujanika@gmail.com

ପ୍ରଭୁ ଦତ୍ତ ଜ୍ଞାନ ଯେ କରଇ ଚର୍ଚ୍ଚା
ଭ୍ରମେ ଦେଶ ବିଦେଶରେ
ଅବଶ୍ୟ ମଙ୍ଗଳ ସାଧିବ ଦେଶର
ଭାବନା ରଖି ମନରେ ।

ତେବେ ଅନ୍ତଥିର ଜନ୍ମ ହେବ ସାର
ପାଇବ ବିଭୁ କଲ୍ୟାଣ
ସେ କଲ୍ୟାଣ ପୁଷ୍ପ ଧରି ଅଞ୍ଜଳିରେ
ମଣ୍ଡିବ ମାତା ଚରଣ ।

●

[ରଚନା କାଳ-୨୧·୯-୧୯୧୬ ପାରଲାଖେମୁଣ୍ଡି,
ଅପ୍ରକାଶିତ ଥିଲା, ପାଣ୍ଡୁଲିପିରୁ ସଂଗୃହୀତ,]

Digitized by srujanika@gmail.com

ନିଜ ଧାମ

ସମ୍ମୁଖରେ ଦେଖୁ ନିଜ ଧାମ ଗୋଟି
ଅସମ୍ଭାଳେ ମୋହିନୀର ପଦେ ଯାଏ ଲୁଟି ।
ଏହିତ କେବଳ ଅଟେ ମାନବର ଲକ୍ଷ୍ୟ
ଅନ୍ତିମ କାଳର ପୁଣି ଶୟନର କକ୍ଷ ।
ଭେଦା ଭେଦ ଜ୍ଞାନ ନାହିଁ ସେହି ସ୍ଥାନେ
ସରବେ ପଡ଼ନ୍ତି ଯାଇ ମିଶି ଏକ ପ୍ରାଣେ ।
ନ ରହେ ମାନବ ଗର୍ବ କିବା ସର୍ବ ଯତ୍ନ
ଧନ ମାନ ଯଶ କୀର୍ତ୍ତି ଅର୍ଜିବା ରତନ ।
ସବୁ ଉତ୍ସନ୍ନସାତ ହୁଏ କାଳର ଗରଭେ
ଭାବ ଭାଉ କିଛି ଆଉ ନ ରହଇ ଭବେ ।
ହିଂସା ମୋହ କାମ କ୍ରୋଧେ ଯାଉଥାଏ ଜଡ଼ି
ମୋର ସ୍ୱାର୍ଥ କେହି ନେଲା ବୋଲି ଦିଏ ରଡ଼ି ।
ସ୍ୱାର୍ଥତ ନ ଯିବ ସଙ୍ଗେ ରଡ଼ି ମାତ୍ର ସାର
ଅବସ୍ତୁରୁ କି ରୂପରେ ମିଳିବ ବସ୍ତୁର ।
ନିର୍ଲକ୍ଷ୍ୟ ଭାବରେ କେତେ କରିପାରେ ଭୋଗ
କ୍ଷଣକ ଭିତରେ ତୁଟିଯାଏ ଥିବା ଗର୍ବ ।
କେହି ଭାବି ନ ପାରଇ ଅସ୍ଥାୟୀ ଜଗତ
ମତ୍ତୁ ଆଲେ ମତ୍ତ ହୋଇ ତୁଟାଏ ମହତ ।
ଦେଖିପାରେ ଚକ୍ଷୁଧର ବିରାଟ ଭୁବନ
ହୃଦ ତନ୍ତ୍ରେ ବାଜୁଥାଏ ଶର ଘନ ଘନ ।
ଏହିତ ଶରୀର ନୁହେ ଆଶ୍ଚର୍ଯ୍ୟ ସର୍ଜନା
ସେଥିରେ ନିମଜ୍ଜି କେତେ କରଇ ମାଜଣା ।
ନିମିଷ ସକାଶେ କିଛି ଚିହ୍ନି ନ ପାରଇ
କେତେ ଧ୍ୟାନ ପରାକ୍ରମ ମାନଧେ କଟଇ ।

Digitized by srujanika@gmail.com

ବିଚିତ୍ର କ୍ଷମତା ପୁଣି ଦେଖାଏ ବଦନେ
ସତ୍ୟ ମିଥ୍ୟା ଭାବ କିଛି ନ ଭାବେ ଜୀବନେ ।

ଧର୍ମ ମର୍ମ ଜ୍ଞାର୍ମ ଦାର୍ମ ଅଟେ ସବୁ ଏକ
ଗୋଟିକର ନାମ ନୁହେ ନିଜ ଧାମେ ଟେକ ।

ସେହି ସ୍ଥାନେ ଯୋଗ ନିଦ୍ରା ଅଟଇ ସମାନ
ତେବେ ମନ ଧର ନାହିଁ ନାହିଁ ଅଭିମାନ ।

ଅନନ୍ତ ଶୟନ ହେବ ଅଟଳ ଭାବରେ
ଭସ୍ମ ଚିତା ରହେ ମାତ୍ର ଜଗତ ମଧ୍ୟରେ ।

କେ ଚିତା ଢେନାବ ଆଜି କାର ଅଛି ବଳ
ତାର ବାଟେ ସେହି ଗୃଲେ ଭୁଞ୍ଜି କର୍ମ ଫଳ ।

ଏଥି ପାଇଁ ଆରେ ମନ କପାଁ ଏତେ ବେଳ
ନିଜ ଧାମେ ଲକ୍ଷ୍ୟ ରଖ ସତ୍ୟ ମାର୍ଗ ଠେଲ ।

●

[ରଚନା କାଳ-୨୫-୯-୧୯୧୭ ପାରଳାଖେମୁଣ୍ଡି
ପାଣ୍ଡୁଲିପିରୁ ସଂଗୃହୀତ]

Digitized by srujanika@gmail.com

ପ୍ରଶ୍ନ

ନ ହେବ କି ମହାପ୍ରଭୁ ମୋ ଶୁଭ ପ୍ରଭାତ
କଟିବ କି ନାହିଁ ଆଜ ଏ ହୃଦୟୁ ଶାନ୍ତ ।

ସଦା ଦଗ୍ଧ ହେଉଥିବ କିବା ଏ ପରାଣ
ଦୁଃଖ-ମରୀଚିକା ଡାକି ଦେଉଛି ଅଜ୍ଞାନ ।

ଶୁଭଦିନ ଏ ଜୀବନେ ସତେ କି ଘଟିବ
ସୁସମୟେ ଶୁଭବାର୍ତ୍ତ ରବ କି ଘଟିବ ?

ସତେ କି କମଳ ଫୁଟି ଚାହିଁବ ତପନ
ରବି କିରଣରେ ହେବ ପ୍ରଫୁଲ୍ଲ ବଦନ ।

ହରଷରେ ଚତୁର୍ଦ୍ଦିଗ ଚାହିଁବ ନୟନେ
ସତେ ପ୍ରୀତି ଆହ୍ଲାଦ ଘଟିବ ଜୀବନେ ?

ଏକି ତାରା ଶଶୀ ହସି ଫିଟାଇବେ ଆଖି
ସୁମଳୟ ବହି ଧୀରେ ହେବେ ମୋର ସାକ୍ଷୀ ।

ବସନ୍ତ ସଙ୍ଗତେ କିବା ରବିବ କୋକିଳ
ସୁମନ ଗର୍ଭରେ ଗନ୍ଧ ହେବ ପରିମଳ ।

ଭୃଙ୍ଗି ଗଣ ଉଡ଼ିବେକି ଝଙ୍କାର ନାଦରେ
ମଧୁ ପାନ କରି ହରି ଭ୍ରମିବେ ସୁଖରେ ।

ବିହଙ୍ଗ ରବରେ କିବା ପାଇବ ମୁ ଶିକ୍ଷା
ହିଂସ୍ର ଜନ୍ତୁ କର୍କଶରୁ କିଣି ନେବ ଦୀକ୍ଷା ।

ମୋ ଜନନୀ ଶାନ୍ତ କୋଳେ କରିବ ଆସନ
ବନ୍ଦିବ କି ଆନନ୍ଦରେ ତାଙ୍କ ଶ୍ରୀଚରଣ ।

ପଞ୍ଚ ସଖୀ ଭକ୍ତ ଭରେ ହେବେ ସଜବାଜ
ତରିବେ କି ନଖେ ଭୂମି ବହି ଲାଜ ଲାଜ ।

Digitized by srujanika@gmail.com

କୁସୁମ-ଅଞ୍ଜଳି ଧରି ଗୃଳିବେ ଗମନ
ପୂଜିବେକ ସୁଖ-ଦେବୀ ଭାବି ମନେ ମନ ।

ଗାଇବେ କି ଶାନ୍ତ-ଗୀତ ସଂଗୀତ ନାଦରେ
ନାନା ଯନ୍ତ୍ର ତାନ ବାନ୍ଧି ନାଚିବେ ସ୍ଫୁଟରେ ।

ସୁଖ ଦୁଃଖ ମିଶାମିଶି ହେବେ ଏକ ସଙ୍ଗ
ଅଶାନ୍ତି ପିଶାଚୀର ଭାଙ୍ଗିବେ କି ରଙ୍ଗ ।

ଯାଚିବ କି ସବୁ ଗର୍ବ ବୁଦ୍ଧି ହେବ ସ୍ଥିର
ହୃଦ ଦ୍ୱାର ଠୁଙ୍କିବ କି କହି ବାଣୀ ଧୀର ।

ନବୀନ ମୂରତି ତବ ଦେଖିବି କି ଥରେ
ନିଶ୍ଚିନ୍ତ ହେବକି ଦିନେ ତବ ଜଗତରେ ।

ଆକାଶରେ ଲକ୍ଷ୍ୟ ରଖି କାଟିବି ଜଞ୍ଜାଳ
ଗୁନ୍ଥିବି କି ଶାନ୍ତି-ପୁଷ୍ପ ହୃଦେ ଦେବି ମାଳ ।

ଜପିବି କି ତବ ନାମ ଯିବ ଏ ଜୀବନ
ସତେ କହେ ମହାପ୍ରଭୁ ହେବ ଶୁଭଦିନ ।

●

[ରଚନା କାଳ ୫-୮-୧୯୧୬ ପାଉଲାଟେମୁଣ୍ଡି;
ସଂବାଦ ବାହିକାରେ ପ୍ରକାଶିତ; ପ୍ରକାଶ କାଳ
୨୧-୯-୧୯୧୬]

ଯୌବନ ବସନ୍ତ

ଯୌବନ ବସନ୍ତେ ସଦା ହୁଏ ବିହ୍ୱଳିତ
ପିକ ଡାକ କର୍ଣ୍ଣେ ଶୁଣି ସ୍ଥିର ନାହିଁ ଚିତ୍ତ ।

ବାୟୁ ସଙ୍ଗେ ଝୁଲି ଝୁଲି ଭାବେ କେତେ କଥା
ମତ୍ତୁଆଲେ ମତ୍ତ ହୋଇ ନ ରଖେ ମମତା ।

କର୍ମଝର ଝରୁଥାଏ ଆଶା ତରଙ୍ଗରେ
ଜୀବନ ପସରା ବାଢ଼ି ଖେଳେ ଇଙ୍ଗିତରେ ।

ଫୁଲ୍ଲଏ ଉଷତେ ଗ୍ରୀତ ପିଠୁଥାଏ ବାହୁ
ଚନ୍ଦ୍ର ତେଜ ହ୍ରାସ କରେ ପ୍ରବେଶି କି ରାହୁ ।

ସୌରଭେ ସୌରଭ ପୁଣି ମିଶାଏ ଭଙ୍ଗିରେ
ହାସ ରସ ବାଣୀ ସୁଧା ଫିଙ୍ଗଇ ସଙ୍ଗୀରେ ।

ଯାବତ ଜୀବନକୁ ପୁଣି ଟେକଥାଏ ଛନ୍ଦ
ସୁଧାପାନ କରୁ କରୁ ଯୋଚ ପାରେ ତନ୍ଦ୍ର ।

ମାନସ କମଳ ଆଜ କେବେ ଫୁଟେ ନାହିଁ
ପ୍ରେମ ଜଳ କଣ୍ଠତରେ ନ ବହଇ କାହିଁ ।

ଭକ୍ତି ଆବାହନେ କାହିଁ ବନ୍ଧୁ-ମଧୁକର
ଉଡ଼ିବ ଝଙ୍କାର ନାଦେ ହୋଇ ଜର ଜର ।

ପିଇବ ମାନସ-ପଦ୍ମ ଅଳକ କଳାରେ
ସୌଭାଗ୍ୟ-କୁମୁଦ ପୁଣି ଖେଳିବ ଡୋଳାରେ ।

ଛୁଟାଇବ କେବେ ଭୃଙ୍ଗ ଦୁର୍ଦ୍ଦଶା ସକଳ
ଚିତ୍ତାନନ୍ଦ-କାନନରେ କେ ପ୍ରସାରେ ଫଳ ।

ପ୍ରସ୍ଫୁଟିତ ହେଲେ ସିନା କମଳର ଝର
ବିତରଣ ହେବ ସୁଧା ପିଇବ ଭ୍ରମର ।

Digitized by srujanika@gmail.com

ଜାଗିପାରେ କେହି ଯାଇ ସରବ ଅଗ୍ରତ
ଦେଖିବ ଅନ୍ତର ସୀମା ମିଶିବ ଅନନ୍ତ ।

ଅତୃପ୍ତ କ୍ଷୁଧାକୁ ଆଜ ବାରେ ଗୃହେଁ ନାହିଁ
ଯୌବନ ବସନ୍ତେ ପୁଣି ମରୁଥାଏ ଧାଇଁ ।

ଭୃଙ୍ଗ ପଦ କେ ଚିହ୍ନିବ ପାଳି ନିଜ କର୍ମ
ଭୁଆଁଇବ ନଷ୍ଟେ ଆଣି ସୌଭାଗ୍ୟର ଧର୍ମ ।

ଚାଖିବ ଅଳକ ସୁଧା ମତ୍ତ ଆଳି ପଣେ
ଦେଖାଇବ କେତେ ବଳ ବୋଲି ମୁହିଁ ଜଣେ ।

ଚିର ସ୍ଥିର କେହି ଆଉ ଦେଇପାରେ ତାକୁ
ନବୀନ ଜଗତ ଶୂନ୍ୟ ଅଟଇ ଯାହାକୁ ।

ଜୀବନ ଗଗନେ ଦେଖା ନାହିଁ ରବି ଛବି
କି କଳ୍ପନା ଭାବେ ଆଉ ବର୍ଣ୍ଣି ପାରେ କବି ।

କବି ସୁଦ୍ଧା ସେ ବସନ୍ତେ ଉନ୍ମାଦ ଅଟଇ
ତାକୁ ଆଉ କି ଭାବନା କରିଯିବ କହି ।

●

[ରଚନା କାଳ ୧-୧୦-୧୯୧୬ ପାରଳାଖେମୁଣ୍ଡି;
ଅପ୍ରକାଶିତ ଥିଲା]

Digitized by srujanika@gmail.com

ଚନ୍ଦ୍ରଙ୍କ ପ୍ରତି

ଉଇଁ ଅଛ ଜହ୍ନ ମାମୁ ! ତାଳ ତେଜ ରାଶି
ତୁମ୍ଭେ ଖେଳ ଗଗନରେ ମୁଁ ଯାଉଛି ଭାସି ।

ତବ ମନ କ ଉଲ୍ଲାସ ମୁଁ ରହେ ନିରାଶେ
କିଅଛେ କ ଦସ୍ୟୁ ହେବ ରଖିବାକୁ ବାଧେ ।

ଯେ ଯାହାର ସୁଖ ସିନା ଲୋଡ଼ନ୍ତି ସଂସାରେ
ମତେ କେ ଗୃହିଁବ ବାରେ ଭାସୁଛି କାତରେ ।

ଦୁଃଖ-ମଦ ପିଇ ଦେଇ ଦିଶୁନାହିଁ ବାଟ
ନିଶା ଯୋରେ ଘାରି ହୋଇ ଗୃଲେ ଅଣବାଟ ।

ସେଥି ଯୋଗୁଁ ହଜଯାଏ ମୋହର ଚେତନା
ଶୁଷ୍କ ଅଙ୍ଗ ଦେଖି କା'ର ନ ହୁଏ ମାନ୍ୟନା ।

ଆଗ ପଛ ବିଗୃରତା ନଥାଏ କାହାର
କପଟତା ଯୋଗୁଁ ସବୁ ହୁଏ ନାରଖାର ।

ଯେତେ ପ୍ରୀତି କଲେ କେବେ ନୁହେ ସରଳତା
ଦୁଇଦିନ ପାଇଁ କେତେ ବଢ଼ାଏ ମମତା ।

ଆହା ! ନିଶାମଣି ବାରେ ହୁଅ ପରସନ୍ନ
ଲୁଚନାହିଁ ଲୁଚନାହିଁ ଦିଅ ଦରଶନ ।

ତୁମ୍ଭେ ଗଗନରେ ଉଦେ, ଧରି ନାନା ବେଶ
ମୁହିଁ ଅଛି ଜଗତରେ ତେଜଣ ଉଦ୍ଦେଶ ।

ତେଜ ଦେଲ ଦିବା ଜ୍ଞାନ ନିଜ ପଥ ହୁଡ଼ି
ଶିନା ସମୁଦ୍ରରେ ଦେଖ ଯାଉଅଛି ବୁଡ଼ି ।

ଯେତେ ଭାବ ପୂର୍ଣ୍ଣ ଥିଲା ହରାଇ ବସିଲି
ତବ ଭାବ ଲୀଳା ଦେଖି କ ରଙ୍ଗେ ଚଷିଲି ।

Digitized by srujanika@gmail.com

ଏବେ କି ତୁମ୍ଭର ଦୟା ହେବ ପୂର୍ଣ୍ଣ ଇନ୍ଦୁ ।
ଉଦ୍ଧାର କି ହେବ ବାରେ ଏହି ମାୟା ସିନ୍ଧୁ ।

ତବ ମିଳନରେ ଆଜ ନିର୍ମଳ ଜୀବନ
ଏ ମିଳନ ସତ୍ୟ କିବା ଅଟଇ ସ୍ୱପନ ?

ଏ ସଂସାର ମଧ୍ୟେ କେହି ନାହିଁ ମୋର ସାହା
କରିବାକୁ ଆହ୍ଲାଦ କରିବାକୁ ଆହା ।

ମୋର ପ୍ରତି ଦୟା କାର ନ ହେବଟି ଜାଣ
ତୁମ୍ଭେ ଆକାଶରେ ଥାଇ ଜଗ ଏହି ପ୍ରାଣ ।

ଯେବେ ନିରାଶ୍ରୟ ହେବ ଦେବ ସୁଧା ଢ଼ାଳି
ସୁଧା ବିନ୍ଦୁ ପାନ କରି ପ୍ରାଣ ଯିବ ଭୁଲି ।

ମୋ ସମସ୍ତ ଥାଉଁ ଥାଉଁ କରୁଛି ବନ୍ଦନ
ରଖ ଦୟା ରଖ ପ୍ରୀତି ଦେଖା ଏ ଭୁବନ ।

●

[ରଚନା କାଳ ୧୬-୭-୧୯୧୬-ପାରଳାଖେମୁଣ୍ଡି-
ଏହା ଗଡ଼ଜାତ ବାସିନୀ ପତ୍ରିକାର ୯-୯-୧୯୧୯
ସଂଖ୍ୟାରେ ପ୍ରକାଶ ପାଇଥିଲା]

ଏକ ଦୃଶ୍ୟ

ସଜବାଜ ହୋଇ ଏକଇ ସୁନ୍ଦରୀ
ଆସୁଅଛି ଧୀରେ ଗୃହୁ
ପୋତି ଅଛି ମଥା ଧରଣୀକ ଗୃହିଁ
କସ ଅବା ମନେ ଭାଳ ।
କୁସୁମ ଗୃଙ୍ଗଡ଼ା ଧରି ଅଛି କରେ
ପୂଜିବା କାମନା କରି
ଦେବତା ମନ୍ଦିର ପ୍ରବେଶିଲା ଯାଇ
ତା ଇଚ୍ଛା କାମନା ଧରି ।
ଦେବତା ମନ୍ଦିର ଅତି ହିଁ ସୁନ୍ଦର
ନାହିଁ ତାକୁ ସମକକ୍ଷ
ସୁବର୍ଣ୍ଣର ସ୍ତମ୍ଭ ଆଗେ ଅଛି ଉଚ୍ଚ
ଶୂନ୍ୟରେ ରଖିଛି ଲକ୍ଷ୍ୟ ।
ତାହାର ସୁଷମା କେ ଅବା ବର୍ଣ୍ଣିବ
ହୀରା ମାଲା ବିମଣ୍ଡିତ
ମୁକୁତାର ମାଳ ଲମ୍ବେ କେରି କେରି
ହରି ନେଉ ଅଛି ଚିତ୍ତ ।
ଦେବତାର ରୂପ ଦୃଶ୍ୟ ହେଉ ନାହିଁ
କପରି ଗୋଚର ହେବ
ଦେବତା ମହିମା ଦେବେ ଜାଣି ଥିବେ
କ ଶକ୍ତି କେବା କହିବ ?
ପଥେ ଏକ ସଖୀ ବସିଛି ମଳିନେ
ଗଣ୍ଡ ଦେଶେ ଅଛି କର
ମଳିନ ବସନ କରି ପରିଧାନ
ସର୍ବାଙ୍ଗେ ନାହିଁ ସୁନ୍ଦର ।

Digitized by srujanika@gmail.com

ପଚ୍ଚରଇ ଏହି ଧୀରେ ଗୃକଯାଇ
ଜଳଦ ଗମ୍ଭୀର ଗୀର
କପାଇଁ ସଙ୍ଗାତ ଅଛୁ ଦୁଃଖ କାତ
କହିବକ ମତେ ଧୀରେ ।

ଗୃପତରେ ମୁହିଁ ପଚ୍ଚରୁଛି ତତେ
କହ କହ ପ୍ରାଣ ସଖୀ
ବଳ ପଡ଼ିଲାଣି ମୋର ହୃଦ ବ୍ୟଥା
ତୋ ଚନ୍ଦ୍ର ମୁଖଟି ଦେଖି ।

ତୋ ଗମ୍ଭୀର ହୃଦ ଚହ୍ନିଛି ମୋ ହୃଦ
ପୂର୍ଣ୍ଣ ଯେତେ ସ୍ନେହ ଧନ
ତେଜ ତୁ ବିଷାଦ ଆରେ ପ୍ରାଣ ସହି
ମିଶାଅ ମନରେ ମନ ।

ତତେ ଦେଖି ମୁହିଁ ହେଲାଣି ଦୁର୍ବଳ
ଗମନ ନ ଚଳେ ଆଉ
ଗରଳ ପୂର୍ଣ୍ଣ ହେଲା ନୟନରେ
ସମ୍ଭାଳି ନ ପାରେ ଦାଉ ।

ମୋ ହୃଦ ମନ୍ଦରେ ସନ୍ଦେହ ପଶିଲଇ
ନଷ୍ଟପ୍ରେ ଦୂର ତୁ କର
ତମିର ସମାନ ଡ଼ାଙ୍କି ଦେଇଅଛି
ଥିଲେ ତୁ ଉପାୟ ଧର ।

ମୋର ଚିତ୍ତ-ପକ୍ଷୀ ଶୂନ୍ୟେ ଲକ୍ଷ୍ୟ ରଖି
ଏଣେ ତେଣେ ଯାଏ ଉଡ଼ି
କେଉଁ ଦୁରାତ୍ମକ ପେଶି ତୀକ୍ଷ୍ଣ ଶର
ବିବେକ ନିଏ ଘଉଡ଼ି ।

ସୁମନ ଗୋଟିକ ପଦରେ ମର୍ଦ୍ଦିଲେ
ଫଳକ ପାଇବୁ ଭଲେ
ଗୋଳିଆ ନ ରଖି କହ ମନ ଦୁଃଖ
ହବକୁ ଉଠାଇ ବଲେ ।

Digitized by srujanika@gmail.com

ଗାଏ ଗୋଟି ମୋର   ପୁଲକାଇ ଦିଅ
ଶ୍ରବଣରେ ଢାଳ ସୁଧା
ଦଗଧ ପରାଣ   କରିବ ଶୀତଳ
ଯିବ ଚିର ଦିନ କ୍ଷୁଧା ।

ଏସବୁ ବଚନ   ଶୁଣି ଚନ୍ଦ୍ରାନନୀ
ମଥା ଟେକେ ଧୀର କରି
ସେ ମୃଦୁଲ ମୁଖୀ   ଗୁନ୍ଥିଁଲା ଅଳପ
ପ୍ରୀତି ସୂତ୍ରେ କର ଧରି ।

ନାହିଁ ମୋ ବସ୍ତୁର   କିଛୁ ଅଛି ସାର
ତେଜ ମନରୁ ଦୁଶ୍ଚିନ୍ତା
ତବ ଆଗମନେ   ଥିଲି ଲକ୍ଷ୍ୟ ରଖି
ଅମୃତକୁ ମଣି ପିତା

ଉଭୟ ପକ୍ଷରେ   ହେଲା ପ୍ରୀତିଜାତ
ଭାବେ ହେଲେ ଜରଜର
ବନେ ବନେ ବୁଲି   ନାନା ଜାତି ଫୁଲ
ତୋଳିଲେ ଟେକାଇ କର ।

ନୟନେ ନୟନ   ପ୍ରେମ ବାରି ପୂର୍ଣ୍ଣ
ହୃଦେ ହୃଦ ମିଶା ମିଶି
କରେ କର ଦେଇ   ଗୁନ୍ଥିଲେ ସଧୀରେ
ମନ୍ଦ ହାସେ ହସାହସି ।

କଣ୍ଠେ ମୁଖ ଦେଇ   ଭାବ ଲୁହାଲୁହି
କେ ବୁଝିବ ତାଙ୍କ ବାଣୀ
କଳପ ଭାବରେ   ଜଳପିଲ କେତେ
ମାନସେ ଭାବନା ଠାଣି ।

ଅନ୍ତରେ ରଖାଇ   ବାସନା ବନ୍ଧୁଙ୍କୁ
କାମନା ଫଳରେ ଗଲେ
ଦେବତାଙ୍କୁ ଯାଇ   କି ପୂଜା ବା କଲେ
ନ ଦେଖିଲି ପ୍ରାଣ ଭଲେ ।

Digitized by srujanika@gmail.com

ଦେଖୁ ଦେଖୁ ସବୁ ହେଲେ ଅନ୍ତର୍ଧାନ
ଆଉ କିଛି ନ ଦେଖିଲି
ମାତ୍ର କିଛି ମାତ୍ର ତାଙ୍କ ଠାରୁ ଆଣି
ମନ ପ୍ରାଣରେ ରଖିଲି ।
ଏହିପରି ସବୁ ଶୂନ୍ୟରେ ମିଶିବ
ନ ରହିବ କାର ସତ୍ତା
ତେବେ କାହିଁ ଏତେ ପ୍ରାଣେ ନାଚ ଉଠେ
ଛନ୍ଦ କପଟ ମମତା ।
ସବୁ ଜାଣି ଶୁଣି ମନ ହୁଏ ବାଇ
ଭାବୁଥାଏ ମୋର ମୋର
କେ ନୁହେ କାହାର ଯେ ଅଟେ ଯାହାର
ସମୟେ ହେବେ ଅନ୍ତର ।
ତେଣୁ ଦୁଇ ସଖୀ କର ମତେ ଦୟା
ମାଗୁଛି ପ୍ରସାଦ କର
ତବ ଭବେ ଯାଇ ମିଶୁ ମୋର ଭବ
ଲକ୍ଷ୍ୟେ ଥାଉ ମନ ମୋର ।

●

[ରଚନା କାଳ ୩ ୧୦-୧୯୧୬; ଅପ୍ରକାଶିତ ଥିଲା]

Digitized by srujanika@gmail.com

ପସରା

ଏକଇ ପଥିକ ଚାଲଇ ସଧୀରେ
ଦେଖିଣ ସମ୍ମୁଖେ ଚାହିଁ
ଭାବେ କେତେ କଥା ହୃଦୟ ମନ୍ଦରେ
ଆତ୍ମାରେ ମନ ମିଶାଇ ।
ଚାଲୁ ଚାଲୁ ପଥେ ଦେଖଇ ଅରଣ୍ୟ
ନ ଦେଖେ କାହିଁ ନିର୍ମଳ
ନାହିଁ ପୁଷ୍ପ ଗନ୍ଧ ନାହିଁ ସୁମଳୟ
ପ୍ରାପ୍ତ ହୁଏ ନାହିଁ ଜଳ ।
ତୃଷାର ବ୍ୟାକୁଳେ ହୁଏ ଛଟପଟ
ଜଳୁଛି ଜଠର ଅଗ୍ନି
ଅଗ୍ନି ଦାଉ ଆଉ ସହି ନ ପାରଇ
ଭଲ ମନ୍ଦ ନୁହେ ଚହ୍ନି ।
ଯାହା ହେଲେ ହେଉ ଲକ୍ଷ୍ୟ ଅଛି ରଖି
ଧୈର୍ଯ୍ୟ କରି ଜାଗରୂକ
ସାକ୍ଷୀ ସ୍ୱରୂପରେ ରଖିଲା ମନରେ
ଆହ୍ୱାନ କରି ବିବେକ ।
ବିବେକକୁ ସେହି ପଚାରେ ବିନୟେ
କହ ଭଲ କି ଉପାୟ
ଅଛିତ ମୋହର ସଙ୍ଗୀ ରୂପୀ ହୋଇ
ହେବକି ମୋର ସହାୟ ।
ଧୈର୍ଯ୍ୟ ପରକ୍ରମ ମନ୍ଦର ସମାନ
ବ୍ୟାପିଲା ହୃଦ ରାଜ୍ୟରେ
ବିବେକକୁ ଧରି ଚାଲେ ଝୁଲି ଝୁଲି
ତାହାର ନିଜ ଭାବରେ ।

Digitized by srujanika@gmail.com

ଭାବନାର ବଳେ   ଭାବରେ କୌଶଳେ
ଦେଖିଲା ଏକଇ ପଥ
ସେ ପଥ ନିର୍ମଳ   ଅଛି ଜନ ଗୋଳ
ଭାବେ ପୂର୍ଣ୍ଣ ମନୋରଥ ।
ଏହି ସ୍ଥାନ ଗୋଟି   ଅଟଇ ସୁନ୍ଦର
ବାନ୍ଧିବ ଏ ସ୍ଥାନେ ପୁର
ଶାନ୍ତିର ସକାଶେ   ବାଢ଼ିବ ପସରା
କେହି ନ କରିବେ ଜୁର ।
ଜୀର୍ଣ୍ଣ ଶୀର୍ଣ୍ଣ ସ୍ତୂପେ   ବାନ୍ଧି ଏକ ବସା
ବସିଲା ଆସନ ମାଡ଼ି
କି ପଦାର୍ଥ ଅବା   ମିଳିବ ତାହାକୁ
କା ମନ ରଞ୍ଜିବ ଗଢ଼ି ।
ଦୁଇଟି ପଦାର୍ଥ   ବିବେକ ସ୍ତମ୍ଭରୁ
ମାଗି ବିନମ୍ର ପୂର୍ବକ
ମନରେ ଯତନେ   ଜ୍ଞାନ ପରସନେ
ବାଢ଼ିଲା ଜଗାଇ ଶୋକ ।
ଏକ ନାମ 'ଲୁଣ'   ଏକଇ 'ମରିଚ'
ଶୁଣ ମୋର ପ୍ରିୟଜନ
ହେବେ କି ଗ୍ରାହକ   କିଣିବେ କି ଚିଜ
ମୋ ଦୁଃଖ କରି ମୋଚନ ।
ଲୁଣ ମରିଚକୁ   କେ ଅବା ପଚୁରେ
କାହାର ନ ସରେ ବିତ୍ତ
ବିଦେଶୀ ପଥିକେ   ଗୃହିଁ ଦେଲେ ଥରେ
ଆକର୍ଷ ନ ହୁଏ ଚିତ୍ତ ।
ସ୍ୱଦେଶ ଗ୍ରାହକ   ବସ୍ତୁର ସ୍ୱରୂପ
ଦେଲେ ସିନା ବୁଝାଯିବ
ପଦାର୍ଥର ମୂଲ୍ୟ   କରି ସେ ଜାଣିବ
ସ୍ନେହ ଧନ ନ ହଜିବ ।

Digitized by srujanika@gmail.com

ଚେତେତେ ଆବଶ୍ୟକ ଥାଏଟି ଯାହାକୁ
କାଗଜ ଫଇସାଟେ ଦେଇ
କେହି ପଣ୍ଡିକାର କେହି ଟୋଲକର
ଏପରି କଣନ୍ତ ସ୍ନେହ ।
ଅଧିକ ଦାମଟି ଅଟଇ ପଇସା
ଆଜ ନାହିଁ ମୂଲ୍ୟ ଦାମ
ବଡ଼ବଡ଼ ପଦାର୍ଥ କ ଅଛୁ କୋଠିରେ
କ କହିବ କାର ନାମ ।
ଧନକୁ ଦୁଇଟି ପଇସା ଅଟଇ
ରୋଜଗାର ଅଟେ ଭାଉ
ଦୁଇଟି ପଇସା ଶୀତଳ କପର
କରିବ ଅଗ୍ନିର ଦାଉ ।
ଯାହା ହେଲେ ହେଉ ସାରୁଥାଏ ଧନ
ହାଟ ବାଟେ ଲକ୍ଷ୍ୟ ରଖି
କର୍ମ ଶରାସନେ ଆଶା ଶର ଟାଣି
ବନ୍ଧଇ ସଫଳେ ଯୋଗି ।
ଶର କେବେ ଯାଇ ନ ଆଣଇ କଛୁ
ଶୂନ୍ୟରେ କ୍ଷେପଇ ମାତ୍ର
ପୁଣି ଶର ଆସି ରହିଯାଏ ଖାପେ
ଲୁଚଇ ତା ନିଜ ଗାତ୍ର ।
କେବେ ମେଘାଛନ୍ନ କଳା ଧଳା ମିଶି
ଆକାଶ ବକ୍ଷରେ ଭାସେ
ସାହାସ ବଦନେ ଅବନୀ କ ଗୃହିଁ
ଡ଼ାକଇ ମାର ଉଲ୍ଲାସେ ।
ମୂଷଳ ଧାରାରେ ପଡ଼େ ମାର ଧାରେ
ପୂର୍ଣ୍ଣ କରେ ନଦୀ କୂପ
ଘର ଭଗ୍ନ ଗୃହ କ ରହିବ ଆଉ
ଲୁଚେ ତାର ନିଜ ରୂପ ।

Digitized by srujanika@gmail.com

ଯେତେ ପଡ଼େ ଜଳ ଲୁଣ କି ରହିବ
ସବୁ ହୋଇଯାଏ ପାଣି
ଥିବାର ମରିଚ ହୁଏ ଖତ ସମ
କେ ପାରିବ ଆଉ ଗୁଣି ।
ଦୁଇଟି ପଦାର୍ଥ ଯେବେ ଗଲା ନାଶ
ଆଉ ନାହିଁ ହାଟବାଟ
ବଣିକ କପଟ କରିବ ବଣିଜ
ଶଙ୍ଖର ଧଣଇ ଲୁଟ ।
ପଥିକ ବାପୁଡ଼ା କି କରିବ ଆଉ
ମୂଳ ତାର ବୁଡ଼ି ଗଲା
ଆଶାର ବଳରେ ଥିବା ଲୁଣପାଣି
ଅଗ୍ନିରେ ଆହୁତି ଦେଲା ।
ସେ ଯେବେ ଆକାର ଧରିଲା ବଳରେ
ତା ସବୁ ଏକତ୍ର କରି
ବସିଲା ଆବୋରି ନୂତନ ଛବିରେ
ପୁଣି କରେ କର ଧରି ।
ପ୍ରଭୁଙ୍କୁ ସ୍ମରେ କଳ୍ପନା ଘରରେ
ରଖ ଏ ପସରା ଗୋଟି
ଗ୍ରାହକ ମାନେ ତ କି କରି ପାରିବେ
ଥିଲେ ତବ ପଦ ଲୁଟି ।
ତୁମ୍ଭେ ସିନା ଅଛ ଏ ସବୁର କର୍ତ୍ତା
ଯାହା ଇଚ୍ଛା ତାହା କର
ତୁମ୍ଭ ବହନରେ କେ ଅଛୁ ଭରସା
ମୋର ଆଉ ଜଗତର ।
ରଖ ରଖ ପ୍ରଭୁ ଦୟାର ସାଗର
ଦାନ କରି କୃପା ବାରି
ତବ ଦୟା ଦାନ ପ୍ରେମେ କରି ପାନ
ହେବ ଏ ଦୁଃଖରୁ ପାରି ।

Digitized by srujanika@gmail.com

ନାହିଁ ମୋର ଭୟ   ଥିଲେ ତବ ଦୟା
ହେବ ମୋ ଆଶା ସଫଳ
ଦୁଇଟି ପଦାର୍ଥେ   ହେବ ହାଟ ବାଟ
ପ୍ରାପ୍ତ ହେବ ନବ ଫଳ ।

ଏ କର୍ମ କ୍ଷେତ୍ରରେ   ନବ ଫଳ ଧରି
କରିବ କେତେ ବେପାର
ତୁମ୍ଭର ମହିମା   ଗାଉଥିବ ନିତ୍ୟ
ଖେଳ ବୁଲି ଏ ସଂସାର ।

ଏହି ମନ ପ୍ରାଣ   ପସରା ସହିତେ
ଅର୍ପଣ କଲି ପଦରେ
ଯାହା ଇଚ୍ଛା ତବ   କରିଯାଅ ପ୍ରଭୁ
ଏବେ ରଖ ଆନନ୍ଦରେ ।

●

[ରଚନା କାଳ —୧୦-୧୦-୧୯୧୭, ପାରଳାଖେମୁଣ୍ଡି]

Digitized by srujanika@gmail.com

ସତୀଙ୍କ ବ୍ରତ

ଧର୍ମ ପରାୟଣା ସତୀ ତେଜିଲ ଭୁବନ
ସ୍ୱଜନ ବର୍ଗଙ୍କୁ ଦେଇ ନିରାଶ କ୍ରନ୍ଦନ ।

ହସି ହସି ଚାଲିଗଲ ପୀରତି ଛିଣ୍ଡାଇ
ଅନେକ ଦିନର ସ୍ନେହ ଭାବରେ ଭଣ୍ଡାଇ ।

କେତେ ଦିନ ପାଇଁ ଆସି ଲୀଳା ଶେଷ କଲ
ଦୁଃଖଭାର ହୃଦେ ଢାଳି ନିରପକ୍ଷେ ଗଲ ।

ଗୁପ୍ତ ମନ୍ତ୍ର ଉପାସନା କରି କିବା ସତୀ
ନିଜ ପ୍ରାଣ ସକାଶରେ ଭାବିଥିଲ ଗତି ।

ପତି ପୁତ୍ର କନ୍ୟାଙ୍କୁ ମା କି ଅଶାନ୍ତି ଦେଲ
ସର୍ବେ ସ୍ନେହ ଧନମଣି ଭାଙ୍ଗି ଗଲ ଗେଲ ।

ସେମାନଙ୍କ ଅଶ୍ରୁ ବିନ୍ଦୁ କେ ପୋଛିବ ମାତଃ
ଅକାଳ ଅବେଳେ ଆସି ପଡ଼ିଲା ନିର୍ଘାତ ।

ନିର୍ଘାତର ଦାଉ ଆଜ ସହି ହେଉ ନାହିଁ
କେଉଁ ପଥେ କି ଭାବରେ ଚାଲି ଗଲା କାହିଁ ?

କେ ଅନୁସନ୍ଧାନ ଆଉ କରିବ ସେ ପଥ
ସେହି ଶକ୍ତି ନାହିଁକାର ଥିବାରୁ ଜଗତ ।

ମାୟା ଜାଲ ପଡ଼ିଯାଇ ଅଛିତ ନୟନେ
ତେଣୁ କରି ନାନା ଭୋଗ କରୁଛନ୍ତି ଜୀବନେ ।

ଏଣୁ ମାତଃ ହୃଦେ ଜାତ ଅନୁତାପାନଳ
ତେଣୁ ମାନବର ନାହିଁ ମନସ୍କାମ ଫଳ ।

ଅଛ ମାତ୍ର କେବଳ ମା ଅଭାବରେ ଜଡ଼ି
ମାୟା ମଦ ପାନ କରି ମୋହେ ଯାଇ ଗଡ଼ି ।

Digitized by srujanika@gmail.com

ସତୀ ସୁଲଭରେ ତବ କାଟିଲ ଜୀବନ
ମନ ବାଞ୍ଛା ପୂର୍ଣ୍ଣ ଫଳେ ତେଜିଲ ଭୁବନ ।

ଅଶାନ୍ତ ଶୋଚନା ଆଉ ନାହିଁ ସେ ହୃଦରେ
ମହାଶାନ୍ତ ଲଭ୍ୟ କଲ ଆନନ୍ଦ ସଙ୍ଗରେ ।

ଅଶାନ୍ତ ଜୀବନେ ଢ଼ାଳ ଶାନ୍ତମୟ ଜଳ
ନିଜ ଧାମେ ଥିଲେ ସୁଦ୍ଧା ବାଣ୍ଟ ସ୍ନେହ ଫଳ ।

ତବ ଚିର ସୁଖ କର ସ୍ୱଜନଙ୍କୁ ଲାଗି
ଛାଡ଼ି ଚାଲିଗଲ ବୋଲି ନୁହ ମନେ ରାଗି ।

ମୋ ପ୍ରତି କୃପା ରଖ ସତୀ ଶିରୋମଣି
ବନ୍ଦୁଛି ଚରଣ ତବ ଭାବ ରତ୍ନ ଖଣି ।

ସୁଜାତ ଭାବନା ଥିଲେ ମଣି ହେବ ପ୍ରାପ୍ତ
ନବ ମେଳ ଆଶା ଉଠି ହୃଦରେ ଜାଗ୍ରତ ।

ଥିଲେ ଦୟା ନିଶ୍ଚେ ତବ ଘଟିବ ଦର୍ଶନ
ସତୀ ଦେବୀ ମୁକ୍ତ କର କଳୁଷ ଜୀବନ ।

Digitized by srujanika@gmail.com

ଅଶ୍ରୁଧାରା ପ୍ରତି

ଆହେ ମହାରାଜ ! ତବପାଇଁ ଅଶ୍ରୁଧାର
ଗୁନ୍ଥିଲ ଆନନ୍ଦେ ବସି ଅଶ୍ରୁବିନ୍ଦୁହାର ।
ଗୁନ୍ଥି ଗୁନ୍ଥି ଭବ ରାଜ୍ୟ କଣିଲ ଭାବନା
ସତ୍ୟରେ ସତ୍ୟତା ରଖି ପୂରିଲ କାମନା ।
ହୃଦରେ ଜନ୍ମିଲ ଦୁଃଖ ହଠାତ୍‌ରେ ଗଲ
ବିବେକ ଗ୍ରାମୁରେ ଯାଇ ମନ କର୍ମ କଲ ।
ଦୁଃଖକୁ ସମସ୍ତ ଦେବା ମୋର ପକ୍ଷେ ନାହିଁ
ଚାଲି ଯାଇଛନ୍ତି ସତ୍ୟ ସୁଖ ଖଣା ବାହି ।
ଜଗତରେ ଜନ୍ମ ହେଲେ ଅଛି ମୃତ୍ୟୁ ଲାଗି
କେବଳ ମାନବ ପ୍ରାଣ ଅଟେ ଭୁକ୍ତ ଭୋଗି ।
ଏହି କଥା ସର୍ବ ମନେ ଅଛି ଜାଗରୁକ
ଲୀଳା ଖେଳା ଭବ ମଧ୍ୟେ ପ୍ରବେଶଇ ଶୋକ ।
ଦୁଃଖର ଆଘାତ ଶର ବାଜେ ସର୍ବ ପ୍ରାଣେ
ବିଦୀର୍ଣ୍ଣ କରଇ ଶର ପ୍ରବେଶି ମରମେ ।
ଦୁଃଖ ସୁଖ କିଛି ନାହିଁ ସନ୍ତଙ୍କ ହୃଦରେ
ହସି ହସି ଚାଲିଗଲେ ଲୀଳାର ଶେଷରେ ।
ତାଙ୍କ ଗୁଣ ଗଣି ସବୁ ତବ ବକ୍ଷ ସ୍ଥଳେ
ସ୍ୱର୍ଣ୍ଣାକ୍ଷରେ ଲେଖିଦେଲେ ସରଳ ବିଭୋଳେ ।
ସନ୍ତଙ୍କର ପନ୍ଥ ରୂପ ଅଟେ ସର୍ବ ଧନ
ପନ୍ଥ ବିନା ଏ ଜୀବନେ ନଥାଏ କାରଣ ।
ସେହି ପନ୍ଥ ବସି ତେବେ ସର୍ବ ଗୁଣ ଗଣି
ଗାଉଛନ୍ତି ଦିବା ନିଶି ମନ ସୁଖ ଜାଣି ।
ଅଶ୍ରୁଧାର ତାଙ୍କୁ ଅଛ ପ୍ରୀତି ସ୍ୱରୂପରେ
ପୁଣି ଦୋଷ ସ୍ୱୀକାର କରୁଛ ପ୍ରେମରେ ।

Digitized by srujanika@gmail.com

ସତୀ ବିନା ଜଗତକୁ ମଣ ତୁଚ୍ଛ ସମ
ନିର୍ଲକ୍ଷ୍ୟରେ ମଣିଅଛ ଅନ୍ଧାର ଭୁବନ
ପ୍ରୀତି-ପୁଷ୍ପ ଫୁଟାଉଛ କାତର ନୟନେ
ସତୀ ଚିନ୍ତା ଖେଳୁଅଛି କେବଳ ମାନସେ ।
ହିନ୍ଦୁ ନାରୀ ଜନ୍ମ ପକ୍ଷେ ଆଉ ଲୋଡ଼ା କିସ
ବୈଧବ୍ୟ ଯନ୍ତ୍ରଣା ବିନା ସର୍ବ ପକ୍ଷେ ବିଷ
ଏ ସୌଭାଗ୍ୟ ଘଟିବାର ନୁହେଁକ ଦୁର୍ଲଭ
ଏଥିପାଇଁ ମହାରାଜ କର କିମ୍ପା କ୍ଷୋଭ ।
ଜୟ ଜୟ ସର୍ବ ଜୟ ହେଲା ସେ ଜୀବନ
ସେ ସକାଶେ କିନ୍ତୁ ଚିନ୍ତା ନକର ରାଜନ ।
ପୁଣ୍ୟ ଆତ୍ମା ପୁଣ୍ୟ ପୁରେ ବସିଲେ ବିଭେଳେ
ସତୀ କୀର୍ତ୍ତି ରହିଗଲା ଅମର ମଣ୍ଡଳେ ।
ତବ ଅଶ୍ରୁ ଧାରା ନୁହେଁ ଅଟେ ସୁଧାସାର
ସତୀଙ୍କର ଯଶଃ ସଙ୍ଗେ ଢ଼ାଳ ଧୀର ଧୀର ।
ପତି ସ୍ନେହ ଲଭ୍ୟ କଲେ ଜୀବିତ କାଳରେ
ପରେ ସୁଦ୍ଧା ସେହି ଧନ ସଞ୍ଚିଲେ ଯତ୍ନରେ ।
ସମ ଜାତି ସତୀ ଦେବୀ ହେବାରୁ ମୋହର
ହୃଦ ରାଜ୍ୟେ ଗର୍ବ ଖେଳେ ଆନନ୍ଦ ସଙ୍ଗର ।
ତାଙ୍କ ଯଶଃ ସମପକ୍ଷେ ବାଣ୍ଟିଣ ଦିଅନ୍ତୁ
ସେହି ଦଶା ସର୍ବ ନାରୀ ଆନନ୍ଦେ ନିଅନ୍ତୁ ।
ଏତିକ କେବଳ ମୋର ଅନ୍ତର କାମନା
ସତୀ ଯଶ ଗାଇ ଗାଇ ପୂରୁ ମୋ କାମନା ।

●

[ସୁରଙ୍ଗ ରାଣୀଙ୍କର ମୃତ୍ୟୁ ଘଟଣା ଅବଲମ୍ବନରେ ଲିଖିତ —
ରଚନା କାଳ ୧୯-୯-୧୯୧୭]

Digitized by srujanika@gmail.com

ପର୍ବତ ପ୍ରତି

ଆହେ ଗିରିବର ! କେଡ଼େ ଦିଶୁ ତୁ ସୁନ୍ଦର
ରତନେ ଭୂଷଣ କିବା ତୋର କଳେବର ।
ବୃକ୍ଷ ଲତା ଇତ୍ୟାଦି ତୁ ବହିଛୁ ଅଙ୍ଗରେ
ପଲ୍ଲିବ କରାଉ ରଙ୍ଗେ ମଳୟ ସଙ୍ଗରେ ।
ମରକତ ଖଣ୍ଡ ଖଣ୍ଡେ କି ଦେଇଛୁ ବୁଣି
ତୋ ରୂପରେ ବଶ୍ୟ ହୋଇକେ ନ ହେବ ଋଣି ।
ଋଷି ଆବାହନ କରି ବସାଉ ଭୂଜରେ
ତେଜରେ ତେଜ ମିଶାଇ ରସନ୍ତି ତେଜରେ ।
କେତେକ ସୁନ୍ଦରୀ ମିଶି ଢ଼ାଳନ୍ତି ଗୁମର
କେହି ପୁଷ୍ପ ବୃଷ୍ଟି କରେ ଭାବେ ଜର ଜର ।
କେ ପୁଷ୍ପ ଅଞ୍ଜଳି ଧରି ହୋଇଛନ୍ତି କି ଉଭା
କେହି କଳା ବସ୍ତ୍ର ପିନ୍ଧି ବୃଦ୍ଧି କରେ ଶୋଭା ।
ସକଳ ଆନନ୍ଦ କରୁ ଆହେ ଗିରିବର !
କାହିଁକି ବସିଛୁ କହ ହାସ୍ୟ ମୁଖ ତୋର ?
ବହୁଅଛି କି ସୁନ୍ଦର ମଳୟ ପବନ
ସ୍ୱପ୍ନ ପରି ମାନବର ମଗ୍ନ କରୁ ମନ ।
ଉଠିନାହିଁ କେହି ଆଉ ତୁ ଉଠି ବସିଛୁ
ଲୁଚିନାହିଁ ତାରା ଶଶୀ କାହାକୁ ବରିଛୁ ।
ଏତେ ପ୍ରାତଃ କାଳୁ କପାଁ ତୁ ରହିଛୁ ଜାଗି
ବ୍ୟାକୁଳତା ଦୂର ହେଲା ତୋ ଦର୍ଶନ ଲାଗି ।
ଆକୁଳ ନୟନେ ଗୃହେଁ ତୋ ରୂପ ମାଧୁରୀ
କଣ୍ଟକ ଅରଣ୍ୟ ଆଜ ନ ଦିଶଇ ପୂରି ।
ମୋର ଅଭିଳାଷ ଆଜ କରିବୁକି ପୂର୍ଣ୍ଣ
କହିବି ଅବଶ୍ୟ ମୁହିଁ ତୋର ସାଧୁଗୁଣ ।
ତୋର ଯୋଗୁଁ କି ସୁନ୍ଦର ଦିଶଇ ଜଗତ
ତୋହର ମହନ୍ତ ତଣ ରଖିଛି ମହତ ।

Digitized by srujanika@gmail.com

ଢ଼ର ଢ଼ର କରେ ତୋତେ ଗୁପତରେ ପ୍ରେମ
ହସୁଥିବୁ ଅବା ତୁହି ଦେଖି ମୋର ଭ୍ରମ ।
ଢ଼ଳ୍‌ଢ଼ଳ୍ ଗୃହୁଁ ତୁକ ମୋହର ଅବସ୍ଥା
ସରଳ ପଣରେ ଅବା ଟେକାଇବୁ ମଥା ?
ମଧୁର ଅଧରେ ଆଣି ଢ଼ାଳୁ ସୁଧା ରାଶି
କିଶିର ଶିଶିର ଜଳ ଯାଉଅଛୁ ଭାସି ।
ନଢ଼ଳ ସଂପୂର୍ଣ୍ଣ ଅଛୁ ସ୍ନେହର କୋଳରେ
ପୁଲକିତ କରେ ସୁଧା ଅଧର ରଙ୍ଗରେ ।
ଅଧରୁ ଆଦର କବା ନେବ ମୋତେ ଧରି
ସୁଶାନ୍ତ ସରଳ ପ୍ରେମ ଦେବ ହୃଦେ ଭରି ।
ପ୍ରେମ ସ୍ନେହ ଆଶେ ଦେଲି ହୃଦସ୍ଥ ପରଶି
ଆସିବ କି ଫଳ ଭାବ ଗୃହୁଁ ଅଛି ବସି ।
ତୋର ରବ ତେଜ ଦେଖି ଉଠେ ପ୍ରାଣ-ଉଷା
ତୋର ଅଙ୍ଗ ଆଭରଣ ହେବ ମୋର ଭୂଷା ।
ରୂପ ଦରଶନେ କେତେ ପୋଷୁଅଛୁ ଆଶା
ମୋ ଆଶା ଭରସା ହୁଅ ନକରି ନିରାଶା ।
ମୁହିଁ ଜଗତର ବାସୀ ତୁହି ଥିବୁ ଜାଣି
ମୋ ଆଶା ସଂପୂର୍ଣ୍ଣ କର କହି ପଦେ ବାଣୀ ।
ମନର ବିଳାପ ନାଶ, କରେ ନିବେଦନ
କେହି ଖୋଜି ନ ପାରିବ ମୋହର ଜୀବନ ?
ଶୋକ ସନ୍ତାପରେ ଭାସି ଯାଉଅଛୁ ମୁହିଁ
ରଖିବୁକି ଗୋପନରେ ନେଇ କୋଳେ ତୁହି ।
କେତେ ଏ ପରାଣ ମୋର ସହୁଛି ଯାତନା
ତୋ ବହନେ ପୂର୍ଣ୍ଣ ଆଉ ନହେବ କାମନା ।
ଏଥି ଅନୁଯାୟୀ କମ କର ଗାର ଧୀର
ତୋ ସମାନେ ମୁହିଁ ମଧ୍ୟ ହେଲଣି ସୁସ୍ଥିର ।

●

[ରଚନା କାଳ—୧୯-୭-୧୯୧୭—ସମ୍ବଲପୁର ହିତୈଷିଣୀରୁ
ସଂଗୃହୀତ-ପ୍ରକାଶ କାଳ, ୩୦-୧୨-୧୯୧୯]

Digitized by srujanika@gmail.com

ନାହିଁ କିଛି

ସତେ କଏ ଜଗତର ଅଧିକାଷ୍ଣ
ଥିଲେ ଆସି ଏହି ପ୍ରାଣ ନଅନ୍ତୁ ଉଦ୍ଧାର
ଅଛି ବୋଲ ଶୁଣେ ମାତ୍ର ନଦେଖ ନୟନ
ନ ଦେଖେ ମହିମା କଛି ନ ଶୁଣେ ବଚନ ।
ଯେବେ ଅଛି ପ୍ରତ୍ୟକ୍ଷରେ ଦଅ ମୋତେ ଦେଖା
ଜୀବନର ଶାନ୍ତମାନ୍ତ ଦେବ ହସ୍ତେ ଲେଖା ।
ଲେଖା ଦେଇ ହୃଦଭାବ କରିବ ଗୁମୁରେ
ଶୁଣ ଶୁଣ ନବେଦନ ଡ଼ାକୁଛି ଆତୁରେ ।
କାତର ପ୍ରାର୍ଥନା ଅଛି ଆଜ କଛି ନାହିଁ
କେବଳ ରହିଛି ପ୍ରାଣ ଶୂନ୍ୟକୁ ଅନାଇଁ ।
ନାହିଁ ବଳ ନାହିଁ ଜ୍ଞାନ ନାହିଁ ପ୍ରେମ ବନ୍ଧୁ
ନାହିଁ ହାସ ନାହିଁ ସୁଖ ନାହିଁ ରସ ସିନ୍ଧୁ ।
ନାହିଁ ପ୍ରୀତ ନାହିଁ ସ୍ନେହ ନାହିଁ ଆଶା ଫଳ
ନାହିଁ ଭାବ ନାହିଁ ଗୁଣ ନାହିଁ ଅଶ୍ରୁ ଜଳ ।
ନାହିଁ ଭକ୍ତି ନାହିଁ ବୁଦ୍ଧି ନାହିଁ ଦ୍ରବ୍ୟ ମନ୍ତ
ନାହିଁ ଜଳ ନାହିଁ ଫଳ ନାହିଁ ନାହିଁ ଗନ୍ତ ।
ନାହିଁ ମାୟା ନାହିଁ ତୃଷ୍ଣା ନାହିଁ ଭୟ ଶଙ୍କା
ନାହିଁ ମୋହ ହାଟ ବାଟ ବାଜେ ଶୂନ୍ୟ ଢଙ୍କା ।
ନାହିଁ ଶକ୍ତି ସାମର୍ଥ୍ୟ ମୋ ଗଲା ସବୁ ହର
କେବଳ ରହିଛି ପ୍ରାଣ ପେଟ ଖଣ୍ଡେ ଧର ।
ସବୁ ଶୁଷ୍କ ହୋଇଗଲା ଅଛି ଶୁଷ୍କ ତରୁ
ଶୁଷ୍କ ତରୁ ଉପସ୍ଥିତ ଚତୁପାର୍ଶ୍ଵ ମରୁ ।
ମରୁଭୂମି କ କରିବ ଅଭାବତ ଜଳ
ଜଳ ବର୍ତ୍ତନରେ ଆଉ କ କାର୍ଯ୍ୟ ସମ୍ବଳ ।

Digitized by srujanika@gmail.com

କହୁ ନାହିଁ କହୁ ନାହିଁ ଏ ହୃଦ ଭଣ୍ଡାରେ
କହି! ଡାକ ଶୁଭିବ ହେ ତବ କର୍ଣ୍ଣ ଦ୍ୱାରେ ।

କସ ଦେଇ ତବ ମନ କରିବି ପ୍ରସନ୍ନ
କସ ଭାବ ଅଛୁ ଆଉ ଦେଖିବ ବଦନ ।

ଚହ୍ଲିଲା ମହିମା ତବ ଚହ୍ଲିଲା ଜଗତ
ଚହ୍ଲିଲା ସକଳ ଭାବ ଚହ୍ଲିଲା ମହତ ।

ଥିଲେ ଥିବ ଆହେ ପ୍ରଭୁ ନାହିଁ ତବ ଦୟା
ମୋର ଚିତ୍ତ କି କଠୋର ବହିଛ ନିର୍ଦ୍ଦୟା ।

ସବୁଗଲା ସରି ଏବେ ରହିଛି ଜୀବନ
କର୍ମହୀନ ଭାବ ଶୂନ୍ୟ ଖେଳଇ ନୟନ ।

ବସିଅଛୁ ସବୁ କଥା ଭାଳି ଭାଳି ମନେ ।
ଏକଇ ବସ୍ଥର ବଢ଼ି ହୃଦୟ କାନନେ ।

ତାହାହେଲେ କର ସିଦ୍ଧି ମହିମା ପ୍ରକାଶି
ସର୍ବହୀନଙ୍କୁ ପିଣ୍ଡ ଅର୍ପେ ମୋ ଭବ ମନାସି ।

ବାଞ୍ଛା ସିଦ୍ଧି କରି ହରି ମିଶାଅ ଅନନ୍ତେ
କି କାର୍ଯ୍ୟ ସାଧନ ଅର୍ଥେ ଥିବ ଏ ଜଗତେ ।

●

[ସଂବଲପୁର ହିତୈଷିଣୀରୁ ସଂଗୃହୀତ—ପ୍ରକାଶ କାଳ ୭, ଅଗଷ୍ଟ ୧୯୧୭]

Digitized by srujanika@gmail.com

ପ୍ରେମ ଡାକ

ଆସ ଆସ ସର୍ବଜନେ ହୋଇ ଏକ ପ୍ରାଣ
ଛାଡ଼ ଦ୍ୱନ୍ଦ୍ୱ ତେଜ ହିଂସା ଭାବ ସମ ଜ୍ଞାନ ।
ବୃଥା ଦ୍ୱନ୍ଦ୍ୱ କରିବାର ନାହିଁ କିଛି ଭଲ
କେହି ଚିରସ୍ଥାୟୀ ନାହିଁ ଜାଣିଛ ସକଳ
କପଟ କର ମୋହ ବଶେ ଦ୍ୱନ୍ଦ୍ୱ ସୂତ୍ରପାତ
ଅକସ୍ମାତେ ମାଡ଼ ଆସି ପଡ଼ଇ ନିର୍ଘାତ ।
ନିର୍ଘାତର ଦାଉ କିବା ନ ପାରିଛ ଜାଣି
ଶୂନ୍ୟ ଭାବ ଶୂନ୍ୟେ ଆଣି ହୁଅ ଠାଣଠୁଣି ।
କ୍ଳାନ୍ତ କି ନୁହଇ ତବ ସୁନ୍ଦର ଜୀବନ
ବିଚ୍ଛୁରିତ ନ କରଇ ତବ ଦିବ୍ୟ ମନ ।
ସରଳ ପ୍ରୀତିରେ କପଟ ଢାଳିଲ ଗରଳ
ଗରଳ କି ଢାଳି ଦେଇ ପୂର୍ଣ୍ଣିକଲ ଫଳ ।
ମାନବ ଜୀବନ ପାଇ ହରାଇଛ ଜ୍ଞାନ
ଜ୍ଞାନ ବିହୁନରେ କାର୍ଯ୍ୟ ନହେବ ସାଧନ ।
ବିଚ୍ଛୁରିବିଚ୍ଛୁରି ନାହିଁ ହୃଦରେ କାହାର
ଅହଂ ଗୁଣ କିଣି କଲ ପ୍ରୀତିକି ସଂହାର ।
ପ୍ରୀତିଠାରୁ ବଳ କିସ ଅଛି ଏ ସଂସାରେ
ତାହାର ମହତ କେହି ନ ବୁଝିଲ ବାରେ ।
ପୀରତି ବେଳିବା ଭାବ ଅଟେ ପୁଷ୍ପ କଢ଼ି
ନ ଫୁଟୁଣୁ ତା ଆକାର ଗଲ କପଟ ଝଡ଼ି ।
ପୁଷ୍ପର ସୁନ୍ଦର ରୂପ ନ ଦେଖି ନୟନେ
ସୁଗନ୍ଧ ନ କିଣି ଅଗ୍ନି ଢାଳିଲ ମଉନେ ।
ଧନ୍ୟରେ ମଉନ ଚିହ୍ନ ଧନ୍ୟରେ ତୋ ମାୟା
କାୟାକୁ ଲୁଚାଇ ଦେଇ ପ୍ରକାଶୁ ତୋ କାୟା ।

Digitized by srujanika@gmail.com

ଡ଼ାକ ହାକେ କ୍ରୋଧ ମୂର୍ତ୍ତି ବାରେ ଢ଼ଳ ଢ଼ଳ
କେତେ ଅଭିନୟ କରେ ଉଲୁଠାଏ ଝଳ ।
ସଂସାର ସକଳ ଶବ୍ଦ ବାଡ଼ି ତା ଗ୍ରୁମୁରେ
ହସ ରସ ନୃତ୍ୟ ଗୀତ ଖେଳେ କ ମଧୁରେ ।
ମଧୁର ସଙ୍ଗୀତ ପୁଣି ବାଜଇ କର୍ଣ୍ଣରେ
ପୁଲକିତ କରାଏ ପ୍ରାଣ ସଦେହ ସଙ୍ଗରେ ।
କ୍ଷଣେ ନିଶବଦ ରହି ଭାବେ କିସ ହେଲ
ବୃଥା ମନ ଅଭିନୟେ ପ୍ରକାଶିଲ ଖେଳା ।
ମନର ବିକାର ଛବି ଲୁଚିରହି ଯାଇ
ଜାତିର ମମତା ଧରି ଆସ ବେଗେ ଧାଇଁ ।
ଏକ ମନ ଏକ ପ୍ରାଣ ହୋଇ ଭଗ୍ନୀଗଣ
ଭକ୍ତି-ପୁଷ୍ପାଞ୍ଜଳି ଦେଇ ପୂଜିବା ମୋହନ ।
ଶୋକ ପାପ ତାପ ହରୁ ଗୁଳିବ ବନ୍ଧନ
ହରି ପ୍ରେମ ସୁଧା ନାମ କରିବା ଗାୟନ ।
ମାୟାର ମହିମା କେତେ ଅଛେ ଆଚମ୍ବିତ
ଅପ୍ରସନ୍ନେ ପ୍ରସନ୍ନକୁ ଦେଇ ସାଧେ ହିତ ।
ଦୁଃଖ ନିଶା ଦୂର ହେବ ନାହିଁ କିଛି ଭୀତ
ଆସ ଆସ ସୁ ପ୍ରଭାତେ ଚିହ୍ନିବ ମିତ ।
ଉଷା ଶୁଭ ଆଗମନ କରିବା ଦର୍ଶନ
ଜାତି ଭାବେ ଜାତି ପ୍ରେମେ ବାଢ଼ିବା ପ୍ରସନ୍ନ ।
ଜାତି ପ୍ରେମ ଜାଣି ଶୁଣି କର ସୁଧା ପାନ
ଜାତି ପ୍ରେମ ଠେକ ଭାବ କଣିବା ସୁଜ୍ଞାନ ।
ଜାତିର ମହତ ରଖ ଛାଡ଼ି ସବୁ ଦ୍ୱନ୍ଦ୍ୱ
ତର ଆନନ୍ଦରେ ନାହିଁ ଜାଣ କେବେ ମନ୍ଦ ।
ଏହି ଭାବ ଭୁଲ ନାହିଁ ଆହେ ଭଗ୍ନୀଗଣ
ଆସ ପ୍ରଭୁ ଗୁଣ ଗାଇ କରିବା କୀର୍ତ୍ତନ ।

[ସଂବାଦ ବାହିକା – ୧୯, ଜୁନ ୧୯୧୯ ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

କି ମଧୁର ଲୀଳା

କଏ କର୍ତ୍ତା ଏ ଲୀଳାର କାହିଁ ତାର ସ୍ଥାନ
ଏ ଭାବରେ ଏ ଜଗତ କରିଅଛ ଦାନ ।

ଦାନ ନେବା ଭଳ ଜ୍ଞାନ ନାହିଁତ କାହାର
କାହିଁକ ବଚନ ସୃଷ୍ଟି ଦେଇଛ ଉଧାର ।

ସୃଷ୍ଟି କ ଉଧାର ଦେଇ ଆଣିଲ କ ଧନ
ଧନର ମହତ କିବା ବୁଝିଲ ଜୀବନ ।

କାହିଁକ ବଳିଷ୍ଠ ହେଲ ସବୁଠାରେ ଜୟ
ଦୁର୍ବଳ ସବୁରେ ହୀନ ଜୀବନ ଅଥୟ ।

ଭାଗ୍ୟ ଭୋଗ ତେଣେ ଥାଉ ଭବସାଏ ଠେଳ
ଭାଗ୍ୟବାନ ପଦ ତଳେ ସଦା ହୁଏ ଦଳ ।

ଏହାକ ସମାନ ମାତ୍ର କହ ଭଲ ମତେ
ନ୍ୟାୟର ମର୍ଯ୍ୟାଦା କବା ରହିଲ ମହତେ ।

ଦୁଃଖ ହୃଦେ ଅଗ୍ନି ଜାଳ ହସେ କର କର
କେ ବୁଝିପାରଇ ନାହିଁ କ ଦୁଃଖ ପ୍ରାଣର ।

ଏକ ଜନ ଭୋଗୁଅଛି ଭାଗ୍ୟ ଗୌରବରେ
ଅନ୍ୟ କର୍ତ୍ତା ଫଳହିଁନେ ବସିଛି କାତରେ ।

ପକ୍ଷପାତ ହୁଏ କର୍ତ୍ତା ଜଗତ ପାଳନେ
ମାନବ ମହତ କବା ନ ରଖିଲ ମନେ ।

ଧର୍ମ ଅବା ଦରିଦ୍ରକୁ କରବ ପାଳନ
ଏହି ଭାବେ ଏ ଭୁବନ କଲ ବା ସର୍ଜନ ।

ତାହା ଯେବେ ହୋଇଥିବ ସେ ମହତ କାହିଁ
ସଦା ତ ଦୁର୍ବଳ ମୃତ୍ୟୁ ବଜ୍ରାଘାତ ଖାଇ ।

Digitized by srujanika@gmail.com

କାହା ପାଶେ ଦୁଃଖୀ ଅବା କରି ନିବେଦନ
ହୃଦୟର ଦଗ୍ଧ ଜାଳା କରି ନିବାରଣ ।
ବୃଥା ଏଠାରେ ଏତେ ଦଣ୍ଡ ଭୁଞ୍ଜେ କିସ ପାଇଁ
ମସ୍ତକ ଦରିଦ୍ର ପ୍ରାଣ ସବୁଠାରେ ଦାୟୀ ।
କର୍ତ୍ତା ତେବେ ବଳଆର ଥିବ ଏ ଜଗତେ
ଉଲ୍ଲାସେ ନଚୁଇ ବାଦ୍ୟ ଖେଳାଏ ନରତେ ।
ଦୁର୍ବିଳର ହୀନ ପକ୍ଷେ ନ୍ୟାୟ ଚଢ଼େ ବଳେ
ବଳ କି ସବୁର ଉର ମନ ଭାବ ଫଳେ ।
ବଳ ଯାର ସବୁ ତାର ଏ ଏକା ପ୍ରମାଣ
ଧର୍ମ ଖୋଜ ନ୍ୟାୟ ଖୋଜ କିଛି ନାହିଁ ଜାଣ ।
ଯେତେ ଅଛି ନ୍ୟାୟ ତତ୍ତ୍ୱ ସବୁ ତାର ପାଇଁ
କା ଆଗେ କହିବ ଦୁଃଖୀ ମନଭାବ ଯାଇ ।
ଅଥବା କହିଲେ ଦୁଃଖ କେ ଶୁଣିବ ଥରେ
ସେପରି ନିର୍ଭୀକ ବୀର ଅଛି କି ମର୍ତ୍ତ୍ୟରେ ?
ପ୍ରଭୁ ବୋଲ ଧର୍ମ ବୋଲ କର୍ମର ଅଧୀନ
କିଛି ନାହିଁ ଦୁଃଖୀ ପକ୍ଷେ ସବୁଠାରେ ହୀନ ।
ଧର୍ମ କର୍ମ ନ୍ୟାୟ ତତ୍ତ୍ୱ ସବୁବେଳେ ଢଳ
ତେଜ ହୀନ ମୁହଁ ଦେଖି ମିଶି ମାରେ ତାଳ ।
କିଛି ନାହିଁ କିଛି ନାହିଁ ଧର୍ମ ତତ୍ତ୍ୱ ଫଳ :
ଯାହା ଭୋଗେ ତାହା ଚିନ୍ତେ ଆତ୍ମାର ମଙ୍ଗଳ ।
ଏ କାରଣ ସବୁଠାରୁ ନୀରବତା ଭଲ
ଭଲ ମନ୍ଦ ବୁଝେ ବୀର ସମାନ ସର୍ବଳ ।

[ସଂବାଦ ବାହିକାରୁ ସଂଗୃହୀତ—ପ୍ରକାଶ କାଳ
୧୫, ମେ ୧୯୧୯]

ମହା ବିଚାର

ଆଗମନ ମାର୍ଗେ ପଡ଼େ ବିବିଧ ବିଚାର
ମନେ ଧରି ପଡ଼େ ନାହିଁ କିଛି ନାହିଁ ସାର ।
ଯାହା ଦେଖେ ତାହା ସବୁ ନୟନେ ସ୍ଥକିତ
ହୃଦରେ ଉଚ୍ଛୁଳି ଉଠେ ସ୍ଥିର ନାହିଁ ଚିତ୍ତ ।
ଚିର ସହଚରୀ ଅଛି ସଙ୍ଗରେ ଅଶାନ୍ତି
ଶରୀର ଦୁର୍ବଳ କରେ ଅବସନ୍ନ ମତି
ସତ୍ୟ ପ୍ରେମ ଆଶା ଧର୍ମ ସବୁ ପରାହତ
ଗର୍ବସ୍ଫୀତ ମାନବର ଯାତନା ମହତ ।
ଏହା ସବୁ ଚାଲିଯାଏ ଦରିଦ୍ର ହୁଏ ପ୍ରାଣ
ତଥାପି ସେ ଚିର ଆଶା ବାନ୍ଧିଥାଏ ଟାଣ
କ୍ଷଣ ଭଙ୍ଗୁର ପାର୍ଥିକ ପରମାଣୁ ପରି
କଳ୍ପିତ ଯାତନାମୟ ଟେକେ ଛନ୍ଦ ସରି ।
କି ମମତା ବଜ୍ରମୟ କବଚ ଆବୃତ
ହୃଦ ତନ୍ତ୍ରେ ବାନ୍ଧିଦେଇ ଚାଲେ ଗଡି ଧୃତ ।
ବର୍ବରତା ପରିଚୟ କୌମାର ଯୌବନ
କ୍ଷଣେ ପୀଡ଼ା ଭେଦ କରଇ ଜୀବନ ।
ସମୟ ସମୟ ପରେ ଚାଲେ ଗଡି ଦେଇ
କେ କାହାକୁ ଭେଟାଭେଟ ହୁଏ ନାହିଁ କେହି ।
ତଥାପି ସେ ନବ ଆଶା ଅଙ୍କୁରଏ ପାଶେ
ନବ ପ୍ରେମେ ନବ ଭାବେ ଚାହେଁକି ଉଲ୍ଲାସେ ।
ନବୀନ ସୁନ୍ଦର ଲତା ଦେଖେ ନିତି ନିତି
ଅବସ୍ଥାର ଆବିର୍ଭାବ ନ ରେଖାଏ ସ୍ଥିତି ।
ଜନ୍ମ ପୂର୍ବ ମୃତ୍ୟୁ ପୁଣି ଜଗେ ହେତୁ ସମ
ସେହି ଭବ କାର ହୃଦେ ନ କରେ ଗମନ ।

Digitized by srujanika@gmail.com

ଆରେ ମନ କିପାଁ ତୁହି ନୋହୁ ସାବଧାନ
ମାନବର ଗତି କିସ ରହିଛି ଅଙ୍କନ ।
ସେଥିଲାଗି ଚିନ୍ତା କିସ ଚୁଳଛି ପଥରେ
ସମ୍ପ୍ରତି ମୁଁ ବହୁ ଦୂର ଆସିଛି ମାର୍ଗରେ ।
ଯାହା ହେଉ ଭବିଷ୍ୟତ ଚିନ୍ତାରେ ଆତୁର
ହେବନାହିଁ ଦେଖୁଥିବ ସତ୍ୟର ଆକାର ।
ଯାହା ଭୋଗିବାର ଅଛି ବଞ୍ଚିତ ତା ନୁହେ
ଚତୁପାର୍ଶ୍ୱେ ଗୃହୁଁ ଥିବ ପଡ଼ି ଭବ କୁହେ ।
କାହାର କି ପ୍ରାକୃତିକ ଅଟେ ଶୋଭା ରାଶି
ସ୍ଥାନେ ସ୍ଥାନେ ପ୍ରେମ ଚିହ୍ନେ ଯିବି ଭାସିଭାସି ।
ଆହାକି ସୁନ୍ଦର ଦିଶେ ମଳୟ ଅଚଳ
କି ପ୍ରାକୃତିକ ଶୋଭାବନ ଯାଚେ ବାଞ୍ଛା ଫଳ ।
କି ଘୋର ଅରଣ୍ୟ ଏହି ନିଶାଠାରୁ କଳ
ଝାଇଁ ଝାଇଁ ଶବ୍ଦ ଉଠି ଧୈର୍ଯ୍ୟଦିଏ ଦଳ ।
ପୂର୍ଣ୍ଣଅଛି ବନ ଜନ୍ତୁ ଯେ ଯାହା ସ୍ୱଭାବେ
କେହି ହିଂସ୍ର କେହି ସାଧୁ କେ ସରଳେ ରାବେ ।
କୁରଙ୍ଗ କୁରଙ୍ଗୀଗଣ କେଡ଼େ ମନୋହର
ଦଳ ଦଳ ଚୁଳଛନ୍ତି ଟେକି ଗ୍ରୀବା କର ।
ମୃଗ ନାଭି ଗନ୍ଧ ଫେଇ କି ମନ ରଞ୍ଜନ
ଶୃଙ୍ଗି ଭବେ ଠାରୁ ଅଛି ସୁବାସ ଚନ୍ଦନ ।
ବିହାର ତଳ୍ପ ସାକ୍ଷୀଶ୍ରୀ କି ବିଶାଳ ତରୁ
ନୈକଛି ବିଶାଳ ବାହୁ ଫଳ ପୁଷ୍ପେ ଖରୁ ।
ଝର୍ଝର ଶବଦ ଉଠେ ଗିରି କନ୍ଦରରୁ
ମୁଖରିତ ପ୍ରେମ ଆସେ ଭପୂର ଗର୍ଭରୁ
ଏହି ସେ ନିବିଡ଼ ଲତା ଚିହ୍ନେ ବିମଣ୍ଡିତ
ଫଳ ପୁଷ୍ପ ଆଭରଣେ ଝଲସାଏ ଶତ ।
ସୁବାସ ସମ୍ମାନ ଧରି ଉଭାର ପଥରେ
ଆମୋଦ ପ୍ରମୋଦ ଥାଳ ସ୍ଥାପି ଶ୍ରୀହସ୍ତରେ ।

Digitized by srujanika@gmail.com

ମଳୟ ସମୀରେ ପୁଣି ଦିଏ ପରିଚୟ
ଆହା କି ଗୌରବାନ୍ୱିତ ଭାବ ଚିତ୍ର ମୟ ।
କି ସୁନ୍ଦର ହେଉଅଛି ଗନ୍ଧ ବିତରଣ
ପ୍ରକୃତ ପ୍ରକୃତି ଚିତ୍ର ଦେଇଛନ୍ତି ଅଙ୍କନ ।
ମନ୍ମଥ ମନ୍ଥନ କରେ ରସ ଦଧିଭାଣ୍ଡ
ସୁରମ୍ୟ ପଞ୍ଚରେ ସଞ୍ଚି ରଖଇ ବ୍ରହ୍ମାଣ୍ଡ ।
ଭୂଧର ଦର୍ଶନେ ହୁଏ ନେତ୍ର କି ସଫଳ
ସରଳ ପ୍ରେମର ମୂର୍ତ୍ତି ଦେଇଛନ୍ତି ସରଳ ।
ସରଳ ପଥରେ ଚାଲି ଭ୍ରମିବ ସଂସାର
ଆତ୍ମାର ମର୍ଯ୍ୟାଦା କହୁ ଜଗାଇବ ଦ୍ୱାର ।
ମାର୍ଗେ ଚାଲି ପଥ ରୁନ୍ଧ ଚିହ୍ନିବ ରହସ୍ୟ
କେଉଁଠାରେ ମନ ପ୍ରାଣ ନକରଇ ବଶ୍ୟ ।
ବସୁଥିବ ଉଠୁଥିବ ଦେଖୁଥିବ ସବୁ
ଦେଖାଯାଉ କିସ ହେବ ଏହି କ୍ରୀଡ଼ା ଭବୁ ।
ଏତେ ଭାବ ମାର୍ଗ ଖୋଲି ଚାଲେ ମନ ଢ଼ର
ଭ୍ରମ କ୍ଳାନ୍ତେ ପଥଭ୍ରଷ୍ଟ ଚିତ୍ତ ନାହିଁ ସ୍ଥିର ।
କିସ ହେଲା କି କରିବ କେହି ନ ଦିଶଇ
ପଥଭ୍ରଷ୍ଟ ହେଲା ମାର୍ଗ କେହି ଦେବ କହି ।
କେହି ତ ନଦିଶେ ଆଛା ଉପରକୁ ଯିବ
କିସ ଅଛି ଅନ୍ୱେଷଣ ଲକ୍ଷ୍ୟରେ ବସିବ ।
ଅନ୍ୱେଷଣ କରୁ କରୁ ବାଞ୍ଛା ହେବ ପୂର୍ଣ୍ଣ
ଉଦାର ସରଳ ପରିଚୟ ନେବ ଗୁଣ ।
କିଛି ଦିନ ମର୍ଯ୍ୟାଦାରେ କାଟିବ ଜୀବନ
ଚିର ଦୁଃଖ ନାହିଁ ଅଛି ବେଦରେ ଲେଖନ ।
ଏତେ ଭାବ ଧୀରେ ଧୀରେ ଚଳାଇଲା ଗଦ
ଚାହିଁଲା ଉପର ଦିଗେ ବିଷମ ବିପଦ ।
ସବୁଠାରୁ ବଳଗଲା ଗଭୀର ପ୍ରମାଦେ
ବିଶ୍ୱ ବ୍ୟାପୀ ତମ ପୁଣି ବେଢ଼ିଲା ଆମୋଦେ ।

Digitized by srujanika@gmail.com

ମସ୍ତକେ ଆକାଶ ଝାଙ୍କେ ଚମକେ ହୃଦୟ
ସ୍ତବଧ କରଏ ଘୋର ପ୍ରକୃତିର ଭୟ ।
ଏକ ଦିଗେ ତୀବ୍ର ବୃଷ୍ଟି ପର ଦିଗେ ଗ୍ରୀଷ୍ମ
କ୍ଷୁଧା ତୃଷା ଦୁଇ ସଙ୍ଗ ଲଗାଅନ୍ତି ନାଟ ।
ଗାଢ଼ ଅନ୍ଧକାର ମାଡ଼ି ଆସିଲା ଦିଗରେ
ଘୋର କ୍ଲେଶ ଉପସ୍ଥିତ ତମମୟ ଘରେ ।
ଆଶାରତ ସୀମା ନାହିଁ କରେ ହଟହଟା
କେଉଁ ସ୍ଥାନେ ସ୍ଥିର ନାହିଁ ଫିଙ୍କି ଆଣେ କଣ୍ଟା ।
କଣ୍ଟାଫୁଟେ ସ୍ରବଯାଏ ସର୍ବାଙ୍ଗୁ ରୁଧିର
ତଥାପି ସେ ଛାଡ଼ୁନାହିଁ ମନର ଅଧୀର ।
ହେବା କଥା ହେଲା କି ଉପାୟ କରିବ
କେଉଁଆଡ଼େ ଯିବ ଭୋଗି କୋଠାରେ ରଖିବ ।
ପ୍ରଥମେ ବର୍ବର ନାହିଁ ଆସିଲା କୌଶଳେ
ଦୁର୍ଦ୍ଦିନ ଶ୍ୟାମଳ ତବ ଠେଲିନେଲା ଜଳେ ।
ନବୀନ କାମନା ଯୋଗୁଁ ପ୍ରକୃତି ସଞ୍ଚିତ
ଅପାର ବର୍ବର ଭ୍ରମ ଝଙ୍କାରେ ତ୍ୱରିତ ।
ଆଶାର ବଶରୁ ଆଜ ମାନବ କି ହେଲା
ଜୀବନର ପ୍ରତି ଆଶା ମୂଳରୁ ଜାଳିଦେଲା ।
ଭୋଜ-ଶିଳା ଆବେଦନେ ବସିବ ସୁଖରେ
ଯେବେ ଥିବେ ପରଂ ପିତା ତାରିବେ ପ୍ରେମରେ ।

●

[ସଂବାଦ ବାହିକା ପତ୍ରିକାରୁ ସଂଗୃହୀତ—ପ୍ରକାଶ କାଳ
୨୬-୯-୧୯୧୯]

Digitized by srujanika@gmail.com

ଭିକ୍ଷୁକ ପଥିକ

ହେ ଅତିଥି କି ଉଦ୍ଦେଶେ ଚାଲୁଛ ଧୀରେ
ପୂର୍ବଦିଗେ ମୁଖ କରି ଭାବନା ସମୀରେ ।
ଜଗତରେ ଜନ୍ମଲଭି କାହିଁ ତୋ ଉଚ୍ଚାଶା
କିସ ତୋର ହୃଦପୁରେ ଜନ୍ମିଛି ଲାଳସା ।
ଛିଣ୍ଡା କନା ଖଣ୍ଡେ ବାନ୍ଧିଦେଇଛୁ କଟିରେ
ବିଷଣ୍ଣ ବଦନ ଗୋଟି ମୀର ଝରେ ଧୀରେ ।
କଙ୍କାଳ ରହିଛି ମାତ୍ର ଦିଶଇ ପଞ୍ଜର
ଧୀର ଧୀର ଚାଲିଅଛୁ ଠେକିବୁକି ଧରି ।
ଅଧର ଦେଶରେ ଖେଳେ ହାସ ସୁଧା-ଇନ୍ଦୁ
ଘର୍ମବାରି ଫୁଟିଦିଶେ ଅଙ୍ଗେ ବିନ୍ଦୁ ବିନ୍ଦୁ ।
ଚାଲିବାକୁ ଶକ୍ତି ନାହିଁ ଭଲା ଧୈର୍ଯ୍ୟ ତୋର
ପଥମାର୍ଗେ ଏଡ଼ିଚଡ଼ି ଉଠୁଛୁ ମନ୍ଦର ।
କି ଭାବରେ ଉଠୁଅଛୁ ମନ୍ଦର ଶିଖରେ
ଖସିଗଲେ ଯିବୁ ପଡ଼ି ମିଶିବୁ ଶୂନ୍ୟରେ ।
ନ ଶୁଣଇ କାର ବାକ୍ୟ ଚାଲେ ଆଗୁ ସରି
ଏହି ଶବ୍ଦ କରେ ଭିକ୍ଷା ଦିଅ ହସ୍ତେ ଭରି ।
ଦରିଦ୍ର ଯାଚକ ମୁହିଁ ଭ୍ରମେ ଜଗତରେ
ପେଟ ଜାଳା ସହି ନୁହେ ଡାକେ ସର୍ବ ଘରେ ।
ଅତିଥିଟି ଏହିପରି ଗଲା ବହୁ ଦୂର
ନୟନେ ଦେଖିଲା ଆଗେ ଉଚ୍ଚ ସ୍ୱର୍ଣ୍ଣପୁର ।
ଦିବ୍ୟପୁର ଗୋଟି ଦେଖି ଚାଲେ ବେଗ ବେଗ
ବହୁ ଆଶା ମନେ ପୋଷି ଚାଲେ ଉଦ୍‌ବେଗ ।
ଠାରିଲା ଆଗରେ କେହି ଏହି ସେ ଭରସା
ସଞ୍ଚରିଲା ହୃଦ ମଧ୍ୟେ ଭୋଜନ ଲାଳସା ।

Digitized by srujanika@gmail.com

ବିଷୟ ବାସନା ପୂଣି ଜନ୍ମିଲା ଅନ୍ତରେ
ସର୍ବ ଦୁଃଖ ଦୂର ହେବ ଆଜ ମୋ ପଥରେ ।
ଫିଟିଲା ମୋ କର୍ମ ଦ୍ୱାର ଅର୍ଗଳ ସମାନ
ପାଇବ ମୁଁ ବହୁ ଭିକ୍ଷା ପୂର୍ଣ୍ଣ ହେବ କାମ ।
ଫିଟିବ ମୋ କର୍ମ ବାଟ ତଡ଼ିନେବ କଷ୍ଟ
ଦୁଃଖର ରାଜତ୍ୱ ନଷ୍ଟେ ଆଜ ହେବ ନଷ୍ଟ ।
ଫିଙ୍ଗିଦେବ ଛିଣ୍ଡା କନା ପାଇ ପଟ୍ଟ ବସ୍ତ୍ର
ଲଭିବ ନିଶ୍ଚୟେ ବଳ ଧରି ଅସ୍ତ୍ର ଶସ୍ତ୍ର ।
ଲୁଚିବ ପଞ୍ଜରା ହାଡ଼ ସଂପୂର୍ଣ୍ଣରେ ରକ୍ତ
ବିଷଣ୍ଣତା ଯିବ ଚାଲି ମୁଖ ମୋ ଆରକ୍ତ ।
ଚାଲିବ ମୁଁ ପରାକ୍ରମେ ମହୀର ଉପରେ
ବେଗେ ବେଗେ ପ୍ରବେଶିବ ଏ ମହତ ଘରେ ।

ଏତେ ଭାବି ମନେ ମନେ ପ୍ରବେଶିଲା ଦ୍ୱାରେ
ସୁଶୋଭିତ ପୁର ଗୋଟି ଦେଖିଲା ବାହାରେ ।

ରତ୍ନ ବିମଣ୍ଡିତ ପୁର ବିରାଜଇ ଶୋଭା
ବହଇ ମଳୟ ବାୟୁ ମନ କଲେ ଲୋଭା ।
× × × × × ଗନ୍ଧଯୁକ୍ତି
× × × ମନପ୍ରାଣ ନେଉଛି ଆକର୍ଷି ।
ଦୂରେ ଥାଇ ଡ଼ାକଦେଲା ଭିକ୍ଷା ମୁଠେ ଦିଅ
ଦୁଃଖୀର ଦୁଃଖ କଷ୍ଟ ବେଗେ ଫେଡ଼ ଦିଅ ।
ପ୍ରଥମ ଦ୍ୱିତୀୟ ଡ଼ାକେ ନପାଇ ଉତ୍ତର
ପୁନର୍ବାର ଆଉଥରେ ଡ଼ାକେ ଉଚ୍ଚତର ।

ଉଚ୍ଚତର ଡ଼ାକ ଶୁଣି ପୁର ଅଧିକାରୀ
ବୋଲେ କିଏ ଡ଼ାକେ ଏତେ କି ନାମ ତାହାରି ।

କର୍ଣ୍ଣଦ୍ୱାରେ ବାଜି ଶବ୍ଦ ହୃଦ କମ୍ପମାନ
ପୂର୍ଣ୍ଣ ଅଧିକାରୀ କିସ ନାହିଁ କି ତା ଜ୍ଞାନ ।
ଏହି ବାକ୍ୟ ଶୁଣି ବୋଲେ ଦରିଦ୍ର ଅତିଥି
ଅଛି ଜ୍ଞାନ ପେଟ ବାଧା ଭୁଲଉଛି ନିତି ।

Digitized by srujanika@gmail.com

ଡ଼ାକ ଦ୍ୱାର କହୁଛି ବାଧା ନହୁଏ ତୁମ୍ଭର
ଭିକ୍ଷାମୁଠେ ମତେ ଦିଅ ଚାଲିଯିବି ଘର ।
ଦରିଦ୍ର ଭଞ୍ଜନ ନାମ ଶୁଣିବାକୁ କର୍ଣ୍ଣ
ଧାଇଁ ଆସିଅଛି ପ୍ରଭୁ ଦେଖିବାକୁ ବର୍ଣ୍ଣ ।
କପଟ ମହିମା ତବ କପଟ ହୃଦୟ
ଚହଲିବାକୁ ଆସିଅଛି କରୁଣା ସଦୟ ।
କିପାଇଁ ନିରସ ବାକ୍ୟ ଉଚ୍ଚାର ମୁଖରେ
ଦିଅ ଭିକ୍ଷା ଦିଅ ଭିକ୍ଷା ଚାଲିବି ସୁଖରେ ।
ଭିକ୍ଷା ନାହିଁ ଚାଲିଯାଅ ନ ଦେଖାଇ ମୁଖ
ଯାଚକ ମୁଖ ଚାହନ୍ତେ ଉପୁଜଇ ଦୁଃଖ ।
ଭିକାରି ମୁଖରେ ନାହିଁ କେବେ ଅମଙ୍ଗଳ
ଥାଇ ଯେଉଁ ନ ଦିଅଇ ତାର ନାହିଁ ଫଳ ।

ବାକ୍ୟ ଛଟା ନ କହ ତୁ ଦୂର ହୁଅ ବାଇ
କର୍ମ ଫଳ ନ ଭୁଞ୍ଜି ତୁ କିପାଁ ଆସୁ ଧାଇଁ ।
କର୍ମ ଫଳ ଭୁଞ୍ଜୁଅଛି ଚହଲିଛି ମହତ
କେବଳ ରହିଛି ଦୁଃଖୀ ସୁଖୀ ଏ ଜଗତ ।
ଦୁଃଖୀର ମହତ ବିନା ନ ଚହଲଇ ଧର୍ମ
ଧର୍ମର ମହତ ନଷ୍ଟେ ଚହଲଇ ଦୁଃଖିର୍ମ ।
ମୂର୍ତ୍ତି ମାଗତାରେ କିପାଁ ତୋର ଏ ସାହସ
ଅମଙ୍ଗଳ ବାଞ୍ଛା କରୁ ଖେଳଇ ମୁହାଁସ ।

ଦୂର ହୁଅ ଦୂର ଚଣ୍ଡାଳ ଭିକ୍ଷୁକ
ଆଶ୍ରାନ୍ତନେ ଭ୍ରମିଥାଇ ବଢ଼ାଉ ଇଚ୍ଛୁକ ।

ନାହିଁ ଇଚ୍ଛା ନାହିଁ ଭାବ ଭ୍ରମଇ ସଂସାରେ
କି ଅମଙ୍ଗଳ ଇଚ୍ଛିବି ମୁଁ ଆଶା ହୀନରେ ।

ସତ୍ୟ କାର୍ଯ୍ୟ କରି କହ ବାକ୍ୟ ଉଚ୍ଚାରଣ
ନାମଠାରୁ ଶ୍ରେଷ୍ଠ ନାହିଁ ନିଜେ ରଖ ଜ୍ଞାନ
ବାକ୍ୟ ଦ୍ୱାରା ସର୍ବ ଭ୍ରଷ୍ଟ ଜାଣ ଯାବତୀୟ
ସାବଧାନେ ରଖି ମନ ଉଚ୍ଚାରଣ ନିଅ ।

Digitized by srujanika@gmail.com

ପ୍ରତ୍ୟେକ ପଦାର୍ଥ ତତ୍ତ୍ୱ ଜାଣିବା ଗୋଚର
କେବଳ କରଇ ବାକ୍ୟ ଉପରେ ନିର୍ଭର ।
ବାକ୍ୟ ଗୋଟି କରୁଅଛ ସର୍ବ ସମ୍ଭାବନା
ବାକ୍ୟ ମଧ୍ୟରେ ନେଇ ରଖନ୍ତୁ ଭାବନା ।
କେବଳ ବାକ୍ୟରେ ଶ୍ରେଷ୍ଠ ଜାଣ ଇଚ୍ଛା ବୃତ୍ତି
ଚିନ୍ତା ବୃତ୍ତିଠାରୁ ଶ୍ରେଷ୍ଠ ଇଚ୍ଛାର ପ୍ରବୃତ୍ତି ।
ନିଜ ଇଚ୍ଛା ଭାବ ରଖ ସେ ଅନ୍ତଃକରଣ
ବାକ୍ୟର ତୁଳନା ଗୋଟି କର ବରଷଣ ।
କହିବାର ବାକ୍ୟ ଗୋଟି ହୋଇଛି କି କାର୍ଯ୍ୟ
ଏ ବିଷୟ ପ୍ରଥମରେ କରନ୍ତୁ ନିର୍ଧାର୍ଯ୍ୟ
ତେତେବେଳେ ସାର ବାକ୍ୟ କର ଉଚ୍ଚାରଣ
ତେବେ ବଡ଼ ଲୋକ ନାମ ହେବ ନିରୂପଣ ।
ପ୍ରଥମରେ ଭଲ ମନ୍ଦ ନକର ମୀମାଂସା
ଦରିଦ୍ର ଦେଖିଣ କମ୍ପା ବଢ଼ାଉଛ ହିଂସା ।
ମୁଁ ଆସିଛି ଭିକ୍ଷା ମାଗି ତୁମ୍ଭର ଦ୍ୱାରକୁ
କି ଅମଙ୍ଗଳ ସାଧିବ ମୁଁ ତୁମ୍ଭର ପଡକୁ ।
ନାହିଁ ନାହିଁ କେବେ ନାହିଁ ମୋର ପ୍ରତି ହିଂସା
କେବଳ ଆସିଛି ଜାଣ ଭବ ମୁଁ ଭରସା ।
ଆଶା ଭରସାର ପଣ ଏବେ ଚିହ୍ନିଦେଲ
ନମସ୍କାରେ ସର୍ବଭାବୁ ନିବୃତ୍ତି ମୁଁ ହେଲ ।
ଧନ୍ୟ ଭିକ୍ଷା ଧନ୍ୟ ପଣ ଜଗତର ଖେଳା
ସତ୍ୟପଣେ ସତ୍ୟ ରଖି ବୁଡ଼ିଗଲା ଭେଳା ।

●

[ରଚନାକାଳ, ୫ ଜୁନ୍ ୧୯୨୦—କବିତାଟି ଅପ୍ରକାଶିତ ଥିଲା—ପାଣ୍ଡୁଲିପିରୁ ସଂଗୃହୀତ; କେତେକ ପଙ୍କ୍ତି କୀଟ ଦଂଶନ ହେତୁ ନଷ୍ଟ ହୋଇଯାଇଛି—କବିତାଟିରେ ତାହାର ଦୃଷ୍ଟାନ୍ତ ନିହିତ]

Digitized by srujanika@gmail.com

ହରଷ ଓ ବିରଷର ସମ୍ଭାଷଣ

ଆହେ ପ୍ରିୟ ଭାଇ ଆଜ କି ହେତୁ ବିରଷ
ଶୁଖିଛି ବଦନ ଗୋଟି ନାହିଁ ତବ ହସ ।

କାହିଁ ଯାଇଥିଲ କହ କି ଉଦ୍ଦେଶ ମନେ
କିସ ପ୍ରାପ୍ତ କଲ ଅବା ଆପଣ ଜୀବନେ ।

କିବା ମନବାଞ୍ଛା ସିଦ୍ଧି ନହେଲା ଭ୍ରମଣେ
କିଏ କି ଆଘାତ ଦେଲା ସିଦ୍ଧିର ସାଧନେ ।

ନାହିଁ ତବ ବୀର ମୂର୍ତ୍ତି ଖେଳଇ ଦୁର୍ବଳ
ଶୁଖିଛି ମୁଖର ତେଜ ନେହେ ପୂର୍ଣ୍ଣ ଜଳ ।

ଚିନ୍ତାରେ କାତର ଅଛି ତୁମ୍ଭର ହୃଦୟ
ଜନମ ହେଲା ବା କିଛି ବାସନାର ଭୟ ।

ତେଣୁ ଅବା ଫେରୁଅଛ ବିବର୍ଣ୍ଣ ବଦନେ
ଚଳି ଯାଉଅଛ ପୁଣି ଗହନ କାନନେ ।

କିସ କାର୍ଯ୍ୟ ଅଛି ତବ କାନନ ମଧ୍ୟରେ
ଆସ ଭାଇ ଆସ ଆସ ମୋ ପାଶକୁ ଥରେ ।

ଚିହ୍ନିବା ହୃଦୟ ତବ ବୁଝିବା ସଙ୍କେତ
କି ବାସନା କି ଭାବନା କହ କିସ ଗତ ।

ଯାଇଥିଲ ପର ପ୍ରେମେ ଇଚ୍ଛା ରାଜ୍ୟ ଭ୍ରମି
ନ ହେଲକି ପୂର୍ଣ୍ଣ କାମ ହେଲେ ପଥ ଶ୍ରମି ।

ଆଶା ଉତ୍ସାହ ଗରବ ଦେଲା କିଏ ଦଣ୍ଡ
ବିଷାଦ କାଳିମା କିବା କଲା ଲଣ୍ଡ ଭଣ୍ଡ ।

କ୍ଷୀଣ କାୟା ଦେଖି ଘୃଣା କଲେ କି ରାଜନ
ତାଡ଼ିକି ଦେଲେ କି ତୁମ୍ଭୁ ଫେରାଇ ବଦନ ।

Digitized by srujanika@gmail.com

ଶିକ୍ଷା କି ପାଇବା ଆଶେ ରହିଥିଲ ବସି
ପାଇଲକି ଅପମାନ ଛୁଟିଲ୍ ସରସି ।
ତୁମ୍ଭେତ ଅଟ ଏକ ଗଣ୍ଡିବ ନନ୍ଦନ
ଶିକ୍ଷା କି ପାଇବା ଅର୍ଥେ ହେବ କି ଭାଜନ ।
ନାହିଁ ଧନ ନାହିଁ ତେଜ ପୁଣି ନାହିଁ ବଳ
ସ୍ୱଭାବରେ ମ୍ଳେଚ୍ଛ ପୁଣ ପ୍ରାପ୍ତ କାହିଁ ଫଳ ।
ଏପରି ଉଦ୍ଦେଶେ ତବ ନାହିଁ ପ୍ରୟୋଜନ
ବୃଥାଟାରେ ମନ ମଧ୍ୟେ ଚିନ୍ତାର ଜନନ ।
ଶୁଣିଲେ ହସିବେ ତବ ଉଚ୍ଚ ଅଭିଳାଷ
ମହା ବଳବାନ ପୂର୍ଣ୍ଣ ଦେବେ ଉପହାସ ।
କ୍ରୋଧରୁ ବଞ୍ଚିତ ହୁଅ ନୁହ ଅଭିମାନୀ
ନେତ୍ର ଜଳେ ଧୌତକର ନିଜ କର୍ମ ଟାଣି ।
ଜଣାନାହିଁ ନବ ଶିଶୁ ବାଳକ ସରଳ
କି ଭାବରେ ପୂର୍ଣ୍ଣ ଅଛୁ ଆର୍ଯ୍ୟ ପୂଜା ସ୍ଥଳ ।
ମହା ଅଭିମାନୀ ଜନ ଜନ୍ମ ଏ ଭାରତେ
ଶୁଣି କି ନଥିଲ କର୍ଣ୍ଣ ପରମ ମହତେ ।
ନାହିଁ ତବ ଜ୍ଞାନ ଶକ୍ତି ଅଟ ଦୁରାଗ୍ରହ
ଶିକ୍ଷା ଦୀକ୍ଷା କର୍ମ ଧର୍ମେ ନାହିଁ ଅଧିକାର ।
କେଉଁ ଦମ୍ଭେ ଅଣ୍ଟା ବାନ୍ଧି ହେଉଅଛ ଠିଆ
ସରଳ ପ୍ରକୃତ ପଣେ ଉଲୁସାଇ ହିଆ ।
କେ ଗୃହିଁବ ତବ ମୁଖ ଗୁଡ଼ ଏ ଭାବନା
ନୀରବରେ ଥାଇ କର ଆତ୍ମାର ସାଧନା ।

ହରଷର ସମ୍ଭାଷଣ ଶୁଣିଲି ବରଷ
ତବ ଉପଦେଶ ପାଇ ହେଲି ମୁଁ ସନ୍ତୋଷ ।
ନୀରବ ନିର୍ଜନ ବନେ ଫୁଟିଲ୍ ସୁମନ
ଝଲକ ଉଠିଲ୍ ଗନ୍ଧ ପୁଲକେ କାନନ ।
ଧନ୍ୟ ତବ ଦୃଢ଼ପଣ ପ୍ରଶାନ୍ତ ଶ୍ରୀମୁଖ
କି ଉତ୍ସାହ ଦେଇ ମତେ ଛୁଟାଇଲ ଦୁଃଖ ।

Digitized by srujanika@gmail.com

ଶତ ଶତ ପ୍ରଣାମ ମୁଁ କରୁଛି ପଦରେ
ତୁମର ଗମ୍ଭୀର ବାକ୍ୟ ରହିଲା ହୃଦରେ ।
ତୁମ୍ଭେ କାର ପୁଅ ଅଟ ଦିଅ ପରିଚୟ
କେଉଁଠାରେ କି ରୂପରେ ରହିଅଛ ଲୟ ।
କି ଧନ ରତ୍ନରେ ପୂର୍ଣ୍ଣ କରିଛ ଭଣ୍ଡାର
କି ଭାବନା କଳ୍ପନାରେ କଣ୍ଟିଛ ସଂସାର ।
ଘଷିତ କରିଛ କେଉଁ ଧର୍ମେ ତବ ପ୍ରାଣ
କେତେ ଦୁଃଖୀ ଅଙ୍କାମର ରଖିଅଛ ମାନ ।
କି ଅମର କୀର୍ତ୍ତି ଅବା ରଖିଲଣି ପଣେ
ଆତ୍ମାର ଉନ୍ନତି ସାଧି ହେଲଣିକି ଜଣେ
ବିଦେଶରେ ଭ୍ରମି ଭ୍ରମି କି ଶିକ୍ଷା ସଞ୍ଚିଛ
ଘୋଷିବକି ତବ ନାମ ଏହି ପୁଣ୍ୟ ମଞ୍ଚ ।
ମୋର ସିନା କିଛି ନାହିଁ ସବୁଥିରେ ହୀନ
ତୁମ୍ଭେ କି ସଞ୍ଚିଛ କୀର୍ତ୍ତି କହ ହେ ନବୀନ ।

କି ବାର୍ତ୍ତା ଶବଦେ ତବ ଉଡ଼ୁଛି କେତନ
ହୁଁକାର ଗମ୍ଭୀର ନାଦେ ଚମକେ ଭୁବନ ।
ପାଇଛ ଉପାଧି ପତ୍ର ମଣ୍ଡି କଳେବର
ଦେଶ ଦୋଷ ଉଚ୍ଛଲେ କି ଭାବନା ଖବର ।

କେତେ ଜନ ଉଠିଲେଣି ତବ ନାମ ସ୍ମରି
ପୁଣି ଲକ୍ଷ୍ୟ ସ୍ତମ୍ଭ ଭେଦି ଗଲେଣି ଆବୋରି ।
କେସ କେସ ଦୃଢ଼ ବ୍ରତ କଲେଣି ଜୀବନ
ବୀରପଣ ପ୍ରଭା କିବା ସାଧୁଛି ସାଧନ ।

ଶିକ୍ଷାର ସାଗରେ କେତେ ଉନ୍ନତି ତରଙ୍ଗ
ଉଚ୍ଛଳାଇ କେତେ ଭାବ କରି ଅଛ ସଙ୍ଗ ।
କହ ଭଲ ଥରେ ମାତ୍ର ଶୁଣିଥିବ କର୍ଣ୍ଣ
ନ ଭୋଗି ନ ଦେଖି ସାର୍ଥ କରିବ ଜୀବନ
ଯିବା ପଥ ଓଗାଳିଲ ସ୍ନେହ ପ୍ରମାଦରେ
ଉଦ୍‌ଗାରିଲ କେତେ ବାକ୍ୟ ପ୍ରୀତି କଳାପରେ ।

Digitized by srujanika@gmail.com

ଆତ୍ମାର ଉନ୍ନତି ପୁଣି କରଅଛ ଭଲେ
ସମଜ୍ଞାନ ସମିଭାବ ରଖିଛ ସମ୍ବଲେ ।
ଉଦ୍ଭ୍ରାନ୍ତ ସ୍ରୋତରେ ଭାସମାନ ତବମନ
କେତେ ଶାନ୍ତ ମାନ୍ତ ପଥେ ଚଳିଛ ଗମନ ।
ହୋଇଥିବ ପର ମାତାଙ୍କର ସୁନନ୍ଦନ
ମାତା କୋଳେ ବସି ପାଇଲ ଚୁମ୍ବନ ।
ଟେକିଛକି ମାତା ମୁଖ ପୋଛି ଅଶ୍ରୁ ଜଳ
ସ୍ନେହମୟୀ ହସ୍ତ କିବା ପ୍ରାପ୍ତ କଲ ଫଳ ।
ନିଦର୍ଶନ ଦେଖାଇଛ ସମଦର୍ଶୀ ସମ
ଆଜ କି ଶୀତଳ କଲ ମୋହର ଜୀବନ ।
ଜନବାସୀ ଠାରେ ଯେବେ ଏପରି କରୁଣା
ପଡ଼ିଥିବ ତେବେ ମନ କି ହେବ ପୂରଣା ।
ମନର ସ୍ୱଭାବ ତବ ଚିହ୍ନିଗଲି ଭାଇ
ଜଗତ ଭୁଲିବା ଅର୍ଥେ କି ସନ୍ଦେହ ନାହିଁ ।
ତୁମ୍ଭ ଆମ୍ଭ ଆପୃତରେ ଅଛୁ ଏ ଜଗତ
ଉଭୟ ମିଳନେ ପୁଣି ଚିହ୍ନିବା ମହତ ।
କାହିଁକି ମନର ଭାବ ଉଦ୍‌ଗାରିବା ଆଜ
ଯାହା ସମ୍ଭାଷଣ ହେଲେ ତାହା ପଛେ ଯାଉ ।
ଏବେ ଚିତ୍ତ ଦେବା ନେଇ ପିତାଙ୍କ ଚରଣେ
ଭଲ ମନ୍ଦ ଦୁଇ କଥା ଖୋଜିବା ଯତନେ ।
ଭୁଲିବା ସଂସାର ପୁଣି କାଟିବା ଅସାର
ଉଭୟ ମେଳନ ଯୋଗେ ବାଣ୍ଟି ନେବା ସାର ।

●

[ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ପ୍ରକାଶ କାଳ, ୧୧-୮-୧୯୨୭.
ରଚନା କାଳ—୨୫ ୧୦.୧୯୧୭, ପାରଲାଖେମୁଣ୍ଡି]

Digitized by srujanika@gmail.com

ଆତ୍ମାକୁ ପ୍ରଶ୍ନ

ଏ କ୍ଷୀଣ ଶରୀରରେ   ହୋଇ ଦୀପ୍ତିମାନ
କି କର୍ମ ସାଧିଲୁ କହ
ମାୟାର ବନ୍ଧନେ   ହୋଇ ବିଚଳିତ
ନିଜେ ନିଜ ଗର୍ବ ବହି ?

ଶିକୁଳି ଛନ୍ଦରେ   ସଦା ଛନ୍ଦାଛନ୍ଦି
ଭ୍ରମୁ ତୁ ହୋଇ ନିରଣ
ଜୀବନ ଗୌରବ   ନ ଚାହିଁଲୁ କିଛି
ପୂର୍ଣ୍ଣ ଭାବ ଅଭିଳାଷ ।

ଅସ୍ଥାୟୀ କାମନା   କରୁ ଦିବା ନିଶି
ପୂର୍ଣ୍ଣ ହୁଏ ନାହିଁ କାମ
ଆଶା ମରୀଚିକା   ପଛେ ତୁ ଗୋଡ଼ାଇ
ବହୁ ମାୟାଧାରୀ ନାମ ।

କାୟ ମନେ ଭୁଲି   ଦଣ୍ଡେ ବସୁ ନାହୁଁ
ସଦା ତୋ ଚପଳ ମନ
କିସ ପାଇଁ ଆସି   କି କର୍ମ ସାଧିଲୁ
ପାଇ ଏପରି ଜୀବନ ।

ହେ ଆତ୍ମା କହତ   ଦୋଷକୁ ନ ବହି
ମୋ ହୃଦେ ଅଛୁକି ସୁଖେ
ନିର୍ଲ୍ଲଜ ଜୀବନ   କାହିଁକି ରହିଛୁ
ମାନସ ଅନ୍ଧାର ଦୁଃଖେ ।

Digitized by srujanika@gmail.com

ଭୁଲି ଘୁର କରେ ଅଛୁ ବଡ଼ ପାପୀ
ଦେଖିବୁ ଆତ୍ମା ସ୍ୱରୂପ
ଯାହାର ନାମକୁ ଧରିଲେ ତରନ୍ତ
ଏ ଯୋ ଅଛି ଭବ-ରୂପ ।

କେଡ଼େ ବଡ଼ ପାପୀ ଅଛୁ ତୁ ସଂସାରେ
ନିଜ ଆତ୍ମା ନ ଚିହ୍ନିଲୁ
ପରମ ପିତାଙ୍କ ଦର୍ଶନ କରିବା
ବାରେ ହେଲେ ନ ଇଚ୍ଛିଲୁ ।

କେତେ କେତେ ଜନ ଅଛନ୍ତି ଜଗତେ
ତୋର ନାମ ଦୃଢ଼େ ଧରି
ଶୁଣି ତୋର ନାମ ହୁଅନ୍ତି ପବିତ୍ର
ଭବ ସଙ୍ଗେ ପ୍ରେମ ଭରି ।

କିସ ବା ପାଇଲୁ ମୋ ଶରୀରେ ଥାଇ
ଶୁଷ୍କ ହୃଦେ କରି ଖେଳା
ଦରିଦ୍ର ଦୁଃଖିମା ନିରତେ ବ୍ୟାକୁଳ
ଡୁବୁଅଛି ଭବ ଭେଳା ।

ଅନନ୍ତେ ଯାହାର ନାହିଁ କିଛି ବାଧା
ଲଭ୍ୟକଲୁ କେତେ କଷ୍ଟ
ପ୍ରାଣୀଙ୍କ ସକାଶେ ଧରୁ ନିଜ ରୂପ
ଖେଳୁ ନିଜେ ନୋହି ଭ୍ରଷ୍ଟ ।

ତତେ ହୃଦେ ଧରି ନ ଚିହ୍ନିଲେ ବାରେ
କରେ କେତେ ଅପରାଧ
ଧିକ ଏ ଜୀବନ ଧିକ ମୋର ଜନ୍ମ
ସଦା ଯା ଲୋଡ଼େ ସମ୍ପଦ ।

Digitized by srujanika@gmail.com

ତତେ ଯା ନଚାହି ଭ୍ରମୁଛି ସଂସାରେ
ଧିକ ମୋର ନିତ୍ୟ କର୍ମ
ଅନେକ ମତରେ ଅନେକ ଭାବରେ
ବଢ଼ାଉଛି ନିଜ ଭ୍ରମ ।

ତୋହର ଯୋ ମାୟା ଅଟେ ଅଗୋଚର
ତାହାକୁ ଡ଼େଁଲି ନାହିଁ
ବୃଷର ଗୁଣକୁ ନୋହିଲା ଭାଜନ
ଜଗତ ମଧ୍ୟରେ ଥାଇ ।

କେତେ କର୍ମ ଫଳ ଫଳ ଝଡ଼ିଯାଏ
ତଥାପି ନ ଛୁଟେ ମୋହ
ମୋହ ର ମହିମା ଦେଖି ଶୁଣି କରି
ଧରିଛି ନିର୍ଲଜ ଦେହ ।

ଯେ ପ୍ରଭୁ ପ୍ରତ୍ୟକ୍ଷେ ବସେ ନିଜ ହୃଦେ
ତାହାକୁ ଚିହ୍ନିଲି ନାହିଁ
ଦିବ୍ୟ ଜ୍ଞାନ ଚକ୍ଷୁ ରଖଇ ମହତ
ଶରଣ ଲୋଡ଼ଇ କାହିଁ ।

ସକଳ ଘଟରେ ଜାଜ୍ୱୋଲ୍ୟ ତେଜରେ
ଦୀପ୍ତିମାନ ଭଗବାନ
ତୁମ୍ଭଙ୍କୁ ନପାଇ ହୁଏ ଘୂରି ଘାଣ୍ଟି
ବଢ଼ାଇ ନିଜ ଅଜ୍ଞାନ ।

ନିଜର ତ ଦୋଷ ଅଛି କେତେ କେତେ
ନିଜର ଚକ୍ଷୁ ଅଗ୍ରରେ
ତାହାକୁ ବାରଣ କରୁନାହିଁ ତିଳେ
ମାୟାକୁ ଆବୋରେ ଡ଼ରେ ।

Digitized by srujanika@gmail.com

ନ ସେବିଲି ପଦ ନ ରଖିଲି ଲକ୍ଷ୍ୟ
ଦଗ୍ଧ ହୁଏ ଦୁଃଖାନଳେ
ସନ୍ତାପ ସରିତେ ଯାଉଅଛି ଭାସି
କେ ତାରିବ ଆଉ ବଳେ ।

ଦୁଃଖର ସଙ୍କଟେ ନିତ୍ୟଯାଏ ଜଳି
ନିରାଶ ବିରସ ସଙ୍ଗେ
ଆପଣା ଧନକୁ ଅର୍ପି ପର ହସ୍ତେ
ଭ୍ରମଇ ଆତ୍ମା ବିରାଗେ ।

ହେ ପ୍ରଭୁ ପରମ ମଙ୍ଗଳ କାରଣ
ତୁମ୍ଭ ତ ଦାସ ବତ୍ସଳ
ଯେବେ ତୁ ପ୍ରସନ୍ନ ଅଛୁ ପାପୀଠାରେ
ସାଧି ଦିଅ ପୁଣ୍ୟ ଫଳ ।

ମୁଁ ଛାର ପାମର କାହିଁ ବା ପାଇବ
ତବ ଅଭୟ ଚରଣ
ଏ ପ୍ରାଣ ଛାଡ଼ିଲେ ନିଶ୍ଚଳ ମନରେ
ପାଇବ ତବ ଦର୍ଶନ ।

●

[ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ପ୍ରକାଶ କାଳ, ୨୧-୬-୧୭
ରଚନା କାଳ ୧୧-୧୧-୧୯୧୬, ପାରଳାଖେମୁଣ୍ଡି]

Digitized by srujanika@gmail.com

ଲୁଆଁ ତାରା ପ୍ରତି

ଗଗନେ ଉଦ୍ୟାନେ		କିବା ତୁ ସୁମନ
ଫୁଟି ରହିଛୁ ଉଲ୍ଲାସେ
ହସ ହସ ହୋଇ		ଢାଳୁ ସୁଧା ରାଶି
ଭାବନା ମାନସ ହ୍ରଦେ ।

ମୋ ହୃଦ-ଗଗନେ		ଉଇଁଛୁକି ଥରେ
ବୁଝିବୁ ମୋ ମନ କଥା
ତୋର ପରିଚୟ		ଦେଇ ମୋ ସନ୍ଦେହ
ନିବାରିବୁ ଟେକି ମଥା ।

ନିଦର୍ଶନ ରୂପ		ଲକ୍ଷ୍ୟ ସ୍ଥିର କରୁ
ଚେତାଉ ମାନବ ଗଣ
ତୋର ଦରଶନେ		ଦିବା ଆଗମନେ
ଜାଣି ସଚେତ ଜୀବନ ।

ଧନ-ଦରପଣେ		ତୋର ପ୍ରେମ ଛବି
ଆତ୍ମା ଧନେ ଯାଏ ଜଡ଼ି
ନିଦ୍ରା ଆଲସ୍ୟତା		ବେଗ ବେଗ କରି
ହୃଦୟରୁ ଦିଏ ତଡ଼ି ।

ଥର ଥର ହୋଇ		ଉଠୁ ଶଯ୍ୟା ତେଜି
ଚିହ୍ନିଁ ତୋ ରୂପ ସୁନ୍ଦର
ଦେଖୁ ଦେଖୁ ପୁଣି		ହେଉ କାହିଁ ଲୀନ
କରି ନପାରେ ଗୋଚର ।

Digitized by srujanika@gmail.com

କେତେ ଦୂରେ ତୁହି   ରହିଅଛୁ, ମୁହିଁ
ଜାଣି ନ ପାରଇ ତାହା
ତୋର କେଉଁ ଦେଶ   ପୁଣି କି ଉଦ୍ଦେଶ
କେ ଅଟଇ କା'ର ସାହା

ଏ ସବୁ ନିଦାନ   କେଅବା କହିବ
ପ୍ରକୃତି-ମୋହନ-ତାର
ଫୁଟଇ କି ପୁଷ୍ପ   ତୋ ତେଜ କାନନେ
ପରଶେ କି ସୁଧା ଧାର ।

ସେ ପୁଷ୍ପ ସୁରମ୍ୟ   ରବି ଶଶୀଙ୍କର
ମଣ୍ଡେ କି ହୃଦୟୁ ଶିର
ପ୍ରେମେ ହସି ତୁହି   ଗୁହୁଁ କି ସୁଷମା
ବୁହାଇ ତୋ ପ୍ରେମ ଝର ।

କିବା ଘନ ଜଳେ   ଭାସି ଯାଉଅଛୁ
ଫୁଟିଲା କମଳ ପରି
ନିଶୀଥେ ନିର୍ମଳ   ଶଶିର ଉଲାସ
ଉଷା ପ୍ରେମ ହୃଦେ ଭରି ।

ନିର୍ମଳ ସୁଧାଂଶୁ   ଦୋଳକ ସଜାଇ
ଖେଳୁ କି ତହିଁରେ ଝୁଲି
ନିଶାକର ପଦେ   ଲୁଟିକି ପ୍ରେମରେ
ଭାବେ ତଉଦ୍ୱଗେ ବୁଲି ।

ମାନବଙ୍କ କ୍ରୀଡ଼ା   ଦେଖୁ କି ଇଙ୍ଗିତେ
ଜଡ଼ ଭାବେ ଶୂନ୍ୟେ ରହି
ମୁଁ ଭାବେ ତୁ ଜଡ଼   କଦାପି ତ ନୋହୁ
ସୂନ୍ଦେ ଯାଉ ଭାବ କହି ।

Digitized by srujanika@gmail.com

ତୁହି ଆମ୍ଭହର ଜୀବନ ପସରା
ବିବେକର ପୂଜା ଫୁଲ
ତୋହର ସୁରଙ୍ଗ ଟେକାଏ ନମୂନ
କେହି ନାହିଁ ତୋର ତୁଲ ।

ଖୋଜୁଅଛି ମୁହିଁ ତୁ ଜୀବନ ଘଡ଼ି
ବୁଲି ଦେଖୁ ଆତ୍ମା ଘର
ବୁଲି କି ଦେଖିବୁ ଖୋଜି କି ପାଇବୁ
ଫିଟାଇ ହୃଦ ପସରା ।

ଦେଖି କହ ସତ୍ୟ ମୋ ମନ-ବେଦନା
ଜାଣିଲୁ କି ତୁହି ଭଲେ
ଯେବେ ଜାଣିଥିବୁ କର ଉପକାର
ଦେଖାଇ କର୍ମର ବଳେ ।

ଯିବି ଯେଉଁଦିନ ସ୍ମରିବି ତୋ ପ୍ରେମ
ନିଜ ଧାମେ ବସିଥାଇ
ତୋର ନାମ ଗାଇ ତୋର ନାମ ଧ୍ୟାଇ
ରହିବି ତୋ ପ୍ରେମ ପାଇ ।

[ରଚନା ୧୫-୧୧-୧୯୧୬; ଅପ୍ରକାଶିତ ଥିଲା—କବିଙ୍କ ହସ୍ତ
ଲେଖାରୁ ସଂଗୃହୀତ]

Digitized by srujanika@gmail.com

ସଂଶୟ

ସତେ କହେ ମହାପ୍ରଭୁ ଅଛ ଜଗତରେ
ସର୍ବ ଲୀଳା ଖେଳା ପୁଣି ଦେଖ ନୟନରେ ।
ଜୀଇନ୍ତ ମାନବଗଣ ଭବ ରଙ୍ଗେ ମାତି
କେବେ ଦୁଃଖ କେବେ ସୁଖ ଭୁଞ୍ଜୁ ଯାଇ ତୃପ୍ତି ।
ଯାହା ପୁଣି ଥାଏ ଯୋଗ ତାହା ହୁଏ ଭୋଗ
ମାନବ ମାତ୍ରକେ ଛୁଡ଼େ ନାହିଁ ରୋଗ ।
ତୁମ୍ଭର କରୁଣା ଆଜି ଜଣାଯାଏ ନାହିଁ
ସତ୍ୟର ଆଲୋକ ପୁଣି ଲୁଚିଯାଏ କାହିଁ ?
ଜନ୍ମ କାଳୁ ଯେବେ ମୋର ଉଦେ ହେଲା ଜ୍ଞାନ
କିସ ସୁଖ ଅନୁଭବ କଲା ନାହିଁ ପ୍ରାଣ ।
ତୁମ୍ଭର ମହିମା ସୁଦ୍ଧା ବୁଝାଯାଉ ନାହିଁ
ଅପାର ବିଘ୍ନରେ ପଡ଼ି ସଦାଥାଏ ଧାଇଁ ।
ଯେତେ ଆଶା ଭାବ ଆଣି ଖେଳଇ ଜଗତେ
ବେଳୁ ବେଳୁ ଭାସୁଥାଏ ଅଶାନ୍ତିର ସ୍ରୋତେ ।
ଭ୍ରମନ୍ତଲେ କେତେ କଥା କହେ ନିକଟରେ
ବିପଦ ଭଞ୍ଜନ ଭାବ ନ ଦେଖିଲି ଥରେ ।
ସତେ ପ୍ରଭୁ ମୋ କପାଳେ ଲେଖି ନାହଁ ସୁଖ
ଭରି ଦେଇ ଅଛ ହରି ଯେତେ ଥିଲା ଦୁଃଖ ।
ତିଳେ ହେଲେ ମୋ ବାସନା ପୂର୍ଣ୍ଣ କଲ ନାହିଁ
କ୍ଷୁଦ୍ର ଜୀବନରେ ରୋଷ ବନ୍ଧ କିସ ପାଇଁ ?
ସର୍ବଦା ଜଳିଲା ହୃଦେ ବିରସ-ଅନଳ
ଅବିରତେ ପ୍ରାପ୍ତ କରି ଅଶାନ୍ତିର ଫଳ ।
ତେବେ ସୁଦ୍ଧା ଆଶା ଗୋଟି ନ ହୁଅଇ ଥୟ
ନରଶ କାତର ପ୍ରାଣେ ଭ୍ରମି କଣେ ଭୟ ।

Digitized by srujanika@gmail.com

ଯନ୍ତ୍ରଣାର ବୀଜ ପୁଣି ଆଣଇ ଅଣ୍ଡାଳି
ହୃଦ କ୍ଷେତ୍ରେ ଦିଏ ବୁଣି ବିଗୃରେ ନସାଳି ।
ଚିନ୍ତା-ନୀର କରୁଥାଏ ସର୍ବଦା ସେଚନ
ଦୁର୍ବଳ ସ୍ୱଭାବେ ବାୟୁ ବହେ ଘନ ଘନ ।
ଅଚେତନା-ପୁଷ୍ପ ଫୁଟି ଦେଉଥାଏ ଦେଖା
ଅସଂପୂର୍ଣ୍ଣ ଫଳ ଫଳେ ହୃଦେ ଲିପି ରେଖା ।
ଫଳର ଆକାର ପୁଣି ନ ଦେଖେ ନୟନ
ଯନ୍ତ୍ରଣାରେ ଯନ୍ତ୍ରି ହେଉଥାଏ ଏ ଜୀବନ ।
ଏ ସବୁ ଅବସ୍ଥା ପ୍ରଭୁ ଦେଖୁଛ ନିଶ୍ଚୟ
ଅସାର ବାସନା ରଖି ଉପୁଜାଅ ଭୟ ।
ଅଟଳ ବିଶ୍ୱାସ ଫଳ ଏହି କହେ ହରି
ବିପଦ ଗରଳ ପାନେ ଦେଖ ନାହିଁ ଧରି
ଏକ ପ୍ରାଣେ ଏତେ ଦଣ୍ଡ ଉଚିତ କି ଅଟେ
ନିରନ୍ତରେ ମନ ଯାଇ ଦୁଃଖ ପଦେ ଖଟେ ।
ବାରେ ବିପଦରୁ ପାର କର ନାହିଁ ମତେ
ଏହା କି ଭୋଗିବା ପାଇଁ ରଖିଛ ଜଗତେ ।
ଯାହା ହେଉ ତବ ଇଚ୍ଛା ପୂର୍ଣ୍ଣ କର ପ୍ରଭୁ
ମୁହିଁ ପଛେ ଏହିପରି ଭୋଗୁଥିବି ସବୁ ।

[ଅପ୍ରକାଶିତ ଥିଲା, କବିଙ୍କ ହାତ ଲେଖାରୁ ସଂଗୃହୀତ]

Digitized by srujanika@gmail.com

ଅଶାନ୍ତି

ଧିକ ଏ ସଂସାର ଅଟେ ଧିକ ଏ ଜୀବନ
କେତେ ଲୀଳା ଛଳେ କରେ ନଶ୍ୱର କଷଣ ।
ଅପ୍ରକୃତ ସୁଖେ ମାତି ନିଜକୁ ପାଶୋରେ
ନିର୍ବାଣ ଅନଳ ଆହା ! ଜଳେ କି ହୃଦରେ ।
ମୁଗ୍ଧ ଆଳେ ମତ୍ତ ହୋଇ ସବୁ ବୋଲେ ମୋର
ମାୟା ଦେବୀ ଝିଙ୍କି ନେଇ ବାନ୍ଧେ ନିଜ ଡୋର ।
ଧୀର ସମୀରଣେ ବସି ମଣଇ ଆରାମ
ଅକତରେ ଥରି ଥରି ଗ୍ଳାଇ ଚରଣ ।
ଚରଣ ଗ୍ଳିବା ମାତ୍ରେ କିରଣ ଝରଇ
ଶୁଷ୍କ ଗଗନରେ ପୁଣି ତପନ ଖେଳଇ ।
ଅମୃତରେ କେହି ଆଣି ଢାଳଇ ଗରଳ
ପାନ ସଙ୍ଗେ ସଙ୍ଗେ ତନୁ ହୁଏ ଢଳ ଢଳ ।
ଆସକତ ହେବା କାଳେ ଲୁଚେ ପ୍ରୀତିପଣ
ଅଭାବରେ ପୂର୍ଣ୍ଣ ନାହିଁ କାହାର ନୟନ ।
କିରଣ ପଡ଼ିଛି ମାତ୍ର ତପନ ନ ଦେଖେ
ଜ୍ୟୋତ୍ସ୍ନା ଶାନ୍ତ ପବନରେ ମନ-ଶାନ୍ତ ଲେଖେ ।
ଝଡ଼ପଡ଼େ ମନଭାବ ନ ହୁଅଇ ଧିର
ଅଶ୍ରୁ ବିନ୍ଦୁ ନେତ୍ରୁ ଖସି ଖେଳୁଥାଏ ଧିର ।
ଧରା ଦେବୀ କରେ ଧରି ବିନ୍ଦୁକୁ ଦେଖଇ
ମଞ୍ଜନରେ କିସ ଅବା ସେ ମନେ ଭାବଇ ।
ଖଣ୍ଡେ ଦୂରେ ଦେଲା ଫିଙ୍ଗି ପ୍ରଫୁଲ୍ଲ ବଦନେ
ଅଭ୍ର ଶୂନ୍ୟ ଦେଖୁ ଆଣି ରଖିଲା ଯତନେ ।
କିସ ଏଇ ବିନ୍ଦୁ ବୋଲି ଭାବଇ ମନରେ
ସ୍ୱପ୍ନ କି ଜାଗ୍ରତ ଏହା ନ ଜାଣିଲ ଥରେ ।
ଝରିଗଲା ମୁକ୍ତା ବିନ୍ଦୁ ପରି ଅଶ୍ରୁ କଣା
ଉଡ଼ିଗଲା ଦେଖୁ ଦେଖୁ ହୋଇଲା ପଥବଣା ।

Digitized by srujanika@gmail.com

ଦୂଷିଯାଉ ଅଛି ଆହା ! ଜୀବନ ସୌରଭ
ଦେଖୁ ଦେଖୁ ତୁଟିଯାଏ ମନର ଗୌରବ ।
ଏକାନ୍ତରେ ବସି ଅଛି କେ ମୋହିନୀ ବାଳା
ଗୋପନେ ବକୁଳ ମୂଳେ ଗୁନ୍ଥେ ପୁଷ୍ପମାଳା ।
ଗୁନ୍ଥି ଅଛି ବାରେ ବାରେ ବ୍ୟାକୁଳ ମନରେ
ଚକିତେ ଟେକଛି ମୁଖ ବରଷ ଅନ୍ତରେ ।
ନୀରଶ ଉଦାସ ଦୃଷ୍ଟି ପଡ଼େ ଜଗତରେ
ମୋହନ ସୃଷ୍ଟି ମଧ୍ୟରେ କି ଦେଖେ ମନରେ ।
ଧୀର ବଦ୍ଧେଲ ଚିତ୍ର ଲେଖେ ଶହ ରଙ୍ଗ
ନ ହେଜଇ କେତେ ହେଗ କରେ ଏହି ଅଙ୍ଗ ।
କି ପୁଲକ ମଦେ ଅନ୍ଧ ମତ୍ତ ଅଳି ମନ
ନିତି ଗନ୍ଧ ଗୁଞ୍ଜିଥାଏ ନ ରଖଇ ପଣ ।
ତୃପତ ଲାଳସା ଆଉ କାହିଁରେ ନଥାଇ
ତେବେ କାହିଁ ଭ୍ରମ ଛଳେ ମରୁଭ୍ରମ ପାଇ ।
ନିଜର ଆପୁତ ନିଜେ ରଖ ବାଇମନ
କୁଟିଳ କପଟେ ପଡ଼ି ନ ପାଅ କଷଣ ।
ଭାବନ୍ତୁ ଭାବନା ଖୋଜି ଦେଖ ଶାନ୍ତ ମୁଖ
ଚେତନା ଜାଗ୍ରତେ ରଖି ଦୂର କର ଦୁଃଖ ।
ପୁନର୍ପି ଆସକ୍ତ ନ ହୁଅ ମାୟାରେ
ବୁଦ୍ଧି ସୁଦ୍ଧି କାର୍ଯ୍ୟ କର କାମନା କଳାରେ ।
ଖଣ୍ଡେ ଦୂରେ ଥାଇ ଦେଖ ମୋହ ମାୟା ଛବି
ତା ନିଜ ଆପୁତେ ରଖ ହୋଇ ଅନୁଭବ ।
କାଳମାର ଛଟା ଆଉ ରହେ କେତେ କାଳ
ଚିହ୍ନି କାର୍ଯ୍ୟ ନ କଲେତୁ ହିଙ୍କି ନେବ ବଳ ।
ଦଣ୍ଡରେ ଦଣ୍ଡିତ ନୋହିଁ ବୁଝ ହାଲଚାଲ
ଖଣେ ତୁ ସ୍ଥିରରେ ବସି ସବୁ କଥା ଭାଲ ।
ଗୋଟି ଗୋଟି ହୋଇ ଧ୍ୱବ ପଡ଼ିବ ମନରେ
ସକଳ ଆପୁତେ ରଖି ବସିବୁ ନିର୍ଭରେ ।

●

[ଅପ୍ରକାଶିତ ଥିଲା — ହାତ ଲେଖାରୁ ସଂଗ୍ରହ କରାଯାଇଛି]

Digitized by srujanika@gmail.com

ଚିନ୍ତା

ଅଜଣା ରାଜ୍ୟରେ ଅଜଣା ଭାବରେ
ଖୋଜି ବୁଲୁଅଛି ବନେ
ଦେଖିତ ନପାରେ ଆପଣା ମନରେ
ସଜଳ ଅଶ୍ରୁ ନୟନେ ।

ତାହାର ଆଭାଷ ତାହାରି ଉଲ୍ଲାସ
ପରଶେ ଆସି ମାନସ
ଭୋଗଇ ଯନ୍ତ୍ରଣା ନ ପୂରେ ଭାବନା
ଉଲ୍ଲାସେ ମିଶେ ଉଦାସ ।

ଡାକଇ ତାହାକୁ ନକହେ କାହାକୁ
ବଜାଏ କରୁଣ ବେଣୁ
ଭଗ୍ନ କଣ୍ଠ ସ୍ୱର ଭଗ୍ନ ବେଣୁ ସ୍ୱର
ତାନ ଗାନ ଆସେ ତେଣୁ ।

ତାହା ଲାଗି ନୀର ବହି ଆସେ ଧୀର
ନୟନୁ ଲୋତକ ଧାର
ତା ଲାଗି ମରମ ହେଉଛି ବଦୀର୍ଣ୍ଣ
ଖୋଲୁଛି ଜୀବନ ଦ୍ୱାର ।

ତାର ଆଶା ରଖି ଉଠଇ ଚମକି
ଦମକି ଉଠେ ହୃଦୟ
ଥରଇ ସର୍ବାଙ୍ଗ ସ୍ୱର ଅନୁରାଗ
ଦେଖଇ ନିରଣ ନିର୍ଦ୍ଦୟ ।

Digitized by srujanika@gmail.com

ଅବୁଝା ଏ ମନ ନ ବୁଝେ ସାଧନ
ସାଙ୍ଗବସେ ସ୍ମୃତି ଥାଳ
କେ କରବ ପୂର୍ଣ୍ଣ କେ ଶୁଝିବ ଋଣ
ଛିଡ଼ି ଅଛି ଫୁଲମାଳା ।

ମରବ ଗୋପନେ ତାର ଆଗମନେ
ଲକ୍ଷ୍ୟ ମାତଳ ନଭ ବସି
ଦେଖାଦଏ ନାହିଁ କଥା କହେ ନାହିଁ
ଲୁଚଯାଏ ହସି ହସି ।

ଜାଗି ଉଜାଗରେ ଜାଳିଲି ଜାଗର
ଦେଖିବାକୁ ସ୍ନେହ ମୁଖ
ସରଗଲା ବାତ୍ରି ନ ଦେଖିଲି ମୂର୍ତ୍ତି
ଭୋଗିଲି ଦାରୁଣ ଦୁଃଖ ।

●

[ରଚନା କାଳ—୨୫-୩-୧୯୩୪]

Digitized by srujanika@gmail.com

କର୍ତ୍ତା ।

କସ ଭାବ ମନେ ଆକୁଳ ଜୀବନେ
ଝରଅ ଲୋତକ ବନ୍ଦୁ
ନାନାଦ୍ଧ ଭାବନା କର ବୃଥା ସିନା
ଉଚ୍ଛୁଳାଅ ବକ୍ଷ ସିନ୍ଧୁ ।

ନାଚଇ ତରଙ୍ଗ ମିଶେ ଇଚ୍ଛା ସଙ୍ଗ
କୁଳୁ କୁଳୁ ନାଦ ଦେଇ
ମୃଦୁ ମୃଦୁ ହସି କ ଧଏ ପରଶି
ଦେଖ ତା ନୟନ ଫେଇ ।

ହସଇ ଗଗନ ହସଇ ଭୁବନ
ହସେ ଚନ୍ଦ୍ର ହସେ ତାରା
ହସଇ ସୁମନ ହସେ ଲତାବନ
ହସି ଉଠେ ବସୁନ୍ଧରା ।

ହସେ ନଜ କାୟା ହସେ ନଜ ଛାୟା
ହସଇ ଆପଣା ଗତ
ହସଇ ପ୍ରକୃତ ବଢ଼ାଇ ମୂରତ
ହସଇ ନୟୂତ ଗତ ।

ଏହ୍ବ ହାସ ସୃଷ୍ଟି ନଦେଖେ କ ଦୃଷ୍ଟି
ଭୁହ୍ବ କାନ୍ଦୁ କାହା ପାଇଁ
ମଳନତା ବେଶେ ଆକୁଳ ହତାଶେ
ଅନୁରାଗ ପଛେ ଧାଇଁ ।

Digitized by srujanika@gmail.com

ଦେଖ ମ୍ଳାନ ଛାୟା   ଜାକ ରଖେ କାୟା
ଧୀରେ ମିଶେ ହୃଦାକାଶେ
ଢ଼ାଂକେ ଜ୍ୟୋତି ଇନ୍ଦୁ   ପିଏ ଜ୍ୟୋସ୍ନା ବିନ୍ଦୁ
କୌଶଳ ସକଳ ନାଶେ ।

ଶୂନ୍ୟ ନଦୀ କୂଳେ   ବସିଛ ଆକୁଳେ
ରହିଛୁ କା ପଦ ଚାହିଁ
କେ ଅଛି ତୋହର   ତୁ ଅଛୁ କାହାର
ଦେଖା ଦେବ ଆସି ଧାଇଁ ।

ବେଦନାର ଘର   ବୁଝିନଅ ସାର
ନ ଜାଳ ବିଚ୍ଛେଦାନଳ
ପବିତ୍ର ନୟନେ   ପବିତ୍ର ଜୀବନେ
ତୋ ଆତ୍ମା କର ନିର୍ମଳ ।

ରଚନା କାଳ—୨୪-୩-୧୯୩୪—ଅପ୍ରକାଶିତ ଥିଲା]

ଜୀବନ

ଆଜୀବନ ମୋର ଏହି ଅଶ୍ରୁ ଝର
ଦେଇଛି ମାନେ ସାନ୍ତ୍ୱନା
ସୁପ୍ତ ଶାନ୍ତ ଚିତ୍ତ ହୁଏ ବିଚଳିତ
ବିଦାରେ ଆସି ଯନ୍ତ୍ରଣା ।

ଶୁଣେ କାହା ବାଣୀ ବିଳାପ ରାଗିଣୀ
ବକ୍ଷ ଭସଇ ଲୋତକେ
ବୃଥାବାଦ ଆସି ସାର ଯାଏ ଗ୍ରାସି
ଦେଖି ନ ଦେଖେ ପଲକେ

ସ୍ନେହ ବୀଣା ତାରେ କ ନାଦ ଝଙ୍କାରେ
ବୁକେ ବାଜେ ଥର ଥର
ଗୋପନ କାନନେ ଗୋପନ ସୁମନେ
ଆସେ ଗନ୍ଧ ରସ ଭର

କୁସୁମ ସୌନ୍ଦର୍ଯ୍ୟ ବାଡ଼େ ମାଧୁର୍ଯ୍ୟ
ଝଡ଼ିଯାଏ କ୍ଷଣ କରେ
କେହି ତ ନ ଦେଖେ କେହି ତ ନ ରେଖେ
କନ୍ତୁ ଛୁଇଁଯାଏ କରେ ।

ଜର ଆସେ ବନ୍ଧୁ ସଙ୍ଗ କରେ ସିନ୍ଧୁ
ଭ୍ରମି ହୋଇ ଅନ୍ତରାଳେ
ବକ୍ଷେ ବ୍ୟଥା ଭାର ସହେ ଅଣ୍ଟାଗ୍ନିର
ଏହି ଭୋଗ କାଳେ କାଳେ ।

Digitized by srujanika@gmail.com

ଉଠେ ହାହାକାର ଖୋଜେ ସୁବିଚାର
ନ ପାଏ ଜୀବନ ଧରି

ଏ ବିପତ୍ତି କାଳେ କିଏ ତୁମ୍ଭେ ଭଲେ
ଦେଖା ଦେଲ ଷାବେ ବଠ ।

ବୁଝିବା ବାସନା ଅଛି କି ବେଦନା
ଦେଖି କି ପାରିବ ଥରେ
ସୁବିଶାଳ ହିୟା ଧରିଛି କି କାୟା
ଦେଖ ଖୋଲି ଦୟା ଢରେ ।

[ରଚନା କାଳ ୨୭-୩-୧୯୩୪, ଅପ୍ରକାଶିତ ଥିଲା]

Digitized by srujanika@gmail.com

ଯୌବନ

କି କରୁଣ ଗାନ ଶୁଣିଲି ଏ କାନ
ଆସିଲି ତୁମ୍ଭର ପାଶ
ଆରେ ପ୍ରାଣ ସଖୀ କସ ଆଶା ରଖି
ଏପରି ହେଉ ହତାଶ ।
ମୁଗ୍ଧ ଯଉବନ ବୁଲଇ ଭୁବନ
ଚନ୍ଦ୍ର କରେ ରୂପ ଛବି
କଣଇ ନୟନ ଭୁଲାଏ ଜୀବନ
ଆଣଇ ମାନସେ ଦ୍ରବି ।
କରେ ମଧୁପାନ ପୂଜଇ ଅଜ୍ଞାନ
ଶରତ କାଳରେ ବୁଲି
ମଳୟ ଦୋଳାରେ ଝୁଲଇ ପ୍ରେମରେ
ଆପଣାକୁ ଆପେ ଭୁଲି ।
ଫୁଲ ଉଠେ ଗୁନ୍ଥି ବୁଲୁଦଏ ପାନ୍ଥି
ଚୈତ୍ରିକରେ ନାଚି ପ୍ରାଣ
ନବୀନ ଯୌବନେ ଉନ୍ମେଷ ନୟନେ
ପ୍ରାଣ କରେ ପ୍ରତିଦାନ ।
ଅମର ତୁଳିକା ଅଟେ ମୋ ଜୀବିକା
ରେଖାଇ ରୂପ ମାଧୁରୀ
ହସି ଉଠେ ଚନ୍ଦ୍ର ମୋହନ ବଚନ
କଲ୍ପିତ ଭାବରେ ପୂରି ।
ଶୂନ୍ୟ ବକ୍ଷସ୍ଥଳେ ଶୂନ୍ୟ ଭାବ ଖେଳେ
ବାନ୍ଧେ ଅମର ଭୁବନ
ଧନ୍ୟ କାରିଗରି ଧନ୍ୟ ସବୁ ଶିଖି
ମାଦକ ରୂପ ସ୍ୱପନ ।

Digitized by srujanika@gmail.com

ଜାଗଇ ଏ ମନ ଜାଗଇ ଜୀବନ
ଜଗାଏ ଜଗତ ବାସୀ
ମୋ ନିକୁଞ୍ଜେ ବସି ବଜାଏ ମୋ ବଂଶୀ
ଛାନଯାଏ ଗାନେ ଭାସି ।
ମରୁଭୂମି ପରେ ସୁନ୍ଦର ଲତାରେ
ଫୁଟାଏ ସୁଗନ୍ଧ ଫୁଲ
ଗାଏ ମୂକ ଗୀତ ଫୁଲଇ ତା ଚିତ୍ତ
ବାନ୍ଧିଯାଏ ପୁଷ୍ପ ମୂଳ ।
ପାଷାଣକୁ ଚିରି ବୁହାଏ ମୁଁ ବାରି
ସେ ଯୋଗୁଁ ସର୍ବେ ପାଗଳ
କରନ୍ତି କି ନୃତ୍ୟ ହୋଇଁ ମୋର ଭୃତ୍ୟ
ନବୁଝି କଥା ଅସଲ ।
ହୃଦ ପାରାବାର ନ ରଖେ ବିଗ୍ଭର
ଉଚ୍ଛଳି ଘାତେ ତରଙ୍ଗ
ଗୁପ୍ତ ପ୍ରେମ ପ୍ରୀତି ମାଡ଼ ଆଣେ ନିତି
ମିଶାଇ ନାନାଦି ରଙ୍ଗ ।
ଭୁଲଇ ନିଜକୁ ବୁଝାଏ ଭାବକୁ
ପୂର୍ଣ୍ଣରସେ ବୁକ ଭରା
ଉଠଇ ବିକଶି ମନକୁ ଆକର୍ଷି
ନାଚି ଚମକାଏ ଧରା ।
ଘ୍ରାଣି ପୁଷ୍ପ ଗନ୍ଧ ମିଶାଏ ଆମୋଦ
ବିକାଶେ ମୋର ଗୌରବ
ଘୁମୁରଇ ଜୟ ଯୌବନ ବିଜୟ
ପୂର୍ଣ୍ଣ ସାଧନା ସୌରଭ ।

[ରଚନା କାଳ, ୨୬-୩-୧୯୩୪—ଅପ୍ରକାଶିତ ଥିଲା]

Digitized by srujanika@gmail.com

କାନ୍ତି

ତୁମ୍ଭେ ଯଉବନ ଚହ୍ଲିଛି ଜୀବନ
ଜାଣିଛି ମୁହିଁ ତୁମ୍ଭଙ୍କୁ
ତବ ମଧୁ ଗାନ ଶୁଣିଛି ମୋ କାନ
ଆଣିଛି ନିଜ ମନକୁ ।

ମୋର ପୂର୍ଣ୍ଣ କାନ୍ତ କରେ କର ପାନ୍ତ
ବରିଛି ମୋ ଇଚ୍ଛା ମାଳା
ସୁଖ ସ୍ୱପ୍ନ ରଙ୍ଗେ ସୁଗମ ଐଶ୍ୱର୍ଯ୍ୟେ
ସୁମନେ ଭରିଛି ଥାଳା ।

ସୁପଥ ସମ୍ମୁଖେ ମୋର ଇଚ୍ଛା ସୁଖେ
ଭ୍ରମିଛି ମୋ ଇଚ୍ଛା ପାଇଁ
ନଥିଲା ମୋ କ୍ଷୁଧା ନଥିଲା ମୋ ବାଧା
ନଥିଲା ଚନ୍ତା ଭସାଇ ।

ପ୍ରଜାପତି ପରି ଉଡୁଥିଲି ଥରି
ସୁଖେ କରି ଗନ୍ଧ ପାନ
ଧୀର ପବନରେ ମୁକ୍ତ ଆନନ୍ଦରେ
ଭସୁଥିଲି ଧରି ମାନ ।

ଚଳପ ନିକୁଞ୍ଜେ ବସିଥିଲି ମୁଜେ
ହସୁଥିଲି ପ୍ରେମ ଭରେ
ଗାଉଥିଲି ଗୀତ ଭରି ନିଜ ଚିତ୍ତ
ଅରୁଣ ହାସ ଅଧରେ ।

Digitized by srujanika@gmail.com

ଦେଖୁଥିଲି ଚନ୍ଦ — ମାଧୁରୀ ବଚନ୍ଦ
ଆପଣାର କର ଠାରି
ଆସି ପ୍ରତିବାଦ — କରୁଛି ବିବାଦ
ଆପଣା ବକ୍ଷ ବିସ୍ତାରି ।

କେତେ ଗୀତି ମାତି — ସଞ୍ଚୁଛି ସେ ପ୍ରୀତି
ଗୁପ୍ତ ତୃପ୍ତ ମାନସରେ
ସ୍ୱପ୍ନ ବୋଲା ବାଣୀ — ସ୍ନେହେ ମଧୁ ଗୁଣି
ପିଉଛି ଇଚ୍ଛା ସତ୍ତ୍ୱରେ ।

ତବ ଆଶ୍ୱାସନା — ବୁଝିଛି ଭାବନା
ବାଜୁଛି ଡୁମ୍ବର କର
ସେହି ଯଉବନ — ନୁହେଁକ ମୋହନ
କହାଁ ହସ କର କର ।

●

[ରଚନା କାଳ—୨୬-୩-୧୯୩୮—ଅପ୍ରକାଶିତ ଥିଲା]

Digitized by srujanika@gmail.com

ଭାବନା

ମୋ ଭାବନା ବଳେ ମୋର ଅଶ୍ରୁ ଜଳେ
ଧୌତ କରେ ଇଚ୍ଛା ପଦ
ନତ ମସ୍ତକରେ କରୁଛି ଆଦର
ଅର୍ପିଣ ହୃଦ ସମ୍ପଦ ।

ଭାବନାର ରେଖା ଦେଇଅଛି ଦେଖା
ଆରୋହିବ ଯିବାର ପଥ
ତାର ଗାନ ଗାଇ ତାର ଭାବ ପାଇ
ପୂର୍ଣ୍ଣ କଲା ପୂର୍ଣ୍ଣ ରଥ ।

ବୁଲି ବୁଲି ବନେ ଚଲାଇ ଜୀବନେ
ଗୃହି ଅଛି ଆଗଭର
ମଳୟ ଶୀତଳ ଲୁଚେ ତରୁ ତଳ
କମ୍ପନେ କର୍ମି ଅନ୍ତର ।

କାର ଆଗମନେ ଚଞ୍ଚଳ ନୟନେ
ଚଞ୍ଚଳ ସର୍ବାଙ୍ଗ ଗୋଟି
ଶୂନ୍ୟ ହୃଦୟରେ ଶୁଷ୍କ ଭାବ ଝରେ
ଧୀର ନମ୍ର ପଦେ ଲୁଟି ।

କଳ ଯାଏ ସବୁ ପଦ ପ୍ରାନ୍ତ ସବୁ
ଶୁଣି ମୃଦୁ ପଦ ଧ୍ୱନି
ସାଧନାର ସିଦ୍ଧି ସାଧିବାକୁ ବଧି
ସାଧନ ସାଧେକ ମୁନି ।

Digitized by srujanika@gmail.com

ଦେଖେ ଖୋଲା ଦ୍ୱାର ନାହିଁ କାରବାର
ଶୂନ୍ୟ ଅଟେ ଶୂନ୍ୟ ପୁର
କେହି ନାହିଁ ଦ୍ୱାରେ କେ ନାହିଁ ବାହାରେ
ସବୁ ହୋଇଅଛି ଜୁର ।

ଘୋଟି ଅଛି ନିଶି କେହି ଜଣେ ବସି
ରଖିଅଛି ଏକ ଲକ୍ଷ୍ୟ
କୁଟୀର ବାହାରେ ଲୋତକର ଧାରେ
ଆଙ୍କେ କିସ ନିଜ ବକ୍ଷ ।

ଗୃହିଁ ଅଛି ଖାଲି ଧରି ଶୁଷ୍କ ବାଲି
ଛାୟାରେ ମିଶାଇ କାୟା
ଗୁନ୍ଥି ଫୁଲ ମାଳା ଭରି ଅଛି ଥାଳା
ନିଜେ ରଚି ନିଜ ମାୟା ।

ନିଜେ ହୋଇ ବେଶ ନିଜର ସୁବାସ
ନିଜକୁ ନିଜେ କରଇ
ନିଜେ ଅଛି ଗୃହିଁ ନିଜ ଭାବ ପାଇଁ
ନିଜ ମିଳନେ ମିଶଇ ।

ନିଜର ଭାବନା ନିଜର ସାଧନା
ନିଜେ ଯାଏ ସବୁ କରି
ନିଜ ଇଚ୍ଛା ରୂପ ନିଜେ···ଧୂପ
ନିଜ ରୂପ ନିଜେ ବରି ।

ଅପ୍ରକାଶିତ ଥିଲା; ରଚନାକାଳ ୨୬-୩-୧୯୩୪—କୀଟ ଦଂଶନ ହେତୁ ସୂଚିତ ଶୂନ୍ୟସ୍ଥାନରୁ ପଦ ନଷ୍ଟ ହୋଇଯାଇଛି]

Digitized by srujanika@gmail.com

ଆଶା

କହ କେତେ କଥା   ନ ପୋଡାଇ ମଥା
ବଜାଇ ତୋ ଗନ୍ଧ ବୀଣା
ସଜଳ ନୟନ   ପକାଇ ଭୁବନ
ମନ କରୁ ମନେ କିଣା ।
ତୋ ଫୁଲ ସୁମନ   ହିନ୍ଦୋଳୁଛେ ବନ
ଝର ଝର ବହେ ବାତ
ତୋ କୁଞ୍ଜ କାନନ   ଧରି ଶୋଭାବନ
ଗୋପନେ ନଏ ଓଟାରି ।
ଭାବୁକ ତୋର   କର୍ତ୍ତବ୍ୟ ସୁନ୍ଦର
ସାଧୁକ ସାଧନା ବଳେ
କହ କହ ଭାଷା   ଆତ୍ମାର ପ୍ରଶଂସା
ମୁଁ କାହିଁ ଧରି କମଳେ ।
ମୋର ଲାଗି ସିନା   ତୋହର ଗରିମା
ସବୁ ଭାବ କାହା ଲାଗି
ଇଚ୍ଛାରେ ମୋହର   ତୁ ଅଛୁ କଙ୍କର
ଛଳେ ହେଉ ଅନୁରାଗୀ ।
ଅହରହ ବସି   କି ଯାଉ ପରଶି
ମନେ କି ନାହିଁ ତୋହର
ମୋ କୁଞ୍ଜ କାନନ   ସାଜୁ ଚନ୍ଦ୍ର ଦିନ
ସଜାଉ ବେଶ ମୋହର ।
ମୋର ପଥ ଚାହିଁ   ମୋର ଭାବ ପାଇଁ
ନୀରବେ ବସୁ ନିଶାରେ
ଶୂନ୍ୟେ ରହୁ ଚାହିଁ   ଶୁଣୁ ସାଇଁ ସାଇଁ
ଚମକି ଯାଉ କାତରେ ।

Digitized by srujanika@gmail.com

ମୋ ଲତା ସୁମନ   ତୋଳୁ କି ଯତନେ
ସଜାଉ ସୁନ୍ଦର ହାର
ବେଶେ ଯାଉ ସାଜ   ସର୍ବାଙ୍ଗଟି ମାଜ
ନେତ୍ରୁ ଖସେ ଅଶ୍ରୁଧାର ।
ମିଳନ ଭାବରେ   ସରାଗ ପ୍ରେମରେ
ନୟନେ ମିଶେ ନୟନ
ଭାବେ କର ଦେଇ   ଆପେ ହେଉ ସ୍ନେହୀ
ଚରଣେ ଦିଅ ଜୀବନ ।
ଇଚ୍ଛା ଇଙ୍ଗିତରେ   କଟାକ୍ଷ କୋଣରେ
ଗୃହଁ ଗୋଲାପ ସୁମନ
ଦେବାକୁ ଚୁମ୍ବନ   ଚୋଷିବାକୁ ମନ
ଝଙ୍କାରି ବୁଲ କାନନ ।
ଗାଇ ମୋର ଗୀତ   ଉଠାଅ ସଙ୍ଗୀତ
ମରମରେ ବାନ୍ଧି ତାର
ଆଗମନୀ ପଥ   ଗୃହଁ ଅନୁରତ
କହି ମରମର ଭାର ।

ପୁଣି ଧରି ଭେଟି   ଆସୁ କି ଲେଉଟି
ମୋ ରୂପେ ହୋଇ ମୋହିତ
ମୋର ପ୍ରେମେ ବଶ   ହୁଏ ଏହି ବିଶ୍ୱ
ହରାଇ ପରାଣ ବିତ୍ତ
ମିଳନର ମାଳା   ଭରି ସ୍ନେହ ଥାଳା
ଉତ୍ସାହ ଆସଇ ଢଳି
ଡ଼ାକେ ସ୍ନେହାଦରେ   ଭିଡ଼ଇ ବାହୁରେ
ନପାରି ନିଜକୁ କଳି ।

ଖୋଲି ରଖେ ଦ୍ୱାର   ସଜାଏ ସମ୍ଭାର
ଆବେଗେ ଆସଇ ଧାଇଁ
ମୋ ମୋହନ ମୂର୍ତ୍ତି   ଦେଖି ଲଭେ ତୃପ୍ତି
ମୋ ଭାବେ ଭାବ ମିଶାଇ ।

Digitized by srujanika@gmail.com

ଗୋପନର ବାଣୀ   ଶୁଣି ଡ଼ାକେ ରାଣୀ
ତୁମ୍ଭେ ମୋ ଆଦର ଧନ
ବସ ହୃଦେ ଜାଗି   କର ଅନୁରାଗୀ
ପକାଇ ବାରେ ନୟନ ।

ଯେତେ ଭବ ପ୍ରାଣୀ   ନାମ ଦେଲେ ରାଣୀ
ଗୃଲନ୍ତୁ ମୋ ପଦ କଳ
ତୃପତ ମାନସେ   ଲୁଚି ମୋ ମାନସେ
ଜୀବନ କରନ୍ତୁ ବଳ ।

ତୁମ୍ଭେ ମୋର ବାସ   ମୁଁ ତବ ସାହାସ
ମତେ ଧରି ତବ ହାଟ
ତୁମ୍ଭର ସଂସାର   ନୁହେଇ ବସ୍ତୁର
ମତେ ଧରି ଖୋଜ ବାଟ ।

●

[ରଚନା କାଳ—୨୬-୩-୧୯୩୪]

Digitized by srujanika@gmail.com

କାମନା

ନଜେ ନୁହ ତୁହି ଜଗିଅଛୁ ମୁହିଁ
ଖେଳଇ ବୁକୁରେ ଚୋର
କେତେ ନବ ବେଶ କରେ ନାହିଁ ଶେଷ
ଆଁଖିବନ୍ଧ ଦେଇ ମୋହର ।
ନଜର ସାଧନ ନୋହୁ ଏ ବଧାନ
ହୃଦ ମଧ୍ୟେ ଅଛୁ ମୁହିଁ
ତୁହି ନୋହୁ ଶୂନ୍ୟ ମୁହିଁ ନୁହେ ଶୂନ୍ୟ
ମୋ ମିଳନେ ଅଛୁ ତୁହି ।
ମିଶି ଏକା କାରେ ଭ୍ରମୁଛେ ସଂସାରେ
ନଜ ସ୍ୱାର୍ଥ ନଜେ ରଖି ।
କରିବାକୁ ପୂର୍ଣ୍ଣ ନଜ ଇଚ୍ଛା ଗୁଣ
ଏକୁଆରେ ସ୍ନେହ ରଖି ।
ଉଭୟଙ୍କ ଦାନ ଉଭୟଙ୍କ ମାନ
ଉଭୟେ ଯାଉଛେ ଲୁଟି
ମିଳନ ଆକାଂକ୍ଷା କରୁଅଛେ ଭିକ୍ଷା
ମାନସ ସଂଗ୍ରାମେ ଜୁଟି ।
ପ୍ରେମ ମଧୁପାନ କରେ ଦୁଇ ପ୍ରାଣ
ମନରେ ମନ ମିଶାଇ
ନୁହେ ପରାପର ଡୋର ବନ୍ଧା ଯୋର
ଏକୁ ଏକ ଅଟେ ଦାୟୀ ।
ମୋହର ସମ୍ପଦ ତୋହର ସମ୍ପଦ
କେବେ ନୁହେ ବଣ୍ଟାବଣ୍ଟି
ପୂଜାର ସମ୍ଭାର ନଇବେଦ୍ୟ ସାର
ନେଉଛେ ପୁଣି ଓଲଟି ।

Digitized by srujanika@gmail.com

କେବେ ନୁହେ ଖାଲି ଆସେ ମିଶି ଗ୍ଳା
ଇଚ୍ଛା କର ଆପଣାର
ସର୍ବ ହୃଦ ବାସ ସକଳ ଉଲ୍ଲାସ
ଗୈରୁଏ ବସି ବଗୁର ।
ତୋହର ବକାଶ ମୋହର ପ୍ରକାଶ
ରଞ୍ଜିତେ ରଞ୍ଜାଏ ମନ
ମିଳନ ପୀରତି ପାନ କରେ ନ[illegible]
ବନ୍ଧର ମୁକ୍ତ କାନନ ।
କହ କହ ସତ ନୁହେ କି ଏ ମତ
ଆସି ଧର ବେଗେ ହସ୍ତ
ଏ ବଶ୍ୱ ମହତ୍ତ୍ୱ ଚାହ୍ନି ଦୁଇ ମତ
କଲ୍ପୁଛେ ମାନବ ଅନ୍ତ ।

[ରଚନା କାଳ ୨୮-୩-୧୯୩୮]

Digitized by srujanika@gmail.com

ନିରାଶ

ଆଗୋ ପ୍ରାଣ ସଖି   ଗଲି ମୁଁ ପରଖି
ତବ ମଧୁ ପିକ ବାଣୀ
ନବୀନ ଭାବରେ   ନବ ଆବେଗରେ
ପାନ କରି ସୁଧା ଘୁଣି ।
ଆରେ ହୃଦ ରାଣୀ   ଶୁଣିଲି କାହାଣୀ
ବିଭୋଳ ମତ୍ତ ମାତଙ୍ଗୀ
ଉଚ୍ଚେ ଯାଅ ଡାକି   ସର୍ବ ମନ ଫାଙ୍କି
ବରନା ନେଇ କୁରଙ୍ଗୀ ।
ଉଲ୍ଲାସେ ଉଲ୍ଲସି   କି ଦେଉ ପରଶି
ଗାଇ ନିଜ ଗୌରବ
ଗାନର ମାଧୁର୍ଯ୍ୟ   ବଢ଼ାଏ ଗାମ୍ଭୀର୍ଯ୍ୟ
ଫୁଟାଇ ପୁଷ୍ପ ସୌରଭ ।
ପଛେ ତୁ ଗାଇବୁ   ସଂସାର ଲୁଟିବୁ
ଥରେ ଦେଖ ତୋ ଅନ୍ତର
କିଏ ଲୁଚିଅଛି   କି ରଖିଛି ସଞ୍ଚି
ଗାଢ଼େ ଧରିଛି ତୋ କର ।
ଶୂନ୍ୟର ଭୁବନ   ନ ରହେ ଭବନ
ଶୂନ୍ୟ ହୁଏ କ୍ଷଣ କରେ
ଶୂନ୍ୟ କ୍ରୀଡ଼ା ନୃତ୍ୟ   ଶୂନ୍ୟ ସଙ୍ଗେ ଲୁପ୍ତ
କି ଅଛି ଶୂନ୍ୟ ଚତ୍ୱରେ ।
କାହା ଲାଗି ତୋର   ଏତେ ତର ତର
ଚଞ୍ଚଳା ଚଞ୍ଚଳ ଗତି
ହସାଇ ରସାଇ   ଯାଉଛୁ ଭସାଇ
ଅପାଙ୍ଗେ ବୈରାଇ ମତି ।

Digitized by srujanika@gmail.com

ଛୋଢର ଉଚ୍ଛାଟେ   ଆସେ ମୁଁ ଓଲଟି
ପକାଏ ଥରେ ନୟନ
ଦମକାଏ ହୃଦ   ଚମକାଏ ସ୍ୱେଦ
ଆକୁଳେ, ଖେଳେ ଆନନ୍ଦ ।
କାତର ସ୍ରୋତରେ   ଭାସେ ନିର୍ବାଣରେ
ନପାଇ ଜୀବନ ତଟ
ବୁଲେ ପଥେ ପଥେ   ଆସେ ଶୂନ୍ୟ ହସ୍ତେ
କେ ବୁଝିପାରେ ମୋ କଷ୍ଟ ।
ଏକାକୀ ନିର୍ଜନେ   ବସେ ଶୂନ୍ୟ ମନେ
ଥରାଏ ସର୍ବାଙ୍ଗ ଗୋଟି
ନିର୍ଝରର ଗୁମ୍ଫା   ମିଶିଯାଏ କାମ୍ଫା
ଆମୋଦ କରଇ ଲୁଟି ।
ଇଚ୍ଛା ଶତଦଳ   ଫୁଟି ଢଳ ଢଳ
ହୃଦ ସରୋବରେ ଭାସେ
କଳ୍ପିତ ସୁଗନ୍ଧେ   ଝୁଲେ ମନ୍ଦେ ମନ୍ଦେ
ଉତ୍ସାହ ପ୍ରେମ ଉଲ୍ଲାସେ ।
ମୋର ନୟନ ଶର   ବାଜେ ଖରତର
ଝଡ଼ିପଡ଼େ କ୍ଷତ ଲାଗି
ରକ୍ତାକ୍ତ ଅଙ୍ଗେ   ଢଳିପଡ଼େ ପଙ୍କେ
ରଖିକେ ନପାରେ ଜାଗି ।
ନିକୁଞ୍ଜ କାନନେ   ବୁଲେ ଇଚ୍ଛାମନେ
ତୋଳିବା ପାଇଁ ସୁମନ
ପୁଷ୍ପଯାଏ ଝଡ଼ି   ଆସଇ ବାହୁଡ଼ି
ମିଶାଇ ପ୍ରାଣେ ଉଚ୍ଛନ ।
ହୃଦ ହୁଏ ଫଟା   ପଦେ ମାରେ କଣ୍ଟା
ଜୀବନ ହୁଏ ଚଞ୍ଚଳ
ବନ୍ଧେ ଶ୍ରମ ଝାଳ   ମାରେ କର ତାଳ
ଲଲାଟେ ଆତ୍ମା ବକଳ ।

Digitized by srujanika@gmail.com

ଅନ୍ତର ବେଦନା ହଜାଏ ବାସନା
ଆଶା ତୃଷ୍ଣା ଲକ୍ଷ୍ୟ ମିଶି
ବ୍ୟାକୁଳ ଚପଳେ କାତର ବକଳେ
ଗୃହେଁ ଘନେ ମନ ଶଶୀ ।
କିସ ଦେବ ସୁଧା ନିବାରିବ ଷୁଧା
ପୁଣି ହସଇ ମୁରକି
ନୁହେ ମୁହିଁ ସିନ୍ଧୁ ଡାଳିବାକୁ ବିନ୍ଦୁ
ଆଗ୍ରସେ ଯାଏ ଚମକି ।
ହସେ ତରୁ ଛାୟା ହସେ ଯୋଗ ମାୟା
ହସେ ଲତା ବୃକ୍ଷ ରାଶି
ହସଇ ଜଗତ ହସେ ଆଶା ମତ୍ତ
ହସନ୍ତି ଏ ବିଶ୍ୱବାସୀ ।

ଟାଣିନିଏ ଆଶା ଓଟାରି ନିରାଶା
ଜୀବନ ହୁଏ ଅଣ୍ଡାଳ
ଦେଖେ ପୁଷ୍ପ ଦୋଳି ଇଚ୍ଛା ପଡ଼େ ଢଳି
ଝୁଲଏ ଯେ ଯାର ପାଳି ।
ଏକ ଚକ୍ଷୁ ଦେଖେ କି ବିଚିତ୍ର ଲେଖେ
ଝରଇ ଆନନ୍ଦ ନୀର
ପୁଣି ଏକ ଚକ୍ଷୁ ଦେଖେ ନିଜ ବକ୍ଷ
ରକ୍ତ ଝରେ ଧୀର ଧୀର ।
ମାନବ ବକ୍ଷର କରେ ଜାରଖାର
ହଜାଏ ବିଚିତ୍ର ଜ୍ଞାନ
ଶୁଖିଯାଏ ରକ୍ତ ବଢ଼ାଏ ଆସକ୍ତ
ଅଜ୍ଞାନେ ହଜାଇ ମାନ ।
ତୃଷ୍ଣିକରେ ବଳ ପ୍ରଦାନେ ଦୁର୍ବଳ
ଭୁଲେ ଉଚ୍ଚ ଆସେ ନୀଚ
ସକଳ ହରାଇ ଡ଼ାକେ ହାହା ହାହା
ବାରେ ଦୟାବାର ସିଞ୍ଚ ।

Digitized by srujanika@gmail.com

ମୋର ଇଚ୍ଛା ଫଳ — ଯାଚଦିଏ ଫଳ
ତନ୍ତ୍ର କପଟେ ରସାଇ
ସାଧେ ମୋ ସାଧନା — ଦେଇ ମୋ ଯନ୍ତ୍ରଣା
ଆପଣାକୁ ଆପେ ପାଇ ।
ତୋ ସାଧନା ତୁହି — ସାଧୁ ପ୍ରାଣ ସଙ୍ଗି
ମୁହିଁ ଅଛି ତୋର ସଙ୍ଗେ
ଉଭୟଙ୍କ ମାତି — ସ୍ଥାପିଯାଏ କୀର୍ତ୍ତି
ପ୍ରବେଶି ମାନବ ଅଙ୍ଗେ ।
ଆଗୋ ପ୍ରାଣ ମିତ — ଉଭୟଙ୍କ ଚିତ୍ତ
ନଗୃଏ ସମାନ ପ୍ରୀତି
ତତେ ଧରି ମୁହିଁ — ମତେ ଧରି ତୁହି
ଗାଉଛେ ନପୂଣ୍ଣ ଗୀତି ।
ଢାଳୁଛେ ଜୋଛ୍ନା — ପୂରାଇ ବାସନା
ପୂର୍ଣ୍ଣ ଅନ୍ତରେ ବଦ୍ଵର
ବାଜଉଠେ ବୀଣା — ନଗୃଇ ନବୀନା
ଗାନେ ତାନ ଶ୍ରୁତି ଧରି ।

[ରଚନା କାଳ, ୨୯-୩-୧୯୩୪]

Digitized by srujanika@gmail.com

ଶାନ୍ତି

ଅଙ୍ଗେ ଅଙ୍ଗ ଗୃଳି ମାରି କର ତାଳି
ଭୁଲାଇ ଅଙ୍ଗ ମାଧୁରୀ
ପରିହାସ ମୁଖ ଢ଼ାଳେ ପ୍ରେମ ସୁଖ
ପୂର୍ଣ୍ଣିଭରି ପ୍ରେମେ ପୂରି ।

ହସି ହସି ଡ଼ାକ ବୋଲେ ନାହିଁ ବାକ
ଫେରିଯାଅ ପ୍ରାଣ ସଖି
ବସି ନିଜ ପୁରେ ପୀରତି ସୂତରେ
କରୁଣା ମୋ ପ୍ରତି ରଖି ।

ଦେଖିଲି ତୁମ୍ଭର କର୍ତ୍ତବ୍ୟ ସୁନ୍ଦର
ପାଳିଲି କର୍ତ୍ତବ୍ୟ କର୍ମ
ତୁମ୍ଭ ଲାଗି ଯିବା ସ୍ଥାପିଲି ଗାରିମା
କିନ୍ତୁ ରଖିନାହିଁ ଧର୍ମ ।

ନିଜ ସ୍ୱାର୍ଥେ ମାତି ନିଜ ବକ୍ଷ ପାତି
କଲି ସବୁ ନାରଖାର
ମାନବର ଜନ୍ମ କିନ୍ତୁ ଅଟେ ଭ୍ରମ
ଖୋଲିଲି ତୁମ୍ଭର ଦ୍ୱାର ।

ତୁମ୍ଭେ କି ବୁଝିବ ଲୀଳା ଗଉରବ
ମାନବର ଅନ୍ତ କଳ
କରି ଅଭିନୟ ଭୁଲାଇ ଅଭୟ
ପ୍ରବେଶ ହୃଦୟେ ଟଳ ।

Digitized by srujanika@gmail.com

ମାର ବାଦ୍ୟପଟ   ଜଗନାହିଁ ତଟ
ହୁଙ୍କାରେ ଉଠ ଗରଜି
ବିଅ କ ଯନ୍ତ୍ରଣା   ସାଧ କ ସାଧନା
ସକଳ ମନୁ ବରଜି ।
ଦେଖ ମୋର ଜ୍ୟୋତି   ଦେଖ ମୋ ମୁରତି
ଦେଖ ମୋ ଅଙ୍ଗ ପତନ
ଛୁଇଁଯାଏ ତନୁ   ଆସେ ଯାଏ ମନୁ
ଦେଖ ମୋ ମୁଗ୍ଧ ମୋହନ ।
ଦେଖ ଶାନ୍ତ କୁଞ୍ଜ   ଉଡ଼ି ଆସେ ଗୁଞ୍ଜି
ଝଙ୍କାରି ଢାଳଇ ସୁଧା
ଭୁଠାଏ.........   ଫୁଟିଥିବା ଦ୍ରୁମ
ତଡ଼ନଏ ପ୍ରାଣୀ କ୍ଷୁଧା ।
ଚହ୍ନି ମୁହିଁ ଜାଣେ   ଆପଣାକୁ ଆଣେ
ଉଦ୍ଧାରେ ଦୁଃଖ ସାଗରୁ
ଉଠେ ଯେତେ ଢେଉ   ଚହ୍ନି ପାରେ ସେହୁ
ଉଚ୍ଛଳି ଆସେ ଗର୍ଭରୁ ।
କ୍ଷଣକେ ପ୍ରକାଶେ   କ୍ଷଣକେ ବିନାଶେ
ଲଭେ ମୋର ନେହ ଦେଖି
ନୟନର ଜଳ   ଲୁଚେ ବକ୍ଷସ୍ଥଳ
ମୋ ଭାବ ମୋ ଆଶା ଲେଖି ।
ପୂର୍ଣ୍ଣ କରେ ଇଚ୍ଛା   ଆଣଇ ପରୀକ୍ଷା
ଚୁରିଏ ଦାରୁଣ ଶୋକ
ଆକୁଳ ବିକଳ   ଦଳେ ପଦତଳ
ଫୁଟାଇ ମୋର ଆଲୋକ ।
ବଜାଏ ମୋ ବୀଣା   ତାନ ଉଠେ କ୍ଷଣା
ମିଶାଇ ଗମ୍ଭୀର ସ୍ୱର
ସୁନ୍ଦର ରାଗିଣୀ   ମନ ଆଣେ ଟାଣି
ପରଶି ଶୀତଳ କର ।

Digitized by srujanika@gmail.com

ଲୁଚି ଦିଏ ବ୍ୟଥା   କହି ପ୍ରେମ କଥା
ନୀରବେ ଦିଏ ଆନନ୍ଦ
ନ ଜାଣଇ କେହି   ଆପେ ହୁଏ ସ୍ନେହୀ
ସଜାଏ ଗୁପ୍ତ ସମ୍ପଦ ।

ଶୁଷ୍କ ହୃଦୟରେ   ଶାନ୍ତ ଝର ଝରେ
ବୁହାଏ ଧୀର ମଳୟ
ନାଶେ ତାମସ   ନିଷ୍ଠୁର ହତାଶ
ଦୂର କରେ ମନ ଭୟ ।

ସାନ୍ତ୍ୱନା ଉଦ୍ଭବ   ଫୁଟାଏ ସୌରଭ
ଗୋଲାପ ସୁମନ ରାଣୀ
ଗନ୍ଧ ଭରା ମୁଖେ   ହସେ ପ୍ରେମ ସୁଖେ
ପରିହାସେ କହେ ବାଣୀ ।

ଶାନ୍ତିର କିରଣେ   ତୃପ୍ତ ପ୍ରୀତି ଆଣେ
ପରାଗର ଅଙ୍ଗ ମାଜ
ମୃଦୁ ମୃଦୁ ମନ୍ଦ   ଛନ୍ଦ ନିଏ ଛନ୍ଦ
ସୁନ୍ଦର ସୁବେଶ ସାଜ ।

ପ୍ରେମେ ଢଳ ଢଳ   ହୃଦୟ କମଳ
ନବୀନ ଆଣେ ଉଜ୍ଜ୍ୱଳ
ନବ ଭାବ ରାଶି   ନୂତନ ପରଶି
ଯାଚି ଦିଏ ଇଚ୍ଛା ଫଳ ।

ନବୀନ ବେଶରେ   ନବୀନ ତେଜରେ
ହସି ଉଠେ ପ୍ରାଣ ମନ
ନବୀନ ସମ୍ଭାର   ନବ କାରବାର
ଉତ୍ସାହେ ଖେଳେ ଜୀବନ ।

Digitized by srujanika@gmail.com

ଏହି ମୋର ଗୀତ   ଏ ମୋର କୀରତ
ପ୍ରାଣୀ ପ୍ରାଣେ ଥାଏ ଜାଗି
ମୋର ଆଶ୍ୱାସନା   ପ୍ରାଣର ସାଧନା
ମୁହିଁ ତାଙ୍କ ଅନୁରାଗୀ ।

ମତେ ଧରି ସିନା   ଜଗତ ସାନ୍ତ୍ୱନା
ପାଉଅଛି ଅଦ୍ଧରଦ୍ଧ
ତୁମ ପରି ଯଦି   ମୁଁ ହେଉ ଥାଆନ୍ତି
ଜୀବତେ କେ ଥାନ୍ତେ କଦ୍ଧ ।

●

[ରଚନା କାଳ, ୩୦-୩-୧୯୩୮]

Digitized by srujanika@gmail.com

କ୍ରୋଧ

ଆରେ ପ୍ରାଣ ସଖି ଆସ ଦୟା ରଖି
ଦେଖିବି ମୁଖ ସୁନ୍ଦର
କି ଅମୃତ ଭଳ ଦେଲ ମୁଖ ଗୃଳ
ଫୁଟେ ମନେ ଶାନ୍ତି ଝର ।
ତୁମ୍ଭେ କର ଦାନ ଦୟା ସୁଖ ମାନ
କୃପାମୟୀ ତୁମ୍ଭେ ନାରୀ
ଅପାର କରୁଣା ଅପାର ମହିମା
ବଳେ ନଅ ପ୍ରାଣୀ ତାରି ।
ସୁଧା ଆଣି ନେଏ ଢାଳ ବିଶ୍ୱ ପାଏ
ସରସ ଦୟା ଅନ୍ତରୁ
ପ୍ରେମ ପ୍ରୀତି ଧାରା ଦେଇ ସୃଷ୍ଟି ସାରା
ମ୍ଳାନ ପୋଛ କପୋଳରୁ ।
ବିଶ୍ୱର ପିପାସା ପୂର୍ଣ୍ଣ କର ଆଶା
ଅଶ୍ରୁ ଶାନ୍ତ ଦଗ୍ଧ ବକ୍ଷେ
ହସେ ଉଠେ ପ୍ରାଣୀ ସ୍ନେହେ ଧର ପାଣି
ମିଶାଏ ଆପଣା ଲକ୍ଷ୍ୟ ।
ରେ ପରଶ ନିଧି ତୋ ସାଧନା ସିଦ୍ଧି
ଦେଖି ଶୁଣିଲି ସକଳ
ତୁହି ପ୍ରେମ ମୟୀ ଅଟୁ ଶାନ୍ତ ଦାୟୀ
ସାଧନା କରୁ ମଙ୍ଗଳ ।
ତୋର ବିପକ୍ଷରେ ରହିଲେ ମୁଁ ନରରେ
ନାହିଁ ମୋର ରୂପରେଖ
ନ ଦିଅଇ ଦେଖା ଆଜି ଯାଏ ଲେଖା
ଆପଣା ନାମ ଉଲ୍ଲେଖ ।

Digitized by srujanika@gmail.com

ଖୋଜୁଥାଏ ଗତ ଚଳଇ ମୋ ଶତ
ଶୈଳ ତଳ ଗିରିବନ
ନଦୀ କଳ ନାଦେ ଉଚ୍ଛଳେ ଆନନ୍ଦେ
ଡୋଲେ କାନନୁ ସୁମନ ।
ପରାଣର ଆଶା ଭେଟାଏ ନିରାଶା
ମୋ ଶତା ମାର ଲଲାଟେ
ଫୁଟାଏ ମୁଁ ବୁକ ଉଠାଏ ମୁ ଶୋକ
ସୁନ୍ଦେ ଆଶା ଲତା କାଟେ ।
ଦେଖାଏ ମୋ ଛାୟା ପୂର୍ଣ୍ଣେ ଭରେ କାୟା
ଧୀରେ ଧୀରେ ପ୍ରାଣ ଗ୍ରାସେ
ଜଳାଏ ହୃଦୟ ଜଗାଏ ନିର୍ଦ୍ଦୟ
ଥରେ ମନ ମୋର ତ୍ରାସେ ।
ଜଳ ଫାଟେ ଛାତ ଗର୍ଜି ଡାକେ ମାତ
ଦେଖ ରୁଦ୍ର ରୂପ ମୋର
ନାଚେ ସର୍ବ ବକ୍ଷେ ହସେ ମିଶି ଲକ୍ଷ୍ୟେ
ରକ୍ତେ ପୂର୍ଣ୍ଣ ଜରଜର ।
ଉଠାଇ ମୋ ମୁଷ୍ଟି ମାପିନିଏ ସୃଷ୍ଟି
ଚମକାଏ ସର୍ବ କାୟା
ତପ୍ତ ଘନ ଭଲେ ତପୂ ରବ ଜଳେ
ତପ୍ତ ଘର୍ମ ତପ୍ତ ଛାୟା ।
ତରାଟଇ ଆଖି ରକ୍ତ ଜଳୁ ମାଖି
ରୁଦ୍ର ତାର ଝଲକଇ
ଘୁମରଇ ଶଙ୍ଖ ଭେଟି ଆସେ ଶୋକ
ନନ୍ଦନରେ ପୂରେ ମହୀ ।
ଶୂନ୍ୟ ସୁଧା ଭାଣ୍ଡ କମ୍ପାଏ ବ୍ରହ୍ମାଣ୍ଡ
ତପ୍ତେ ମିଶେ ତପ୍ତ ଶ୍ୱାସେ
ତପ୍ତ ଦେହ ମନ ତପତ ଜୀବନ
ତପତେ ତପ୍ତ ପରାଣେ ।

Digitized by srujanika@gmail.com

ଛିନ୍ନ କରେ ମାଳା ଶୂନ୍ୟ କରେ ଗଳା
ହରାଏ ଆପଣା ପଥ
ଝରାଏ ଲୋତକ ପ୍ରକାଶେ ଆଲୋକ
ଚଳାଇ ମୋ ତପ୍ତ ରଥ ।
ତପ୍ତ ସୁରା ପିଇ ତପ୍ତେ ମତ୍ତ ହୋଇ
ତପ୍ତ କରେ ମରୁଭୂମି
ତପ୍ତେ ହୋଇ ହେଳ ତପ୍ତ ମାଗେ ଜଳ
ତପ୍ତ ଶୁଷ୍କେ ରହେ ଘୂମି ।
ମୋ ତପ୍ତ ଅଧରୁ ତପ୍ତ ସୁଧା ଝରୁ
ଶପୁଡ଼ି ପିଏ ରକତ
ତପ୍ତ ହାହାକାର ବାଜେ କଣ୍ଠୁ ତାର
ତପ୍ତ ଗାନରେ ଆରତ ।
ତପ୍ତ କରି ଗାନ ତପ୍ତେ ନାଏ ମାନ
ତପ୍ତେ ଜାଳେ ଦିବ୍ୟ ଜ୍ଞାନ
ସକଳ ଜଗତ ନ ଚିହ୍ନେ ମହତ
ସୁଧୀରେ ହସେ ଅଜ୍ଞାନ ।
ମୋ ତପ୍ତ ଚରଣେ ଜଳେ ତପ୍ତ ପଣେ
ତପ୍ତ ଡ଼ାକେ ଧାହି ଧାହି
ମୋର ତପ୍ତ କର୍ମ ମୋ ତପ୍ତ ସାଧନ
ମୋ କର୍ମେ ସାଧନା ନାହିଁ ।

●

[ରଚନା—୧୯୩୯]

Digitized by srujanika@gmail.com

ମୃତ୍ୟୁ

ସଜାଇ ଆକାର   ଆକାର ବିକାର
ଆସେ କେହି ହସି ହସି
ମାରେ ବଜ୍ର ଶର   ବହେ ରକ୍ତ ଝର
ପାନରେ ତୃପ୍ତ ଉଲ୍ଲସି ।
ନାଚେ ଘୁରି ଘୁରି   ପ୍ରାଣ ନିଏ ଚୁରି
ଦୂରୁ ଆସଇ ନିକଟ
ଶିରେ ଫୁଟେ ଜ୍ୟୋତି   ବିସ୍ତାର ଆକୃତି
ଭୁଜ ବୁଲାଏ ବିକଟ ।
ବହେ ଝଞ୍ଜା ବାୟୁ   କ୍ଷୟ କରେ ଆୟୁ
ଊର୍ଦ୍ଧ୍ୱେ ଉଠେ ଅଟ୍ଟ ହାସ
ଆପଣା ରଣରେ   ଗର୍ଜନ ଗମ୍ଭୀରେ
ଟେକେ ଆପଣା ସାହାସ ।
ଆତ୍ମାର ଆଲୋକେ   ପ୍ରବେଶ ପୁଲକେ
ମ୍ଳାନ ବଦନ ଛାୟାରେ
ଊର୍ଦ୍ଧ୍ୱ ବାୟୁ ଟେକି   ଢୁଲଇ ଦମକି
ବକ୍ଷ ବିକଳ ମାୟାରେ ।
ଧ୍ୱମାର୍ପିତ କାନେ   କ୍ଷାନ୍ତ ଫାଙ୍କି ଆଣେ
ହସେ ସନ୍ଧ୍ୟା ଧ୍ରୁବ ତାରା
ତାଳେ ତେଜ ରାଶି   ଆପେ ଯାଏ ଭାସି
ଖସାଏ ଲୋତକ ଧାରା ।
ନୃତ୍ୟ ତାଳେ ତାଳେ   ଅଙ୍ଗ ଭଙ୍ଗି ଢୁଳେ
କମ୍ପାଏ ଏ ଧରା ଧାମ
ପ୍ରଳୟ ସଙ୍ଗୀତ   ଧ୍ୱଂସ କ୍ରୀଡ଼ା ଗୀତ
ଗାଇ ବୁଲଇ ଭୁବନ ।

Digitized by srujanika@gmail.com

ନଗ୍ନ ଶମସାନ ଭଗ୍ନ ମିଶେ ଥାନ
ବିକଟ ଆନନ୍ଦ ମନେ
ଉଚ୍ଚ ଉଚ୍ଚତର ଢୁଲେ ଥରଥର
ବିଷଣ୍ଣ ଶୂନ୍ୟ ମିଳନେ ।
ବିକଟାଳ ମୂର୍ତ୍ତି ବିକଟାଳ ଶ୍ରୁତି
ବିକଟେ ଛନ୍ଦାଇ ରଖେ
ବିକଟ ଗାରିମା ବିକଟ ମହିମା
ବିକଟ ମୂରତି ଭକ୍ଷେ ।
ବଜାଏ ଡ଼ିଣ୍ଡିମ ନାଚେ ଦମ ଦମ
ମଦିରା ପାନେ ବିଭୋଳ
ଛୁଏଁ ଶବ୍ର କରେ ଆପଣା ବଗୃରେ
ଆପଣା କର୍ମ କୌଶଳ ।
ଆପେ ଯାଏ କଳି ଫିଟାଇ ଅର୍ଗଳ
ପ୍ରବେଶ ଶୂନ୍ୟ ମନ୍ଦିରେ
ସବୁ କରେ ଶୂନ୍ୟ ବନ୍ଧାଇ ମଉନ
ବହଇ ତପ୍ତ ସମୀର
ଢ଼ାଳି ଇଚ୍ଛା ଜଳ ସର୍ବାଙ୍ଗ ଶୀତଳ
ବହ୍ନି ଝରେ ଇଚ୍ଛାମାର ।
ଭୁଲଇ ପ୍ରକୃତି ପଡ଼ଇ ମୂରତି
ଲକ୍ଷ୍ୟରେ ମାଜି ଆତଙ୍କ
ଡ଼ାକେ ହାହି ହାହି ସର୍ବ ଦିଗ ଚୁହିଁ
ନ ପାଏ ଆପଣା ସଙ୍ଗ ।

[ରଚନା କାଳ—୫-୪-୧୯୩୪]

Digitized by srujanika@gmail.com

କ୍ରନ୍ଦନ

କରୁଣର ସ୍ୱର ଉଠେ ଧୀର ଧୀର
ଉଠି ଆସେ ଚନ୍ଦ୍ର ଜଳେ
କାତର ଆରତ ଖୋଜଇ ଜଗତ
ହୃଦୟ୍ଁ ଜାଳ ଅନଳେ ।
ନୀରବ ବିଜନେ ନୀରବ ଜୀବନେ
ଡାକଇ ମୋ ପ୍ରାଣ ଧନ
ଅନ୍ଧାର ନିଶିରେ ଗୁଲଇ ମଣ୍ଡୀରେ
ନ ଦେଖେ ତୋର ବଦନ ।
କେଉଁ ଅଜଣାରେ ସୀମା ଖର ପାରେ
ଭସିଗଲା ରଙ୍କନିଧି
ଜାଣି ମୁ ନପାରେ ଅବୁଝା ବସ୍ତୁରେ
ସାଧିଲାକ ବିଧି ସିଦ୍ଧି ।
ତୋ ସୁନ୍ଦର ଛବ ମର୍ମେ ଅଛି ରଖି
କିନ୍ତୁ ଦେଖିପାରେ ନାହିଁ
ସେଣିକ ଗୃହିଁଲେ ଅଶ୍ରୁ ବିନ୍ଦୁ ଗଲେ
ଶୂନ୍ୟ ପଛେ ମରେ ଧାଇଁ ।
ପଥ ସରେ ନାହିଁ ତତେ ଦେଖେ ନାହିଁ
ଅଥୟ ଜୀବନ ଗୋଟି
ନ ଦେଖଇ କୂଳ ଉଛଳେ ଆକୁଳ
ବିକଟାଳ ପଦେ ଲୁଟି ।

●

[ରଚନା କାଳ—୨-୪-୧୯୩୪]

Digitized by srujanika@gmail.com

ମୃତ୍ୟୁ

କାହାର କ୍ରନ୍ଦନ • ଜଳାଏ ଜୀବନ
ବାଜେ କର୍ଣ୍ଣେ ଧୀରେ ଧୀରେ
ଖେଳାଏ ପବନ ଥରାଏ ଭୁବନ
ଚମକେ ହୃଦ ଅସ୍ଥିରେ ।

କରୁଣ କାତର ନିରାଶ ଅନ୍ତର
ବାଜି ଉଠେ ଆକାଶରେ
ଅଜଣା ବିଶ୍ୱର କେ ବୁଝିବ ତାର
ନ ଭାବେ ମନରେ ଥରେ ।

ଆହା କି ଅଜ୍ଞାନ ଧରି ଶୁଷ୍କ ମାନ
ଆତ୍ମାବଳ କରେ ଦାସ
ତୀବ୍ର ଜ୍ୱାଳା ନଳେ ଝାସି ପଡ଼ି ଜଳେ
କି ଜୀବନ କରେ ନାଶ ।

ଆହାକି ମମତା ମିଶାଏ ମମତା
ଭୁଲି ଯାଇ ଆପଣାକୁ
କି ଫଟାଏ ସ୍ମୃତି କି ଫୁଟାଏ ଭ୍ରାନ୍ତି
ଶୂନ୍ୟରେ ଡ଼ାକେ କାହାକୁ ।

କି ବିଚ୍ଛେଦ ଚିତ୍ତ ଉଦ୍ଧ କରେହିତ
ପାଇବ କି ପରିଚୟ
କେ ଅଟେ ଏହାର ଏ ଅଟେ କାହାର
ବୃଥା ଶୋକ ଅଭିନୟ ।

Digitized by srujanika@gmail.com

ଭ୍ରମଇ ଶ୍ମଶାନେ   ମାନ ଅଭିମାନେ
ହାହାକାର ରବ ଦେଇ
ପିପାସା ଆବୋରି   ଛିନ୍ନ ଚିତା ମାରି
ଛଳନାରେ ଆଣେ ସ୍ନେହୀ ।

ଏ ବିଶ୍ୱ ବିଧାନ   କରି ଅନୁମାନ
ଭୁଲ ହୁଅ ନବ ବାଳା
ହୁଅ ସାବଧାନ   ଛାଡ଼ି ଅଭିମାନ
ନିଜ ଭାବ ନିଜେ ଭାଳ ।

●

[ରଚନା କାଳ—୨·୪·୧୯୩୪]

ଅଶ୍ରୁ ବିନ୍ଦୁ

ତୁମେ କ ହେ ସତେ ଯିବକ ପରତେ
ଶୁଣି ମୋ ଜୀବନ ଦୁଃଖ
ମୋ ଅନ୍ତର ବ୍ୟଥା ପରାଣର କଥା
ଜାଣିକ ଆଣିବ ସୁଖ ।
ନାହିଁ ନାହିଁ ଥାଉ କେ ବୁଝିବ ଦାଉ
ମୋର କରୁଣ କାହାଣୀ
କେତେ କାଳ ଧରି ଆସିଛ ଏପରି
ରଖିଛୁ ଜାକ ମୋ ବାଣୀ ।
ଏ ଗୁ ପ୍ତ ଅନଳ ଜଳେ ହୃଦ ସ୍ଥଳ
କେ କରି ପାରେ ଶୀତଳ
କର୍ତ୍ତବ୍ୟ ଆନନ୍ଦ ନାହିଁ ମୋ ସମ୍ପଦ
ସବୁ ହୋଇଛୁ ବିଫଳ ।
ତୁମେ ବନ୍ଧୁ ଆସି ପାରିବକ ନାଶି
ମୁ କ୍ତ କରି ଏ ଜୀବନ
ଶରଦ୍ଦନ ମୋତେ ସାଧିବାକୁ ସତେ ।
ଲେଖା ଦାରୁଣ କଷଣ ।
ବେଦନାର ଅଗ୍ନି ତାନ୍ତୁ ଅଛୁ ବର୍ଦ୍ଧି
କ ନିରାଶା ଅନୁତାପ
ସହିବା ସାମର୍ଥ୍ୟ ପାଇଛୁ ଯଥାର୍ଥ
କରୁଛୁ ଆଘାତ ମାପ ।
ତାହା ମୋର ଧନ ତାହାହିଁ ଜୀବନ
ତାହା ମୋର ନିତ୍ୟ ସୁଖ
ସେହି ସ୍ୱପ୍ନ ଦେଖି ଯାଏ ଚିହ୍ନ ଲେଖି
ଦୂର କେ କରିବ ଦୁଃଖ ।

Digitized by srujanika@gmail.com

କେ ଶୁଣିବ ନାହିଁ ମୁଁ ଭୋଗ କରଇ
ମୁଁ ଅର୍ଜିବା ଭୋଗ ଫଳ
ଯାଅ ତୁମେ ଫେରି ଦେଇଛ ଅଛି ଢେର
ପଡ଼େ ତବ ପଦ ତଳ ।

ଯେ ବ୍ୟଥା ଗରଳ ରହି ବକ୍ଷ ସ୍ଥଳ
ଜାଳୁ ଅଛି ନିରନ୍ତର
କେହି ଦେବ ଶାନ୍ତ ତର୍କେ ଜଠେ ଭ୍ରାନ୍ତ
ଚମକ କମ୍ପେ ଅନ୍ତର ।

ତୁମ୍ଭର ଯାତନା ତୁମ୍ଭର ଯନ୍ତ୍ରଣା
ଆକୁଳେ ଦିଏ ଭସାଇ
ଫାଟି ଯାଏ ହୃଦ ତୁଟି ଯାଏ ଦମ୍ଭ
କି ଭାବ କହ ଗୋସାଇଁ ।

ଆଶ୍ରା ଦିଅ ମୋତେ ସେ ଚରଣାଗ୍ରତେ
ଭୁଲିବି ସକଳ ଦୁଖ
ଚିରଦିନ ପାଇଁ ଚିର ଶାନ୍ତ ପାଇ
ମେଣ୍ଟିବ ଅସ୍ଥାୟୀ ସୁଖ ।

●

[ରଚନା କାଳ, ୮-୪-୧୯୩୪]

Digitized by srujanika@gmail.com

ଧର୍ମରାଜ

ଆରେ ସୁକୁମାର ! କୋମଳ କୁମାର !
ବ୍ୟସ୍ତ କର୍ମା ଏତେ ତୋର
ହେଲୁକି ପାଗଳ କହୁଛି ତୁ ନ ଖଳ
ଛତ୍ର ଛାପେ ତୋ ଅନ୍ତର ।

ଦେଖ ଏ ଜଗତ ନୁହେଁ କା ଆୟତ୍ତ
ଥର ଉଠେ କର୍ମି ଧରା
ସ୍ରଷ୍ଟା ସଙ୍ଗେ ଖେଳ ମାୟା ପ୍ରେମେ ମେଳ
ନ ହଏ କେ କାକୁ ଧରା ।

ଲୋଭପାଏ ଇନ୍ଦୁ ମାଗି ହଏ ବିନ୍ଦୁ
ଆଳାପ ସଂଗ୍ରାମେ ଯୁଝି
ପ୍ରେମେ ଜର ଜର ନାଚେ ଥରହର
ନିଜେ ନିଜକୁ ନବୁଝି ।

ରୁଦ୍ର ହୁତାଶନେ ଝାସଇ ଆପଣେ
ତୁଟାଏ ଆପଣା ଶିଷ
ଆସିବା ଆପଦ ମଣଇ ସମ୍ପଦ
ହସରେ ଆଣି ମାଧୁର୍ଯ୍ୟ ।

ଅମୂଲ୍ୟର ମୂଲ୍ୟ ନ ବାନ୍ଧଇ ମୂଲ
ଆପେ କରେ ବିସର୍ଜନ
ଆପଣାର ସୁଖ ବରଆଣେ ଦୁଃଖ
ଚଳି ଲାବଣ୍ୟ କରଣ ।

Digitized by srujanika@gmail.com

ନ ଦେଖଇ ପଥ ନ ଚଳାଏ ରଥ
ଭ୍ରମି ହୁଏ ଏଣେ ତେଣେ
କୁସୁମ କାନନ ତେଜି ବୁଲେ ବନ
ମନ ଥାଣି ନାଏ ଯେଣେ ।
ସୁମନ ସୁବାସ ନ ଘେନେ ଉଲ୍ଲାସ
କଣ୍ଟକେ ହୁଏ ଓଠାର
ତାମସୀ ପ୍ରେୟସୀ ଆସେ ହସି ହସି
ଲୁଚି ରହିଯାଏ ଠାରି ।
ଠାର ଅନୁଯାୟୀ ସବୁ କରେ ଜୟୀ
ଚରକ ନ ପାରେ ମନ
ଆପଣାକୁ ବକ ବୋଲାଏ ସେବକ
ପ୍ରେମେ ଅର୍ପି ଦିଏ ଧନ ।
ଦିଅଇ ଜୀବନ ଦିଏ ଧନ ମନ
ଶୂନ୍ୟ କରଇ ଭଣ୍ଡାର
ଶୁଖଇ ତଟିନୀ ହୁଏ ମରୁଭୂମି
କି ଭାବେ ବଞ୍ଚିବ ସାର ।
ଶୂନ୍ୟ ଅଟେ ସବୁ ଭୁଲିଯାଏ ଭବୁ
କିଛି ସଞ୍ଚି ରଖିନାହିଁ
ନିଜର ବିଗ୍ରହ ନିଜର ସଂସାର
ଧ୍ୱଂସ କଲେ ନିଜ ପାଇଁ ।
ଆପଣାର ଗତି ନ ଖୋଜିଲା ମତି
ମତ୍ତ ହେଲା ମତ୍ତ ଖେଳେ
ନିଜର ମହତେ ନ ବୁଝି ଜଗତେ
ବନ୍ଧନ ନିଜ କୌଶଳେ ।
ଆପଣା ବନ୍ଧନ କେ କରେ ଛେଦନ
କାହାର ଅଛି ସାହାସ
ଫେରିଯାଅ ବାଳ ନିଜ କଥା ଭାଳ
ବୃଥା ନ ହୁଅ ନିରାଶ ।

Digitized by srujanika@gmail.com

ଆଖି ଅଶ୍ରୁ ଜଳ ଢ଼ାଳ ବକ୍ଷ ସ୍ଥଳ
ଭିଜାଅ ଶରମ ନାହିଁ
କାହା ଯେନ ଏତେ ବ୍ୟାକୁଳ ଆରତେ
ମୋର ପଛେ ଆସ ଧାଇଁ ।

ଶୁଣି ମୋର କଥା ପୋଛ ଯାଅ ମଥା
ସତ୍ୟରୁ ଫେଇ ବସ୍ତୁର
ସାରରୁ ଅସାର ନହୁଏ ବାହାର
ସତ୍ୟ ତ ଗୃଖଇ ସାର ।

ଚରଣେ ଶରଣ ଯେନ ନବେଦନ
କର ନାହିଁ ଆଉ ଓଳ
ବୃଥା ଅନୁରାଗ ବୃଥା ଉଦବେଗ
ବୃଥାରେ ଲଗାଅ କଳ ।

[ରଚନା କାଳ, ୯-୪-୧୯୬୪]

Digitized by srujanika@gmail.com

କାତର

କାହିଁ ଫେରିଯିବ   କେଉଁଠାକୁ ଯିବ
କିପାଇଁ ହୁଅ ନିଷ୍ଠୁର
ପଦତଳେ ପଡ଼ି   କହେ କର ଯୋଡ଼ି
ନିଅ ନିଅ ତବ ପୁର ।
ଦଅ ତବ ଶିକ୍ଷା   ଦଅ ଦୟା ଭିକ୍ଷା
ଦଅ ତବ ଅଙ୍କେ ସ୍ଥାନ
ହୋଇ ମୋ ଭରସା   ପୂରାଅ ମୋ ଆଶା
ମନେ ରଖି ଅଭିମାନ ।
ତୁମ୍ଭେ କି ନ ଜାଣ   ଅନ୍ତର କାରଣ
ସହ୍ୟ କରେ କି ଆପଦ
କେତେ ଧନ ରତ୍ନ   କେତେ ଭାବ ପ୍ରୀତି
କେତେ ସୁଖ କି ଆନନ୍ଦ ।
ଏହି ପ୍ରାଣେ ରହି   ଯାଏ ମାରି ଚାଲି
କେହି ଫେରି ଆସେ ନାହିଁ
ମାତ୍ର ପଦ ଚିହ୍ନ   ଦେଖେ ଅନୁକ୍ଷଣ
ନିଜକୁ ନିଜେ ଜଗାଇ ।
କିଛି ନାହିଁ ନାହିଁ   ତବ ପଦ ଚାହିଁ
ସାଜି ବସିଛି ଗୋ ମନ
ନ କର ନିରାଶ   ଆସ ବେଗେ ଆସ
ଶୂନ୍ୟ ନ କର ଜୀବନ ।
ବୃଥା ମୋ ବାସନା   ବୃଥା ମୋ କାମନା
କର ନାହିଁ ଦେବରାଜ
ତୁମ୍ଭେ ମୋ ଜୀବନ   ତୁମ୍ଭେ ମୋର ଧନ
ତବ ଭାବ ନେଇ ସାଜ ।

Digitized by srujanika@gmail.com

ଚରଣ ଆଶା ପୂର୍ଣ୍ଣ କରୁ ଭାଷା
ଚରଣ ରଖି ପଦେ
ମୋ ହୃଦ ସଙ୍କାଳି ନଅ ଅର୍ଘ୍ୟଥାଳି
ନୟନେ ଗୃହି ଆମୋଦେ ।
ରୁଦ୍ଧ ନାହିଁ ବାଟ ଫିଟାଅ କବାଟ
ବନ୍ଧନ ଦିଅ ଫିଟାଇ
ଏହି ଅମାନିଶି ଅଙ୍ଗେ ଯାଉ ମିଶି
ବଡ଼ ଆଲୋକେ ଲଗାଇ ।
ସ୍ୱପନ ସମ୍ପତ୍ତି ନ ଦେଉ ଆପତ୍ତି
ଅର୍କି ନିଜ କଉଶଳ
ଥାଉ ତାର ନାମ ଥାଉ ତାର ଗାନ
ଥାଉ ମାଧୁରୀ ଉଜ୍ଜ୍ୱଳ ।
ଥାଉ ଅଭିନୟ ଥାଉ ସେ ଅଭୟ
ଗୃହୁଁ ନାହିଁ ମୁଁ ସେ କିଛି
ଇଚ୍ଛା ଅଛି ଯାହା ଦେବ ଭାବ ତାହା
ମନ ପ୍ରାଣେ ବାଛି ବାଛି ।
ନକର କପଟ ନ ଲଗା ଅନଟ
ଉଭା ହୁଅ ପାଶେ ମୋର
ବାରେ ଦୟା କର ନିର୍ଘଣ ନ କର
ବଦାରେ କେହି ଅନ୍ତର ।
ଜଳ ଉଠେ ବକ୍ଷ ଲକ୍ଷ୍ୟ କରୁ ଲକ୍ଷ୍ୟ
ଢ଼ାଳାଇ ଶୀତଳ ବାରି
ତାପିତ ପବଣ ତୃପ୍ତି କର ଧନ
ମୋ କ୍ଷୁଧା ତୃଷା ନିବାରି ।
ଯାଉ ହାହାକାର ନରହୁ ବଗୁର
ସୁଧୀର ହେଉ ଜୀବନ
ଦିଅ ନାହିଁ ତଡ଼ି କହେ କର ଯୋଡ଼ି
ଦେଉ ଆଶ୍ରା ଶ୍ରୀଚରଣ ।

Digitized by srujanika@gmail.com

ମାଗେ ତବ ଦୟା   ନକର ନିର୍ଦ୍ଦୟା
ଭୁଲାଇ ମନ ନୟନ
ଝର ଅଶ୍ରୁ ମୋର   ମିଶାଅ ଅନ୍ତର
ନୋହୁ ବନ୍ଧୁ ଅକାରଣ ।

ହେ ପରାଣ ବନ୍ଧୁ   ହେ ଅନନ୍ତ ସିନ୍ଧୁ
ଘେନ ଅଳ ଦିଅ ଭିକ୍ଷା
ଭସାଅ ଅନନ୍ତେ   ଶ୍ରୀଚରଣ ପ୍ରାନ୍ତେ
ସ୍ନେହ ଦେଇ ନବ ଶିକ୍ଷା ।

ପ୍ରାଣ ହେଉ ମୁକ୍ତ   ଚାହ୍ନି ତବ ଯୁକ୍ତ
ଗତିର ଆବେଗ ବଳେ
କାହିଁ ଯିବ ନାହିଁ   ଆସି ଅଛୁ ଧାଇଁ
ଆତ୍ମାର ମର୍ଯ୍ୟଦା ବଳେ ।

●

[ରଚନାକାଳ—୧୦-୪-୧୯୩୪]

Digitized by srujanika@gmail.com

ଦେବରାଜା

ଆପଣା ମରଣ   ମାଗୁ ଭିକ୍ଷା ଧନ
ଢେଲୁକି ପାଗଳି ତୁହି
ସେ କାତର ବାଣୀ   ନପାରେ ମୁଁ ଶୁଣି
ମୋ କର୍ତ୍ତବ୍ୟ ପାଳେ ମୁହିଁ ।
ଫେରିଯା’ ଅବଳା   ଧରି ନିଜ ଡାଲି
ନିଜ ଭାବେ ପୂର୍ଣ୍ଣ କରି
ନିଜର କାନନ   ନିଜର ସୁମନ
ନିଜେ ଆସୁ ଝରି ଝରି ।
ଚାଲିଯାଅ ସଖି   ଆପଣାକୁ ରଖି
ଘେନ ଆଜ୍ଞା ବାରମ୍ବାର
ଜଗି ନିଜ ପଥ   ନିଜେ ଚାଳି ରଥ
ଖେଳାଇ ନିଜ ବିଗୃର ।
ନିଜ ମଧ୍ୟେ ମୁହିଁ   ନିଜେ ପୂର୍ଣ୍ଣ ଥାଇ
ରଖି ନିଜ ସତ୍ୟ ଧର୍ମ
ନିଜର ମହତେ   ଭ୍ରମଇ ଜଗତେ
ସାଧିଯାଏ ନିଜ କର୍ମ ।
ଅନ୍ୟର ଅଭାବ   ନ ଶୁଣଇ ରବ
ନ ବୁଝଇ ଅନ୍ୟ କଥା
କରିବାର ଯାହା   କରିଯାଏ ତାହା
ଟେକି ରଖେ ନିଜ ମଥା ।
ନିଜକୁ ପରଶେ   ନିଜେ ମୁହିଁ ହସେ
ନିଜେ କରି ନିଜ ସାଥି
ଆପଣାର କାନ୍ଦେ   ଆପଣା ଆନନ୍ଦେ
ମିଶଇ ଆପଣା କାନ୍ତି ।

Digitized by srujanika@gmail.com

ଆପଣା କାନନେ ବୁଲେ ଇଚ୍ଛା ମନେ
ପାନ କରେ ପୁଷ୍ପଗନ୍ଧ
ଆପଣା ରୂପରେ ଭୁଲଇ ପ୍ରେମରେ
ରଖି ଆପଣା ସମ୍ବନ୍ଧ ।
ନିଜେ ଗାଏ ଗାନ ନିଜେ ଶୁଣି କାନ
ନିଜେ ବାହେ ନିଜ ବଂଶୀ
ନିଜର ତାନରେ ନିଜର ପ୍ରେମରେ
ନିଜେ ଭାସେ ହସି ହସି ।
ନିଜେ ନୃତ୍ୟ କରେ ନିଜ ଆଳାପରେ
ନିଜର ମାଧୁରୀ ଫେଇ
ଚଳଇ ସର୍ବାଙ୍ଗ ଆଣେ ଇଚ୍ଛା ରଙ୍ଗ
ଆପଣାକୁ ଆପେ ନେଇ ।
ଦେଖି ନିଜ ମୁଖ ପୂର୍ଣ୍ଣକରେ ସୁଖ
ଅନ୍ୟ ସୁଖ ଗୃହେଁ ନାହିଁ
ଅନ୍ୟର ବଗ୍ଭର ନ ଘେନଇଁ ସାର
ନିଜ ପଥ ନିଜେ ଗୃହିଁ ।
ନିଜର ସମ୍ପଦେ ନିଜର ଆମୋଦେ
ନିଜେ ହୁଏ ମନ ଭୋଳ
ଦିଏ ନାହିଁ ଭାଗ ରଖି ଅନୁରାଗ
ଯାଚି ଦିଏ ଅଶ୍ରୁ ଜଳ ।
ଲେଖିଯାଏ ଲେଖା ଲଲାଟ ସୁରେଖା
ବାନ୍ଧି ଛନ୍ଦେ ଅଦୃଷ୍ଟରେ
ଥିବ ଯା ଲେଖନ କେ କରିବ ଆନ
ଏ ବାକ୍ୟ ମାତ୍ର ଅମରେ ।
ଶୁଣାଇ ମନ୍ଦର ବନ୍ଧି ଆସେ ଘର
ମୋ ଇଚ୍ଛା ଅସ୍ତ୍ର ଫୁଟାଇ
ଟେକ ଇଚ୍ଛା ମୂର୍ତ୍ତି କମ୍ପାଏ ଏ ସୃଷ୍ଟି
ବ୍ୟଥିତେ ପ୍ରାଣ ଚେତାଇ ।

Digitized by srujanika@gmail.com

ବୃଥା ନୁହେଁ ନାମ ପୂର୍ଣ୍ଣ କରେ କାମ
ଚାଲଇ ମହୀ ଉପରେ
ଛନ୍ଦ କାଳ ଫାଶ ରୋଧଇ ନିଃଶ୍ୱାସ
ଆପଣା କର୍ମ ତେଜରେ ।

ଅଟଳ ପୁରୁଷ ଖେଳେ ମୋର ଯଶ
ବୁଲିଯାଏ ଯେବେ ଡ଼ୋଳା
ମୋହର କଟାକ୍ଷେ ଗଢ଼େ ଯେ ପ୍ରତ୍ୟକ୍ଷେ
ମାଗି ନିଏ ମୋର କଳା ।

ମୋ ଇଚ୍ଛା ସାଧନ ନାହିଁ ଭେଦ ଜ୍ଞାନ
ପାଳନଏ ସମାନରେ
ନାହିଁ ଉଚ୍ଚ ନୀଚ ନାହିଁ ବୀର ସୌର୍ଯ୍ୟ
ନାହିଁ ରଜା ଦୁଃଖୀ ଠାରେ ।

କିନ୍ତୁ ମୁଁ ସମୟ ଦେଖି କରେ ଜୟ
ଦେଖି କରେ ନ୍ୟାୟ ଅସି
ତୁମ୍ଭଙ୍କୁ ଶରଣ ଦେବି ନାହିଁ ଜାଣ
ଦୂରେ ଚାଲ ଡ଼ାକେ ବଂଶୀ ।

[ରଚନାକାଳ—୧୧-୪-୧୯୩୪]

Digitized by srujanika@gmail.com

ଧୈର୍ଯ୍ୟ

ବଜ୍ରରୁ କଠିଣ   ଅଟେ ମୋ ସାଧନ
ବଜ୍ର ସମ ମୋର ଅଙ୍ଗ
ଦେଖି ବୀରବେଶ   ସାଧଇ ଉଦ୍ଦେଶ
ଲୋଡ଼େ ନାହିଁ କାହା ସଙ୍ଗ ।
ମୋହର ଉଦ୍ୟାନ   ଫୁଲଏ ଏ ଦେହ
ବୁଲଏ ଉଜ୍ଜ୍ୱଳ ଦୃଷ୍ଟି
ଅମ୍ବ୍ରେ ବିଚରଣ   ଭବେ ବିହରଣ
ଖୋଜି ବୁଲେ ଯାର ସୃଷ୍ଟି ।
ଟେକଇ ମନ୍ଦର   ଧରେ ଚନ୍ଦ୍ର କର
ପାନ କରଇ ଜ୍ୟୋଛନା
ଦେଖି ଧ୍ରୁବତାରା   ବହେ ଅଶ୍ରୁଧାରା
ତୃପ୍ତ ମାନସ ରସନା ।
ହସଇ ଅନ୍ଧାର   ଢାଳେ ବର୍ଷାଧାର
ବାନ୍ଧଇ ବାୟୁକୁ ଛନ୍ଦେ
ରବି ରଶ୍ମି ଆଣି   ବଳେ ରଖେ ଠାଣି
ଖେଳଇ ସୁମନେ ଗନ୍ଧେ ।
ନାଚେ ତାଳେ ତାଳେ   ଉଡ଼େ ଡାଳେ ଡାଳେ
ପାନ କରେ ମକରନ୍ଦ
ଝରେ କୁଞ୍ଜବନ   ବୁହାଏ ପବନ
ପରଶେ ପୂର୍ଣ୍ଣ ଆନନ୍ଦ ।
ଗାଏ ଗୋ ସଙ୍ଗୀତ   ମନ୍ଦ୍ର ବାଜେ ଗୀତ
ଝରିଆସେ ମଧୁବାରି
ପୂର୍ଣ୍ଣ ଭବ ସ୍ଥିତ   ପୂର୍ଣ୍ଣ ପ୍ରେମେ ମାତି
ବୁଲଏ ଇଚ୍ଛା କଠାରି ।

Digitized by srujanika@gmail.com

ମଧୁର ସ୍ୱପନ   ଦେଖେ ଘନ ଘନ
ମିଳନେ ମିଶେ ନୟନ
ସୁମନ ପାଖୁଡ଼ା   ଭରାଏ ଗୁଙ୍ଗୁଡ଼ା
ସୁବେଶ ସାଜେ ଜୀବନ ।
ନବ କାରବାର   ନବୀନ ସମ୍ଭାର
ରେଖାଇ ନବୀନ ମୂର୍ତ୍ତି
ନବୀନ ପୂଜାରୀ   ନବ ବେଶ ଧାରୀ
ଅଜାଡ଼େ ଯଜ୍ଞେ ଆହୁତି ।
ମାରଯାଏ ଧୂପ   ଦେଖେ ସତ୍ୟ ରୂପ
ଅର୍ପେ ନୈବେଦ୍ୟ ଜୀବନ
ଉଚ୍ଛୁ ଉଚ୍ଛୁ ତର   ଉଠେ ତର ତର
ଭୟ ଖଣ୍ଡି କରେ ଛିନ୍ନ ।
ଡାକଇ ସାହାସ   ଚଢ଼ଇ ନବଶ
ଆଙ୍କଇ ଉତ୍ସାହ ନଣ୍ଡି
ମୋ ନିଜ ମନ୍ଦିରେ   ବସେ ଆନନ୍ଦରେ
ମୋ ଭବେ ମୁଁ ରଖେ କୀର୍ତ୍ତି ।
ଦୁର୍ବଳ ଶ୍ରୀମୁଖ   ମାୟାମୟୀ ସୁଖ
ସବୁଯାଏ ପଦେ ଦଳି
ମୋର ମତ୍ତ ମତେ   ରଖଇ ଜଗତେ
ବିଶ୍ୱ ମାୟା କ୍ରୀଡ଼ା କଳି ।
ମୁହିଁ ପ୍ରାଣ ସଖା   ମୁହିଁ ଦେହ ରଖା
ମୋ ଯେନ ପ୍ରାଣୀ ବଚରେ
ଅନ୍ତରେ ଅନ୍ତରେ   ସଞ୍ଚରେ ସଞ୍ଚରେ
ତୃପ୍ତେ ସୁପ୍ତ ଏ ଅଙ୍କରେ ।

●

[ରଚନା କାଳ—୧୦-୪-୧୯୩୪]

Digitized by srujanika@gmail.com

କିଏ ଗୋ

ଚଳାଇ ଚରଣ ଦୂଳ		କିଏ ତୁ ସଜନୀ
ଢଳାଇ ଢଳାଇ ଅଙ୍ଗ		ମନ୍ଥର ଗମନୀ ।
ହସି ହସି ଦେଇଁ ଦେଖା		ଫେରାଉ ଶ୍ରୀମୁଖ
ଇଙ୍ଗିଯେ ଇଙ୍ଗିତ ଭାଷି		ପାଉ କସ ସୁଖ ।
ଉଷାର ଅରୁଣ ହାସେ		ମିଶାଉ ସୁବାସ
ଚଳଯାଉ ଦୂଳା ଆସୁ		ଫୁଟାଇ ଉଲ୍ଲାସ ।
ଭରି ଅଛୁ ଭରି ଅଛୁ		ବୁକୁରେ ବାସନା
ପୂର୍ଣ୍ଣକରୁ ପୂର୍ଣ୍ଣକରୁ		ତୋ ମନ କାମନା ।
ଧୀରେ ଧୀରେ ବୁଲି ଅଛୁ		ଅନ୍ଧାର କାନନ
ଗମ୍ଭୀର ନୀରବ ରାତ୍ରେ		ତୋଳୁ କି ସୁମନ ।
ଗୁନ୍ଥୁ ହାର ଗୁନ୍ଥୁ ହାର		କାହା ମନ ଜାଣି
ଝଲକାଉ ଅଙ୍ଗ ଶୋଭା		ଚନ୍ଦ୍ର ଜୋସ୍ନା ଆଣି ।
ଶିର ପରେ ପାଏ ଶୋଭା		କୁସୁମର ଡାଳି
ପ୍ରଫୁଲ୍ଲ ମନରେ ଭରି		ଅଛୁ ପୁଷ୍ପ ମାଳା ।
ଏଣେ ତେଣେ ଚାହୁଁ ସଖୀ		କାହା ଆଗମନ
କହ କହ ଖୋଜୁ କାର		ସୁନ୍ଦର ଚରଣ ।
ଏ ନୀଳ ଆକାଶେ ହସେ		ଚନ୍ଦ୍ର ତାରା ବଳି
ଏ ସୁନ୍ଦର କାନନରେ		ହସେ ପୁଷ୍ପ କଳି ।
ଆମୋଦ ପ୍ରମୋଦ ମନେ		ଚାହୁଁ କି ନିରେଖି
ଧୀର ସ୍ଥିରେ ଚାଲୁ ଏକା		ସବୁକୁ ଉପେକ୍ଷି ।
କି ଭୀଷଣ ଅଟେ ବିଶ୍ୱ		କି ଭୀଷଣ ସ୍ଥିର
କି ଭୀଷଣ କି ଭାବନା		ମାନସ ଅସ୍ଥିର ।
ଧୀରେ ଧୀରେ ଝରିଆସେ		ନୀରବତା ନୀର
କେଉଁଠାରୁ ବାଜି ଆସେ		ମୁରଲୀ ସୁଧୀର ।

Digitized by srujanika@gmail.com

ଲଗିଛି ନୀରବ ହୃଦେ   ନୀରବ ଇଙ୍ଗିତ
ମିଶାଏ ତାନର ଗାନ   ମଧୁର ସଙ୍ଗୀତ ।

ଏ ଅନ୍ଧାରେ ସାଜ ଯାଉ   ତଳପର ଦୋଳା
ଇଙ୍ଗିତ ଆଳାପେ ଠାରି   ଧରୁ କାହା ଗଳା ।

କାହାକୁ କୋଳରେ ଧରି   ପ୍ରେମେ ଯାଉ ଫୁଲି
କାହା ପ୍ରେମେ ନଡ଼ଭୂତ   କାହା ପ୍ରେମେ ଝୁଲି ।

କାହା ରଙ୍ଗ ରସେ ମାତି   ଭୋଗୁ ସୁଖ ପ୍ରୀତି
ଆସୁ ଅଛି କାହା ଧ୍ୱନି   ଗାଇ ପ୍ରେମ ଗୀତି ।

କି ମୋହନ କି ମଧୁର   ସେ ଲଳିତ ଧ୍ୱନି
ମନ୍ଥି ଯାଅ ହୃଦ ସିନ୍ଧୁ   କି ଆସେ ରମଣୀ ।

ପାଇକି ପାରିବ ସୁଧା   ପାନେ ହେବ ତୃପ୍ତ
କାହାପାଇଁ ଗୁପ୍ତ ପ୍ରେମ   ଏହି ଗୁପ୍ତ ନୃତ୍ୟ ।

ସକଳ ଅଟଇ ଗୁପ୍ତ   କାହିଁ ନାହିଁ ତୃପ୍ତ
ଅନନ୍ତ ଉଦ୍ଦେଶ ବଳେ   କେହି ନୁହେଁ ମୁକ୍ତ ।

ସବୁ ଛଟା ବୃଥା ହଟା   କାହିଁକି ତୋହର
କପଟ ନ କରି ଖୋଲ   ସେ ଗୁପ୍ତ ଅନ୍ତର ।

[ରଚନାକାଳ – ୨୨-୮-୧୯୩୪]

Digitized by srujanika@gmail.com

ଦୁଃଖ

ଦୁଃଖେ ଯଦି ଦିଅ ମତେ   ଆତ୍ମ ପ୍ରାଣ ଧନ
କ୍ଷତି ନାହିଁ କ୍ଷତି ନାହିଁ   ତୁମେ ମୋର ଧନ ।

ତୁମକୁ ବରଣ କରି   ମନେ ନେବି ନିତି
ସେହି ଦୁଃଖ ମନ ପ୍ରାଣେ   କି କରିବ ସ୍ଥିତି ।

ଆସୁ ଶତ ବାଧା ବିଘ୍ନ   ଯନ୍ତ୍ରଣା କଠିଣ
ଜାଳି ଦେଉ ଝାଳି ଦେଉ   ମରମ ବିଦୀର୍ଣ୍ଣ ।

ନାହିଁ ମୋ ଶୋଚନା କିଛି   ଥିବି ମୁଁ ପ୍ରଫୁଲ୍ଲ
ତବ ଦୟା ପ୍ରସନ୍ନତା   ବାନ୍ଧି ନେବ ମୂଳ ।

ତୁମର ଅପାର ଦାନ   କରିବ ଜାଗ୍ରତ
ସ୍ନେହ ଶୂନ୍ୟ ଦୟାହୀନ   ନ ହେଉ ମହତ ।

ଦୁଃଖ ଦିଅ ନାହିଁ ଭୟ   ଆହେ ବିଶ୍ୱନାଥ
ଏ ଜୀବନ ଦୁଃଖ ପରେ   କରି ଅଶ୍ରୁପାତ ।

ଲୋଡ଼ା ନାହିଁ ସୁଖ ମତେ   ବିଳାସ ଆଳସ୍ୟ
ଲୋଡ଼ା ନାହିଁ ପ୍ରେମ ପ୍ରୀତି   ଉଲ୍ଲାସ ହରଷ ।

ଅଚିର ସୁଖରେ କିସ   ଅଛି କହ ଥରେ
ଚଞ୍ଚଳା ଚମକେ ନିତି   ମନ ଗଗନରେ ।

ଆସେ ହସି ହସି ନିତି   ବିଦାରେ ମରମ
ସୁଖ ଭୋଗ ଯେଉଁ ଲୋଡ଼େ   ଧିକ ତା ଜୀବନ ।

Digitized by srujanika@gmail.com

ଡ଼ର ନାହିଁ ଡ଼ର ନାହିଁ ଆସୁ ଯେତେ ପୀଡ଼ା
ଦେଖାଇ ଯାଜୁଛ ତାର ଖେଳାଇ ତା କ୍ରୀଡ଼ା ।

ମନ ଯେବେ ଅଛି ଦୃଢ଼ କସ ଅଛି ଉପ୍ସ
ତୁମେ ମୋର ସାକ୍ଷୀ ରୂପ ଡ଼ାକିବ ଅଭୟ ।

ଆସୁ ଦୁଃଖ ଆସୁ କଷ୍ଟ ଜାଗୁ ରାତ୍ରି ଦିନ
ସହିବ ମସ୍ତକ ପାତି ନୁହ କୃପାହୀନ ।

ତୁମେ ମୋ ସମ୍ବଳ ଅଟ ସର୍ବ ସମୟରେ
ତୁମର ମହିମା ଗାଇ ଥିବ ଜଗତରେ ।

•

[ରଚନା କାଳ – ୨୩-୮-୧୯୩୬]

Digitized by srujanika@gmail.com

ଉଲ୍ଲାସ

ଆହା ! କି ସୁନ୍ଦର ଅଟେ ଏ ମନ କାନନ
ସାଜିଛି ସୁନ୍ଦର ଶିଖି ନନ୍ଦନ କାନନ ।

ଫୁଟିଅଛି ପାରିଜାତ ଚହଟାଇ ବାସ
ଢାଳଇ ଅମୃତ ଧାର ଖେଳାଇ ଉଲ୍ଲାସ ।

ଦ୍ୱାର ଖୋଲି ପରିହାସେ ଦେଖାଏ ବଦନ
ଅରୁଣ କରଣ ଉଷା ରଙ୍ଗାଏ ଭୁବନ ।

କଳ୍ପନା ଭାବନା ସଙ୍ଗେ ଏ ଅଟେ ସ୍ୱରୂପ
ଆହାକି ଆନନ୍ଦ ପ୍ରୀତି ମନ ଭରି ଭୋଗ ।

ନାହିଁ କାର କର ତୃଣେ ସେହି ବାଞ୍ଛା ପୂର
ଅଛି ପ୍ରେମ ରସ ପୂର୍ଣ୍ଣ ନାହିଁ ହାଟ ଦୂର ।

ବହିଯାଉଅଛି ଜଳ ନାଦେ କଳ କଳ
ଫୁଟି ଲୁଟି ଯାଉଅଛି କାମନା କୋମଳ ।

ତାହାର ସହିତେ ନାହିଁ କାହା ପରିଣୟ
ତା'ର ସଙ୍ଗେ ସେହି ରସେ ଖେଳାଇ ସଦୟ ।

ବାହିଯାଏ ବୀଣା ଧରି ଶ୍ରୁତି ମାଜେ ତାନ
ଝଙ୍କାର ଉଠଇ ବଶ୍ୟ ସେ ମଧୁର ଗାନ ।

ନାହିଁ ଭୟ ନାହିଁ ଖିନ୍ତ ସର୍ବଦା ଉଲ୍ଲାସ
ସେ ସାଧକ ସେ ରକ୍ଷକ ସେ ଧରେ ସାହସ ।

Digitized by srujanika@gmail.com

ସେହି ପ୍ରାଣେ ଗୁପ୍ତ ପ୍ରୀତି ରହିଛି ଗୁପତେ
ଭୁଞ୍ଜଇ ସକଳ ସୁଖ ମନର ତୃପତେ ।

ସେ ଚିର କାନନ ଅଟେ ସେ ଚିର ସୁମନ
ସେହି ଚିର ଗନ୍ଧ ଭରା ବୁହାଏ ପବନ ।

ଚିର ସତ୍ୟ ଚିର ଧର୍ମ ଚିର ସ୍ନେହ ପ୍ରୀତି
ଚିର ସୁଖ ଚିର ଭୋଗ ନାହିଁ ଭୟ ଭୀତି ।

ଉଲ୍ଲାସ ହସଇ ନିତି ଚିର ଆନନ୍ଦରେ
ସକଳ ଉଲ୍ଲାସମୟ ସତ୍ୟ ଆଳାପରେ ।

●

[ରଚନା କାଳ, ୨୩-୮-୧୯୩୫]

Digitized by srujanika@gmail.com

ଦାରିଦ୍ର୍ୟ

କଏ ତୁମେ ଚାଲିଯାଅ　　ଯୋଡ଼ି ଦେଇ ମଥା
ମଉନରେ ପଥ କାଢ଼　　କହ ନାହିଁ କଥା ।
ବିକଟ କରାଳ ମୂର୍ତ୍ତି　　ଅତି ଚମତ୍କାର
କଙ୍କାଳ ଶରୀର ଗୋଟି　　ଆହା କି ବିକାର ।
ଦେଖିଲେ ତୁମର ଶୋଭା　　କମ୍ପଇ ଜୀବନ
ଆସେ ଶଙ୍କା ଆସେ ଭୟ　　ଭ୍ରମେ ଏହି ମନ ।
ତୁମେ ଯାର ଲଲାଟରେ　　ଦିଅ ଜୟ ଟୀକା
ଆସେ ଚିନ୍ତା, ତାର ଲଭେ　　ପ୍ରତିଭାର ଶିଖା
ଗୁଣେ ପରିପୂର୍ଣ୍ଣ ଥିଲେ　　ହୁଏ ଗୁଣହୀନ
ଥିଲେ ବୁଦ୍ଧିବାନ ଶକ୍ତି　　ବୋଲାଏ ସେ ଦୀନ ।
ଯାଏ ମାନ ଗଉରବ　　ଆସେ ଅପମାନ
ଲୁପ୍ତ ହୁଏ ଗୁପ୍ତେ ଯାଏ　　ଆତ୍ମ ସନମାନ ।
ହ୍ରାସ ସବୁ ତେଜ ବୀର୍ଯ୍ୟ　　ଧୈର୍ଯ୍ୟ ଯାଏ ଚାଲି
ବୋଲାଏ ସେ କାପୁରୁଷ　　ମୁଖେ ଲାଗି କାଳି ।
ଅନ୍ନହୀନେ ବସ୍ତ୍ର ଶୂନ୍ୟେ　　ଶିର ହୁଏ ନତ
ହସଇ ମାନବ ଗଣ　　ହସଇ ଜଗତ ।
ସର୍ବ ହାର ବୋଧ ହୁଏ　　ଚାଲିଲେ ବାଟରେ
ଦୃଷ୍ଟି ହୁଏ ଅଟ୍ଟହାସ　　ଇଙ୍ଗିତ ସଙ୍ଗରେ ।
ଜଳଇ ଜଠର ସଦା　　ଚକ୍ଷୁଁ ଆସେ ଜଳ
ଲୁଚଇ ଆନନ୍ଦ ପ୍ରୀତି　　ପରାଣ ବିକଳ ।
ହସି ହସି ଦେଖାଦିଏ　　ମରୀଚିକା ସାକ୍ଷୀ
ସମ୍ମୁଖରେ ଉପସ୍ଥିତ　　ଧୂମ୍ର ରାଗ ମାଖି ।
ଦାରୁଣ ପିଶାଚୀ ଆସି　　ଶୋଷିଯାଏ ରକ୍ତ
ହଜିଯାଏ ବଳ ତେଜ　　ପ୍ରାଣ ହୁଏ କ୍ଳାନ୍ତ ।

Digitized by srujanika@gmail.com

ରୋଗ ଶୋକ ଦୁଇ ମିଶି ଖେଳାନ୍ତି ସର୍ବାଙ୍ଗ
ଘୂରଇ ଦୁର୍ବଳ ମଥା ନେଇ ଅନୁରାଗ ।

ଥାଉ ଶତ ଉଚ୍ଚ ଆଶା ସବୁଯାଏ କାହିଁ
କରିବାର କର୍ମ ଶକ୍ତି କର୍ମ ପାଏ କାହିଁ ।

ଥିଲେ ଶତ ବନ୍ଧୁଗଣ ନ ଦିଅନ୍ତି ଦେଖା
ସ୍ନେହର ମାଧୁରୀ ରୂପେ ପଡ଼େ ନାହିଁ ରେଖା ।

ଉଦାର ହୃଦୟ ସଙ୍ଗେ କଲେ ସହବାସ
ବାଜେ ଧକ୍କା ମରମରେ ଛଡ଼ାଇ ନିଶ୍ୱାସ ।

ପବିତ୍ର ହୃଦର ଭାବ କେ ଚିହ୍ନଇ ନାହିଁ
କେବଳ ତା ହୃଦ ସାକ୍ଷୀ ପାରଇ ବଞ୍ଚାଇ ।

କିନ୍ତୁ ଲକ୍ଷ୍ୟ ସ୍ଥିର ଥାଏ ଆତ୍ମାପରିଷ୍କାର
ଚିହ୍ନଇ ଅନେକ ହୃଦ ବୁଝଇ ସଂସାର ।

କେତେ ପ୍ରତି ବିମ୍ବ ଦେଖେ ମନ ଦରପଣେ
କିନ୍ତୁ ତାର ପ୍ରତିବିମ୍ବ କେ ନ ଦେଖେ ଜଣେ ।

ଜୀବନର ବନ୍ଧୁ ରୂପେ ଆସଇ ମରଣ
ଖେଳାଇ ମୁଖର ତେଜ ଚଳାଇ ଚରଣ ।

ନିଜ କୋଡ଼େ ଦିଏ ଆଶା ପୂର୍ଣ୍ଣ କରୁଣାରେ
ସର୍ବ ଦୁଃଖ ଦୂର କରେ ଶାନ୍ତି ସୁଧା ଧାରେ ।

ଏହା କି ନୁହଇ ତବ ଆମର କୀରତି
ଜାଣି ଅଛୁ କରେ ପୂଜା ବଢ଼ାଇ ଆରତି ।

●

[ରଚନା କାଳ—୨୪-୮-୧୯୩୫]

Digitized by srujanika@gmail.com

କାହ୍ନା ବାଣୀ

ଆକୁଳ ନୟନେ ଗୁହାଁଇ ଗଗନେ
ନ ଦେଖେ କାହ୍ନା ମୂରତି
ଆକାଶର ତଳେ ଅଛି ଧରା କୋଳେ
ନଜେ ଖୋଜ ନଜ ଗତି ।
ଧାସେ ଜଳ ସ୍ରୋତେ ଡ଼ାକଇ ଆରତେ
ଶୁଣେ ନାହିଁ କାହ୍ନା ବାଣୀ
କୁହୁ କୁହୁ ଗାନେ ଭସାଏ ତା ତାନେ
ସ୍ନେହ ଅନୁରାଗେ ଠାଣି ।
ପରାଣ ପ୍ଲାବିତ ପ୍ରେମ ଶୂନ୍ୟ ଚିତ୍ତ
ପବନ ଝୁଲାଏ ଅଙ୍ଗ
ଆସଇ ଗୁଳଇ କ ଅବା ଭ୍ରଷଇ
ଜାଣେ ନାହିଁ କାହ୍ନା ସଙ୍ଗ ।
କେହି କରେ ମୁଗ୍ଧ ଆତ୍ମା ମନ ଶୁଦ୍ଧ
କେହି ଗୁଲେ ଆଗ ପଛ
ଆସେ ପ୍ରତିବିମ୍ବ ଦେଖେ ପ୍ରତିବିମ୍ବ
କରଇ ବିମ୍ବଟି ସ୍ୱଚ୍ଛ ।
ଦୂରେ ଗୁଲେ ଗୀର ପୁଣି ଆସେ ଧୀର
ହୃଦୟେ ବାନ୍ଧଇ ବସା
ଆକାଶ ଅବନୀ ମିଳନ ତଟିନୀ
ଉଛୁଳି ନାଚେ ସହସା ।
ବିରହ ବେଦନା ନଜାଣେ ବାସନା
ସ୍ନେହ ଡ଼ୋରେ ସବୁ ବନ୍ଧା
ତୃଣ ତରୁ ଲତା ଭାବ ଅନୁରକ୍ତା
କ ମଧୁର ପ୍ରୀତି ଶ୍ରଦ୍ଧା ।

Digitized by srujanika@gmail.com

ଆକୁଳ ଯମୁନା   ଉଠାଏ କାନ୍ଦଣା
ଘସେ କୂଳେ ନାହିଁ ପାର
କେଡ଼େ ଉଚ୍ଚ ପଥ   ଭସାଉଛି ସ୍ରୋତ
ପାର ଶକ୍ତି ନାହିଁ କାର ।
ଥକି ଯାଇ ପ୍ରାଣ   ଚ୍ୟୁତ କଲା ଠାଣ
ପୁଣି ଆଣିଲା ସାହାସ
ସ୍ରୋତ ସଙ୍ଗ ଧରି   ନାଚଇ ପହଁରି ,
ପୁଲକେ ଭରି ଉଲ୍ଲାସ ।
ପାର ହେବା କ୍ଷଣରେ   ଖେଳେ ଧୀରେ ଧୀରେ
ନିଜ ସଙ୍ଗ ନିଜେ ବରି
ଅଙ୍ଗ ପ୍ରତି ଅଙ୍ଗ   ନଚୁଏ ସୁରଙ୍ଗ
ଇଚ୍ଛା କୁତୂହଳ ଧରି ।
ଦେହ ପ୍ରାଣ ମନ   ଭସାଏ ପବନ
କଳ ତାନେ କହି ବାଣୀ
ଜାଗି ହୃଦପୁରେ   ମିଶଇ ଅନ୍ତରେ
ବୁଝେ ଅନ୍ତର କାହାଣୀ ।
ଶୂନ୍ୟେ ଉଠେ ନାଦ   କରେ ଆହ୍ଲାଦ
ସ୍ନେହ କରେ ନଏ ଠାଣି
କେବଳ ମୁଁ ଚୋର   ପରାଣ ସୁନ୍ଦର
କାମନାର ପାଟରାଣୀ ।
ଧରିଛି ଅଙ୍କରେ   ଜାକିଛି ବାହୁରେ
ଭୟ ନାହିଁ ଭୟ ନାହିଁ
ଅଛି ମୁଁ ଅନ୍ତରେ   ଅଛି ମୁଁ ମନରେ
କୂଳେ ଲଗାଇବା ପାଇଁ ।

[ଅପ୍ରକାଶିତ ଥିଲା; ରଚନା କାଳ ୧୯୩୪]

Digitized by srujanika@gmail.com

ଶୂନ୍ୟ ଡ଼ାକ

ଏ ସଂସାର କାରାଗାର ଡ଼ାକେ ନିରନ୍ତର
ଚଞ୍ଚଳେ ଗୂଳଇ ପ୍ରାଣ ନ ବୁଝି ଖବର ।
ଘୂରି ହୁଏ ଦିବା ନିଶି କାନ୍ଦଇ କାତରେ
ପାଷାଣର ପ୍ରାଣ ବନ୍ଧି ଆପଣା ବୁକୁରେ ।
ସେହି ଭାବ ସେହି ପ୍ରୀତି ଆସେ ରହି ରହି
ଯନ୍ତ୍ରଣା ଅନଳ ଜଳେ ପ୍ରାଣ ଦିଏ ଦହି ।
ଥିଲା ଯେଉଁ ପୁଷ୍ପ ରାଜ୍ୟ ଆଲୋକେ ମଣ୍ଡିତ
ବର୍ତ୍ତମାନ ଅନ୍ଧକାରେ ଅଛି ପରିଣତ ।
ଇଚ୍ଛାହୀନ ହୁଏ ଆଜ ସ୍ୱପ୍ନ ନିତି ଖେଳା
ଭଲ ଲାଗୁ ନାହିଁ କପାଁ ସୁଖ ବନ୍ଧୁ ମେଳା ।
ନିକୁଞ୍ଜ କାନନେ ଯେଉଁ ବାଜଇ ମୁରଲୀ
ଭରି ଆସେ କି ଗରଳ ହୃଦ ଯାଏ ଜଳି ।
ଅନୁକ୍ଷଣେ ପଡ଼େ ମନେ କାରାଗାର କଥା
ଶୂନ୍ୟ ଡ଼ାକ ବାଜେ କର୍ଣ୍ଣେ ଟେକ ନୁହେ ମଥା ।
ଢ଼ଳି ଆସେ ଅଶ୍ରୁଜଳ ଭିଜାଏ ଏ ଧାରା
ମରମେ ବାଜଇ ଗଳା ଇଙ୍ଗିତ ଠାପରା ।
କେମନ୍ତେ ସହିବି ସବୁ ଚଞ୍ଚଳ ଏ ମନ
ସବୁ ଦେଖେ ଶୂନ୍ୟମୟ ବ୍ୟାକୁଳ ଜୀବନ ।
କର୍ମ କ୍ଲାନ୍ତ ଏ ଶରୀର ହଜିଛି ସାହସ
ନାହିଁ କେଳି ରସ ସୁଖ ନାହିଁ ଗୋ ଉଲ୍ଲାସ ।
ସୁମନ କାନେ ବୁଲି ନାହିଁ ଫୁଲ ତୋଳା
ନାହିଁ ଯମୁନାର କ୍ରୀଡ଼ା ନାହିଁ ଗୁନ୍ଥି ଫୁଲ ।
ନାହିଁ ଦୋଳା ଖେଳା ଆଜ ନାହିଁ ସ୍ୱପ୍ନ ଝୁଲ
ନାହିଁ ପ୍ରକୃତିର ଶବ୍ଦ ସକଳ ମୁକୁଳା ।

Digitized by srujanika@gmail.com

ନାହିଁ ପ୍ରେମ ହାଟ ବାଟ ନାହିଁ କାରବାର
ନାହିଁ ନବ ଶୋଭରଶି ନାହିଁ ସୁଖ ସାର ।
ନାହିଁ ହାସ ନାହିଁ ପ୍ରେମ ନାହିଁ ନବ ପ୍ରୀତି
ନାହିଁ ନବ କୁତୂହଳ ନାହିଁ ନବ ଗୀତ ।
ନାହିଁ ମିଳନର ଆଶା ନାହିଁ ତ କାମନା
ନାହିଁ ନବ ଆଶା ରୂପୀ ନେଇଛି ବାସନା ।
ନାହିଁ ରୂପଶ୍ରୁରୁ ଛଟା ପ୍ରେମ ରସ ଛଟା
ନାହିଁ ରୂପଶୀର ଲୀଳା ଉଚ୍ଛାଟର ହଟା ।
ନାହିଁ ନୟନର ଠାର ନାହିଁ ଶ୍ରୁରୁ ହାସ
ନାହିଁ ପ୍ରେମ ସୁଧା ବୃଷ୍ଟି ନାହିଁ ପ୍ରୀତି ରସ ।
ନାହିଁ ନକୁଞ୍ଜ କାନନ ଫୁଟିନାହିଁ ଫୁଲ
ଆସେ ନାହିଁ ଅଳି ଗୁଞ୍ଜି ବାନ୍ଧିବାକୁ ମୂଲ ।
ଡ଼ାକେ ନାହିଁ ପିକ ଆଜ ମଧୁର କଣ୍ଠରେ ।
ନାହିଁ ଆସେ ଗାନେତାନ ପ୍ରମୋଦ ସ୍ୱରରେ
ମଳୟ ବସନ୍ତ ସଙ୍ଗେ ନ ଆସେ ପବନ
କେବଳ ଆକୁଳ ଆଜ ବ୍ୟାକୁଳ ଜୀବନ ।
ସେହି ପାରୁ ଆସେ ଡ଼ାକ ବାଜଇ କର୍ଣ୍ଣରେ
କହିଯାଏ କେତେ କଥା ମିଶଇ ବୁକୁରେ ।
ଶୂନ୍ୟ ଶୂନ୍ୟ ସବୁ ଶୂନ୍ୟ କିଛି ନାହିଁ ନାହିଁ
ଆଜ ଶୂନ୍ୟ ହୃଦପୁର ତା'ର ଆଶେ ଥାଇ ।

●

[ରଚନା କାଳ—୧୯୪୪]

Digitized by srujanika@gmail.com

ସତ୍ୟ ଦେବତା

ଏହି ବିଶ୍ୱ ଯାତ୍ରା ପଥେ ବୁଲେ ଥରି ଥରି
ଅସୀମ ବସ୍ତୁର ଭାର ହୃଦୟରେ ଭରି ।

ଭାସିଯାଏ ପ୍ରାଣ ତରି ସମସ୍ତ ସାଗରେ
ସତ୍ୟ ଲକ୍ଷ୍ୟ ରଖି ରଖି ଧ୍ରୁବତାରା ପରେ ।

ମାଡ଼ି ଆସେ ବର୍ଷା ବାୟୁ ଥରାଏ ଏ ବକ୍ଷ
ପଥହୀନ ଅନ୍ଧକାର ଠକି ନିଏ ଲକ୍ଷ୍ୟ ।

କାତମାରେ ଧୀରେ ଧୀରେ ସାଗର ବକ୍ଷରେ
ଭୁଲେ ତରୀ ପାଇ ସଙ୍ଗ ପବନ ସଙ୍ଗରେ ।
ତରୀ ପରେ ବସି ଗାଏ ବେଦନାର ଗୀତ
ତାନ ମିଶେ ଢେଉ ଗାନେ ଉଲସାଇ ଚିତ୍ତ ।

ମନ ଅର୍ପେ କାହା ପଦେ କରି ଆରାଧନା
ପୂଜାର ସାମଗ୍ରୀ ଧରି ପୂଜଇ କାମନା ।

ସୁଗନ୍ଧ ଚନ୍ଦନ ଲେପେ ସେହି ସର୍ବାଙ୍ଗରେ
କୁସୁମ ତୁଳସୀ ମାଳ ଅର୍ପେ ସେ କଣ୍ଠରେ ।

ଢାଳେ ଘୃତ ଅଗ୍ନି କୁଣ୍ଡେ ଚଢ଼ାଇ ଧୂପ
ଅଜାଡ଼ି ଆସଇ ଅଶ୍ରୁ ହୁଏ ପ୍ରାଣ ମୂକ ।

ଗଦ ଗଦ କଣ୍ଠେ ଗାଏ ସେହି ସ୍ତୁତି ଗାନ
ଜାଗ୍ରତରେ ଉପାସନା କଲି ଉଠେ ଗାନ ।

ଓଁକାର ଉଠଇ ଧ୍ୱନି ବାଢ଼ଇ ନୈବେଦ୍ୟ
ଆଘାତ ନିରାଶ ଭଲେ ଭାବ ଆସେ ସଦ୍ୟ ।

ଯାହା ଅକାରଣ ଭାବେ ସେ ହୁଏ କାରଣ
ବେଦନା ଜଡ଼ିତ ଗୀତେ ଖେଳାଇ ଚେତନ ।

Digitized by srujanika@gmail.com

ବିଫଳ ନୁହଇ କିନ୍ତୁ ସକଳ ସଫଳ
ସଫଳରେ ଅଛି ସତ୍ୟ କରମ କୌଶଳ ।

କର୍ମଯାଏ ଧର୍ମ ସଙ୍ଗେ ସତ୍ୟ ଆଣେ ପଣ
ନାହିଁ କାହା ଡ଼ର ଆଉ ଅଛି ଯେବେ ମନ ।

ଅନ୍ତର ବେଦନା ନଶ୍ଚେ ସେ ପାରିବେ ବୁଝି
ପ୍ରାଣ ଭାଷା ପ୍ରାଣ ଦେବ ସୁଧ ସଙ୍ଗେ ସୁଝି ।

ସକଳ ଦେଖିବ ହୃଦ ଅନ୍ତରାଳେ ବସି
ଶକାଢୀର ଅଟ୍ଟହାସ ଯିବ ହସି ହସି ।

କଠୋର ପରାଣେ ନଶ୍ଚେ ଆସିବ କରୁଣା
ଯାହା ଦଣ୍ଡା ଯାହା ଭବ ନ ହୋଇବ ଊଣା ।

କାହା ପାଇଁ ଏହି ପ୍ରାଣ ନ ମାଗେ ମୁକତି
ମୂକ ନୁହେ ମୋ ଦେବତା ଦେବ ନଶ୍ଚେ ଗତି ।

●

[ରଚନାକାଳ—୧୮-୧୦-୧୯୩୭

Digitized by srujanika@gmail.com

ମନସ୍ୱୀ

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ନାଗ୍ନି କବିଙ୍କ କବିତା-ଜଗତର କିୟଦଂଶ କେବଳ ମନର ଯାବତୀୟ କ୍ରିୟା-ପ୍ରତିକ୍ରିୟାକୁ ନେଇ ଲେଖା ହୋଇଥିବା ଲକ୍ଷିତ ହୁଏ । ମନକୁ ଥିମ୍ କରି କବିତା ଲେଖିବା ଅବସରରେ କବିଙ୍କର ଚିନ୍ତା ଆପଣା ଛୁଏଁ ବ୍ୟକ୍ତିକେନ୍ଦ୍ରିକ ହେବା ସ୍ୱାଭାବିକ । ଏହି କବିତା ଗୁଡ଼ିକରେ ତାହାହିଁ ହୋଇଛି ।

ତଥାପି ଆତ୍ମନିଷ୍ଠ ଚିନ୍ତନକୁ ପ୍ରକାଶ କରୁଁ କରୁଁ ସେ ସାର୍ବଜନୀନ ଭାବର ସରହଦକୁ ସ୍ପର୍ଶ କରିଛନ୍ତି । କିନ୍ତୁ ଭାବନାର ଚରିତ୍ର ବର୍ଣ୍ଣ ଭାସ୍ୱର ହୋଇ ପାରିନାହିଁ । କାରଣ ନାଗ୍ନି କବିଙ୍କର ମନ ସର୍ବ ମୋଟ ଦୁଇଟି ଜଗତର ସୀମା ଭିତରକୁ ପ୍ରବେଶ କରିଛି; ସବୁ ସ୍ଥାନକୁ ଗମି ପାରିନାହିଁ । ତେଣୁ ମନସର୍ବସ୍ୱ କବିତା ଗୁଡ଼ିକରେ ବ୍ୟକ୍ତିଗତ ନିର୍ଯ୍ୟାତନା ପାଇଁ ମନକୁ ସାନ୍ତ୍ୱନା ଦାନ, କିଂବା ଆଧାତ୍ମିକ ସତ୍ତାର ଉପଲବ୍ଧି ପାଇଁ ମନକୁ ଉଦ୍‌ବୋଧିତ କରିବାର ଦୃଷ୍ଟିଭଂଗୀ ହିଁ ପ୍ରକାଶ ପାଇଛି । ମନ ବସ୍ତୁ-ମୁଖୀ ନ ହୋଇ ଅପାର୍ଥିବ ଜିଜ୍ଞାସାରେ ବ୍ୟାପୃତ ରହୁ—ଏହା ନାଗ୍ନି କବି ଆଶା କରିଛନ୍ତି ।

ଏହି 'ମନଶ୍ରୀ' ବିଭାଗରେ ମୁଁ ପ୍ରଧାନତଃ 'ମନ-କେନ୍ଦ୍ରିକ' କବିତା ଗୁଡ଼ିକୁ ସଂଯୋଜିତ କରିଛି । ଏବଂ ତଦନୁଯାୟୀ ଏହାର ନାମକରଣ ମଧ୍ୟ କରାଯାଇଛି । କେତେକ କବିତା କବିଙ୍କର ପାଣ୍ଡୁଲିପିରୁ ଆଉ କେତେକ ପତ୍ର-ପତ୍ରିକାମାନଙ୍କରୁ ସଂଗୃହୀତ ହୋଇଛି ।

ଶ୍ରୀ କ୍ଷେତ୍ରବାସୀ ନାୟକ
ସଂପାଦକ

Digitized by srujanika@gmail.com

ମନ ଫେରଣ

କେଡ଼େ କର୍ମ କଲି ମୁହିଁ ଅଜ୍ଞାନ ପଣରେ
ପାପୀଙ୍କ ମଧ୍ୟେ ଗଣନ ମାନବ ସଂଗରେ ।

ଲଭିଲି କେତେ କଷଣ ଯାତନା ଦୂଷଣ
କ୍ରୋଧ ଶର୍ଗ ପେଷି ଦଗ୍ଧ କଲି ମୋ ଜୀବନ ।

ଅପବିତ୍ର ଭାବ ସବୁ ଗୁଣି ମନେ ମନେ
ବୁହାଇଲି ଅଶ୍ରୁଜଳ ବ୍ୟର୍ଥ କ୍ରନ୍ଦନେ ।

ଆହା କି ଶୁଭ ସମୟ ଗଲା ଚାଲି ଚାଲି
ପାପ କର୍ମ ଫଳଭୋଗ ହେଲା ନ ଭାଳିଲି ।

ବିଚାର ନ କଲି କିଛି ବଢ଼ାଇ ମୁହିଁ ଆଶ
କେଡ଼େ ଦୁଃଖ ଉପସ୍ଥିତ ସୁଖ ନାହିଁ ଲେଶ ।

କି ମୂର୍ଖ ପଣରେ ଆହା ଆତ୍ମାକୁ ହଜାଇ
ନ ଜାଣିଲି ଭଲ ମନ୍ଦ ହୃଦୟୁ ତଡ଼ାଇ ।

ବହୁ ମୂଲ୍ୟ ଏ ଶରୀର ପ୍ରଭୁଙ୍କ ନିମିତ୍ତ
ଏହା ବୁଝି ନ ପାରଇ ସ୍ଥିର ନାହିଁ ଚିତ୍ତ ।

ଧିକ ଧିକ, ଧିକ ହେଉ ଏ ପାପୀ ଜୀବନ
ପ୍ରୀତିରେ ରସାଇ ଦେଲି ପ୍ରଭୁଙ୍କୁ କଷଣ ।

ଏ ନିଷ୍ଠୁର ଦୁରାଚାର ହେବ କି ମୋହର
ଚାଲିଯାଇ ମନ ମଧ୍ୟୁ ହୁଅରେ ପାସୋର ।

ଆସିଅଛି ଏକ ହୋଇ ଯିବ ହୋଇ ଏକ
କେ କରିପାରିବ ନାହିଁ ଏ ପ୍ରାଣକୁ ଟେକ ।

Digitized by srujanika@gmail.com

ବୃଥା ପରିଶ୍ରମ ଏକା ହେଲ କେତେ କ୍ଳାନ୍ତ
କେ ଚିହ୍ନିଲା ମନ ଭାବ ନାହିଁ କିଛି ଶାନ୍ତ ।

ଅଚିର ପଦାର୍ଥ କେବେ ନାହିଁ ଚିରସ୍ଥାୟୀ
ଚିର ବୋଲି ଭାବିଥିଲି କି ଭାବ ରସାଇ ।

ଆହେ ପ୍ରଭୁ ତୁମ୍ଭେ ମୋର ସକଳ ଉପାୟ
ସକଳ ଚିହ୍ନାଉଅଛ ହୋଇ ମୋ ସହାୟ ।

ଜାଣି ଶୁଣି ପଥ ବଣା ହୁଏ କିସ ପାଇଁ
ଧରିକି ପାରିବ ବଳେ ବାୟୁ ପଛେ ଧାଇଁ ।

ଦିଅ ଧୈର୍ଯ୍ୟ ଦିଅ ଯଶ ହେବି ଅଗ୍ରସର
କର୍ତ୍ତବ୍ୟ ପାଳିବ ଭାବ ଚିହ୍ନି ଜଗତର ।

●

[ଉତ୍କଳବାର୍ତ୍ତା ୨୬-୯-୧୯୧୪ ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

ପ୍ରାଣ ଅନିତ୍ୟ

ଆରେ ମନ ଉଠ ବେଳ ହେଉଛି ଉଚ୍ଛୁର
ଗନ୍ତବ୍ୟ ପଥ ଅପାର ବିଳମ୍ବ ନକର ।

ପ୍ରଭୁନାମ ହୃଦେ ଧରି କରି ତୁ ଗମନ
ଅସାର ନକର ଆଉ ଅପୂର୍ବ ଜୀବନ ।

ବେଗେ ଅଗ୍ରସର ହୁଅ କିଛି ହିଁ ନ ଭାଳ
ଖବରଦାର ତୋ ପଛେ ଗୋଡ଼ାଇଛି କାଳ ।

ଚାହିଁ ଚାହିଁ ଚାଲୁଅଛି ବର୍ଷ, ଦିନ, ମାସ
କପାଇଁ ନୀରବେ ବସି ବାଢ଼ିଛୁ ଉଲ୍ଲାସ ।

ଜଳସ୍ରୋତ ପ୍ରାୟ ସମ ଦିନ ହୁଏ ଶେଷ ।
କସ ଆଣ୍ଟେ ବାନ୍ଧିଅଛୁ ଚିନ୍ତା ନାହିଁ ଲେଶ ।

ସର୍ବ ଦ୍ୱାରେ ଦୃଢ଼ ରଖ ପ୍ରାଣ କର୍ତ୍ତା ନାମ
ଘୁଞ୍ଚି ଘୁଞ୍ଚି ଯାଉ ତୋର ତିମିର ଅଜ୍ଞାନ ।

ସେହିକାଳେ କିଛି କର୍ମ କରି ନ ପାରିବୁ
ଯେପରି ଅନ୍ଧାର ନିଶି ହେବ ଜାଣିଥିବୁ ।

ରେ ପଥିକ ! ଥାଉ ଥାଉ ଜ୍ୟୋତିର୍ମୟ କାଳ
ନୟନେ ଆଲୋକ ଦେଇ ବେଗେ ବେଗେ ଚାଲ ।

ବେଗେ ଉପାର୍ଜନ କର ଜ୍ଞାନରୂପ ଧନ
ନିର୍ବିକାର ଶ୍ରୀପଦରେ ହୁଅ ତୁ ଶରଣ ।

●

[ଉତ୍କଳବାର୍ତ୍ତା—୨୧-୧୧-୧୯୧୪ ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

ମନର ବ୍ୟାକୁଳ

ହେ ଅତିଥି ଚାଲିଅଛ ପଶ୍ଚିମ ଦିଗକୁ
ନେବ କି ମୋ ମନକଥା ବାଟରେ ଶ୍ରୀଛାମୁକୁ ।
କି ନିମନ୍ତେ ଧାଉଁଅଛ ଷଣେ ରହ ରହ
କି ହେତୁରେ ଏ ଚଞ୍ଚଳ, କିଛି କହ କହ ।
ତୁମ୍ଭେ ଅଛ ଗଗନରେ ମୁହିଁ ଅଛି ତଳେ
ତୁମ୍ଭର ମାଧୁରୀ ରୂପ ଚାହେଁ ଜଳେ ଜଳେ ।
ମୋ ପରାଣ ନାଥ ଛନ୍ତି ବନ ପ୍ରଦେଶରେ
କିସ କରୁଛନ୍ତି ଯାଇ ଦେଖିବ କି ଥରେ ।
ତାଙ୍କ ବିହୁନରେ ପ୍ରାଣ ହୁଏ ଖଣ୍ଡ ଖଣ୍ଡ
ଯେଉଁ ଯନ୍ତ୍ରଣା ହୃଦେ ଚିହ୍ନ ନାହିଁ ଦଣ୍ଡ ।
ଏକାକୀରେ ବସି ଅଛି ନ ଦେଖଇ ମୁଖ
କାହିଁଗଲା ହାସରସ ଭଜେ ଘୋର ଦୁଃଖ ।
ପୋଡ଼ି ଯାଉଅଛି ହୃଦ ନାହିଁ କିଛି ଶାନ୍ତି
କେ ଢାଳିବ କୃପାବାରି ଘୁଞ୍ଚାଇବ ଭ୍ରାନ୍ତି ।
ଝରଝର ହୋଇ ବହେ ନେତ୍ରୁ ଅଶ୍ରୁଜଳ
ଦେଖ ଦେଖ ବାଟରେ ଦେଖ ଭାସେ ହୃଦ ସ୍ଥଳ ।
ନ ଦିଶେ ଉପାୟ କିଛି ହେଲିଣି ଦୁର୍ବଳ
ମନର କାମନା କିଛି ନୁହେଁଇ ସଫଳ ।
ଏଣେ ତେଣେ ଧାଉଁଅଛି ସାରଥି ବିହୁନେ
କାହିଁରେ ଲାଗିବ ଯାଇ ମୁଁ କିଛି ନ ଜାଣେ ।
ଭଲ କରି ଦେଖିଥାଅ ମୋର ସର୍ବ ଗତି
ପାସୋର ନୋହିବ ଯେବେ ମନର ସଂପ୍ରତି ।
ଅଗୋଚର ନାହିଁ କିଛି ତୁମ୍ଭଙ୍କୁ ସକଳ
ସ୍ରଷ୍ଟୁ ଅଛ ଚକ୍ଷୁ ଅଛ ଜଗତ କେବଳ ।

Digitized by srujanika@gmail.com

ହୃଦପୁରେ ଦୟା ବହି ଧରି ମୋ ସନ୍ଦେଶ
ପ୍ରସନ୍ନରେ ବାଢ଼ି ଦେବ ମୋ ସବୁ ଉଦ୍ଦେଶ୍ୟ ।

ଦାସୀଠାରେ କିପାଁ ହେଲ ଏପରି ନିଷ୍ଠୁର
କେ ଅବା ନାଶିବ ତାର ସକଳ ଆତୁର ।

ନିବେଦନ ପତ୍ର ଧରି ଦେଉଛି ବିନୟେ
ଚରଣ କମଳେ ଥୋଇ ଆସିବ ନିର୍ଭୟେ ।

କେଉଁଠାରେ ବସିଛନ୍ତି କେଉଁ କାମନାରେ
କେଉଁ ଆବେଶେ ବସିଛନ୍ତି ସୁପିକ ପ୍ରେମରେ ।

କିସ ବୋଲି ଭାବୁଅଛି କାହା ନାମ ଧରି
ବାହୁଛିବା ସୁମଳୟ ମଧୁସଙ୍ଗ କରି ।

ଖେଳୁଛି ବା ଅଧରରେ ସୁହାସ ରସିକ
ରହିଛି ବା ହୃଦପୁରେ ସ୍ଥବିର ବିବେକ ।

କି ଭାବରେ ଗୃଳିଅଛି ସୁନ୍ଦର ଜୀବନ
ଉପସ୍ଥିତ ଥିବେ ପରା କରୁଣା ନିଦାନ ।

କେ ଅବା ଭରସା ଅଛି ତାଙ୍କର ପାଶରେ
କେ ଧଇର୍ଯ୍ୟ ଦେଇ ପୁଣି ଚଳଇ ପଥରେ ।

ଜୀବର ଜୀବନ ଦେଖି ଆସନ୍ତେ ବହନ
ଅଧୀନା ଯାଉଛି ତବ ଚରଣେ ଶରଣ ।

●

[ଉତ୍କଳ ବାସିନୀ—୨୧-୮-୧୯୧୫
ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

ମନକୁ ପ୍ରଶ୍ନ

ପଚ୍ଛରୁଛି ଆରେ ମନ ଦିଅତୁ ଉତ୍ତର
ଅନ୍ୟ ସାକ୍ଷୀ କେହି ନାହିଁ ମୋର ଜଗତର ।
ଧର୍ମକୁ ଆଦର କଲେ ପାଇବ କି ପଥ
ସତେ କି ମୋହର ପୂର୍ଣ୍ଣ ହେବ ମନୋରଥ ।
ଧର୍ମ କଲେ କେତେ ଦୂର ବ୍ୟାପିପାରେ ଯଶ
ସତେ କହେ ଧର୍ମ ଯଶ କଣେ ପଞ୍ଚକ୍ରୁଷ ।
କଦାବାରେ ନାହିଁ କବା ଧର୍ମରେ ଅସାର
ଧର୍ମକୁ ଜଗିଲେ ସତେ ମିଳଇ କି ସାର ?
ଏଥିର ମରମ ମୋତେ ବୁଝା ଯାଉନାହିଁ
ତାର ସ୍ୱାର ଭିନ୍ନ କସ କେ ଦେଖିଛି କାହିଁ ?
ପାପର ବିଭତ୍ସ ରଙ୍ଗ ଦିଶଇ ପ୍ରତ୍ୟକ୍ଷେ
ଗୋପନରେ ମୋହିପାରେ ଧର୍ମ ଖାର ଲକ୍ଷେ ।
ମୁହିଁ ଦେଖୁ ଅଛି ଏବେ ତାର ଚମତ୍କାର
ଯେଣିକ ଗୁହିଁଲେ ସବୁ ଦିଶଇ ଅନ୍ଧାର ।
କହ ମନ କାର କସ ବୁଝିଚୁ ମହିମା
ଦୁହେଁ ଏକୁ ଏକ ଭଙ୍ଗୀ ଦେଖାନ୍ତି ଗରିମା ।
ଧର୍ମ ଅଧର୍ମ ଜୁଟି ଦୁହେଁ ଛୁଡ଼ିଲେ ପ୍ରାଣ
ଧର୍ମରେ ତ ନାହିଁ ଜୟ ଅଧର୍ମେ କାରଣ ।
ଦୁହେଁ ଜୁଟି ଦୁହିଁଙ୍କର ସମାନ ସ୍ୱଭାବ
ହାରି ଜଣା କଛି ନାହିଁ ଦୁଇରେଲେ ଭବ ।
ଅଧର୍ମ କରଇ ହେଗ ଛୁଡ଼ଇ ଜୀବନ
ତାର କସ ହାନି ହୁଏ କହ ଆରେ ମନ ।
ଧର୍ମ କି ଜୀବିତ ହେବ ରହି ଏ ଜଗତେ
ମହତ ଭାବକୁ ଖୋଜ ମିଶଇ ଅନନ୍ତେ ।

Digitized by srujanika@gmail.com

ତାର ଯେତେ ସାଧୁଗୁଣ ସବୁ ଗଲା ଉଡ଼ି
ଅଧର୍ମର ହ୍ରାସ ସ୍ରୋତେ ଯାଉଅଛି ବୁଡ଼ି ।
ତାର ଯ୍ୟାର ଭେଦ ଜ୍ଞାନ କିଛି ଦିଶୁ ନାହିଁ
ସେ ଚାଲଇ ଯେଉଁ ପଥେ ଏ ଯାଉଛି ଧାଇଁ ।
ଜାଣିଲି ସକଳ ଭାବ ଦେଖିଲି ମୁଁ ଡୋଳେ
ଅଧର୍ମକୁ ଯେ ଡରଇ କାର୍ଯ୍ୟ ତା ନ ଫଳେ ।
ଅସହ୍ୟ ହୁଅଇ ତାର ସଂସାରରେ ଦୁଃଖ
ଜୀବନେ ଘଟଇ ନାହିଁ ଶାନ୍ତିମୟ ସୁଖ ।
ସତ୍ୟ ଧର୍ମ ଯେ ପାଳଇ ସେ ଅଟେ ଦୁର୍ବଳ
ଯାର ସାହା ସଖା ନାହିଁ ଲୋଡ଼େ ଧର୍ମବଳ ।
ଧର୍ମରେ କାହାରି ମାତ୍ର ହୋଇଛି ଉଦୟ
ହୃଦୟରେ ଶାନ୍ତ ଉଠି ବନାଣିଛି ଭୟ ।
କେବେ ଥିବ ଧର୍ମ ଗୁଣ ଏବେ ତାହା ନାହିଁ
ଜଟିଳ କପଟ ପ୍ରେମ ସବୁ ଦିଏ ଖାଇ ।
ପ୍ରଭାବ କେତେକ ତାର ଉଡ଼ଇ ଜଗତେ
ମହତର ଧନ ହାନି କରଇ ନିରତେ ।
ତାକୁ କିଁପା ଆରେ ମନ ମଣୁ ତୃଣ ସମ
ଧନ୍ୟ ତାହାର ଗରିମା ଧନ୍ୟ ତା ଜୀବନ ।
ଅଧର୍ମ ଅଟଇ ଏବେ ସଂସାରର ମୂଳ
ତାକୁ ଧରି ଆରେ ମନ କର ଅନୁକୂଳ ।
ନୋହିଲେ କହତୁ ମୋତେ ତାର କି ଅସାର
ସେଥି ପ୍ରତି ଲକ୍ଷ୍ୟ ରଖି ବୁଝି ନେବ ସାର ।
ତେବେ ମୁଁ ଧର୍ମକୁ ମାନି ବନ୍ଦିବି ଚରଣ
ଭାବର ଭାବନା ଆଣେ ଚାଳିବ ଗମନ ।

[ରଚନା କାଳ—୭-୮-୧୭, ପାରଳାଖେମୁଣ୍ଡି]

Digitized by srujanika@gmail.com

ମନର ବିଳାପ

ସରି ଯାଉଛି ଯେ, ଏହି ଠାରୁ ମନୋରଥ
ପ୍ରକୃତି ପରାଣ, କାମନା ସଙ୍ଗେଣ
ଆରୋହଣ କରି ରଥ । ୦ ।
ଭ୍ରମି ଅରଣ୍ୟରେ ଉଦ୍ଦେଶ ଭବରେ
ଜୀବନ ହେଲା ଅସାର୍ଥ
କାମନା ସମ୍ବଳ ଝଡ଼ିଯାଏ ଫଳ
ନିରଶେ ହେଲି ଅନାଥ । ୧ ।
ଆଉ ନାହିଁ ସୁଖ ଅଛି ଚିର ଦୁଃଖ
ଜଣା ଗଲା ପ୍ରାଣନାଥ
ଯେତେ ଆଶା-ପୁଷ୍ପ ଗୁନ୍ଥି ରଖିଥିଲି
ସେ ସବୁ ହେଲା ବ୍ୟର୍ଥ । ୨ ।
ଏବେ ଦିଅ ଜ୍ଞାନ ରକ୍ଷାକର ମାନ
ଆଉ ମୋ ନାହିଁ ସମର୍ଥ
ଯେତେ ଭବ ରାଗି ଗଲି ବହ୍ନି ବହ୍ନି
ଅର୍ଥରୁ ଘଟେ ଅନର୍ଥ । ୩ ।
ଏବେ ନିଶ୍ଚିନ୍ତରେ ରଖ ମହାପ୍ରଭୁ
ମାଗୁଛି ପ୍ରସାରି ହାତ
ତବ ନାମ ଗାଇ ତବ ପଦ ଧ୍ୟାୟୀ
ପାଇବି ମନରେ ଶାନ୍ତି । ୪ ।

[ଗଡ଼ଜାତ ବାସିନୀ, ୨-୯-୧୬ ସଂଖ୍ୟାରୁ ସଂଗୃହୀତ]

Digitized by srujanika@gmail.com

ମନର ବିଚାର

ଦିବା ଅବସାନେ ବ୍ୟାକୁଳ ଜୀବନେ
କି ଦୁଃଖ ପସରା ବହି ଚାଲଇ ଯତନେ ।

ବାସନା ଉଦ୍ୟାନେ ଭ୍ରମଇ ଗୋପନେ
କେତେ ଆଶା-ପୁଷ୍ପେ ତୋଳେ ହରଷ ବଦନେ ।

ନୟନ ନୀରରେ ଧୁଅଇ କାତରେ
ସ୍ନେହ ଘଟେ ପୂର୍ଣ୍ଣ କରି ଦେଖଇ ରଙ୍ଗରେ ।

ଉଇଁଲେ ତପନ ପଡ଼ଇ କିରଣ
ସବୁ ପୁଷ୍ପ ମଉଳଇ ହିଜଯାଏ ବର୍ଣ୍ଣ ।

ଆଉ କିଛି ସାର ନଥାଏ ତାହାର
ଖାଲି ଦୁଃଖ ଜ୍ୱାଳା ଯେନ ବୁଲଇ ସଂସାର ।

ଡ଼ାକଇ ପ୍ରଭୁଙ୍କୁ ରଖ ଏ ବାଳାକୁ
ସ୍ନେହ ଭରେ ଆଶ୍ରାଦିଅ ତବ ଶ୍ରୀପଦକୁ ।

ତୁମ୍ଭେ ମୋର ପତି ତୁମ୍ଭେ ମୋର ମୁକ୍ତି
ଏ ଜୀବର ସର୍ବ ବଳ ଅଟ ଜ୍ଞାନ ଶକ୍ତି ।

ନିଅ ଏ ସୁମନ କରନ୍ତୁ ଗ୍ରହଣ
ଉଦ୍ଧାର ଉଦ୍ଧାର ପ୍ରଭୁ ଏ ପାପ ଜୀବନ ।

●

[ରଚନ କାଳ—୧୮-୭-୧୬, ପାରଳାଖେମୁଣ୍ଡି]

Digitized by srujanika@gmail.com

ମନ ରତ୍ନ

ମୃଗ ଗୋଟି ଏକ ପାଳିଥିଲି ଯତ୍ନେ
ପ୍ରାଣରୁ ଅଧିକ ମଣି
ସୁଶ୍ୟାମଳ ଦୁବା ଧରି ନିଜ ହାତେ
ଦେଉଥାଏ ମୁଖେ ଗଣି ।
କରଇ ଚର୍ବଣ ବୁଜି ଦୁଇ ଆଖି
ଗ୍ରୀବା ଦେଶ ଟେକି ସେହି
ତା ଗତି ସୁନ୍ଦର ମଣ୍ଡଇ ଧରଣୀ
ତା ଶୋଭା ତାହାକୁ ପାଇ ।
ମତେ ଦେଖିବାରେ ଆସଇ ରଙ୍ଗରେ
କଚି ତୃଣ ତୁଣ୍ଡେ ଧରି
ଘଷଇ ଶରୀର ତା ସ୍ନେହ ଦେଖାଇ
ପ୍ରୀତି ଭଙ୍ଗେ ଭାବଭରି ।
ତାହାକୁ ଦେଖିଲେ ମୋ ମନ ଆନନ୍ଦ
ହେଉଥାଏ ନିରନ୍ତର
ମତେ ଦେଖି ତାର ଉଚ୍ଛୁଳଇ ହିୟା
ଭାବେ ହୋଇ ଜରଜର ।
ଦୁଃଖ ସୁଖେ ଦିନ ସାରୁଥିଲୁ ମିଶି
ଧରି ସବୁ ତୁଚ୍ଛ ଜ୍ଞାନ
ଏବେ ସେହି କାହିଁ ଗଲା ଯାଇଅଛି
ଦଗଧ ହୁଏ ମୋର ପ୍ରାଣ ।
"ମୃଗ ମୃଗ" ବୋଲି କେତେ ଡାକ ଦେଲି
ମୃଗକୁ ପାଉନି ନାହିଁ
ଖୋଜି ଖୋଜି ବନେ ଥକି ମୁଁ ଗଲିଣି
ତା ରୂପ ନ ଦେଖେ କାହିଁ ।

Digitized by srujanika@gmail.com

ସର୍ବସ ବୁଲିଲି ପଦ ଚିହ୍ନ ସୁଦ୍ଧା
ଦେଖିନ ପାରିଲି ସତେ
ଆଉ କେହି ମୋତେ ଦେବ ମୃଗ ଆଣି
ରକ୍ଷା କରାଇ ଜଗତେ ।
ଗୃଲୁ ଗୃଲୁ ପଥେ କେତେ ଦୂରେ ତାର
ପଡ଼ି ଅଛି ପଦ ଚିହ୍ନ
ପଦଚିହ୍ନ ପରେ ଲେଖା ଯାଇଅଛି
ମୁହିଁତ ନହୁଏ ଭିନ୍ନ ।
ସକଳ ସ୍ଥାନରେ ପୂଜା ମୋର ହୁଏ
ତୁ କିପାଁ ହେଉ କାତର
ଶୁଣି ଥିବୁ ତୁହି ଧର୍ମେ ଅପମାନ
ନ ହେବ କେତେ ମାତର ।
ମାନ ଅପମାନେ କିଛି କାର୍ଯ୍ୟ ନାହିଁ
ଧୈର୍ଯ୍ୟ ଏକା ପରଧାନ
ଧୈର୍ଯ୍ୟ ଧରି ରହ ତୁହି ମୋ ଜନମ
ଉତ୍କଳ ତୋ ଜନ୍ମ ସ୍ଥାନ ।
ଏହି ସେ ଉତ୍କଳ ସ୍ୱର୍ଗ ଗଣ୍ଡପୁରୀ
ଜାଣିଥିବୁ ଭଲ କରି
ମୋ ରୂପ ଦର୍ଶନେ କି ପାଁ ତୋର ଇଚ୍ଛା
ସ୍ନେହ ଦଅ ଦୂର କରି ।
ମତେ ଆଲିଙ୍ଗନ କରୁଥିଲୁ କେତେ
ଧୂଳି ଝାଡ଼ି ବଦନରୁ
ଏବେ ମୁହିଁ ଦୂର ହେଲି ତୋ ପାଶରୁ
ଛାଡ଼ି ସେ କଥା ମନରୁ ।
ତୋର ଡ଼ାକ ଶୁଣି ଆହା ମୋ ଜନମ
କରୁଛି ମୁହିଁ ରୋଦନ
ଗୁଣର ନର୍ଗୁଣ ହେବ ନାହିଁ କେବେ
ଅବଶ୍ୟ ଦେବ ଦର୍ଶନ ।

Digitized by srujanika@gmail.com

ତୋର ସ୍ନେହ ଭରି କର୍ଣ୍ଣ ଡ଼େରି କରି
ନେଉଅଛୁ ତୋର ଡ଼ାକ
ତୃଷାତୁର ହୋଇ ଆକାଶକୁ ଚାହିଁ
ଯେସନେ ରହେ ଚାତକ ।

ଧନ ଜନ ପ୍ରୀତି ଉପାର୍ଜନ ନିତି
ଚିର ନାହିଁ ଧରା ତଳେ
କର୍ତ୍ତବ୍ୟ ପାଳନ ଦିବ୍ୟ ଜ୍ଞାନ ଜ୍ୟୋତି
ଅର୍ପ ଆଣି ଯଜ୍ଞ ସ୍ଥଳେ ।

ଦୁଃଖ ହୁତାଶନ ପ୍ରଜ୍ୱଳିତ କରି
ସୁଖରେ ଦିଅ ଆହୁତି
ଧର୍ମ୍ମ ମେଧ ଯଜ୍ଞେ ନାଚ ଚାରିଆଡ଼େ
ଉଲ୍ଲୁସାଅ ତୋର ଛାତି ।

ପ୍ରାଣ କମ୍ପି ଉଠି ଧରଣୀ ଉପରେ
ନାଚିବ ନିଷ୍ଠୁରେ ଜାଣ
ସେହି ମାତା ତୋତେ କରି କୋଳାଗତ
ମୁଖରେ ଦେବେ ଚୁମ୍ବନ ।

ମତେ ଆଜ ତୁହି ଲୋଡ଼ା ନାହିଁ ନାହିଁ
ହେଲଣି ମୁଁ ବାରେ ଦୂର
ତୋର ମନ ତୋତେ କରିବ ଉଦ୍ଧାର
ଆଜ ନ ଚାଖ ମଧୁର ।

●

[ସଂବଲପୁର ହିତୈଷିଣୀ—୧୬-୧୨-୧୯୧୬
ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

ମନର ଚିନ୍ତା

ମାନସିକ ଚିନ୍ତାନଳେ ଦଗ୍ଧପରାଣ
ଆଶା-ଦୃଢ଼ ପ୍ରାଣେ ଜନ୍ମି ବଢ଼ାଏ କାରଣ ।
ସ୍ମରଖାର ଅଙ୍କିଶିଖ ପତନ ଦିଗରେ
ସଜାହୋଇ ଶୋଭା ରାଶି ଦେଖି ପ୍ରତକ୍ଷରେ ।
ହଜିଲାଣି ବୁଦ୍ଧି ଜ୍ଞାନ ନ ଦିଶଇ କୂଳ
କି କରିବ ପ୍ରାଣନାଥ ! ନ ଚିହ୍ନିଲି ମୂଳ ।
ସ୍ୱାର୍ଥ କିବା ଅସ୍ୱାର୍ଥରେ ଭେଦ ବୁଦ୍ଧି ଜ୍ଞାନ
ନ ରଖିବ ଶେଷଯାଏଁ ହୋଇ ମି ପ୍ରମାଣ ।
କିସ ହେବ ଏବେ ମୁହିଁ ମୋ ଆଶା ପଥରେ
ଅନ୍ଧକାର ଭାବ ରାଶି ବେଷ୍ଟିତ ପ୍ରାଣରେ ।
ଦିଗ ଶୂନ୍ୟ ଭାବ ଶୂନ୍ୟ ଅଲକ୍ଷ୍ୟ ସ୍ରୋତରେ
ଭାସମାନ ହେଲି ପ୍ରଭୁ ନ ଗୃହିଁକି ଥରେ ।
ତବ ସୃଷ୍ଟି ମନୋହରେ ଧାଇଁ ଓ ଜୀବନ
ସତ୍ୟ ପଥେ ପ୍ରାଣ କର୍ମ ସାଧୁଥିଲି ମନ ।
ସମ୍ଭାବଗୋଷ୍ଠୀ ରାଶୀ ବିଚାର ନିର୍ମାଣ
ଜ୍ଞାନ ଜ୍ୟୋତି ବଳେ ଚିହ୍ନି ହେଲି ଧାବମାନ ।
ଶ୍ରମ ମାତ୍ର ସାର ହେଲା ଭାବ ଗଲା କାହିଁ
କି କଲି ମୁଁ କାହାପାଇଁ ବୁଦ୍ଧି ଦିଶୁନାହିଁ ।
ଭାବ ଦିଗେ ମାନ ଫିଙ୍ଗି ସାରା ଏ ଜୀବନ
ବୃଥାକଲି ନ ଚିହ୍ନିଲି ମୋ-ହୃଦ-ରତନ ।
ପଥହୁଡ଼ି ମାୟା ଫାନ୍ଦେ ଭବ କୁହୁକରେ
ବଶୀଭୂତ ଏବେ ସୁଦ୍ଧା ଜାଣି ଶୁଣି ଥରେ ।
କେବେ ଅବା ଭାବ ମୂଲ୍ୟ ଅଭାବ ରାଜ୍ୟରେ
ହୋଇଅଛି ନ ଜାଣେ କି ମୋ ଜ୍ଞାନ ବଳରେ ।

Digitized by srujanika@gmail.com

ପ୍ରବର୍ତ୍ତକ ତୁମ୍ଭେ ପିନା ଅଛ ମୋ ଖେଳାରେ
ଭଙ୍ଗୀଭାବ ଚହ୍ଲାଉଛ ଭବ କାରବାରେ ।

ଭବଭାବ ଭାଗ ମୂଲ୍ୟେ ଗ୍ରାହକ ବର୍ଗର
ଅଭାବରେ ପୂର୍ଣ୍ଣଥିବା ଶୋଭୁଛି ସଂସାର ।

ତବବିଧି ବିଧାନରେ ସମସ୍ତ ଛନ୍ଦରେ
କାରିଗର ମନଗଢ଼ା ଦିଅଁ ପ୍ରତ୍ୟକ୍ଷରେ ।

ସଜାସଜ କରୁଅଛି ସମସ୍ତ ସଙ୍ଗରେ
ନ ଜାଣେ କିଏ ଜୀବନ ଇଙ୍ଗିତ ଭଙ୍ଗୀରେ ।

ଯେଉଁ ସଜା କରିବାକୁ ଇଚ୍ଛା ହେ ତୁମ୍ଭର
କରିଯାଅ ଶୀଘ୍ରେ ଆଜ ନରଖ ଶରୀର ।

ଭବ-ଅଗ୍ନି ସମପ୍ରାପ୍ତ ହେଲାଣି ଭାବନା
ମନ ପ୍ରାଣ ପୋଡ଼ିଲାଣି ପ୍ରାଣ ବଡ଼ମ୍ବନା ।

ଭାବପଥେ ଆଜ ପ୍ରାଣ ଚେତନା ଦିବସେ
ଶେଷକର ମୋହଭ୍ରମ ମହତ୍ୱ ଉଦ୍ଦେଶେ ।

କିଏ ଅଛି ଆଜ ପ୍ରଭୁ ତୁମ୍ଭ ବିନା ଭବେ
ଚିହ୍ନି ଭବ ଭାବ କର୍ମ ଆଚରିବେ ସର୍ବେ ।

ଭବମୋହେ ମାୟାଫଳା ବାନ୍ଧିଣ ସକଳେ
ଚଳାଚଳ ପକ୍ଷାବଳେ ଅଛନ୍ତି ସବଳେ ।

ସବୁ ଚିହ୍ନି ଗଳନାଥ କେ ନାହିଁ ଭାବୁକ
ତୁମ୍ଭେ ମୋର ସର୍ବ ରୂପ ପଥ ଦରଶକ ।

ପଥ ଶେଷ ଆଶାଭରି ହୃଦୟ ଭଣ୍ଡାରେ
ଚିନ୍ତା କରୁଅଛି ପ୍ରଭୁ ଦୟାକର ବାରେ ।

ତବ କୃପା ବଳେ ଶାନ୍ତ ଲଭିବ ଜୀବନ
ନିଜ ହସ୍ତେ ସେହି ଧ୍ୱଜା ସଜାଅ ବଦନ ।

ଧ୍ୱଜା ବନ୍ଧି ଭବକ୍ଷେତ୍ରେ ଉଡ଼ିବ ତକ୍ଷଣ
ତବ କୀର୍ତ୍ତି ଘୋଷୁଥିବେ ଭବ ବାସୀଗଣ ।

Digitized by srujanika@gmail.com

କେଉଁ ଫଳ ଲାଗିହେବ ଲୋକ ପ୍ରଶଂସାରେ
ଅଜାଣନ୍ତ ଯେବେ ନାହିଁ କାହାର ପ୍ରାଣରେ ।
କି ସାଧିବି ନିଜ କର୍ମ ମହତ୍ତ ହରାଇ
କେ ଚାହିଁବ ତବ ଭିନ୍ନେ ବ୍ରହ୍ମାଣ୍ଡ ଗୋସାଇଁ ।
ତୁଅ ସତ୍ୟ ମୋ ଭରସା ଆହେ ଦୟାମୟ
ଆଉ କିଛି ନାହିଁ ମୋର ସାଧିବା ଉପାୟ ।
ବାରପଣ ସଜା ହୋଇ ତବ ଶ୍ରୀ ପୟରେ
ଲୀନ ଯେହ୍ନେ ହୁଏ ପ୍ରାଣ ଆଜ୍ଞା ହେଉବାରେ ।
ଏହା ଭିନ୍ନ ଅନ୍ୟ ଆଶା ନାହିଁ ଏ ପ୍ରାଣରେ
ତବ ଇଚ୍ଛା ପୂର୍ଣ୍ଣକର ଯାହିଁ କରୁଣାରେ ।

●

[ସଂବଲପୁର ହିତୈଷିଣୀ—୧୮-୮-୧୯୧୭
ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

ସାବଧାନ

ଆରେ ଆରେ ବାଇମନ ଏବେ ହୁଅ ସାବଧାନ
ସଂସାର ମାୟାରେ ପଡ଼ି ନହୁଅ ଅଜ୍ଞାନ ।
ଅଜ୍ଞାନରେ ସାର ନାହିଁ ଜାଣି ଭଲ କରି
ଭାବନା ରାଜ୍ୟରେ ଭ୍ରମି ଆଣ ସାର ଭରି ।
ପାପ ବୋଲ ଧର୍ମ ବୋଲ ସବୁକର ଭୋଗ
ଏ କେବଳ ଅଟେ ତୋର କର୍ମାର୍ଜିତ ଯୋଗ ।
ଈଶ୍ୱର ମଙ୍ଗଳମୟ ତାଙ୍କ ଇଚ୍ଛା ବଳେ
ମଙ୍ଗଳ ସାଧନ୍ତି ନିତି ସନ୍ତାନଙ୍କ ଛଳେ ।
ଡାକନ୍ତି ଆନନ୍ଦ ପୂର୍ଣ୍ଣେ ବାଣ୍ଟନ୍ତି ଅମୃତ
ହୃଦୟେ ଢାଳନ୍ତି ସଦା ଆଣି ସ୍ନେହ ଘୃତ ।
ସେହି ପିତା ଚରଣରେ ଅର୍ପିତୁ ଜୀବନ
ଜଗତ ପାଳନ ହରି ନ ଦେବେ କଷଣ ।
ମୋହବଶୁ ଦୁଃଖ କାଳେ ମୁହ ରଗାନ୍ତ
କେବଳ କାରଣ ବୁଝିବାର ତୋ ଉଚିତ ।
ପୃଥିବୀରେ ଯେତେକାଳ ଥିବୁତୁ ଜୀବିତ
ଅମୃତ ଆହାର କରି ସାଧ ଦେଶ ହିତ
ଶୀଘ୍ର ଶୀଘ୍ର ଉପସ୍ଥିତ ହେଉଛି ଯନ୍ତ୍ରଣା
ଧୈର୍ଯ୍ୟ ସହ ଫୁଙ୍କି ଦିଅ ମୋହ କୁମନ୍ତ୍ରଣା ।
ଏଣିକି ଭାବନା କର ଏହି ଶେଷ ଦଣ୍ଡ
ଦଣ୍ଡ ନିମନ୍ତ୍ରଣ କରି ମୁହ ଲଣ୍ଡଭଣ୍ଡ ।
ମଙ୍ଗଳମୟଙ୍କ ରାଜ୍ୟେ ନାହିଁ ଅମଙ୍ଗଳ
ଏହା ଭଲ ରୂପେ ଭାବ ସାଧ କର୍ମ ଫଳ ।
ଶେଷ ଆଶୀର୍ବାଦ ଲଭ ପ୍ରଭୁଙ୍କ ପ୍ରସନ୍ନେ
ତାଙ୍କ ପ୍ରତି ଦୁଃଖ ଆଉ ନ ରଖରେ ମନେ ।

Digitized by srujanika@gmail.com

କେଉଁ ଉଦ୍ଦେଶରେ ବ୍ରହ୍ମା ସିର୍ଜିଲେ ଜଗତ
ବୁଝିକି ଜାଣିଲୁ କହ ସେଥିର ମହତ ।
ଗଢ଼ୁଛନ୍ତି ଜୀବ ପୁଣି ମାରୁଛନ୍ତି ସେହି
ଲୀଳାମୟ ଲୀଳା କରି ଭବ ଦ୍ୟନ୍ତ ନେଇ ।
କର୍ତ୍ତବ୍ୟ ପାଳନ କରୁଛନ୍ତି ଗୌରବରେ
ତାଙ୍କର ଆନନ୍ଦ ମାତ୍ର କେ ଜାଣେ କ୍ଷେତ୍ରରେ ।
ସର୍ବ ଅଗୋଚର ଅଟେ ମାନବ ମାତ୍ରକେ
କନ୍ତୁ ଲୀଳା ରଙ୍ଗେ ମା'ତି ମଜ୍ଜେ ପାପ ପଙ୍କେ ।
ସବୁ ଦେଖି ସବୁ ଭୋଗି ନହୁଅ ସତର୍କ
ପରସ୍ପର ମିଳନରେ କଣୁ କେତେ ଶୋକ ।
ନାନା ପାପ ଜଟିଳରେ ମଜ୍ଜୁ ନିତ ମନ
କାମାଶକ୍ତ ହୋଇ ପୁଣି କରୁ କେତେ କର୍ମ ।
ଶକ୍ତି ପ୍ରକୃତିଙ୍କ ପ୍ରୀତି ଚକ୍ଷୁ ଦ୍ୱାରା ଘଟେ
ସ୍ନାୟୁ ରକ୍ତ ଉଷ୍ମାଇ ପଡ଼ଇ ଲମ୍ଫଟେ ।
ବିଗୃରବିଗୃର ଭବ ସେ କାଳେ ନଥାଏ
ସ୍ନେହ ସୂତ୍ର ହୃଦେ ରଖି ଉଲ୍ଲାସ ନଗୃଏ ।
ସ୍ନେହ ଭଙ୍ଗି ଭବଛଟା ସକଳ ଉନ୍ମାଦ
ସୁଖରେ ବିଭୋଳ ହୋଇ ଲୋଡ଼ନ୍ତି ଆସ୍ୱାଦ ।
ତେଣୁ କରି କଷ୍ଟ ଚିର ନ ଘଟେ ଜୀବନେ
ଯେଣିକି ଠେକିଲେ ହସ୍ତ ପଡ଼ୁରୁ କଣ୍ଟଣେ ।
ଦେଖୁଅଛୁ ସର୍ବ ଚିତ୍ର ଜଗତରେ ଥାଇ
ଧିକ ସେ ମାନବ ବୁଦ୍ଧି କଷ୍ଟ ହେଜୁ ନାହିଁ ।
କୋ ମନୁଷ୍ୟ ଶତ ବର୍ଷ ଜୀବନେ ବଞ୍ଚଇ
କେହି ଗର୍ଭୁ ମୃତ ହୋଇ ଭୂମିରେ ମିଶଇ ।
କେହି ସ୍ଥିର କେ ପାଞ୍ଚ ସେ ମିଶଇ ଅନନ୍ତେ
କେ ଅସ୍ଥାୟୀ ଚିର ସୁଖେ ଧୀଡ଼ଇ ଜଗତେ ।
କୋ ସମୟେ ମୃତ୍ୟୁ ଆସେ ନ ଜାଣଇ କେହି
ଜଗତରେ ଥାଏ ମାତ୍ର ପ୍ରୀତି ସୂତ୍ର ଫେଇ ।

Digitized by srujanika@gmail.com

ମୃତ୍ୟୁ ପରେ ସ୍ୱାଧୀନତା ନ ରହଇ କନ୍ତୁ
କେଉଁ ପଥେ ଚାଲିଯାଏ ଭଲ ମନ୍ଦ ବଞ୍ଛ ।
ଦେଖୁଅଛୁ ସ୍ୱଚକ୍ଷୁରେ ସଂସାର ବିଚିତ୍ର
କେତେ ଯନ୍ତ୍ର ଭଙ୍ଗି ରଙ୍ଗେ ଲିପି ଅଛି ଚିତ୍ର ।
କେତେ ପକ୍ଷୀ ବୃକ୍ଷୋପରେ ବସି ନିଶ୍ଚଳରେ
ନାହିଁ ଖରା ବର୍ଷା ଶୀତ ସମସ୍ତ ନିର୍ଭରେ ।
କେଉଁ ବ୍ୟକ୍ତି ତାଙ୍କ ସେବା କରନ୍ତି ପ୍ରେମରେ
କିସ ରୋଗ କିସ ଶୋକ ନ ଜାଣନ୍ତି ଥରେ ।
ସଦା ଡାଳ ପରେ ବସି କ୍ରୀଡ଼ନ୍ତି ଆନନ୍ଦେ
ନାନା ଜାତି ଫଳ ପୁଣି ଭକ୍ଷନ୍ତି ପ୍ରମୋଦେ ।
ଚିର ସୁଖ ଅନୁଭବ କରେ ପକ୍ଷୀ ପ୍ରାଣ
ଅଜ୍ଞାନର ବସ୍ତୁ ଚିହ୍ନି ନ ପାରନ୍ତି ଜ୍ଞାନ ।
ଚେତନା ନଥିଲେ ସୁଦ୍ଧା ପାଳନ୍ତି କର୍ତ୍ତବ୍ୟ
କିନ୍ତୁ କହି ନ ପାରନ୍ତି ସ୍ୱଭାବ ମନ୍ତବ୍ୟ ।
ପକ୍ଷୀ ଜୀବନକୁ ସରି ନହେଲା ମାନବ
ଭାବ ଥିଲେ କିସ ହେବ ଘଟଇ ଅଭାବ ।
କେତେ ପୁଷ୍ପ କେତେ ବୃକ୍ଷେ ବୃଦ୍ଧି କରେ ଶୋଭା
ଗନ୍ଧ ସୌରଭକୁ ବଞ୍ଛି ଚିତ୍ତକରେ ଲୋଭା ।
ସବୁ ପୁଷ୍ପଥାଏ କିନ୍ତୁ ନଥାଏ ସମାନ
କେହି ମନହର ପୁଣି କେହି ଗନ୍ଧ ହୀନ ।
କେ ପରାଗ ବଞ୍ଛି ବଞ୍ଛି ଧରଣୀ ମଣ୍ଡଇ
କେହି ହୃଦ ରାଜ୍ୟ ବ୍ୟାପି ଆଚ୍ଛନ୍ନ କରଇ ।
ଯେତେ ଚିତ୍ର ଜଗତର ଅଟେ ଏ ରକମ
ସବୁ ଦେଖ ସବୁ ଚାଖ ଅଟେ ଚିତ୍ତ ଭ୍ରମ ।
ଦିନ ଶେଷେ ରାତ୍ରି ଘଟେ ରାତ୍ରି ଶେଷେ ଦିନ
ଅନ୍ଧାରେ ଆଲୋକ ମିଶି ଖେଳାଏ ନର୍ତ୍ତନ ।
ପୁରାତନ ସଙ୍ଗ ସଙ୍ଗେ ପ୍ରବେଶେ ନୂତନ
ନୂତନ ଆକାର ସୁଦ୍ଧା ଲଭଇ ପତନ ।

Digitized by srujanika@gmail.com

ବିଶ୍ୱ ବିଧାତାଙ୍କ ଅଟେ ଏପରି ସର୍ଜନ
ଏ ସବୁ ଅନୁସନ୍ଧାନ କରୁ କରେ ମନ ।
କୋ ବିଜ୍ଞାନ କେଉଁ ଶାସ୍ତ୍ର ଏଥି ବ୍ୟକ୍ତହମେ
ଡ଼ଲପାରେ କହ ଭଲ ସତ୍ୟ ଜ୍ୟୋତି ଧର୍ମେ ।
ଏହି ସବୁ ବୁଝିବାର ନୁହେକ ତୋହର
ମୋହ ସଂକୀର୍ତ୍ତନ କାଳେ ନିଜକୁ ପାଶୋର ।
ଏତେ ବିଶ୍ୱେଳରେ ଅଛୁ କି ପ୍ରକୃତ ସୁଖ
ହତଭାଗ୍ୟ ବିଶ୍ୱ କେତେ ଅର୍ଜୁଥାଇ ଦୁଃଖ ।
ସମୁଦ୍ର ଅସୀମ ଲୀଳା ଅନନ୍ତ ଅପାର
ତହିଁ କ୍ରୀଡ଼ା କରି କୂଳେ ହେଲୁ କିବା ପାର ।
ଉତ୍ତାଳ ତରଙ୍ଗ ଝାମ୍ପି ପକାଇବ ତଳେ
କିନ୍ତୁ ତୋ ଚେତନା ଉଦେ ନୁହେ ହୃଦ ସ୍ଥଳେ ।
ଯେବେ ଚଇତନ ଉଦେ ହୋଇଥାନ୍ତା ତୋର
ଅନ୍ତର ବାହାର ଦେଖି ନୁହନ୍ତୁ କାତର ।
ଯାହାକୁ କି ଆଜ ଦେଖୁ ଜଗତ ମଧରେ
ତାକୁ କାଲ ହରାଇଣ ବସୁ ନିରଣରେ ।
ଅସ୍ଥାୟୀ ଅସ୍ଥାୟୀ ସର୍ବ ଜୀବନ ଅସ୍ଥାୟୀ
କାହାପାଇଁ କାନ୍ଦ ବସୁ ହେଜୁନାହୁଁ ବାଇ ।
ଗର୍ଭରୁତୋ ଗଲ୍ପ ବୋଲି ଏକ ମୃତ୍ୟୁ ବାଲ
ଏଥିପାଇଁ ଚିନ୍ତାକରୁ ବିସ୍ତରେ ନଭାଳ ।
ତତେ ତ ନିଷ୍ଠୁରେ ହନେ ନମନ୍ତ୍ରିବ କାଳ
ତୋ ଅବସ୍ଥା ନ ଦେଖିବ ଝିଙ୍କି ନେବ ବାଳ ।
ତାହାର କର୍ତ୍ତବ୍ୟ ସେହି ପାଳିବ ରାଜ୍ୟରେ
ତେବେ ତୁହି କି କରିବୁ କହ ମତେ ଥରେ ।
କଉଣସି ବସ୍ତୁ ଦେଖି ନୁହ ଆସକତ
ସାବଧାନ ସାବଧାନେ ଚଳ ତୁ ଜଗତ ।

★

[ସଂବଲପୁର ହିତୈଷିଣୀ—୨୫-୫-’୧୮ ସଂଖ୍ୟାରେ ପ୍ରକାଶିତ]

Digitized by srujanika@gmail.com

ମନ ଜୀବନ ମେଳ

ତେଜଯାଇ ଅଛି ଅଚେତନା ଭାବ
ଉଇଁଛି ଚୈତନ୍ୟ ଇନ୍ଦୁ
ଉଷା ଆଶା-ରାଣୀ ଢେଳ କପୋଳରେ
ହରସ-ସିନ୍ଦୁର ବିନ୍ଦୁ ।
ଅଜ୍ଞାନ ନିଦ୍ରାକୁ ତେଜଣ ସତ୍ୱର
ଉଠ ଉଠ ମନ ମୋର
ଶାନ୍ତ ଅର୍ଘ୍ୟ ପୂର୍ଣ୍ଣି ଢେଳବୁ ମସ୍ତକେ
ଦୂର ହେବ ଚିନ୍ତା ତୋର ।
ଚଉପାଶେ ତୋର ବେଢ଼ିବେ ଆନନ୍ଦେ
ପ୍ରକୃତି ସୁନ୍ଦରୀ ଦେବୀ
ପଦ ମଂଗୁଳିବେ ଦାସୀଗଣ ସଙ୍ଗେ
ପାଉଛି ମୁଁ ନିଜେ ନେବ ।
ମରଣ ଶଯ୍ୟାକୁ ତେଜ ଦେଇ ବେଗେ
ଉଠ ଉଠ ମନ ବୀର
କେତେ ପ୍ରଜାଗଣ ବେଢ଼ି ବସିଛନ୍ତି
ଭାବରେ ହୋଇ ଗମ୍ଭୀର ।
ପକ୍ଷୀଗଣ ସୁଦ୍ଧା ବସି ବୃକ୍ଷଡାଳେ
କରନ୍ତି ସୁସ୍ୱର ନାଦ
ବଢ଼ାନ୍ତି ସଙ୍ଗୀତ ବଜାଅନ୍ତି ବୀଣା
ତାନରେ ମିଶି ଆସ୍ୱାଦ ।
ଧୀର ସମୀରଣ ବହେ ଧୀରେ ଧୀରେ
ନିଜ ଋତୁ ସଙ୍ଗେ ଧରି
ଜଗତ ଆନନ୍ଦ କରଇ ସ୍ନେହରେ
ନିଜ କର୍ମ ପରିହରି ।

Digitized by srujanika@gmail.com

କେତେ ବୃକ୍ଷ ରାଜି ତୋଳି ନିଜ ପୁଷ୍ପ
ଗୁନ୍ଥି କରିଛନ୍ତି ମାଳା
ତୋର କଣ୍ଠ ଦେଶେ ଦେବେ ଭାବିଛନ୍ତି
ନାଶିବେ ଅନ୍ତର ଜାଳା ।

ପୁଣି ପକ୍ୱ ଫଳ ଦେବେ କରେ ଅର୍ପି
ସାଧି ନେବେ ନିଜ ଧର୍ମ
ଉଠ ଉଠ ମନ ତେଜ ଗାଢ଼ ତନ୍ଦ୍ରା
ଶୁଣି ମୋର ନିବେଦନ ।

ଦେଖ ଚନ୍ଦ୍ର ତାରା ସୂର୍ଯ୍ୟ ଆଦି କରି
ଦିଅନ୍ତି ଅମୃତ ଢାଳି
ଜଗତ ବାସିଏ ଯେ ଯାହାର କର୍ମ
ସାଧନ୍ତି କର୍ତ୍ତବ୍ୟ ପାଳି ।

ସକଳଙ୍କ ମନ କରନ୍ତୁ ଆନନ୍ଦ
ଦେଖାଇ ହରଷ ମୁଖ
ହରଷରେ ଜାଣ ଅଛି ଶାନ୍ତ ପ୍ରାପ୍ତି
ଭୁଞ୍ଜ ନାହିଁ ବୃଥା ଦୁଃଖ ।

ଫେଡ଼ ତୁ ନୟନ ଚାହିଁ ଚାହିଁ ଥରେ
ପାଇବୁ ଦୁଃଖରୁ ଶାନ୍ତି
ସ୍ୱଭାବକ ଦଣ୍ଡ ଭୋଗି ଦେଲି ବୋଲି
ଗ୍ଲାନିରେ ନ ଭୂଷ କାନ୍ତି ।

ଆସି ଅଛୁ ଏକା ଯିବୁ ପୁଣି ଏକା
ନ ଯିବେ ସଙ୍ଗରେ କେହି
ଜାଣି ଶୁଣି ବଣା ନ ହୁଅରେ ମନ
ଖେଳ ଚରିତ୍ର ଲୋଡ଼ା ସ୍ନେହୀ ।

Digitized by srujanika@gmail.com

ଧିକ ପ୍ରୀତି ପଣ ଦୂର କର ତାକୁ
କରି କୋଟି ନମସ୍କାର
ନଜେ ଧର ଧୈର୍ଯ୍ୟ କର୍ମେ ହୁଅ ସଜ
ଜଗତରୁ ଖୋଜ ସାର ।

●

[ଅପ୍ରକାଶିତ ଥିଲା-କବିଙ୍କର ହାତଲେଖା
ପାଣ୍ଡୁଲିପିରୁ ସଂଗୃହୀତ]

Digitized by srujanika@gmail.com

ମନର ଉତ୍ତର

ଶୁଣିଲି ଖବର ବନ୍ଧୁ
ମନ ଉଠିଲା ଝରେ
ଚକ୍ଷୁ ମେଲ ଖୋଜେଁ ସବୁଙ୍କୁ
ଛଳ ଭାବ ହୃଦରେ ।
କାହିଁକି ବ୍ୟାକୁଳ ଚିତ୍ତରେ
ଏତେ ଉଠାଉ ମତେ
କଷ୍ଟ ଅବା ଶର ପାଇଲି
ଏହି ମାୟା ଜଗତେ ।
ଅସ୍ଥାୟୀ ପ୍ରେମରେ ନିମଜ୍ଜି
ହେଉ ଏତେ ଉତ୍କଣ୍ଠ
କାହାଠାରୁ କଷ୍ଟ ପାଇଲି
ଦେଖ ନିଜ କପଟ ।
ଭୁଲିଗଲି ଏତେ ବେଗରେ
ଭୋଗି ଥିବା ଯନ୍ତ୍ରଣା
ପୋଛି ଦେଲି ହୃଦ ପଟରୁ
ପ୍ରୀତି ଭାବ ମନ୍ତ୍ରଣା ।
ପୁଣି ତୁ ନୂତନ ଆକାର
ଧରୁ ନବ ଆଶାରେ
ପୂର୍ଣ୍ଣ ହେବ ବୋଲି କାମନା
ଭାବ ଅଛୁ ବକ୍ଷରେ ।
ନାହିଁ ନାହିଁ କେବେ ଏକଥା
ହେବ ନାହିଁ ତୁ ଜାଣ
ନବ ଆଶା ଦ୍ୱାରେ ନ ଜାଗି
ବାନ୍ଧ ତୋ ନିଜ ଠାଣ ।

Digitized by srujanika@gmail.com

ଜନ୍ମ କାଳୁ ଅଛୁ ତୁ ପରା
ମୋର ପ୍ରାଣର ସଙ୍ଗ
ବଢ଼ିଲେ ଏକଇଁ ପ୍ରାଣରେ
କରି କୁମାରି ସଙ୍ଗ ।
ଭାବ ରାଜ୍ୟ ଭାବ ଗୋଟାଇ
ଥିଲେ ଏକ ସଦନେ
ଚକିତ ଥକିତ ଆଲୋକେ
ଦେଖୁଥିଲେ ନୟନେ ।
କସ ସାର ଅବା ଦେଖିଲ
କହ ମୋତେ ବୁଝାଇ
ବାଉଳ ପଣକୁ ତୋହର
ତେଜ ନାହୁଁ କ ବାଇ ।
କେଉଁ ଶାନ୍ତ ଆସି ଚତ୍ତରେ
ନିତି ସଙ୍କୁଳ ଥାଏ
ଦେଖି ତୋର ଲୀଳା କାଳମା
କେତେ ପ୍ରୀତି ବଢ଼ାଏ ।
ଦେହକର ଯୋଡ଼ି କେତେ ତୁ
ବନ୍ଦୁ ମିନତି ଭାବେ
କେହ୍ନି ତୋର ଅଙ୍ଗ ଅଣ୍ଡାଳ
ଶାନ୍ତ ଡ଼ାଳନ୍ତି ରବେ ।
କା'ର ଗୁଣ କା'ର ଇଙ୍ଗିତ
ହୃଦେ ନାହିଁ କ ଲକ୍ଷି
ଜଗତ ବଚନ କେବଳ
ଅଟେ ଆତ୍ମର ସାକ୍ଷୀ
ଉଭେଇ ଯାଉଛି କେବଳ
ଲୀଳା କୌତୁକ ଛବି
ସମସ୍ତ କରଣ ଗଲଣି
ଛାଇ ପାଏ ମୂରବି ।

Digitized by srujanika@gmail.com

ସୁଧୀର ଚତ୍ୱରେ ଦେଖରେ
ତୋର ସମ୍ପୂ ପଥ
ତା ପୁର ନିବାସୀ ସ୍ୱଜନ
ଦେବ ସୁବର୍ଣ୍ଣ-ରଥ
ବସିବା ଆନନ୍ଦେ ତହିଁରେ
ଝାଡ଼ି ଦେବା ମସ୍ତକ
ପୂଜିବା ଜୀବନ-ଦେବତା
ଗୃହି ଚରଣୋଦକ ।
ଅସମ୍ମାନ ନହୁଅ କଦାପି
ସାଧ ନିଜ କଲ୍ୟାଣ
ସ୍ୱପନ-ଅଞ୍ଜନ ନ ଲେପ
ଥାଉ ସତ୍ୟ ନୟନ ।
ଗୃହି ପିବା ଶାନ୍ତ ମନ୍ଦିର
ଦେଖି ଆସିବା ଥରେ
ମଧୁର ମୁରଲୀ ଶବଦ
ବାଜୁ ଅଛି କର୍ଣ୍ଣରେ ।
ଡାକିବା କୋମଳ ସ୍ୱରରେ
ଆସ ପ୍ରାଣ ସଙ୍ଗାତ
ଭୁଲି ଅଛୁ ଦୁଃଖ ପାଶୋରି
ପ୍ରେମ ଦେବୁକ ଢାଳ ।
ନୀରବେ ବସିବା ଏକାଗ୍ରେ
ଏକ ଆସନ ମାଡ଼ି
ମିଳନ ମନ୍ତ୍ରକୁ ଫୁଙ୍କିବା
ଅନୁତାପକୁ ଛାଡ଼ି ।
କ୍ଷଣେ ଭୁଲି ହୋଇ ଜୀବନ
ସବୁ ଚେଷ୍ଟା ସଫଳ
ଶେଷ ଜୀବନର ସଙ୍ଗୀତ
ହୃଦେ ନାଚ ଉଠିଲା ।

Digitized by srujanika@gmail.com

ଉଭୟ ମିଳନ ସମୟେ
ମୁଖେ ଖେଳି ହରଷ
ଆସ ଆସ ଶାନ୍ତି ଦେବୀ ଗୋ
ବେଗେ ହୃଦାସେ ବସ ।
ସେହି ହସେ ଥିବ ସଂପୂର୍ଣ୍ଣ-
ମନ କାମନା ଫଳ
ସେଫଳ ପାଇବା ସମୟେ
ପଦେ ଲୁଟିବ ବଳ ।
ବଳପାଇ ଧୈର୍ଯ୍ୟ ବୃକ୍ଷରୁ
ତୋଳି ଚେତା ସୁମନ
ଗୁନ୍ଥିବା ସରଳ ବନ୍ଧେଲେ
ଟେକି ନିଜ ଯତନ ।
ଯତନେ ରତନ ମଣ୍ଡାଇ
କରେ ଧରିବା ମାଳା
କାମନା ବିଅନ୍ଥୁ ଛିଣ୍ଡାଇ
ଦେବା ମୃତ୍ୟୁର ଗଳା ।
ଶେଷ ସମୟରେ ଲକ୍ଷ୍ୟଟି
ରଖିଥିବା ନିର୍ଭୟେ
ଦେଖିଲେ ମୃତ୍ୟୁର ଗମନ
ଲୁଟି ଯିବା ଉଭୟେ ।

●

[ଅପ୍ରକାଶିତ ଥିଲା—କବିଙ୍କ ହାତଲେଖା ପାଣ୍ଡୁଲିପିରୁ ସଂଗୃହୀତ]

Digitized by srujanika@gmail.com

ମନ

ହସ ଭରା ମୁଖେ   ପ୍ରେମ ଭରା ସୁଖେ
ଉପସ୍ଥିତ ବୀର ବେଶେ
କହେ ବୀର ଭାଷା   ଠେକାଇ ଲାଳସା
ମତେ ଭୁଲ କଥା ଶେଷେ ।
ମୁହିଁ ଜୀବନର   କର୍ତ୍ତବ୍ୟ ସୁନ୍ଦର
ଶେଷ କରେ ଚନ୍ଦେ ଢୂରି
ମାନବର ଗର୍ବ   କରିଯାଏ ଖର୍ବ
ଆପଣା ହାତରେ ଚୁରି ।
ଖେଳେ ବନ ଘନ   ଖେଳଇ ଭୁବନ
ଚଞ୍ଚଳେ ଦମକି ଉଠି
ଛଟିମାର ନୀର   ପିଏ ଧୀର ଧୀର
ଠେକି ରଖେ ବେନି ମୁଷ୍ଟି ।
ଆଣେ ସନ୍ଧ୍ୟା ବାୟୁ   ଶେଷ କରେ ଆୟୁ
ମିଶାଇ ସୁମନ ବାସେ
ଇଚ୍ଛାରେ ଗୃଲଇ   ଇଚ୍ଛାରେ ଆସଇ
ଇଚ୍ଛାରେ ବୁଲି ଉଲ୍ଲାସେ ।
ଅନ୍ୟ ସାଧେ ମୋର   ନାହିଁ କାରବାର
ଭାଗି ନୁହେ କାହା ଲାଗି
ମଧୁର ସ୍ୱପନ   ଦେଖାଏ ମୋହନ
ସ୍ନେହେ କର ଅନୁରାଗୀ ।
ବଢ଼ାଏ ଜୀବନ   କରାଏ ମିଳନ
ଏକ କର ଏକେ ଦେଇ
ଛନ୍ଦରେ ଆନନ୍ଦ   ବନ୍ଦନେ ସମ୍ପଦ
ଇଚ୍ଛା କଉଶଳେ ନେଇ ।

Digitized by srujanika@gmail.com

ନିଜ ଗୀତ ଗାଇ   ନାଚେ ତାନ ବାନ୍ଧି
ଚୁମ୍ବଇ ଜୀବନ ପଥ
ଦେଖେ ଘନେ ଶଶୀ   ଡ଼ାକେ ହସି ହସି
ଚଲାଇ ମୋ ଇଚ୍ଛା ରଥ ।
ଇଚ୍ଛା ପାରାବାରେ   ସନ୍ତରେ ପ୍ରେମରେ
ଭସାଇ ମୋ ଇଚ୍ଛା ତରୀ
ସୁମନ ସୌରଭ   ଚୁମ୍ବଇ ଗୌରବ
ଇଚ୍ଛାରେ ଆସି ପହଁଚ ।
ଚନ୍ଦ୍ରର ଜୋଚ୍ଛନା   ଆଣେ ମୋ କାମନା
ଡ଼ଳାଏ ସାଗର ବକ୍ଷେ
ଖେଳାଏ ତରଙ୍ଗ   ଡ଼ାକେ ଇଚ୍ଛା ସଙ୍ଗ
ଇଚ୍ଛାରେ ମିଶଇ ଲକ୍ଷେ ।
ଲଚ୍ଛାରେ ଭସାଏ   ଅସୀମ କୂଳରେ
ବକ୍ଷରେ ଲେଖାଏ ଚିତ୍ର
ଡ଼ଳାଏ ଜଣକୁ   ଠେକାଏ ଅନ୍ୟକୁ
ଦେଖାଇ ମାନସ ଚିତ୍ର ।
ମୋହର ନିଶ୍ୱାସେ   ମୋହର ସାହସେ
ଉତ୍ପତ୍ତି କରେ କଳ୍ପନା
ଆସେ ଭାବ ଝର   ଯାଏ ଥରି ଥରି
ଶୁଭ୍ର ସୁହାସ ବଦନା ।
ମାନବର ଖେଳା   ମାନବର ଲୀଳା
ଯାଏ ଆସି ହସି ହସି
ଦେଖି ମୁଁ ଦେଖାଏ   ଖେଳି ମୁଁ ଖେଳାଏ
ପୂର୍ଣ୍ଣ ଆନନ୍ଦ ପ୍ରକାଶି ।
ମୋହର ରାଜତ୍ୱ   ଅଟଇ ମହତ୍ତ
ସର୍ବେ ଅଟ ମୋର କଣା
ପାଳଇ ପାଳନେ   ସାଧଇ ସାଧନେ
ବଜାଇ ମୋ ଯୁଗ ବୀଣା ।

●

[ରଚନା କାଳ—୨୮-୩-୧୯୩୪, ପାଣ୍ଡୁଲିପିରୁ ସଂଗୃହୀତ]

Digitized by srujanika@gmail.com

ବିଚ୍ଛେଦ-ମିଳନ

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ନାରୀକବି ଅନ୍ନପୂର୍ଣ୍ଣା ୧୯୩୫ ସାଲ ନଭେମ୍ବରଠାରୁ ମେ ୧୦ ତାରିଖ ପର୍ଯ୍ୟନ୍ତ ମୁରଦାବାଦ (ୟୁ. ପି.)ରେ ଥିଲେ । ସେହି ସମୟରେ ଲେଖା ହୋଇଥିବା କେତେଗୋଟି ପଦ୍ୟ ଏହି ବିଚ୍ଛେଦ-ମିଳନରେ ପ୍ରକାଶିତ ହୋଇଅଛି । ପୁନଶ୍ଚ ଅନ୍ନପୂର୍ଣ୍ଣା ୧୯୪୦ ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ବାଲେଶ୍ୱରରେ ଥିଲେ ସେସମୟର ପଦ୍ୟ କେତେ ଏଥିରେ ଅଛି । ପାର୍ଥିବ, ଅପାର୍ଥିବ ପ୍ରେମ-ଚିନ୍ତନର ବିବିଧ ଐଶ୍ୱର୍ଯ୍ୟ ଏହି କବିତାବଳୀରେ ବିଦ୍ୟମାନ । ନାରୀ ମନର ସଂଯତ ଉଦ୍‌ବେଗ, ପ୍ରତି କବିତାରେ ଉତ୍କୀର୍ଣ୍ଣ । ନାରୀ-ମନ, ବ୍ୟକ୍ତିକେନ୍ଦ୍ରିକ ଘଟଣା ଗୁଡ଼ିକ ଭିତରୁ କିପରି ସାର୍ବଜନୀନ ଚିନ୍ତାର ବୀଜ ସଂଗ୍ରହ କରିପାରିଛି, ତାର ନିଦର୍ଶନ ଏଥିରୁ ମିଳେ । ନାରୀ-କବିଙ୍କର ସ୍ୱାମୀ ଶ୍ରୀରାମ ପଟ୍ଟନାୟକ ବିଚ୍ଛେଦ-ମିଳନାତ୍ମକ କବିତା ଗୁଡ଼ିକୁ ନିର୍ବାଚନ କରି ଏକାଠି ୧୯୪୧ ମସିହାରେ ଏହି ନାମରେ ପ୍ରକାଶ କରିଥିଲେ । ତାହାକୁ ଅପରିବର୍ତ୍ତିତଭାବେ ଏଠାରେ ସନ୍ନିବେଶିତ କରାଯାଇଛି ।

ଶ୍ରୀ କ୍ଷେତ୍ରବାସୀ ନାୟକ,
ସଂପାଦକ

Digitized by srujanika@gmail.com

ଉ ପ ହା ର

ଶ୍ରୀମତୀ ଅନ୍ନପୂର୍ଣ୍ଣା,

ବିଚ୍ଛେଦ ପରେ ମିଳନ ବଡ଼ ମଧୁମୟ ହୁଏ ।

୧୯୪୦ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସଠାରୁ ଆଜସୁଦ୍ଧା ତୁମେ ମୋତେ ଛାଡ଼ି ବାଲେଶ୍ୱରରେ ପୁଅ ପାଖରେ ଥିଲ । ଜୀବନର ଏକାଧିବାର ଏପରି ବିଚ୍ଛେଦ ଘଟିଛି । କିନ୍ତୁ ଏଥର କାହିଁକି ତାହା ହୃଦୟସ୍ପର୍ଶୀ ହୋଇଛି ।

ତୁମ ଅଭାବରେ ମୁଁ ବହୁତ କଥା ଭାବୁଛି—ଜୀବନର ବହୁତ ଘଟଣା ମନେ ପଡ଼ୁଛି । ୧୯୦୦ ଖ୍ରୀଷ୍ଟାବ୍ଦର ମେ ମାସ—ବିବାହ ପରେ ଆମ ଦୁହିଁଙ୍କର ପ୍ରଥମ ମିଳନ । ୧୯୦୨ରେ ତୁମର ପ୍ରଥମ ପଦ୍ୟ ଲେଖା ଆରମ୍ଭ । ସେ ଦିନରୁ ଏ ପର୍ଯ୍ୟନ୍ତ ତୁମର ଧାରବାହିକ ଲେଖା ଚାଲିଛି—ଝରଣାରୁ ନିର୍ମଳ ଝର ବହିଲା ପରି । ଜୀବନର କେତେ ସୁଖ ଦୁଃଖ, ଆପଦ ବିପଦ, ଉତ୍‌ଥାନ ପତନ, ନିନ୍ଦା ଅପମାନ ଏବଂ ବିଚ୍ଛେଦ ଓ ମିଳନ ଘଟିଛି—ଏ ସବୁଥିରେ ତୁମର ଅବିଶ୍ରାନ୍ତ ଲେଖା ଚାଲିଛି—ବିରାମ ନାହିଁ ।

ପାଖରେ ଥିଲେ ଯେପରି ପ୍ରତିଦିନ ନିଜର ମନୋଭାବ ପ୍ରକାଶ କରିବା ପାଇଁ ତୁମେ ଖଣ୍ଡିଏ ଦିଖଣ୍ଡି ପଦ୍ୟ କିମ୍ବା ଗଦ୍ୟ ଲେଖା ଲେଖି ମୋତେ ଦେଉଥିଲ, ଦୂରରେ ରହି ମଧ୍ୟ ଠିକ୍ ସେହିପରି ଲେଖା ମୋ ପାଖକୁ ପଠାଉଥିଲ । ତୁମର ଏସବୁ ଲେଖା ଗୁଡ଼ିକ ପାଠ କରି ମୋ ମନରେ ଯେଉଁ ଅସୀମ ସୁଖ ଅନୁଭବ କରେ ତାହା କେବଳ ମୁଁ ଏକା ଜାଣେ ।

ପ୍ରାୟ ସାତ ମାସ ପରେ ଆଜ ଆମର ମିଳନ ଘଟିଛି । ଜୀବନର ସୂର୍ଯ୍ୟାସ୍ତ ସମୟରେ ଏପରି ବିଚ୍ଛେଦ-ମିଳନ କିପରି ସୁଖଦାୟକ ତା' ବେଶ ଅନୁଭବ କରିବ ।

ତୁଳସୀ ପତ୍ରକୁ ନେଇ ତୁଳସୀ ବୃକ୍ଷରେ 'ଲାଗି' କରିବା ଆମ ଦେଶରେ ଗୋଟିଏ ପ୍ରଥା ଅଛି । ତୁମ ଯୋଗ୍ୟ ଉପହାର ପାଇଁ ମୋର ବ୍ୟକ୍ତିଗତ ଭାଷା କିମ୍ବା ଭାବ ନ ଥିବାରୁ କେବଳ ତୁମ ରଚିତ କବିତା କେତେ ଖଣ୍ଡି ପୁସ୍ତକାକାରରେ ଛାପି ଏଇ 'ଉପହାର' ଦେଉଛି ।

ଏଇ ମିଳନ ସମୟରେ ମୋର ସ୍ନେହ ପୂର୍ଣ୍ଣ 'ଉପହାର'ଟି ଗ୍ରହଣ କରି ସୁଖୀ କରାଇବ ।

ବ୍ରହ୍ମପୁର
୨୦-୫-୪୧

ତୁମର ଜୀବନବନ୍ଧୁ
ଶ୍ରୀରାମ

Digitized by srujanika@gmail.com

ନାରୀକବି ଅନ୍ନପୂର୍ଣ୍ଣା

ନାରୀକବି ଅନ୍ନପୂର୍ଣ୍ଣାଙ୍କ ସହିତରେ ମୋର ପରିଚୟ ଆଜକୁ ୨୫ ବର୍ଷ ହେଲା । ସେ ସୁଖର ସ୍ମୃତି ଆଜି ଏହି ୨୫ ବର୍ଷର ଜୀବନ ଯାତ୍ରା ପରେ ମଧ୍ୟ ସୁଖର ହୋଇ ରହିଅଛି । ଆଜି ଅନ୍ତର ମଧ୍ୟରେ ନାରୀକବି ଅନ୍ନପୂର୍ଣ୍ଣାଙ୍କ ପ୍ରତି ମୋର ଶ୍ରଦ୍ଧା ଓ ପ୍ରୀତି ସେହିପରି ଜାଗ୍ରତ ଅଛି; ଯେପରି ୨୫ ବର୍ଷ ପୂର୍ବରେ ଜନ୍ମିଥିଲା । କେବେ ହେଲେ ଦିନକ ପାଇଁ ମଧ୍ୟ ତାହା କମି ନାହିଁ ବା ତିକ୍ତତା ପ୍ରାପ୍ତ ହୋଇନାହିଁ । ଏହି ଗୋଟିଏ କଥାହିଁ ତାଙ୍କ ଜୀବନର ମହତ୍ତ୍ୱ ବୁଝାଇ ଦେବ ।

ସଂପଦରେ ନାରୀକବି ଅନ୍ନପୂର୍ଣ୍ଣାଙ୍କୁ କେବେହେଲେ ଦେଖି ନାହିଁ । ଦୁଃଖ ମଧ୍ୟରେ, ଦାରିଦ୍ର୍ୟ ମଧ୍ୟରେ, ଅଭାବ ମଧ୍ୟରେ, ଜୀବନ ସଂଗ୍ରାମ ମଧ୍ୟରେ ମୁଁ ନାରୀକବି ଅନ୍ନପୂର୍ଣ୍ଣାଙ୍କୁ ଦେଖିଅଛି ।

ନାରୀକବିଙ୍କର କବିତ୍ୱ ମୋତେ ଯେତେ ଦୂର ଆକର୍ଷଣ କରିନାହିଁ ଯେତେଦୂର ତାଙ୍କର ନାରୀତ୍ୱ ମୋତେ ଆକର୍ଷଣ କରିଛି, ଯେତେଦୂର ତାଙ୍କ ଭିତରେ ମାନବତ୍ୱ ମୋତେ ଆକର୍ଷଣ କରିଛି ।

ଅବଶ୍ୟ ନାରୀକବି ଅନ୍ନପୂର୍ଣ୍ଣାଙ୍କ ପ୍ରତି ପ୍ରଥମ ଆକର୍ଷଣ ତାଙ୍କ କବିଖ୍ୟାତି ଯୋଗୁଁ, କିନ୍ତୁ କବି ଏକ କଥା । ମାତ୍ର ମାନବ ଯେତେବେଳେ କବି ଭିତରେ ମାନବକୁ ପାଏ ଏବଂ କବିତାଠାରୁ ଅଧିକ କରି ପାଏ ସେତେବେଳେ ସେ ଅଧିକଟା ହିଁ ଗ୍ରହଣ କରେ । ସୁତରାଂ ମୁଁ କବିତାଟା ଫିଙ୍ଗିଦେଇ ଆଜି ନାରୀକବିଙ୍କ ମଣିଷତ୍ୱଟା ଗ୍ରହଣ କରିଅଛି । ଏହା ବୋଲି କହୁନାହିଁ ଯେ ନାରୀକବିଙ୍କ କବିତା ମଧ୍ୟରେ କିଛି ନାହିଁ ବୋଲି ।

ଗୋଟିଏ କଥା ତାଙ୍କ କବିତା ମଧ୍ୟରେ ଲକ୍ଷ୍ୟ କରିଅଛି—ତାହା ତାଙ୍କର Mysticism ବା ରହସ୍ୟବାଦ ବା ମର୍ମିବାଦ । ଯେଉଁ ରହସ୍ୟ ବାଦର କଥା ଆଜି ଗଣ୍ଡିର ଭିତରେ ଅନେକ ଆଲୋଚନା କରାଯାଇଅଛି । ସେହି ରହସ୍ୟବାଦହିଁ ମୁଁ ସର୍ବ ପ୍ରଥମ ଓଡ଼ିଆ ସାହିତ୍ୟରେ ତାଙ୍କ କବିତାରେ ହିଁ ଦେଖିବାକୁ ପାଏଁ ଏବଂ ଆଜି ପର୍ଯ୍ୟନ୍ତ ସେହି ରହସ୍ୟ ଭେଦ କରି ତାଙ୍କ କବିତା ମୁଁ ସଂପୂର୍ଣ୍ଣ ରୂପେ ବୁଝିପାରି ନାହିଁ ।

Digitized by srujanika@gmail.com

ଏହି ସଂପର୍କରେ ଆଉ ଗୋଟିଏ କଥା କହିବି । ତାଙ୍କର କବିତାରେ ଏହି ଅନ୍ତର୍ମୁଖୀ ଫଲ୍‌ଗୁ ପ୍ରବାହିନୀ ଭାବଧାରକୁ ହୃଦୟଙ୍ଗମ ଅନେକେ କରି ନ ପାରିବାରୁ ସେ ଅନେକ ସମୟରେ ହତାଶ ହୋଇ ସହଜ ସରଳ ସୁବୋଧ କରି କବିତା ଲେଖିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ହେଲେ କଣ ହେବ ? ତଥାପି ତନ୍ମଧ୍ୟରେ ରହସ୍ୟର ରେଖା ରହିଯାଏ ଏବଂ ସେହି-ଠାରେହିଁ ଗୋଲମାଲ ବୋଧହୁଏ ।

ନାୟିକବି ଅନ୍ନପୂର୍ଣ୍ଣାଙ୍କ କବିତାର ମର୍ମ—ନାରୀ ଜାତିକୁ ପୁରୁଷ ଜାତି କପରି ଅତ୍ୟାଚାର କରି ରଖିଅଛି, ନୀଚ ବ୍ୟବହାର କରୁଅଛି ଏବଂ କପରି ନାରୀ ଜାତିପ୍ରତି ଅଧିକରୁ ଅଧିକତର ମର୍ଯ୍ୟାଦା ନର ଦେଇପାରିବ ସେଥିପାଇଁ ତାଙ୍କର ଭାବନା । ଏହାହିଁ ତାଙ୍କର କବିତାର ଅଧିକାଂଶ, ଏହାହିଁ ତାଙ୍କ କବିତାର ମର୍ମସ୍ଥଳ ।

ନାୟିକବି ଅନ୍ନପୂର୍ଣ୍ଣାଙ୍କୁ ଅନେକେ ଅନେକ ସମୟରେ ଭୁଲ ବୁଝିଛନ୍ତି । କବିବର ରାଧାନାଥ ନାୟିକବିଙ୍କୁ ଲେଖିବାକୁ ମନା କରିଥିଲେ ଅଥବା ଏହା କହିଲେ ଠିକ୍ ହେବ ଯେ ତାଙ୍କ କବିତା ଆଦି ପ୍ରକାଶ କରିବାକୁ ମନା କରିଥିଲେ । ସେ ଭାବିଥିଲେ ଯେ ତାଙ୍କ କବିତା ଦୁର୍ବୋଧ ହେବାରୁ ତାହା କୌଣସି କାର୍ଯ୍ୟରେ ଲାଗିବ ନାହିଁ । ଚନ୍ଦ୍ରମୋହନ ମହାରଣା ମହାଶୟ ସର୍ବ ପ୍ରଥମେ ନାୟିକବି ଅନ୍ନପୂର୍ଣ୍ଣାଙ୍କ କବିତା ସଂଗ୍ରହ କରି ଖଣ୍ଡିଏ ପୁସ୍ତକ ପ୍ରକାଶ କରିଛନ୍ତି । ଚନ୍ଦ୍ରମୋହନ ମହାରଣାଙ୍କ ଏହି ଅନୁଭୂତି ଓ ସମପ୍ରାଣତା ଯୋଗୁଁ ନାୟିକବି ଅନ୍ନପୂର୍ଣ୍ଣାଙ୍କ କବିତା ଲେଖିବାର ଗତିପଥରେ ବାଧା ହୋଇନାହିଁ । ପୁଣି "ସମ୍ବଲପୁର ହିତୈଷିଣୀ" ପତ୍ରିକା ସାହାଯ୍ୟରେ ନାୟିକବି ଅନ୍ନପୂର୍ଣ୍ଣାଙ୍କ ଅନେକ ଲେଖା ଓ ଭାବଧାରା ଲୋକ ସମ୍ମୁଖରେ ପ୍ରକଟିତ ହୋଇଥିଲା ।

ଆଜି "ସମ୍ବଲପୁର ହିତୈଷିଣୀ" ବାମଣ୍ଡାରୁ ବହୁକାଳ ଧରି ବନ୍ଦ ହୋଇଗଲାଣି । ନୂତନ ରାଜା ମହୋଦୟ ଏ ମଧ୍ୟରେ ମନ ଦେଲେ ଉତ୍କଳ ସାହିତ୍ୟର ବହୁ ମଙ୍ଗଳ ସାଧିତ ହୁଅନ୍ତା ।

ମୁଁ ଅଧିକ କଣ କହିବି; ଏହି ପରିବାରର ଉନ୍ନତି କାମନା କରେ । ପରିଶେଷରେ ଏତିକି କହିବି ଯେ ଏହି ପରିବାରର ସନ୍ନିକଟରେ ମୁଁ ଏପରି

Digitized by srujanika@gmail.com

ସଂପୃକ୍ତ ହୋଇଯାଇଛି ଯେ ମୋ ମଧ୍ୟରେ ଆଉ ପରିବାର ମଧ୍ୟରେ ଦୂରତ୍ୱ କିଛି ନାହିଁ । ଅନ୍ୟଭାବ କିଛି ନାହିଁ । ଯେପରି କି ମୁଁ ତାଙ୍କ ପରିବାରର ଜଣେ ଅତି ଆପଣାର ଏବଂ ମୋ ପକ୍ଷରେ ମଧ୍ୟ ସେମାନେ ଯେପରି ମୋର । ପୁଣି ଆହୁରି କହିବି "ଯେପରି ମୋର"ଟା ଯେପରି ତଥାପି ଦୂରତ୍ୱ ସ୍ଥାପନ କରିଛି । ସୁତରାଂ କହିବି *ମନୋରମା, ମନମୋହନ, ପ୍ରେମ ଏମାନେ ଯେପରି ମୋର ପୁଅ କନ୍ୟାଗଣ ପୁଣି କହିଲି ସେପରି । ଭାଷାର ଅନୁବାଦ ହେଉଛି । ତେବେ ଏହିଠାରେ ଥାଉ ।

ନାଟ୍ୟକବି ଅନ୍ନପୂର୍ଣ୍ଣାଙ୍କର ସନ୍ତାନମାନଙ୍କ ଶିକ୍ଷାପାଇଁ ଯେଉଁ, ଯେଉଁମାନେ ସାହାଯ୍ୟ କରିଅଛନ୍ତି ସେମାନଙ୍କ ପ୍ରତି ନାଟ୍ୟକବି ଆପଣାର କୃତଜ୍ଞତା ଚିରକାଳ ଦେଖାଇ ଆସିଛନ୍ତି ଏବଂ ସେହି କୃତଜ୍ଞତା ଭାବ ବରାବର ହୃଦୟ ମଧ୍ୟରେ ଧାରଣ କରିଅଛନ୍ତି ।

ଦୁଃଖର ବିଷୟ କେହି କେହି ହୁଏତ କେତେବେଳେ ଏହି ପରିବାରର ଦାରିଦ୍ର୍ୟ ଉପରେ ପୁଣି କଠୋର କଟାକ୍ଷପାତ କରି ଏମାନଙ୍କ ଜୀବନକୁ ମଧ୍ୟ ମଧ୍ୟରେ ତିକ୍ତ କରିଅଛନ୍ତି ବେଦନାର ଭାର ଏମାନଙ୍କର ଯେତେ ବେଶି ହୋଇଅଛି ସେତେ ଏମାନଙ୍କର ମନୁଷ୍ୟତ୍ୱ ପ୍ରକାଶିତ ହୋଇଅଛି ।

ନାଟ୍ୟକବି ଅନ୍ନପୂର୍ଣ୍ଣା ଅପା, ନମସ୍କାର ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

୪-୫-୧୯୩୭ ଭାରତ ସେବକ ସମିତି, ପୁନା

---

* ଅନ୍ନପୂର୍ଣ୍ଣାଙ୍କ ଝିଅମାନେ—
ମନୋରମା, ପ୍ରେମଲତା ଓ ପୁଅ ମନମୋହନ ।

Digitized by srujanika@gmail.com

ବିଚ୍ଛେଦ

ଡ଼ାକି ଡ଼ାକି ସତେ ଆହା ! ଭାବୁଛି ହେ
ବିଚ୍ଛେଦ ଆଘାତ ଘୋଟିଲ୍ କି ଆଜ
ପରାଣର ଭୁଲ ଖୋଜୁଛି ହେ ॥

ଉଡ଼ିଯାଏ ମନ ଗାଇ ପ୍ରେମଗୀତ
ନୟନରୁ ଅଶ୍ରୁ ଝରିଆସେ ନିତ
ହୃଦୟ ପଟରେ ଲେଖିଯାଏ ମୂର୍ତ୍ତି
ବେଦନାର ଦାଉ ଦହୁଛି ହେ ।

ଶରମେ ମରମ ହସେ କରକର
ଚଞ୍ଚଳେ ନୟନ ଢୁଳେ ଥରଥର
ଆଶା ମରୀଚିକା ମାରି ଜୟଟିକା
କରମ ସାଧନା ସାଧୁଛି ହେ ।

କୁମର ଅନ୍ନପୂର୍ଣ୍ଣା

ମୁରାଦାବାଦ, ୨୪-୯-୩୫

Digitized by srujanika@gmail.com

ବିଦାୟ

ଯେ ଦିନ ବିଦାୟ ନେଲିଟି ତବ ସଙ୍ଗ ପାଶରୁ
ସେ ଦିନର କଥା ପାସୋରି ନ ଯିବଟି ମନରୁ ।
ସେ ଦିନର ଅଭିନୟ ହେ ମନ-ଚଢ଼ା ବିନନ୍ତି
ଅଛି ଏ ମନରେ ଜାଗ୍ରତ ସେହି ସୌମ୍ୟ ମୂରତି ।
ଯେ ଦିନର ପରିହାସ ନଇରାଶ୍ୟ ଚାପରି
ନୟନେ ଖେଳଯାଏ କି ସେହି ଶୋଭା ପସରି ।
ସେ ଦିନ ବିଭ୍ରମ ମାନସେ ଯାହା ଥିଲା ଆଭାଷି
ଜଡ଼ିତ ରହିଛି ବୁକରେ କାହିଁ ନ ଯାଏ ଭାସି ।
ସେ ଦିନ କଣ୍ଠର ବିକାର ମିଶି ରହିଛି ସ୍ୱରେ
କିନ୍ତୁ ଗାନ ତାନ ନ ଉଠେ ଯନ୍ତ୍ର ଉଡ଼େ ଶୂନ୍ୟରେ ।
ସେ ଦିନର ଭାବ ଇଙ୍ଗିତ ଆଜ ଖେଳେ ନୟନେ
ପ୍ରକୃତିର ନୃତ୍ୟ ଆଳାପ ଭୂଲି ନୁହେ ଜୀବନେ ।
ସେ ଦିନର ଯେଉଁ ଯନ୍ତ୍ରଣା ଯତ୍ନେ ରହିଛି ପୂରି
ବଦନର ବନ୍ଧାପନାନ୍ତି ମନେ ଆଣଇ ଝୁରି ।
ସେ ଦିନର ବାୟୁ ପ୍ରଖର ଆଜ ମର୍ମେ ଉଠଇ
ସବୁ ଦ୍ୱାର ରୁଦ୍ଧ ରହିଛି କାହିଁ ନପାରେ ଯାଇ ।
ସେ ଦିନ ମଳୟ ଯେ ଭାବେ ଅଙ୍ଗ ଯାଉଛି ଛୁଇଁ
ତୃପ୍ତ ତାପ ସହି ନ ପାରି ଆଜ ଲୁଚଇ ଭୂଇଁ ।
ସେ ଦିନ ଯେ ନୀଳ ଗଗନ ଦେଖୁଥିଲି ନୟନେ
ଆଶା-ପଛରାଣୀ ଚଞ୍ଚଳେ ଗୃଳ ନେଲି ବଦନେ ।
ଢାଳ ଗଲି ନେହେ ଗୃହିଁଣି ଲୁଚି ଶରମେ ମର୍ମେ
ମରମର ଭାବ ଖୋଜୁଛି ଇଚ୍ଛା ସିଦ୍ଧି କାରଣେ ।
ସେହି ଶେଷ ଦିନ ଉତ୍ସବ କେବଳ ନୋହିବ କ୍ଷୟ
ବୈଚିତ୍ର୍ୟ ସ୍ୱରୂପେ ମନ୍ଦିରେ ରହିଥିବ ଅଜୟ ।

ତୁମର ଭାବେମା

ମୁହୁଦାବାଦ, ୯-୯-୩୫

Digitized by srujanika@gmail.com

ତୁମେ ଓ ମୁଁ

ତୁମେ ଅଛ ଦେବ   ଅଚଳ ମନ୍ଦର
ମୁହିଁ ଅଟେ ତହିଁ ସୁଚନ୍ଦ୍ରା
ତୁମେ ଅଛ ଦେବ   ମନର ଉଦ୍ୟାନ
ମୁହିଁ ତବ କଳ୍ପ କବିତା ।

ତୁମେ ଅଛ ଦେବ   ତପନ କିରଣ
କର ହୃଦ-ବର୍ଣ୍ଣେ-ପ୍ରକାଶ
ମୁହିଁ ଅଟେ ତହିଁ   ସୁନ୍ଦର କମଳ
ଭାବ ରୂପେ ହୁଏ ବିକାଶ ।

ମୃଦୁଳ ପବନେ   ଖେଳାଅ ଗେଲାଇ
ସ୍ନେହ ଗନ୍ଧେ ଦିଅ ଫୁଟାଇ
ପରସନ୍ନ ଲାଗି   ବ୍ୟାକୁଳ ଏ ମନ
ସବୁ ଦୁଃଖ ଦିଏ ଛୁଟାଇ ।

ନବୀନ କାନନେ   କୁସୁମ ବିତାନେ
ରଞ୍ଜି ଯାଅ ପୁଷ୍ପେ ପରାଗ
ମଳୟ ସଲିଳେ   ଭାସି ଆସେ ଦେବ
ମନେ ରଖି ପୂର୍ଣ୍ଣ ସରାଗ ।

ନୀଳ ଘନାକାଶେ   ଚନ୍ଦ୍ରର ସ୍ୱରୂପେ
ଢାଳି ଦେଉଥିଲ ଜୋଛନା
ଦେଖୁଥିଲି ଶୋଭା   ପିଉଥିଲି ସୁଧା
ପୂରୁଥିଲା ମୋର କାମନା ।

Digitized by srujanika@gmail.com

ବହୁରୁ ଥିଲ ଏ— ଭୁବନେ ମୋ ଦେବ
ହୋଇ ହୃଦ-ବନେ ବସନ୍ତ
ନବ ବିଳାସର ବୃନ୍ତେ ଲୁଚ ଧୀରେ
ଗାଏ ପିକ ତାନେ ସଙ୍ଗୀତ ।

ମୋ ହୃଦ ନିକୁଞ୍ଜ ମଣ୍ଡି ଯାଉଥିଲ
ବାହିତ ବଂଶୀର ମାଧୁରୀ
ତୁମରି ଅଧରୁ ଭାସିଆସେ ସୁଧା
ପାନ କରେ ତାନ ଲହରୀ ।

ତୁମେ ଥିଲ ମୋର ଆଶାର ଆଲୋକ
ମୁହିଁ ଦେଖେ ନିତ ମୂରତି
ପାଉଥିଲି ସୁଖ ନଥିଲା ମୋ ଦୁଃଖ
ଥିଲା କି ନିର୍ମଳ ମୋ ଗତି ।

ଯେଉଁ ଦିନୁ ଦେଖା ସେହି ଦିନୁ ପ୍ରଭୁ
ପୋଷିଛି ଏ ଆଶା ମନର
ସ୍ୱପ୍ନାସମ ତବ କାୟାରେ ମିଶି ମୁଁ
ତରିଯିବି ଦୁଃଖ ସାଗର ।

ଏହି ଆଶା ମୋର କରିବ କି ପୂର୍ଣ୍ଣ
ଦିଅ ହେ ଇଚ୍ଛା-ଉତ୍ତର
ତେବେ ମୁଁ ଆନନ୍ଦେ ରହିବି ବନ୍ଦେଶେ
ବନ୍ଦଣ ତବ ଶ୍ରୀପଦ୍ମର ।

ତୁମରି ସ୍ୱପ୍ନାମୂର୍ତ୍ତି

●

ମୁରଦାବାଦ, ୯-୯-୩୫

Digitized by srujanika@gmail.com

ଛବି

ଏ ହୃଦ ପଟ୍ଟରେ ଆଜ ଲେଖେ କେବେ ଛବି
ଫୁଟି ଉଠେ କାନ୍ତ ଶୋଭା ମନ ନାଏ ଦ୍ରବି ।
ଅଙ୍କୁ ଅଙ୍କୁ ରଙ୍ଗ କାଠି ଧରି ନ ପାରଇ
କିଏ ଯାଏ ଲିଭି ଲିଭି କା ଶୋଭା ନଥାଇ ।

କିଏ ରଖି ଯାଏ ଆଜ ଉଷ୍ଣ ରକ୍ତ ଗାର
କାହାର ଗମ୍ଭୀର ମୂର୍ତ୍ତି ଆସଇ ବକାର ।
କାହାର ପରଶ ରେଖା ରହିଛି ପରାଣେ
କାହାର ଅଧର ହାସ ଗୃଲଇ ଅଜାଣେ ।

କିଏ ଧରି ଅଛି ପୁଷ୍ପ ନାହିଁତ ସୁବାସ
କିଏ ଗୁନ୍ଥି ଅଛି ମାଳା ନ ଥାଇ ଉଲ୍ଲାସ ।
କାହାର ଅଙ୍ଗେ ପତଙ୍ଗ ଉଡ଼େ ଫର ଫର
ମୁକୁଳା ପବନ ଗୋଟି କରେ ହରବର ।

କିଏ ଆସେ ନାଚ ନାଚ ବଜାଇ ନୂପୁର
ଚରଣ ଚଳାଇ ନାଚେ ତା ଧ୍ୱନା ମଧୁର ।
କିନ୍ତୁ ନାହିଁ ଗାନ ତାନ ଅଙ୍ଗ ଗୃରୁ ଠାଣି
ସୁନ୍ଦର ସଙ୍ଗୀତ ଉଠେ ମନ ନୁହେ ଟାଣି ।

କାହାର ହୃଦରେ ଖେଳେ ଆଜ ବିରସତା
କା'ର ବହ୍ନି ଆସେ ଅଶ୍ରୁ ଧରି କଳୁଷତା ।
କାହାର ଆକାର ନାହିଁ ସ୍ମୃତି ସମ୍ବଳ
ଜଡ଼ ହୀନ ଛବିମାନ ଗୃହେଁ ଜଳ ଜଳ ।

ବେଳେ ବେଳେ ଗୃହଁ ଗୃହଁ ହସେ ଟହ ଟହ
କହିଯାଏ କେସ କଥା ଥରି ଉଠେ ଦେହ ।

Digitized by srujanika@gmail.com

କେହି କରେ ବନ୍ଦାପନା   ନ ଥାଇ ତଣ୍ଡୁଳ
କେହି ନଦୀ ସ୍ରୋତେ ଖେଳେ   ନ ଦେଖଇ କୂଳ ।

କେହି ଆସେ କେହି ଯାଏ   ନ ଦେଖାଏ କାୟା
କେବଳ ନର୍ତ୍ତକୀର ଛବି   ସବୁ ଅଟେ ମାୟା ।

ତଥାପି ଦେଖଇ ନିତି   ସେ ଗୁରୁ ବଦନ
ମନର ବିକାର ସବୁ   ଖେଳାଏ ଜୀବନ ।

ନୃତ୍ୟ ଛବି ଚରଣରେ   କରଇ ବନ୍ଦନ
ସତ୍ୟ-ପୁଷ୍ପ-ହାର ଅର୍ପେ   ପରଶି ଚୁମ୍ବନ ।

ଭ୍ରମର ନୃତ୍ୟ ଛବି

ମୁରଦାବାଦ, ୧୪-୧୦-୩୫

Digitized by srujanika@gmail.com

ଆବାହନ

ଆସ ମୋ ହୃଦ ରତନ ଜୀବର ଜୀବନ
ଆଜ ମୁଁ ବନ୍ଦିବ ତବ ଅଭୟ ଚରଣ ।

ସାଜିବ ସୁନ୍ଦର ବେଶେ ସ୍ନେହ ସମାଦରେ
ପ୍ରୀତିବୋଳା ଲୋତକ ମୁଁ ଢାଳିବ ପାଦରେ ।

ପଖାଳିବ ଭକ୍ତି ହୋଲେ ସେ ରଙ୍ଗ କମଳ
ବୋଳିବ ମସ୍ତକେ ନେଇ ସେହି ମୁକ୍ତି ଜଳ ।

ଆସ ହେ ! ଦେବତା ମୋର ପରମ ଆହ୍ଲାଦେ
ଦେଖିବ ସୁନ୍ଦର ଛବି ଆନନ୍ଦ ଆସ୍ୱାଦେ ।

ବନ୍ଦିଯିବ ଅନୁରାଗେ ଗାଇ ଗୁଣ ଗୀତ
ଛନ୍ଦିବ ଛନ୍ଦ ସରାଗେ ଫୁଲାଇ ଏ ଚିତ୍ତ ।

ଭ୍ରମର ଗୁଞ୍ଜନେ ସତେ ପିଇବ ସେ ମଧୁ
ଆସହେ ! ଦେବତା ମୋର ଜୀବନର ବନ୍ଧୁ ।

ଅର୍ପୁଅଛି ହେନ ହେନ ତୃପ୍ତ ପୁଷ୍ପମାଳା
ଦେଖ ଦେଖ ସ୍ନେହେ ଦେଖ ପୂର୍ଣ୍ଣଅଛି ଥାଳା ।

କାହାକୁ ମୁଁ ଜାଣେ ନାହିଁ ତୁମେ ମୋ ଦେବତା
ଦେଖା ଦଅ ଦେଖିବ ମୁଁ ନ ପକାଇ ପତା ।

ନୟନେ ନୟନ ମିଶି ଆଣୁ ସ୍ନେହ ସୁଖ
ହୃଦୟ ହୃଦୟ କଳି ଦୂର କରୁ ଦୁଃଖ ।

ମାନସ ମାନସେ ମିଶି ପରଶୁ ହରଷ
ଭାବରେ ଭାବନା ଖେଳୁ ନଥାଇ ବରଷ ।

Digitized by srujanika@gmail.com

ଆସହେ ! ଆସ ଦେବତା
ବସ ହୃଦ ମାଡ଼ି
ଦେଖିବ ଅମଳି ରୂପ
ଲୋତକ ଅଜାଡ଼ି ।

ନେଇ ତୃପ୍ତେ ଦେଖିବ ମୁଁ
ଜାଳି ଭକ୍ତି ଜ୍ୟୋତି
କରିବ ମୁଁ ବନ୍ଦାପନା
ବଢ଼ାଇ ଆରତି ।

ମଣ୍ଡାଇବ ସଜ ଫୁଲେ
ହେଜି ସର୍ବାଙ୍ଗଟି
ମହକିବ ଧୂପ ଗୁଣ୍ଡେ
ଏ ସର୍ବାଙ୍ଗ ଲୁଟି ।

ଆସହେ ! ଆସ ଦେବତା
ଦେଇ ସମାଦର
ନିଅ ଭକ୍ତି ଦିଅ ପ୍ରୀତି
ଦେଖାଇ ଆଦର ।

ଭ୍ରମର ବେଶଧାରୀ

●

ମୁରାଦାବାଦ, ୧୮-୧୦-୩୫

Digitized by srujanika@gmail.com

ଗୋପନ ପୂଜା

ଆଜ ଗୋପନରେ ମୁହିଁ ପୂଜେ ସେହି ନାମ ।
ଗୋପନରେ ଯାଏ ନିତି କି ଅଭୟ ଦାନ ।

ହୃଦୟରେ ଲେଖିଯାଏ ସେହି ପ୍ରୀତି ମୂର୍ତ୍ତି
ସେହି ରୂପେ ଦେଖି ନିତି ଆଣଇ ତୃପତି ।

ନୟନରୁ ଢ଼ଳି ଯାଏ ଆନନ୍ଦ ଲୋତକ
ଧୌତ କରେ ସେ ଚରଣ ଜଳାଇ ଆଲୋକ ।

ଗାଏ ଗୁଣ ଶୁଣେ କୀର୍ତ୍ତି ଢେର ଏହି ସ୍ତୁତି
ଆଣଇ ପୁଲକ ପ୍ରାଣେ ଭାବି ନିଜ ମୁକ୍ତି ।

ଅନ୍ତରେ କରଇ ପ୍ରେମେ ସତ୍ୟ ଆରାଧନା
ପ୍ରାଣେ ପ୍ରାଣେ ଲାଗିଥାଏ ନିତି ଉପାସନା ।

ମରମେ କରମ ରଖି ବଢ଼ାଏ ଆରତି
ମନେ ମନେ ଭାବି ନିଏ ସରଳ ପୀରତି ।

ଭାବନା କାମନା ମିଶି ହୁଅନ୍ତି ଯୁଗଳ
ଲାଳସାଟି ଯେନ ଭୂଷା ଅର୍ପିଦିଏ ଫଳ ।

ଚେତନାଟି ଆସେ ହସି ଫୁଲ ସାଜ ଧରି
କଳ୍ପନା ଉଠଇ ବସି କଳ୍ପିତ ଆବୋରି ।

ସାକ୍ଷୀ ରୂପେ ଜଗି ଧର୍ମ କରେ ଶଙ୍ଖ ନାଦ
ଆଶା ଦିଏ ହୁଳହୁଳି ତୁଟାଇ ବିବାଦ ।

ନିର୍ବାଣ ଖେଳଇ ରଙ୍ଗେ ପଟୁଆର ସଙ୍ଗେ
ଉଲ୍ଲାସ ଆରମ୍ଭେ ନୃତ୍ୟ ଧରିଠାଣି ଅଙ୍ଗେ ।

ଏହି ପୂଜା ରହସ୍ୟଟି କେହି ଜାଣେ ନାହିଁ
କିନ୍ତୁ କୋକିଳର ତାନ ପରାଣେ ମିଳଇ ।

Digitized by srujanika@gmail.com

ପ୍ରକଟ ନୋହିବ କେବେ ଏ ପୂଜା ସମ୍ଭାର
ମୁଁ ବୁଝିବ ମୋର ପୂଜା ମୋ ମନ ବଗୁର ।
ଜଗତରେ ନାହିଁ ନାହିଁ ଏ ସୁନ୍ଦର ପୂଜା
ଏ ଆତ୍ମାର ଅଟେ ଗତି ସେହି ସତ୍ୟ ଭୂଜା ।
ଲୁଚି ଖେଳେ ଏହି ପୂଜା ଏହି ମରମରେ
ବ୍ରତ ଯଜ୍ଞ ଉଠେ ଜଳ ଆହୁତି ସଙ୍ଗରେ ।
କେବଳ ବିଶ୍ୱାସ ଘୃତ ଢାଳେ ବ୍ରତଧାରୀ
ଫୁଙ୍କଇ ଓଁକାର ମନ୍ତ୍ର ସାଧନେ ଉଚ୍ଚାରି ।
ଶିଖା ମେଲି ଉଠେ ଅଗ୍ନି ଆହୁତି ବଳରେ
ନୟନ ଝଲସି ଖେଳେ ପଲକ ପତରେ ।
ଧୀରେ ଆସେ ଧୀର ଧୀର ସୁସ୍ୱର ଆଳାପେ
ଧୀର ମୂର୍ତ୍ତି ସ୍ଥିର ଜ୍ୟୋତି ଦେଖଇ ସଂକଳ୍ପେ ।
ସେହି ଦୃଢ଼ ବ୍ରତ ମୋର ମିଥ୍ୟା ନାହିଁ ନାହିଁ
ସିଦ୍ଧି ସଙ୍ଗେ ସିଦ୍ଧି ହେବ ଭାବନା ନ ଥାଇ ।
ସେହି ସତ୍ୟ ମୂର୍ତ୍ତିପଦ କରୁଛି ବନ୍ଦନ
ସତ୍ୟ ବନମାଳା ଅର୍ପି ବରିଛି ଜୀବନ ।

ଭ୍ରମର ପୂଜାରିଣୀ

ମୁରାଦାବାଦ, ୨୩-୧୦-୩୫

Digitized by srujanika@gmail.com

ଶ୍ରୀ ଶଶୀବାବୁଙ୍କ ପ୍ରତି

ଭାଗ୍ୟଶାଳୀ ମୋ ଉତ୍କଳେ — ନ ମିଳିଲା ସ୍ଥାନ
ଗୁଣୀ ଗୁଣ ଗାର ପୂର୍ଣ୍ଣେ — ନ ରହିଲା ମାନ ।

ଛାଡ଼ି ଆସି ଅଛୁ ଆଜ — ମୋ ସ୍ୱର୍ଗ ଭୁବନ
ଛାଡ଼ି ଆସି ଅଛୁ ଆଜ — ମୋ ମାଟି ପବନ ।

ପ୍ରାଣ ଭାଷା ନ ପାଇଲ — ପ୍ରାଣେ କାହାଠାରୁ
ଦେଶ ବରତନ ଦାନ — ଖଞ୍ଜା ନଥିବାରୁ ।

ଦ୍ୱାରେ ଦ୍ୱାରେ ବୁଲି ବୁକେ — ବାଜିଲା ଆଘାତ
ମୋ ଭାଗ୍ୟ ଆଦର ସବୁ — ସହିଲ ନିର୍ଘାତ ।

ଦୂର ଦୂର ବହୁ ଦୂର — ଉତ୍ତର ଅଞ୍ଚଳ
ସାଧିବାକୁ ଆସି ଅଛୁ — କରମ କୌଶଳ ।

ଭାବର ସମ୍ଭାରେ ବସି — କରେ ଆଲୋଚନା
କଦାପି ଏ ସୁଖ ନୁହେ — ଯନ୍ତ୍ରଣା ଲାଞ୍ଛନା ।

ଦିବ୍ୟ ଚକ୍ଷେ ବୁଝି ନିଅ — କହିବା ବଚନ
ଜୀବନର ଚିର ସାକ୍ଷୀ — ହେ ଶଶୀଭୂଷଣ ।

ଦେଶ ପୀଠେ ଅଛ ରାଜା — ନ୍ୟାୟେ ସମ୍ପାଦକ
ଅନ୍ତର ଭାବନା ଖୋଜ — ଦେଖାଇ ଆଲୋକ ।

ବୁଝି ସାର ଦିଅ ବାରେ — ମନର ଭାବନା
ଦେଖିବ ଭାବର ରୂପ — କର ବନ୍ଦାପନା ।

ଅନ୍ନପୂର୍ଣ୍ଣା

●

ମୁରାଦାବାଦ, ୧୯-୧୨-୩୫

Digitized by srujanika@gmail.com

ପ୍ରେମର ମୂଲ୍ୟ

ତୁମ୍ଭେ କିଏ, କିଏ ମୁହିଁ ବୁଝିଛୁ ଜୀବନ
ଯେଉଁଦିନ ହେଲା ଦେଖା ପ୍ରଥମ ମିଳନ ।

ପ୍ରୀତି ବୀଜ ବୁଣା ହେଲା ହୃଦୟ କାନନେ
ପରିଚୟ ସାକ୍ଷୀ ରୂପ ମାନସ-ସୁମନେ ।

ହସି ଫୁଟି ଦେଖା ଦେଲା ଉଭୟ ନୟନେ
ଗଣ୍ଡଭରି ଢଳଢଳ ପୀରତି ଚୁମ୍ବନେ ।

ସବୁ ଆଗେ ପିକ ଡାକ ମଳୟ ସ୍ମରଣେ
ତାନଟି ବାଜିଲା ବୁକେ ଆପଣା ହରଷେ ।

କଣ୍ଠେ କଣ୍ଠ ଗଲା ମିଳି ମଧୁର ଗାନରେ
ଚିର ସ୍ମରଣୀୟ ତାହା ରଖିଲା ଭାବରେ ।

ସେହିଦିନ ମନ ମେଳା ଚରଣ କମଳେ
ଗୁପ୍ତ ପ୍ରୀତି ଗୁପ୍ତ ମୀତ ଜଗି ପ୍ରେମ ଭୋଳେ ।

ଜାଗ୍ରତେ ଜାଗ୍ରତ ତାହା ରହିଛି ଅଦ୍ୟାପି
ଭରିଅଛି ଭରିଉଛି ଅଙ୍ଗେ ଅଙ୍ଗେ ବ୍ୟାପି ।

ବସିଥିଲେ ଉଭୟଟି ତଟିନୀ ତଟରେ
ଝରି ଆସୁଥିଲା ଧାରି ଆବେଗ ରଙ୍ଗରେ ।

ଉଭୟଙ୍କ ଅଭିଳାଷ ଭାସେ ହସି ହସି
ପ୍ରେମ ଭରି ସ୍ନେହ ଭୋଳା କି ଦିଏ ପରଶି !

ନାବର ଉଦ୍ଦେଶ୍ୟ ଆଉ ନଥିଲା ସେ କାଳେ
ଉଭୟଙ୍କ ଅଭିଳାଷ ଉଭୟଙ୍କୁ ଗୃଲେ ।

ସମଭାବ ସମପ୍ରାଣ ସମ ପ୍ରେମ ପ୍ରୀତି
ସମାନେ ଚଳାଏ ପୁଣି ସମାନରେ ମୀତ ।

Digitized by srujanika@gmail.com

ଜାଣ ମୁହିଁ ଜାଣ ତୁମେ ଉତ୍ସାହ ସୁଆଙ୍ଗ
କେଉଁଛଳେ କେଉଁ ଭାବେ ସ୍ନେହ ଅନୁରାଗ ।

ନଥିଲା ଅନ୍ଧାର କେବେ ନାହିଁ ଘନଘଟା
ନ ଥିଲା ନ ଥିଲା ଆଉ କୁଦା କଣ୍ଟା ଲଟା ।

ସବୁଦିଗେ ଉକୁଟିଣ ଉଠୁଥିଲା ଝଳ
ମାଜ ଯାଉଥିଲା କାନ୍ତି ନିଜ ଜ୍ୟୋତି ଜଳ ।

ସର୍ବପୂର୍ଣ୍ଣ କାମ କ୍ରୀଡ଼ା କାମନା ଇଙ୍ଗିତେ
ପୂର୍ଣ୍ଣ ଅଭିଳାଷ ଆଶା ଖେଳ ଖେଳ ଚିତ୍ତେ ।

ବର୍ତ୍ତମାନ ତାହା ମଧ୍ୟ ରହିଛି ଜାଗ୍ରତ
ଅକ୍ଷୁନ୍ନ ପ୍ରେମର ଚିହ୍ନ ରଖିଛି ମହତ ।

କର୍ତ୍ତବ୍ୟର ପରାକାଷ୍ଠା ପ୍ରେମର ସମ୍ଭାର
ପ୍ରେମ ମୂଲ୍ୟ ଜଣାଯାଏ ପ୍ରେମିକ ବିଚାର ।

ଢେର ଅଛି ଦାଗରେଖା ଜୀବନ ପ୍ରାନ୍ତରେ
ବିପୁଳ ପୁଲକ ଶୋଭା ପୁଲକ ଅନ୍ତରେ ।

ସକଳ ଜାଗ୍ରତ ଅଛି କିଛି ନାହିଁ ଭୟ
ଦେଖୁ ଦେଖୁ ଦେଖୁଥିବା ରଖି ନିଜ ଲୟ ।

ବର୍ତ୍ତମାନ ସମପୃକ୍ତି ଅତି ଭୟଙ୍କର
ଭୟ ଚିନ୍ତ ସନ୍ଦେହଟି ଖେଳଇ ମନର ।

ଚଉଦିଗେ ଢେରଅଛି ମୃତ୍ୟୁ ପାରାବାର
ଭଉଁରି ପ୍ରବଳ ଉଠେ ତରଙ୍ଗ ବିକାର ।

ତରିବାକୁ ନାହିଁ କାହିଁ ଜୀବନ-ତରଣୀ
ବାନ୍ଧିବ ବା କେଉଁ ତଥି କାହିଁବା କ୍ଷେପଣୀ ।

ନାବିକର ସାହା ମାତ୍ର କର୍ଣ୍ଣା ଦରକାର
ମାନସ କେବଳ ଦୃଢ଼ କରିବାକୁ ପାର ।

ବୁଟିଛି ଜୀବନ କିନ୍ତୁ ନପୁତର ମୀତ
ପ୍ରେମର ପ୍ରେମିକା ହେବା ନ ରଖିବା ଚିନ୍ତ ।

Digitized by srujanika@gmail.com

ନିଜ ମନେ ନିଜେ ତରୀ ବନାଇ ପାରିବା
ନିଜେ ଆହୁଲକୁ ମାରି ଆରପାରି ଯିବା ।

ଢେଉ ଉଚ୍ଛଳନେ ଉଠୁ ନାହିଁ ଆମ ଡର
ନିର୍ଭୀକରେ ଦୃଢ଼ ବାନ୍ଧି ଷେପିବା କାତର ।

ଛନ୍ଦରେ ଛନ୍ଦାଇ ଥିବା ଉଭୟଙ୍କ କର
ବୁକପରେ ବୁକରଖି ବୁଝିବା ଖବର ।

ତରୀ ବନ୍ଧନରେ ଭାସି ଯାଉ ଏ ଜୀବନ
ବୁଡ଼ିଗଲେ ଯିବା ବୁଡ଼ି ନ ଥିବ କନ୍ଦଣ ।

ନୟନେ ନୟନ ରଖି ହେବା ଦେଖାଦେଖି
ମରମେ ମରମେ ନେବା ପ୍ରେମ ଚିହ୍ନ ଲେଖି ।

ମରଣର ଦାଉ ଅବା କି କରି ପାରିବ
ସହସ୍ର ଗୁଣରେ ସୁଖ ପ୍ରାଣେ ପହଞ୍ଚିବ ।

ଯଦ୍ୟପି ଏହାର ଭାଉ ଥିବ ତବ ମନେ
ତୁମର ପ୍ରେୟସୀ ହେବ ଶେଷର ମିଳନେ ।

ଚିର ଶାନ୍ତି ଚିର ମୁକ୍ତି ହସି ଦେବ ଦେଖା
ପଥ ମାର୍ଗେ ନାହିଁ ଭୟ ଥିବ ନିଜ ଲେଖା ।

ପାରି ହେବା ପାରି ହେବା ଏ ମୃତ୍ୟୁ ସାଗର
ତେବେ ଦେଖା ଦେବ ସତ୍ୟ ପ୍ରେମ ମିଳନର ।

ଏହି ଭାବେ ପ୍ରେମ ମୂଲ୍ୟ ବାନ୍ଧୁଛି ଜୀବନ
ଶେଷରେ କରୁଛି ତବ ଚରଣ ବନ୍ଦନ ।

ସ୍ନେହର ପ୍ରେମିକା

ମୁରଦାବାଦ, ୨୯-୧-୩୭

Digitized by srujanika@gmail.com

ସେହି ଦିନ

ସେହି ଦିନ କଥା   ମୋ ଆସୁଛି ମନରେ
ଆହା ! କି ମିଳନ ସୁଖ   ଯୁଗ୍ମ ନୟନରେ ।

ପ୍ରେମ-ପଦ୍ମ-ହାର ଗୋଟି   ଗୁନ୍ଥିଲି ଯତନେ
ରଖିଲି ବିଶାଳ ବକ୍ଷେ   ପୁଲକିତ ମନେ ।

ବ୍ରୀଡ଼ା ଟି ଆଣିଲା ହରି   ନବୀନ ସୁମନ
ସେହିଦିନ ଗନ୍ଧ ଭରା   ହେଲା ଏ ଜୀବନ ।

କେତେ ଭାବ କେତେ ପ୍ରୀତି   ସିଞ୍ଚିଲି ହୃଦରେ
ପାଇଲି ସ୍ୱର୍ଗୀୟ ସୁଖ   ନିଜ ଆପଣିରେ ।

ନବ ଭାବେ ଗଢ଼ି ନେଲି   ଜୀବନର ପଥ
ପୂର୍ଣ୍ଣକଲି ପୂର୍ଣ୍ଣ କାମ   ଇଚ୍ଛା ମନୋରଥ ।

ହରଷ ପ୍ରମୋଦେ କଲି   ପ୍ରେମ ଅଭିଷେକ
ଆଗେ ଅଗ୍ନି ସାକ୍ଷୀରଖି   ଭିଖିଲି ମୋ ଟେକ ।

ପ୍ରେମର ମହତ ସବୁ   ବୁଝିଲି ମହତ
ସେହି ମୂର୍ତ୍ତି ବିନା ତୁଚ୍ଛ   ମଣିଲି ଜଗତ ।

ସ୍ୱାହ୍ଲାଦରେ ପାଇଲି ମୁଁ   ଦେବତାର ବର
ଝଲସି ଉଠିଲା କାନ୍ତି   ହେଲି କି ସୁନ୍ଦର ।

ରଞ୍ଜିଲା ହୃଦୟ ତନ୍ତ୍ରି   ପ୍ରେମ ଅରୁଣିମା
ଆହା ! ବିଶ୍ୱ ମହିମା   ଭେଦି ନେଲା ସୀମା ।

ସମାନ ଭାବରେ ଗଢ଼ା   ସମାନ ସଦୟ
ପ୍ରେମର ମଧୁର ସୃଷ୍ଟି   ହେଲା ମଧୁମୟ ।

ବୁକ ବୀଣା ବାନ୍ଧି ନେଲା   ପ୍ରେମ ସୁସଙ୍ଗୀତ
ସେହି ଗାନେ ସେହି ତାନେ   ପୁଲକିତ ଚିତ୍ତ ।

Digitized by srujanika@gmail.com

ପୁଲକ ପରଶେ ପୁଣି ପୁଲକ ସ୍ଫୁରଣ
ଖେଳାଇଲା ତାଳେ ତାଳେ ପ୍ରକୃତ ହରଷ ।

ପୀରତ ବନ୍ଧେ ଦେଲା ଅର୍ପଣ ଅର୍ପିଣ ପ୍ରାଣ
ପ୍ରାଣର ଗୌରବ ସୁଖ ରଖି ଅଭିମାନ ।

ଶତ ମାନସର ସିଦ୍ଧି ସାଧିଲା ବିଜୟୀ
ପ୍ରେମ ମନ୍ତ୍ରେ ପ୍ରେମ ଯନ୍ତ୍ରେ ଢାଳିଲା ଅଭୟ ।

ଅଳକ ନୁହଇ ସେହି ଅମୃତର ସୃଷ୍ଟି
ସର୍ଜି ଗଲେ ବିଶ୍ୱକର୍ତ୍ତା କରି ପୁଷ୍ପ ବୃଷ୍ଟି ।

ସେ ବନର ସେହି ଲୀଳା ରହିଛି ଅକ୍ଷୁଣ୍ଣ
ପୁଣ୍ୟ ବଳେ ପୂର୍ଣ୍ଣ ଅଛି ଧରି ନିଜ ଗୁଣ ।

ଅଟର ନୁହଇ କେବେ ଅଛି ଦୃଢ଼େ ମତ
ହେ ହୃଦ ଦେବତା ! ଘେନ ପ୍ରେମର ଆରତ ।

ସେହି ସଜ ପୁଷ୍ପହାର ଅର୍ପେ ହୃଦପୁରେ
ନିଅ ସମାଦରେ ରଖି ଚରଣ ପଦ୍ମରେ ।

ଚରଣ ସେବିକା

ମୁରାଦାବାଦ, ୪-୨-୩୬

Digitized by srujanika@gmail.com

ଯୁଗଳ ଯାତ୍ରୀ

ନୟନେ ସାକ୍ଷାତ ଘଟିଲା ଯେ ଦିନ
ପରସ୍ପର ପ୍ରେମ ମିଳନେ
ଅନାଇ ରହିଣ ଗୁହିଁଲ ଶ୍ରୀମୁଖ
ପୁଲକ ଉଠିଲା ଜୀବନେ ।

ପୁଲକେ ପୁଲକ ପୁଲକ ପାଇଁ
ପ୍ରେମକୁ ଆଣିଲା ପ୍ରେମ ନଗୁଇ,
ତର ତର ହୋଇ ସାଗରେ ତରଙ୍ଗ
ଉଚ୍ଛୁଳ ଉଠିଲା କୂଳକୁ ଧାଇଁ
ନଜର ଜାଗ୍ରତେ ରହିଲ ଗୁହିଁ ।

ଦେଖୁ ଦେଖୁ ସେହି ଅପରୂପ ଗୋଟି
ବିଦ୍ୟୁତ ଆଲୋକେ ବିସ୍ତାର
ଆଲୋକେ ଆଲୋକ ଉଠିଲା ପ୍ରଜ୍ୱଳ
ସୁନ୍ଦର ସୁନ୍ଦର ଆକାର,
ଦେଖି ସେହି ମୂର୍ତ୍ତି ହେଲ ହରଷ
ଅନ୍ତରେ ଖେଳିଲା ପ୍ରେମ ସରସ
ବିନ୍ଦୁ ବିନ୍ଦୁ ଅଶ୍ରୁ ଖସିଲା ନୟନୁ
ଅଙ୍ଗରେ ବାଜିଲା ସେହି ପରଶ
ଜୀବନେ ଆଣିଲା ପୂର୍ଣ୍ଣ ସନ୍ତୋଷ ।

ପଲକେ ପଲକ ହେଲା ଭେଟା ଭେଟି
ନୟନେ ଶରମ ଗୁହିଁାଣି
ଲଜ୍ଜା ଆଗମନେ ସଲଜ୍ଜ ବଦନ
ଲେଉଟି ଗୁହିଁଲା ଧରଣୀ,

Digitized by srujanika@gmail.com

ଆଳାପ କଳାପ ଦେଲ୍ ଭସାଇ
ଭାବର ଭାବନା ଆସେ ରସାଇ,
ଅନୁରାଗ ସଙ୍ଗେ   ଅପୂର୍ବ ଛବିଟି
ରଖିଲ ହୃଦୟ ପୁରେ ଲୁଚାଇ
ପ୍ରେମର ସୁମନ ମଣ୍ଡିବା ପାଇଁ ।
ଆସିଲେ ପ୍ରକୃତି   ଧରି ନବ ମୂର୍ତ୍ତି
ନନ୍ଦନ ଆଳାପେ ଭୁବନେ,
ବାହି ବୁକ ବୀଣା   ଦେଲ କ ରାଗେଣୀ
ଗାନ ନେଲ୍ ତାନ ଯତନେ,
ନବ ନବ ଗାନେ ଝଙ୍କାର ସ୍ୱର
ମିଶାଏ ମୂର୍ଚ୍ଛନା ମଧୁ ପ୍ରେମର
ଝରି ଆସେ ଧାରା   ପୂର୍ଣ୍ଣ ହୁଏ ପ୍ରାଣେ
ସେହି ପ୍ରେମ ଗଲ୍ ମିଶି ଅନ୍ତର
ମୁଗ୍‌ଧେ ମୁଗ୍‌ଧ ଚିତ୍ତ ହେଲ୍ ସୁନ୍ଦର ।
ଆସିଲା କାମନା   ପ୍ରେମେ ହସି ହସି
ସଙ୍ଗେ ଘେନି ଆଶା କଳକା,
ଉଭୟ ମନକୁ   ଟାଣିଲା କୌଶଳେ
ଗାଇ ତାର ଜୟ ଗୀତିକା,
ମଧୁର ମିଳନେ ଜଳଇ ବତି
ଜଗାଇ ସମ୍ମୁଖେ ଆପଣା ଗତି
ଢ଼ଳି ଢ଼ଳି ଢ଼ଳି   ଢ଼ାଳିଲା ଅଭୟ
କହିଲା ତୁମ୍ଭେ ଯୁଗଳ ପଂକ୍ତୀ
ପ୍ରେମେ ଖେଳ ହୁଅ ଅଜନ୍ମ ସାଥି ।

ପ୍ରେମର ସାଥି

●

ମୁରଦାବାଦ, ୫-୩-୩୭

Digitized by srujanika@gmail.com

କବି

କବି ନାମ ତୋର ଜଗତ ମଧ୍ୟର
କପାଇଁ ହେଲା ବିସ୍ତାର
ସେହି ନାମ ଆଜ ଜୀବନରେ ସାଜ
ସବୁ କରେ ଅବସ୍ତର ।
କଳାପ କୌଶଳେ ଯାହା ଲେଖୁ ହେଲେ
କାହିଁ ତାର ସନମାନ
କାହିଁ ତା କରତା କେ ଜଶ୍ରାଦ୍ଧ ଦାତା
ଇଙ୍ଗିତେ ହସଇ ମାନ ।

କଳପନା କୋଳେ ବସି ଲକ୍ଷ୍ୟସ୍ଥଳେ
କଳ୍ପି ଯାଉ ଯେତେ ମୂର୍ତ୍ତି
କାହିଁ ତା ଆକାର କାହିଁ ସୁବସ୍ତର
କାହିଁ ତା ମାଧୁରୀ ସ୍ଫୂର୍ତ୍ତି ।
ଦେଖି ଜଳଧନ ଦେଖି ଫୁଲ ବନ
ଉଲ୍ଲାସେ ଉଲ୍ଲସେ ଗୀତ
କେଳ କଉତୁକ ଆଣେ ଜଉତୁକ
କବିତା ସରସେ ମାତ ।
ଦେଖି ଜ୍ୟୋସ୍ନାବ୍ରତ ଅନାଏ ପୀରତ
ଗୁଣଇ ମାଧୁରୀ ରସ
ହରଷେ ସରସି ଖେଳେ ହସି ହସି
ଭାବରେ ଭାବ ହରଷ ।
କଳା କଳପନା ଅପାଙ୍ଗ ନୟନା
ରଙ୍ଗେ ନାଏ ଅଙ୍ଗ ଭୂଲ
କଳମ ସୁନ୍ଦର ହସି କର କର
ସାଜେ ମୂର୍ତ୍ତି କାନ୍ତ ଡ଼ାଳ ।

Digitized by srujanika@gmail.com

କମଳ ଗର୍ଭରେ   ଭ୍ରମର ଘୁମୁରେ
ଗୁପ୍ତେ ପିଇବାକୁ ମଧୁ
ପାନ କରି ରସ   ହୁଅଇ ବିନାଶ
ବୋଲାଇ ପରାଣ ବନ୍ଧୁ ।
ଓଠ ନଏ କମ୍ପି   ସୁହାସ କଳପି
ଆସେ ଯାଏ ନୟନରେ
ଅଳି ଗୁଞ୍ଜରଣ   କମ୍ପାଏ ସୁମନ
ତାଳେ ତାଳେ ତାନ ସ୍ୱରେ ।
କାମିନୀ ସୁକାନ୍ତ   ତେଜ ନଏ ଭ୍ରାନ୍ତ
ବିଦ୍ୟୁତେ ରେଖାଏ ରେଖା
ପଲକେ ପଲକ   ଉଲ୍ଲାସେ ଉତ୍ସବ
ଝୁଲେ ହସ୍ତ ପଦ୍ମ ଲେଖା ।
ବୃକ୍ଷର ଶିଖରେ   କୋକିଳର ସ୍ୱରେ
ଭାସି ଆସେ ସୁଧାଧାର
ତରଳେ ତରଳ   ଭାବ ଆସେ ଢ଼ଳି
ସମ୍ମୁଖେ ନବ ଆକାର ।
କବିତା କବିତା   ସୁଗନ୍ଧେ ଶୋଭିତା
ଅଜାଡ଼ି ଆଣେ ସୁଷମା
ସୁଷମା ଶୋଭିତ   ପଡ଼େ ଢଳେ ଲୁଟି
ବିକାଶ ନୁହେ ଗାରିମା ।
ସବୁ ମ୍ଳାନ କାୟା   ମାୟା ସଙ୍ଗେ ମାୟା
ବୁଝି ନ ଆଣଇଁ ମତ,
ବୃଥା ସିନା କବି   କିଏ ଯାଏ ଦ୍ରୁତ
ତହିଁ ନାହିଁ କିଛି ସତ ।
ଯେବେ ଆସି କାଳ   ଠାରିବ କରାଳ
ଉଭେଇ ଯିବ ସେ କାହିଁ,
କବିତା ସୁମନ   ତୋ ଜୀବନ ଲୀନ
ସବୁ ହେବ ଭାବ କାହିଁ ।

Digitized by srujanika@gmail.com

କାହା ଲାଗି ଏତେ ଲେଖି ଯାଉ ସତେ
କି ଆଶା ଉଲଟେ ଲୁଚି
ସବୁ ଆଶା ବାଣୀ ନିସ୍ୱଶରେ ଗଣି
ଆସେ ବୁକ ରକ୍ତେ ଫୁଟି ।

କାହିଁ ତାର ମନ୍ତ୍ର ଫୁଟି ଆସେ ସ୍ୱତ
ନିଜ ଶକ୍ତି କହେ କଥା
କଥାର ମହତ ନ ବ୍ୟାପେ ଜଗତ
ଯାଉ କେତେ ମନେ ବ୍ୟଥା ।

ବ୍ୟଥାର ଆଘାତ ସଙ୍ଗରେ ନିର୍ଘାତ
ମସ୍ତକ ଆଣେ କଗୃଢ଼ି
ଜୀବନ ତରଣୀ ଗୃଲେ ଦିନ ଗଣି
ନାବ ଗୃଲେ ହସ୍ତେ ବାଢ଼ି ।

କବିତା ମଧୁର ଜୀବନ ସୁନ୍ଦର
ସୁନ୍ଦର ଦେଖେ ସକଳେ
କେବଳ କରମ ଏ ଯାଏ ଧର
ମନ୍ଦୁ ନିତି କଲ୍‌ବଲେ ।

ନିତ୍ୟ ସେବକ

ମୁରାଦାବାଦ, ୧୦-୪-୩୭

Digitized by srujanika@gmail.com

ଘଣ୍ଟାଫୁଲ

ଏ କର୍ମ୍ମ କାନନେ ତୁହି ଅଟୁ ଘଣ୍ଟାଫୁଲ
କି ଭାବରେ ବାନ୍ଧି ନେବି ଆଜି ତୋର ମୂଲ ।
ବିମଳ ଆଲୋକେ ତାଳୁ ସୁଗନ୍ଧ ମାଧୁରୀ
ନିଜ ପ୍ରାଣ ଗନ୍ଧ ଯାଏ ଅନ୍ୟ ଘ୍ରାଣେ ପୂରି ।
ତାହା ଦେଖି ହୃଦ ବନେ ଫୁଟେ ପାରିଜାତ
ସୋହାଗ ମଧୁର ପ୍ରେମ ମନେ ହୁଏ ଜାତ ।
ପୂଜାର ମନ୍ଦିରେ ଆଜି ତୋ ପୂଜା ପ୍ରତିମା
ଗୌରବରେ ଶୋଭାମୟ ତୋ ପ୍ରଭା ଗରିମା ।
ନାହିଁ ମରୁଭୂମି ରୂପେ ଅନ୍ତର ନିଷ୍ଠୁର
ସେ ମହତ ପୂର
ଅତୁଳ ସୌନ୍ଦର୍ଯ୍ୟେ ପୂର୍ଣ୍ଣ ସେ ମହତ ପୁର ।
ଆସିଛି ପ୍ରଭାତ ସଙ୍ଗେ ଆଲୋକିତ ରବି
ଆହା ! କି ବିମଳ ଅଟେ ସେ ବିମଳ ଛବି ।
କରୁଣର ଗୃରୁ ଛଟା ନିଏ ହୃଦ ବ୍ୟଥା
ଆଜି ସେହି କର୍ମ୍ମ ସ୍ମୃତି ଟେକିଅଛି ମଥା ।
ଜୀବନର ଶତ ଆଶା ଆସିଛି ଲେଉଟି
ମନ ବେଦନାର ବନେ ଶାନ୍ତି ପୁଷ୍ପ ଫୁଟି ।
ଝଙ୍କାର ଉଠଇ ଶୁପ୍ତେ ଏହି ବୁକ ବୀଣା
ଭଗ୍ନ ତାରେ ଦେଇ ତାନ ଗାନରେ ପ୍ରବୀଣା ।
ଉଚ୍ଛୁଳି ଉଚ୍ଛଳେ ମନ ନବୀନ ଉଚ୍ଛକେ
କେଡ଼େ ମନୋହର ଶୋଭା ନୟନ ପଲକେ ।
ନବୀନ ବସନ୍ତ ଆସି ପବନେ ମିଶଇ
ନବ ଭାବ ନବ ପ୍ରେମେ କାମନା ହସଇ ।
ଅଜଣା ରାଜ୍ୟରେ ଦେଖେ ମୁଁ ଗ୍ରାମ୍ୟା ସ୍ୱପନ
କେଉଁ ଆଲୋକରେ ଗଢ଼ା ଏ ପ୍ରେମ ସଦନ ।

Digitized by srujanika@gmail.com

କି ଭାବେ ବର୍ଣ୍ଣିବି ସତେ ଏ କର୍ମ ଆସନ
କେଉଁ ଫୁଲେ ଫୁଲ ନେବ ବୁଲାଇ ଭୁବନ ।
ଚନ୍ଦ୍ରଙ୍କ ଆଲୋକ ସଙ୍ଗେ ନେବ କି ବନାଇ
ସେହିତ ଲୁଚି ରହଇ ଦିନ କର ପାଇ ।
ଲୁଚିବାର ଛନ୍ଦ ନୁହେ ମୋ ପରାଣ ଧନ
ନିତି ଜ୍ୟୋସ୍ନା ଢାଳି କରେ ତୃପ୍ତ ଏ ଜୀବନ ।
ତୋ ଆଲୋକେ ତୁହି ପୂର୍ଣ୍ଣ ଉପଲକ୍ଷ ନାହିଁ
ଉପମା କେବଳ ଅଟେ ବର୍ଣ୍ଣନାର ପାଇଁ ।
ପ୍ରକୃତ ସୁନ୍ଦର ଅଟେ ପ୍ରକୃତ ଗୌରବ
ପ୍ରକୃତତା ସଙ୍ଗେ ନାହିଁ ଉପମା ବିଭବ ।
କି ଆନନ୍ଦ ଅଶ୍ରୁ ପୂର୍ଣ୍ଣ କରେ ନୟନରେ
କି ପୁଲକ କି ସମ୍ପଦ ଅଜାଡ଼ି ଗୁପ୍ତରେ ।
ଜୀବନର ସବୁ କଥା ଆକୁଳ ହତାଶ
ଅନ୍ତରୁ ବାହାର କରି ଭରିଛୁ ଉଲ୍ଲାସ ।
ସେ ଦିନର କଥା ଛନ୍ଦ ଏ ଦିନେ ମିଶଇ
ବନ୍ଦାଇ ଯେ ଥିଲି ପ୍ରାଣ ଆଜି ସେ ହସଇ ।
ଭୁଲାଇଛ ସବୁ କଥା କି ଶାନ୍ତି ପରଶି
ସଜାଡ଼ି ରଖିଛ ପୁରି ଉଚ୍ଚାସନେ ବସି ।
ଆସନକୁ ତୁହି ଯୋଗ୍ୟ ରେ ରଙ୍କରତନ ୧
ଅନୁଭବ ସଙ୍ଗେ ଗଢ଼ ନୂତନ ଜୀବନ ।
ନୂତନର ଆୟୋଜନେ ସକଳ ନୂତନ
ଧର୍ମ ଆତ୍ମ ହୋଇ ସାଧ ଜୀବନର ପଣ ।

●

ମୁରଦାବାଦ, ୨୫-୩-୩୬

---

୧. ଏଠାରେ ନାୟିକବ, ବଡ଼ଦିଅଁକୁ ଲକ୍ଷ୍ୟକରି ଏ କଥା ପ୍ରକାଶ କରିଛନ୍ତି ।

Digitized by srujanika@gmail.com

ମହାଦାନ

ପରାଣ ଈଶ୍ୱର ଯାହା କରିଅଛ ଦାନ
କିସ ବୋଲି ଜଣାଇବି ଆହେ ଭଗବାନ ।

ସବୁ ସୁଖ ସବୁ ଭାବ ପ୍ରାଣେ ଅଛି ଭରି
ଆହା ! କି ଅମୃତ ଧାର ନିତି ଆସେ ଝରି ।

ଏହି ଶୂନ୍ୟ ହୃଦୟରେ ତୁମେ ଦିବ୍ୟ ମୂର୍ତ୍ତି
ହୋଇ ବିଦ୍ୟମାନ ଦେବ ଯାଚି ଦିଅ ତୃପ୍ତି ।

ନୀରବତା ସଙ୍ଗେ ଆସି ଗାଇ ଯାଅ ଗାନ
ବିହରି ମାନସ ବନେ ଫୁଟାଅ ସୁମନ ।

କରି ଅଛ ଏ ଜୀବନ ମଧୁର ସୁନ୍ଦର
ହେ ଦେବତା ! ତୁମେ ମୋର ସବୁରେ ଅମଝି ।

ଦେଇ ଅଛ ସ୍ନେହ ଢାଳି ଯନ୍ତ୍ରଣା ମଧ୍ୟରେ
ଆଘାତରେ ଅଛ ଜଗି ଆପଣା କର୍ମରେ ।

ଆକୁଳ ଚପଳ ଚିତ୍ତେ ତୁମେ ବି ପ୍ରଫୁଲ୍ଲ
ଯାହା ଗୃହେଁ ତାହା ଦିଅ ରଖି ଅନୁକୂଳ ।

ରଖାଇ ଜଗତ ତଳେ ପଛେ ରହ ଜାଗି
ଉତ୍ସାହରେ ଆସ ଭାସି ହୋଇ ଅନୁରାଗୀ ।

ଆସିଲେ ଘୋଟି ଅନ୍ଧାର ଜଳାଅ ଆଲୋକ
ପୋଛି ଦିଅ ଅଶ୍ରୁ ବିନ୍ଦୁ ଟେକାଇ ପଲକ ।

ପାଷାଣ ପରାଣେ ଆହା ! ଫୁଟେ କି ନିର୍ଝର
ଅଭିଳାଷ ସଙ୍ଗେ ସିଦ୍ଧି କାମନା ନକର ।

ଉଚ୍ଚ ଆଶା ଉଚ୍ଚ ମନେ ଭାବନା ରୂପରେ
ଅଯାଚିତ କି ଅଭୟ ଅଜାଡ଼ି ସ୍ନେହରେ ।

Digitized by srujanika@gmail.com

ଭିକାରୀର ଭିକ ଥାଳି   କରି ଅଛ ପୂର୍ଣ୍ଣ
ଅମୃତ ପ୍ରଦାନ କରି   ବୁଝିନେଇ ଗୁଣ ।
କି କରୁଣା ପୂର୍ଣ୍ଣ ଅଟେ   ତବ ଦୟା ଦାନ
ଅଭିମାନ ମାନେ ମିଶି   ରଖିଅଛ ମାନ ।
ସେ ଅଭୟ ଦାନେ ଆଜି   ମୁଁ ଅଟେ ଭିକାରୀ
ସେହି ଥାଳ ପୂର୍ଣ୍ଣ କରି   ସବୁ କିଛି ଠାରି ।
ଅନନ୍ତ ସେ ଦାନ ମୋର   କରି ନୁହେ ଅନ୍ତ
ପୁଲକିତ ପ୍ରାଣ ମନ   ପୁଲକ ମହତ ।
ପୁଲକିତେ ଅଯାଚିତ   କରି ଅଛ ଦାନ
ଅପମାନ ତଳେ ରଖି   କରିଛ ସମ୍ମାନ ।
ସେ ସମ୍ମାନ ସଙ୍ଗେ ତୁଳି   କିଛି ନାହିଁ ଆଜି
ଜଳଇ ଅନ୍ତର ହୃଦେ   ଜ୍ୟୋତି ଦାଉ ଦାଉ ।
ଜୀବନ ହୋଇଛି ଧନ୍ୟ   ଜଗତ ମଧ୍ୟରେ
ଆହା ! କି ଗୁପତ ଦାନ   ଭରିଲ ପ୍ରାଣରେ ।
ଗୁପ୍ତ ରୂପ ଗୁ ପ୍ତ ଭାବ   ଗୁପ୍ତ ତବ ଦାନ
ଗୁ ପ୍ତ ସଦୟରେ ଆଜି   ରଖିଅଛ ମାନ ।
ସେ ପୁଲକ ମନ ପ୍ରାଣ   ଅର୍ପିଲି ପୟରେ
ଯାହା ଇଚ୍ଛା ତାହା ତବ   ପାଳନ୍ତୁ ଆଦରେ ।
ସକଳ ତୁମରି ଅଟେ   ମୋର କିଛି ନାହିଁ
ସାକ୍ଷୀ ରୂପେ ରହି ଥାଇ   ଦେଉଛି ଅନାଇଁ ।
ପୁଣି ଆଉ ଥରେ ଯେନ   ଅନ୍ତର ବନ୍ଦନ
କଳୁଷିତ ମୁକ୍ତ ଶିର   ଛୁଇଁଲା ଚରଣ ।

●

ମୁରାଦାବାଦ, ୧୬-୧୨-୩୫

Digitized by srujanika@gmail.com

ପ୍ରେମ

ରେ ପ୍ରେମ ଲତିକା ୧ ମୋ ଆଶା କଳିକା
ଗନ୍ଧ ଭରି ଅଛୁ ତୁହି
ଆଜ ପ୍ରାଣ-ବୃନ୍ତେ ମାଳ ନାହିଁ ସତେ
ସେ ଶୋଭା ନ ଦେଖେ ମୂହିଁ ।
କି ଗନ୍ଧ ମାଧୁରୀ ଝରି ଆସେ ପୂରି
ଝୁଲାଇ ଦିଏ ପବନ
ମୈତ୍ରୀ ବସନ୍ତରେ ସ୍ନେହ ପ୍ରମୋଦରେ
ହସାଇ ଦେଇ ବଦନ ।
ଝରି ଆସେ ମଧୁ ରସ ସାର ଗନ୍ଧୁ
ପାନ କରେ ପ୍ରାଣ ଭୃଙ୍ଗେ
ସେହି ପ୍ରେମ ଭରି ଶାନ୍ତ ପୁଷ୍ପ ଝରି
ଆଜ କେ ରଖିଛି ଗୁପ୍ତେ ।
ଗୁପ୍ତେ ଥାଅ କଳ ସେହି ଝରା ବୋଳ
ଗୁପ୍ତେ ପୂରୁ ପୂର୍ଣ୍ଣ ରସ
ଗୁପତ ବେଦନା ନ ହେଉ ଭାବନା
ଗୁପତେ କଣେ ହରଷ ।
ଗୁପତ ଅଭସ୍ପୃ କରୁ ଗୁପ୍ତେ ଜପୂ
ଗୁପ୍ତେ ମାନସ କାନନେ
ଗୁପ୍ତେ ଢାଳ ଧାରା ଗୁପ୍ତେ ବକ୍ଷ ହାରା
ଗୁପ୍ତେ ଅର୍ପି ଏ ଜୀବନେ ।
ଗୁପତ ଚୁମ୍ବନ ଧ୍ୟାନରେ ସ୍ପନ୍ଦନ
ଗୁପ୍ତେ ନିଅ ଆଶୀର୍ବାଦ
ଗୁପତରେ ଆଣି ପିଅ ସୁଧା ଛାଣି
ଆନନ୍ଦ ମୋଦ ଆହ୍ଲାଦ ।

ତୋର ମାତା

ମୁରାଦାବାଦ, ୨୪-୯-୩୪

---

୧. ସାନହିଅ ପ୍ରେମଲତା

Digitized by srujanika@gmail.com

କହ କଥା

କହ କହ ଧନ   କହରେ ଜୀବନ
କହ କହ ମନ କଥା
କପଟି ଜୀବନ   କାଟୁଛୁ ମୋ ଧନ
କହି ଦୂର କର ବ୍ୟଥା ।
କହ କହ ଥରେ   କି ଭାବ ମନରେ
ଜାଗି ରହିଅଛି ତୋର
ବେଦନା ନିଗାଡ଼ି   ରକତ ଚିପୁଡ଼ି
ଭୋଗୁଛୁ କି ଦୁଃଖ ଘୋର ।
କହ କହ ବାରେ   ସ୍ନେହ ସୁବସ୍ତ୍ରରେ
ସରଳ ସ୍ନେହ ବିଭୋଳେ
ଆମ୍ଭର ବିଚ୍ଛେଦ   କରୁଛି କି ବାଦ
ମାରେ କି ଚିଠା କପୋଳେ ।
ବିଶ୍ୱାସ ମିଶାଇ   ଭାବନା ଖେଳାଇ
କହ ତୋ ମନ ଭାବନା
ମାରବରେ ବସି   କି ଯାଉ ପରଶି
ଆସେ କି ମନେ ଯନ୍ତ୍ରଣା ।
କହ କହ ଥରେ   ଦୁଃଖର ଦାଉରେ
ପ୍ରାଣ କି ନୁହେ ସମ୍ଭାଳ
କହ ତୋ, ଉଦ୍ଦେଶ୍ୟ   ଆସିବ ଅବଶ୍ୟ
ମୋ ଧନ କହିଁ ନ ଭାଳ ।
ଆରେ 'ପ୍ରେମଲତା   ମୋ ପ୍ରାଣ ଶୋଭିତା
ମୋ ହୃଦପୁ ପୁଷ୍ପ ହାର
କେଜାଣି କାହିଁକି   ମୋ ପ୍ରାଣ ଚମକି
ନିତି ବହେ ଅଶ୍ରୁଧାର ।

Digitized by srujanika@gmail.com

ତୁ ଥିଲେ ଆନନ୍ଦେ ମୁଁ ଥିବି ପ୍ରମୋଦେ
ଏ କଥା ନିଶ୍ଚୟେ ଜାଣ
ତୁ ଭୋଗିଲେ ଦୁଃଖ ମୁଁ ଭୋଗିବି ଦୁଃଖ
ନିତି ଦଗ୍ଧ ଦୁଇ ପ୍ରାଣ ।

ତୋ ଭାବନା ପାଇଁ ରହିଲି ଅନାଇ
ବଦନେ ଦେଇ ଚୁମ୍ବନ
ଅଛୁକି ସୁଖରେ କହି ଗୁପତରେ
ଛୁଇଁ ମୋହର ଚରଣ ।

ଘେନ ଆଶୀର୍ବାଦ ଘୁଞ୍ଚାଇ ବିଷାଦ
ରଖ ସ୍ନେହ ଭକ୍ତି ଚିତ୍ତେ
ବନ୍ଧୁଙ୍କ ଆଦର ପାଅ ନିରନ୍ତର
ନିଜର ଜୀବନ ହିତେ ।

ତୋର ମାତା

●

ମୁରାଦାବାଦ, ୨୧-୧୧-୩୫

ଅନ୍ନପୂର୍ଣ୍ଣାଙ୍କ ଦୁହିତା 'ପ୍ରେମଲତା' ନାମରେ ଉକ୍ତ ପଦ୍ୟଟି ଲେଖା ହୋଇ ଅଛି ।

Digitized by srujanika@gmail.com

କର ଜୟ

ଲୁଟି ଆଶୀର୍ବାଦ ଉଠୁ ଜୟ ନାଦ
ଫୁଟୁ କରମ ଗରିମା
ଛୁଟୁ ମନ ବ୍ୟାଧି ଭେଟୁ କଳ୍ପନଧି
ରଟୁ ଅସୀମ ମହିମା ।

ସରସି ସରସି ଭରସି ଭରସୀ
ତରଙ୍ଗ ତରଙ୍ଗ ଇଙ୍ଗିତ
ପରଶ ପରଶ ହରଷ ହରଷ
ଆଲୋକ ପଲକେ ସେ ଚନ୍ଦ୍ର ।

ଧର ଧର ଧର କର କର କର
ତର ତର ଗୁଲୁ କଲମ
ଧରମ କରମ ମରମେ ମରମ
ଶରମ ନ ରଖ ଜୀବନ ।

ଚଳପ ଚଳପେ କଳପ କଳପେ
* ପିଣ୍ଡୁଲା ସବୁଜ ବନାଇଁ
ଲଳିତ ମଧୁର କଳିକା ସୁନ୍ଦର
ବଳିତା ହଅରେ ଲଗାଇ ।

---

* ମାଟି ଦୀପାଳୀ

ନିଜର କନ୍ୟା 'ପ୍ରେମଲତା' ନାମରେ ଲିଖିତ ।

Digitized by srujanika@gmail.com

ଜଳି ଉଠୁ ଜ୍ୟୋତି   ବଳି ହେଉ ମତି
ଉଚ୍ଛୁଳି ଉଠୁ ଭାବନା
ଢଳି ଢଳି ଢଳି   କଳି କଳି କଳି
ପୁଲକ ପୂରାଅ କାମନା ।

ଯଶଃରେ ଯଶସ୍ୱୀ   ଯଶଃ ଆଣ ହସି
ଜାଗ୍ରତେ ଚିହ୍ନ ମହତ
ଗୁଣରେ ଭୂଷଣ   ପୂର୍ଣ୍ଣିକର ପ୍ରାଣ
ଆପୃତେ ଆଣି ଆପୃତ ।

କଲ୍ୟାଣ ସୁମନ   ଘେନ ମସ୍ତକେଣ
କରମେ ସାଧ କରମ
ବିଶ୍ୱେ ହୋଇ ଠିଆ   ଭବେ ପାନ୍ତ ହସ୍ପୃ
ବିଶ୍ୱାସେ ଗୃହ ଜୀବନ ।

ତୋର ମାତା

ମୁରାଦାବାଦ, ୬-୪-୩୬

Digitized by srujanika@gmail.com

ଉଦ୍‌ବୋଧନ

ଅପ୍ରାପ୍ୟ ଲାଳସା ଯୋଗୁଁ ଜୀବନ ହତାଶ
ହୁଅଇ ସମସ୍ତ ଚେଷ୍ଟେ ବ୍ୟର୍ଥନେ ନିରାଶ ।
କ୍ଷୀଣ ମନ ଯଥା ପ୍ରାଣ କୁହୁଡ଼ି ଜାଲରେ
ରୁଦ୍ଧ ହୋଇ ପଥ ବଣା ହୁଅଇ ମାର୍ଗରେ
ଅନ୍ତ୍ରମ ଚେଷ୍ଟେ ପରାଣ ଖେଳେ ଇତସ୍ତତଃ
ଲକ୍ଷ୍ୟହୀନ ହୋଇ କରେ ନୀରବ ବିରତ ।
କପାଁ କର୍ମ ଅନୁଷ୍ଠାନ ନକର ପ୍ରଥମେ
ଫଳ ଆଶା ପୋଷି ମନେ ଉଠିବ ଉଦ୍ୟମେ ।
ସମସ୍ତ ଚେଷ୍ଟେ କର୍ମ ଯୋଗେ ହେଲେ ଘରଷଣ
ଅଗ୍ନି ଯୋଗେ ସ୍ୱର୍ଣ୍ଣ ଯଥା ଦୀପ୍ତିର କାରଣ ।
ସେହିପରି କର୍ମ ଜ୍ୟୋତି ବିରାଜିବ ଜାଣ
ଅପ୍ରାପ୍ୟ ଦୁର୍ଲ୍ଲଭ ଆଶା ତେଜିଲେ ପରାଣ ।
ସାବଧାନ ହୁଅ ଆରେ ମନ ବେଳ ଥାଉଁ
ଦେହ ଜଗି ଆତ୍ମା ଗୃହେ ଶିଖ ଭବଭାଉ ।
ନିଶ୍ଚଳେ ଚିନ୍ତିଲେ ନିଜ କୃତ କର୍ମରାଶି
ଅଲକ୍ଷ୍ୟ ସ୍ରୋତରେ ନିଶ୍ଚେ ଯାଇଅଛି ଭାସି ।
ଆଉ କି ଅଛି ବା ଥିବ କରିବ ଯତନ
ଜୀର୍ଣ୍ଣ ଶୀର୍ଣ୍ଣ କଳେବର କେବଳ ପତନ ।
ସମସ୍ତ ଅଧୀନେ ସଦା ମରଣ ଆହ୍ୱାନେ
ଜଗି ବସି ଅଛି ମନ ମାୟାର-ବିମାନେ ।
କେତେ କେତେ ବୀରପିଣ୍ଡ ହୋଇ ଉଥାପନ
ଶାନ୍ତି ପାଇଁ ମର୍ତ୍ତ୍ୟ ଧାମେ ତେଜିଲେ ଜୀବନ ।

Digitized by srujanika@gmail.com

ସ୍ୱାର୍ଥଭବ ବର୍ତ୍ତିକା ଚକ୍ଷୁ ଉନ୍ମୀଳନ
କରି ଦେଖି ମାୟାମୋହେ ସମସ୍ତ କଠିନ ।
କ୍ଷୀଣ ରଶ୍ମି ମାତ୍ର ଯାହା ଅନୁଭବି ପ୍ରାଣେ
ଲକ୍ଷ୍ୟ ପାଇଁ ଗୁଡ଼ିଗଲେ ଜ୍ଞାନେ କି ଅଜ୍ଞାନେ ।
କର୍ମ୍ମଶିରୁ ସ୍ୱାର୍ଥ ପୋଷି ଅନୁଭବ ହୀନ
ତାଙ୍କ ପଛେ ଯେଉଁମାନେ ଜାତହେଲେ ଦୀନ ।
ବଂଶ ପରଂପରା କ୍ରମେ ହୀନ ବୀର୍ଯ୍ୟ ପ୍ରାଣ
ହେବା ଯୋଗୁଁ ଗତଭାବ ଦଶେ ବୋଲି ଜ୍ଞାନ ।
ଏହି ପୂଜା ଜାଗରୁକ ଅକାଳେ ଅପାଶେ
ଲାଗିଛି ସର୍ବଦା ଇଚ୍ଛା ରୁଚି ସର୍ବ ଗାସେ ।
ରୁଚି ଯୋଗୁଁ ମତ ଭେଦ ଅହଂପୂର୍ଣ୍ଣ ବୀର
ପିଙ୍ଗଇ ତା ଭାବ-ଜାଲ କହି ମଧୁଗିର ।
ଘଟ ସଙ୍ଗେ ମଧୁ ସ୍ରୋତ ଅଲକ୍ଷ୍ୟ ସ୍ରୋତରେ
ଭାସିଯାଏ ସତ୍ତ୍ୱହୀନ ହୁଅଇ ରୂପରେ ।
(ମାତ୍ର)-ମଧୁଗିର ଭାବ ସ୍ରୋତ ହୋଇ ଲଟପଟ
ଧାଇଁଥାନ୍ତି ଧାଉଁଛନ୍ତି କେ କରେ ଆକଟ ।
ଧାଅଁ ଧାଅଁ ହେ ରସିକେ, ରସିକା ମହାନେ
କେଉଁ କୂଳେ କାହାପାଖେ ବସିବ ଆପଣେ ?
ଜଣକର ଇଚ୍ଛାମତ ପାଳି ଅବା ହେଲେ
ଭୁଲିବେ କି କହ କଳା କବା କେଉଁ କାଳେ ?
କେତେ ପୂଜା ଲେଉଛି ବା ଆସିଲେଣି କହ
ତତ୍ତ୍ୱପଛେ ପଥ କ୍ଳାନ୍ତ ହେବାରୁ ଏ ଦେହ ।
ପ୍ରତ୍ୟକ୍ଷ ପ୍ରମାଣ କର୍ମ୍ମ କରି ଆବସ୍ଥାର
କଲେ ସିନା ଅନୁଭବ ହେବ କାରବାର ।
ଏହା ଛାଡ଼ି ଏକ ଗୋଟା କଳ୍ପିତ ମଧ୍ୟରେ
ନିଜ ମନ ସ୍ତବ ଦେଇ ରହୁଛ ତହିଁରେ ।
କେ କରିବ କାରବାର ହେ ପଥିକ ଶୂରେ
ଆଗ କିଣ ମନ ତବ ତେଜ ମୋହ ଦୂରେ ।

Digitized by srujanika@gmail.com

ମନ ସାବଧାନେ ଅଛି ଜୀବନ ସର୍ବସ୍ୱ
କର୍ମ ପଥେ ଚାଲି ଯାଅ ଦେଖିବ ଅବଶ୍ୟ ।
କର୍ମ ମନ୍ତ୍ର ଏ ଜଗତ ରୂପ କାରିଗର
ନାନାଛନ୍ଦେ ନାନାତର୍କେ ସୃଷ୍ଟି ମନୋହର ।
ଏହା ଦେଖି ନିଜ ପ୍ରାଣ କରି ପ୍ରଚ୍ଛାଦିତ
କହ ନାହିଁ କର ନାହିଁ ଅନ୍ୟକୁ ପୀଡ଼ିତ ।
ଆତ୍ମା ବିନା କିଛି ନାହିଁ ତା ଅଛି ନିଜରେ
ଚେଷ୍ଟା କରି ଦେଖି ନିଅ ଅତି ସହଜରେ ।
ମୁହିଁ କ୍ଷୁଦ୍ରମତି ନାରୀ, ଅନୁଭବ ପକ୍ୱତା-
ପୁରୁଷଙ୍କ ଆଗେ କହିବାକୁ ଲାଗେ ଦକା ।
ମାତ୍ର ସେ ଭସ୍ମ ଭସାଇ ଦେଇଛି ସ୍ରୋତରେ
ନିଜ ପଥେ ମୁଁ ପଥିକା ଚାଲୁଛି ସଧୀରେ ।
ଅନ୍ୟ ଅଧିକାର ଚର୍ଚ୍ଚା ନାହିଁ ଏ ପ୍ରାଣରେ
ଯେପରି ପୁରୁଷ ଏବେ ଦଶନ୍ତି କ୍ଷେତ୍ରରେ ।
ନାରୀ ଜାତି ଅଭିବୃଦ୍ଧି କରିବା ବାସନା
ପୁରୁଷ କି କରି ଜାଣେ କାଞ୍ଚିତ ସୂଚନା ?
ଛିଛି, ଛିଛି, ଗୁଡ଼ ଭାବ କୃତ୍ରିମ କଳ୍ପନା
ଲେଖନାହିଁ ପତ୍ରିକାରେ ପ୍ରବନ୍ଧ ଅଲଣା ।
କେ ପଢ଼ିବ ତାହା କହ, ପଛେ ଯିବା କର୍ମ
ନ ବୁଝି ସୁଝି କେ ମାଇ ପାଳନେବ ଧର୍ମ ।
କେ ପୁରୁଷ ନିଶେ ହାତ ଦେଇ ଛିଡ଼ା ହେବ
ଏକପତ୍ନୀ ବ୍ରତେ ତାକୁ ପାଳି କରି ନେବ ?
ପତ୍ନୀ ପାଇଁ ସ୍ୱାର୍ଥ ଭୁଲି ନିଜ ସୁଖ ଦୁଃଖ
କେ ପୁରୁଷ କହିବ ତ କହନ୍ତୁ ପରଖ ?
ନିଜ ପର ମାଇପିକ କରିବାକୁ ପଣ
କେତେ ପୁଞ୍ଜା ଜନ୍ମିଲେଣି କହତ ବହନ ?
ମୁଁ ଜାଣିଛି ଏକ ଗୋଟା ହେଲେ ଜନ୍ମି ନାହିଁ
କେବେ ମଧ୍ୟ ଶୁଣା ନାହିଁ ଥିଲେ ଅବା କାହିଁ ।

Digitized by srujanika@gmail.com

ଯା ମହତ ସେହି ଧରି ଚଳିଲେ ଜଗତେ
ସୁନ୍ଦର ନୋହିବ କିବା ନିଜ ଇଚ୍ଛାମତେ ?

ନାରୀ ପାଇଁ ନର ପ୍ରାଣ ଚିନ୍ତା କଲା ପରି
ପ୍ରତାରକ ହୁଅନାହିଁ ଦେଇ ଶୁଷ୍କ ହରି ।

ମନ ବୋଧ କରି ନାହିଁ ପ୍ରବନ୍ଧ ବଳରେ
ସ୍ୱାର୍ଥ ଭେକ ବୁଝିଯିବ କାର୍ଯ୍ୟ କଳାପରେ ।

ମୁହିଁ କହେ ନାରୀ କରୁ ତା ଜାତି ମଙ୍ଗଳ
ସେହିପରି ନର ମଧ କରୁ ତା ଚହଲ ।

ପ୍ରତାରକ ବେଶ ମାତ୍ର ସମସ୍ତ ସ୍ଥଳରେ
ଚିହ୍ନା କି ନ ପଡ଼େ ରହେ କହ କିନା ଥରେ ?

ଲାଞ୍ଛିତ ହେବା ପୂର୍ବରୁ ହୋଇଲେ ନିବୃତ୍ତ
ଉଭୟ ପକ୍ଷେ ମଙ୍ଗଳ ହେବ ଉପସ୍ଥିତ ।

ଏକ ଆତ୍ମା ବେଶଧାରୀ ଘଟ ବିଶେଷରେ
ଖେଳାନ୍ତି ଭବକୁ ନାନା ଇଙ୍ଗିତ ଭଙ୍ଗିରେ ।

ସମସ୍ତ କରଣ ଢ଼ାଳ ସହସ୍ର ତା ପ୍ରାଣେ
ମହିମା ପ୍ରକାଶ ହେବ ସୃଷ୍ଟିର କାରଣେ ।
ଏ ରହସ୍ୟ ଯେଝା ହୃଦେ ବୁଝିଗଲେ ଥୋଡ଼ା ।
ଲେଖା ପ୍ରତି ମତଭେଦ କାହାକୁ ବା ଲୋଡ଼ା ?

ଶ୍ରୀମତୀ ଅନ୍ନପୂର୍ଣ୍ଣା

●

ପାରଳାଖେମୁଣ୍ଡି, ୧୭-୯-୧୭

Digitized by srujanika@gmail.com

ମନୋଭବ

ନୟନର ଅଶ୍ରୁ ଗାରେ ଲେଖୁଛି କବିତା
ଲେଖି ଲେଖି ଭବ ଆଣେ ମୁଁ ଅଚିହ୍ନ ବନିତା ।
ଜୀବନର ସର୍ବସ୍ୱ ଦେଇ କରିଛି ବରଣ
ସେ ବିଜୟ ନାଦେ ଧନ୍ୟ ହୁଅଇ ଜୀବନ ।
ହୃଦ-ପଟେ ଆଙ୍କି ନଏ ସେ ମଧୁର ଛନ୍ଦ
ତୋଳି ସଙ୍ଗେ ମୂଳ୍ୟ ବାନ୍ଧି ହୁଅଇ ପବନ୍ଧ ।
ସେହି ସୁଖ ମାଦକତା ପ୍ରେମ ପଲ୍ଲବନେ
ମତ୍ତୁ ଆଳ ନାହିଁ କେବେ ପବନ୍ଧ ଗୋପନେ ।
ପ୍ରେମ ଶକ୍ତି ପୂଜା କରି ପାଇ ପ୍ରେମମୂର୍ତ୍ତି
ପ୍ରକୃତିର ଉପହାର ନୁହଇ ବିକୃତି ।
ପ୍ରେମ ସ୍ରୋତେ ଫୁଟିଅଛି ପ୍ରେମମୟ ଫୁଲ
ଚହଟି ଉଠଇ ବାସ ସୌନ୍ଦର୍ଯ୍ୟ ଅତୁଳ ।
ଚକ୍ଷୁଆଗେ ଦିବ୍ୟ ଜ୍ୟୋତି ଭାସିଆସେ ହସି
ମରମେ ପୁଲକ ଦିଏ ଆଲାପେ ଭରସି ।
ଫୁଲର ପରାଗେ ମୋର ଲକ୍ଷ ଅଛି ମାଜି
ବସନ୍ତ ମଳୟ ସଙ୍ଗେ ଫୁଲ ବେଶ ସାଜି ।
ଝଙ୍କାରି ଉଠଇ ତାନ କୋକିଳ କଣ୍ଠରେ
ଅଲକ୍ଷିତେ ଝରି ଆସେ ମଧୁ ଝରଝରେ ।
ଆହା କି ! ସୌମ୍ୟ ମାଧୁରୀ ତୃପ୍ତି ଦିଏ ପ୍ରାଣେ
ମଧୁ ଆସ୍ୱାଦନେ ରୂପ ହସେ ପ୍ରତିଦାନେ ।
କୁସୁମ ସୁଷମା ଧରି ବାଞ୍ଛଇ ସର୍ବାଙ୍ଗେ
ପୁଲକ ଆସଇ ଧୂଳି ଗୌରବ ସରାଗେ ।
ବୁକୁର ବେଦନା ସବୁ ଯାଏ ଅବସରି
ଲୟଟି ରହିଛି ଧ୍ୟାନେ ସାଧନାରେ ଭରି ।

Digitized by srujanika@gmail.com

ଆଜି ଯାହା ଦେଖୁଅଛି ସେ ରୂପ ମୋହନ
ସବୁଦିନେ ସ୍ୱପ୍ନସମ ଖେଳାଏ ନୟନ ।

ପୂରେ ପୂରେ ସେହି ସ୍ୱପ୍ନ ଦେଖେ ବିଦ୍ୟମାନ
ହଜିନାହିଁ ଅଛି ମୋର ସ୍ନେହର କମାଣ ।

ଜୀବନର ଧାରେ ଶକ୍ତି ସୃଷ୍ଟି ଆଣେ ବଳ
ବିଳାସ ବାସନା ଭୋଗ ତାକୁ ନୁହେ ସର ।

ଦେଖ ଦେଖ ରଚିଅଛି ହୃଦୟେ ମନ୍ଦିର
ଖାଲିନୁହେ ସେ ମନ୍ଦିର ସ୍ୱରୂପ ଅମର ।

ଅଛି ଭାବ ଅଛି ପ୍ରେମ ଏ ପ୍ରେମ ଭଣ୍ଡାରେ
ପ୍ରେମ କି ହୋଇବ ଶୂନ୍ୟ କଳ୍ପନା ବକ୍ଷରେ ।

ଲୁଚି ନାହିଁ ଦିଏ ଦେଖା ମୋ ପରାଣ ସାଥି
ତାଳେ ତାଳେ ଉଠେ ତାନ କାହାପାଇଁ ଭ୍ରାନ୍ତି ।

ଭସିଆସେ ଧୀରେ ଧୀରେ ମଧୁର ପବନ
ଆକାଶର ଚନ୍ଦ୍ର ଢାଳେ ଜ୍ୟୋତ୍ସ୍ନା କିରଣ ।

ସବୁଦିନ ମଧୁମୟ ଉଲ୍ଲାସ ଉତ୍ସବ
ଅଛି ଜୟ ନାହିଁ ଭୟ ନାହିଁ ପରାଭବ ।

ଅବିରତେ ଦେଖୁଥିବ ସୁନ୍ଦର ବଦନ
ମୃତ୍ୟୁ ଧକ୍କା କି କରିବ ପଡ଼ିଛି ବନ୍ଧନ ।

ତୁମର ଅନ୍ନପୂର୍ଣ୍ଣା

●

ବାଲେଶ୍ୱର, ୨୮-୧-୪୧

୧୭-୨-୪୧ ରେ ବାଲେଶ୍ୱରରୁ ଅନ୍ନପୂର୍ଣ୍ଣା ତାଙ୍କ ସ୍ୱାମୀଙ୍କ ଠାକୁ ଲେଖିଥିବା ପତ୍ରରେ ଉପର ଲିଖିତ ପଦ୍ୟଟି ଥିଲା ।

Digitized by srujanika@gmail.com

ଅନ୍ୱେଷଣ

ଘୂରି ବୁଲି ବନେ ଘନେ   କରେ ଅନ୍ୱେଷଣ
ଅସ୍ଥିର ନୁହଇ ହୃଦ   ଅଛି ଦୃଢ଼ ପଣ ।

ନିଶ୍ଚୟ ନିଶ୍ଚୟ ହେବ   ନବୀନ ମିଳନ
କେତେ ଦିନ ପାଇଁ ସିନା   ବିଚ୍ଛେଦ କଷଣ ।

ସେହି ପ୍ରେମ ଗନ୍ଧ ଅଛି   ଏହି ପ୍ରାଣ ଭରି
କ୍ଷୁଦ୍ର ନୁହେ ପୁଷ୍ପହାର   ବକ୍ଷେ ଅଛି ଧରି ।

ଫୁଟାଇଛି ପ୍ରାଣ-ପୁଷ୍ପ   ସେ ଅମୃତ ଝରି
ସ୍ନେହେ ଦେଇ ଶିର-ଭୂଷା   ସ୍ନେହ ସମାଦରି ।

ପ୍ରେମର ଉଲ୍ଲାସେ ଆଜି   ଖୋଜେ ପୁରେ ପୁରେ
ପ୍ରେମର ବିଭୋଳେ ସିନା   ଡ଼ାକଇ ଆତୁରେ ।

ଖୋଜି ଖୋଜି ସେହି ମୂର୍ତ୍ତି   ଦିନ ଯାଏ ସରି
ଏ ଦିଗୁ ସେ ଦିଗ ଯାଏ   ଆପଣାକୁ ଧରି ।

ଦେଖାତ ନ ମିଳେ କାହିଁ   ଘୂର୍ଣ୍ଣି ଦିଏ ଘାରି
ବାରେ ଦିଗ ଗୃହିଁ ଦିଏ   ପଶୁରି ପଶୁରି ।

ତଥାପି ନିରାଶ ନୁହେ   ବେଦନା କାତରେ
ସେହି ସେ ଅଛନ୍ତି ମୋର   ଏକାନ୍ତ ମନରେ ।

ପାଇବି ପାଇବି ନିଶ୍ଚେ   ଦେଖିବି ବଦନ
ସମାଦରେ ନେବି ସତ୍ତେ   ଆନନ୍ଦ ସ୍ପନ୍ଦନ ।

ଫାଙ୍କିବାକୁ କାର ବଳ   ଅଛି ଜଗତରେ
ପ୍ରେମତ ରହିଛି ଲୁଚି   ଅନ୍ତର ଅନ୍ତରେ ।

ଯେତେ ଦିନ ଥିବୁ ଦୁହେଁ   ଏ ବିଶ୍ୱ ଭୁବନେ
ଅକ୍ଷୁଣ୍ଣ ରହିବ ପ୍ରେମ   ନିଜ ନିଜ ମନେ ।

Digitized by srujanika@gmail.com

ତାର ପଛେ ଥିବ ଏଣି   ଆର ପଛେ ସେହି
ପ୍ରେମଧନ ଜୀବନରେ   ଅଛି ଦିଆ ଦେଇ ।

ନିଷ୍ଠୁରତା ନାହିଁ କେବେ   ସେ ପ୍ରୀତି ସ୍ନେହରେ
ଜାଣେ ମୁହିଁ ବିଫଳତା   କାହିଁ କାମନାରେ ।

ଚେଷ୍ଟାର ଆଗରେ ଅବା   କିଏ ହେବ ଠିଆ
କାହିଁ କାର ଦୃଢ଼ଅଛି   କେ ପାତିବ ହିୟା ।

ନୟନ ବନ୍ଧରେ ଆଜି   ଗୁନ୍ଥି ନେବ ହାର
ହସି ହସି ଲମ୍ବାଇବ   ବକ୍ଷେ ବୁଟି ସାର ।

ଚଞ୍ଚଳେ ଚଳାଏ ପଦ   ସେ ପଦ ନିରେଖି
ଭାବେ ଭବ ଏ ଜୀବନ   ସକଳ ଉପେକ୍ଷି ।

ସେହି ଅନ୍ବେଷଣେ ଶେଷ   ହୁଏ ଦିନ ରାତି
ପ୍ରେମ ବନ୍ଧନରେ ରୁଦ୍ଧ   ନେଇ ଅଛି ଗ୍ରନ୍ଥି ।

ଜୀର୍ଣ୍ଣ ଆଶା ଜୀର୍ଣ୍ଣ ହେବ   ନାହିଁ କିଛି ଭୟ
ନବ ଆଶା ନବ ମନେ   ଭେଟିବୁ ଉଭୟ ।

ହାସ ଧାର ଖେଳାଇବ   ପୁଲକ ବନ୍ଧନ
ଚରଣ ବନ୍ଦନା ପରେ   ପୀରତି ଚୁମ୍ବନ ।

ଭୁମ୍ବର ପଥଯାତ୍ରୀ

●

ମୁରାଦାବାଦ, ୩୦-୧-୩୬

Digitized by srujanika@gmail.com

ମନ ଭାବ

ଅଜଣା ଜଗତେ ବିଦ୍ୟୁତ ଇଙ୍ଗିତେ
ଘୋର ଗମ୍ଭୀର ନାଦରେ
ଦମ, ଦମ, ଦମ, କମ୍ପାଏ ଭୁବନ
ଚମକ ଦେଇ ପ୍ରାଣରେ ।
ଡାକି ବିଶ୍ୱସାରା ଢାଳି ଅଶ୍ରୁଧାରା
ଭିଜାଏ ବିଶ୍ୱ ବ୍ରହ୍ମାଣ୍ଡ
ଛାଡ଼େ ଘୋର ଶ୍ୱାସ ବହଇ ବତାସ
ଲଗାଏ ଜୀବନେ ତାଣ୍ଡ ।
କରି କଟିମିଟି ଅନାଏ ତରାଟି
କମ୍ପାଏ କମ୍ପନେ ଅଙ୍ଗ
ପୋଡ଼ି ଜାଳି ଆଶା ବଢ଼ାଏ ଲାଳସା
ଅବଶ ନିଏ ସରାଗ ।
ଅନ୍ଧାର ଅନ୍ଧାର ଦିଏ କି ବିସ୍ତର
କଳ୍ପନାର କୂଳ ନାହିଁ
ନାନାବର୍ଣ୍ଣ ଚିଜ ସଜେ ସାଜି ସଜ
ସମ୍ମୁଖେ ଦିଏ ରଖାଇ ।
କାହାକୁ ଧରିବି କାହାକୁ ଥୋଇବି
ଭାବି ଆଣେ ଆଖି ବୁଜି
ବିଭିନ୍ନ ଆକାର ସ୍ୱରୂପ ବିକାର
ଅନ୍ତରେ ବୁଲେ ମୋ ଖୋଜି ।
ପ୍ରବେଶି ମନରେ ସନ୍ଦେହ ଦୋଳାରେ
ଝୁଲାଏ ପ୍ରେମ ବିଶ୍ୱେଳେ
ପ୍ରେମରେ ହସାଇ ବିଳାପେ କନ୍ଦାଇ
ଲୁଚାଏ ନିଜ କୋଳରେ ।

Digitized by srujanika@gmail.com

ଖେଳେ ଲୁଚକାଳି ଦୃଢ଼ ଶକ୍ତି ଠାଳି
ଗୁହେଁ ଇଙ୍ଗିତ ନେତ୍ରରେ
ଅଳପ ଅଳପ ସଜାଏ ତଳପ
କେତେ ଭାବନା ଭାବରେ ।
ଗୋପନେ ଗୋପନ ଆସଇ ମଜନ
ସ୍ଥାବର ନୁହଇ ଲକ୍ଷ୍ୟ
ହୃଦୟ ତରଳି ଅଶ୍ରୁ ଆସେ ଗଳି
ଭିଜାଇ ରଖଇ ବକ୍ଷ ।
ଯେତେ ମନ ଭାବ କେ ଅବା ଜାଣିବ
କାହାକୁ କହିବ ସତେ
ପାଶେ ମୋର କେହି ନାହିଁ ପ୍ରାଣ ସ୍ନେହୀ
ମହତ ଭାବ ଜଗତେ ।
ସତେ ଯେବେ ତବ ଦୟା ଅଛି ଦେବ
ବୁଝିପାର ମନ କଥା
ପ୍ରେମ ବନ୍ତ ଜାଳି ପ୍ରେମ ସୁଧା ଢାଳି
ଘୁଞ୍ଚାଅ ମରମ ବ୍ୟଥା ।
ଅର୍ପି ଶତଦଳ ଚରଣ କମଳେ
ପୂଜଇ ବଢ଼ିଭୋଳ ମନ
ଭକ୍ତି ସଙ୍ଗେ ଶକ୍ତି ମାଗେ ଦୃଢ଼ ମନ୍ତ୍ର
କଟାଏ ଦଗ୍ଧ ଜୀବନ ।

ବାଲେଶ୍ବର, ୨୨-୩-୪୧

ନାରୀ କବିଙ୍କ ସ୍ୱାମୀ ୨୩-୩-୪୧ ପତ୍ର ସହିତେ
ଉପର ଲିଖିତ ପଦ୍ୟଟି ପାଇଥିଲେ ।

Digitized by srujanika@gmail.com

ଶୂନ୍ୟ ଘନେ ପକ୍ଷୀ

ଚିଁ ଚିଁ, ଚିଁ ଚିଁ ଡ଼ାକ ଉଡ଼ି ଯାଉ ପକ୍ଷୀ
ମିଶୁ ନୀଳ ଗଗନରେ
ଧରି କି ଉଦ୍ଦେଶ୍ୟ ଦେଖାଉ ସାହାସ
କି ଭାବ ଆଣି ମନରେ ।

ତଳକୁ ନ ଗୁହୁଁ ଉଚ୍ଚେ ଉଚ୍ଚ ଯାଉ
ଗାନେ ତାନେ ଢ଼ାଳୁ ସୁଧା
ଆସଇ ଲହରୀ ଫଟା ଗିରି ଝରି
ମାନସ କରଉ ମୁଗ୍‌ଧା ।

ଧରି କି ଖବର ଯାଉ ତର ତର
ଲକ୍ଷ୍ୟ ରଖିଅଛୁ କାହିଁ
ଧରି ପ୍ରେମ ଲେଖା କରିବୁ କି ଦେଖା
ସେ ଅନ୍ତର କଳ ଯାଇ ।

ତୋ ଉଲଟ ପକ୍ଷୀ ହରି ନଏ ଆଖି
ପରାଣେ ଦିଏ ପୁଲକ
ତୋ ଢ଼ଳା ଗୃହାଁଣି ମନ ନଏ ଟାଣି
ସଦୟେ ଢ଼ାଳୁ ଆଲୋକ ।

ଇଙ୍ଗିତରେ ହସୁ କି ଭାବ ପରଶୁ
ଗଗନ ମାର୍ଗରେ ଉଡ଼ି,
ଦେଖ ମୋର ଦଶା ଦେଖ ମୋ ଲାଳସା
ପାରାବାରେ ଯାଏ ବୁଡ଼ି ।

Digitized by srujanika@gmail.com

ଯାଉଛୁ ତ ଯାଅ ବାରେକେ ଅନାଅଁ
ଦେଖ ମୋ ହୃଦ କାତର
ସେ ହୃଦରେ ମିଶି ପଦେ ଯାଅ ଭାଷି
ଦିଅ ବନ୍ଦନ ଅନ୍ତର ।

ଦେଖି ମୁଖଚ୍ଛନ୍ଦୁ ଅର୍ପି ଅଶ୍ରୁ ବିନ୍ଦୁ
ପଖାଳ ଚରଣ ସତେ
ପୁଣି ଉଡ଼ି ଆସି ତାପ ନିଅ ନାଶି
ଗୁମ୍ଫେ ତୃପ୍ତ କର ମତେ ।

ଭ୍ରମର ପୋଷାପକ୍ଷୀ

ମୁରାଦାବାଦ, ୨୭-୧୦-୩୪

Digitized by srujanika@gmail.com

ସେହି ସ୍ମୃତି

ଗୃଲେ ଦିନ ମାସ   ସମୟ ସଙ୍ଗରେ
ମନେ ପଡ଼େ ସେହି ପ୍ରୀତି
ପାସୋର ନ ଯାଏ   ରହିଛି ଜାଗ୍ରତ
ସେହି ସ୍ମୃତି ଖେଳେ ନିତି ।
କେତେ ହସି ହସି   ସ୍ନେହ ଅନୁରାଗେ
ଚକ୍ଷୁ ଆଗେ ଦିଏ ଦେଖା
ଭାବର ଭାବନା   ଅନ୍ତର କାମନା
ସବୁ ପୂର୍ଣ୍ଣ ଅଛି ଲେଖା ।
ମଳୟ ବସନ୍ତ   ଥରି ଥରି ବହି
ବ୍ୟାକୁଳ ଦିଏ ଅନ୍ତରେ
ସୁମନ ହସଇ   ପବନ ଖେଳଇ
ଫଗୁବୋଳା ଆନନ୍ଦରେ ।
ମଧୁ ଗନ୍ଧ ଭରା   ବାଢ଼ିଛି ପସରା
ଆଘାତ ଦିଏ ଜୀବନେ
ବିଶ୍ୱ ପ୍ରେମମୟ   ମୋ ପକ୍ଷେ ଅଥୟ
ସେହି ଭାବ ଖୋଜେ ମନେ ।
ହାୟ କେତେ କଥା   ଠେକ ନିଜ ମଥା
ଆସି ଥିଲ ମୋର ପାଶେ
କେତେ ଭଲ ଭାଷା   କହିଥିଲ ବନ୍ଧୁ
ପ୍ରେମ ଛନ୍ଦ ମନ୍ଦ ହାସେ ।
ବସି ତବ ପାଶେ   ଆନନ୍ଦ ଉଲ୍ଲାସେ
ଶୁଣୁ ଥିଲ ମୁଖ ଗୃହିଁ
ଆକୁଳ ଚପଲେ   ଅଶ୍ରୁ ଛଳ ଛଳେ
ବେଦନା ବିଚ୍ଛେଦ ପାଇଁ ।

Digitized by srujanika@gmail.com

ନାହିଁ ସେହି ଦିନ   ଭାବେ ମୁଁ ସପନ
ଅନ୍ତରାଳେ ଅଛି ଲୁଚି
ସେ ପ୍ରେମ ସୁମନ   ଜୀବନେ ଗୋପନ
ପବନେ ଝୁଲଇ ଘୁଞ୍ଚି ।
ଆଜି ଏ ନୟନେ   ଭରିଇଛି *ବନ
କରିଇଛ ହୃଦ ଖାଲି
ବିଫଳ ଭାବନା   ନୈରାଶ୍ୟ କାମନା
ଫିଙ୍ଗି ଅଛି ଧୂମ୍ର ଥାଳି ।
ଏହି ଛାଟି ତଳେରେ   ବସି ଯେବେ ଭାବେ
ସବୁ ଦେଖେଁ ମରୀଚିକା
ଯାଏ ଆସେ ଦିନ   ଭୁଲି ହୁଏ ନାହିଁ
ସେ ଦିନ ବିରହ ବ୍ୟଥା ।
ଏଣିକି କେବଳ   ଅଟଇ ସମ୍ବଳ
ଶୁଣଇ ସବୁ ମଙ୍ଗଳ
ମଙ୍ଗଳେ ମଙ୍ଗଳ   ଘଟିବ ସୁଫଳ
ଲୁଟିବ ପଦ କମଳ ।

ତୁମରି ଅନ୍ନପୂର୍ଣ୍ଣା

❀

* ବନ = ଜଳ

ବାଲେଶ୍ୱର, ୭-୪-୪୧

Digitized by srujanika@gmail.com

ସନ୍ଧ୍ୟା

ରକ୍ତଗାରେ ସନ୍ଧ୍ୟା ନମେ ପଶ୍ଚିମ ଅଞ୍ଚଳେ
ଘନୀଭୂତ ଶେଷ ରେଖା ଅଙ୍କେ ସିନ୍ଧୁ ଜଳେ ।

ମୁଗ୍ଧ କେବେ ନାହିଁ ଛାଣି ପୁଷ୍ପ କାନନରେ
ଜଳଭରା ଏ ନୟନ ନିରାଶ କାତରେ ।

ଜୀବନର ଯାହା ଆଶା ଦୁଃଖେ ପରିଣତ
ପ୍ରେମ ପ୍ରୀତି ଯେ ମିଳନ ଆଜ କାହିଁ ବ୍ୟକ୍ତ ।

ଗୋପନରେ ନୀରବତା ମୁଦ୍ରିତ ନୟନେ
କେତେ ଚିତ୍ର ଅଙ୍କି ଯାଏ ମଞ୍ଜୁଳ ସ୍ୱପନେ ।

ଗଭୀର ବେଦନା ଆସି ବିଦାରେ ମରମ
ସ୍ମୃତି ସୁପ୍ତ ଯାଏ, ଆସେ ବ୍ୟାକୁଳ ଜୀବନ ।

ଉଚ୍ଛ୍ୱାସେ ଉଠଇ ପ୍ରାଣ ତରଳ କଲ୍ଲୋଳେ
ମଞ୍ଜୁଳ ଗଢ଼ଇ ଆଶା ଅନନ୍ତ ଅତଳେ ।

ଯେଉଁ ଶୁଭ୍ର ଆକାଶରେ ଆଜି ଅନ୍ଧକାର
ଖଣ୍ଡ ଖଣ୍ଡ ଛିନ୍ନ ଭିନ୍ନ ସନ୍ଧ୍ୟା ସମାଗତ ।

କାହିଁ ମନୋହର କୁଞ୍ଜ ନାହିଁ ସେ ସଙ୍ଗୀତ
ଆବେଗ କେବଳ ମନ ଭାବନା ଅନନ୍ତ ।

ବହୁ ଦୂରୁ ଆସେ ଥରି ସେ ମଧୁର ଭାଷା
ମନାଇଁ ରହିଛି ବନ୍ଧି ପୂର୍ଣ୍ଣ କାହିଁ ଆଶା ?

କେବଳ ଆକାଙ୍କ୍ଷା ଖେଳେ ଥରେ ଦରଶନ
ମିଳନେ ଛାଡ଼ିବ ମନ ବନ୍ଧି ସେ ଚରଣ ।

Digitized by srujanika@gmail.com

ଛନ୍ଦରେ ଆନନ୍ଦ ଦେବ ମୁକ୍ତିର ବାରତା
ଦେଖିବ ଅପୂର୍ବ ଶୋଭା ନ ପକାଇ ପତା ।

ଶେଷ ସନ୍ଧ୍ୟା ପରିଣତ ଶୁଭ୍ର ଆଲୋକରେ
ଶାନ୍ତ ଯେ ଟାଣିବ ସ୍ନେହେ ଆପଣା କୋଳରେ ।

ଶୁଭ୍ର ଶୋଭା ଦେବ ଦେଖା ଶୁଭ୍ର ନୟନରେ
କି ଉତ୍ସବ କି ଆନନ୍ଦ ଯେହି କ୍ଷଣକରେ ।

ଗଗନ ଭୁବନ ଛେବେ ଗ୍ରହ ଚନ୍ଦ୍ର ତାରା
ବମୂର୍ଧେ ଢ଼ାଳିବେ ସେହି କି ଅମୃତ ଧାରା ।

ସର୍ବଦାଗ ଜୟ ଜୟ ଉଠିବ କି ନାହିଁ
ଏହି ଆଶା ପୋଷି ଦେବ ରହିଛି ଅନାଇ ।

ବରହିଣୀ

ବାଲେଶ୍ୱର, ୧୨-୪-୪୧

Digitized by srujanika@gmail.com

ସ୍ନେହର ସାଥି

ଆସ ଚିର ସାଥି   ନିଅ ମନଭ୍ରାନ୍ତି
ଦିଅ ବାରେ ଦରଶନ
ଦୂରେ ଲୁଚ ନାହିଁ   ପ୍ରେମେ ଆସ ଧାଇଁ
ଧୀରେ ଚଳାଇ ଚରଣ ।
ସୂନେ ଖଞ୍ଜି ସଞ୍ଜ   ଦେଖ ଭଗ୍ନ କୁଞ୍ଜ
ଛିଣ୍ଡିଅଛି ବୀଣା ତାର
ନ ଉଠେ ସଙ୍ଗୀତ   ଫିକା ଆଜ ଚନ୍ଦ୍ର
ପ୍ରକୃତି ନବୃଥାକାର ।
ଘରେଣିର ତାନେ   ନାହିଁ ମିଶା ଗାନେ
ନିରବେ ଖେଳେ ଉଦାସ
ନ ଉଠେ ଝଙ୍କାର   ଆସଇ ବିକାର
ହରଷେ ମିଶେ ନରାଶ ।
ହୃଦ-ସିଂହାସନେ   ତୁମର ଆସନ
ଧର ଅପରୂପ ବେଶ
ବିଜେକର ଆସି   ପ୍ରେମେ ହସି ହସି
ସାଧି ସାଧନା ଉଦ୍ଦେଶ ।
ନ ବହେ ପବନ   ସୁନ୍ଦର କାନନ
ଗନ୍ଧ ହୀନତା ସୁମନ
ଆଘ୍ରାଣର ଛନ୍ଦ   ଛନ୍ଦେ ହୋଇ ବନ୍ଦ
ଆକୁଳ ବିକଳ ମନ ।
ଜ୍ୟୋତ୍ସ୍ନା କିରଣ   ନାହିଁ ବିତରଣ
ନ ଢାଳେ ଅମୃତ ଧାର
ସାନ୍ତ୍ୱନା ହରଷ   ବଢ଼ାଏ ହତାଶ
ହେଗଇ ଜୀବନ କାର ।

Digitized by srujanika@gmail.com

ଦେଖାଇ ପଲକ ଜଗତ ଆଲୋକ
ବିମୁଗ୍ଧ କାହିଁରେ ନାହିଁ
ନଜର ଜାଗ୍ରତ ନ ରଖେ ଆବୃତ
ଚିତ୍ତରେ ଚିନ୍ତା ମିଶାଇ ।
ଉତ୍ଥାନ ପତନ ବୁଡ଼ାଏ ଜୀବନ
ସର୍ବ ଗ୍ରାସି ଗୁପତରେ
ମନ ଛନ୍ନ ଛନ୍ନ ଖୋଜଇ ସେ ଧନ
ବିଶ୍ବର ମିଶା କାଚରେ ।
ଭାବନା ଖେଳାଇ ଆକାଶକୁ ଛୁଇଁ
ଲୋଡ଼େ ସେ ରୂପ ମୋହନ
କଲେ ଦରଶନ ବୋଲାଅନ୍ତି ଧନ୍ୟ
ପିଅନ୍ତା ସୁଧା ଚନ୍ଦନ ।
ଚରଣର ଧୂଳ ଅଙ୍ଗେ ହୋଇ ବୋଳ
କରନ୍ତି ସାଧନା ସିଦ୍ଧି
ତବ ଦତ୍ତ ଧନ ତୁମ୍ଭଙ୍କୁ ଅର୍ପିଣ
ମିଳନ୍ତି ଅମୂଲ୍ୟ ନିଧି ।
କଳ୍ପନାର ମୁଖେ ଭାବନାର ଦୁଃଖେ
ସକଳ ଭୁଲନ୍ତା କାହିଁ
ଦିଅ ସେ ପ୍ରସାଦ ମେଣ୍ଟାଅ ବିଷାଦ
ସରଳ ପ୍ରେମେ ବୁଡ଼ାଇ ।
ତବ ସତ୍ୟ ନାମ ଗାଇବ ପରାଣ
ଭୁଲିବି ସର୍ବ କଷଣ
ହୃଦୟ-ଦେବତା ସର୍ବାଙ୍ଗ କରତା
ସର୍ବଗେ ଘେନ ବନ୍ଦନ ।

ହେମ୍ବର ସାହୁ

ବାଲେଶ୍ବର, ୨୩-୪-୬୧

Digitized by srujanika@gmail.com

ବିବିଧ କବିତା

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ନାରୀ କବିଙ୍କ କବିତା-ସମଗ୍ର ଭିତରୁ ଏହି ବିଭାଗରେ ସଂଯୋଜିତ କବିତା ଗୁଡ଼ିକ ସାଧାରଣତଃ ଭକ୍ତି ଭାବନା, ସ୍ୱଦେଶପ୍ରୀତି ଓ ବ୍ୟକ୍ତିଗତ ଘଟଣାବଳୀର ଆଧାରରେ ଲିଖିତ । କବିଙ୍କର ବ୍ୟକ୍ତିଗତ ଜୀବନ ସେକାଳର ସାମାଜିକ ପରିସ୍ଥିତିରେ ବହୁ ସଂକଟର ସମ୍ମୁଖୀନ ହୋଇଥିଲା । ସ୍ୱାମୀଙ୍କର ଉପାର୍ଜନରେ ବାଧା ଉପୁଜିଲେ ପରିବାରଟି ବେଳେ ବେଳେ ଅଭୁକ୍ତ ରହୁଥିଲା । ରାଜା-ରାଜୁଡ଼ାଙ୍କ ଦପ୍ତରରେ ନାରୀ କବିଙ୍କର ସ୍ୱାମୀ ଚାକିରୀ କରୁଥିଲେ । ସ୍ୱାମୀ-ସ୍ତ୍ରୀ ଦୁହେଁ ଥିଲେ ଅତି ସ୍ୱାଧୀନ ମନା । ଆପଣା ବିବେକ ବିରୁଦ୍ଧରେ ରାଜା-ରାଜୁଡ଼ାଙ୍କର ଖିଆଲକୁ ମାନି ନେବା ଏମାନଙ୍କ ପକ୍ଷରେ ସମ୍ଭବ ହେଉନଥିଲା । ତେଣୁ ମନୋମାଳିନ୍ୟ ଘଟୁଥିଲା ଏବଂ ଚାକିରୀ ଯାଉଥିଲା । ଫଳରେ ଅର୍ଥ ସମସ୍ୟାର ଘୋର ସଂକଟରେ ସମ୍ମୁଖୀନ ହେଉଥିଲା ଏହାଙ୍କ ପରିବାର । ଏପରି ଅବସ୍ଥା ବେଳେ ନାରୀ କବିଙ୍କ ମନରେ ଯେଉଁ ଭାବର ଆଲୋଡ଼ନ ସୃଷ୍ଟି ହେଉଥିଲା ତାହାର କାବ୍ୟ-ଲିପି ସେ ଅଂକନ କରିଥିଲେ । ସେଥିରୁ କେତେକ ଏଇ ବିଭାଗରେ ପ୍ରଦତ୍ତ ହୋଇଛି ।

ସେକାଳର ଜନସାଧାରଣ ଦେଶର ଉନ୍ନତି ଓ ଜାତୀୟ ଏକତା ରକ୍ଷା ପ୍ରତି ଉଦାସୀନ ଥିବା ଦେଖି ନାରୀ କବି, କବିତା ଜରିଆରେ ଉଦ୍‌ବୋଧନ ଦେଇ ସେମାନଙ୍କର ମାନସିକ ପରିବର୍ତ୍ତନ ଲାଗି ଉଦ୍ୟମ କରିଥିଲେ । ସେଇ ସ୍ୱଦେଶୀ-ଭାବନା ସମ୍ବଳିତ କବିତା ଗୁଡ଼ିକୁ ମଧ୍ୟ ଏଇ ବିଭାଗରେ ସଂଯୋଜିତ କରାଯାଇଛି । କବି, ସକଳ ବାସ୍ତବତାକୁ ଅଙ୍ଗୀକାର କରି ବଂଶବାର ଯେଉଁ ସଂଗ୍ରାମ କରିଛନ୍ତି ତାହା ଆତ୍ମ-ଶକ୍ତି ଅପେକ୍ଷା ବିଭୁ-ଶକ୍ତିର ନିର୍ଦ୍ଦେଶରେ ହିଁ ପରିଚାଳିତ ହୋଇଛି । ତାଙ୍କର ଅଧିକାଂଶ କବିତାରେ ବିଭୁ-ପ୍ରେମର ଦୃଷ୍ଟାନ୍ତ ମୁଁ ଲକ୍ଷ୍ୟ କରିଛି । ଏଇ ବିଭାଗରେ ତାହା ପ୍ରଦତ୍ତ ହୋଇଛି ।

ଏତଦ୍‌ଭିନ୍ନ ନାରୀ କବି, ପୁଅ ଝିଅଙ୍କ ପାଖରେ ପ୍ରବାସରେ ଥିଲାବେଳେ ସ୍ୱାମୀଙ୍କ ପାଖକୁ ଯେଉଁ ଚିଠି-ପତ୍ର ଲେଖୁଥିଲେ ତହିଁରେ କବିତା ଗୋଟିଏ ଗୋଟିଏ ଲେଖି ପଠାଇ ଦେଉଥିଲେ । ସେପରି କେତେକ କବିତା ନାରୀ-କବିଙ୍କର ଚିଠି-ପତ୍ର ଫାଇଲରୁ ସଂଗ୍ରହ କରି ଏଠାରେ ପ୍ରକାଶ କରିଛି । ଏହା ଅପ୍ରକାଶିତ ଥିଲା ।

କ୍ଷେତ୍ରବାସୀ ନାୟକ
ସଂପାଦକ

Digitized by srujanika@gmail.com

ଦେଶାଗୃର

ଧନ୍ୟ ଧନ୍ୟ ଦେଶାଗୃର, ଧନ୍ୟ ତୋ ମହିମା
ଗୃହେ ଗୃହେ ପଶିଥାଉ ଦେଖାଇ ଗରିମା ।
ତୋହର ମୋହିନୀ ମନ୍ତ୍ରେ ସର୍ବେ ବଶୀଭୂତ
ଭଲା ତୋ କୁହୁକ ମନ୍ତ୍ର ମଣେ ମୁଁ ଅଦ୍ଭୁତ ।
ଧନ୍ୟ ତୋର ଗ୍ରନ୍ଥ ଅଟେ, ଧନ୍ୟ ତୋର ସେବା
ତୋର ଯଶ ପୌରୁଷକୁ କି ଉପମା ଦେବା ।
ବେଦ ଶାସ୍ତ୍ର ସର୍ବେ ଗଲେ ଯଥା ତଥା କ୍ରମେ
କେ ଦେଖୁଛି ତାହା ଏବେ ତୋର ମତ ଧର୍ମେ ।
ପୂତ ସରସ୍ୱତୀ ତୀରେ ଯେଉଁ ଆର୍ଯ୍ୟ ଜାତି
ମହାତାନେ ବେଦ ଗାଇ ଲଭିଥିଲେ ଖ୍ୟାତି ।
ସତେ କି ଆମ୍ଭେ ସରବେ ତାଙ୍କ ବଂଶଧର
ଯଦି ସତ ଏତେ ତତେ କାହିଁକି ଆଦର ।
ବେଦ ଅନୁସରି ସର୍ବ ଶାସ୍ତ୍ରର ବିଗୃର
ଯାହା ଯାହା ହୋଇଅଛି ଭବ ସାରସାର ।
ତାକୁ ଛୁଡ଼ି ଆଜ କଛି ନାହିଁ ଏ ଭାରତେ
ଚତୁର୍ବେଦ ସାକ୍ଷୀ ରୂପେ ଅଛି ତ ଜଗତେ ।
ବେଦ ଅନୁସାରେ ଥିବ ନୀତି ପରମ୍ପରା
ଦେଶାଗୃର ନାଶ କଲା ଆହା ସବୁ ଗଲା ।
ନାରୀ ଜାତି ସ୍ୱାଧୀନତା ପାଇଁ ଅବକାଶେ
ନାନା ଶାସ୍ତ୍ରେ ରଚିଥିଲେ ଅଛି ଇତିହାସେ ।
ବୀରବେଶ ଧରି ପୁଣି କେତେକ ରମଣୀ
ଯୁଦ୍ଧ କ୍ଷେତ୍ରେ ଯୋଗଦାନ କରିଥିଲେ ପୁଣି ।
ସତୀବ୍ରତ ଅନୁଷ୍ଠାନେ ଭାରତଭୂଷଣ
ଥିଲେ ବୋଲି ପୁରାଣରେ ହୋଇଛି ଲେଖନ ।

Digitized by srujanika@gmail.com

ଏବେ କାହିଁ ଗଲା ସେହି ଭାରତ ଗୌରବ
ସାମାନ୍ୟ କି ନାରୀ ପରି ଆର୍ଯ୍ୟ ନାରୀ ସବ ।
ଦେଶାଚାର ପଢଛନ୍ତି ଆଦରେ ପାଳନ
କରିବାକୁ ଅଗ୍ରସର ହୁଏ ଏ ଜୀବନ ।
କେହି ଯେବେ ପକ୍ଷପାତ ନୁହେଁ ଦେଶାଚାରେ
ଅପକୀର୍ତ୍ତି ବହିଥିବ ସର୍ବଦା ଶରୀରେ ।
ବୃଥାଚାର ଜୀବ ହେବ ସଂସାର ନବଶ
ନାନା କଷ୍ଟ ଭୋଗ କରି ଶେଷେ ହେବ ନାଶ ।
ଭାରତରେ ନାରୀଙ୍କର ଦେଖିଲେ ଦୁର୍ଦ୍ଦଶା
ବେଦ ଶାସ୍ତ୍ର ବିଶ୍ବାସକୁ ନ ବଳଇ ଆଶା ।
ମାତ୍ର ବ୍ରିଟିଶଙ୍କ ଧର୍ମ ଶାସନ ବଳରେ
ସୁଶିକ୍ଷିତା ହେଉଛନ୍ତି ନାରୀ ଭାରତରେ ।
ନାରୀଜାତି ଶିକ୍ଷାପ୍ରତି ଦେଇ ଜଳାଞ୍ଜଳି
ଆକଣ୍ଠ ଗୃହରେ ପଡ଼ି କରୁଥାନ୍ତି କଳି ।
ଅଶିକ୍ଷା ଦୋଷରୁ ନାନା କୁମନ୍ତ୍ରଣା ଧରି
ଭୁଞ୍ଜୁଥାନ୍ତି ଦବା ନିଶି କର୍ମକୁ ସୁମରି ।
ନାରୀଙ୍କର ଯେଉଁ କାର୍ଯ୍ୟ କରିବା ଉଚିତ
ଭେଦାଭେଦ ଜ୍ଞାନରୁ ସେ ହୁଅଇ ବଞ୍ଚିତ ।
ନାନା କଷ୍ଟ ସହ୍ୟ କରି ସମାଜ ଘୃଣିତ
ହେଉଛନ୍ତି ପର୍ଦ୍ଦାରେ ସଦା ଅପ୍ରମିତ ।
ସର୍ବ ପର୍ଦ୍ଦାରେ ଦେଖେ ସ୍ତ୍ରୀରୀ ଅତ୍ୟାଚାର
ନ ଥାଇ ପର୍ଦ୍ଦା କେବେ ନ ହୁଏ ବାହାର ।
ଆହେ ଦୟାମୟ ପ୍ରଭୁ କେଡ଼େ ପାପକର
ନାରୀ ଜାତି ଜନ୍ମ ଦେଇ କଲବଲ କର ।
କି ଉଦ୍ଦେଶେ ନାରୀ ଜାତି କରିଛ ଭିଆଣ
ତୁମ୍ଭେ କି ନ ଦେଖ ପ୍ରଭୁ ଆମ୍ଭ ଅପମାନ ।
ଅଶିକ୍ଷିତା ଯୋଗୁଁ ସିନା ଦେଶାଚାର ଆସି
ମହା ଉପଦେଶ ଦେଇ ହେଉଛୁ ସାହାସୀ ।

Digitized by srujanika@gmail.com

ଆଦର ଯୋଗୁଁ ହେଲା ସିନା ତା ପ୍ରତାପ
ନୋହିଲେ କି ବଳଥିଲା ଦେବାକୁ ସନ୍ତାପ ।
ବେଦର ଆଧାର ଅଟେ ମାନବର ସାକ୍ଷୀ
ତାକୁ ବିଦାଦେଇ ସର୍ବେ ହେଉଁ ନରମାଖୀ ।
ଏବେ ଯେଉଁ ଶାନ୍ତି ମାନ୍ତି ଚଳୁଛି ସମାଜେ
ମୌନବ୍ରତ ଅନୁଷ୍ଠାନେ ରହୁଛନ୍ତି ଲାଜେ ।
କିନ୍ତୁ ମାତ୍ର ସ୍ୱାଧୀନତା ନାହିଁ ତ ନାରୀକୁ
କିସ ଅବା ଅବକାଶ ଅଛି କହିବାକୁ ।
ଅକସ୍ମାତେ ଯେବେ କେହି କିଛି କହି ଦେବେ
ଦେଶାଚାର କୁଳାଚାର ମୁଣ୍ଡେ ଠେଙ୍ଗା ଦେବେ ।
ତେଣୁ ନାନା କଷ୍ଟ ସହ୍ୟ କରି ଅପମାନେ
ରହିଥାନ୍ତି ନାରୀ ଜାତି ରୁଦ୍ଧ ଗୃହ କୋଣେ ।
କେ ଶୁଣିବ ତାଙ୍କ କଷ୍ଟ ମାନ ଅପମାନ
ସମାଜ ତ ହୁଡ଼ି ଅଛି ପ୍ରଥମ ସୋପାନ ।
ଶିକ୍ଷା ବିନା ସମାଜର ଉନ୍ନତି ସାଧନା
କଦାପି ତ ହେବ ନାହିଁ କରେ ମୁଁ ଭାବନା ।
ଏବେ ମାତ୍ର ଦେଖୁଅଛି ପତ୍ରିକା ଅପାର
ନାରୀ ପକ୍ଷେ ଅଭିମାନ ହେଉଛି ବିଚାର ।
ଯେଉଁମାନେ ଏହି ବ୍ରତେ ସଦା ଅଗ୍ରସର
ନିଶ୍ଚେ ତାକୁ ଆଶୀର୍ବାଦ କରିବେ ଈଶ୍ୱର ।
ଉତ୍କଳ ମାତାର ଯେଉଁ ସୁଯୋଗ୍ୟ ସନ୍ତାନ
ପ୍ରକୃତରେ ରଖିପାରେ ମାତା ଅଭିମାନ ।
ମାତା ଅଭିମାନ କେଉଁ ପୁତ୍ର ରଖିପାରେ
ଯଶଃ କୀର୍ତ୍ତି ରହିଥିବ ଯୁଗ ଯୁଗାନ୍ତରେ ।
ସଂସ୍କାରକ ନାମେ ପତ୍ର ଦେଖିଲି ନୟନେ
ନୂତନ ନୂତନ ଭାବ ଜାତ ହେଲା ମନେ ।
କେଜାଣିବା ନାରୀଙ୍କର ଯିବ ଏ ଦୁର୍ଦ୍ଦଶା
ବଢ଼ୁଛି ଦିନେ କିବା ମେଣ୍ଟିବ ପିପାସା

Digitized by srujanika@gmail.com

ନିର୍ବିଘ୍ନେ କେବେ ଏହି ପତ୍ରିକା ସୃଜନ
ହେବ ଏ ଉତ୍କଳ ଦେଶେ ଆଦରରେ ପାଳନ ।
ନିଷ୍ଠପୂରେ କହୁଅଛି ମୁହିଁ ଦୃଢ଼ କରି
ସୁଫଳ କାମନା ହେବ ପୂର୍ବ ପୁଣ୍ୟ ଧରି ।
ସମଗ୍ର ଉତ୍କଳେ ଏହି ପତ୍ରିକା ପ୍ରଚାର
ହେବ ହୋଲି ଆଶାକରେ ମୁହିଁ ବାରମ୍ବାର ।
ମାତା ଅଭିମାନୀ ପୁତ୍ର ହୁଅ ଏ ପୋଷକ
ସଂସ୍କାରକ ହେଉ କୁସଂସ୍କାର ବିନାଶକ ।
ଦିଅ ଦିଅ ଖଣ୍ଡେ ଖଣ୍ଡେ ହୋଇ ଅଭିମାନୀ
ନେଲି ବୋଲି କହି ମାତ୍ର ନୁହଁ ହେ ଗୁମାନୀ ।
ନେଲେ ମାତ୍ର ହେବ ନାହିଁ କିଛି ଉପକାର
ସଂସ୍କାରିତ ଲୋଡ଼େ ନାହିଁ ଗ୍ରାହକ ବିଚାର ।
ଯାର ବଳେ ଯାହା ଅଛି କରିବାକୁ ବିଧି
କାର ମନେ ପ୍ରକାଶରେ କର ବେଗେ ସିଦ୍ଧି ।
ଚିର ଅଭିମାନୀ ହୋଇ ଦେଶହିତ କର
ଏଥି ପକ୍ଷପାତୀ ହୋଇ ହୁଅ ଅଗ୍ରସର ।
ମନ୍ଦ ଖୋଜିବାକୁ ଗଲେ ଅନାୟାସେ ମିଳେ
ଯଶଃ କୀର୍ତ୍ତି ଯହିଁ ହେବ ନ ମିଳଇ ତିଳେ ।
ଗୃହ ବିବାଦରେ ଆଉ ନ ରହ ହେ ମାତି
ଯଥୋଚିତ ସଂସ୍କାରରେ ଲାଗ ଦିନ ରାତି ।
ଏବେ ଯେଉଁ ରୀତି ନୀତି ଚଳୁଛି ଆମ୍ଭର
କେଉଁ ଶାସ୍ତ୍ରେ ଲେଖାଅଛି କର ହେ ବିଚାର ।
ମାତ୍ର ଲୋକ ପ୍ରଥା ଏକା କରୁଛି ଲେଖନ
ଦୋଷ ମୋର ନ ଧେନିବ ଆହେ ସାଧୁଜନ ।
ମିଥ୍ୟାବାକ୍ୟେ ପ୍ରଭୁଙ୍କର ହୋଇଥାଏ କୋପ
ସତ୍ୟ ବାକ୍ୟେ ମାନବଙ୍କୁ ଆଣେ ପୁଣି କୋପ ।
ତେଣୁକରି ଲେଖୁନାହିଁ କିଛି ଅଧିକରେ
ମୁହିଁତ ଆବଦ୍ଧ ହୋଇଅଛି ଦେଶାଚାରେ ।

Digitized by srujanika@gmail.com

ଦେଶାଗ୍ରରେ ରତସୁଦ୍ଧା ହେଲେ ମୋ ଜୀବନ
ସଂସ୍କାରକ ପ୍ରିୟ ହୋଇଥିବ ଅନୁକ୍ଷଣ ।
ସଂସ୍କାରକ ଯେବେ ପୁଚ୍ଛେ ନାରୀଙ୍କର ଧର୍ମ
ଜ୍ଞାନ ଅନୁସାରେ ମୁହିଁ କହିଦେବ ଧର୍ମ ।
ଯାହା ମୋତେ ଦିଶିଯିବ କର୍ତ୍ତବ୍ୟ ପାଳନେ
ଆବଦ୍ଧ ଗୃହରେ ବସି ଲେଖିବ ଯତନେ ।
ଯେବେ କେହି ପକ୍ଷ ପାତୀ ହେବେ ମୋର ପ୍ରତି
ପ୍ରଭୁଙ୍କୁ ସୁମରି ହୃଦେ ରହିବ ନିବର୍ତ୍ତି ।
ଅଶିକ୍ଷିତା ସ୍ତ୍ରୀ ମୁହିଁ ନାହିଁ ମୋର ଜ୍ଞାନ
ଏକମାତ୍ର ପରଂବ୍ରହ୍ମ କରେ ମୁହିଁ ଧ୍ୟାନ ।
ତାଙ୍କ ବିନୁ ଅନ୍ୟ କିଛି ନ ଜାଣେ ଜୀବନ
ସଂସାର ମୋହିନୀ ଫଳ ଦିଶଇ ଯତନ ।
ମୋହଫଳ କେବେ ବାବୁ ହେବକି ହେ ଚିର
ଦିନା କେତେ ଭୋଗପାଇଁ ଜଗତ ରୁଚିର ।
ତେବେ ଏତେ ଦ୍ୱନ୍ଦ୍ୱ ଭାଇ କର କିସ ପାଇଁ
କ୍ଷଣ ସୁଖ ପାଇଁ କିବା ମମତା ଦେଖାଇ ।
ତେବେ କିପାଁ ଦିନ ନେବା ହିଂସା ଭାବ ଧରି
ନାରୀର ଜୀବନ ଭିନ୍ନ ଦିଶଇ କପରି ।
ପୁରୁଷକୁ ଯେଉଁ ସୁଖ ଦୁଃଖ ଉପଭୋଗ
ନାରୀକୁ ଅଛି ତ ସେହି ସୁଯୋଗ ବିଯୋଗ ।
ତେବେ କିପାଁ ସ୍ତ୍ରୀ ଜାତି ଅସହ୍ୟ ଯନ୍ତ୍ରଣା
ଭୋଗିବାକୁ ଖୋଜୁଥାନ୍ତି ନାନା କୁମନ୍ତ୍ରଣା ।
ଈଶ୍ୱରଙ୍କ ଦୃଷ୍ଟିରେତ ଜୀବସମ ଜ୍ଞାନ
କରିଦେଇ ସୃଷ୍ଟି କର ଅନନ୍ତ ଭିଆଣ ।
ପୁରୁଷକୁ ନାନା କିବା ସ୍ୱତନ୍ତ୍ର ଆହ୍ୱାନ
କରୁଛନ୍ତି ବେଦ ଶାସ୍ତ୍ର ସ୍ମୃତିର ଆଖ୍ୟାନ ।
ରକ୍ତ ମାଂସ ଶରୀରରେ ଯେଉଁ ସୁଖ ଭୋଗ
ପୁରୁଷର ପରି ନାରୀ ଶରୀରରେ ଯୋଗ ।

Digitized by srujanika@gmail.com

ହୋଇଅଛୁ ଭିନ୍ନ ନୁହେ ନାରୀ କଳେବର
ମୁଖରୁ ବଞ୍ଚିତ କପାଁ ହେବେ ପରସ୍ପର ।
ଯୋଗ୍ୟଜନେ ଯୁକ୍ତି ଭାବ ଦେଖାଇ ସଂସ୍କାରେ
ଜନ୍ମନେଇ ସମାଜକୁ ରଖ ହେ ସଂସ୍କାରେ ।
ସଂସ୍କାରକ ପ୍ରିୟ ହୋଇ ଉତ୍କଳ ମଣ୍ଡଳେ
ମୁହିଁ ମାତ୍ର ବସିଥିବ ଜନ ଅଚହଳେ ।
ଆବଦ୍ଧ ଗୃହରେ ବସି ବନ୍ଧୁଙ୍କୁ ପ୍ରାର୍ଥନା
କରୁଥିବ ଦବା ନାରୀ ସଂସ୍କାର କାମନା ।
ଜୀବକୁ ଉତ୍ପତ୍ତି କର୍ତ୍ତା ଯେବେ ପରଂବ୍ରହ୍ମ
ହୋଇଥିବେ ଜଗତରେ ଜଗତ ମୋହନ ।
ଚତୁର୍ବେଦ ଯେବେ ସତ୍ୟ ଏହି ଭୂମଣ୍ଡଳ
ତେବେ ସତୀ ବ୍ରତ ପଞ୍ଜିପିବଟି ଚହଳ ।
ପ୍ରଭୁ ଆଦି ବେଦ ଯେବେ ସତ୍ୟ ହୋଇଥିବ
ସଂସ୍କାରକ ଉଦ୍ଦେଶ ତ ଦିନେ ଫଳିଯିବ ।
ଉତ୍କଳରେ ପ୍ରିୟ ହେଉ ଏହି ସଂସ୍କାରକ
ଶାନ୍ତି ମତି କୁସଂସ୍କାରୁ ହେଉ ଜାଗରୁକ ।
ସତ୍ୟ ଉପଦେଶ ଆଉ ସଦାଗୃର ବଧି
ସଂସ୍କାରକ ଉତ୍କଳରେ କରୁବେଗେ ସିଦ୍ଧି ।
ସ୍ତ୍ରୀ ଶିକ୍ଷା ଆଉ ପୁଣି ଦେଶ ଅଭିମାନ
ରଖିବ ଏ ସଂସ୍କାରକ ହୋଇ ସାବଧାନ ।
ସମଗ୍ର ଉତ୍କଳେ ହେଉ ଏହି ପ୍ରିୟବର
ଏମନ୍ତି କାମନା କରେ ମୁହିଁ ନିରନ୍ତର ।
ସୁଯୋଗ୍ୟ ଶ୍ରୀବତ୍ସ ପଣ୍ଡା ବି. ଏ. ମହାଶୟ
ଉତ୍କଳରେ ତବ କୀର୍ତ୍ତି ରହିବ ଅକ୍ଷୟ ।
ଅର୍ଥ ତ ଅଟଇ ବାବୁ କ୍ଷଣିକ ଭଙ୍ଗୁର
ଯଶଃ କୀର୍ତ୍ତି ରଖିଦିଅ ସଂସାରେ ପ୍ରଚୁର ।
ଧନ୍ୟ ତୁମ୍ଭ ଜୀବ ଅଟେ ଧନ୍ୟ ଗର୍ଭଧାରୀ
ପର ଦୁଃଖେ ଦୁଃଖୀ ହୋଇ ହେଲ ବ୍ରତଧାରୀ ।

Digitized by srujanika@gmail.com

ପ୍ରଥମରେ ଉତ୍ସାହକୁ କରୁଛତ ଦାନ
ପଶ୍ଚାତ୍‌ପଦ ହେବ ଯହୁଁ ଆହେ ଦୟାବାନ୍ ।
ଯତ୍ନର ସହାୟ ସ୍ୱୟଂ ପ୍ରଭୁ ଭଗବାନ
ତବ ପୁଣ୍ୟ ଶ୍ରମ ଲଭୁ ତାଙ୍କ ଦୟାବାନ ।
ନାନା ଦେଶ ଶିଳ୍ପ ନୀତି ଦେଖିଛ ଆପଣ
ମାନବ କଳ୍ପନା ସୃଜେ ହେବକ କାରଣ ।
ବେଦ ଶାସ୍ତ୍ର ସ୍ମୃତି ମୂର୍ତ୍ତି ପୂର୍ଣ୍ଣ ଇତିହାସ
ଧରି ଶିକ୍ଷା ବାବୁ ତୁମ୍ଭେ କରିଛ ସାହାସ ।
ସାର୍ଥ କାର୍ଯ୍ୟେ ଅଗ୍ରସର ହୁଅ ମହାଶୟ
ଇହପର ଲୋକେ ଯଶଃ ଅର୍ଜିବ ନିଶ୍ଚୟ ।
ଦୁଃଖ ସୁଖ ସବୁ ଅଟେ ସ୍ୱପନ ସମାନ
ନିନ୍ଦା ଅପନିନ୍ଦା ସବୁ ସେହିପରି ଜାଣ ।
ସତ୍ କାର୍ଯ୍ୟରେ ଅଗ୍ରସର ହୋଇ ପ୍ରଥମରେ
ପଶ୍ଚାତ୍‌ପଦ ହେବ ନାହିଁ କହେ ବିନୟରେ ।
ପର ଉପକାରେ ସିନା ହୋଇ ସଯତନ
ଆଚରିଛ ଶାସ୍ତ୍ର ମାର୍ଗ କର ହେ ପାଳନ ।
ଏଥିରେ ତ କିଛି ହାନି ନୋହିବ ତୁମ୍ଭର
ଯାର ଇଚ୍ଛା ଯାହା ହୁଏ ଦିଅନ୍ତୁ ଉତ୍ତର ।
ପ୍ରାଣ-ପଣେ ଚେଷ୍ଟାକରି ପ୍ରାଣ ବିସର୍ଜନ
କରିବି ମୁଁ ହିତ କାର୍ଯ୍ୟ କରିବି ପାଳନ ।
କରିଅଛ ପରା ତୁମ୍ଭେ ଏ ଦୃଢ଼ ସଂକଳ୍ପ
କ୍ରମେ କ୍ରମେ ତୁମ୍ଭ ପକ୍ଷେ ଦିଶିବେ ଅଳପ ।
କୃତ କାର୍ଯ୍ୟ ନ ହେଲେହେଁ ନୁହ ହେ କାତର
ନିଜ ସୁଖ ବାଞ୍ଛା କିଛି ନାହିଁତ ତୁମ୍ଭର ।
ପୁଣ୍ୟ କର୍ମେ ହସ୍ତକ୍ଷେପ କରେ ଯେଉଁ ନର
ନାନା କଷ୍ଟ ସହିବାକୁ କରିବ ଆଦର ।
ପରୀକ୍ଷା ତ କରିଥାନ୍ତି ଏପରି ଶ୍ରୀହରି
ତାଙ୍କଠାରେ ଚିତ୍ତ ଥିଲେ ଭବୁ ଯିବ ତରି ।

Digitized by srujanika@gmail.com

ପରିଶେଷେ ଆପଣଙ୍କ ମଙ୍ଗଳ କାମନା
କରୁଅଛି ବିଭୁ ପାଶେ ନତ୍ୟମୁଁ ବନ୍ଦନା ।

ସଂସ୍କାରକ ପତ୍ରିକାର ହୁଅ ପ୍ରିୟବର
ବିଭୁପଦେ ଭକ୍ତିଥିଲେ ପାଇବ ସେ ବର ।

ସର୍ବ ଅନ୍ତର୍ଯ୍ୟାମୀ ପ୍ରଭୁ ରୂପ ନିର୍ବିକାର
ତୁମ୍ଭ ବାଞ୍ଛା ଅନ୍ତର୍ଯ୍ୟାମୀ ଦେବେ ପୁରସ୍କାର ।

ଯାହା ହୃଦେ ଜାତ ହେଲା କଲି ମୁଁ ବଖାଣ
ସଜ୍ଜନରେ କ୍ଷମିବ ମୁହିଁ ନାହିଁ ମୋର ଜ୍ଞାନ ।

ଦେଶାନ୍ତର ପ୍ରଭୁ ପଦେ କରି ନମସ୍କାର
ପଦ୍ୟଗୋଟି ପୂର୍ଣ୍ଣକଲା ହୀନ ନାରୀ ଛାର ।

[ସମ୍ବଲପୁର ହିତୈଷିଣୀ ପତ୍ରିକାରୁ ସଂଗୃହୀତ —
ପ୍ରକାଶକାଳ, ୧-୪-୧୯୦୫ ଏବଂ ୮-୫-୧୯୦୫]

Digitized by srujanika@gmail.com

ଚକୁଆ ଚକୋଇ କଥା

ଏକଇ କାନନେ ଥିଲେ ଚକୁଆ ଚକୋଇ,
ରହିଥାନ୍ତି ଜୀବନରେ ଜୀବକୁ ମିଶାଇ ।
ଏକଇ ଜୀବନ ମାତ୍ର ଭିନ୍ନାଭିନ୍ନ ଅଂଗ
ପ୍ରେମ ଡୋରେ ଗୁନ୍ଥି ହୋଇ ରହିଥାନ୍ତି ସଂଗ ।
ଚକୋଇଟି ଚକୁଆର ଚରଣେ ଜୀବନ
ବିକିଥାଇ ତା ମୂର୍ତ୍ତିରେ ସ୍ଥିର କରି ମନ ।
ତାର ବିନୁ କିଛି ଆଉ ନ ଭାବେ ମନରେ
ଖେଳି ବୁଲି ଚରୁଥାନ୍ତି ଏକଇ ପଥରେ ।
କାଟୁଥାନ୍ତି ତାଙ୍କ ଦିନ ଚରି, ବୁଲି, ଖାଇ
ବିଭିନ୍ନ ବସ୍ତୁର ତାଙ୍କ ମନରେ ନ ଥାଇ ।
ପ୍ରଭୁଙ୍କର ପଦ୍ମପାଦ ମଣୁଥାନ୍ତି ସୁଖ
ଦୂରେ ଫିଙ୍ଗି ଦେଉଥାନ୍ତି ମନୁ ସର୍ବ ଦୁଃଖ ।
ପିତା ମାତା ସର୍ବ ସୁଖ ପ୍ରଭୁଙ୍କ ଚରଣ
ଏ ଶରୀର ଏ ଜୀବନ ବିଭୁଙ୍କ ସର୍ଜନ ।
ଭାବୁଥାନ୍ତି ଏହି କଥା ବୁଲନ୍ତି କାନନେ
ଅନ୍ୟର ବସ୍ତୁର କିଛି ନ ରଖନ୍ତି ମନେ ।
ଚକୋଇକି ଚକୁଆଟି କରିଥାଏ ସ୍ନେହ
ତାର ବିନା ଆଦରଣ ନ କରଇ ଦେହ ।
ଅତି ସ୍ନେହେ ବୁଲିଯାଇ ଆଣଇ ଆଧାର
ଦେଉଥାଇ ମୁଖ ଦେଶେ ଲଭି ଅତି ସାର ।
ଚକୁଆର ପଦରଜେ ବିକିଥାଏ ପ୍ରାଣ
ଭାବୁଥାଏ ତାର ବିନୁ ନାହିଁ ପରିତ୍ରାଣ ।
ହୃଦପୁରେ ସୁମରଣା କରେ ପରଂବ୍ରହ୍ମ
ଭାବେ ସଂସାରରେ ମୋର ଅଟେ ସାର ଜନ୍ମ ।

Digitized by srujanika@gmail.com

କେତେ ସୁଖ ଲଭୁଅଛୁ ଲଭି ପ୍ରେମ ଧନ
ସୁଧାମୟ ସାଗରରେ ବୁଡ଼ିଥାଏ ମନ ।
ତବ ସୁଖ ଦେଉଅଛୁ ଚକୁଆଟି ମତେ
ମୋ ପାଖରୁ ଦୂର ପ୍ରଭୁ ନ କର ହେ ! ସତେ ।
ପ୍ରାଣେ ପ୍ରାଣ ମିଶାଇଣ ହେବୁ ଏକ ସଙ୍ଗ
ତବ ପ୍ରୀତି କେବେ ପ୍ରଭୁ ନ କରଅ ଭଂଗ ।
ତାର ବିନୁ ଏ ଭୁବନେ ନାହିଁ ଆଉ ଗତି
ଏ ଜୀବକୁ ଶ୍ରୀଚରଣ କରିବ ମୁକତି ।
ଆଶା ଲତା ଡାଳ ଅଛି ଚରଣେ ତାଙ୍କର
ମୋ ପାଶରୁ କ୍ଷଣମାତ୍ର ନ କର ଅନ୍ତର ।
ଦିବାନିଶି ଚକୋଇଟି ପ୍ରଭୁଙ୍କୁ ସୁମରେ
ହୃଦୟ ବିଗ୍ରହ ବାଢ଼େ ଅତି ଭକ୍ତି ଭରେ ।
କି ସୁନ୍ଦର ଆଳାପରେ ଦିନକୁ ସାରନ୍ତି
ଉଚ୍ଚ ଡାଳେ ବସିଥାନ୍ତି ଫୁଲାଇଣ ମତି ।
କି ସୁନ୍ଦର ଉଡ଼ିଯାଇ ଚରନ୍ତି ଆନନ୍ଦେ
ବିଭୁଙ୍କର ନାମ ଭଜୁଥାନ୍ତି କି ପ୍ରମୋଦେ ।
ଦୁଃଖେ ସୁଖେ ସାହା କେହି ନଥାନ୍ତି ତାଙ୍କର
କେବଳ ଭରସା ମାତ୍ର ପ୍ରଭୁଙ୍କ ପୟର ।
ମାଡ଼ିଟିରେ ପଡ଼ିଥାଇ ଚକୋଇ ପ୍ରୀତିରେ
ଚକୁଆଟି ବୁଲି ଆଣେ ଆଧାର ତୁଣ୍ଡରେ ।
ମୁଖ ଦେଖେ ଭରୁଥାଏ ହୋଇ ପ୍ରେମଭର
ହୃଦ ଦେଖେ ଲମ୍ବିଥାଇ ତାଙ୍କ ସ୍ନେହ ଡୋର ।
ଦୁଇ ଜଣ ଆନନ୍ଦରେ ପ୍ରୀତି ଭାବ ପାଇଁ
କ୍ଷୀର ନୀର ସମଭାବ ଅଭେଦ ନଥାଇ ।
ଚକୁଆ ଡାକଇ ଆସ ମୋ ଜୀବ ଜୀବନ
ତୋର ବିନୁ ଏ ସଂସାର ଦିଶେ ତୃଣ ସମ ।
ଅବିରତେ କରୁଥାଏ ତୋ ହିତ କାମନା
ମଙ୍ଗଳ ଗୌରବ ଚିନ୍ତା କରଇ ଭାବନା ।

Digitized by srujanika@gmail.com

ତା ହିତକୁ ହୃଦେ ଧରି ଉଡ଼ନ୍ତି କେତେ ଦୂର
ତାଙ୍କ ଭକ୍ତି ସାର ଧନ ଭାବେ କି ମଧୁର ।
ଭାଳୁଥାଏ କି ରୂପରେ ସଞ୍ଚି ଦେବି ଧନ
ବ୍ୟାକୁଳ ଚପଳ ଆଉ ନ ହେବ ଏ ମନ ।
ଏହି ଭାବ ମନେ ଧରି ଯାଉଥାଏ ଉଡ଼ି
କିନ୍ତୁ ସାର ନ ମିଳଇ ଆସେ ଦୁଃଖେ ବୁଡ଼ି ।
ନୀଡ଼ଟିରେ ବସୁଥାନ୍ତି କି ଆନନ୍ଦ ଭାବେ
ହୃଦୟୁ ବିଗୃର ଭସା ଅନ୍ତ ଦୁଃଖ ନାବେ ।
ସେ ନୀଡ଼ର ଉପମାରୁ କେ ବର୍ଣ୍ଣି ପାରିବ
ଅମର ଭୁବନ ତାକୁ ସମତ ନୋହିବ ।
ସେଥି ଦସି ଦୁଃଖ ସୁଖ ଭୁଂଜନ୍ତି ହରଷେ
ଆହା କି ସରଳ ଭାବ ଭଲ ପ୍ରୀତି ବସେ ।
ଆନନ୍ଦରେ ଦୁହେଁ ତହିଁ କରିଥାନ୍ତି ବାସ
ମନରେ ନଥାଏ ଚିନ୍ତା ସର୍ବଦା ଉଲ୍ଲାସ ।
ସାୟଂ କାଳେ ବିଭୁ ନାମ କରନ୍ତି ଗାୟନ
ସଂସାରର ନିଜ କାର୍ଯ୍ୟେ ଦେଇଥାନ୍ତି ମନ ।
ସାବଧାନ ହୋଇ ସଦା ରହିଥାନ୍ତି ଜଗି
ଏକକୁ ଏକଇ ସୁଖ କରିବାର ଲଗି ।
ପ୍ରୀତି ଭାବେ ରହିଥାନ୍ତି ମନର ଉଲ୍ଲାସେ
ଜ୍ଞାତି ପରିବାର କେହି ନଥାଅନ୍ତି ପାଶେ ।
ପରଂବ୍ରହ୍ମ ଅନୁଷ୍ଠାନ କରୁଥାନ୍ତି ବସି
ଆକାଶକୁ ଗୃହାଁନ୍ତି ସେ କିରଂଗେ ଉଲ୍ଲସି ।
ଭାବୁଥାନ୍ତି ହୃଦୟରେ କେହି ଦେବ ଜ୍ଞାନ
ଏ ମୋହ ସଂସାରୁ ଆମ୍ଭେ ହେବା ପରିହାଣ ।
ଦୁହେଁ ଉଡ଼ି ଯାଉଥାନ୍ତି କିରଂଗେ ଆକାଶେ
କୁତୂହଳ ଭାବେ ଥାନ୍ତି ତାଙ୍କ ନିଜ ବାସେ ।
ଚରୁଥାନ୍ତି ବୁଲୁଥାନ୍ତି ଏକଇ ସଂଗରେ
ବସିବା କାଳରେ କେହି ନଥାଏ ପାଶରେ ।

Digitized by srujanika@gmail.com

ଷଡ଼ରିପୁ ସହୁଥାନ୍ତି ନୋହିଣ ବିମୁଖ
ମଣୁଥାନ୍ତି ହୃଦୟରେ ଅଟେ ସାର ସୁଖ ।
ଚନ୍ଦ୍ରଙ୍କ କିରଣ ପଡ଼ି ଦିଶଇ ସୁନ୍ଦର
ରସ ବୃଷ୍ଟି କରୁଥାନ୍ତି ସଦା ଝରଝର ।
ଜୀବ ତୃପ୍ତି ମଣୁଥାଏ ଲଭି ରସ ପାନ
ଚନ୍ଦ୍ରଙ୍କର ଶୋଭା ଦେଖି ଉଦେ ହୁଏ ଜ୍ଞାନ ।
ବସି ରହିଥାନ୍ତି ଚନ୍ଦ୍ର କିରଣ ରାତିରେ
ନିଦ୍ରା ଦେବୀ କୋଳ ତେଜି ଏକଇ ସାଥିରେ ।
ରାତ୍ର ଦିବା ବନ୍ଧୁଙ୍କର ନାମକୁ ସୁମରି
ବୀଣା ତାନ ବାହୁ ଥାନ୍ତି ବୋଲି ହରି ହରି ।
ହରି ହରି ଶବ୍ଦେ ଅବା ଥିବ କେତେ ଅର୍ଥ
କେ ଜାଣିବ ତାହା ଯେବେ ହୋଇବ ସମର୍ଥ ।
ଉପୁଜଇ ଯେତେ ପ୍ରୀତି ମାତ୍ରକ ତହିଁରୁ
ଏକତାର ଚିର ସୁଖ ଅଟଇ ସଙ୍ଗରୁ ।
ନୋହିଲେ କପାଁଇ ଏତେ ଲଭନ୍ତେ ଉଲ୍ଲାସ
ଲଭିବାରୁ ତହିଁସିନା କୁସୁମର ବାସ ।
କି ସୁନ୍ଦର ଆଳାପରେ ନେଉଛନ୍ତି ଦିନ
ମାତ୍ର ପ୍ରଭୁ ମାୟା ବଳେ ଅଙ୍ଗ ହେଲା ହୀନ ।
ଏ ରୂପରେ ସ୍ନେହ ଆଳାପରେ ଦିନ ଗଲା
ଆହା କି କପଟ ଲୀଳା ପ୍ରଭୁଙ୍କର ଭଲା ।
ଉପୁଜିଲା କାହିଁ ପୁଣି ନିଷ୍ଠୁର ବିପତ୍ତି
ଛନ ଛନ କରାଇଲେ ଚକୁଆର ମତି ।
ଆଶା ବଳବତୀ ଯେବେ ହେଲା ହୃଦୟରେ
ଦୂର ଦେଶେ ଚଳିଗଲା ଆନନ୍ଦ ସତ୍ତ୍ୱରେ ।
ପକ୍ଷୀ ଯେବେ ଉଡ଼ିଗଲା ଅନ୍ୟ ଗୋଟି ପକ୍ଷୀ
ବିଭୁ ସ୍ମରି ଚକୁଆର ପଦେ ଚିତ୍ତ ରଖି ।
ଭାଳୁଥାଏ କେଉଁ କର୍ମ କଲି ଆହେ ହରି
ଜୀବର ଜୀବନ କପାଁ ପାଶୁଁ ନେଲ ହରି ।

Digitized by srujanika@gmail.com

କେତେ ସୁଖ ଜାତ ହେଉଥିଲା ହେ ଆମ୍ଭର
ଆଶା ବଲବଣ୍ଟି କରି କରିଛୁ ଅନ୍ତର ।

ନାହିଁ କିଛି ସୁଖ ହରି ଦୁଃଖ ମାତ୍ର ସାର
ଜଗତ ଜଂଜାଳେ ପଡ଼ି ହେଲୁ ନାରଖାର ।

ଯାହା ହେଉ ତୁମ୍ଭ ପଦେ ପଶିଛୁ ଶରଣ
ଆନନ୍ଦ କରଉଥାଅ ଦୂରେ ତାଙ୍କ ମନ ।

ଚକୁଆଟି ଉଡ଼ିଗଲା ଶୂନ୍ୟ ଜୀବନରେ
ସାର ଫଳ ଲଭିବାକୁ ପାଞ୍ଚି ହୃଦପୁରେ ।

ଦ୍ୱାଦଶ ଦିବସ ଉଡ଼ି ବୁଲିଲା ଗଗନେ
କିଛି ସାର ନ ଲଭିଲା ବ୍ୟାକୁଳିତ ମନେ ।

ଆପେ ଆପେ ନିଜ ମନ ରଖିଲା ବୁଝାଇ
ତୁନି ହେଲା ପ୍ରଭୁ ନାମେ ସାନ୍ତ୍ୱନାକୁ ପାଇ ।

ବାହୁଡ଼ି ଆସିଲା ନିଜ କୁଟୀର ଦେଶକୁ
ହୃଦପୁରେ ଅତି ଯତ୍ନେ ରଖି ନିରାଶକୁ ।

ଭାଳୁଥାନ୍ତି ଆହେ ପ୍ରଭୁ କେଡ଼େ କର୍ମ କଲି
ସନ୍ତାପିତ ଜୀବନକୁ କରି କଲି ବଳି ।

କୃପାସିନ୍ଧୁ ପ୍ରୀତି କେବେ ନକରିହେ ଚ୍ୟୁତ
ଚିର ହେଉ ଏହି ପ୍ରୀତି ଶୁଣ ହେ ଅଚ୍ୟୁତ ।

ବୃକ୍ଷଶିଖେ ବସିଛନ୍ତି କି ରଂଗରେ ହରି
ମିଶ୍ରିତ କି ହୋଇଅଛି କ୍ଷୀର ନୀର ସରି ।

ଭଲି ପ୍ରସନ୍ନରେ ଏହା ନିର୍ଭା କରିଥିଲି
ସଂପୂର୍ଣ୍ଣ କି ଅନୁରାଗ ପକ୍ଷୀରେ ରଖିଲ ।

ପ୍ରୀତି ବୀଜ ସବୁ କିବା ହୃଦରେ ଢାଳିଲ
ଅତି ଅନ୍ତଃସାର ସୁଖ ଦେବାକୁ ଭାଳିଲ ।

ଯେବେ ଦେଇଅଛ ପ୍ରଭୁ ହରାଇ ନ ନିଅ
ଉଭୟଙ୍କ ସମଗତି ପ୍ରସନ୍ନରେ ଦିଅ ।

Digitized by srujanika@gmail.com

ଏ ପ୍ରୀତିକି ଯେବେ କ୍ଷତ କରିବ ଶ୍ରୀହରି
ନଷ୍ଟପ୍ରୂ ନଷ୍ଟପ୍ରୂ ଏହି ଜଗତ ବାଇରି ।

ସଂସାରର ପିତା ପ୍ରଭୁ ତେବେ ତୁମ୍ଭେ ନୁହଁ
ପିତା ଯେବେ ହେଲ କପାଁ ବୈରିତା ହୁଅ ।

ଏପରିରେ ଅନ୍ତ୍ୟାଗ୍ନିର କେବେ ହେଁ ନକର
ସହୃଦୟ ଭାବ ବହି ପୂନେ ଦିଅ ବର ।

ତୁମ୍ଭର ସଂସାର ଅଟେ ତୁମ୍ଭର ଜୀବନ
ସରଳ ଭାବରେ ପ୍ରଭୁ କରହେ ପାଳନ ।

●

[ଏହି କବିତାର କିଛି ଅଂଶ ଗଂଜାମ ଗୁଣ ଦର୍ପଣ ତା ୨୨-୯-୧୯୦୫ ସଂଖ୍ୟାରେ ପ୍ରକାଶ ପାଇଥିଲା ଅବଶିଷ୍ଟ ଅପ୍ରକାଶିତ ଥିଲା । କବିଙ୍କର ପାଣ୍ଡୁଲିପିରୁ ତାହା ସଂଗୃହୀତ ହୋଇଛି ।]

Digitized by srujanika@gmail.com

ସନ୍ତାନଙ୍କ ପିତୃପ୍ରେମ

ଆନନ୍ଦରେ ମୃତ ଜୀବ ହେଲା ଶାନ୍ତ ମୂର୍ତ୍ତି
ପରବ୍ରହ୍ମ ମୂର୍ତ୍ତି ଧ୍ୟାଇ ମାଗୁଅଛି ମୁକ୍ତି ।
କିସ ପାଇଁ ମନେ ଆଜ କରିବୁ ଭାବନା
ଏ ସକଳ କଥାମାନ ପିନା ବିଡ଼ମ୍ବନା ।
କିସ ଭୟ ଅଛି ଆଜ ସେ ଚିତ୍ତ ପାମର
ବୃଥା ଅନ୍ଧକାରେ ଭ୍ରମୁ କିଛି ନାହିଁ ସାର ।
ସେ ସଂସାର ଭୁଲି କେଡ଼େ ଅଟୁରେ ସଙ୍କଟ
ଅବିରତେ ଜୀବନକୁ କରୁ ଛଟପଟ ।

କି ଭୟ ଦେଖାଉ ଧରି ଭୟଙ୍କର ରୂପ
ମନକୁ ଓଟାରି ଦେଇ ଗୁଡ଼ୁ ଭବ କୂପ ।

ଧିକ ଧିକ ତୋର ଲୀଳା ନାହିଁ କିଛି ଚିର
କ୍ଷଣ ଭଙ୍ଗୁରର ପାଇଁ ଚିତ୍ତ ନୁହେଁ ସ୍ଥିର !

ଭୟ ନାହିଁ ଭୟ ନାହିଁ ତୋର କପଟରେ
ତୋ ବେଭାର ଜଣାଗଲା ପ୍ରଭୁଙ୍କ ସ୍ନେହରେ ।

ବିଭିନ୍ନ ବେଶକୁ ଧରି ମୋହ କରୁ ମନ
ବୃଥା କିଛି କାର୍ଯ୍ୟ ନାହିଁ ହୁଏ ଅଚେତନ ।

ବୁଝାଇଲେ ତୋର ଭାବ ପ୍ରଭୁ ଦୟାମୟ
ନମସ୍କାର କରି ତୋତେ କହୁଛି ବିନୟ ।

ଭଲା ତୋର ହାବଭାବ ଭଲ ଅଟେ ପ୍ରୀତି
ହୃଦୟରୁ ସାରଧନ କରୁଅଛୁ କ୍ଷିତି ।

ପ୍ରଭୁଙ୍କର କୃପାବଳେ ଯତ୍ନ ହେବ ଧନ
ଶ୍ରୀଚରଣ ଆଶା ଯେବେ କରିଥିବ ମନ ।

Digitized by srujanika@gmail.com

ଅଭୟ ଅମୃତ-ସିନ୍ଧୁ ପଙ୍କଜ ଶ୍ରୀପଦ
ମୋ ପ୍ରାଣର ଇଷ୍ଟ ମନ୍ତ୍ର ସକଳ ସମ୍ପଦ ।

ଲଭିଚି ପରମ ଆଶ୍ରା ଯାହା ହେଉ ହେଉ
ମୂଢ଼ ମନ ଦୃଢ଼ ରୂପେ ବ୍ରହ୍ମେ ଚିତ୍ତ ଦେଉ ।

ଅସତ୍ୟ ଅନ୍ଧାର ମାର୍ଗ ବେଗେ ଦେଉ ନାଶି
ପରକାଶ କରୁ ସତ୍ୟ ଜ୍ୟୋତିକ ଉଲ୍ଲାସି ।

ଚିତ୍ତ ଆନନ୍ଦିତ ହେଲେ ବୁଦ୍ଧି ସ୍ଥିର ହେବ
ବୁଦ୍ଧି ଏକା କାମ ବୈରୀ ବେଗେ ନାଶି ଦେବ ।

ସ୍ଥିର ବୁଦ୍ଧି ହେଲେ ମନ ହେବ ହସ୍ତଗତ
ବ୍ରହ୍ମ ଜ୍ୟୋତି ଦରଶନ ଲଭିବ ସତତ ।

ମାୟା ସଂସାରରୁ ଜୀବ ଲଭିବ ଉଦ୍ଧାର
ପରଂବ୍ରହ୍ମ ଭକ୍ତି ରସ ଲଭିପିବ ସାର ।

କହିଛନ୍ତି ପ୍ରସନ୍ନରେ ମୋ ପ୍ରାଣ ଈଶ୍ୱର
ହୋଇ ଯାଅରେ କଳୁଷ ହୃଦୟରୁ ଦୂର ।

ଭୟଭାବ କିଛି ଆଉ ନ ଦେଖାଅ ବଳେ
ଛେଦନ ହୋଇବ ପ୍ରଭୁ କୃପାରେ ସକଳେ ।

ମୋର ପ୍ରଭୁଙ୍କର ଶ୍ରୀ ଚରଣ ପରଶେ
ମରଣ ମେଲାଣି ନେଲା କି ଜାତି ହରଷେ ।

ଲୁଚିଲେଣି ଲୁଚିଲେଣି ଯାଇ ଲାଜ ଭୟ
ଭୁ କରେ ଜାଣୁ ନାହୁଁ ହୋଇଛୁ ଉଦୟ ।

ମତେ ପ୍ରଭୁ ଭଗବାନ ହୋଇ ସୁପ୍ରସନ୍ନ
ଅନନ୍ତ ଶକ୍ତି ଆଳୟ ଚାହାଁଇ ବଦନ ।

ପଦ କମଳକୁ ଆଶ୍ରା ଦେଇଛନ୍ତି ଭଲେ
ଚିନ୍ତା ନାହିଁ ତୋର ହାବଭାବ ସ୍ନେହ ଗଳେ ।

ଧରିଚନ୍ତି ମୋତେ ଭଲେ ବସ୍ତ୍ରାଞ୍ଚଳ ବାନ୍ଧି
ଭୁ କିବା କରିବୁ ଗର୍ବ ବଳ ଧରି ଆଉ ।

Digitized by srujanika@gmail.com

ତାଙ୍କ ପ୍ରେମେ ବନ୍ଧା ହେଲି ଆଜି କିସ ଭୟ
ଦାନ କରିଚନ୍ତି ମୋତେ ଅମୃତ ଅଭୟ ।

ନିତୁଥିବି ତାଙ୍କ ସଖ୍ୟ ହୃଦୟରେ ଧରି
ଭକ୍ତି ଭରେ ବୁଲୁଥିବି ପ୍ରେମ ଅନୁସରି ।

ବିସର୍ଜିବି ଏହି ପ୍ରାଣ ଯାହା ଥିଲେ ଥାଉ
ପରଂବ୍ରହ୍ମ ସ୍ମରି ସ୍ମରି ଘଟୁ ପ୍ରାଣ ଯାଉ ।

ପାଷଣ୍ଡ ଜୀବନ ମୋର ଲଭିଯାଉ ସାର
ଗର୍ଭକୁ ସଂପୂର୍ଣ୍ଣ କରୁ ଅମୃତ ଆଧାର ।

ପିତା ଦେଲେ ମୋତେ ବାରେ ଦିବ୍ୟ ମନ୍ତ
ଏ ମୋର ସଂସାରୁ ବାରେ ଲଭି ଯିବ ଗନ୍ତ ।

ତାଙ୍କ ସ୍ନେହ ହୃଦେ ଧରି ହେଲି ମୁଁ ନିର୍ଭୟ
ଦିବ୍ୟ ଜ୍ଞାନ ମତେ ଦେଲେ ଥିଲୁ ଦୟାମୟ ।

Digitized by srujanika@gmail.com

ନିବେଦନ ୧

ବିଭୁ ଜ୍ଞାନ କମଳରେ ରସ ପରିପୂର୍ଣ୍ଣ
ଜ୍ୟୋତିର୍ମୟେ ଝଟକାଇ ସାର ସତ୍ତ୍ୱଗୁଣ ।

ସେଥିରେ ଲାଳସୀ ହେଲା ମନ-ମଧୁକର
ସୁଧା ପାନ କରିବାକୁ ଅତି ତତ୍ପର ।

ପ୍ରାଣ ବନ୍ଧୁଙ୍କର ଅଟେ ନଖ ପଙ୍କ୍ତି ଶଶୀ
ହୃଦୟ ନୟନ ବେନ ଚକୋର ଉଲ୍ଲସି ।

ଆଶାକୁ ତ ସଙ୍ଗୀ କରି ରହିଲେ ସକଳେ
ଭକ୍ତି ଫଳ ଲଭିବାକୁ ଅତି ପ୍ରେମ ହେଲେ ।

ଉଦ୍‌ବେଗେ ଧାଇଁ ଜୀବ କାଙ୍କ୍ଷିତ ମାଧବ
ସୁଧାପାନ କଲା କଣ୍ଠି ତୃଷାର୍ତ୍ତି ଚାତକ ।

କଣ୍ଠି କଣ୍ଠି ପାନ କରେ ସ୍ୱର ପରଂବ୍ରହ୍ମ
କେବଳ ଭରସା କରି ପ୍ରଭୁ ଶ୍ରୀଚରଣ ।

ସଂସାର ପିପାସା ପଥେ ଭ୍ରମି ହୁଏ ଜୀବ
ଗୁଣଗାଇ ମାଗେ ପଦ ଚିତ୍ତ କି ରଖିବ ।

ରସଦାନ କର ପ୍ରଭୁ କରୁଥିବ ପାନ
ଅଖଣ୍ଡ ନାମକୁ ମଧୁ ସ୍ୱରେ କରି ଗାନ ।

ଆନନ୍ଦରେ ନାଚୁଥିବ ମାରି କର ତାଳି
ପ୍ରେମଭରେ ହୃଦପଦ ନୟନକୁ ଢାଳି ।

ନିର୍ବିକାର ନିରଞ୍ଜନ ଭକ୍ତଙ୍କ ଆଧାର
ତବ କାମ ପୂର୍ଣ୍ଣକର ଅନ୍ତ ହେଉ ମୋର ।
ଏହା ଶୁଣି ଶ୍ରୀହରିଙ୍କ ହେଲା କି କରୁଣା
ପାଷାଣ ହୃଦରେ କଲେ ଭକ୍ତିରସ ବୁଣା ।

Digitized by srujanika@gmail.com

ରସପାନ କରୁ କରୁ ମନକୁ ଉଲ୍ଲସି
ବିଷ୍ଣୁ ନାମ ତରଙ୍ଗିଣୀ ପ୍ରେମେ ଗଲା ଭାସି ।
ବେଳେ ବେଳେ ମୂଢ଼ ଜୀବ ଭାସେ ତହିଁ ମଧ୍ୟ
ଭ୍ରମଣ କରଇ ଜ୍ଞାନ କମଳର ଗନ୍ଧ ।
କିନ୍ତୁ ନ ଜାଣଇଁ ଆଜି ଦୁଃଖ ତାପଗର
ବିଷ୍ଣୁଙ୍କ ଚରଣ ଆଶେ ବୁଲେ ଜଗତର ।
ସାଗରେ ଭାସଇ ଭାବ ପ୍ରଭୁ ଦରଶନ
ସର୍ବ ପାପ ହୃଦୁ କରିବାକୁ ସେ ମୋଚନ ।
ନ ପାଇଲା ଦରଶନ ଦଗ୍ଧ ହେଲା ଚିତ୍ତ
ଛନ ଛନ ପାପ ମନ ହୁଏ ଅବିରତ ।
ବିଷ ଜାତ ହେଲା ଆହା ଅମୃତ ମଧ୍ୟରୁ
ଅତି କୋମଳତ ଫଳ ସର୍ବେ ହେଲେ ଗରୁ ।
ସୁଧା ସମୁଦ୍ରରୁ ଜାତ ହେଲା ଦୁଃଖ ରାଶି
କ୍ଷୁଧା ତୃଷା ଗ୍ରାସି ଦେଲା ଗୋଡ଼ାଇଣ ଆସି ।
ଆହା କି ବିଚିତ୍ର ଲୀଳା ପ୍ରଭୁ ହେ ତୁମ୍ଭର
ଅଦୃଶ୍ୟ ଅରୂପେ ପାଳ ବୁଲି ଜଗତର ।
ଦେଖୁଛ କି ନାହିଁ ପ୍ରଭୁ ଏ ଜୀବର ଗତି
ନାମ ପରି ବହି ଅଛ ଜଗତର ପତି ।
ପୁଣ୍ୟ ପଥେ ଗମିଲେ କି ତନୁ ହୁଏ କ୍ଷୀଣ
ପଦ ଆଶ୍ରା କଲେ କିବା କରୁଅଛ ହୀନ ।
କିନ୍ତୁ ଜଣାପାଉ ନାହିଁ ତୁମ୍ଭର ବେଭାର
କେବଳରେ ଜୀବ ମାତ୍ର ହୁଏ ନାରଖାର ।
ଦଗ୍ଧ ଚିତ୍ତ ନୟନରୁ ବହେ ଅଶ୍ରୁ ଜଳ
କେବଳ ନୟନ ନୀରେ ଭାସେ ବକ୍ଷସ୍ଥଳ ।
ହୃଦୟୁ କଂପନ ଉଠେ ବ୍ୟାକୁଳେ କାନ୍ଦଇ
ଅନ୍ଧକାର ସର୍ବ ଦିଶେ ଥୟ ନ ଦିଶଇ ।
ଜ୍ଞାନ କମଳରେ ଯେହ୍ନେ ଅଛି ବିଷ ଜଳ
କେସନେ ବିହାର କର ପ୍ରଭୁ ହୃଦ ସ୍ଥଳ ।

Digitized by srujanika@gmail.com

ସୁଧାପାନ କରୁଁ କରୁଁ ଅଗ୍ନି ହେଲା ଜାତ
ଶାନ୍ତି ଜଳେ ଜୀବନକୁ କେ କରିବ ଶାନ୍ତ ।

ଉତ୍କଳରେ ଅଛ ପରା ସୁଯୋଗ୍ୟ ନନ୍ଦନ
ବାରେ କପାଁ କୃପା ଦୃଷ୍ଟି ନକର ପତନ ।

ନାନାବିଧ କଷ୍ଟ ସହି ସହି ଏକ ଜୀବ
କେତେ କାଳ ଏ ରୂପରେ ଜଗତରେ ଥିବ ।

ମାତା ଅଭିମାନ ରଖି ଉଦ୍ଧାର ହେ କର
ଅମର କୀର୍ତ୍ତିକି ରଖ ଏହି ଜଗତର ।

ପର ଉପକାର ପରା ସର୍ବ ଶ୍ରେଷ୍ଠ କର
ବୋଲି ବେଦଶାସ୍ତ୍ରେ ହୋଇଅଛି ଚୁଟିକର ।

ତାହା ସ୍ମରି କେହି ଜଣେ ନୁହ ଦୟାବାନ
ଆପଣାର ସୁଖ ପାଇଁ ତୃପ୍ତି କର ପ୍ରାଣ ।

ଏହାତ ଉଚିତ ନୁହେ ବିଜ୍ଞର ହୃଦରେ
ସର୍ବେ ସୁଖେଥିଲେ କେତେ ଶୋଭା ଜଗତରେ ।

ଏକଇ ଗର୍ଭରୁ ପରା ସର୍ବେ ହେଲେ ଜନ୍ମ
ଏହି ପ୍ରାଣ କପାଁ ସଦା ଦୁଃଖେ ହୁଏ ମଗ୍ନ ।

ବୁଦ୍ଧିଶାଳୀ ଜ୍ଞାନବନ୍ତ ହେଲେ ଭ୍ରାତୃଗଣ
ଭଗ୍ନୀ ଦୁର ଦେଖିବାକୁ ଭାବେ କି କଷଣ ।

ବିଜ୍ଞ ଜନେ ଅଛପରା ପୂରି ଉତ୍କଳରେ
ନିଜ ମନ ସ୍ଥିର କରି ବିଚାରନ୍ତୁ ଥରେ ।

ଏହିକଥା ଉଚିତକି ହେଉଛି ତୁମ୍ଭର
ଭଗ୍ନୀ ଅଭିମାନ କାଟି ନରଖ ମନର ।

ଭଲା ମାତା ଅଭିମାନ ରଖିବ ହେ ଭାଇ
ଅଗ୍ରସର ହୋଇଅଛି ମୁଖେ ଲାଜ ନାହିଁ ।
ତୁମ୍ଭେ ପରା ମାତା ଦୁଃଖ କରିବ ବିନାଶ
ବୋଲି ସର୍ବେ ବହିଅଛ ଚପଳେ ସାହସ ।

Digitized by srujanika@gmail.com

ଘୁର କ୍ଷୁଦ୍ର ଜୀବ ପ୍ରତି ନ ହୁଅ ସରଳ
ସର୍ବେ ପୂରି ଦେଖୁଅଛି ଏପରି ବିକଳ ।
କ୍ଷୁଧା ଯୋଗୁ ଏ ହୃଦୟ ହୁଏ ଖଣ୍ଡ ଖଣ୍ଡ
ବିଭୁଙ୍କର ନାମ ଗାଇ ଲଭେ ଏତେ ଦଣ୍ଡ ।
ସର୍ବେ ଦୁଃଖ ଶୁଣି କର୍ଣ୍ଣ କଲ କି ବଧିର
କେହି ଜଣେ ନ କଲ ସେଚନ ଶାନ୍ତି ନୀର ।
ଛଟପଟ ହେଉଅଛି ବ୍ୟାକୁଳରେ ଜୀବ
ପ୍ରସନ୍ନ ନହୁଅ କେତେ ଧମ୍ମୀ ମାମ୍ମୀ ଥିବ ।
ଜଣେ କେହି ଦୟା ଯେବେ କରନ୍ତି ଜୀବନେ
କେତେ ସୁଖେ ଦିନ ସାରୁଥାନ୍ତା ଏ ଭୁବନେ ।
ଦୟାବାନ ସଦାଚାର ନିରତେ ମଙ୍ଗଳ
କେତେ ପୁଣ୍ୟ ଅର୍ଜନ୍ତା ସେ ହୋଇ ସୁନିର୍ମଳ ।
ଭ୍ରାତୃଗଣ ଅଛ କିପାଁ ନିର୍ଘଣ ହେ କର
କଣ୍ଠିତରେ ଧର୍ମ ସ୍ମରି କରୁଣାକୁ ଧର ।
ବୁଦ୍ଧି ନାହିଁ ଜ୍ଞାନ ନାହିଁ ନାହିଁ କିଛି ଧନ
ଧନ ହୀନେ ନାରଖାର ହେଲା ଏ ଜୀବନ ।
ଦେଖ ଦେଖ କି ପ୍ରତାପ ହେଲା ଦୁଃଖ ଶର
ସର୍ବଦା ବିଦୀର୍ଣ୍ଣ କଲା ହୃଦୟ କନ୍ଦର ।
ସହିନ ପାରିଲା ଆଜି ଏ ଶର ପ୍ରତାପ
ଶଦ୍ଧ ଯୋଗୁଁ କେତେ ହୃଦେ ସଂଚୁଅଛି ପାପ ।
ତେଣୁ ସର୍ବେ ଭ୍ରାତୃ ବର୍ଗେ କରେ ନିବେଦନ
ବିନୟ ଗ୍ରହଣ କରି ହେବକି ପ୍ରସନ୍ନ ?
ବୁଦ୍ଧିବଳ ଯେବେ ଥାନ୍ତା ନ ଲଭନ୍ତି ଦୁଃଖ
ଜ୍ଞାନ ମଧ୍ୟ ପୂରିଥିଲେ ପାଉଥାନ୍ତି ସୁଖ ।
ସାହାହୀନ ହୋଇ ବନେ କରୁଛି ରୋଦନ
ଅଗ୍ନି ତାପେ ଦଗ୍ଧ ହେଉଅଛି ଏ ଜୀବନ ।
ଜ୍ଞାନୀ ଜନେ ଅଛ ବୋଲି ହୃଦୟ ବିଚାର
ଦାଢ଼ିଲି କୃପାକୁ ତୁମ୍ଭ କରି ମୁଁ ଆଧାର ।

Digitized by srujanika@gmail.com

ଆଧାରକୁ ଦେଇଗର୍ଭେ କରିବ ସଂପୂର୍ଣ୍ଣ
ହୃଦପୁରେ ଦେବ କିବା ଦିବ୍ୟ ଜ୍ଞାନ ଗୁଣ ।
ଏହା ଭାବି ସର୍ବ କଥା କହେ ସାହସରେ
କେହି ହେଲେ କ୍ରୋଧଭାବ ନ ଧର ମନରେ ।
ସକଳଙ୍କୁ ଦଇନ୍ୟରେ କରେ ନମସ୍କାର
ଏହା ଶୁଣି କେହି ତୁମ୍ଭେ ନ ଭାବ ଅସାର ।
ସକଳର ହୃଦପୁ ତ ନ ହେବ ପାଷାଣ
ଅବଶ୍ୟତ ଫୁଟିଯିବ କରୁଣା-ସୁମନ ।
ସୁମନର ଗନ୍ଧ କିଛି କରିବ ଗ୍ରହଣ
ବୋଲି ତୃପ୍ତି ଲଭୁଅଛି ଏହି ପାପ ମନ ।
ବାଞ୍ଛାଫଳ ଦାନ କର ନହୋଇ ବିରସ
କ୍ଷମା କରି ଦେବ ସର୍ବେ ଏ ଜୀବର ଦୋଷ ।
ବିଭୁଙ୍କୁ ସ୍ମରଣ କରି କଲି ନିବେଦନ
ଯାହା ଇଚ୍ଛା ତାହା କର ଆହେ ଭ୍ରାତୃଗଣ ।
ଅସହ୍ୟ ଯନ୍ତ୍ରଣା ଯେବେ ହେଲା ଜୀବ ପ୍ରତି
ତେବେ ସକଳଙ୍କ ପାଶେ କଲି ମୁଁ ବିନତି ।
ଏ ସମୟେ ଯାହା ଦିଶେ ତାହା ତୁମ୍ଭେ କରୁ
ପ୍ରଭୁ ପଦ ଆଶ୍ରା କରି ଅଛି ଜଗତର ।

●

[ବାଲେଶ୍ୱର ସଂବାଦ ବାହିକା—ତେଇଶ ଓ ଛଶଗ ନଭେମ୍ବର ୧୯୦୫ ସଂଖ୍ୟାରେ ପ୍ରକାଶିତ—ସେଥିରୁ ସଂଗୃହୀତ]

Digitized by srujanika@gmail.com

ନିବେଦନ ୨

ଅଛ କି ହେ ସୁସନ୍ତାନେ ଉତ୍କଳ ମାତାର
ଚହ୍ନିବାକୁ ଭଗିନୀର ହୃଦୟ ଭଣ୍ଡାର ।
ଜାଣି ଶୁଣି ପଛ ଘୁଞ୍ଚା ଦେଉଛ କପାଇଁ
ଅଭିମାନ ରଖିବାକୁ ସାହାସ କି ନାହିଁ ?

ଧୀର ସୁର ହୋଇଅଛ ବିଜ୍ଞାନ ବଳରେ
କରୁଛ ଉନ୍ନତି ଚେଷ୍ଟା ମନର ଛଳରେ ।
ଦୟା କ୍ଷମା ଧୈର୍ଯ୍ୟ ଧରି କରୁଛ ସମାଜ
ମୋ ବିଷୟ ଶୁଣି କିବା ଲଭ ଭାଇ ଲାଜ ।

ଉପୁଜାଅ ଖିନ୍ତି କିପାଁ ତୁଚ୍ଛର ନାରୀ ପ୍ରତି
ମୁହିଁ କିନ୍ତୁ ଜାଣୁନାହିଁ କିସ ହେବ କ୍ଷତି ।
ଉତ୍କଳରେ ଥାଉଁ ଥାଉଁ ଏତେ ଭ୍ରାତୃଗଣ
ନୁହେଁ ଶାନ୍ତ କିପାଁ ଭଗ୍ନୀ ବିଦଗ୍ଧ ଜୀବନ ।

ତବ ଚକ୍ଷୁ କର୍ଣ୍ଣ ଥାଇ ଦେଖ ଶୁଣ ଭାଇ
ତଳେ ମାଡ଼ି ଭଗ୍ନୀ ଅଭିମାନ ରଖ ନାହିଁ ।
କେହି ତ ଚିହ୍ନିଲ ନାହିଁ ମୋ ହୃଦୟ ଭାବ
ନିଜ ଛଳେ ଭ୍ରାତୃ ପାଶେ ଦେଉଅଛି ଗ୍ରବ ।

ଛଳ ବାଟେ ଛଳଯାଏ ଭ୍ରମ ହୁଏ ସାର
ପାପୀର ଗର୍ଭରେ ପୂର୍ଣ୍ଣ ଦୁଃଖର ଆଧାର ।
ଭାଇ ଭଗ୍ନୀଙ୍କର ଠାରେ ଭିନ୍ନ କିସ ଜାଣ
ଗର୍ବ ଭାବେ ହୃଦୟର ବହ୍ନି ଅଛ ଠାଣ ।

ଧନ ତ କାହାରି ସଙ୍ଗେ ଗୋଡ଼ାଇବ ନାହିଁ
ଯେପରି ଆସିଛୁ ସେହିପରି ଯିବ ଧାଇଁ ।

Digitized by srujanika@gmail.com

ବୃଥାଠାରେ ମୋହବଶେ ହେଉଛ ଅଜ୍ଞାନ
ସର୍ବ ତେଜ୍ୟା କରି ଶୂନ୍ୟେ ଶୂନ୍ୟେ ଯିବ ପ୍ରାଣ ।
କୁହୁକ-ମାୟା-ମନ୍ତ୍ରର ପ୍ରବନ୍ଧ ଆକାରେ
ପ୍ରକାଶିତ ପତ୍ରିକାରେ ମୋର ବଟପୁରେ ।
ଦେଖି କେହି ବିଶ୍ୱାସକୁ ଯିବ ନାହିଁ ଭାଇ
ଯଥା ତଥା ଅବସ୍ଥାର ସୀମା ଆଉ ନାହିଁ ।
କୁହୁକ-ମନ୍ତ୍ରକୁ କେହି ଦୃଢ଼େ ଜପେ ନାହିଁ
କଦାପି ତ ସେ ମନ୍ତ୍ରରେ ଗତି ମୁକ୍ତି ନାହିଁ ।
ମନ୍ତ୍ର ଦୃଢ଼ ହେଲେ ପ୍ରାଣ ହେବ କଣ୍ଠାଗତ
ଯଥା ତଥା ଗତି ଅଛି ନାହିଁ ମୁଁ ନିଶ୍ଚିନ୍ତ ।
ମାତ୍ର ସର୍ବେ ଭାବିଥିବେ ପାଇ ମନ୍ତ୍ର ବଳ
ସାର ସୁଖ ଲଭୁଥିବ ଜୀବନ କେବଳ ।
ଏହି କଥା ବୃଥା ଭାବ କିଛି ନାହିଁ ସାର
ମନ୍ତ୍ର ରୂପ ଶୋଭାଧର ହୋଇଛି ବିସ୍ତାର ।
ରୂପେ ଆସକତ ଆଉ କେହି ନୁହ ଭାଇ
ଯାର ଯେଉଁ ମତ ରଖ ସ୍ନେହକୁ ବସାଇ ।
ଯାର ଇଚ୍ଛା ସେହି ଧରି ହୁଅ ଅଗ୍ରସର
ସର୍ବ କର୍ଣ୍ଣେ ମନ୍ତ୍ରଭାବ କରାବ ଗୋଚର ।
ଶୁଣି ହୃଦେ ଉଚ୍ଛୁଳିବ ପ୍ରେମର ଲହରୀ
ତରଙ୍ଗ ମାରିବ ପୁଣି ଖେଳିବେ ଶଫରୀ ।
ଅମୃତ ସାଗରେ ଥାଇ ପଙ୍କ କରେ ପାନ
ବୁଝ ଆହେ ବଜ୍ଞଗଣେ କପଟୀ ଅଜ୍ଞାନ ।
ଅମୃତ ଗରାଖୀ ଯିନା ଚିହ୍ନିବ ଅମୃତ
କି ସାର ଉତ୍ପନ୍ନ ହେବ କ୍ଷାରେ ଦେଲେ ଘୃତ ।
କ୍ଷାରେ ଘୃତ ଦେଲେ ଯିନା ହେବ ଉତ୍ସାତ
ମନ ଅନୁସାରେ ଫଳ ନିଶ୍ଚୟେ ନିପାତ ।
ଏହା ଭଲ ରୂପେ ଜାଣିଥିବ ଭ୍ରାତୃଗଣ
ଆକାଶ ଚନ୍ଦ୍ରିକ ଉଦେ ହେବ ଏ ଭୁବନ ।

Digitized by srujanika@gmail.com

ଚନ୍ଦ୍ର ଯେବେ ଉଦେ ହେବେ କାହିଁ ତା ବିପତ୍ତି
କି କାରଣେ ଉପୁଜିବ ହୃଦପୁରେ ଭ୍ରାନ୍ତି ।

ଧନ-ସୁଧା ପାନ କିବା ନ କରିବ ଜୀବ
ଏକଇର ଚିନ୍ତା କିପାଁ ସର୍ବ ହୃଦେ ଥିବ ।

କାର ଶ୍ରୁତି ନ ଶୁଣନ୍ତା ମୋର ନିବେଦନ
ସୁଖେ ଦିନ କାଟୁଥାନ୍ତୁ ଭଜି ପରଂବ୍ରହ୍ମ ।

କେହି ଯେବେ ପ୍ରତିକାର ବିଗୃର କରନ୍ତା
ଅଗ୍ରସର ହେଲେ ସିନା ପ୍ରକୃତ ଚିହ୍ନନ୍ତା ।

କ୍ଷୁଦ୍ର ଜୀବ ସୃଷ୍ଟି ଏକ ଏତେ ଅପମାନ
ପାଉଅଛି ଉତ୍କଳରେ କା'ର ନାହିଁ ମାନ ।

କରମ ଦୋଷରୁ ସ୍ଥଳେ ହେଲି ହୀନମାନ
ତୁମ୍ଭେ ଥାଉଁ ସର୍ବ ସ୍ଥଳ ହେବ କି ସମାନ ।

ନ ବୁଝୁଛ କି କ୍ଷୋଭରୁ ଏପରି ଦୁର୍ଦ୍ଦଶା
କ୍ଷାନ୍ତି ବନ୍ଧୁ ପ୍ରଭୁ ଆଦି ନ ହେଲେ ଭରସା ।

ସବୁଠାରୁ ଏ ଜୀବନ ହେଲା ହାସ୍ୟାସ୍ପଦ
ତଥାପି ମଣିଛୁଁ ଧର୍ମ କେବଳ ସଂପଦ ।

ସେହି ଧନ ଅଙ୍ଗ ବନ୍ଧି ସଂସାର ସ୍ରୋତରେ
ବିଭୁପଦେ ଚିତ୍ତ ଦେଇ ବସିଛୁ ନାବରେ ।

ଲୋକ ଅପବାଦ ମାତ୍ର କୁହୁଡ଼ି ଆକାର
ବେଳେ ବେଳେ ଘୋଟିଥାଏ କ୍ଷଣ ଅନ୍ଧକାର ।

ସତ୍ୟ ଜ୍ୟୋତି ପ୍ରକାଶିତ ହେବାକ୍ଷଣି ଜାଣ
ପାପରାଶି ଉଡ଼ିଯାଏ ଲଭି ଦିବ୍ୟ ଜ୍ଞାନ ।

ସତ୍ୟ ଜ୍ୟୋତିର୍ମୟ ପ୍ରଭୁ ନିତ୍ୟ ନିରଞ୍ଜନ
ସର୍ବଭୂତେ ସମଭାବେ କରନ୍ତି ପାଳନ ।

ପକ୍ଷପାତ ନାହିଁ ଜାଣ ତାଙ୍କର ନେତ୍ରରେ
ତୁମ୍ଭେମାନେ ଯେଉଁପରି ଭାବୁଛ ମନରେ ।

Digitized by srujanika@gmail.com

ସେ କଦାପି ନ ଭୁଲିବେ ଦେଖି ଏ ଆଗ୍ରର
ପରୂଶବେ ନଷ୍ଟପୂରେ ଭାବ ବ୍ୟବହାର ।

କି ଉତ୍ତର ଦେବାକୁ ବା ଭାବିଥିବ ଚିତ୍ତେ
ପ୍ରଭୁ ନାସ୍ତି ବୋଲି କଥା ଅଛି ତ ଭାରତେ ।

ଅନେକ ତ ଧର୍ମ ମାର୍ଗ ଅଛି ଏ ଦେଶରେ
ମୋର କଥା ଚୁଟ କପାଁ ହୋଇବ ଲୋକରେ ।

ହେଉ କିଂବା ନ ହେଉ ହେ ମୋ କଥା ଆଦର
ସେଥିପ୍ରତି ଲକ୍ଷ୍ୟ ନାହିଁ କିଞ୍ଚିତ ମାତର ।

ଅସଙ୍ଗତ ମିଥ୍ୟାବାଦ କୁଟିଳ କୁକର୍ମ
ଦେଖି ମାତ୍ର ସହ୍ୟ କରି ରହିବା କି ଧର୍ମ ?

ଏକ ସ୍ୱରେ ଏକ ମାର୍ଗେ ଏକଇ ଜୀବନ
କି ଦାରୁଣ କଷ୍ଟେ ଦିନ କରଇ କର୍ତ୍ତନ ।

ସ୍ୱର ଯାଇ ଭେଦିବଣି ଅନେକ ରକ୍ତରେ
ବିଭିନ୍ନ କି କାର ଦେହ ଅନ୍ୟ ଶୋଣିତରେ ।

ମୋର ମାନରକ୍ଷା ଅର୍ଥେ ସମଗ୍ର ଦେଶରେ
ନିବେଦନ ପତ୍ର ଲେଖି ଫିଙ୍ଗିଲି ଡାକରେ ।

ଜଣେ ହେଲେ ମୋ ଗୌରବ ବୁଝି ନ ପାରିଲ
କପଟି ସେ ଅଛି ବୋଲି କେହି ନ ଭାଳିଲ ।

ବୃଥା ମୋର ଅଭିମାନ ତୁମ୍ଭଠାରେ ଭାଇ
ଲୋକାଗ୍ରହ ଭ୍ରମେ କପାଁ ହେବ ତୁମ୍ଭେ ଦାୟୀ ।

ପ୍ରବର୍ତ୍ତିକ ଯେ ଅଟନ୍ତି ମୋର ଏ ଜୀବନେ
କଦାପି କି ଭୁଲିଯିବେ ଭାବିଅଛ ମନେ ?

ଭ୍ରମବଶେ ପଦ୍ୟାକାରେ ମାନ ରକ୍ଷା ପାଇଁ
ଗଞ୍ଜଣା ଲାଞ୍ଛନା ସବୁ ଲେଖୁଛି ବୁଝାଇ ।

ଭବିଷ୍ୟତ କାଳେ ନିଷ୍ଠେ ସ୍ମରିବ ସମସ୍ତେ
ଥିଲା ବୋଲି ନାରୀଟିଏ ଏପରି ଜଗତେ ।

Digitized by srujanika@gmail.com

କେତେ କେତେ ମହାକବି ଜୀବନ ଶେଷରେ
ଭୋଗିଛନ୍ତି ନାନା କଷ୍ଟ ଅର୍ଥ ଦୁର୍ଭିକ୍ଷରେ ।

ଜୀବିତ କାଳରେ ତାଙ୍କୁ କିଏ ପଚାରନ୍ତି ?
ମୃତ୍ୟୁ ଅନ୍ତେ କିଏ ଅବା ତାଙ୍କୁ ନ ଝୁରନ୍ତି !

ଏପରି ତ ରୀତି ନୀତି ଜାଣ ହେ ସମସ୍ତ
କେହି କିପାଁ ଚିହ୍ନି ଅବା ରଖିବ ମହତ ।

ତେଣୁ ଆଶାପଥେ ଦେଲି ମୁହିଁ ଜଳାଞ୍ଜଳି
ବିଭୁପଦେ ଚିତ୍ତ ଦେଇ କରୁଅଛି ଅଳି ।

ଶୀଘ୍ର ଯେହ୍ନେ ଭବକ୍ଷେତ୍ର ହୋଇବି ଉଦ୍ଧାର
ଏହି ମାତ୍ର ବର ଦିଅ ଆହେ ନିର୍ବିକାର !

କାହାଠାରେ କିପାଁ ଅବା ମାନ ଅଭିମାନ
କରିବି ହେ ଅନ୍ତର୍ଯ୍ୟାମୀ ହୋଇ ମୁଁ ଅଜ୍ଞାନ ।

ତବପରି ପ୍ରଭୁ ଥାଉଁ କିପାଁ ଅନ୍ୟ ଜଣେ
ଚିହ୍ନିବି କି ଭବକ୍ଷେତ୍ରେ ଆସିବା ବିହନେ ?

କଦାପି ତ ହୋଇବ କାର ହୃଦପୁରେ
ସର୍ବେ ବିହ୍ୱଳିତ ସଦା ବିଳାସ ଭୋଗରେ ।

ଚିହ୍ନିବାକୁ ଶକ୍ତି କାହିଁ କାର କମାକାରେ
କର୍ମସେବା ଲୋଡ଼ୁଥାନ୍ତି ବିଭିନ୍ନ ଆକାରେ ।

ଅକର୍ମଣ୍ୟ ଯେହ୍ନୁ ହେଲି ସେ କି କର୍ମବୀର
ବୋଲାଇବ ଲୋକ ମଧ୍ୟେ ହୋଇ ଧର୍ମବୀର ।

ନଗଣ୍ୟ ଯେ ହେଲି ସେ କି ଅଟେ କର୍ମବୀର
ବୋଲାଇବ ଲୋକ ମଧ୍ୟେ ହୋଇ ଧର୍ମବୀର ?

ନଗଣ୍ୟ ନାରୀଟେ ମୁହିଁ ଯେ କିଛି ଲେଖିଲି
କିଛି ଦୋଷ ନ ଧରିବେ ବିନମ୍ରେ କହିଲି ।

ସମଗ୍ର ଉତ୍କଳ ଦେଶ ହୁଏତ ଭାରତେ
ଭ୍ରମିବାକୁ ଆଶାଥିଲା ମୋର ହୃଦଗତେ ।

Digitized by srujanika@gmail.com

ନାନା ସ୍ଥାନେ ଦୃଶ୍ୟମାନ ଦେଖି ଚମତ୍କାର
ଲେଖିଥାନ୍ତି କିଛି କିଛି ଥିଲା ମୋ ବିଚାର ।

ସ୍ଥାନ ବିଶେଷରେ ମଧ୍ୟ ନାରୀଜାତି ଧର୍ମ
ଉପଦେଶ ଦେବାପାଇଁ ଧରିଥାନ୍ତି ପଣ ।

କୁ-ସଂସ୍କାର ଜାତିଭେଦ କରି ଅତିକ୍ରମ
ନିଷ୍ଠପୂରେ ପାଳିଥାନ୍ତି କର୍ତ୍ତବ୍ୟ କରମ ।

ଯେବେ କାର ହୃଦେ ନାହିଁ ମୋ କଥା ପସନ୍ଦ
ତୁମ୍ଭ ସଙ୍ଗେ ଯାଇ କିବା କରିବି ମୁଁ ଦ୍ୱନ୍ଦ୍ୱ ?

ଜନସାଧାରଣ ଇଚ୍ଛା କେବଳ ବିଚାରି
ପଦ୍ୟାକାରେ ଲେଖୁଥାଏ ହୃଦୟ ବିସ୍ତାରି ।

ମନୋଗତ ଭାବ ଲେଖି ପଦେ ବାରମ୍ବାର
ଜଣାଉଛି ବିଜ୍ଞ ପାଶେ ଦୟା ନାହିଁ କାର ?

ଥିଲେ ଥାଉ, କଲେ କର ନାହିଁ ମୋ ବିଚାର
ମାତ୍ର ଦେଶ ସେବାଲାଗି କର ସୁବିଚାର ।

ପଦ୍ୟ ଲେଖି ବିଜ୍ଞ ପଦେ କରୁଛି ଜୁହାର
ବଳବାନ ଭାଇ ଅଟ କର ପ୍ରତିକାର

ପୂଜିବୁ ଶ୍ରୀ ଚରଣରେ ମଙ୍ଗଳ ବିଧାନେ
ଚହ୍ଲାଇଁବୁ ହୃଦଭାବ ବିଭୁ ଚିନ୍ତା ଜ୍ଞାନେ ।

ଭକ୍ତି ପୁଷ୍ପହାର ଦୟାବନ୍ତର କଣ୍ଠରେ
ଶ୍ରଦ୍ଧା ନଇବେଦ୍ୟ ଦେଇ ପୂଜିବୁ ପଦ୍ମରେ ।

ସତ୍ୟ ଜ୍ୟୋତି ଆଲୋକରେ କରିବୁ ଆଳତି
ନିରେଖିବୁ ତାଙ୍କ ରୂପ ଭାବ ଜୀବଗତି ।

କେବଳ ତାଙ୍କର ଶୁଭେ ସତତ ଯତନ
ହେବୁ କ୍ଷେତ୍ରେ ସର୍ବ କାର୍ଯ୍ୟ ଦୃଢ଼କରି ମନ ।

ଆଜି କସ ଅଧିକରେ କରିବି ଲେଖନ
ଯାର ଇଚ୍ଛା ଯାହା ହୁଏ ଲେଖନ୍ତୁ ବଚନ ।

Digitized by srujanika@gmail.com

ବ୍ରତ ନିତ୍ୟ ଡ଼ାକ ଶୁଣି ଉତ୍ସୁକ ଆଶାରେ
ବସିଅଛୁ କେଉଁ ବନ୍ଧୁ ପଠାଇବ ବାରେ ।

ପଶିବୁ ଶରଣ ତାର ପବିତ୍ର ଭାବରେ
ଚିରକାଳ ଋଣୀ ହୋଇ ସେବିବୁ ପଦ୍ମରେ ।

ଉତ୍ସର୍ଗ କରିବୁ ପ୍ରାଣ ତାଙ୍କ ଉଦ୍ଦେଶ୍ୟରେ
ସତ୍ୟ ସତ୍ୟ ଏହି ସତ୍ୟ ତିନିବାର ସତ୍ୟରେ ।

ସତ୍ୟ ପାଳ ସତ୍ୟ ରକ୍ଷା କର ବନ୍ଧୁ ଗଣେ
ସତ୍ୟପାଳ ସତ୍ୟ କହି ରହିଛୁ ସଦନେ ।

ମୋର ସତ୍ୟ ରକ୍ଷାକର, ଧର୍ମ ପ୍ରତିପାଳ
ସତ୍ୟସୁଧା ବନ୍ଧୁ ପଦେ ନିତ୍ୟ ଦେବ ଢ଼ାଳ ।

ଶ୍ରୀମତୀ ଅନ୍ନପୂର୍ଣ୍ଣା

●

[ନାୟିକଙ୍କ ବଡ଼ଖେମୁଣ୍ଡିରୁ ଅନ୍ୟାୟରେ ବିତାଡ଼ିତ ହେଲା ବେଳେ ଏହି କବିତାଟି ପତ୍ରାକାରରେ ପତ୍ରିକାକୁ ପ୍ରକାଶ ପାଇଁ ପଠାଇଥିଲେ । ଏହା 'ମନୋରମା' ଜୁଲାଇ ୧୯୦୭ ସଂଖ୍ୟାରେ ପ୍ରକାଶ ପାଇଥିଲା ।]

Digitized by srujanika@gmail.com

ନନ୍ଦିଘୋଷ

ଧନ୍ୟ ଧନ୍ୟ ନନ୍ଦିଘୋଷ ଧନ୍ୟ ତୁମ୍ଭ ଶୋଭା
ଅତି ଶୋଭା ତୋର ଯୋଗୁଁ ମନ ହୁଏ ଲୋଭା ।

ନାନା ଜାତି ବର୍ଣ୍ଣନରେ ହୋଇ ତୁମ୍ଭେ ଚିତ୍ର
ମନକୁ ମୋହିତ କର ଦେଖାଇ ବିଚିତ୍ର ।

ଧନ୍ୟ ତୁମ୍ଭ ମହିମା ହେ ଧନ୍ୟ ତୁମ୍ଭ ଗୁଣ
ଭାବ ରସେ ଢଳଢଳ ହୃଦ କର ପୂର୍ଣ୍ଣ ।

ଭକ୍ତ ଭାବ ବନ୍ଧାଇଛ ଶିଖର ଶିଖରେ
ଫରଫର ଉଡ଼ୁଅଛି ଆନନ୍ଦ ମନରେ ।

ଧନ୍ୟ ଧନ୍ୟ ତୁମ୍ଭ ଜୀବ ଧନ୍ୟ ତୁମ୍ଭ ବଳ
କେତେ ପ୍ରଭୁ ପଦ ସେବି ଲଭି ଅଛ ଫଳ ।

ସର୍ବଜନମାନଙ୍କର ଅଟ ମନୋହର
ନୟନର ଫଳ ଅଟ ସର୍ବ ପ୍ରାଣିଙ୍କର ।

ଛନଛନ ମନତଥି ଆସକତେ ରହି
ବାୟୁ କି ବାତୁଳ ପରି ଦର୍ଶି ହୁଅଇ ।

ଆହା ! ଆହା କି ସୁନ୍ଦର ତେଜ ବିରାଜଇ
ଚନ୍ଦ୍ର ସୂର୍ଯ୍ୟ ଦେଖି କିବା ଲୁଚିଯିବେ ତହିଁ ।

ତଳପାଶେ ରହିଛନ୍ତି ମାୟାର ପ୍ରକୃତି
ମନେ ଭାବୁଥାଏ ବସି ସଂସାର ନୃପତି ।

ଅତି ଯତ୍ନେ ବସିଅଛି ଶିଖୀ ଶିଖରେ
ସୁମଧୁର ଡାକଦଏ କୋକିଳ ରବରେ ।

କାମକୁ ତ ସଙ୍ଗୀ ହୋଇ ବସିଛି ଉଲ୍ଲାସି
ସର୍ବ ବୃକ୍ଷ ଗୃହୁଁ ଅଛି ହୋଇ ସେ ପଲ୍ଲାସି ।

Digitized by srujanika@gmail.com

ଯେଉଁ ବୃକ୍ଷେ ଅତି ସ୍ୱାଦୁ ଫଳ ରହିଥିବ
ସୁରଙ୍ଗ ଲଳିତେ ପାଚି ମନ ମୋହୁଥିବ ।

ପ୍ରେମ ଗଦଗଦ ହୋଇ ସେ ଫଳ ଚାଖିବ
ପରମର ସଙ୍ଗେ ସଦା ସଙ୍ଗୀ ହୋଇଥିବ ।

ସୃଷ୍ଟି ସର୍ଜନାର କାଳେ କେତେ ସାର ଦ୍ରବ୍ୟ
ଭଣ୍ଡାରରେ ସଞ୍ଚିଦେଇ ପାଳିଲ କର୍ତ୍ତବ୍ୟ ।

ଶିଖରୀ ଶିଖରେ କିବା ଯତ୍ନେ ରଖିଅଛୁ
ଚିତ୍ତ ବୃତ୍ତି ବ୍ୟାପାର କି ସଦା କରୁଅଛୁ ।

ବୁଦ୍ଧିକି ବସାଇଅଛୁ ସାରଥି ପଣରେ
ଭଲ ତୁ ସୁବୁଦ୍ଧି ବୀର ଅଟୁ ବିବେକରେ ।

ଆଶା ଡୋର ଲମ୍ବାଇଛ ଅତି ଯତନରେ
ମନ ତ ଓଟାଣି ନେଉଅଛି ବଳତ୍କାରେ ।

ଖୋଜି ଖୋଜି ହୃଦ ସ୍ଥାନ ନିରୀକ୍ଷଣ କଲୁ
ଭାବେ ପୂର୍ଣ୍ଣ ଭକ୍ତି ଭାବେ ଚିତ୍ତ ତୋଷ କଲୁ ।

ଇନ୍ଦ୍ରିୟ ଗଣଙ୍କୁ କରି ରତ୍ନ ସିଂହାସନ
ତଥିବାସ କରାଇଲୁ ଜଗତ ମୋହନ ।

ଚିତ୍ତକୁ ଚାକର କରି ରଖାଇଛୁ ତହିଁ
ଶ୍ରଦ୍ଧା ପୁଷ୍ପ ଦେଉଅଛୁ ଭକ୍ତି ଭାବ ବହି ।

ପ୍ରେମ ଫଳ ବାଢ଼ୁଅଛୁ ମନ ଅନୁସାରେ
ଆନନ୍ଦ ନୀରରେ ପୂଜୁ ତୁଳସୀ ମାଳାରେ ।

ଗୁଡ଼ ପ୍ରକୃତିକୁ ତୁହି ମୋହିତ କରାଇ
ତଥିପରେ ବସି ଅଛ ଗର୍ବକୁ ଦେଖାଇ ।

ଆହା ! ଆହା କି ମାଧୁରୀ ଦିଶଇ ସୁନ୍ଦର
ପୁଷ୍ପବାସ ଚହଟଇ ଉଡ଼େ ମଧୁକର ।

କି ଯତନେ ବିରଚିତ କଲ ଜଗଦୀଶ
ଚାହିଁବାର ଷଣି ଚକ୍ଷୁ ମଣେ ସର୍ବ ବିଷ ।

Digitized by srujanika@gmail.com

କି ସୁନ୍ଦର ଦିଶୁଛନ୍ତି ଲକ୍ଷ୍ମୀଙ୍କ ବଲ୍ଲଭ
ଯା'ର ପାଦ ରେଣୁ ଅଟେ ବ୍ରହ୍ମାଙ୍କୁ ଦୁର୍ଲଭ ।
ତ୍ରିଭୁବନ ନାଥ ଆହେ ଶଙ୍ଖ ଚକ୍ର ଧାରି
ଦାରିଦ୍ର୍ୟ ଭଞ୍ଜନ ଦାରୁମୂର୍ତ୍ତି ହେ ମୁରାରି ।
କଞ୍ଜ ନେତ୍ରଧାରୀ ପ୍ରଭୁ ଦୟାର ସାଗର
ପଦ୍ମପାଦ ଲଗାଣ ଭକ୍ତଙ୍କୁ ଉଦ୍ଧାର ।
ଲମ୍ବି ଅଛି ତୁଳସୀର ମାଳ ବକ୍ଷ ସ୍ଥଳ
କି ଶୋଭାରେ ଲୁଟିଅଛି ପଦ୍ମ ପାଦତଳ ।
ଶରଣ ପଣର ବାନା ଦରିଦ୍ର ଭଞ୍ଜନ
ତେଜ ବିରାଜତେ ଜନେ କରୁଛନ୍ତି ରଞ୍ଜନ ।
ଗରୁଡ଼ ବାହନ ଆହେ ନୀଳଗିରି ପତି
ଭକ୍ତ ଭାବେ ବଶ୍ୟ ସଦା କରି ତୁମ୍ଭ ମତି ।
ଜଗତ ଜୀବନ ଶତ୍ରୁ ବୈରି କରି ନେଇ
ପଦ୍ମ ପାଦ ଖଟାଇଲୁ ହୋଇ ଅତି ସ୍ନେହି ।
ଧନ୍ୟ ନନ୍ଦଘୋଷ ତୁମ୍ଭେ ଅଟ ଏ ସଂସାର
ଯାହା ବିହି ନିର୍ମି କଲ ଅଟେ ସେହି ସାର ।

ଧନ୍ୟ ଧନ୍ୟ ବସୁନ୍ଧରା ଧନ୍ୟ ତୋ ଜୀବନ
ବହୁଛୁ ତୁ ନନ୍ଦଘୋଷ ଜଗତ ଜୀବନ ।
କି ସୁନ୍ଦର ଦିଶୁ ମାତଃ ତୁହି ପୂର୍ଣ୍ଣ ହୋଇ
ଚନ୍ଦ୍ର ସୂର୍ଯ୍ୟ ଆଣି କିବା ମଞ୍ଚେ ଅଛ ଥୋଇ ।
ଆହା ! କିସ ଶୋଭା ତୋର ବର୍ଣ୍ଣିବ ଧରଣୀ
ପତି ଯୋଗୁଁ ଶୋଭା ଯେହ୍ନେ ଦିଶଇ ରମଣୀ ।
ଅତି ସୁବାସିତ ପୁଷ୍ପ ଫୁଟାଇଣ କରି
ବାସ ଚହଟାଉ ତୁହି ପ୍ରଭୁ ନାମ ଧରି ।
ବାସ ବଳେ ତ୍ରିଭୁବନ ମୋହିତ କରାଇ
ମଧୁକର ଉଲ୍ଲାସରେ ଆସୁଛନ୍ତି ଧାଇଁ ।

Digitized by srujanika@gmail.com

ଅପବାଦ ବାଦ୍ୟ ବାଜୁଅଛି ସହରରେ
କରୁଣା କଟାକ୍ଷ ଦୃଷ୍ଟି ପକାଅନ୍ତେ ଥରେ ।

କେଉଁ ମଧୁକର ରଙ୍ଗ ପୁଷ୍ପେ ବସି କରି
ଆନନ୍ଦ ମନରେ ପାନ କରୁଥିଲା ଧରି ।

ଅତି ସୁମଧୁର ବାସ ଯେବେ ଚହଟିଲା
ତାହା ଦୂର କରିଦେଇ ପ୍ରବେଶ ହୋଇଲା ।

ଡାକ ହାକ ଘଟ ରୂପେ ଶବ୍ଦକୁ କରାଇ
ଅହଂକାର ଧାଉଁଅଛି ବୋବାଇ ବୋବାଇ ।

ସଂପୂର୍ଣ୍ଣ ଜଳରେ କିବା ଫୁଟଇ କମଳ
ଶୋଭା ବିକଶିଣ ଅତି ଦିଶଇ ସୁଢ଼ଳ ।

ବାସ ଚହଟାଉ ଅଛି ସୁମଧୁର ହୋଇ
ମନ୍ଦ ମନ୍ଦ ବାତ ବାଜି ଆନନ୍ଦିତ ହୋଇ ।

ଅତ୍ୟନ୍ତ ମାଧୁର୍ଯ୍ୟ ଦିଶେ ଶୋଭାକୁ ବିସ୍ତାରି
ଦେଖିବାର କ୍ଷଣି ନେତ୍ର ବନ୍ଧିଯାଏ ବାରି !

ଯେବେ ପ୍ରେମ ଲହରିରେ କମଳ ଫୁଟିବ
ମାୟାବଳ ତେଜ କିବା ଛୁଟିକି ନ ଯିବ ।

କମଳ ଫୁଟିଲା ଅତି ସୁବାସ ମନରେ
ତାହା ଦେଖି ମଧୁକର ଉଡ଼ିଲେ ଗର୍ବରେ ।

ଝଙ୍କାର ଶବ୍ଦକୁ କରି ଆନନ୍ଦେ ଧାଅନ୍ତି
ମଧୁପାନ କରିବାକୁ ସାହାସୀ ହୁଅନ୍ତି ।

ଅତ୍ୟନ୍ତ ବିକାର ଶବ୍ଦେ ଉଡନ୍ତି ଆକାଶେ
କ୍ଷୁଧାର୍ଥରେ ଧାଉଁଛନ୍ତି ହୋଇ ଅତିହାସେ ।

କଳକଳା ରବଦେଇ ପୁଷ୍ପ ଦୂର କରି
କମଳର ଆଶେ ଉଡ଼େ ବୋଲି ହରିହରି ।

କେଉଁ ବୋଲେ ସୁଧା ମୋର ଦେଇ ଦୟାକର
ଯେଉଁହେତୁ ତୁମ୍ଭ ବାସେ ମନ ରହିବ ସତ୍ୱର ।

Digitized by srujanika@gmail.com

ଆଜି ଅନ୍ୟ ପୁଷ୍ପେ ମନ ଯେହ୍ନେ ନୋହେ ପ୍ରୀତ '
ପୁଷ୍ପ ବାସ ଧାନ କରୁଥିବୁ ଆମ୍ଭେ ନିତ ।

ଏହିପରି ପ୍ରେମଭାବେ ଗମନା ଗମନ
ହେଉଛନ୍ତି ବନ୍ଧୁ ନାମ କରି ସେ ସ୍ମରଣ ।

ସଂସାର ସାଗର ମଧ୍ୟେ ଅଟେ ଅଳଙ୍କାର
ମଧୁପମାନଙ୍କ ଶତ୍ରୁ ଚକୋର ଭଣ୍ଡାର ।

ଭାବୁକମାନଙ୍କ ତୁମ୍ଭେ ଉଲ୍ଲାସ ମାନସ
ଦବାନଶି କରୁଥାଅ ଅତିହିଁ ହରଷ ।

ଏହି କଥା ଭାବି ଭାବି କରତାଳି ମାରି
ଗୃହିଁ ଦେଲେ ପାଷାଣରୁ ବହିଯାଏ ବାରି ।

ମଧୁକର ଭାବୁଥାଏ କି ରୂପରେ ବାସ
ଗୃଖିବ ଉଲ୍ଲାସେ ବସି ହେବ ପୁଷ୍ପ ଦାସ ।

ଏହିପରି ଭାବି ଭାବି କମଳ ପଦରେ
ଦଣ୍ଡାୟମାନରେ ପଡ଼େ ଭକ୍ତି ପ୍ରେମ ଭରେ ।

ନିଷ୍କଳଙ୍କ କମଳ ତ ଢ଼ଳଢ଼ଳ କରି
....

ବାଙ୍କେ ବାଙ୍କେ ନାଚୁଅଛି ଜ୍ୟୋତିକର ହୋଇ
ମଧୁକର ସଙ୍ଗେ ସଙ୍ଗୀ କେବେ ସେ ନ ହୋଇ ।

ଶୂନ୍ୟେ ଏକା ନାଚୁଥାଏ ବାତାଚକ୍ର ପ୍ରାଏ
ମଧୁ ଆଶେ କାୟା ନଷ୍ଟେ ଭସ୍ମ ହୋଇଯାଏ ।

ତାଙ୍କ ସଙ୍ଗ ନ ଲଭିଣ ବେଦନ କରନ୍ତି
ଚକ୍ଷୁ ମିର ଦେଖି ତନୁ ପ୍ରଫୁଲ୍ଲ ହୁଅନ୍ତି ।

ଅନ୍ଧକାରେ ପଡ଼ି ତୁଛା ଦରଶି ତୁ ହେଉ
ମୋର ଅଙ୍ଗେ ଶିଖେ କେତେ ମାନ୍ଧ ତୁ ନ ପାଉ ।

ବ୍ୟର୍ଥେ କପାଁ ଆସକତ ହେଉ ମୋହଠାରେ
କେତେ ତୋ ବଡ଼ିମାପଣ ଅଛି ତୋହଠାରେ ।

Digitized by srujanika@gmail.com

ସ୍ଥିର ପୁଷ୍ପ ମାନ ଯେବେ ପ୍ରାପତ ହୋଇବ
ଶୂନ୍ୟେ ଉଡ଼ି ସଂସାରକୁ ତୃଣ ବୋଲାଇବ ।
ବିସ୍ତୃତ ସଂସାରରେ ମୁହିଁ ଏକା ଧନ୍ୟ
ମୋହ ସମାନରେ କେହି ନ ହେବ ସୁଗଣ୍ୟ ।

ଏପରି ଭାବରେ କପାଁ ମୋର ବାସ ଆଶ
କରୁଅଛ ଅନୁକ୍ଷଣେ ଫୁଲାଇ ମାନସ ।

ଛାଡ଼ି ଛାଡ଼ି ମୋର ଆଶ ଅନ୍ୟେ ପୁଷ୍ପେ ରସ
ତାର ଭାବେ ବଶ୍ୟ ହୋଇ ସଙ୍ଗେ ଯାଇ ବସ ।

ଏତେ କହି ଶୂନ୍ୟେ ଯାଇଁ ବସିଲା କମଳ
ମଧୁକର ବାସ ଆଉ ନ ଲଭି ବିକଳ ।

ଧିକ ମୋର ପ୍ରାଣ ହେଉ ଧିକ ମୋ ଜୀବନ
ସଂସାରରେ ଜାତ ହୋଇ ହେଲି ଅକାରଣ ।

ଏପରି ଆକୁଳ ଭାବେ ଭ୍ରମର ଉଡ଼ିଲେ
କମଳ ଉଲ୍ଲାସେ ଯାଇ ଶୂନ୍ୟରେ ବସିଲେ ।

ଛନ୍ଦ କି ବିଚନ୍ଦ ଦେଖି ନ ଟଳାଇ ମନ
ଆକାଶରେ ରଖିଥାଏ ସଦା ତାର ମନ ।

ଦେଖି ଦେଖି ବଢ଼ିଅଛି ଜ୍ୟୋତି ପାରାବାର
ତେଜ ବଳ ପାଇ ନାଶୁ ଅଛି ଅନ୍ଧକାର ।

କେତେ ବେଳେ କେଉଁ ଶୋଭା ଦେଖାଇ ମାଧୁରୀ
ମୋହିତ କରାଇଦିଏ ସେହି ଜନ ପୁରି ।

କମଳ ମୋହିତ କରେ କାହିଁରେ ନ ଲାଗି
ଗର୍ବ ଚୂନା କରୁଥାଏ ହୋଇ ଅନୁରାଗୀ ।

ଭଲା ତୋର ବୁଦ୍ଧି ବଳ ଭଲା ତୋର ଜ୍ଞାନ
କଳ୍ପିତ ପ୍ରମାଣ ନାଶ ନ କରିଲା ଦାନ ।

ଶୂନ୍ୟରେ ଶୂନ୍ୟଟି ମିଶି ଶୂନ୍ୟ ହୋଇଗଲା
ସଂସାରର ଅନ୍ଧକାର ପୂର୍ଣ୍ଣ ସେହି କଲା ।

Digitized by srujanika@gmail.com

ଯେ ଯାହାର ସଖା ଯେନ ଶୂନ୍ୟ ମିଶିଗଲେ
ଆକୁଳରେ ମଧୁକର ଖୋଜନକୁ ଜଳେ ।

ଏକାକୀ ହୋଇଲେ ଆଉ ବୁଦ୍ଧି ନ ଦିଶିଲା
ଆତୁର ମନରେ ସବୁ ଦିଗକୁ ଭ୍ରମିଲା ।

କାହିଁ ଛାଡ଼ି ପଳାଇଲ ମୋ ସନ୍ଧି ସଙ୍ଗାତ
କାହିଁ ଗଲ ହେ କମଳ କରିଣ ଅନାଥ ।

ସଙ୍ଗୀ ହୋଇଥିଲ ସବେ ହୋଇତ ଉଲ୍ଲାସ
ଏବେ କିପାଁ କରିଦେଲ ଏଡ଼େ ହେଁ ନିରାଶ ।

ଅରଣ୍ୟରେ ପକାଇଲ ସର୍ପର ମୁଖରେ
ପକାଅ କରୁଣା ଦୃଷ୍ଟି ମୋହଠାରେ ଥରେ ।

ଏପରି ଅନ୍ଧାରେ ମତେ କିପାଁହେ ପକାଅ
କଷ୍ଟତେ ପ୍ରସନ୍ନ ହୋଇ ଆଲୋକ ଲଗାଅ ।

ସଖା ସଙ୍ଗୀମାନେ ସବୁ ଦୂର ହୋଇଗଲ
ଅନାଥ କରାଇ ଏବେ କର କଲବଲ ।

କିସ ଦୋଷ କରିଥିଲ ମୁହିଁ ଯେ ତୁମ୍ଭଙ୍କୁ
କଷ୍ଟତେ ପ୍ରଦାନ କର ମତେ ସୁସଙ୍ଗକୁ ।

ଏତିକ ପ୍ରାର୍ଥନା ହୋଇ ମାଗୁଅଛି ସନ୍ଧି
ସୁବାସ ମଳୟ ବନ୍ଧ ଦୟା ଭାବ ବହ୍ନି ।

କିଛି ଆଉ ଅନୁକୂଳ ନ ଦିଶଇ ମତେ
ଏହିପରି ଛଟପଟ ହୁଅଇ ନିରତେ ।

ସୁସଙ୍ଗ ମାର୍ଗକୁ ଯେବେ ସଙ୍ଗୀ କରିଥିବ
ସଂସାରକୁ ତୃଣ ମଣି ଶତ୍ରୁ କି ମୋହିବ ।

ଆହେ ଗୁରୁଜନ ଭାଇ ଭଗ୍ନୀ ସଖାଗଣ
ସଦାଧାନ କର ପ୍ରଭୁ ଜଗତ ଜୀବନ ।

କାମନା ସଫଳ ହେବ ହୋଇବ କୃତାର୍ଥ
ପ୍ରଭୁଙ୍କର ମାୟାବଳ ଶକ୍ତି ହେବ ସାର୍ଥ ।

Digitized by srujanika@gmail.com

ମୋର ସର୍ବ ଦୋଷାଦୋଷ କ୍ଷମା କରିନାଥ
ନନ୍ଦିଘୋଷ ରଥେ ସର୍ବେ ମନବୁଝି ଦିଅ ।

ଆହେ ଭକ୍ତ ବୃନ୍ଦ ମାନେ ଶୁଣି ମୋ ବଚନ
ଦୟାପୂର୍ଣ୍ଣ ଦାନ କର ମତେ ପ୍ରଭୁ ଭକ୍ତି ।

ସଂସାର ଅଗ୍ନିରେ ପଡ଼ି ସନ୍ତାପିତ ଆଜି
କେତେବେଳେ ମୋର ହୃଦେ ସ୍ଥାନ ନ ପାଇ ।

ସଦା ଜଗଦୀଶ ଠାରେ ପ୍ରାର୍ଥନା କରିବ
ଏହି ମୋହ ସଂସାରରୁ ସୁଖରେ ତରିବ ।

ଉପାସନା କରୁଥିବ ମୂର୍ତ୍ତି ଧ୍ୟାନ କର
ଅନୁକ୍ଷଣେ ଗୃହୁଁ ଥିବ ପତି ସଙ୍ଗ ଧର ।

ଏ ରୂପରେ ଜୀବ ଯିବ ଆହେ ଦୟାମୟ
ତୁମ୍ଭ ଗୁରୁ ଚରଣରେ ରଖିଥିବ ଲୟ ।

ଏତିକି ସଂକଳ୍ପ କର ଅନ୍ୟେ ପ୍ରୀତି ଯେହୁ
ସଂସାରର ପ୍ରୀତି ଭାବ କଦାପି ନ ମୋହୁ ।

ଜୀବରତ ବିନର୍ମିତ ସ୍ୱପ୍ନ କାରିଗର
ମାୟା ମୋହ ପିତୁଳିକା ତଥି ଶୋଭାକର ।

ସଂସାର ପିପାସା ଆଶା ଓଟାର ମନକୁ
ନେଉଥାଏ ନାନାଛନ୍ଦ ଦେଖାଇ ଚିହକୁ ।

ଜୀବର ତ ଆସକତ କୁଳଷ ପସନ୍ନ
ସଂସାର ମୋହିମା ଫଳେ ଭୁଲି ଅଛି ପର ।

ବାହ୍ୟ ରୁପ ଦରଶନେ ଜୀବତ ଅସ୍ଥିର
ଅନ୍ତର୍ଗତ ନରୂପଣେ ବୃଥା ସିନା ଗିର ।

ଭାଷୁଥିବ ଗୃଠୁବାଣୀ ଗେଲାଇ ଗେଲାଇ
ଛନ୍ଦ କୌଶଳରେ କାଳ ନେବ ଫୁସୁଲାଇ ।

ଏପରିତ ଅଟେ ସବୁ ଜୀବ ପରିଣାମ
ଏଥିରେ ଭୁଲାଇ ମତେ ନକର ଅଜ୍ଞାନ ।

Digitized by srujanika@gmail.com

ଅନ୍ତିମ ସମୟେ ଯେହ୍ନେ ନାମ ସ୍ମରି ସ୍ମରି
ଯିବ ପ୍ରାଣ ଛାଡ଼ିଯିବ ବୋଲି ହରି ହରି ।

ଏହି ଆଶେ ଅନ୍ନପୂର୍ଣ୍ଣା କରେ ନିବେଦନ
ପ୍ରଭୁ ନାମ ଯେବେ ସତ୍ୟ ହେବ ସୁପ୍ରସନ୍ନ ।

ବେଦଶାସ୍ତ୍ର ଋଷିବାକ୍ୟ ସେବା ଆଶୀର୍ବାଦ
ଯେବେ କିଛି ସତ୍ୟ ଥାଏ ହେବନି ପ୍ରମାଦ ।

ପତି ମୋର ସର୍ବଧନ ତାଙ୍କ ଯୋଗୁ ଜ୍ଞାନ
ଶିକ୍ଷା କରୁ ଅଛି ସଦା ସତୀ ଅନୁଷ୍ଠାନ ।

ସତୀ ବ୍ରତେ ଯେବେ ଥାଏ କିଛି କିଛି ଧର୍ମ
ତେବେ ତ ପାଳୁଛି ବସି ଜୀବନର କର୍ମ ।

ଇଚ୍ଛା ଅନୁଯାୟୀ ପୁରସ୍କାର ଦିଅ ହରି
କିଛି କାର୍ଯ୍ୟ ନାହିଁ ମୋର ପ୍ରାଣ ନିଅ ହରି ।

ଖୋଜି ଖୋଜି ଭଜି ଭଜି ପ୍ରଭୁ ତୁମ୍ଭ ରୂପ
ନ ପାଇଲି କିଛି ଅନ୍ତ ଭାବ ଅପରୂପ ।

ଦେଖେ କି ନ ଦେଖେ ରୂପ ଏ ପାପ ନୟନ
ମାତ୍ର ତୁମ୍ଭ ବିନା ଜୀବ ହେବନି କାରଣ ।

ଇଚ୍ଛାଥିଲେ ଦେଖା ଦିଅ ନ କରେ କଟାଳ
ମାତ୍ର ପତି ପଦେ ଭକ୍ତି ରହୁ ଚିରକାଳ ।

ଆଶା ପୂର୍ଣ୍ଣକର ମୋର ଆହେ ଭବଗ୍ରାହୀ
ଏ ଭବ ବନ୍ଧନୁ ମତେ ବେଗେ କର ତ୍ରାହି ।

ଆଶା ରୂପ ହୃଦୟରେ ପତି ନାମ ସ୍ମରି
ତାଙ୍କ ରୂପ ଦରଶନେ ନିଜେ ଅନୁସରି ।

ଦିନକୁ ଯାପନ କରେ ଆହେ ସନାତନ
ଦେଇଛ ତ ପ୍ରଭୁ ମତେ ପତି ରୂପ ଧନ ।

ଏହି ଧନ ଯେହ୍ନେ ମୁହିଁ ଜନ୍ମ ଜନ୍ମାନ୍ତରେ
ପାଉଥିବି ସେବୁଥିବି ପତି ଚରଣରେ ।

Digitized by srujanika@gmail.com

ପତି ମୋ ପ୍ରତ୍ୟକ୍ଷ ଦେବ ଜୀବନେ ଜୀବନ
କରିଛ ତ ପ୍ରଭୁ ତୁମ୍ଭେ ନ ଦିଅ କଷଣ ।

ଉଭୟଙ୍କୁ ସମଗତି ଦିଅ ଭଗବାନ
ଗୋଟିକୁ ଘେନିଣ ଯାଇ ଅନ୍ୟକୁ ଅଜ୍ଞାନ ।

ନ କରିବ କଦାପି ହେ କରୁଛି ବନ୍ଦନ
ଏହି ଆଶେ ପଦ୍ୟ ଲେଖି କରେ ନିବେଦନ ।

●

[କବିତାଟିର ରଚନାକାଳ ୧୯୦୬, ନାଣି କବିଙ୍କର ପାଣ୍ଡୁଲିପିରୁ ଏହା ସଂଗୃହୀତ—ଏହା ଅପ୍ରକାଶିତ ଥିଲା ।]

Digitized by srujanika@gmail.com

ଜନୈକ ରାଣୀଙ୍କ ନିକଟକୁ

ମୋର କଥା କାହାକୁ ହିଁ ନାହିଁ ଅବିଦିତ
ସମଗ୍ର ଉତ୍କଳବାସୀ ଭବେ ତୋଷେ ଚିତ୍ତ ।

ଏଣୁ ମୁହିଁ ସାହସରେ ଦେଇଥିଲି ପଦ
ମନ ଆନନ୍ଦରେ ନାହିଁ ମୋର ଦେହ ସନ୍ତ ।

ଶୁଣିଥିଲି ନାନା କଥା ବୋଲି ଦୟାବତୀ
ଏଥିଯୋଗୁଁ ସ୍ଥିର ଆଉ ନ ହେଲା ଏ ମତି ।

ମନଭାବ ସବୁ ମୋର ଫେଇ ପେଟିକାରୁ
ବାଢ଼ିଦେଲି ଭକ୍ତିଭରେ ଧନମଣିଠାରୁ ।

ମାତାମଣି ଅଳିକଲି ନ ଥିଲା କଣ୍ଟାଳ
କସ ଭାବ ପକ୍ୱ ଫଳ ହେଲା ବେନଫାଳ ।

ସେଥିପ୍ରତି ଛଳେ ହେଲେ ନାହିଁ ମୋ ବିରସ
ମନ ପରୀକ୍ଷାକୁ ନେଇ କଣୁଛି ହରଷ ।

ଝଞ୍ଜା ଚଣ୍ଡ ଜଗତରେ ଖୋଜୁଛି ଜୀବନ
କାହାଠାରୁ କେଉଁଭାବେ ଲଭିବ ସମ୍ମାନ ।

ସର୍ବେ କିବା ସମଭାବେ ଗୃଲନ୍ତି ସ୍ନେହରେ
କିବା କେହି ତୋଷି ପାରେ କେଉଁ ମନ୍ତବ୍ୟରେ ।

ଏହି ଭଳି ପଦ୍ୟ ଲେଖି ଦିଏ ପରିଚୟ
ବିଭୁଙ୍କର ମୁଁ ସନ୍ତାନ ନାହିଁ କିଛି ଭୟ ।

ନାରୀ କଥା ନାରୀ ସିନା ଜାଣେ ହୃଦେ ପଶି
ସକଳ ଅଭାବ ତାର ବୁଝିପାରେ ରସି ।

Digitized by srujanika@gmail.com

ନାଶି କପାଁ ନିଷ୍ଠୁରତା ହୁଏ ମୋ ଭାଗ୍ୟରେ
ଏଥିର ସନ୍ଦେହ ଭାବ କହିବ ପ୍ରେମରେ ।

ଯାଉଛି ଆସୁଛି ମୁହିଁ ଖେଳୁଛି ଜଗତେ
ଦେଖୁଛି ସକଳ ମନ ସୁଭ୍ରମଣ ମତେ ।

କ୍ଷୁଦ୍ର ହେଲେ କିସ ହେଲା ତବ ଜାତି ପରି
ଅଭିମାନ ଥିଲେ ଧନ ନକର ଠାପରି ।

ଏହି ଏକା ମୋର ଧନ ସର୍ବ ହସ୍ତେ ଦେଇ
ଚିହ୍ନୁଅଛି ଶେଷେ ଧାଇଁ ଭାବେ ହୋଇ ସ୍ନେହୀ ।

ପଦ୍ୟ ପ୍ରକାଶର ଭାବ ବୁଝାଏ କାରଣ
କାହିଁକି ପରର ମର୍ମ ନ ଚିହ୍ନିଲ ମନ ।

ହରଷେ ଧସାଇ ପଶି ମନ ଆଣେ ଟାଣି
ଇଚ୍ଛାଥିଲେ ଏହି ପଦ୍ୟଁ ଅର୍ଥ ନିଅ ଗୁଣି ।

●

Digitized by srujanika@gmail.com

ଶୁକ ପକ୍ଷୀ ପ୍ରତି

ଆରେ ପକ୍ଷୀବର ବପୁ କେଡ଼େ ମନୋହର
ନିତ୍ୟ ସତ୍ୟ ଧର୍ମ ଦ୍ୱାରେ ଦେଉଛୁ ଖବର ।

ଧନ୍ୟ ଅଟେ ତୋ ଜୀବନ ଧନ୍ୟ ଦିବ୍ୟ ଜ୍ଞାନ
ପକ୍ଷୀ ବୋଲି କେବେ ତୁହି ନ ହୋଇବୁ ସାନ ।

ନିତ୍ୟ ଦରଶନ କରୁ ପରମ ପିତାଙ୍କୁ
ହୃଦ କମଳରୁ ଦୂର କରୁ କି ଚିନ୍ତାକୁ ।

ମଧୁର କୋକିଳ ରାବେ ତୃପ୍ତ କରି କର୍ଣ୍ଣ
ସ୍ଥବିର ଭାବରେ ରହେ ଏହି ପ୍ରାଣ ମନ ।

ସୁବୁଦ୍ଧି ବଳରେ ଟାଳି ଦେଉଛ ପଟତ୍
ମୁଁ ଭାବୁଛି ତୋର ମୁଖେ ରଖିଛୁ ଜଗତ ।

ହାବଭାବ ଖେଳା ରଙ୍ଗ ସକଳ ପ୍ରକାର
ତୋର ମୁଖେ ଦେଖିକରେ ନାନାଦି ବସ୍ତୁର ।

ଦୁର୍ବୁଦ୍ଧି କି ନାଶି ଦେଲୁ ସୁବୁଦ୍ଧି ଟେକାଇ
ପାଷାଣ୍ଡର ଶୁଷ୍କ ପୁଟେ ଅମିୟ ଭସାଇ ।

ମନୋହର ପେଟିକାରୁ ଉଠି ସହଚରୀ
ନାଚୁଛନ୍ତି କି ରଙ୍ଗରେ ନବୀନ ମାଧୁରୀ ।

ଖେଳାଇ ଖେଳାଇ ନାଚ ଉଠେ ଉଲ୍ଲାସରେ
ଭାବ ଉଦ୍‌ବେଗ ମନ ଭାବୁକ ବଳରେ ।

ରସ ସିନ୍ଧୁ ରସ ବନ୍ଧୁ ରସିକ କାନନେ
ରସିକେ ସୁମନ ତୋଳେ ରସିକ ବରନେ ।

Digitized by srujanika@gmail.com

ଗୁଣକୁ ରସାଇ ଦେଇ ଗୁଣକୁ ବୁଝାଇ
ତୋହପରି ଉପକାରୀ ତ୍ରିଭୁବନେ ନାହିଁ ।

ସୁଗନ୍ଧ ବଳରେ ଜ୍ଞାନ ଫୁଟେ ଆନନ୍ଦରେ
ସକଳର ହୃଦ ପଟେ ବରଜେ ତେଜରେ ।

ପିତାକୁ ମଣାଇଅଛୁ କେଉଁ ଧନପୁରେ
ସେହି ଆଜ୍ଞା ମତେ କହ ମାଗିବ ମୁଁ ଥରେ ।

ତୋର ଗୁଣେ ମୁଗ୍ଧ ହେଲା ମୋର ମନ ପ୍ରାଣ
ତୋର ସଙ୍ଗେ ସଙ୍ଗୀ କରି କର ପରିହାଣ ।

ଆଜଠାରୁ ଗୁ ରୁକଲ ଖଲ ସବୁ କଥା
ଏ ଜଗତେ ଆଉ ମୋର ନ ପୋତାଅ ମଥା ।

ନଷ୍ଟପେ୍ଲ ଶରଣ ରଖ ମୋ ଅବସ୍ଥା ଦେଖି
ମୋ ଅବସ୍ଥା ଦେଇଅଛି ତୋ ହସ୍ତରେ ଲେଖି ।

Digitized by srujanika@gmail.com

ସହୋଦରଙ୍କ ପ୍ରତି

ପ୍ରିୟତମ ଭାଇ ମୋର ଶୁଣ ନିବେଦନ
ଜନ୍ମ ଲଭି ଜଗତରେ ପାଏ କି କଷଣ ?

ଜୀବନଟା ଗଲା ବୃଥା ସହି ଅପମାନ
ଜଣେ ହେଲେ ରକ୍ଷା କରି ନ ପାରେ ମୋ ମାନ ।

ଯାହାକୁ ମୁଁ ଧରିଥାଏ ବିଶ୍ୱାସ ଭକ୍ତିରେ
ସେହି ଭାଇ ବୃଥେ କାହିଁ ରହେ ମୋ ଗତିରେ ।

ଯାହା ତ ହେବାର ହେଲା କାହିଁକି ସେ କଥା
କେହି କି ପାରିବ ଟେକି ପୋଛି ହେବା ମଥା ।

ତୁମ୍ଭର ଯେ ସାଧୁଗୁଣ ଗାମ୍ଭୀର୍ଯ୍ୟ କୌଶଳ
ଧୀରଭାବେ ବୁଦ୍ଧିବଳେ ଟେକି ଆଣେ ଫଳ ।

କି ଉଦାର ସେ ହୃଦୟ କି ସରଳ ପଣ
କର୍ତ୍ତବ୍ୟର ପରାକାଷ୍ଠା ଜାଣିଛ ଆପଣ ।

ପ୍ରଥମ ସାକ୍ଷାତେ ତବ ଚହ୍ଲିଛି ହୃଦୟ
ଆଜ ସେହି ଭାବ ଦେଇଅଛି ପରିଚୟ ।

ସେହି ପରିଚୟେ ଅଛି କେତେ ଗୂଢ଼ତତ୍ତ୍ୱ
ମହତ ଜାଣଇ ସିନା ରଖିବା ମହତ ।

ମହତ ବୋଲିବା କଥା ନୁହେଁ ତ ସାମାନ୍ୟ
ବିବେକ ରାଜ୍ୟରେ ସେହି ଅଟେ ମାନ୍ୟତମ ।

ଆଜଯାଏ ତାର ଭାବ କେହି ଚହ୍ଲି ନାହିଁ
ଏହିଁ କଥା ସତ୍ୟ ରୂପେ କହୁଚି ହେ ଭାଇ ।

Digitized by srujanika@gmail.com

ଗର୍ବ ଅଟ୍ଟହାସ୍ୟେ ଖେଳେ ମାନବ ଜୀବନ
ମତୁଆଲେ ମତ୍ତ ଥାଏ ଯୌବନର ଧନ ।

ଧନ ବଳେ ପୃଥିବୀ କି ରଖେ ଆଙ୍ଗୁଳିରେ
ମତ୍ତଗର୍ବେ ଢୁଲେ ଝୁଲି ଇଙ୍ଗିତ ଭଙ୍ଗୀରେ ।

ପ୍ରାଣକୁ ତାହାର ପୂର୍ଣ୍ଣ ରଖଇ ଆପ୍ଲୁତେ
ଚିରସ୍ଥାୟୀ ଭାବନାକୁ ଭାବଇ ଜଗତେ ।

କି ମରଣ କି ଜନମ ନ ଥାଏ ସେ ମନେ
ଧୂଳି କି ଉଡ଼ାଉଥାଏ ଢୁଳକ ଗମନେ ।

ନେଇ ଦୁଇ ଚାରିଦିନ ଢୁହେଁ ସର୍ବ ସୁଖ
ମୁକ୍ତି ହାସ ଛି, ଛି, କାରେ ଟାଣିପାରେ ମୁଖ ।

ସବୁଠାରୁ ବଡ଼ ଅଟେ ଧର୍ମାଙ୍କର ପ୍ରାଣ
ତା ଘୁମୁରେ ଦରିଦ୍ରତା ଅଟେ ତୁଚ୍ଛ ଜ୍ଞାନ ।

ପ୍ରଭୁଙ୍କ ରହସ୍ୟ ଚିହ୍ନ ବୁଝି ନ ପାରଇ
ତାର ମନେ ମନେ ସେହୁ ପ୍ରଭୁ ପାଲଟଇ ।

ଏହି ସବୁ କାର ଖେଳ ନ ବୁଝେ କହିତେ
ପୁଟିକି ପୁଟାଇ ଝୁଲେ ମୂକାର ସହିତେ ।

ଭାବନା ନ ଥାଇ କେତେ ଉଚାରଇ ଭାଷା
ବୁଦ୍ଧି ଘୋଟକରେ ବସି ଚଲାଏ ସହସା ।

ଧିକ ଧିକ ଶତ ଧିକ ଅଟେ ତୋର ପଣ
ଭଲ ମନ୍ଦ ବାରି ନୁହେଁ ଦେଉ କି କଷଣ ।

ଏ ବିଶ୍ୱର ଦୋଳ ମଞ୍ଚେ ଝୁଲାଇବା କାଳେ
ସତେ କି ହେ ଭାଇ ମୋର ଦେଖାଇଲ ଢାଳେ ।

ଦଗ୍ଧ ହେବା ହୃଦୟରେ ଢାଳଦେଲ ତୈଳ
ପୁଣି ପାଇଅଛୁ ପ୍ରାଣ ମନର ନିର୍ମଳ ।

ଅପମାନ ଅନଳରେ ମିଶି ଦୁଃଖାନଳ
ଆଶା ସାର ଟିକି ଯାଇ ଖେଳଇ ଗରଳ ।

Digitized by srujanika@gmail.com

ଦିଶୁଥିଲା ସବୁଦିଗ ମୋତେ ଅନ୍ଧକାର
କାହାକୁ ନ ପାଇ ସାହା ନ ବୁଝିଲି ସାର ।

ଅଜ୍ଞାତରେ ମନ ଚଢ଼ି ଉଡ଼ାଇ କେତନ
ନିଜ ବଳ ନେଲା ହାରି ଲୁଗୁଇ ଚୈତନ ।

ଅବଶୁର ନୀର ପୁଣି ଆସି ନେତ୍ରୁ ଖସି
ବକ୍ଷସ୍ଥଳେ ନାଚି ଖେଳେ ଆନନ୍ଦେ ଉଲ୍ଲସି ।

ଅଛି ଜ୍ଞାନ ସତ୍ୟ ଭାଇ ! ସ୍ଥିର ନାହିଁ ମନ
ଅନୁତାପ ବେଦନାଘାତେ କାନ୍ଦଇ ଜୀବନ ।

ବୃଥା କାନ୍ଦ କେ ଶୁଣିବ ମନେଯାଏ ମରି
ଗୌରବରେ ଉଠେ କିନ୍ତୁ ଚିନ୍ତା ନଏ ଧରି ।

ଏ ବିପତ୍ତିକାଳେ ମୋର ହେଲ କି ଭରସା
ଲାଳସା ଜୀବନେ କିନ୍ତୁ ବଢ଼ିଲା ଲାଳସା ।

ତୁମ୍ଭର ଯେ ଉପକାର ଭୁଲି ନ ପାରିବି
ମୋର ହୃଦ ଭଣ୍ଡାରରେ ଯତନେ ରଖିବି ।

ନିତି ନିତି ଦେଖୁଥିବି ତାହାର ଆକାର
ଆହ୍ଲାଦେ ପ୍ରୀତି ରଖି ବୁଝି ନେବି ସାର ।

ଏହିଭବ ଚିର ରଖି ନିସ୍ପୃହ ଜୀବନେ
ସରଳ ପ୍ରକୃତ ପ୍ରେମ ମିଶୁ ମନେ ମନେ ।

●

[ସଂବଲପୁର ହିତୈଷିଣୀ—ତା ୧-୬-୧୯୧୭ ସଂଖ୍ୟାରେ ପ୍ରକାଶ ପାଇଥିଲା—ତହିଁରୁ ସଂଗୃହୀତ ।]

Digitized by srujanika@gmail.com

ସତୀ ପ୍ରତି ସତୀଦ୍ରୋହୀ ପତିର ଉକ୍ତି

ପଦ୍ୟର ସରଳ ଭାବ କବିଙ୍କ ହୃଦୟ
ପରିଚୟ ଦେଉଅଛି ନ ଥାଇ୍ ସନ୍ଦେହ ।
ଭଲ ବୁଦ୍ଧି, ଭଲ ଜ୍ଞାନ, ହୋଇଛି ମାର୍ଜନା
କୁଟିଳ ଦୁର୍ବଳ ଭାବ ପ୍ରାଣ ବଢ଼ମ୍ବନା ।
ଧନ୍ୟ ଜନ୍ମ, ଧନ୍ୟ ଶିକ୍ଷା ସ୍ୱାର୍ଥ ସିଦ୍ଧି ଦାତା
ମୁଖରେ ସରସ କିନ୍ତୁ ହୃଦୟ ଅହଂତା ।
ପାଠ କଲେ ସେହି ପଦ୍ୟ ହୃଦ ଯାଏ ଜଳ
ସମ ରକ୍ତ ସମ ଗୁଣ ଆସଇ ତରଳ ।
ଯେବେ ସତ୍ୟ ବ୍ରତ ଥିଲେ କାହିଁକି କଳଂକ
ଜଡ଼ିତ ପରାଣ ହେଲା କାମ ମୋହେ ରଂକ ।
ଯେବେ ମନ ଦୃଢ଼ ରୂପ ସତ୍ୟର ପଥିକ
ଭୂଷଣ ପଦାର୍ଥ କେଉଁ ରୂପେ କଲା ଧିକ !
ରାକ୍ଷସୀ ହାବୋଡ଼େ ପଡ଼ ନ ଥିବେ କଦାପି
ରାକ୍ଷସ ସ୍ୱରୂପ ଏକା ମନ ଥିବ ମାପି ।
ପିଶାଚ, ରାକ୍ଷସ କୁଟ ହେଲା ହଳାହଳ
ସତୀର ସାଧବୀ ଫଳ କରିଛି ବିଫଳ ।
ପାପର ମମତା କିନ୍ତୁ ପାପରେ ପ୍ରୟାସୀ
କାୟାରେ ଜଡ଼ିତ ମନ ବିଦେଶ ନିବାସୀ ।
ଦେଖାଇଣ ବିଶିଷିକା ନାଶି ସତୀ ବ୍ରତ
ମାୟା ଜାଲ ଦେଲେ ବାନ୍ଧି ନ ଚହ୍ନି ମହତ ।
ଶୁଦ୍ଧ ରକ୍ତ ଶୋଷି ଦେଇ କ୍ଷୀଣକରି ଅଙ୍ଗ
ବୋଲୁଅଛନ୍ତି ଶୁଦ୍ଧ ରହ୍ନ କହି ନାନା ରଙ୍ଗ ।
ଲେଖମା ଗୁଡୁକ ସିନା ନାହିଁ କରୁଁ କର୍ମ
ଭଲ ମନ୍ଦ ଉଭୟର ନ ଚହ୍ନନ୍ତି ମର୍ମ ।
ପ୍ରଥମରେ ମନ ମେଳ ଦ୍ୱିତୀୟରେ ପ୍ରୀତି
ଏହି କଥା କେବଳରେ ବେଦ ଶାସ୍ତ୍ର ନୀତି ।

Digitized by srujanika@gmail.com

କଦାପିତ ମିଛ ବାକ୍ୟ ନ ହେବ ଅନ୍ୟଥା
କଅଁା ଏକ ଉଚ୍ଚେ ଠିଆ ଏକ ମୁଣ୍ଡ ପୋତା ।
ଉଭୟର ମତାମତ ଥିବ ସମସର
ଏଥିପାଇଁ ସ୍ତ୍ରୀ କଅଁା ହେଲା ଏତେ ସର ?
ଯାର ନାମେ ସ୍ତ୍ରୀ ନାମ ଅଟଇ ବିଫଳ
ସେହି ଗାର କିସ କାର୍ଯ୍ୟ କରିବ ସଫଳ ?
ଯା'ର ମତେ ନାରୀ ନାମ ଅଟେ ବିଷଭୁକ୍ଷ
ସେ ନର ଦେବତା ଏବେ ଉତ୍କଳେ ଅମୂଲ୍ୟ !
ସ୍ୱର୍ଗର ସୁବାସ ପୁଷ୍ପ ମଝେ ଦେବ ରୂପ
ଏବେ ସବୁ ହୃଦୟରେ ଝରେ ଭାବ କୂପ ।
ଏତିକରେ ବନ୍ଦକଲି ମୋହର ଲେଖନୀ
ହୃଦ ଦେଶେ ଜଳୁଅଛି କ୍ରୋଧ ରୂପ ଅଗ୍ନି ।
କିସ କିସ ଦେବ ଲେଖି ଉଠିବ ଗହଳ
ନାରୀ ଗୁର କି ରହିଲା ପଡ଼ିବ ଚହଳ ।
ଏଥିପାଇଁ ସମାଜକୁ କୋଟି ନମସ୍କାର
ଲେଖକଙ୍କ ଭଲ ବୁଦ୍ଧି ବୁଝି କଣେ ସାର !

[କବିବର ରାଧାନାଥ, ଜୀବନର ଶେଷ ଆଡ଼କୁ ନଗେନ୍ଦ୍ରବାଳାଙ୍କ ସହିତ ପ୍ରଣୟ ବ୍ୟାପାରରେ ମଜ୍ଜି ଯାଇଥିଲେ । ଏପରି ଗୁରୁତର ଅପରାଧ ପାଇଁ ସ୍ୱ-ଧର୍ମିଣୀ ପରମେଶ୍ୱରୀ ଦେବୀଙ୍କଠାରେ ସେ କ୍ଷମାପ୍ରାର୍ଥୀ ହୋଇ 'ସତୀଚ୍ଛତ୍ର ସତୀଦ୍ରୋହୀ ପତିର ଉକ୍ତି' ନାମକ ଏକ କବିତାରେ ଆପଣାର ମନୋଭାବ ପ୍ରକାଶ କରିଥିଲେ । ପୁନଶ୍ଚ ସଜ୍ଜନ ସମାଜ ନିକଟରେ 'ଆତ୍ମ କଥାର କିୟଦଂଶ' ବିତରଣ କରି ପାପ-ମୁକ୍ତ ହେବାର ବାସନା ପୋଷିଥିଲେ । ମାତ୍ର ରାଧାନାଥଙ୍କର ଏପରି ଆଚରଣକୁ ମିଛବାଦିନୀ ଅନ୍ନପୂର୍ଣ୍ଣା ଆଦୌ ସହିପାରି ନାହାନ୍ତି—ତାଙ୍କର ତୀବ୍ର ପ୍ରତିକ୍ରିୟା ଏହି କବିତାରେ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି । ରାଧାନାଥଙ୍କ ପରି ଯୁଗାନ୍ତକାରୀ କବିଙ୍କ ପ୍ରତି ନାରୀ କବିଙ୍କର ଆକ୍ଷେପ ଓ ଶାଳୀନ ଭର୍ତ୍ସନା, ତାଙ୍କର ନିର୍ଭୀକତା ଓ ସ୍ପଷ୍ଟବାଦିତାର ପରିଚୟ ଦିଏ । କବିତାଟି ଅପ୍ରକାଶିତ ଥିଲା, ପାଣ୍ଡୁଲିପିରୁ ସଂଗ୍ରହ କରାଯାଇଛି ।]

Digitized by srujanika@gmail.com

ଉତ୍କଳ ଭୂମି

ଜୟ ମା ଉତ୍କଳ ଭୂମି ଗୌରବର ଖଣି
କେତେ ଯତ୍ନେ ପାଳୁଅଛୁ ପ୍ରସନ୍ନ ବଦନୀ ।
ପ୍ରୀତି-କ୍ଷୀର ଦେଇଅଛୁ ସନ୍ତାନ ବତ୍ସଳୀ
ତୋ ବକ୍ଷରୁ ସୁଧା ଝର ପଡ଼ୁଛି ଉଚ୍ଛୁଳି ।
ତୁହି ମା ପୁଣ୍ୟଭୂମି ପୁଣ୍ୟରେ ଉଦିତ
ତୋର ମହିମାର ଶବ୍ଦେ ଉଠୁଛି ସଙ୍ଗୀତ ।
ସୁଧାପୂର୍ଣ୍ଣ କର ମାତ ତୋ ହୃଦ କନ୍ଦରେ
ଭକ୍ତି-ପୁଷ୍ପ ଉପାଇଛୁ ଆଶା-ସରୋବରେ ।
ଜ୍ଞାନ ସୁଧା ପାନେ ସାର୍ଥ ଲଭୁଛି ଜୀବନ
ତୋର ତେଜ ବିକାଶଇ ଭୁବନେ ଭୁବନ ।
ହେ ମାତଃ ବସୁନ୍ଧରା ସମୁଜ୍ଜ୍ୱଳ ମଣି
ସନ୍ତାନକୁ ସ୍ନେହେ ପାଳୁ କି ଯତ୍ନେ ଜନନୀ ।
ସେହି ପଦ ନ ସେବିଲି ନ ରଖି ବିଶ୍ୱାସ
ଜ୍ଞାନହୀନେ ପଡ଼ିଅଛୁ ହୋଇ କି ହତାଶ ।
ଯାର ନାମ ଉଚ୍ଚାରଣେ ଉଲ୍ଲସେ ହୃଦୟ
ତାକୁ ତେଜ ଆଶାନୀରେ ରଖିଅଛୁ ଲୟ ।
ଧିକ ଧିକ ମୋ ବିତ୍ତର ଧିକ ମୋର ବଳ
କିଛି କାର୍ଯ୍ୟ ନାହିଁ ମାତ୍ର ସାର ଦୁଃଖ ଫଳ ।
କି ସୁନ୍ଦର ରୂପ କାନ୍ତି ଆଗୋ ବସୁମତି
ଭକ୍ତି ଉଦେ କରେ ଚ୍ହିଁ ସ୍ଫୁରି ହୁଏ ମତି ।
ସଙ୍ଗୀତକୁ ଗାନ କରୁଥିଲି ଧୀରେ ଧୀରେ,
କେତେ ପ୍ରୀତି ଭାସୁଥିଲା ଆଶା ଲହରୀରେ ।
ନାହିଁ ସେ ଆନନ୍ଦ ଆଜ ଏହି ଜୀବନରେ
ଦଗ୍ଧ ଭବେ ବୁଲୁଅଛି କାତର ଭାବରେ ।

Digitized by srujanika@gmail.com

ଯାର ନାମେ ଭକ୍ତ ପଦ୍ମ ଫୁଟି ବିକଶିତ
ତାର ଗନ୍ଧେ ପୁଣ୍ୟ ପଥେ ଭ୍ରମୁଥିଲା ଚିତ୍ତ ।
ଭକ୍ତି ରସ ସଞ୍ଚୁଥିଲା ପ୍ରୀତି ଆନନ୍ଦରେ
ଧ୍ୱନି ସାରୁଥିଲା ନାଚି କୁନ୍ଦି ଭକ୍ତି ଭରେ ।
ନାହିଁ ସେହି ଭାବ ଆଜ ପବିତ୍ର ଆଶ୍ରମ
ନାହିଁ ପ୍ରେମ ନାହିଁ ଭକ୍ତି ହତାଶ ଜୀବନ ।
ଡଚେ ସ୍ୱର ସ୍ୱର ହୃଦ ହେଉଛି ବିଦାର
ନୟନରୁ ଘନ ଘନ ବହୁଅଛି ବାର ।
ତେଜ ଦେଇଅଛି ମନୁ ପ୍ରୀତି ପୁଷ୍ପଗଣ
ଜୀବନ ବ୍ୟାକୁଳ ହୁଏ ନ ଦିହିଁ ବଦନ ।
କେତେ ସୁଖ ମଣୁଥିଲି ତାଙ୍କୁ ଯତ୍ନେ ପାଳି
ହୃଦ ଦେଶେ ଲମ୍ବାଇ ମୁଁ ଥିଲି ପୁଷ୍ପମାଳି ।
ପୁଷ୍ପ ଫୁଟି ରସ ଝରୁଥିଲା ଝର ଝର
ମନ ଭୃଙ୍ଗ ପାନେ ଲଭେ ପ୍ରେମ ଜର ଜର ।
ସେ ଶୋକ ପାଶୋରି ଦେଖି ବିସ୍ମରଇ ଦୁଃଖ
ତାଙ୍କ ଧ୍ୟାନେ ଭୁଲିଯାଇ ଅର୍ଜେ କେତେ ସୁଖ ।
ପ୍ରେମ ସରୋବରରେ ଭାସି ନଥିଲା ବାହାର ।
ଏବେ ତାଙ୍କୁ ତେଜ ତନୁ ହେଲା ନାରଖାର ।
ଯାବତ ଜୀବନ ଯାଏଁ ଜପୁଥିବି ନାମ
ବିଦେଶକୁ ଆସିଅଛି ଯେବେ ତେଜ ଧାମ ।
ଦଗ୍ଧ ହୃଦେ କରିଥିଲି ସୁଶାନ୍ତ ଚନ୍ଦନ
ଚନ୍ଦନରେ ମିଶୁଥିଲା ଶୀତଳ ପବନ ।
ମଳୟେ ଚନ୍ଦନ ମିଶି ଉଚ୍ଛଳେ ଅମୃତ
କହୁଅଛି ବାଣୀ ସତ୍ୟ ଶାନ୍ତିମୟ ପୂତ ।
ସଂସାର ବାସନା ଧରି ସଂସାର କାନନେ
ଲୀଳା କରୁଥିଲି ବସି ପୁଷ୍ପ ସଙ୍ଗୀଗଣେ ।
ସ୍ୱର୍ଗର କେବଳ ସୁଖ ଆନନ୍ଦ ଉତ୍ସବ
ତିରସ୍କାର ନ କରଇ କରି ଗଉରବ ।

Digitized by srujanika@gmail.com

ରୋମାଞ୍ଚ ହୁଅଇ ତନୁ ସଫଳ ନୟନ
ଦେଖିବାରୁ କି ସୁନ୍ଦର ସୁଧା ବରଷଣ ।

ଏବେ ବିସ୍ମରଣ କରିଅଛି ସେହିଭାବ
ଆକାଶ ମାର୍ଗକୁ ଚାହିଁ ଦେଉଅଛି ରବି ।

ପ୍ରୀତି ଭାବ ଗୁଣି ଗୁଣି କ୍ଷୀଣ ହେଲା ତନୁ
ତାଙ୍କର ମାଧୁରୀ ବେଶ ନ ପାସୋରେ ମନୁ ।

ପୋଡ଼ୁ ପୋଡ଼ୁ ଏ ସଂସାର ବାସନା ବିକାର
ହୃଦୟରେ ଶାନ୍ତିବାସ କରି ଅନିବାର ।

ଭକ୍ତି ରସ ଶୁଦ୍ଧ ପ୍ରେମ ହୃଦୟ ଭଣ୍ଡାରେ
ମୂର୍ତ୍ତି ହୋଇ ଡ଼ାକୁଥିବି ପରଂବ୍ରହ୍ମ ଦ୍ୱାରେ ।

ଆହେ ପରବ୍ରହ୍ମ ସ୍ୱାମୀ ତବ ଶ୍ରୀ ଚରଣେ
ଶରଣ ସମ୍ଭାଳ ପାରି କରି ଅକିଞ୍ଚନେ ।

●

Digitized by srujanika@gmail.com

ମାତୃଭୂମି ପ୍ରତି

ଧନ୍ୟ ଗୋ ଉତ୍କଳ ମାତା ଧନ୍ୟ ତୋର ପ୍ରାଣ
ତବ କୋଳେ ବଦ୍ୟମାନ ଅନେକ ସନ୍ତାନ ।
ଅତ୍ୟନ୍ତ ସରଳ ଭାବେ ତୁ କଲୁ ପାଳନ
ପ୍ରେମ କ୍ଷୀର ପାନ ଦେଇ ରଖିଲୁ ଜୀବନ ।
କେତେ ସ୍ନେହ କଲୁ ମାତଃ ଆଦର ଦେଖାଇ
ତୋହପରି ଶିଶୁ ପ୍ରିୟ ତ୍ରିଭୁବନେ କାହିଁ ।
ଗର୍ଭେ ମାତ୍ର ଧରିନାହୁଁ ଆଗୋ ତୁହି ମାତ
କେତେ ଯତ୍ନେ ପାଳଅଛୁ ହୋଇ ଅବଶ୍ରାନ୍ତ ।
ତୋର ସ୍ନେହ ନ ବୁଝିଣ ନକରି ଅର୍ଚ୍ଚନ
ଭକ୍ତି ଚ୍ୟୁତ ହୋଇ ବ୍ୟର୍ଥେ ହେଲି ଅକାରଣ ।
ଅଜ୍ଞାନପଣରେ ମାତଃ ତତେ ନ ଚିହ୍ନିଲି
ଗର୍ବେଶ୍ବର ଭାବେ ମୁହିଁ ଅନାଦର କଲି ।
ମାତୃ ସେବା ନ ଜାଣିଲି ହେଲି ଛାରଖାର
ଅବିରତେ ଅଶ୍ରୁଧାରା ବହେ ଧାର ଧାର ।
କେତେ ଯତ୍ନେ ଶକ୍ତିଦାନ କରିଥିଲୁ ତୁହି
କି କି ସ୍ନେହ କରିଥିଲୁ ନ ଜାଣିଲି ମୁହିଁ ।
ଭକ୍ତି ଭାବ ନକଲି ମୁଁ ନ ସେବିଲି ପଦ
ତବ ମନ୍ତ୍ର ଜପି ସଦା ହେଲି ମୁଁ ପ୍ରମୋଦ ।
ବିଭୋଗ କରୁଛି କଷ୍ଟ ନ ସେବି ପଦ୍ମରେ
ଦୁଃଖ ବାରିଧି ମଧ୍ୟେ ଭାସେ ସଙ୍କଟରେ ।
ସନ୍ତାପିତ ହୁଏ ପ୍ରାଣ ଚିତ୍ତ ଛନ ଛନ
ଭକ୍ତି ହୀନା ହୋଇ ମୁହିଁ କରୁଛି ରୋଦନ ।
କେତେ ପାପ ଆଚରଣ କଲି ଜଗତରେ
ମାତା ପଦ ଉପେକ୍ଷିଲି ଅଜ୍ଞାନ ବଶରେ ।

Digitized by srujanika@gmail.com

ଯାର କୃପା ବଳୁଅଛି ଜୀବନ ମୋହର
ପଦାଘାତ କରୁଅଛି ନାହିଁତ ବିଚାର ।
ହର୍ତ୍ତାକର୍ତ୍ତା ମାତା ଅଟେ ଏହି ଜୀବନର
ପଲ୍ଲବିତ ହେଲା ତନୁ ଲଭିଣ ଆଦର ।
ଏକାଗ୍ର ଚିତ୍ତରେ ବସି କରଇ ବିଚାର
ପୁଣ୍ୟବତୀ ମାତାର କି କଲି ଉପକାର ।
ଜନନୀଙ୍କ ଅଟେ ମୁହିଁ ଅଜ୍ଞାନ ନନ୍ଦିନୀ
ନ ହୋଇପାରିଲି ମାତା ଚିତ୍ତ ପ୍ରମୋଦିନୀ ।
କେବେହେଲେ ନ କରିଲି ମାତାଙ୍କ ସମ୍ମାନ
ମତ୍ତ ଗର୍ବ ବହି ମାତ୍ର ହେଲି ମୁଁ ଅଜ୍ଞାନ ।
ସଦା ଜନ୍ମଭୂମି ପଦ ସେବା ପାଞ୍ଚୁ ଥାଇ
କାର୍ଯ୍ୟ ପରିଣତ ଯୋଗ ମୋର ଭାଗ୍ୟେ ନାହିଁ ।
ସାଧୁ ସଙ୍ଗ ନ ଲଭିଲି ହେଲି ଜ୍ଞାନ ହୀନ
ମାତୃ ସେବା କ୍ଷମ ତେଣୁ ନହେଲା ଜୀବନ ।
ସମ୍ପତ୍ତି ରଖିଛି ଯତ୍ନେ ସେବନ୍ତୁ ଚରଣ
ମାତ୍ର ସାହା ହୀନ ହୋଇ ହେଲା ଅକାରଣ ।
ଅର୍ଜିତ ସମ୍ପତ୍ତି କିଛି ସରିନାହିଁ ମୋର
ଧନ ସଞ୍ଚ ଏତେ ସରି ହେଉଛି କାତର । :
ବଳଅଛି ପ୍ରାଣଅଛି ନକଲି ସେବନ
ବୃଥାଟାରେ ରହିଅଛି ଏ ପାପ ଜୀବନ ।
ଏ ଜୀବନ ସେବାକରେ ସଦା ମାତୃଭାଷା
କିଞ୍ଚିତ ପ୍ରମାଣେ ମଧ୍ୟ ନ ପୂରିଲା ଆଶା ।
ମାତୃ ସେବା ପଶୁରିବା ଶକ୍ତି ନାହିଁ ମୋର
ଅନ୍ଧକାରେ ପଡ଼ି ହୃଦ ହୁଅଇ ବିଦାର ।
ସେବା ଚେଷ୍ଟା କରୁଥିବ ଥିବା ଯାକ ଜ୍ଞାନ
ଜନନୀ ପୂଜା ବିଧାନେ ଯାଉ ଏହି ପ୍ରାଣ ।
ତାଙ୍କ ସେବା ବିହୀନେ ଜୀବେ ନାହିଁ ଶାନ୍ତି
ମାତୃ ନାମ ଘୋଷୁଥିବ ବସି ଦିବା ରାତି ।

Digitized by srujanika@gmail.com

ପଙ୍କଜ ବଦନୀ ମୁଖ କରୁଥିବି ଧ୍ୟାନ
ବିଭୂଷିତା ହେବ ମୁହିଁ କଲେ ଜ୍ଞାନ ଦାନ ।
ତେବେ ଅବା ଉଦେ ହେବ ଜ୍ଞାନ ହୃଦୟରେ
ଜ୍ଞାନ ଦାନ ହେଲେ ଅବା ପଡ଼ିବ ପୟରେ ।
ମାତାଙ୍କ ସୁଯୋଗ୍ୟ ପୁତ୍ର ଦେଖିବା ପର୍ଯ୍ୟନ୍ତେ
କାୟ ମନେ ବସି ଝାଳୁଥିବି ଅବିରତେ ।
ଯେତେବେଳେ ପ୍ରାପ୍ତି ହେବ ମତେ ଜ୍ଞାନୀ ଗଣ
ତେବେ ସେବା ଆଚରିବ ହୋଇଣ ଦରିନ ।
ହୃଦୟ ଆକୁଳ ହୁଏ ଗୃହିଁଣ ବଦନ
ଧିକ ଏ ଜୀବନ ଅଛେ ଦେଖୁଛି ନୟନ ।
ଯେବେ ନ ଜାଣିବ ମାତୃଭାଷାର ଉନ୍ନତି ।
କେତେ ମାତ୍ର ନ ମେଣ୍ଟିବ ମୋର ଏ ଦୁର୍ଗତି ।
ଯେଉଁମାନେ କରୁଛନ୍ତି ମାତା ଉପକାର
ବାରମ୍ବାର ତାଙ୍କ ପଦେ କରେ ନମସ୍କାର ।
ଉତ୍ସାହିତ କରି ମତେ ସେବିବି ଚରଣ
ସର୍ବ ପାପ ଦୁର୍ଦ୍ଦଶାକୁ କରିବ ମୋଚନ ।
ଆଗୋ ମାତଃ ଘେନ ଏବେ ମୋହର ବିନୟ
କୃପା ଦୃଷ୍ଟି କ୍ଷେପକର ହୁଅ ତୁ ସଦୟ ।
ସକଳ ଅପ୍ରାଧ ଢ଼ାଳ ତୋହର ପୟରେ
ଆହ୍ଲାଦ କରି ମତେ ଆନନ୍ଦ ମନରେ ।
ଯେବେ ତୋର ଚରଣରେ ଭକ୍ତି ହେବ ମୋର
ପ୍ରସନ୍ନ ବଦନେ ମତେ ଏହି ଆଜ୍ଞା କର ।
ତଥେ ନ ଚହ୍ନିଲି ଜାତ ହେଲି ତୋ କୋଳରୁ
ଆହା ! କେଡ଼େ କୃତ୍ୟ କଲି ଅଜ୍ଞାନ ପଣରୁ ।
ସନ୍ତାନ ବତ୍ସଳା ତୁହି ପ୍ରସନ୍ନ ବଦନୀ
ଧନ୍ୟ ଧନ୍ୟ ତୋର ସ୍ନେହ ଧନ୍ୟ ତୁ ଜନନୀ ।
ପୁତ୍ର ପୁତ୍ରୀ ଜାତକରି ବସିଛୁ ଆନନ୍ଦେ
ବିନୟରେ କେହି ତ ନ ପଶୁରିଲେ ପଦେ ।

Digitized by srujanika@gmail.com

ଆଶୀର୍ବାଦ କର ମନେ ସେବିବି ତୋ ପଦ
ପାପ ଆତ୍ମା ପାର ହେବା ଲଭିଣ ଆନନ୍ଦ ।
ଜୀବଥିବା ଯାକ ସେବା କରୁଥିବି ମାତ
ଏହି ବର ମନେ ଦିଅ କରିଅଛୁ ଜାତ ।
ଏହା ବିନା ଅନ୍ୟ କଥା ରୁଚୁନାହିଁ ମନେ
ଚରଣେ ପଡ଼ିଣ ଏହା ମାଗେ ଅବିରତେ ।
ଏତିକ ପ୍ରଦାନ କରି ବସିଥାଅ ତୁହି
ପ୍ରାଣ ଥିବାଯାକ ତତେ ସେବୁଥିବି ମୁହିଁ ।
ଏ କଥା ଚିର ହେଉ ସଂସାର ମଧ୍ୟରେ
ଆଉ କିଛି ବାଞ୍ଛା ନାହିଁ ମୋହର ହୃଦରେ ।
କେଡ଼େ ଦ୍ରୋହ କରିଅଛି ଚରଣ କମଳେ
ମୋହିତ ହୋଇଣ ମାପୁ ମୋହ ପ୍ରେମ ଫଳେ ।
ପଦଧୂଳି ଦାନକର ଲେପିବି ଅଙ୍ଗରେ
କେଡ଼େ ଧନ୍ୟ ବୋଲାଇବି ଏହି ଜଗତରେ ।
ତୋର ସେବା ବିନୁ ମନେ ନାହିଁ ପ୍ରତିକାର
ଅରଣ୍ୟରେ ପଡ଼ି ଏକା ହେଲି ନାରଖାର ।
ଜଣାଉଛି ସର୍ବ ପଦେ କରି ନମସ୍କାର
ମାତା ପଦ ସେବି ସର୍ବେ କର ଭାଳି ମାର ।

ହରି ଧ୍ୱନି କରି ମାତା ଚରଣ ବନ୍ଦିବା
ସ୍ତବ ପାଠ କରି ପୁଷ୍ପ ଚନ୍ଦନେ ପୂଜିବା ।
ଏହି ବାଞ୍ଛା ଧରି ମନେ କରୁଛି ଜଣାଣ
ଜନନୀ ଚରଣ ସେବି ଯାଉ ଏହି ପ୍ରାଣ ।

Digitized by srujanika@gmail.com

ଚନ୍ତାର ସଂସାର

ଭାବ ଭାବ ବସିଲି ମୁଁ ଚନ୍ତାର ସଂସାରେ
କଲପନା ଲୀଳା କେତେ କଲି ଅବସରେ ।

କେତେ ଜନ ପରିପୂର୍ଣ୍ଣ ଅଛନ୍ତି ଜଗତେ
କେହିହେଲେ ପଦେ କଥା ନ କହିଲେ ମତେ ।

କିଏ ପୋଛି ନ ପାରିଲା ନେତ୍ରୁ ଅଶ୍ରୁ ବିନ୍ଦୁ
ଏ ଜଗତେ ଅଛି ପବ୍ର ବୋଲି ସୁଖ ସିନ୍ଧୁ ।

କୃପାର ତରଙ୍ଗ କେବେ ଆସେ ନାହିଁ ମାଡ଼ି
ତଥାପି ଆସିଲେ ସୁଖ ଯାଉଅଛି ଛାଡ଼ି ।

କେହି କରି ନପାରିଲେ ହୃଦୟ ଶୀତଳ
ଦାନ କରି କେ ନପାରେ କର୍ମ ଦତ୍ତ ଫଳ ।

ଅଛି ସିନା ସୁଶୀତଳ ଶାନ୍ତ ସ୍ରୋତ ଜଳ
ଫୁଟିଲା ତ ନାହିଁ କେବେ ନବ ଶତଦଳ ।

ଆବାଲ୍ୟ ପୋଷିତ ଆଶା ବୃକ୍ଷ ଅଛି ସିନା
ଫଳିଲତ ନାହିଁ କେବେ ମନର କାମନା ।

ଅଛି ସିନା ବୋଲି କଣ୍ଠ ଟେକ ଛନ୍ଦ-ଚିତ୍ତ
ଶୁଣିଲି ତ ନାହିଁ ଦିନେ ଅମୀୟ ସଙ୍ଗୀତ ।

କେତେ ବଢ଼େଇଲେ ନ ବହିଲା ପ୍ରେମମୟ ସୁଧା
ଜନକାଙ୍କୁ ନ ମେଣ୍ଟିଲା ମୋର ଥିବା କ୍ଷୁଧା! ।

ଏହି ଉପକାର ମାତ୍ର ଘଟିଛି ଜୀବନେ
ବସିବା ଆସନୁ କେହି ଠେଲିଛି ଯତନେ ।

ଜୀବନ ସଂଗ୍ରାମେ ଆଉ ବୁଝିପାରେ ନାହିଁ
ଜଣା ହେବ ତେଣେ ଥାଉ ଦେହେ ବଳ କାହିଁ ?

Digitized by srujanika@gmail.com

କାର କସ କର୍ଣ୍ଣମନ୍ତ ବୁଝିନେଲା ସବୁ
ଉଚ୍ଚ ନୀଚ ସମ ଜ୍ଞାନ କସ ନେବ ଭବୁ ।

ଭବ-ଧନେ କସ ଅଛୁ ଦଅ ଚର ଧନ
ତାର ପଛେ ଧାଇଁଥିବ ଏହି ଦେହ ମନ ।

ନିଶ୍ଚିନ୍ତ ଶେଜରେ ମତେ ଶୁଆଅହେ ହରି !
ହରିବୋଲ ହରିବୋଲ ବୋଲି ଯିବ ତରି ।

ଗୁନ୍ଥିବି ମୁଁ ଭକ୍ତି ପୁଷ୍ପ ହୃଦେ ଦେବ ହାର
ଚୂନା ହେବ ସବୁ ଗର୍ବ ତରିବ ସଂସାର ।

ଚିନ୍ତାର ସଂସାରେ କାହୁଁ ମିଳିପାରେ ସୁଖ
ମଣିବ ଅମୂଲ୍ୟ ଧନ ଘଟିବାର ଦୁଃଖ ।

●

[ସମ୍ବାଦ ବାହିକା—ତା ୭-୧୧-୧୯୧୯ ସଂଖ୍ୟାରେ
ପ୍ରକାଶିତ]

Digitized by srujanika@gmail.com

କାହିଁକି ଭିନ୍ନାଭିନ୍ନ

ତାଙ୍କର ଶ୍ରୀପଦ ସମ୍ପଦ ମଣି
ସେବୁଥିଲି ନିତି ତାଙ୍କ ଜୀବନ
ସେଥିରୁ ବଞ୍ଚିତ କରାଇ ଆଜ
କିପାଇଁ କରିଅଛ ଭିନ୍ନାଭିନ୍ନ ।
ଅଶ୍ରୁ ଲଗାଇ ନୟନ କୋଣରେ
ଲେଖୁଥିଲି ହୃଦେ ସେହି ମୂରତି
କପଟ ଯନ୍ତ୍ରି କୂଟ କଳାପେ
ଖେଳାଇ ନଗୃଅ ଆଜ ପ୍ରକୃତି ।
ଅନ୍ଧାରେ ଅନ୍ଧାର କରି ଜୀବନ
ଛୁଟାଇ ଦେଇଛ ପୁଲକ ଗାନ
ମରଣ ଆଘାତ ଛୁଆଁଇ ବୁକେ
ସତେ କି କରିଅଛ ଭିନ୍ନାଭିନ୍ନ ।
ଦୁଃଖ ସଂଗ୍ରାମ ଦାରୁଣ ଯନ୍ତ୍ରଣା
ନୀରବେ ସକଳ ଥିଲି ମୁଁ ସହି
ନଥିଲା ଚିନ୍ତା ନଥିଲା କ୍ଷୋଭ
ନିଜେ ଭୁଲୁଥିଲି ନିଜକୁ ବହି ।
ସର୍ବ ସୁଖରେ ସେ ଥିଲେ ମୋହର
ସୁନ୍ଦର ଭାବର ମଧୁର ଗାନ
ସୁନ୍ଦର ପ୍ରେମର ନିର୍ମଳ ଜ୍ୟୋତି
କି ଭାବେ କରିଛ ଭିନ୍ନାଭିନ୍ନ ।
ହୃଦୟୁ କେବଳ ଗୈରୁଅ ନିତି
ଚପୁଞ୍ଜି ରକତ କରି ବାହାର
ସକଳ ଆଳାପ ସକଳ ପ୍ରୀତି
ବନାଇ ଅଛ ଛାୟା କି ଆକାର ।

Digitized by srujanika@gmail.com

ସୁଖ ବିଳାସର ସେ କୁଞ୍ଜବନ
ରଞ୍ଜେ ମନ ଦେଇ ସୁଖ ଅଶେଷ
ସେ ବୀଣା ସଙ୍ଗୀତ ସେ ତାନ ଗୀତ
କାହିଁ ଲୁଚିଅଛି ଧରି କି ବେଶ ।
କାହିଁ ସେହି ଫୁଲ କାହିଁ ସେ ବାସ
କାହିଁ ଡ଼ାକୁଅଛି କୋକିଳ ଗାନ
କାହିଁ ଅଳି ଗୁଞ୍ଜି ନାହିଁ ରସପାନ
ସବୁରୁ କରିଛ କି ଭିନ୍ନାଭିନ୍ନ ।
କୋଟି ଯୁଗ ପ୍ରୀତି କଟାରି ବଳେ
ଚଳାଇଛ ବୁକୁ ଉପରେ ଯାନ
ଘର ଘର ନାଦେ ଦ୍ରବଏ ମନ
ତୁମ୍ଭେ କି ବୋଲଅ ହେ ମହୀସ୍ଥାନ ।
ଧରମ ଅନଳ ଯାହାର ସାକ୍ଷୀ
ପୂର୍ଣ୍ଣ ପ୍ରେମରେ ହୃଦ ମିଳନ
ମିଳନ ପ୍ରେମର ଚରଣ ସେବା
କିପାଇଁ ତାହା କଲ ଭିନ୍ନାଭିନ୍ନ ।
ମାନସେ ମିଶା ମାନସ ଯାହାର
ହରଷ ସରସ ଆଣିଛି ଜୁରି
ସାଧନାର ଧନ ଅର୍ପି ତାହାଙ୍କୁ
ପୁଲକ ଜୀବନ ପୁଲକେ ପୂରି ।
ପ୍ରବଞ୍ଚକ ଆଜ କରିଛ ତହିଁରୁ
ଅଜାଡ଼ି ଆଣଇ ଅଶ୍ରୁ ନୟନ
ଜୀବନର ଦମ୍ଭ ଜାକି ରଖିଅଛୁ
କି ଭାବ ନେଇ କଲ ଭିନ୍ନାଭିନ୍ନ ।
ଜାଣିକି ନପାରି ଥରେ ଧରଣୀ
ଥରି ହରି ହୁଏ ଶୈଳ ଚୂଳ
ଧ୍ରୁବତାରା ଗୋଟି ଲୁବ୍ଧଇ କେ ପାରେ
ମନର ଦୃଢ଼ତା କରି ମୂଳ ।

Digitized by srujanika@gmail.com

ଦେବ ପୂଜାଲାଗି ଦେବୀଙ୍କ ବେଶ
ସଙ୍ଗେରେ ଗାଅଇ ଅମର ନାମ
ଲକ୍ଷ୍ୟେ କରଇ ସାମ୍ୟ ସାଧନା
କପାଇଁ ତାହା ଏବେ ଭିନ୍ନାଭିନ୍ନ ।
ସେ ଯୁଗର ସେହି ବୁଲୁର ତଳେ
ସେ ନୟନେ ତାହା ଦେଖା ବଢ଼େଲେ
ସେହି ଅପରୂପ ସ୍ୱରୂପିଁ ଆଜ
ସରଳ ଜୀବନେ ମନ ନିର୍ମଳ ।
ରହିବ ନାହିଁଟି ସେହି ଆଦେଶ
ସାଧିନେବ ତବ ସିଦ୍ଧି ସାଧନା
ଛୁପିବ ପଛେ ଆକୁଳ ବିକଳ
ରହିବ ନାହିଁ ତ ଏ ଭିନ୍ନାଭିନ୍ନ ।
ଜାଗ୍ରତ ରହିଛି ଜାଗ୍ରତ ଶକ୍ତି
ଧରିବ ସେ ନିଷ୍ଠେ ଅପୂର୍ବ ମୂର୍ତ୍ତି
ନୁହଇ ଦୁର୍ବଳ ଅଛି ଢିବ୍ୟବଳ
ନଗୃଇ ନାଚିବ ନଗୃଇ ଧୃତ ।
ବାଜ ଉଠିବ ହୃଦୟ ବୀଣାଟି
ମୁକ୍ତି ପାଷାଣରେ ମାନ ସିତାର
ଉଠିବ ସଙ୍ଗୀତ ହୃଦ ନିକୁଞ୍ଜେ
ଢ଼ାଳିବ ମୂର୍ଚ୍ଛନା ଅମୃତ ଧାର ।
ଏ ବକ୍ଷ ଦେଶଟି ବଜ୍ର ସମାନ
କଠିଣୁ କଠିଣେ ହୋଇଛି ଗଢ଼ା
ବନ୍ଧନେ ବନ୍ଧନ ରହିଛି ଛନ୍ଦ
ତାହାକୁ କେ କରିପାରେ ଛାଡ଼ା ।
ବିଜୟେ ଗ୍ଭଲିବ ବିଜୟ ରଥ
ପାଇ ନବଶକ୍ତି ଗାଇ ସେ ଗାନ
ନୂତନ ପ୍ରେମରେ ହେବ ମିଳନ
ପୂର୍ଣ୍ଣରେ ପୂର୍ଣ୍ଣିତ ନ ହେବ ଛିନ୍ନ ।

●

Digitized by srujanika@gmail.com

କ ଳ୍ପ ନା

ସୁନ୍ଦରୀ ଭୁବିସିନା
ସର୍ବ ଭାବ ଭାବିନୀ
ସକଳ ସୁଖ ଶାନ୍ତି ଦାୟିନୀ ଗୋ
ହୃଦୟ ଜଗତରେ
ଭାବମୟୀ ପ୍ରକୃତି
ନାନା କାମନା ରୂପ ଧାରିଣୀ ଗୋ ।
ବାସନା ସମୀରଣ
ସୁବାସେ ବାସ ଭରି
ପରଶି ଯାଉ ଆତ୍ମା କି ହରଷ ଗୋ ।
ବାହି ଯାଉ କି ବୀଣା
ନୃତ୍ୟେ ମତ୍ତ ନବୀନା
ଅଙ୍ଗେ ଯୌବନ ଭରା ସଂପୂର୍ଣ୍ଣା ଗୋ ।
ଭାବେ ମାନବର
ପୂଜାର ତୁ ସମ୍ଭାର
ସେ କଲ୍ପେ ଶେଯେ ଆଜ ସୁଗୁଣା ଗୋ ।
କେତେ ବିଚିତ୍ର ଲୀଳା
ଦେଖାଉ ପଟିମଳା
ବହୁରୁ ଏ ନୟନ ଆଗରେ ଗୋ ।
ନାନା ରଙ୍ଗ ଲଗାଇ
ଧୀରେ ମଧୁ ଚଖାଇ
ମୋହୁ କି ବୃନ୍ତୁ ଭାଷାରେ ଗୋ ।
ଯେତେ ଇଙ୍ଗିତ ତୋର
ସଞ୍ଚରଣି ପୟୂର
ଭୁଲାଇ ନେଉ ମନମୋହିନୀ ଗୋ ।

Digitized by srujanika@gmail.com

ତୋ ନଦୀ ତଟେ ବସି
କଳ ତାନରେ ହସି
ଖେଳ ଖେଳାଉ ଥିବେ ସଜନୀ ଗୋ ।

ନାଚୁ ଶ୍ରୀଅଙ୍ଗ ଢ଼ାଳ
ଯାଉ ଆସୁ କି ଭଳି
ମରମେ ସରମର ମିଳନ ଗୋ ।

ହସାଇ ଏ ବ୍ରହ୍ମାଣ୍ଡ
ଲଗାଇ ଦେଉ ତାଣ୍ଡ
ତୋର ଆୟୁତେ ରଖି ଜୀବନ ଗୋ ।

କି ଭାଗ୍ୟ ଭୋଗ ତୋର
ପ୍ରାଣେ ଆସେ କାତର
ମଧୁ ବେଳ ପରଶୁ ଗରଳ ଗୋ ।

ଲୋଡ଼ା ନାହିଁ ସେ ସୁଖ
ଥାଉ ମୋ ନିଜ ଦୁଃଖ
ମନରେ ନେବ କଳ ସକଳ ଗୋ ।

ନ ଦିଅ ଆଉ ଦେଖା
ନିଅ ମୋ ହୃଦ ଲେଖା
ଢ଼ାଳେ ଏ ନୟନ ଅଶ୍ରୁଜଳ ଗୋ ।

ସାଦରେ ନିଅ ଧରି
ମନରେ ମନ ବରି
ଧୁଅ ଆଦରେ ପଦ କମଳ ଗୋ ।

●

ରଚନା କାଳ — ୨୮-୧୨-୩୫

Digitized by srujanika@gmail.com

କ୍ଷଣକପାଇଁ

କ୍ଷଣକପାଇଁ ତୁ ଆଜି ଦେଇଅଛୁ ଦେଖା
କେଉଁ ଦେଶୁ ଆସି ଭାସି ଆଙ୍କି ଦେଲୁ ରେଖା ।

ପବନରେ ମିଶି ଆସି ଛୁଇଁଲୁ ସାଗର
ଅନ୍ତରେ ତୁ ଲୁଚିକରୁ ହୃଦୟୁ ବିଦାର ।

ବଦନ ହସାଇ ଆଜି ଇଙ୍ଗିତ ଅପାଙ୍ଗେ
ଢାଳିଲୁ ଅଧରୁ ସୁଧା ସ୍ନେହ ଅନୁରାଗେ ।

ମରମେ ଦମକେ ଝଳି ସର୍ବାଙ୍ଗ ଥରାଇ
ସମ୍ମୁଖରେ ଉପସ୍ଥିତ ଗେହ୍ଲାଇ ଗେହ୍ଲାଇ ।

ପୁଲକ ଦୋଡ଼ାଇ ଦେଲୁ ନବଶର ଗୁମ୍ଫା
ଆହା ! କି କୌତୁକ ଖେଳା କି ବିରାଟ କାମ୍ଫା ।

ଗୁପ୍ତ ଭାବେ ଶୋଷି ନେଲା ତୃପ୍ତ ସୁଧାଭାଣ୍ଡ
ମୁକ୍ତ ହୃଦୟରେ ପୁଣି ବର୍ଷିଷିକା କାଣ୍ଡ ।

ମଳନତା ଚଞ୍ଚଳରେ ମଣ୍ଡିଲା ବଦନ
ଆକୁଳ ବିକଳ ମଧ୍ୟେ ଚପଳ ଜୀବନ ।

କ୍ଷଣକେ ଦୁର୍ବଳ ତେଜ ବ୍ୟାପିଲା ସର୍ବାଙ୍ଗେ
କ୍ଳାନ୍ତ ଶ୍ରମ ଭ୍ରାନ୍ତ ଭ୍ରମ ଛଳ ଛଦ୍ମ ରାଗେ ।

ଚୁରି ନେଲୁ ବୁକୁ ଗୋଟି ଦୂରାଇଲା ମନ
ତପ୍ତ ତପ୍ତ ମିଶାମିଶି କରୁଣ ନୟନ ।

ତାପରେ ତାପିତ ବସି ସକଳ ପ୍ରକୃତି
ସ୍ମୃତି ମୂଳେ ମୂର୍ତ୍ତି ଲେଖି ମହ୍ଲାଇଲେ ଧୃତି ।

Digitized by srujanika@gmail.com

ଚରଳ ଆକୁଳ ତନୁ ଉପୃଥି ଆକୁଳ
ଧୀର ଧାଇ ପ୍ରବେଶରେ କର ବନ ଠୁଳ ।

ଅରୁଣ ନୟନେ ଭର ଭରଇଲ ଢ଼ୋଳା
ଗଦ ଗଦ ବାକ୍ୟ ରୁଦ୍ଧେ ପୃଷ୍ଠ ରଖି ଗଲା ।

ଅସମ୍ଭାଳେ ଢ଼ଳ ଢ଼ଳ ଢ଼ଳ ଆସେ ବନ୍ଦୁ
ବଣାଳା ବକ୍ଷରେ ବାନ୍ଧ ନେଲ ବଣ୍ଣ ସିନ୍ଧୁ ।

ଭପ୍ନ ଖିନ୍ତ ଭବନାଟି ଉଷ୍ଣ ପାଶେ ଆସି
ସନ୍ଦେହ ଜଡ଼ତା ସଙ୍ଗେ ସକଳ ପ୍ରକାଶି ।

କ୍ଷଣକ ସେ କୁତୂହଳ କାହିଁ ଗଲ ମିଶି
... ...

ମନଭାବ ମନ ସଙ୍ଗେ ନେଲ ଅଶ୍ରୁ ଜଳ
କ୍ଷଣକପାଇଁ ଚୋହର ଏତେ କଉଶଳ ।

●

କବିତାଟିର ରଚନାକାଳ——୩-୨-୩୬— ପଙ୍କ୍ତିଟିଏ ନଷ୍ଟ ହୋଇଯାଇଛି ।

Digitized by srujanika@gmail.com

କିଛି ନାହିଁ

ଏହାର ସ୍ୱାଧୀନ ଇଚ୍ଛା କିଛି ନାହିଁ ନାହିଁ
ଯେଣିକି ଚଳାଅ ପ୍ରଭୁ ତେଣିକି ଚଳଇ ।

ଯନ୍ତ୍ର ପିତ୍ତୁଳିକା ସମ ସବୁ ବ୍ୟବହାର
ଭାବନା ଚଳଇ ଅନ୍ୟେ ଭାବନାହିଁ ସାର ।

ଭବିଷ୍ୟତ ଆଶାପାଇଁ ନାହିଁ ଦ୍ୱାର ଖୋଲା
ଯାହା ଯେତେବେଳେ ଆସେ ଚାହିଁ ନିଏ ଭେଳା ।

ହୃଦୟ ବଜାରେ ପଡ଼ିଥାଏ ଆଶା ହାଟ
ଉତ୍ସାହର କିଣା ବିକା ହୁଅଇ ବିଭ୍ରାଟ ।

ଆଶା ସଖୀ ତା ନିକୁଞ୍ଜୁ ତୋଳେ କେତେ ଫୁଲ
ସଯତନେ ଗୁନ୍ଥେ ହାର ଗନ୍ଧେ ନାହିଁ ମୂଲ ।

ନିରେଖି ନିରେଖି ଚାହେଁ କେତେ ଉଚ୍ଚାଟରେ
କେତେବେଳେ କାହା କଣ୍ଠେ ଦେବା ଉଦ୍ଦେଶ୍ୟରେ ।

କଦାପି ତା ଉଦ୍ଦେଶ୍ୟଟି ପୂର୍ଣ୍ଣ ହୁଏ ନାହିଁ
ଦେଖୁ ଦେଖୁ ଛିଡ଼େ ହାର ପୂର୍ଣ୍ଣ ତା ନ ଥାଇ ।

ମୋଭିଳ ପଡ଼ଇ ତାହା ପଦେଯାଏ ଦଳି
ଭାବନାର ଯଜ୍ଞକୁଣ୍ଡେ ମନ ହୁଏ ବଳି ।

କାମନାର ଅନୁଯାୟୀ ଇଚ୍ଛା ନୁହେ ସିଦ୍ଧି
ତବ ଇଚ୍ଛା ଇଙ୍ଗିତରେ ସାଧନାଟି ସିଦ୍ଧି ।

ଶତ ପଦ୍ମ ଫୁଟିପାରେ ସତ୍ୟ ସ୍ରୋତ ଜଳେ
ଗନ୍ଧ ପୂର୍ଣ୍ଣ ନୁହେ ତାହା ଆପଣା ହିଲ୍ଲୋଳେ ।

ବହି ଆସେ ମନ୍ଦ ଗନ୍ଧ ନ ଥାଇ ଶୀତଳ
ଆନନ୍ଦ ପ୍ରମୋଦ ସଙ୍ଗେ ନାହିଁ କୁତୂହଳ ।

Digitized by srujanika@gmail.com

କର୍ମ କରେ କର୍ମୀ ରୂପେ ଫଳ ନାହିଁ ହାତେ
ଘୂରି ହୁଏ ଶ୍ରମ କ୍ଳାନ୍ତେ ବୁଲି ଖେଳେ ବାତେ ।

ଉଚ୍ଚକୁ ଉଠଇ ମାତ୍ର ଖସିପଡ଼େ ତଳ
ଶୂନ୍ୟ ନୁହେ ଏହି ବୁକୁ ଶୂନ୍ୟ ହୃଦ ସ୍ଥଳ ।

ଅଗ୍ରଗତି ହୁଏ ପ୍ରାଣ ଦେଖେ ରୁଦ୍ଧ ଦ୍ୱାର
ସୁବସ୍ତୃର ଆସେ କେତେ ମାତ୍ର ଅବସ୍ତୃର ।

ବୃନ୍ତେ ବସି ଡାକେ ପିକ କଳ କଣ୍ଠ ସ୍ୱରେ
ମଧୁରତା ନାହିଁ ନାହିଁ ମିଶେ ଅପସ୍ୱର ।

ଉତ୍ସାହ ବାହଇ ବୀଣା ନ ଉଠଇ ତାନ
ଗାନଟି ମିଳାଇଯାଏ ଧରି ଅଭିମାନ ।

ଉଚ୍ଛୁଳେ ଇଙ୍ଗିତ ସ୍ୱର ନ ଥାଏ ମୂର୍ଚ୍ଛନା
ଭାବନାର ସଙ୍ଗେ ସଙ୍ଗେ ଆସଇ ଯାତନା ।

ତାମସୀ ଦିଅଇ ଦେଖା ନୟନରେ ମିଶି
ହତାଶ ଆସଇ ହସି ଆକୁଳ ସରସୀ ।

ସବୁଯାଏ ସବୁ ଆସେ ଏ ଅନ୍ତର ତଳେ
ମନୁଟି କେବଳ ଭ୍ରମେ ଆଖଣ୍ଡ ମଣ୍ଡଳେ ।

ନିଜର କାମନା କେବେ ପୂର୍ଣ୍ଣ ନାହିଁ ନାହିଁ
ଭବଘର ପୂର୍ଣ୍ଣକର ଗୁପ୍ତେ ଲୁଚିଥାଇ ।

●

ରଚନାକାଳ—୪-୨-୬୭

Digitized by srujanika@gmail.com

ନିର୍ଜନ

ଯାହା ଦେଖଇ ନେତ୍ରେ ବିଶ୍ୱ ମଧ୍ୟର
ନୁହେ ବିମୁଗ୍ଧ ମୁହିଁ ନୁହେ ଅଧୀର ।
ଜଗତ ମଧ୍ୟରେ କାହିଁ ଏମନ୍ତ ଜନ
ନେବ ମୋ ଅଧିକାର କରିବ ପଣ ।

ଗିରିଆଡ଼େ ବୁଲଇ ନୀଳ ସାଗର
ଫଳ ଫୁଲେ ଶୋଭିତ ଅତି ସୁନ୍ଦର ।
କି ଶୋଭା ପରିପୂର୍ଣ୍ଣ ଶୋଭା ସମ୍ଭାରେ
ସେଥିରେ ଅଧିକାର ନାହିଁ ବିଶ୍ୱରେ ।

ନାହିଁ କାହାର ଶକ୍ତି ମୋହିବ ମନ
ଦେଖିବା ଶକ୍ତି ପାଇଅଛି ନୟନ ।
ଦେଖିଛି ଦେଖିଥିବ ନାହିଁ ଆସକ୍ତି
ନିର୍ଭୟେ ଖୋଜୁଥିବ ନିଜର ମତି ହେ ।

ନିଜ ଇଚ୍ଛାରେ ଆଜି ବାନ୍ଧି କୁଟୀର
ରଚିବି ଫୁଲ କୁଣ୍ଡ ନୋହିବି ଅଧୀର ।
ପାତି ଆସନ ତହିଁ ହେବ ଆନନ୍ଦ
ବରି ଆଣିବ ପ୍ରେମେ ପ୍ରେମ ସମ୍ପଦ ।

ଜାଳି ରଖିବ ଦୀପ ଦ୍ୱାର ଦେଶରେ
ଏ ଜ୍ୟୋତି ନ ପଡ଼ିବ କାହା ନେତ୍ରରେ ।
ମଧୁମୟ କଣ୍ଠରେ ଗାଇବ ଗୀତ
ଦେଖିବ ପ୍ରେମ ମୂର୍ତ୍ତି ଫୁଲାଇ ଚିତ୍ତ ।

ସେ ମନୋହରେ ହେବ ମୁହିଁ ସୁନ୍ଦର
ସେ ପରଶେ ବଢ଼ିବ ପ୍ରାଣେ ଆଦର ହେ ।

Digitized by srujanika@gmail.com

ଗୃହିଁ ରହିବ ସୁଖେ ମୁଖ କୋମଳ
ଅନୁତାପ ପବନ ହେବ ଶୀତଳ ।

ଧରମ ସତ୍ୟ ପ୍ରେମେ ହେବ ମିଳନ
ନାଚିବ ଆନନ୍ଦରେ ହୃଦ ଜୀବନ ।

ପାଇବ ଉପଦେଶ ସେହି ମୁଖରୁ
ଲଭିବ ଗତି ମୁକ୍ତି ମୃତ୍ୟୁ ଆଗରୁ ।

ସରିବ ଦିନ କାଳ ନାନା ରଙ୍ଗରେ
ଆହା ! କି ଅଛି ସୁଖ ସେ ଆମୋଦରେ ହେ ।

ସତ୍ୟ ବଜାରେ ସେହି ଅମୂଲ୍ୟ ଧନ
ତାହାକୁ ସରି ନୁହେ ମଣି କାଞ୍ଚନ ।

ଅତୁଲ୍ୟ ଶୋଭା ସଙ୍ଗେ ସେହି ସୁନ୍ଦର
ବିଶ୍ବ ବ୍ରହ୍ମାଣ୍ଡେ କାହିଁ ତା ପଟାନ୍ତର ହେ ।

ତପ୍ତ ଅଶ୍ରୁ ଢାଳିବ ସେହି ଚରଣେ
ପୂଜିବ ମହାନନ୍ଦେ ସୁସ୍ଥ ବଦନେ ।

ପାଇବ ଇଚ୍ଛା ଫଳ ବଢ଼ାଇ କର
ଲୋଡ଼ ପାଇବ ତାଙ୍କ ଅଭୟ ବର ।

ମଣିବ ଏ ନର୍କ୍ଟନ ସବୁରୁ ଭଲ
ପାଇବ ମହାଶାନ୍ତି ଭରି ଶୀତଳ ।

ବୁଜିବ ତୃପ୍ତ ମନେ ଏହି ନୟନ
ପିଇବ ମଧୁ ଧାରା ଧରି ଚରଣ ହେ ।

Digitized by srujanika@gmail.com

କାହିଁକି ଅନ୍ତର

ଛାଡ଼ି ତୁମ ପାଶ ନିକୁଞ୍ଜ ନିବାସ
ଯାଉଛି ସମସ୍ତ ବନ୍ଧୁଜନ
ଅନ୍ତର ତଳରୁ ଅନ୍ତର ପାଶରୁ
ଲିଭୁଛି ମୋ ସୁଖ ବଡ଼ ସ୍ଥାନ ।
ଯାଉଛି ମୁଁ ଭାସି ଭାବନା ପ୍ରକାଶି
ସୁଖ ସ୍ୱପ୍ନାତଟରୁ ଆରପାରେ
କାହିଁ ସ୍ୱର୍ଗ ବାସ କାହିଁ ମୋ ଉଲ୍ଲାସ
ମଉନ ପ୍ରାଣେ ସବୁ ବିସ୍ମୃତରେ ।
କାହିଁ ସେହି ଶାନ୍ତି କାହିଁ ସେହି କାନ୍ତି
କାହିଁ ସେହି ମୋ ପ୍ରେମ ଶରଧା
କାହିଁ ସେ ସୁହାଗ କାହିଁ ଅନୁରାଗ
କାହିଁ ସେ ସମ୍ପଦ ପ୍ରେମ ଧନ୍ଦା ।
ନାହିଁ ମୋର ତୃପ୍ତି ଜାକିଅଛି ସୁପ୍ତି
ଜାପୁଛି ଜୀବନ ଶଲ୍ୟାଭରେ
ଭାବୁଛି ସକଳ ବଡ଼ାଏ ବ୍ୟାକୁଳ
ଖେଳଇ ଆପଣା ଭାବ ବିସ୍ମୃତରେ ।
ନ ପଡ଼େ ପଲକ ଅଜାଡ଼େ ଲୋତକ
ଝର ଝର ସେହି ମଧୁର ହାସ
ଆହା କି ସୁନ୍ଦର ସାଧୁ ବ୍ୟବହାର
କି ସୁଖ କି ପ୍ରୀତି ସେ ସୁଖ ବାସ ।
କି ଭାବ ଉଲ୍ଲାସ କି ପ୍ରେମ ବିଳାସ
ଅନୁପମ ସେ ସୁନ୍ଦର ଠାଣି
ଭୁଲି ହୁଏ ନାହିଁ ଚଞ୍ଚଲେ ଖେଳଇ
ସେ ପ୍ରେମ ଛବି ସେହି ଗୃହାଣୀ ।

Digitized by srujanika@gmail.com

ସେହି ପ୍ରେମଲୀଳା   ସେହି ପ୍ରୀତିଖେଳା
ସେହି ଶୋଭା ସେ ମାଧୁର୍ଯ୍ୟ ଶିଖା
ପଡ଼ିଗଲେ ମନ   ଆସଇ ଉଚ୍ଛନ
ଆପେ ଆପେ ହୁଏ ବକ୍ଷ ଚିରି ।
ରହିଛି ତଥାପି   ମନେ ମନ ମାପି
ନିରଶର ପଥେ ଚରଣ ଗୃଳ
ବଚନେ ବଚନେ   ଆଙ୍କି ନିଏ ଚିତ୍ତ
ମରମର କଥା ମରମେ ଭାଳ ।
ସେ ପ୍ରେମ ନିର୍ମଳ   ସେ କୁଞ୍ଜ ତମାଳ
ସେ ପଦ ନୂପୁର ଛନ୍ଦଲୀଳା
ସେ ପ୍ରେମ ଉତ୍ସବ   ସେ ସୁଖ ବିଭବ
ମନେ ପଡ଼େ ଆଜ ନୃତ୍ୟଶୀଳା ।
ପଡ଼ଇ ମନରେ   ପ୍ରେମ ଆବେଗରେ
ସୁନ୍ଦର ଅଧର ଇଙ୍ଗିତ ହାସ
ମନ୍ଦ ମଳୟର   ଗୃଳ ତରତର
ଆଳାପ ପୀରତି ସ୍ନିଗ୍ଧ ଭାଷ ।
ସେ ମଧୁର ସ୍ୱର   ମିଶାଇ ମଧୁର
ଭାସି ଆସେ ଧୀରେ ଶ୍ରୁତିପଥେ
ଗୁନ୍ଥଁଇ ଚଞ୍ଚଳ   ଆଣି ନବ ବଳ
ଧରି ଇଚ୍ଛା ଧ୍ୱଜା କାମନା ରଥେ ।
ମୋ ଦୁଃଖ ପାଶୋରି   ମୋ ପ୍ରେମ ପସରା
ଜଡ଼ିତ ରହିଛି ତଡ଼ିତ ପ୍ରାଣେ
ଦେଖୁଛି ଦେଖୁଛି   ଭାବୁଛି ଭାବୁଛି
ଗୋପନରେ ବସି ଆପଣା ମନେ ।
ପ୍ରେମ ସରୋବରେ   ରକ୍ତିମା ରଙ୍ଗରେ
ଫୁଟି ରହିଅଛି ସଜ କମଳ
ମେଲିଛି ପାଖୁଡ଼ା   ନାହିଁ ମନେ ବ୍ରୀଡ଼ା
ମଦିର ଆଳାପ ନାହିଁ କେବଳ ।

Digitized by srujanika@gmail.com

ଅଳକର ଗୁଞ୍ଜେ   ପଲକର ପୁଞ୍ଜେ
ଢ଼ାଳି ଢ଼ାଳି ଯାଏ ଅମୃତ ଧାର
ଯାଉଛି ଆସୁଛି   ସଜାଇ ଦେଉଛି
ସଦ୍ୟ ନେହବିନ୍ଦୁ ମୁକୁତା ହାର ।

ସେହି ତ ଆଦର   ସେହି କାରବାର
ଖେଳି ଯାଉଅଛି ଆଜି ଏ ମୁଖେ
ଆସଇ ବିଗ୍ରହ   ବାନ୍ଧି ତା ପିତାର
ଭରି ସର୍ବ ଶିଖି ଆପଣା ବୁକେ ।

ଅଛି ଗଉରବ   ଅଛି ସଉରଭ
ଅଛି ଗର୍ବ ହୀନ ପ୍ରେମ ସଙ୍ଗୀତ
କନ୍ଦ କନ୍ଦ ସତ   ଦେଇ ନିଜ ମନ
ରଖିଛ କି ଚିତ୍ତେ ପରାଣ ଢ଼ାଳି ।

ରଚନାକାଳ— ୧-୧୨-୩୬

Digitized by srujanika@gmail.com

ମିଳନର ସୁଖ

ଆସିଲା ମଳୟ କହିଲା ବାରତା ଉଲ୍ଲାସ ଉଠିଲା ହସି
ମାଳ ଘନେ ଇନ୍ଦୁ ଢ଼ାଳିଲା ଜୋଛନା କୁମୁଦମା ପ୍ରେମେ ରସି ।

ନିକୁଞ୍ଜ କାନନ ସାଜ ନେଲା ଶୋଭା ଫୁଟାଇ ସୁଗନ୍ଧ ଫୁଲ
ଆହାକ ମାଧୁରୀ ପ୍ରେମେ ଗଲା ଝରି ପ୍ରେମ ସଙ୍ଗେ ବାନ୍ଧି ମୂଳ ।

ଥରି ଥରି ଅଳି ଥରାଇ ଅଧର ପ୍ରେମେ ଉଡ଼େ ଲୁଚି ଲୁଚି
ମଧୁଚର ନିତ କପଟ ପୀରତି ସୁଖି ଜାଣେ ମଧୁ ରୁଚି ।

ପାନକରି ମଧୁ ମେଣ୍ଟାଇ ପିପାସା ଗଲା ଶେଷ ଭାବନାରେ
ମରମେ ମରମେ ଜାଗିଲା ପୀରତି ଆଳାପ ପ୍ରେମ ସଙ୍ଗରେ ।

ଗଗନ ଭୁବନ ସାଗର ଧରଣୀ ହେଲେ ସୃଷ୍ଟି ସ୍ନେହେ ମୁଗ୍ଧ
କଲେ ଅଶୀର୍ବାଦ ବଢ଼ାଇ ଆନନ୍ଦ ଦେଇ ସ୍ନେହେ ଜୟ ନାଦ ।

ବୃକ୍ଷ ଶିଖେ ବସି ଡ଼ାକିଲା କୋକିଳ ତାନ ବାହି ପଞ୍ଚସ୍ୱରେ
ଉଠିଲା ସଙ୍ଗୀତ ଗାନେ ମିଶି ତାନ ଆପଣା ଭାବ ଅନ୍ତରେ ।

ନିଜ ଦ୍ୱାରେ ବସି ଉଦ୍ବେଗ ସର୍ଜନା ସଜାଇଲା ପୁଷ୍ପ ହାର
ଶାନ୍ତ ପ୍ରମୋଦନୀ ଭେଟିଲା ତ୍ୱରିତ ଟୁକାଣି ନିଜ ବସ୍ତ୍ରର ।

ପ୍ରକୃତି ସୁନ୍ଦରୀ ଧରି ତା ପେଟିକା ଦେଲା କେତେ ଉପହାର
ନିରାଶେ ନିରାଶ ଗଲା ବହୁଦୂର ହୋଇଣ କର୍ମ ବାହାର ।

ଦେଖାଇ ଭକତି ହୋଇ ନମ୍ରବତୀ ପୂର୍ଣ୍ଣକରି ପୂର୍ଣ୍ଣ ଜ୍ୟୋତି
ଧରି ବନ୍ଦାପନା କଢ଼ାଏ ଅର୍ଚ୍ଚନା ସଜାଇ ଧୀରେ ଆରତୀ ।

ରସିକ ରାଜ୍ୟରେ ରସିକ ସୁନ୍ଦର ବଦ୍ୟମାନ ଦିବ୍ୟ ମୂର୍ତ୍ତି
ତରଳ ଲତିକା ମାରି ଜୟ ଟୀକା ଢ଼ାଳିଲା ଆପଣା ଜ୍ୟୋତି ।

Digitized by srujanika@gmail.com

ଜାନୁର ଇଙ୍ଗିତେ ଜାନୁ ଗଲା ମିଶି ବାହୁ ସଙ୍ଗେ ବାହୁ ବନ୍ଧ
ହୃଦୟେ ହୃଦୟ ଅଜାଡ଼େ ଅଭୟ ବନ୍ଧନ କୌଶଳେ ଛନ୍ଦ ।
ପ୍ରେମର ଆଦାନ ମଧୁର ଚୁମ୍ବନ ମିଶାଇଲା ପ୍ରାଣେ ପ୍ରାଣ
ଯୁଗଳ ନୟନ ଅଜାଡ଼ିଲା ଅଶ୍ରୁ ଏକାଧାରେ ଧରି ମାନ ।
ଢଳ ଢଳ ଢଳ ଖେଳିଲା ବକ୍ଷରେ ଚଳାଇ ଚଳାଇ ମନ
ଛନ୍ଦ ଛନ୍ଦ ଛନ୍ଦ, ବାନ୍ଧିଗଲା ପ୍ରୀତି ବନ୍ଧନେ ବନ୍ଧ ଚରଣ ।
ସାକ୍ଷୀ ରଖି ସତ୍ୟ ଚହ୍ଲିଲା ମହତ୍ତ୍ୱ ପୁଣି ସାକ୍ଷୀ ବିଶ୍ୱପତି
ବିଶ୍ୱ ସ ସରଳ ପୂର୍ଣ୍ଣେ ହେଲା ଫଳ ଦେଖାଇ ଆପଣା ଗତି ।
ଆହା କ ସୌନ୍ଦର୍ଯ୍ୟ ଆହା କ ମାଧୁର୍ଯ୍ୟ ଦେଖାଇ ଆପଣା ଗତି
ଧରି ଏକଲୟ କଣିଲା ଅଭୟ ମିଶି ନୟନେ ନୟନ ମୋତି ।

ରଚନା ମୁରାଦାବାଦ—୫-୧-୩୭

Digitized by srujanika@gmail.com

ପଥଭୁଲା

ପଥଭୁଲାରେ ପଥିକ ଧାଉଁ ହୁଡ଼ ପଥ
ତୃଷ୍ଣା କି ଧଇବ କାମ୍ନା ହେବ ପୂର୍ଣ୍ଣ ରଥ ।

ଭାବୁ ଯାକୁ ସତ୍ୟପୁର ସେହି ସ୍ୱପ୍ନ ପୁର
ମୁଗ୍‌ଧ ହୁଅ ନାହିଁ କେବେ ପଛେ ହେବୁ ଝୁର ।

ନକୁଞ୍ଜ କାନନେ ବୁଲୁ ଧର ପୁଷ୍ପ ଆଶା
କାହିଁ ପୁଷ୍ପ କଣ୍ଟକରେ ଛେଦ ହେବ ନାଶା ।

ଅଟ୍ଟାଳକା ବାନ୍ଧୁ ଶୂନ୍ୟେ ତଳେ ଯିବୁ ପଡ଼
ଶୂନ୍ୟତାରେ ନାହିଁ କଛି କାହିଁ ଯାଉ ଜଡ଼ ।

ତରଙ୍ଗ ଇଙ୍ଗିତେ ତୃପ୍ତ ଦେଖି ପାରାବାର
ଅଛି ତହିଁ ହଳାହଳ କର ତୋ ବଗୃର ।

କୁତୂହଳେ ଡେଇଁପଡ଼ ନ ମାତ ଝଟେଲେ
ଆଶା ପୁଷ୍ପେ ଅଛି କୀଟ ମାରବ କପୋଳେ ।

ବାଇ ପର ଧାଇଁ ଧାଇଁ ନ ଭ୍ରମ ଜଗତେ
ନ ପୂରବ ତୋ ପିପାସା ଆପଣା ଆପୁତେ ।

ଆସିଲୁଣି ବହୁଦୂର ଦେଖ ଅସ୍ତକାଳ
ବୁଢ଼ ଆସିଲଣି ବେଳ ବାନ୍ଧ ଯତ୍ନେ ବାଳ ।

ଯାହାକୁ ତୁ ଭାବୁ ମନେ ସ୍ନେହର ସମ୍ଭାର
ସେହି ସେ କେବଳ ଅଟେ ନେହ ଅଶ୍ରୁଧାର ।

କେହି ନୁହେ ତୋର ପଥେ ଆପଣାର ସାଥି
ଛନ୍ଦର ବନ୍ଧନ ସବୁ ବୁକୁଭରା ତାଣ୍ଡ ।

Digitized by srujanika@gmail.com

ଜଡ଼ାଏ ସଡ଼ାଏ ନିତି ତୋ ଆକୁଳ ସିନ୍ଧୁ
ସଞ୍ଚି କି ରଖିଛୁ କହ ନୟନର ବିନ୍ଦୁ ।
ତୋର ବଂଶୀ ଗୀତ ତାନ ତେତେକ ଶୁଣାଇ
ଉଚ୍ଛୁଳି ଆସିଲି ମାଡ଼ି ସାଗର ଧସାଇ !
ଉଦ୍ଧାର ହେବା ଉପାୟ ଅଛି କି ତୋହର
ଥିଲେ ବଲ ଭୁଲ ପଥ କର ତୁ ସୁନ୍ଦର ।

●

[ଏହି କବିତାଟି ସ୍ୱାମୀ ଶ୍ରୀରାମ ପଟ୍ଟନାୟକଙ୍କୁ ଲିଖିତ ଅନ୍ନପୂର୍ଣ୍ଣାଙ୍କର ଏକ ଚିଠିରୁ ସଂଗୃହୀତ । କବିତା ସଂପର୍କରେ ଚିଠିଟିରେ ଲେଖାଥିଲା, "ମନ କହୁଛି ଭଲ ନାହିଁ, ଯାହା ଦିଶୁଛି ତାହା ଲେଖୁଛି; ତୁମକୁ ଅର୍ପୁଛି ।"

ରଚନାକାଳ—୨୧-୧-୩୭

Digitized by srujanika@gmail.com

ମୁଗ୍ଧା

ପ୍ରଭାତ ଅରୁଣାଧରୁ ବହେ ସୁଧା ଧାର
ତୃପ୍ତେ ପାନକରେ ତାହା ସାରା ବସୁନ୍ଧରା ।

ଜାଗ୍ରତ ମହତ ଖେଳେ ଗଗନ ଭୁବନ
ଆନନ୍ଦରେ ନାଚଉଠେ ସକଳ ଜୀବନ ।

ଆହା କି ମଞ୍ଜୁଳ ଶୋଭା ବହଇ ଧରଣୀ
ବହଇ ପବନ ଧୀରେ ନର୍ତ୍ତଏ ତଟିନୀ ।

ଆନନ୍ଦେ ବିଭୋର ହୋଇ ପୁଷ୍ପ କହେ କଥା
ବହୁ ଦୂରେ ନୀଳ ସାଜେ ଗିରି ଟେକେ ମଥା ।

ବନ ଦେବୀ ଫୁଲ ବନେ ଗୃହେଁ ମୁଗ୍ଧ ନେହେ ।
ମଣି ମୁକ୍ତା ସାର ରତ୍ନ ବିଞ୍ଚିଯାଏ ସ୍ନେହେ ।

ଆସଇ ବସନ୍ତ ରାଣୀ ନଏ ଆକୁଳତା
ସ୍ନେହ ଦୃଷ୍ଟି ସ୍ନେହେ ରଖି ଢାଳେ ଅସୀମତା ।

ସୃଷ୍ଟିର ଗୌରବ ଉଠେ ମାନବ ବିଭବେ
କାନନର ଗଉରବ ସୁମନ ସୌରଭେ ।

ତହିଁ ଭୁଲି ଖେଳି ହସେ ଯୌବନ ଉତ୍ସବ
କିନ୍ତୁ ନାହିଁ ସେ ଉତ୍ସବେ ନିତ୍ୟ ଅନୁଭବ ।

ଯେଉଁ ଆସନରେ ବସି ହୁଏ ଅଭିଷେକ
କି ମର୍ଯ୍ୟାଦା ଅଛି ତହିଁ ଆରେ ଅବିବେକ ।

ମୋହିତ ମୋହିତ କରେ କ୍ଷଣିକ ସପନ
ଶିର ଭାବ ରୁଦ୍ଧ ଦ୍ୱାରେ କରେ ଘାତ ମନ ।

କାହିଁ ଯାଇ ବୁଦ୍ଧି ରହେ ନ ଜଗି ସମୟ
ଗରଳ କରଇ ପାନ ମଣି ସୁଧାମୟ ।

Digitized by srujanika@gmail.com

ମୁକ୍ତ ଆକାଶର ଚନ୍ଦ୍ର ତୃପ୍ତ ଅଛୁ ବସି
ରକ୍ତ ରାଗ ରକ୍ତ ମୂର୍ତ୍ତି ଦେଖୁ ହସି ହସି ।

ଯାହାକୁ ତ ଭାବୁ ମନେ ମୁକ୍ତିର ଆଲୋକ
ଯେଉଁ ଚିହ୍ନ ଆଙ୍କି ନେଉ ଦ୍ୟୁଲୋକ ଭୂଲୋକ ।

ସେହି ଚିରସ୍ଥାୟୀ ନୁହେ କ୍ଷଣିକ ସୁନ୍ଦର
ହିଂସା ଦ୍ୱେଷ ଅହଂକାରେ ମଞ୍ଜୁଳ ମଧୁର ।

ଏ ଜୀବନ ଚାହିଁ ଯିବା ହୁଏ ଆସକତ
ନ ଚିହ୍ନି ନ ରଖି ମନେ ନିଜ ମତାମତ ।

ଯୌବନ ଦେବତା ପଦେ କରେ ଅରଚନା
ଆରତ୍ତ ବଢ଼ାଏ ନିତ୍ୟ ପ୍ରେମର ବନ୍ଦନା ।

ବାସନା ନୈବେଦ୍ୟ ଅର୍ପି ଢାଳେ ନିଜ ରକ୍ତ
ମନ ପ୍ରାଣ ଦେହ ଦେଇ ହୁଏ ଆସକ୍ତ ।

ତହିଁରେ କି ଅଛି ଲାଭ ନ ଜାଣେ ଅଜ୍ଞାନ
ମିଥ୍ୟା ମିଥ୍ୟା ସଙ୍ଗେ କାହିଁ ସତ୍ୟର ଆଦାନ ।

ନିଜ ଭୁଲ ବୁଝି ବାଇ ଖୋଜ ନିଜ ଶକ୍ତି
ନିଜ ପଣେ ନିଜ ଭାବ ଆଣ ତୁ ସମ୍ପତ୍ତି ।

ମନ୍ତ୍ରଦାନେ ପ୍ରାଣ ଶକ୍ତି ଦୃଢ଼େ ବାନ୍ଧିରଖ
ସୃଷ୍ଟିର ଜଟିଳ ଗନ୍ତେ ଗୃହ୍ଣ ନିଜ ଲକ୍ଷ୍ୟ ।

ଅସୀମ ସାହାସ ଆଣ ଅସୀମ ମନରେ
ସବୁ ଭୁଲିଯାଇ ଜାଗ ସତ୍ୟ ଜାଗ୍ରତରେ ।

କର କର ନିତ୍ୟ ପୂଜା ସତ୍ୟ ଆଳାପରେ
ଜାଗରେ ମାନବ ମୂଢ଼ ଆପଣା ଭବରେ ।

ଉତ୍ସାହ ଉତ୍ସବ ଧ୍ୱଜା ଟେକ ନାହିଁ ବାଇ
ଯୌବନ ଦେବତା କେବେ ବରଦେବ ନାହିଁ ।

ମୂର୍ଦ୍ଧେ ମୁର୍ଦ୍ଧ ହୁଅନାହିଁ ଟେକ ତୋ ମସ୍ତକ
ଧୀରଷ୍ଟିରେ ଗୃହ୍ଣ ନେଇ ନିତ୍ତ୍ୟ ଟେଳକ ।

Digitized by srujanika@gmail.com

ମୁଗ୍ଧା

ପ୍ରଭାତ ଅରୁଣାଧରୁ ବହେ ସୁଧା ଧାର
ତୃପ୍ତେ ପାନକରେ ତାହା ସାରା ବସୁନ୍ଧରା ।

ଜାଗ୍ରତ ମହତ ଖେଳେ ଗଗନ ଭୁବନ
ଆନନ୍ଦରେ ନାଚଉଠେ ସକଳ ଜୀବନ ।

ଆହା କି ମଞ୍ଜୁଳ ଶୋଭା ବହଇ ଧରଣୀ
ବହଇ ପବନ ଧୀରେ ନଚାଏ ତଟିନୀ ।

ଆନନ୍ଦେ ବିଭୋର ହୋଇ ପୁଷ୍ପ କହେ କଥା
ବହୁ ଦୂରେ ମାଳ ସାଜେ ଗିରି ଟେକେ ମଥା ।

ବନ ଦେବୀ ଫୁଲ ବନେ ଗୃହେଁ ମୁଗ୍ଧ ନେହେ ।
ମଣି ମୁକ୍ତା ସାର ରତ୍ନ ବିଞ୍ଚିଯାଏ ସ୍ନେହେ ।

ଆସଇ ବସନ୍ତ ରାଣୀ ନଏ ଆକୁଳତା
ସ୍ନେହ ଦୃଷ୍ଟି ସ୍ନେହେ ରଖି ଢ଼ାଳେ ଅସୀମତା ।

ସୃଷ୍ଟିର ଗୌରବ ଉଠେ ମାନବ ବିଭବେ
କାନନର ଗଉରବ ସୁମନ ସୌରଭେ ।

ତହିଁ ବୁଲି ଖେଳି ହସେ ଯୌବନ ଉତ୍ସବ
କିନ୍ତୁ ନାହିଁ ସେ ଉତ୍ସବେ ନିତ୍ୟ ଅନୁଭବ ।

ଯେଉଁ ଆସନରେ ବସି ହୁଏ ଅଭିଷେକ
କି ମର୍ଯ୍ୟାଦା ଅଛି ତହିଁ ଆରେ ଅବିବେକ ।

ମୋହିତ ମୋହିତ କରେ କ୍ଷଣିକ ସପନ
ଚିର ଭାବ ରୁଦ୍ଧ ଦ୍ୱାରେ କରେ ଘାତ ମନ ।

କାହିଁ ଯାଇ ବୁଡ଼ି ରହେ ନ ଜଗି ସମସ୍ତ
ଗରଳ କରଇ ପାନ ମଣି ସୁଧାମସ୍ତ ।

Digitized by srujanika@gmail.com

ମୁକ୍ତ ଆକାଶର ଚନ୍ଦ୍ର ଉଦ୍ଦୀପ୍ତ ଅଙ୍କ ବସି
ରକ୍ତ ରାଗ ରକ୍ତ ମୂର୍ତ୍ତି ଦେଖୁ ହସି ହସି ।

ଯାହାକୁ ତ ଭାବୁ ମନେ ମୁକ୍ତିର ଆଲୋକ
ଯେଉଁ ଚନ୍ଦ ଆଙ୍କି ନେଉ ଦ୍ୟୁଲୋକ ଭୂଲୋକ ।

ସେହି ଚିରସ୍ଥାୟୀ ନୁହେ କ୍ଷଣିକ ସୁନ୍ଦର
ହିଂସା ଦ୍ୱେଷ ଅହଂକାରେ ମଞ୍ଜୁଳ ମଧୁର ।

ଏ ଜୀବନ ତହିଁ ବିନା ହୁଏ ଆସକତ
ନ ଚହିଁ ନ ରଖି ମନେ ନିଜ ମତାମତ ।

ଯୌବନ ଦେବତା ପଦେ କରେ ଅରଚନା
ଆରତି ବଢ଼ାଏ ନିତି ପ୍ରେମର ବନ୍ଦନା ।

ବାସନା ନୈବେଦ୍ୟ ଅର୍ପି ଢାଳେ ନିଜ ରକ୍ତ
ମନ ପ୍ରାଣ ଦେହ ଦେଇ ହୁଏ ଆପ୍ଲୁତ ।

ତହିଁରେ କି ଅଛି ଲାଭ ନ ଜାଣେ ଅଜ୍ଞାନ
ମିଥ୍ୟା ମିଥ୍ୟା ସଙ୍ଗେ କାହିଁ ସତ୍ୟର ଆଦାନ ।

ନିଜ ଭୁଲ ବୁଝି ବାଇ ଖୋଜ ନିଜ ଶକ୍ତି
ନିଜ ପଣେ ନିଜ ଭାବ ଆଣ ତୁ ସମ୍ପତ୍ତି ।

ମନ୍ତ୍ରଦାନେ ପ୍ରାଣ ଶକ୍ତି ଦୃଢ଼େ ବାନ୍ଧିରଖ
ସୃଷ୍ଟିର ଜଟିଳ ଗନ୍ଧେ ଗୃଳ ନିଜ ଲକ୍ଷ୍ୟ ।

ଅସୀମ ସାହାସ ଆଣ ଅସୀମ ମନରେ
ସବୁ ଭୁଲିଯାଇ ଜାଗ ସତ୍ୟ ଜାଗ୍ରତରେ ।

କର କର ନିତ୍ୟ ପୂଜା ସତ୍ୟ ଆଳାପରେ
ଜାଗରେ ମାନବ ମୂଢ଼ ଆପଣା ଭାବରେ ।

ଉତ୍ସାହ ଉତ୍ସବ ଧ୍ୱଜା ଟେକ ନାହିଁ ବାଇ
ଯୌବନ ଦେବତା କେବେ ବରଦେବ ନାହିଁ ।

ମୁଗ୍‌ଧେ ମୁଗ୍‌ଧ ହୁଅନାହିଁ ଟେକ ତୋ ମସ୍ତକ
ଧୀରସ୍ଥିରେ ଗୃଳ ନେଇ ନଗୁଢ଼ ଫଳକ ।

Digitized by srujanika@gmail.com

ଦେଖିତପାରିବୁ ତହିଁ ତୋ ନିଜ ମୂରତି
ଖୋଜିତ ପାଇବୁ କାହିଁ ଭୁଲିଯାଏ ଗତି ।

ଏକ ହାତେ ବିଷପାତ୍ର ଅନ୍ୟେ ମଧୁପାତ୍ର
ନ ମିଶାଇ ଦୃଢ଼େ ଧର ଦୂରେ ଦୁହିଁ ମାତ୍ର ।

ଏକ ପାଦେ ରଖ ନିଜ ଆତ୍ମିକ ଶକତି
ଅନ୍ୟ ପାଦେ ସର୍ଜିଯାଅ କାମନା ମୂରତି ।

ନିତ୍ୟ ସତ୍ୟ ପୂର୍ଣ୍ଣକାମେ ହେବୁ ବଳଆନ
ଭୂଲୋକ ରଞ୍ଜିତ ସୁଖ କରିବ ପ୍ରଦାନ ।

ଜାଗ ଜାଗ ଗର୍ବହୀନେ ନିଜ ପଥ ଚିହ୍ନି
ବୋଲାଇ ବିଶ୍ୱ ସନ୍ତାନ ହୁଅ ବିଶ୍ୱଯାତ୍ରୀ ।

ନବ ବଳେ କର ସଙ୍ଗ ନବୀନ ମୂରତି
ନିତ୍ୟ ଚିର ନୀତି ଆଙ୍କି ପାଅରେ ମୁକତି ।

●

ରଚନା କାଳ—୧-୪-୩୭

Digitized by srujanika@gmail.com

ସେ ହି ଦି ନ

ମନେ ପଡ଼େ ସେହି କଥା ବହୁ ଦିନ ପରେ
ଅଜଣା ବଇଁଶୀ ବାଜେ ତାନ ଗାନ ସ୍ୱରେ ।

ଭୁଲି ନୁହେ ସେହି କଥା ସେହି ପରିହାସ
ସେ ରୂପର ଗୁରୁଠାଣି ସେ ଦେହ ପରଶ ।

ସେହି ସୁଖ ସେହି ପ୍ରେମ ଖେଳେ ଚେତନାରେ
ଅଳପ ଅଳପ ହସି ନାଚେ ନୟନରେ ।

ଅନ୍ତରେ ରହିଛି ଫୁଟି ସେ ପ୍ରୀତି ହରଷ
ଉକୁଟି ଆସଇ ବାସ ମଧୁର ସରସ ।

ଫୁଟା ପଦ୍ମ କମନୀୟ ଝରାଏ ସୁଗନ୍ଧ
ନିବିଡ଼ ଜଡ଼ିତ ପ୍ରାଣେ ଛନ୍ଦାଏ ସମ୍ବନ୍ଧ ।

ଦେଖିଥିଲି ସେହି ଦିନ ସେ ହାସ ବଦନ
ସେ ଆନନ୍ଦ କିଣିଥିଲା ତରୁଣୀର ମନ ।

ଚକିତ ବିଭୋର ଆହା ! ନବୀନ ପ୍ରେମରେ
ଥିଲି ଭରି ଅନୁରାଗ ସୁଆଗ ସଙ୍ଗରେ ।

ପରାଣେ ପରାଣ ପୁଣି ଅନ୍ତରେ ଅନ୍ତର
ଅଧରରେ ମିଶିବାକୁ ହେଲା ଅଗ୍ରସର ।

ତୃଷିତ ଜୀବନ ତହିଁ କଲା ସୁଧାପାନ
ଗୁପ୍ତେ ତୃପ୍ତି ଲଭିଲା କି ଦେହ ମନ ପ୍ରାଣ ।

ନୟନେ ଖେଳଇ ଆଜ ସେ ପ୍ରେମ ଗୃହିଣୀ
ଆଜ ସ୍ମୃତିପଟେ ବାଜେ ଛଣା ମଧୁ ବାଣୀ ।

ନବ ଯଉବନା ମନେ ନବ ଅଭିଷେକ
ପ୍ରକୃତିର ଋତୁ ଲୀଳା ତରଳ ପଲକ ।

Digitized by srujanika@gmail.com

ଭାବନାର ପ୍ରେମ ସୁଖ କାମନାର ଫଳ
ସୌନ୍ଦର୍ଯ୍ୟର ଭାବଛଟା କାନ୍ତିର ଉଜ୍ଜ୍ୱଳ ।

ସେହି ପ୍ରେମ ସ୍ରୋତ ବହେ ଆଜି ପ୍ରାଣେ ପ୍ରାଣେ
ମିଳନର ଶତ ଆଶା ଆସଇ ଅଜାଣେ ।

ତାନର ଲହରୀ ଡାକେ ଧରି ପ୍ରିୟା ନାମ
ଉଚ୍ଛୁଳେ ହୃଦ ଯମୁନା ପୁଣି ସେହି ତାନ ।

ଅସ୍ଥିର ବ୍ୟାକୁଳ ମନ କରଏ ସୃଷ୍ଟିର
ପୋଛିଲି ନୟନୁ ଅଶ୍ରୁ କହି ଗୃଷ୍ଟୁ ଗୀର ।

ଚୋରାଇ ନେଲା ସେ ଗୁପ୍ତେ ମୋର ପ୍ରାଣ ମନ
ମିଳନ ହେଲା କି ଆହା ନୟନେ ନୟନ ।

ଅନାଇ ରହିଲି ନମ୍ରେ ସେହି ପ୍ରେମ ଛବି
ଚକିତେ ଚମକି ଅଙ୍ଗ ଗଲା ଭାବେ ଦ୍ରବି ।

ଆହା କି ମଧୁର ଅଟେ ସେ ଦିନର ମେଳ
ଜୀବନର ଅଭିନୟ ହାସ୍ୟ କ୍ରୀଡ଼ା ଖେଳ ।

ଭୁଲିବାର ନୁହେଁ ନୁହେଁ ବାଜୁଛି ଅନ୍ତରେ
ଚିରଦିନ ପାଇଁ ଥିବ ଚିର ମାନସରେ ।

ତାହା ଲାଗି ହେଲା ମୋର ଏ ଜୀବନ ଧନ୍ୟ
ପାଇଛି ସେ ହୃଦ ହାର କରି କେତେ ପୁଣ୍ୟ !

ସେହି ଧନ ବିନା ମୂଲ୍ୟ ନାହିଁ ଜଗତରେ
ତାକୁ ମୂଲ ବାନ୍ଧି ଅଛି ପ୍ରକୃତ ପ୍ରେମରେ ।

ସର୍ବ ବାସନାର ପୁଣି ସର୍ବ କାମନାର
ସର୍ବ ସାଧନାର ସେହି ଅଟେ ଧ୍ରୁବଗୃର ।

ସେ ସାଧନା ରୂପ ଥିବ ଲୁଚି ଏ ମରମେ
ସେହି ଚିର ସାଥି ମୋର ଜନମ ଜନମେ ।

Digitized by srujanika@gmail.com

ଉଦାସ ହୃଦୟେ ଖେଳେ ସେ ପ୍ରଣୟ ସ୍ମୃତି
ଦେଖୁଥିବି ପୂଜୁଥିବି ସେହି ଅପମୂର୍ତ୍ତି ।

ତାହାଲାଗି କେତେ ପୋଡ଼ିଯାଏ ଏ ଅନ୍ତର
ଆସେ କେତେ ଦୁଃଖ ଶୋକ ଗମ୍ଭୀର କାତର ।

କିନ୍ତୁ ସଦ୍ୟ ବିସର୍ଜିତ ଏ ଅନ୍ତର ତଳେ
ମାଝି ବାନ୍ଧ୍ୟ ଅନ୍ତରଟି ପୋଡ଼େ ଦୁଃଖାନଳେ ।

ସେ ଦିନର ପରିଚୟ ଅଟେ ନିରାଧାର
ବୃଥା ଚିନ୍ତା କି କରିବି ସବୁ ଅବସ୍ଥାର ।

●

ରଚନାକାଳ—୯-୪-୩୭, କଟକ

Digitized by srujanika@gmail.com

ଦୃଢ଼ ଶକ୍ତି

ପାଳିଅଛ ସତ୍ୟ ଧର୍ମ ଦୃଢ଼େ ରଖି ମନ
ସତ୍ୟର ସାଧନା ଶକ୍ତି ସତ୍ୟର ବିଧାନ ।
ସତ୍ୟ ସ୍ନେହେ ସତ୍ୟ ପ୍ରେମେ ପାଳିତ ଜୀବନ
ସତ୍ୟ ସ୍ନେହ ସାକ୍ଷି ରଖି ଖେଳଇ ଭୁବନ ।
ପୁଲକ ଭରା ନୟନେ ଦେଖଇ ମୂରତି
ପୁଲକ ଭରା ଜୀବନେ ଖୋଜଇ ମୋ ଗତି ।
ପୁଲକ ଭରା ମନରେ ଇଚ୍ଛେ କର୍ମ ଫଳ
ପରମ ପୁରୁଷ ହରି ସାଧନ୍ତୁ ମଙ୍ଗଳ ।
ସତ୍ୟ ଶିର ଛୁଇଁ ଅଛି ସତ୍ୟ ଶ୍ରୀଚରଣ
ସତ୍ୟ ପଦ ଆଶ୍ରା ଧରି ଯାଉ ମୋ ଜୀବନ ।
ସତ୍ୟ ସତ୍ୟ ସବୁ ସତ୍ୟ ନାହିଁ କିଛି ଭୟ
ସତ୍ୟର ସାଧନା ସଙ୍ଗେ ସକଳ ବିଜୟ ।
ସତ୍ୟ ଜ୍ୟୋତି ବ୍ୟାପିଅଛି କାହିଁ ଅନ୍ଧକାର
ସତ୍ୟ ପ୍ରେମେ ପୂର୍ଣ୍ଣାକାର ନାହିଁ ମୋ ବିଗୃର
ସତ୍ୟ ଦ୍ୱାରେ ବସିଅଛି ଶେଷ ସତ୍ୟ ପାଇଁ
ଯେବେ ସତ୍ୟ ପ୍ରେମ ସୁଖ ଭୟ କିଛି ନାହିଁ ।
ଯେବେ ସତ୍ୟ ଏହି ଶିର ଯେବେ ସତ୍ୟ ପଦ
ଅଛି ଲୟ ସେହି ପଦେ କେ ଦେବ ବିପଦ ।

●

[“ପୂଜ୍ୟତମ, ଏହି ସତ୍ୟ ସାଧନାକୁ ତୁମେ ଶେଷକୁ କି ଫଳ ମୋର ହସ୍ତରେ ଅର୍ପଣ କରିବ ଦେଖାଯାଉ । ତୁମେ ପଦ୍ୟ ଲେଖି ପଠାଅ ବୋଲିବାରୁ ଏହି ମୁହୂର୍ତ୍ତରେ ଗୃରିପଦ ଲେଖି ପଠାଇଲି । ସାଦରେ ପାଠ କରିବ ମୁଁ ପୁସ୍ତକରେ ଲେଖିନାହିଁ । ଏହି କାଗଜରେ ଲେଖି ଦେଇଛି । କପି ମୁଁ ରଖିନାହିଁ ।”—ଅନ୍ନପୂର୍ଣ୍ଣା ସ୍ୱାମୀଙ୍କ ପାଖକୁ ଚିଠି ସହିତ କବିତାଟି ଲେଖି ପଠାଇଥିଲେ, ରଚନାକାଳ—୨୮-୯-୩୭, ବ୍ରହ୍ମପୁର]

Digitized by srujanika@gmail.com

ସତ୍ୟର ଆଲୋକ ତୁମେ

ମନୋହର ଶୋଭାମୟ ସାରା ବିଶ୍ୱରୂପ
ସେ ମାଧୁରୀ ସଙ୍ଗେ ଖେଳେ ତୁମ୍ଭର ସ୍ୱରୂପ ।

ନବ ବସନ୍ତରେ ଭାସେ ମଳୟ ପବନ
ହିଲ୍ଲୋଳ ଦୋଳାରେ ଝୁଲେ ସୁନ୍ଦର ଜୀବନ ।

କୋକିଳର କଳକଣ୍ଠେ ମଧୁର ସଙ୍ଗୀତ
ତାନେ ଗାନେ ଝଙ୍କାରଇ ତବ ପ୍ରେମ ଗୀତ ।

ବିମଣ୍ଡିତ କୁଞ୍ଜବନ ସୁମନ ଶୋଭାରେ
ଦରହାସ ଗନ୍ଧଭରା ମାଧୁର୍ଯ୍ୟ କଳାରେ ।

ଜୋଚ୍ଛନାର ଘନ ରାତି ଢାଳେ ମାଧୁ ଧାରା
କି ଆଲୋକ କି ପୁଲକ ନବ ବିଶ୍ୱସାରା ।

କୋଟି ସୁଷମାର ଶୋଭା ହେ ! ଚିର ସୁନ୍ଦର !
ନୟନ ରଞ୍ଜାଇ ନିଏ ନୟନ ମୋହର

ଘନ ଗମ୍ଭୀର ନାଦରେ ଝଟକେ ବିଦ୍ୟୁତ
ବନ ଧାରେ ଚକ୍ଷୁ ପୂର୍ଣ୍ଣ ପ୍ରାଣ ପୁଲକିତ ।

ପ୍ରସ୍ଫୁଟିତ ନବ ଆଭା ସୁମନର ବାସ
ଦୂର୍ବାଦଳ ଶସ୍ୟ କଳା ଖେଳାଏ ରହାସ ।

ନଳିନୀର ଗୃରୁଚଠା କୁନ୍ତ ତାନ କୋଳେ
ମୃଦୁହାସେ ମଧୁଗନ୍ଧ ଖେଳଇ ବିଭୋଳେ ।

ଉଭୟର ସନ୍ଧିଛନ୍ଦେ ବିରାଜଇ ଛବି
ପୁଲକ ପଲକ ଗୃହେଁ ପ୍ରେମେ ଯାଇ ଦ୍ରବି ।

ପ୍ରକୃତରେ ପ୍ରକାଶଇ ପ୍ରେମର ଆକାର
କୋଟି ଲାବଣ୍ୟର ଶୋଭା ଦୁଆଏ ବିଶ୍ୱର ।

Digitized by srujanika@gmail.com

ନୀଳିମା ସାଗର ପ୍ରଭା ତରଙ୍ଗ ମାଳାରେ
ନାଚି ନାଚି ଆସେ ତେଜ ସନ୍ଧାନ ସନ୍ଧାରେ ।
ଥୋଇଯାଏ ନତ ଶିର ବାଲୁକା ଉପରେ
କେତେ ରଙ୍ଗ ଚିତ୍ର ଆଙ୍କି ନିଏ ମାନସରେ ।
ସେହି ଚିତ୍ର ମଧ୍ୟେ ଦେଖେ ସେ ସୌମ୍ୟ ମୂରତି
ବନ୍ଧନ ଛନ୍ଦରେ ମାଗେ ଜୀବନର ମୁକ୍ତି ।
କି ଆନନ୍ଦ କି ଉତ୍ସବ ପୂର୍ଣ୍ଣ ଯୌବନରେ
ବିହାର ମାନସ ଲୀଳା ହୃଦୟ କୁଞ୍ଜରେ ।
ଉଠଇ ମୂର୍ଚ୍ଛନା ତାନ ମୋହିନୀ ଛନ୍ଦରେ
ଉଚ୍ଛାଟ ଉଦ୍‌ବେଗ ଅଣେ ହରଷ ରସରେ ।
ସକଳ ମଧ୍ୟରେ ଦେଖେ 'ସେ ରୂପ ଆଲୋକ
ଆଲୋକ ଖେଳାଏ ପୁଣି ପୁଲକ ପଲକ ।
ଦେଖିବାରେ ଖୋଲିଅଛି ଏ ହୃଦ କବାଟ
ପବିତ୍ର ପ୍ରକୃତି ଚିତ୍ର ନାହିଁ ଆଶା ହାଟ ।
ଆଶା ମିତ ଭାବ ଆସେ ଚରଣ ସେବାରେ
ଯତନ ସଜାଡ଼େ ହାର ରତନ ଆଶାରେ ।
ମଦିରାର ମାଦକତା ନାହିଁତ ଗୋପନେ
ନିର୍ମଳ ସରଳ ରୂପ ସ୍ମରଇ ମଉନେ ।
ଜୀବନର ଚିର ବାଞ୍ଛା ଅଟଇ କେବଳ
ଅବଳାର ଅଙ୍ଗ ଶୋଭା ଯା ଅଟେ ସମ୍ବଳ ।
ଜାଗ୍ରତ ରହିଛି ହୃଦେ ଲକ୍ଷ ଜାଗରଣେ
ଆସ ହେ ! ଆଲୋକ ଜ୍ୟୋତି ପଳକ ମିଳନେ ।
ଧରି ଆସ ଦେବ କୋଟି ସୁଷମା ମାଧୁରୀ
କ୍ଷୁଦ୍ର ଇଚ୍ଛା ପୂର୍ଣ୍ଣକର ବଢ଼ାଇ ଗୃହୁରୀ ।
ପୂର୍ଣ୍ଣକର ପ୍ରେମେ ଭରି କଳ୍ପିତ କାମନା
ହୃଦ ଆଶୀର୍ବାଦ ନିଅ ଅନ୍ତର ବନ୍ଦନା ।

●

ରଚନାକାଳ—୧-୫-୪୧

Digitized by srujanika@gmail.com

ଜାତୀୟ ସଂଗୀତ

(ରାଗ ଭୈରବୀ-ତାଳ ଝୁଲା)

(ବାଲୁକୋଠୀ କଷ୍ଟ ଖଣ୍ଡା ତାନରେ, ବୃତ୍ତ)

ଅଛୁ ପଡ଼ି ତବରକ୍ତ ଦେହରେ ।୦।

ଜାତିଗତ ଗାରିମା ଉତ୍କଳର ସୁଷମା ନ ଭେଦେ କି ଉପମା
ଶିକ୍ଷିତ, ହେଲଣି, ପରରେ କେତେରେ ।୧।

ଶିକ୍ଷା ଗୁଣ କି କହ ଇଚ୍ଛାଜ୍ଞାନେ ରସିଲ ସ୍ୱାର୍ଥସେବା ପେଷିଲ
ଏ କରେ, ଶିକ୍ଷାର, ଫଳରେ, ଭବରେ ।୨।

ସଭ୍ୟ ଦେଶ ଭବରେ, ପ୍ରାଣ ଡ଼ାକ ଭେଦରେ ପଦାଞ୍ଜଳି ପ୍ରାଣରେ
ସତ୍ୟରେ, ଏବେରେ, ସକଳ, ସକଳ ରକ୍ତରେ ।୩।

ଜନ୍ମଧାତ୍ରୀ ଗୌରବେ ତବଗାବ ସ୍କୁଲରେ ପ୍ରକାଶଇ ଏଭବେ
ଚିହ୍ନିଲ, ଭେଦିଲ, ରସିଲ, ତର୍କରେ ।୪।

ବେଦ, ଶାସ୍ତ୍ର, ସ୍ମୃତିରେ ମନସୀଷା ପାଠରେ କେତେ ଦୂର ଗମିରେ
ପାଇଲ, ଶିଖିଲ, ଭୁଞ୍ଜିଲ କହରେ ।୫।

ଜନ୍ମ, ମୃତ୍ୟୁ, ପୀଠରେ କାଳଗତ ସ୍ରୋତରେ ଯିବପରା ଦିନେରେ
ଆଜକି, ଆସିବା, ଦେଖିବା, ମର୍ମରେ ।୬।

ବାଲ୍ୟ, ଯୁବା ପୌଢ଼ାରେ ହେବ ପରା ଧରାରେ ଜାଣିଛ ତ ସବରେ
କେତେକ, ଖସିଲେ, ଭୁମ୍ବର ପରରେ ।୭।

କିଏ କିବା ଫେରି ଆତ୍ମପାଇଁ ଜଗିଛୁ ନେବ କିନା ହେଜରେ
ପାଞ୍ଚିଛ କିଏ ହେ କହନ୍ତୁ ସତ୍ୟରେ ।୮।

ଜୀବଧନ୍ୟ ବୋଲଇ ନିଜ କର୍ମ ସାଧେଇ ସାଧନାରେ କିପାଇଁ
ନଲାଗ, ଜାଣେରେ, ଜ୍ଞାନର, ବଳରେ ।୯।

Digitized by srujanika@gmail.com

ସଭ୍ୟ ଦେଶ ସଭାରେ ଯୋଗଦେଲ ପରାରେ କି ଦେଖିଲ ଚକ୍ଷୁରେ
ଭାରତେ, ଉତ୍କଳେ, କି ଅଛି, ଭିନ୍ନରେ ।୧୦।

ନାରୀ ଏକ ଦେଖିଲ କେବେ କବା ପାଞ୍ଚିଲ ନିଜ ସଙ୍ଗୀ ଭାବିଲ
କହ ହେ, ଚତୁର, ପୁରୁଷେ, ଜାଣେରେ ।।୧୧।

ବଡ଼ ବଡ଼ ବିରାଟ କାଙ୍ଗରସ ସୁହାଟ ଇଣ୍ଡିଆରେ ପ୍ରକଟ
ହେଲାଣି, କେତେରେ, ବରଷ, ଗଣ୍ଡରେ ।୧୨।

କେବେ କେଉଁ ସଭାରେ ହିନ୍ଦୁ ଭାଇ ପାଖରେ ଜାତି ସୀମା ମଧ୍ୟରେ
ରହିକି, ବସିଛି, ଲଲନା, କେବେରେ ।୧୩।

ହିନ୍ଦୁ ଆଖ୍ୟା ବୁଡ଼ାଇଥିଲେଥିବେ ବା କେହି ଏହା ସିନା ହେ ଭାଇ
ଦେଖାଇ, ଚେତାଇ, କହିବ, ସିନାରେ ।୧୪।

ମାତୃଦେବୀ କଲ୍ୟାଣ ପାଇବାକୁ ଭଜନ ହେଲାଣିକି ଜୀବନ
ଚିନ୍ତ ତ, ନିଜର, ଜ୍ଞାନର ଠେକରେ ।୧୫।

କହିଁତେ କି ସ୍ଫୁରୁଛ ଭୂମିଷ୍ଠ ଜାତି ଅନୃଚ୍ଛ ଜଗତରେ କି ପଛ
ନାହାନ୍ତି, ଦେଖତ, ଚିନ୍ତତ, ନୁହରେ ।୧୬।

ବର୍ତ୍ତମାନ ଶିକ୍ଷିତ ଯେ ହୋଇଛି ଦୀକ୍ଷିତ ଅଗ୍ରେ ହେଉ ଧାବିତ
ଧୈର୍ଯ୍ୟର, ବଳରେ, ନୀତିର, ମାର୍ଗରେ ।୧୭।

ନାରୀ ଜାତି କଣ୍ଠରେ ତବ ଯଶ ପଥରେ କେବେ କବା କେହିରେ
ନପିବେ, ଜାଣିଥ, ସଙ୍ଗରେ ଭବରେ ।୧୮।

ଯେବେ ବୀର କେ ଅଛ ପ୍ରାଣ ଚିନ୍ତ ବୁଝୁଛ ଜାତି ଠେକ ଇଚ୍ଛିତ
ତେବେ ସେ, ଉଠନ୍ତୁ, ଦେଖିବା ଚକ୍ଷୁରେ ।୧୯।

ଦଶ ବର୍ଷ ହେଲାତ ସମ୍ମିଳନୀ କଲତ କାର୍ଯ୍ୟ କିସ ସାଧିତ
ହୋଇଛି, ଜାଣିଛ, ଜାଣିଛି, ମୁହିଁରେ ।୨୦।

ଜଣେ ନାରୀ ଗୌରବ ଜାଣିବାକୁ ବଡ଼ବ' ଉତ୍କଳରେ ସୌରଭ
କୁସୁମ ଫୁଟିଛି, କାହାର ହୃଦରେ ? ।୨୧।

ଦେଖିବତ ଏଥର ସମ୍ମିଳନୀ ସମ୍ଭାର କି ଯୋଗାଡ଼େ ଆଦର
କରିବ ସମ୍ମାନ, ତା କାର୍ଯ୍ୟ ଶେଷରେ ।୨୨।

Digitized by srujanika@gmail.com

ଯା କାର୍ଯ୍ୟରେ ସେ ଯାଉ ନିଜ ପଥେ କି ଆଉ ଥିବେ ଯେବେ ସେ ଥାଉ
କାହାର, ତହିଁରେ, ସମ୍ବନ୍ଧ ଥିବରେ ।୨୩।

ଭାରତ ମୋ ଉତ୍କଳ ଜନ୍ମସ୍ଥାନ ଚହଲ ପ୍ରାଣେ ଲଭି ସବଳ
କରିବ, ସାଧିବ, ତୁମ୍ଭରି, ଆଗରେ ।୨୪।

ନାସ୍ତି ଜାତି ଆଦର ବହି ଏହି ହୃଦର ବସି ଦେଖେ ତୁମ୍ଭର
ଆଶ୍ଚର୍ଯ୍ୟ, ଗମନ, ଭାବନା, ଭଙ୍ଗିରେ ।୨୫।

ଦେଖାଯାଉ ଭ୍ରାତା ଏ ଉତ୍ସବର ସମୟେ ନାସ୍ତି ଭବ ଉଦୟେ
କପଟ, କରିବେ, ସକଳେ, ଚେଷ୍ଟାରେ ।୨୬।

ଏହି ଆଶା ପୋଷଣ ବସିକରେ ସାଧନ ଧୀରେ ଚାଲ ଏମନ
ବସିଛୁ, ଭାକୁଛୁ, କି ହେବ ଭାବରେ ।୨୭।

[ଏହା ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନ, ତା ୨୧-୧୨-୧୯୧୫, ଉପଲକ୍ଷେ ରଚିତ ହୋଇଥିଲା ଏବଂ ଏହି ଗୀତଟି ନାସ୍ତି କବିଙ୍କର ଫଟୋ ଚିତ୍ର ସହିତ ମୁଦ୍ରିତ ହୋଇ ସମ୍ମିଳନୀ ମଣ୍ଡପରେ ଆବୃତ୍ତ ଓ ବିତରିତ ହୋଇଥିଲା ।]

Digitized by srujanika@gmail.com

ପ୍ରା ର୍ଥ ନା

(ରାଗ ମୋହନା ଆଦି ତାଳ)

ଜଗତ ଈଶ୍ୱର ସର୍ବ ଶକ୍ତି ଧର
ମୋର ପ୍ରତି ହୁଅ ପ୍ରସନ୍ନ ।୦।

ବେଦନା ଅନ୍ତର ପ୍ରାଣ ପରାତ୍ପର
ଶୁଭଦେ ଢ଼ାଳଦଅ, କରୁଣା ନୟନ ।୧।

ମୋ ମନ ଭାବନା କରୁଛି ବନ୍ଦନା
ଅନୁକୂଳେ କର ତହିଁ ଆସନ ।୨।

ତୁମ୍ଭେ ମୋର ଆଶା ସକଳ ଭରସା
ନିର୍ମ୍ମଳ କରଅ କଳୁଷ ମନ ।୩।

ସକଳ ସମ୍ପଦ ସେ ଅଭୟ ପଦ
ସେଥିରେ ଶରଣ ରଖ ଜୀବନ ।୪।

Digitized by srujanika@gmail.com

ସ୍ୱପ୍ନଶ୍ରୀ

Digitized by srujanika@gmail.com

ସଂପାଦକୀୟ ମନ୍ତବ୍ୟ

ନାରୀ କବି ଅନ୍ନପୂର୍ଣ୍ଣା, ଜୀବନର ପ୍ରତିଟି ମୁହୂର୍ତ୍ତ ଯେଉଁଥିପାଇଁ ବିନିଯୋଗ କରନ୍ତୁ ନା କାହିଁକି, ତାହାର ସ୍ମରଣୀୟ ସାର୍ଥକତା ଲାଗି ବିଶେଷ ଧ୍ୟାନ ଦେଉଥିଲେ । ସାହିତ୍ୟ ରଚନା ହେଉ ବା ଇଷ୍ଟ ଅର୍ଚ୍ଚନା ହେଉ ସଂସାରର ସକଳ କର୍ମ ଭିତରେ ତାହାର ଶ୍ରେଷ୍ଠତାକୁ ସେ ଭୁଲି ନ ଥିଲେ । ଆପଣା ମନର ସତ୍ୟ-ଅନୁଭବକୁ କବିତାର ଅକ୍ଷରରେ ସାଇତି ରଖିଲାପରି ତାଙ୍କର ଅବଚେତନ କବି ମନ ଯେତେବେଳେ ଯେଉଁ ସ୍ୱପ୍ନ ଦେଖିଛି, ନିଜ ହସ୍ତାକ୍ଷରରେ ସେ, ତାହାକୁ ଟିପି ରଖିଛନ୍ତି । ଜୀର୍ଣ୍ଣ ପାଣ୍ଡୁଲିପିରେ ସ୍ୱପ୍ନ ସହିତ ସ୍ୱପ୍ନ-ଦର୍ଶନର ତିଥିବାର, ତାରିଖ ଲେଖାଥିବା ମୁଁ ଦେଖିଛି । ତହିଁରୁ କେତୋଟି ସ୍ୱପ୍ନ ଏଠାରେ ସଂଯୋଜିତ କରାଯାଇଛି । ଉଦ୍ଦେଶ୍ୟ ହେଉଛି; ସ୍ୱପ୍ନ ଗୁଡ଼ିକର ଅନୁଶୀଳନରୁ କବିଙ୍କର ଅନ୍ତର୍ମାନସର ଭାବ-ଛଟା ଓ ମାନସିକ ଆବେଗର ତରଙ୍ଗ କଳନା ହୁଏତ ସହଜ ହେବ । ଏତଦ୍‌ଭିନ୍ନ ଅନ୍ନପୂର୍ଣ୍ଣାଙ୍କର ଆଧ୍ୟାତ୍ମିକ ଜିଜ୍ଞାସା ଓ ସାରସ୍ୱତ ସଙ୍ଗ ପ୍ରସଙ୍ଗର ପରିଚୟ ମଧ୍ୟ ମିଳିପାରିବ । ଯଦିଓ ସ୍ୱପ୍ନଗୁଡ଼ିକର କେତେକ ଅଂଶ ରହସ୍ୟାବୃତ୍ତ ତଥା ମସ୍ତିଷ୍କ ଅବବୋଧରେ ଫରପୂର୍ଣ୍ଣ ଏବଂ ଏଥିରୁ ପରିଚ୍ଛନ୍ନ ମାନସିକତାର ଏକକ ଆଭାସ ମିଳେନା ତଥାପି କବି ପୁରୁଷର ଧାରଣା ପାଇଁ ଏହା ଆବଶ୍ୟକ ହୋଇଥାନ୍ତୁ । କବି ଜୀବନ ଯେ ସାହିତ୍ୟ ଓ ଆଧ୍ୟାତ୍ମିକ ବିଳାସରେ ନିତ୍ୟ ପ୍ରବୃତ୍ତ ଥିଲା, ତାହାର ସଂକେତ ଏଥିରୁ ମିଳିଥାଏ ।

କ୍ଷେତ୍ରବାସୀ ନାୟକ
ସଂପାଦକ

Digitized by srujanika@gmail.com

୧ । ଶ୍ରୀକୃଷ୍ଣ, ମହାତ୍ମା ଓ ଅନ୍ନପୂର୍ଣ୍ଣା

ସ୍ୱପ୍ନ ଦିବସ – ୧୪–୭–୧୯୧୬

ଏକ ପୁଷ୍ପ ଉଦ୍ୟାନ, ନାନା ଜାତି ପୁଷ୍ପରେ ଭରା । ମହାତ୍ମା ଜଣେ ବଣରେ ବୁଲି ବୁଲି ଶୋଭା ଦେଖୁଥାନ୍ତି । ଗୋଟିଏ ଝୁଙ୍ଗୁଡ଼ିରେ ସବୁ ଜାତିକା ଫୁଲରୁ ତୋଳିଲେ ।

ଅନ୍ନପୂର୍ଣ୍ଣା—ଫୁଲ ଏତେ ତୋଳିଲ କଣ କରିବ ?

ମହାତ୍ମା—ଆତ୍ମାର ମୁକ୍ତି ସକାଶେ ଈଶ୍ୱରଙ୍କୁ ଅର୍ପଣ କରିବି ।

ଅନ୍ନପୂର୍ଣ୍ଣା—ଏତେ ଫୁଲ ଅର୍ପଣ କଲେ ମୁକ୍ତି ମିଳିବ, ଗୋଟିଏ ଫୁଲ ଦେଲେ ମୁକ୍ତି ମିଳିବ ନାହିଁ ? ଫୁଲ ଗୁଡ଼ିକ ବୃକ୍ଷର ଶୋଭାବର୍ଦ୍ଧନ କରୁଥିଲା, ବୃଥାରେ ତୋଳି ବୃକ୍ଷର ଶିରୀ ନଷ୍ଟ କରିଦେଲ ।

ମହାତ୍ମା—ତୁମ୍ଭ ପ୍ରଶ୍ନର ଉତ୍ତର ଶୁଣ । ଏବେ ତୁମ୍ଭଙ୍କୁ ପ୍ରେମ କରୁଛି ବୋଲି କହି କେହି ଜଣେ କୁଆଡ଼େ ଚାଲିଗଲା, ଆସିଲା ବେଳେ ଆଉଁସି ଦେଇ ବହୁତ ପ୍ରେମ କରୁଛି କହିଲେ ତୁମ୍ଭେ ତୃପ୍ତ ହେବ କି ?

ଅନ୍ନପୂର୍ଣ୍ଣା—ରତ୍ନ କାଚଁଠ ସମାନ କି ? ମଣିଷ ନଇଲେ ଈଶ୍ୱର ସଂସାରର ପ୍ରାଣୀ ବର୍ଗଙ୍କୁ ଯେତିକ ସ୍ନେହ କଲେ ବି ତାଙ୍କର ସ୍ନେହ ବର୍ଦ୍ଧନ କରିପାରିବ ନାହିଁ । ଏହା ସତ୍ୟ,-ଈଶ୍ୱର ସମ୍ବନ୍ଧେ ଯାହା କହିବାକୁ ଅଛି କହ, ମନୁଷ୍ୟ ସମ୍ବନ୍ଧେ କିଛି କହିବା ଲୋଡ଼ା ନାହିଁ ।

ମହାତ୍ମା—ରାଧା କୃଷ୍ଣଙ୍କୁ ମୁଁ ପ୍ରେମ କରେ । ତାଙ୍କପ୍ରତି ଭକ୍ତି ବହୁତ । ତାଙ୍କ ବିନୁ ଅନ୍ୟରେ ମୋର ରୁଚି ନାହିଁ ।

ଅନ୍ନପୂର୍ଣ୍ଣା—ଉତ୍ତମ କଥା—ସେ ସଂସାରର ପ୍ରତ୍ୟେକ ପ୍ରାଣୀଙ୍କୁ ଅଂଗୁଳି ଦେଖାଇ ସତପଥ ଦେଖାଉଛନ୍ତି—ସେ ସଦ୍‌ଗୁଣରେ ପୂର୍ଣ୍ଣ—

Digitized by srujanika@gmail.com

ତାଙ୍କଠାରେ ଭକ୍ତି ରଖିଲେ ଜ୍ଞାନ ଫଳ ପ୍ରାପ୍ତି ହେବ ନାହିଁକି ? ନା, ଆଉ କଣ ଥିଲେ ବୁଝାଇ କୁହନ୍ତୁ ।

ମହାତ୍ମା—ସତ୍ୟ—ମୋର ମନର ତୃପ୍ତି ସକାଶେ ଫୁଲ ଚନ୍ଦନ, ନୈବେଦ୍ୟ ପ୍ରଭୃତି ଦେଉଅଛି ।

ଅନ୍ନପୂର୍ଣ୍ଣା—କାହାକୁ ଦେଉଅଛ ?

ମହାତ୍ମା—ଶ୍ରୀ କୃଷ୍ଣଙ୍କୁ ।

ଅନ୍ନପୂର୍ଣ୍ଣା—ଶ୍ରୀକୃଷ୍ଣଙ୍କୁ କେବେ ଦେଖିଛ ନା ! କିଛି ଉତ୍ତର ହେଲେ ପାଇଛ କି ?

ମହାତ୍ମା—କେବେ କେମିତି ଦେଖିଥିବି; ଉତ୍ତର କିଛି ପାଇନାହିଁ । ତୁମେ କେବେ ରାଧା କୃଷ୍ଣଙ୍କୁ ପ୍ରେମ କର କି ?

ଅନ୍ନପୂର୍ଣ୍ଣା—ପ୍ରେମ କରେ—ମୁଁ ଦେଖି, ଉତ୍ତର ପାଇଛି ।

ମହାତ୍ମା—କି ଉତ୍ତର ଦେଲେ, ମୋତେ କହିବ କି ?

ଅନ୍ନପୂର୍ଣ୍ଣା—ଦିନେ ଧ୍ୟାନ କଲା ବେଳେ କୃଷ୍ଣଙ୍କ ମଧୁର ରୂପ ମୋର ସାନ୍ନିଧରେ ଥିଲାପରି ଦର୍ଶନ ମିଳିଲା । ମୁଁ ପଚାରିଲି; ତୁମେ ଏକାକି ପରମେଶ୍ୱର । ସେ କହିଲେ ମୁଁ ପରମେଶ୍ୱର ନୁହେଁ, ମୁଁ କେବଳ ମାଧୂର୍ଯ୍ୟ ଗୁଣରେ ପୂର୍ଣ୍ଣ । ମୋଠାରେ ଭକ୍ତିକଲେ ମନୋବାଞ୍ଛା ପୂର୍ଣ୍ଣ ହେବ । ମୋତେ ସେବା କଲେ କିଛି ବୃଥା ହେବ ନାହିଁ । ମୋତେ ସେବା ନ କରି ପରମପିତାଙ୍କୁ ସେବା କଲେ ତାଙ୍କୁ ପାଇପାରିବ ନାହିଁ । ତାଙ୍କଠାରେ ପ୍ରେମ ଗୁଣ ନାହିଁ—ପ୍ରେମ ଆସିଲେ ଏକା ଜ୍ଞାନ ପ୍ରବେଶ ହେବ, ଜ୍ଞାନ ଆସିଲେ ଈଶ୍ୱର ପ୍ରାପ୍ତି ହେବ । ତେବେ ଭଲ ମନ୍ଦ ଗୁଣ ବାରିପାରିବ । ଏପରି ଉତ୍ତର ପାଇଥିଲି ।

ମହାତ୍ମା—ତେବେ ମୋର ସେବା ବୃଥା ହେବ ନାହିଁ ତ ?

ଅନ୍ନପୂର୍ଣ୍ଣା—କାହିଁକି ବୃଥା ହେବ—ସବୁ ଜାଣି ସେବା କଲେ ଯଥେଷ୍ଟ—ସଂସାରର ସବୁ ତତ୍ତ୍ୱ ଚିହ୍ନି ପାରିବ—ନ ଜାଣି ସେବା କଲେ ଯେଉଁ ଭ୍ରମକୁ ସେଇ ଭ୍ରମ ।

ମହାତ୍ମା—ମୁଁ ସବୁ ଜାଣି ପୁଷ୍ପ ଚନ୍ଦନ ତୁଳସୀ ନୈବେଦ୍ୟ ଦେଇ ପୂଜା କରୁଅଛି ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା – ତେବେ ଆତ୍ମାରୂପୀ ପରମେଶ୍ୱରଙ୍କୁ ଚିହ୍ନି ପାରିବ—ମନର ବାତୁଳତା ରହିବ ନାହିଁ । ସହଜେ ଘୁଞ୍ଚିଯିବ ।

[ଏହା ଶୁଣି ସନ୍ତୋଷରେ ମହାତ୍ମା ସାଧନା କରି ବସିଲେ—ଫୁଲ, ଚନ୍ଦନ, ତୁଳସୀ ନୈବେଦ୍ୟ ଦେଇ ଆନନ୍ଦରେ ପ୍ରେମଦ୍‌ଗମ ଭାବାବେଶରେ ଅଶ୍ରୁପୂର୍ଣ୍ଣ ନୟନରେ ସଂସାରକୁ ତୃଣସମ ମଣି ନିର୍ମଳ ମନରେ ସେବାରେ ଲାଗିଲେ । ଏହା ଦେଖି ମୁଁ ଅତି ବିନୟରେ ମହାତ୍ମାଙ୍କୁ ପଚାରିଲି—ମୁଁ କଥା କହିପାରେ କି ? ସେ ମହାତ୍ମା ଦଣ୍ଡେ ରହି ଉତ୍ତର ଦେଲେ, ତୁମର ଯାହା ଇଚ୍ଛା ତାହା ପଚାର, ମୁଁ ତୁମର ଭକ୍ତି ଭାବରେ ମୁଗ୍‌ଧ ।]

ଅନ୍ନପୂର୍ଣ୍ଣା—ତୁମ୍ଭଙ୍କୁ ଏବେ କଣ ଦୃଶ୍ୟ ହେଉଅଛି ?

ମହାତ୍ମା—ଯେଉଁ କୃଷ୍ଣ ରୂପ, ସେହି କୃଷ୍ଣ ରୂପ ।

ଅନ୍ନପୂର୍ଣ୍ଣା—ତୁମ୍ଭେ କିଛି ଉତ୍ତର ପାଇ ନାହିଁ ପରା । ଏବେ ପ୍ରଶ୍ନ ପଚାରନ୍ତୁ ।

ମହାତ୍ମା—ମୁଁ କେତେ ପ୍ରଶ୍ନ ପଚାରିଲେ ସୁଦ୍ଧା ସେ କିଛି ଉତ୍ତର ଦିଅନ୍ତି ନାହିଁ । ତୁମ୍ଭଙ୍କୁ କିପରି ଦେଲେ କେଜାଣି ?

ଅନ୍ନପୂର୍ଣ୍ଣା—ଚନ୍ଦନ, ପୁଷ୍ପ, ତୁଳସୀରେ ସେ ମୁଗ୍‌ଧ ହୁଅନ୍ତି ପରା ! କାହିଁକି ଉତ୍ତର ପାଉନାହିଁ । ମନ ପୁଷ୍ପ ଉପହାର ନ ଦେଲେ କେବେ ଉତ୍ତର ପାଇବ ନାହିଁ । ଏହା ଦିଅ କି ?

ମହାତ୍ମା—ମୁଁ ସଦା ମନ ପୁଷ୍ପ ଅର୍ପଣ କରେ । ସଂସାରକୁ ତୃଣବତ୍ ଜ୍ଞାନ କରେ ।

ଅନ୍ନପୂର୍ଣ୍ଣା—ତେବେ ନିଃସନ୍ଦେହରେ ଉତ୍ତର ପାଇବ । ଆଜ ଅଧିକ କଣ କଥା ହେବା, ଉତ୍ତର ମିଳିଲେ କଥା ହେବା; ମନକୁ ମନ ମିଶାଇବା—ମୋତେ କ୍ଷମା ଦିଅନ୍ତୁ । ବିଦାୟ ନେଉଛି ତୁମ୍ଭେ କିଏ ଚିହ୍ନି ନାହିଁ । ସାହାସରେ କେତେ କଥା କହିଦେଲି । ଦୁହିତା ସ୍ୱରୂପ ମଣି କ୍ଷମା ଦେବେ । ତୁମ ଚରଣ କମଳରେ କୋଟି ନମସ୍କାର ।

Digitized by srujanika@gmail.com

୬ । ରକ୍ତ ସରୋବର, ଜାତୀୟ ସୁମନ

ଫକୀରମୋହନ ଓ ଅନ୍ନପୂର୍ଣ୍ଣା

ସ୍ୱପ୍ନ ଦିବସ—୨୦-୭-୧୯୧୬

ଗୋଟିଏ ସୁନ୍ଦର ଗୃହରେ ମୁଁ ଥାଏ, ମଧ୍ୟାହ୍ନ ସମୟରେ ମୋର ପରଲୋକ ଗତ ବଡ଼ ବାପା ଆସିବା ପରି ବୋଧହେଲା । ତାଙ୍କ ଦର୍ଶନ ଲାଭକରି ସନ୍ତୁଷ୍ଟ ହେଲି, ନମସ୍କାର କଲି, ଆଶୀର୍ବାଦ କଲେ ।

ଅନ୍ନପୂର୍ଣ୍ଣା—କୁଆଡ଼େ ଆସିଲ ? ମୋର କେଡ଼େ ସୌଭାଗ୍ୟ, ଆପଣଙ୍କୁ ଲାଭକରି ମୁଁ ଧନ୍ୟାହେଲି । କି କର୍ମ କରି ବର୍ତ୍ତମାନ କାଳ ଯାପନ କରୁଅଛ ?

ବଡ଼ ବାପା—ଅନେକ ଦିନ ହେଲା ତୋତେ ଦେଖିନଥିଲି, ଦେଖିବାକୁ ମନହେଲାରୁ ଥରେ ଆସିଲି । ରାଜାଙ୍କର ଆଦେଶ ହୋଇଛି, ଛତ୍ର ଘରର କାର୍ଯ୍ୟାବଳୀ ଦେଖୁଅଛି । କୋଳନ୍ତେ ପ୍ରାଣୀଙ୍କୁ ଭୋଜନ ଦେବାପାଇଁ ରନ୍ଧାରନ୍ଧି ହେଉଛି, ତାର ତତ୍ତ୍ୱାବଧାନ ମୁଁ କରୁଛି, ଏଇ ମୋର କର୍ମ ।

ଅନ୍ନପୂର୍ଣ୍ଣା—ଭଲ ହେଲା । ଶେଷ କାଳକୁ ଉତ୍ତମ କର୍ମରେ ନିଯୁକ୍ତ ହେଲ । ପ୍ରାଣର ଗୌରବ ବଢ଼ିଲା ।

ବଡ଼ ବାପା—ମୋତେ କ୍ଷୁଧା ଲାଗୁଅଛି, ଭୋଜନର ଆୟୋଜନ କର, ମାଂସ ରାନ୍ଧ । (ରନ୍ଧନ ଉତ୍ତାରୁ) ଆନନ୍ଦରେ ଭୋଜନ କଲି, ଅତି ସନ୍ତୁଷ୍ଟ, ବଇଁଣା ପକାଇଦେଲେ ଅଳ୍ପ ନିଦ୍ରାଯିବି ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ନିଦ୍ରା କରିବାରୁ ପଦ ସେବାକଲି ।

[ଏଥି ଉତ୍ତାରୁ ମୁଁ ଗୋଟିଏ ବଗିଚାକୁ ଆସିଲି—ସେ ଗୃହରେ ଗୋଟିଏ ରକ୍ତ ସରୋବର ହୋଇଅଛି । ତାହା ମୋ ରକ୍ତରୁ ଜାତ । ବଗିଚ ମଣି ବହିର୍ଭାଗ ଗଲି । ସେଠି ଗୋଟିଏ ସାହିଅଛି । ଜଣେ ସ୍ତ୍ରୀ ଲୋକ ବର୍ଷକର ଶିଶୁ ପୁଅକୁ କ୍ଷୀର ପାନ କରାଉଛି । ପିଲାଟି ମୋତେ ଦେଖି କ୍ଷୀର ପାନ ଛାଡ଼ି ମୋ ପାଖକୁ ଆସିଲା । ଏହା ଦେଖି ତାର ମା, ପିଲାଟି କାହିଁଗଲା ଭାବି ଧାଇଁ ଆସିଲା—ଦେଖିଲା ପିଲାଟି ମୋ କାଖରେ । ମୋଠୁ ସ୍ନେହ ପାଇ ତାର ମାକୁ ସେ ଭୁଲିଯାଇଛି । ଏପରି ଚମତ୍କାର ଭାବ ଦେଖି ଶିଶୁ ପୁଅଟିର ମା, ମୋତେ ତାଙ୍କ ଘରକୁ ଡ଼ାକିନେଲେ, ମୋର ପରିଚୟ ଲୋଡ଼ିଲେ ବଡ଼ ଆଦର କଲେ । ଏହି ସମୟରେ ମୋତେ ଶୁଣାଗଲା ଯେ ମୋ ଝିଅଟି କାନ୍ଦୁଛି, ତାକୁ ନେଇ ଆସିଲି, ଦୁଇଜଣଙ୍କୁ ଦୁଇ କାଖରେ ଧରିଲି—ଝିଅକୁ ବୁଝାଇଦେଲି, ଏ ତୋର ଭାଇ, ପରସ୍ପରରେ ସ୍ନେହ ରଖ—ଏମିତି ଅବସ୍ଥା ଦେଖି ପିଲାଟିର ମା କହିଲେ, ପୁଅକୁ ତୁମେ ନେଇଯାଅ, ତାର ଇଚ୍ଛା ଯେବେ ହେବ ସେ ଆମ୍ଭଠାକୁ ଫେରି ଆସିବ । ସମସ୍ତଙ୍କୁ ଧରି ଘରକୁ ଫେରିଲି ।

ଯେଉଁ ବଗିଚାରେ ରକ୍ତ ସରୋବର ଥିଲା ସେଠାକୁ ଯାଇ ଦେଖିଲା ବେଳକୁ ତହିଁରେ ଗୋଟିଏ ଦିବ୍ୟ ସୁନ୍ଦର ପଦ୍ମଫୁଲ ଫୁଟିଅଛି । ଆଶ୍ଚର୍ଯ୍ୟ ମଣିଲି – ଆନନ୍ଦ ବି ଜାତହେଲା । ଏ କଣ ? ଚିନ୍ତିତ ଥିବା ସମୟରେ ଶ୍ରୀଯୁକ୍ତ ଫକୀରମୋହନ ସେନାପତି ମହାଶୟ ପ୍ରବେଶ କଲେ ।]

ଅନ୍ନପୂର୍ଣ୍ଣା—ଆହା ମୋର କି ଭାଗ୍ୟ ! ବହୁ ଦିନରୁ ମୋର ଏହି ଆଶା ଥିଲା, ଆଜ ପରମେଶ୍ୱର ତାହା ପୂର୍ଣ୍ଣକଲେ—କବି ସାଷ୍ଟାଙ୍ଗ ପ୍ରଣାମ କଲି ।

ଫକୀରମୋହନ—ଆଶୀର୍ବାଦ କରୁଛି । ତୋତେ ଦେଖିବାକୁ ଅନେକ ଦିନରୁ ଇଚ୍ଛା ଥିଲା, ତୁ ତ ଆସିଲୁ ନାହିଁ । ମୋର ବି ଶେଷ ସମୟ ଦେଖୁ ଦେଖୁ ପହଞ୍ଚିଗଲାଣି । ନିଜେ ଯାଇ ମୋର ଆଶା ତୃପ୍ତି କରି

Digitized by srujanika@gmail.com

ଆସିବ ବୋଲି ଖବର ବାହାର ଆସିଲା । କେତେ ଆନନ୍ଦ ! ମୋର ଗୋଟିଏ ପୁଷ୍ପ ଉଦ୍ୟାନ ଅଛି । ତୋତେ ନେଇ ସେ ଉଦ୍ୟାନରେ ବୁଲାଇ ସମସ୍ତ ଦୃଶ୍ୟ ଦେଖାନ୍ତି; ସେମାନଙ୍କର ଶୋଭା ତୋ ହାତରେ ଲେଖାଇ, ଷୁଦ୍ର କ ଘର୍ଷ ହେଉ ପଛେ ତୋ ଲେଖାକୁ ପୁସ୍ତକା ଆକାରରେ ଛପାଇବାକୁ ଇଚ୍ଛାଥିଲା । ନଜେ ବାହାର ଆସିଲି— କାହିଁ କପି ତିଆରି କର ।

ଅନ୍ନପୂର୍ଣ୍ଣା—ମୋର ଏତେ ସୁଯୋଗ କାହିଁ ? ମୁଁ ବ ସେପରି ଚନ୍ତାରେ ସର୍ବଦା ଥାଏ । ମୋର ଅବସ୍ଥା କେବେ ମୋତେ ଥିବା ସ୍ଥାନରୁ ଘୁଞ୍ଚାଇ ଦେଉନାହିଁ । କପି ତିଆରି କରିଦେଲି ।

ଫକୀରମୋହନ—ରାନ୍ଧିବା ପାଇଁ ଯାଅ ।

ଅନ୍ନପୂର୍ଣ୍ଣା—କଣ ରାନ୍ଧିବ ଅନୁଗ୍ରହ ପୂର୍ବକ ଆପଣଙ୍କ ରୁଚି କହନ୍ତୁ ।

ଫକୀରମୋହନ—ଆମିଷ ଛଡ଼ା ଯାହା ଇଚ୍ଛା ତାହା ରାନ୍ଧିପାର ।

ଅନ୍ନପୂର୍ଣ୍ଣା—ମହାଶୟ ! ଆଜ ଗୋଟିଏ ବଚତ୍ର ଦୃଶ୍ୟ ଦେଖିଲି—କାହାକୁ ପଗ୍ଗରବ ବୋଲି ଭାବଥିଲି, ମୋର ମଂଗଳ ସ୍ୱରୂପ ଆପଣ ଆସିଛନ୍ତି । ଆସନ୍ତୁ ଦୃଶ୍ୟଟି ଦେଖାଇବି, ମୋର ସନ୍ଦେହ ନବାରଣ କରିବେ ।

ଫକୀରମୋହନ – ଚାଲିଯିବା ।

ଅନ୍ନପୂର୍ଣ୍ଣା—ଫକୀରମୋହନଙ୍କୁ ନେଇ ରକ୍ତ ସରୋବର ଦେଖାଇଲି ।

ଫକୀରମୋହନ—ଏହି ପୁଷ୍ପ ନାମ ଜାଈପୁ ସୁମନ—ରକ୍ତ କାହୁଁ ଆସିଲା ?

ଅନ୍ନପୂର୍ଣ୍ଣା—ମୋ ଦେହର ରକ୍ତ ।

ଫକୀରମୋହନ—ବନା ସ୍ତ୍ରୀ ରକ୍ତ ନ ହେଲେ ଜାଈପୁ ସୁମନ କାହୁଁ ଫୁଟିବ । ଖୁବ୍ ନର୍ମଳ ତୋର ମନ ।

ଅନ୍ନପୂର୍ଣ୍ଣା—ଏପରି ସ୍ତ୍ରୀ ରକ୍ତ ବହିଲେ ଜାତୀପୁ ସୁମନ ଫୁଟେ କ ?

ଫକୀରମୋହନ—ନାହିଁ, ନାହିଁ । ରକ୍ତ ଆକାରରେ ଦିଶୁଛି ସତ—ଏ ମାତୃଦେବୀଙ୍କର ଶାନ୍ତ ଉଦକ । ଏପରି ଶାନ୍ତ ଜଗତରେ ଉପୁଜିଲେ ଜାଈପୁ ସୁମନ ଫୁଟିବ । ଶାନ୍ତ ହେଲେ ଏକଣ ଆସିବେ । ଏକତାରୁ ଜାଈପୁ ସୁମନର ଉତ୍ପତ୍ତି ଘଟିବ । ଏତେ ସଭ୍ୟ ସମିତି ଲୋକମାନେ

Digitized by srujanika@gmail.com

କରି କଣ କଲେ ? ତୁ ଗୃହ କୋଣରେ ଥାଇ ମାନସିକ ନିର୍ମଳତା ଓ ଦୃଢ଼ତା ଯୋଗୁଁ କିପରି କରିଅଛୁ ନିଦର୍ଶନ ଦେଖ ।

ଅନ୍ନପୂର୍ଣ୍ଣା—ଯାହା ହେଉ, ଏ ସବୁ ହେଉଛି କେବଳ ଆପଣଙ୍କ ଆଶୀର୍ବାଦର ଫଳ । ଆପଣ ମୋତେ ଉତ୍ସାହ ଦେଇ ଆସୁଛନ୍ତି—ତାହା ମୋର ଜ୍ଞାନ ବୃଦ୍ଧିର କାରଣ ହେଉଛି ।

ଫକୀରମୋହନ—ହଁ, ହେଇପାରେ । ଜଣେ ବୃଦ୍ଧର ଅନ୍ତରାତ୍ମା ଯେବେ ସନ୍ତୋଷ ଲଭେ, ସମସ୍ତେ ଆନନ୍ଦ ପାଆନ୍ତି । ତୁମେ ରାନ୍ଧିବାକୁ ଯାଅ—ମୁଁ ଯାଉଛି ଏଇ ବିଚିତ୍ର ଦୃଶ୍ୟ ଦେଖିବାକୁ ମୋର କେତେକ ବନ୍ଧୁଙ୍କୁ ଡାକି ଆଣିବି ।

[ପ୍ରାୟ ଶହେ ଜଣଙ୍କୁ ଡାକି ଆଣିଲେ—ସେମାନଙ୍କୁ ଦେଖାଇ ଦେଲେ, ଦେଖୁଛ କି ବିଚିତ୍ର ଘଟଣା ! ଆମ୍ଭେମାନେ ଏହାକୁ ଉତ୍ସାହ ନ ଦେଲେ ସୁଦ୍ଧା, ତାର ମନ ତାକୁ ବଡ଼ କରିଛି; ଯାହା ଭାଗ୍ୟରେ ଥିବ, ତାହା ଅବଶ୍ୟ ହେବ । ଯେ ଯାହାକୁ ହତାଦର କରିଥିବ କିଂବା ହତୋତ୍ସାହ ଦେଖାଇଥିବ ତାହା କାଳ କାଳକୁ ରହିଯିବ ସିନା; କାହାରି ଭାଗ୍ୟ ଓ ପ୍ରତିଭାକୁ ଭାଙ୍ଗିପାରିବକି ? ଆମ୍ଭେ କେହି ସାମାନ୍ୟ ସହାନୁଭୂତି ଦେଖାଇଥିଲେ ଏହାର ଅବସ୍ଥା ବଦଳିଯାଇଥାନ୍ତା—ତଥାପି ତାର ଭାଗ୍ୟ ଓ ପ୍ରତିଭା ତାକୁ ବଦଳେଇଛି—ଆପଣମାନେ ଠିକ୍ ଏହା ପ୍ରତି ସହାନୁଭୂତି ଦେଖାଉଥିବେ ।]

ସମବେତ ଆଗନ୍ତୁକ ଗଣ—ଏ କି ବିଚିତ୍ର ! ଏ ରକ୍ତ କଅଣ ? ଏ ପୁଷ୍ପ କଅଣ ?

ଫକୀରମୋହନ—ଜାଣିପୁ ସୁମନ ଫୁଟିଲା; ବିଚିତ୍ର କଅଣ ?

ଆଗନ୍ତୁକଗଣ—ବିଚିତ୍ର ଏ ଘଟଣା, ଆମେ ଯାହା ଆଜ ସୁଦ୍ଧା ଚେଷ୍ଟା କରୁଛ, ତାହା କିଛି ହେଲନାହିଁ ।

ଫକୀରମୋହନ—ତୁମେ କି ଚେଷ୍ଟା କରୁଛ—ଗ୍ରାମଦେଶ ବୁଲି ଖାଲି ଭାଷଣ ଦେଲେ ଜାଣିପୁ ବିକାଶ ହେଇଯିବ କି ? ଏହାର (ଅନ୍ନପୂର୍ଣ୍ଣା) ଉଦ୍ୟମର ନିଷ୍ଠା ତାକୁ ପ୍ରକୃତ ଭାବ କ୍ଷେତ୍ରରେ ପହଂଚାଇଛି ।

Digitized by srujanika@gmail.com

ଆଗନ୍ତୁକଗଣ—ଅନ୍ତରର ସତ୍ୱିତ ଧନ୍ୟବାଦ ଦେଉଛୁଁ—ଏପରି ଶାନ୍ତି ଉତ୍ପାଦନ ପାଇଁ ଚେଷ୍ଟାକର ।

ଅନ୍ନପୂର୍ଣ୍ଣା—ରନ୍ଧା ଶେଷହେଲା—ଗରମ ଜଳରେ ସ୍ନାନାନ୍ତେ ଭୋଜନ ପରିବେଷଣ ପାଇଁ ଜାଗ୍ରତ ହେଲା—ଆଜ ସେ ଖୁବ୍ ଆନନ୍ଦରେ ଭୋଜନ କଲେ ।

ଫକୀରମୋହନ—ଓହୋ ! ଛ'ମାସକୁ ଏବେ ଭୋଜନ କଲି—ଏ ପର୍ଯ୍ୟନ୍ତ କେବଳ ଅଳ୍ପ ଅଳ୍ପ ଅନ୍ନ, ଦୁଧ ମୁଢି ଖାଉଥିଲି—ଆଜ ତୃପ୍ତିରେ ଭୋଜନ କଲି—ବିଛଣା ପକାଅ, ନିଦ୍ରା କରିବି ।

ଅନ୍ନପୂର୍ଣ୍ଣା – ନିଦ୍ରା ସମୟରେ ପଦ ମଂଚୁଳିବାକୁ ବସିଲା ।

ଫକୀରମୋହନ—ମୋର ଏପରି ଆନନ୍ଦ ହେଉଛି ଯେ ତୋ ଗୃହରେ ଦଶଦିନ ରହିବି, ତୋର କଥା ମୁଁ ଜାଣିଛି, ମୋର କଥା ତୁ ଜାଣୁ । ମାତ୍ର ମୋର କଥାଟି ତୁ ରଖିଲେ ତୋର ଗୃହରେ ମୁଁ ଆନନ୍ଦରେ ଦଶ ଦିନ ରହିପିବି ।

ଅନ୍ନପୂର୍ଣ୍ଣା—ସ୍ୱୀକାର କରିବି ।

[କିଛି ସମୟ ବିରତି ପରେ ଅନ୍ନପୂର୍ଣ୍ଣା, ଆପଣା କନ୍ୟାକୁ ତାଙ୍କ କୋଳରେ ଦେଲେ—ଫକୀରମୋହନ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କଲେ—ତୋ ଠାରୁ ତୋର କନ୍ୟା ଶତ ଗୁଣରେ ଗୁଣବତୀ ହେଉ । ଜାତିପ୍ର ଗୌରବ ରକ୍ଷାକରୁ ।]

ଫକୀରମୋହନଙ୍କ ଉଦ୍ଦେଶ୍ୟରେ ଅନ୍ନପୂର୍ଣ୍ଣା ଏହି ସ୍ୱପ୍ନର ଶେଷାଂଶରେ ଲେଖି ରଖିଥିଲେ—"ମୁଁ ଏପରି ଶତ ଶତ ସୁସ୍ୱପ୍ନ ଦେଖି କେତେ ଲେଖି ପକାଏଁ । ଆପଣଙ୍କ ପ୍ରତିମୂର୍ତ୍ତି ମୁଁ ଅନେକ ଥର ଦେଖି କଥା ହୁଏ । କଥା ହେଉଥିଲେ ସୁଦ୍ଧା ଆଜ ଏହି ସ୍ୱପ୍ନଟି ପଠାଇବାକୁ ଇଚ୍ଛାକଲି । ସ୍ୱପ୍ନ ମୁଁ କାହାକୁ ଦେଖାଏ ନାହିଁ କିବା କହେ ନାହିଁ, ସ୍ୱାମୀଙ୍କି କହିଦିଏ । ଲେଖି ଜାଗ୍ରତରେ ମାତ୍ର ରଖୁଅଛି । ସ୍ୱପ୍ନ ଦ୍ୱାରା ଜୀବନ ବଡ଼ ଶାନ୍ତି ଲାଭ କରୁଅଛି, ଅଭାବ ବା ସନ୍ଦେହ କିଛି ରହୁନାହିଁ" । ଇତି ।

ଅନ୍ନପୂର୍ଣ୍ଣା

Digitized by srujanika@gmail.com

୩ । ଋଷିପୁତ୍ର, ଶଙ୍ଖଚିଲ ଓ ଅନ୍ନପୂର୍ଣ୍ଣା

ସ୍ୱପ୍ନ ଦର୍ଶନ—୩୧-୧୨-୧୯୧୨

ଗୋଟିଏ ସୁନ୍ଦର ଗୃହ । ଗୋଟିଏ ଋଷି ପୁତ୍ର ୨୦ ବର୍ଷ ବୟସ; ତେଜସ୍ୱୀ ଜଣେ ଉକ୍ତ ଗୃହରେ ପ୍ରବେଶ ହେଲେ । ତାଙ୍କ ସହିତ ଦୁଇ ଗୋଟି ଶଙ୍ଖଚିଲ ଅଛନ୍ତି । ଗୃହର କବାଟ ବନ୍ଦଥିଲା । ଉକ୍ତ ଋଷି କହୁଛନ୍ତି ତୁମ ନିମନ୍ତ୍ରଣରେ ମୁଁ ଦ୍ୱାରସ୍ଥ ହୋଇଛି । ଅନୁଗ୍ରହ ପୂର୍ବକ ଦ୍ୱାର ଖୋଲିକର, ଦ୍ୱାର ଖୋଲାହେଲା । ତାଙ୍କ ସହିତ ଅନ୍ନପୂର୍ଣ୍ଣା ମଧ୍ୟ ପ୍ରବେଶ କଲେ, ଉକ୍ତ ଗୃହରେ ଜଣେ ବୃଦ୍ଧ ତପସ୍ୱୀ ଥିଲେ । ବୃଦ୍ଧ ବଡ଼ ବ୍ୟସ୍ତରେ ଥିଲେ । ତାଙ୍କୁ ଏହି ବ୍ୟକ୍ତି ସାଷ୍ଟାଙ୍ଗ ଦଣ୍ଡ ପ୍ରଣାମ କଲେ । ଚିଲ ଦୁଇଟି ମଧ୍ୟ । ସେ ଏମାନଙ୍କୁ ବହୁ ସନ୍ତୋଷରେ ଆଲିଙ୍ଗନ କରି ଆସନ ଦେଲେ ତାଙ୍କର କାର୍ଯ୍ୟାବଳୀ ସବୁ ବୁଝାଇ କହିଲେ । ବାଳକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ, ଗରିବ ଭାଗ୍ୟବାନ ଅବସ୍ଥା, ଧାତୁ, ଶସ୍ୟ ବା କୀଟ, ପତଙ୍ଗ ସଂସାରର ହାଲଚାଲ ରୂପଗୁଣ ଜଗତର ସବୁ ଘଟଣା ସହିତ ବୁଝାଇ କହିଲେ । ଏବେ ଦେଖ ତୁମକୁ ଏହା କହିବାକୁ ମତେ ୩ ଦିନ ହେଲା । ଏସବୁ ଭାର ତୁମକୁ ବହନ କରିବାକୁ ହେବ । ସୁନା, ରୂପା, ଧାତୁ, ତଳରେ ନେଲେ-- ପକ୍ଷୀ ନିକଟ, ମାନବର ସମୟ-ଧାତୁ, ମାନବର କାର୍ଯ୍ୟ ରୂପ ଫଳ— ପକ୍ଷୀଟି ଅନ୍ନପୂର୍ଣ୍ଣା, ବଡ଼ ଆଦର କରି ରହସ୍ୟରେ ସବୁ କହୁଥିଲା— ଏମାନେ ଏପରି କଥା ଭାଷା ହେଉଥିବା ସମୟରେ ପକ୍ଷୀ ଦୁଇଗୋଟି ପଚାରିଲେ ତୁମେ କଏସେ କୁଆଡ଼େ ଆସିଲ—

ଅନ୍ନପୂର୍ଣ୍ଣା—ତୁମକୁ ଦେଖିଲତ, କସ ବଚନ ଏ ବୋଲି ଆସିଲି—ମୁଁ ଗୋଟିଏ ସ୍ତ୍ରୀ ଲୋକ କେବଳ ଅଟେ ।

ପକ୍ଷୀ—ଭଲ ହେଲା—ତୁମେ ତେବେ ଅନୁସନ୍ଧାନ କରୁଅଛ । କୋହିଲେ କାହିଁକି ଆସନ୍ତ । ଅବଶ୍ୟ ତୁମକୁ ସବୁ କହିବୁ । ବୃଦ୍ଧ ପୁରାତନ

Digitized by srujanika@gmail.com

ସମ୍ବତ୍ସର, ବାକ୍ସ ନୂତନ ସମ୍ବତ୍ସର ଆମେମାନେ ଜଗୁଆଳ—ଆମେ ନଥିଲେ ଏମାନଙ୍କ ଚଳିପାରିବେ ନାହିଁ ।

ଅନ୍ନପୂର୍ଣ୍ଣା—ଏସବୁ ଏମାନଙ୍କୁ କାହିଁକି ଦେଉଛନ୍ତି ।

ପକ୍ଷୀ—ସବୁ ଓଜନ ଦେଖିବାକୁ ।

ଅନ୍ନପୂର୍ଣ୍ଣା—ଏସବୁ ଓଜନ ଦେଖିବା ଆବଶ୍ୟକ କଣ ?

ପକ୍ଷୀ—ଯାହା ଦୃଷ୍ଟିଗୋଚର ହୁଏ ତାହା ମାନବର କର୍ମ—ନକଣ୍ଠ କେବଳ ମାନବର ସମସ୍ତ ଅଟେ ।

ଅନ୍ନପୂର୍ଣ୍ଣା—ଏମାନେ କେଉଁଠାକୁ ଯିବେ ?

ପକ୍ଷୀ—ଦେଖିବ ଥାଅ—ଏଥିରୁ ଜଣେ (ବୃଦ୍ଧ) କେଉଁଠାକୁ ଯିବେ ? କେଉଁ ପର ନିର୍ଜନ ସ୍ଥାନରେ ନିଦ୍ରାଯିବେ ? ମୋ ସହିତ ଆସିଲେ ଏସବୁ ଦେଖିବ ।

ଅନ୍ନପୂର୍ଣ୍ଣା— ହେଉ ।

ବୃଦ୍ଧ—ସବୁ ବସ୍ତୁ ଓ ବିଷୟ ଚଢ଼ାଇବା ଉତାରୁ ଗୋଟିଏ ରୌପ୍ୟ ନିର୍ମିତ ବସ୍ତୁ ବିଆଗଲା, ଖୁବ୍ ଦାଡ଼ ହୋଇଅଛି ।

ବ୍ୟକ୍ତି—ଏହା କଣ କରିବ ?

ବୃଦ୍ଧ—ଏଥିରେ ଏକା ମାନବର ସତ୍ୟାସତ୍ୟ ଜଣାଯିବ—ଯେଉଁମାନେ ସତ୍ୟରେ ଚଳିବେ ଏଥିରେ ଗୃହିବେ ? ଯେ ଅନ୍ୟଥା ଆଚରିବ ଏଥିରୁ ଦୂର ହେବ । ମିତ୍ର ଅମିତ୍ର ଜାଣିବା ପାଇଁ କେତେ ଖଣ୍ଡ ଚଟିଦେଲେ । ଉକ୍ତ ଗୃହରେ ଏକ ପୁଷ୍କରଣୀ ଅଛି, ଗୃର ଭୁଠ—ଏକ ସୁନା, ରୁପା, ମାଟି, ରକ୍ତ, ଏପରି ଗୃର ଭୁଠ ।

ବୃଦ୍ଧ—ଗୃର ତୋଠରେ ସ୍ନାନ କଲେ— ସ୍ନାନ ସମୟରେ ତୋଠ ବର୍ଣ୍ଣରେ ଗୃର ପ୍ରକାର ସ୍ତ୍ରୀ ଜାତ ହୋଇ ଯେଉଁ ତୋଠରେ ଇଚ୍ଛା ସ୍ନାନକଲେ । ସ୍ନାନ ଉତାରୁ ସେମାନେ ସେଠାରେ ଲୀନ ହେଲେ । ଉକ୍ତ ଗୃହରେ ଗୋଟିଏ ସିଂହାସନରେ ବସିଲେ । ସିଂହାସନରୁ ଏକ ସ୍ତ୍ରୀ (ସୁବର୍ଣ୍ଣ ରୁପା) ବାହାରି ଆସି ତାଙ୍କୁ ପୋଛିପୋଛି କରିଦେଲ, ବସିଲେ ।

Digitized by srujanika@gmail.com

ତାପରେ ଲୀନ ହୋଇଗଲା—ଆଉ ଜଣେ ସ୍ତ୍ରୀ ବାହାର ଆସି ତାଙ୍କୁ ବସ୍ତ୍ର ପିନ୍ଧାଇଲା, ସେ ବ ଲୀନହେଲା । ଆଉ ଗୋଟିଏ ସିଂହାସନରେ ବସିଲେ । ଆଉ ଗେ ଟିଏ ସ୍ତ୍ରୀ ବାହାର ଆସି ଖାଦ୍ୟ ପଦାର୍ଥ ଦେଲେ । ସେ ମଧ୍ୟ ଲୀନ ହେଲେ । ଏଥି ଉତ୍ତାରୁ ବୃଦ୍ଧ ବଦାୟ ମାଗିଲେ । ବଦାୟ ଉପଲକ୍ଷେ ବୃଦ୍ଧ ଏକ ଗୀତ ଗାଇଲେ ।

ଯୁବକ—ଘର ବନ୍ଧନ ସମ୍ବନ୍ଧେ ଏ ଗୀତ ଗାଇଲେ ।

ବୃଦ୍ଧ—ତୁମକୁ କେତେବେଳେ ହେଲେ ନଦ୍ରା କରିବାକୁ ହେବନାହିଁ । କପଟ ପତଙ୍ଗ ଠାରୁ ମନୁଷ୍ୟ ପର୍ଯ୍ୟନ୍ତ ଆଉର ସମସ୍ତ ଦୃଷ୍ଟିଗୋଚର ପଦାର୍ଥ, ସବୁ ସମଭାବରେ ସେ ଯାହାକୁ ଯୋଗ୍ୟ ଆସନ ଦେଇ ବ୍ୟବହାର ଦେଖିବାକୁ ହେବ । ଏସବୁ ଏବ ବର୍ଷ ଦେଖି ତାପରେ ନଦ୍ରାକୁ ଯିବ । ଯିବା ସମୟରେ ଗୋଟିଏ ଶଙ୍ଖଚିଲ ତ ଙ୍କ ସଙ୍ଗରେ ଗଲା । ଅନ୍ୟଟି ଯୁବକ ପ.ଖରେ ରହିଲା ।

ଅନ୍ନପୂର୍ଣ୍ଣା—ତାଙ୍କ ସଙ୍ଗେ ଗଲେ ।

ଗୋଟିଏ ନର୍ଜନ ସ୍ଥାନରେ ଏକ ସୁନ୍ଦର ଗୃହ । ଗୃହପାଖ ବଣ, ଦ୍ୱାରସ୍ଥ ହେବା ମାତ୍ରେ ୭ ଗୋଟି ସ୍ତ୍ରୀ ଆସି ଏହାଙ୍କୁ ପାଛୋଟି ନେଇ ଦବ୍ୟ ଆସନ ଓ ପଲଙ୍କରେ ନଦ୍ରା କରାଇଲେ । ନେବା ସମୟରେ ନାନା ପ୍ରକାର ଗୀତ ଗାୟନ; ଯନ୍ତ୍ର ବାଦନ ହେଉଥିଲା, ଚିଲଟି ମସ୍ତକ ପାଖରେ ବସିଲା । ବାକ ସ୍ତ୍ରୀ ଗୁଡ଼ିକ ତାଙ୍କ ସେବାରେ ଲାଗିଲେ ।

ପକ୍ଷୀ—ଏଥର ତୁମେ ଯାଅ, ସବୁତ ଦେଖିଲ, ଏଥର ଏ ଗୃହ ଦ୍ୱାର ମ ନ ତାର ସେ ବନ୍ଦ ହୋଇଯିବ । ତୁମେ ଆଉ ଯାଇପାରିବ ନାହିଁ ।

ଅନ୍ନପୂର୍ଣ୍ଣା —ମୁଁ ପଥ ଦେଖିନାହିଁ, କପରି ଯିବ ?

ପକ୍ଷୀ—ଏହାଙ୍କ ଆସିବା ପଥରେ ଗୋଟିଏ ପୁଷ୍ପ ଫୁଟିଥିବ ଦେଖି ଦେଖି ଯିବ । ପୁଷ୍ପ ରୂପ ହଳଦିଆ ରଙ୍ଗ । ବଦାୟ ନେଇ ଦ୍ୱାର ପାଖରୁ ଆସିବା କ୍ଷଣି ଧଡ଼ ଧଡ଼ ହୋଇ କବାଟ ବନ୍ଦ ହୋଇଗଲା, ପୁଷ୍ପ ସେପରି ଫୁଟିଛି ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ଦେଖି ଦେଖି ଯେଉଁ ସ୍ଥାନରୁ ବାହାରିଥିଲି ସେଠାରେ ଉପସ୍ଥିତ ହେଲି ।

ଯୁବକ —ତାଙ୍କ କାର୍ଯ୍ୟରେ ସେ ବ୍ୟସ୍ତ ଅଛନ୍ତି ।

ଅନ୍ନପୂର୍ଣ୍ଣା—ପୁରାତନ ବର୍ଷ ତ୍ୟାଗକଲି । ଆପଣଙ୍କ ଅଧୀନ ହେଲି । ଆପଣ ଆମ୍ଭମାନଙ୍କର ଭାର ଗ୍ରହଣ କରି, ଆମକୁ ଉତ୍ତମ ରୂପେ ପାଳନ କରିବେ ।

ଯୁବକ—କେତେ ସାହସରେ କଥା କହୁଛି, ଏ କଏସେ ?

ଅନ୍ନପୂର୍ଣ୍ଣା—ଆପଣ ତ ସକଳ ଭାର ବହନ କରିଛନ୍ତି । ଆପଣଙ୍କ ତୁଲେ କଥା ନହେଲେ ଆଉ କାହା ତୁଲେ କଥା ହେବୁ ? କାର୍ଯ୍ୟ ଶେଷରେ ଆମ୍ଭ ପ୍ରତି ସନ୍ତୁଷ୍ଟ ହୁଅ । ତୁମ ଉଭୟ ଲୋକର କଥା ଭାଷା ସବୁ ମୁଁ ଶୁଣିଛି ।

ଯୁବକ —ଆମର କଥା କଏ ସେ ଶୁଣେ ନାହିଁ । ବଡ଼ ଆଶ୍ଚର୍ଯ୍ୟ- ବିଷୟ ତୁମେ ଶୁଣିଲ । ବଡ଼ ସନ୍ତୋଷ ହେଲି । ତୁମ ପ୍ରତି ସନ୍ତୁଷ୍ଟ ହେଲି । ମୋର କାର୍ଯ୍ୟ କାଳ ତକ ତୁମ ପ୍ରତି ସନ୍ତୁଷ୍ଟ ଥିବ । ଅନୁଗ୍ରହ ରଖିବ ।
ନବ୍ରାଭଙ୍ଗ—ସ୍ତ୍ରୀମାନେ ନୃତ୍ୟକଲା ସମୟରେ ଚଲ ମଧ୍ୟ ନୃତ୍ୟ କରୁଥିଲା ।

●

Digitized by srujanika@gmail.com

୪ । ତାରା ଓ ଅନ୍ନପୂର୍ଣ୍ଣା

ସ୍ୱପ୍ନ ଦିବସ—୧-୭-୧୯୧୪

ଗୋଟିଏ ସରୋବର—ଦୃଶ୍ୟ ଦିବା ସମସ୍ତ ମଧ୍ୟାହ୍ନ ୩।୪ ଘଣ୍ଟା ସମସ୍ତ ପରି ବୋଧ ହେଉଥିଲା । ଜଳରେ ମୁଁ ସନ୍ତରଣ କରି ଗୋଟିଏ ତଟରେ ଲଗିଲି । ତଟରେ ଉଚ୍ଚହୋଇ ମୋ ଶରୀର ପୋଛୁଥିଲି । ଏମନ୍ତ ସମୟରେ ଆକାଶରୁ ତାରା ଦୁଇ ଗୋଟି ଖସି ଜଳରେ ସନ୍ତରଣ କରିବା ଦେଖିଲି । ତାରା ଆକାରକୁ ସରୋବରର ସ୍ଥାନ ହେଉ ନାହିଁ ।

ମନର ବିଗ୍ଭର—ଆକାଶରେ ତାରା ଗୁଡ଼ିକ କେଡ଼େ କ୍ଷୁଦ୍ର ଦେଖାଯାନ୍ତି । ସମୀପରେ କେଡ଼େ ଖଦ୍ୱକାୟ—ତାରା ଗୁଡ଼ିକ ଖଣ୍ଡିଏ ଖଣ୍ଡିଏ ଭୂମି ବୋଲି ଯାହା କହୁଥାନ୍ତି ତାହା ଠିକ୍ ହୋଇପାରେ । ମାନବପରି କ୍ଷୁଦ୍ର ପ୍ରାଣୀଙ୍କୁ ତାହା ଦୂର, ପ୍ରତ୍ୟ ତାରା କ୍ଷୁଦ୍ରପରି ଦୃଶ୍ୟ ହେବା ପ୍ରାଣର ସ୍ୱାଭାବିକ ହେଲେ ମଧ୍ୟ ଗୋଟିଏ ଗୋଟିଏ ତାରା ସମସ୍ତ ସମୟରେ ଛୁଡ଼ିପଡ଼ନ୍ତି; ତାର କଅଣ ?

ତାରାମାନେ—ଯାହା ତୁମ୍ଭେ ମନରେ ଭାବନା କଲ ଆମ୍ଭେ ତାହା ସମସ୍ତ ଜାଣିପାରିଛୁ । ଆମ୍ଭେମାନେ ପୃଥିବୀ, ଖଣ୍ଡିଏ ଖଣ୍ଡିଏ ଏକା ଯାହା ଛୁଡ଼ିଯିବାର ବିଗ୍ଭର କଲ ତାହା ପର୍ବତ, ପର୍ବତ ଯେପରି ଲଗି ଲଗି ଥାଏ ସେପରି ଆମ୍ଭେମାନେ ଲଗିଲଗି ଥିବାରୁ ହଠାତ୍ ନିତାନ୍ତ ତଟ ପାର୍ଶ୍ୱରେ ଯେଉଁଠି ଲୋକମାନେ ସମସ୍ତ—ବିଶେଷ ଛୁଡ଼ି ଯିବାର ବୋଲନ୍ତେ, ତାହାର ଅର୍ଥ ଆମ୍ଭେ କ୍ଷୀଣ ହୋଇଯାଇ ଖସିପଡ଼ୁଁ । ସେପରି ଆମ୍ଭେ ଦୁଇଟି ଖସିଗଲୁ ।

ଅନ୍ନପୂର୍ଣ୍ଣା—ମୁଁ କେଡ଼େ ଆନନ୍ଦ ହେଲି ତୁମ୍ଭର ଦର୍ଶନ ଲାଭରେ ମୋର ଜୀବନ ସାର୍ଥକ ହୋଇଅଛି । ବର୍ତ୍ତମାନ ତୁମେ କୁଆଡ଼େ ଯିବ ? କଣ କରିବ ?

Digitized by srujanika@gmail.com

ତାରା—ଦେଖ ଆମ୍ଭେମାନେ କଣ କରୁଛୁ ?

ଅନ୍ନପୂର୍ଣ୍ଣା—ହେଉ ତୁମ୍ଭେମାନେ ଶେଷ କିଂବା ଅନ୍ତର୍ଦ୍ଧାନ ହେବା ପର୍ଯ୍ୟନ୍ତ ମୁଁ ନିରୀକ୍ଷଣ କରି ରହିଥିବି ।

ତାରା—ଆମ୍ଭେମାନେ ଏହି ପୃଥିବୀରେ ସ୍ତ୍ରୀ ପୁରୁଷ, କପରି ଭାବରେ ଅଛନ୍ତି ଦେଖିବାକୁ ଅଭିଳାଷ କରି ଆସିଛୁଁ ।

ଅନ୍ନପୂର୍ଣ୍ଣା—ପୁରୁଷମାନଙ୍କର କଣ ହେଲେ ଦେଖିପାରିବ ମାତ୍ର ସ୍ତ୍ରୀମାନଙ୍କର ଅବସ୍ଥା କଅଣ ଦେଖିବ ? ସେମାନଙ୍କ ପରି କଷ୍ଟୀ ଜୀବନ ବା କାହିଁ ? ସେମାନେ ପୁରୁଷ ଦୃଷ୍ଟିରେ ଯେପରି ଘୃଣ୍ୟ ବସ୍ତୁ ହୋଇଛନ୍ତି ତାହା ବର୍ଣ୍ଣନାତୀତ ।

ତାରା—ସ୍ତ୍ରୀମାନଙ୍କର କଥା ତୁମେ କହିଲ । ଏବେ ଦେଖନ୍ତୁ—ଗୁଣ୍ଡଲରେ ଏକ ସେର ପାଣି ଢ଼ାଳି ଶପୁଡ଼ିଲେ ତାହା ବାହାର ହେବ କି ? ସେଠରେ ଗୁଣ୍ଡଲରେ ଦୁଇ ସେର ପାଣି ଢ଼ାଳି ଧୋଇଲେ ପାଣି ନିଗିଡ଼ିବ କି ନାହିଁ ? ନିଗିଡ଼ିଗଲା ଉତ୍ତାରୁ ଉକ୍ତ ଗୁଣ୍ଡଲର ଓଜନ ଓଜନ ଦେଖିଲେ କେଉଁଟା ଭାରି କେଉଁଟା ଊଣା ହେବ ? ପାଣି ବୋଲି ଯାହା କହୁଛି ତାହା ପ୍ରକୃତ ଜଳ ନୁହେଁ । କେବଳ ରକ୍ତ; ଗୁଣ୍ଡଲ ବୋଲି ଯାହାକୁ କହୁଛି ତାହା ଶରୀର ।

ଅନ୍ନପୂର୍ଣ୍ଣା—ଯହିଁରେ ପାଣି ବେଶି ଦିଆଗଲା ତାହାର ଓଜନ ଊଣା ହେବ । ଅଳ୍ପ ଜଳ ଯହିଁରେ ଦିଆଯାଇଛି ତାହାର ଓଜନ ବେଶି ।

ତାରା—ସ୍ତ୍ରୀମାନଙ୍କର ଯେଉଁ ଯେଉଁ କାର୍ଯ୍ୟ ଘର ମଧ୍ୟରେ ଅଛି, କଣ ଦେଲେ ତାଙ୍କୁ ତୃପ୍ତି ଆସିଲା । ତାଙ୍କର ସନ୍ତୋଷ ହେଲା । ତାଙ୍କର କଣ୍ଟା ବାକି ରହିଲା ନାହିଁ । ଅତ୍ୟନ୍ତ କଷ୍ଟ ପଡ଼ି ସନ୍ତାନକୁ ଗର୍ଭରେ ଜନ୍ମ କରି ସେମାନଙ୍କ ଲାଳନା ପାଳନା ସକାଶେ କର୍ମ ଓ ବସ୍ତ୍ର କରି ସେବା କରିବା ଗୋଟିଏ ଆନନ୍ଦ । ପତି ସେବା କରି ପତିଙ୍କ ତାଡ଼ନା ସହ୍ୟକରି ପାତିବ୍ରତ୍ୟ ଅବଲମ୍ବନ କରି ରହିବା ଗୋଟିଏ କର୍ତ୍ତବ୍ୟ ନିଷ୍ଠା, ଆନନ୍ଦ । ପୁରୁଷମାନଙ୍କର ଆଶା ତୃପ୍ତି କରିବା ପାଇଁ ସ୍ତ୍ରୀ ସଦା ପ୍ରସ୍ତୁତ-ସ୍ତ୍ରୀ ତାର ନିଜସ୍ୱର ଜଳାଞ୍ଜଳି ଦେଇ ପୁରୁଷ ସୁଖରେ ନିଜସ୍ୱର ସବୁ ଢ଼ାଳି ଦେଇଥାଏ । ଏପରି ସଦ୍‌ଗୁଣମାନଙ୍କରେ

Digitized by srujanika@gmail.com

ନାରୀ ନରକ ପୂର୍ଣ୍ଣ । ତାର ରକ୍ତରେ ଜୀବନ ପୂର୍ଣ୍ଣ । ତେବେ ପୁରୁଷ କଅଣ କରେ—କେବଳ କର୍ମ କରିବ; ତାହା ମଧ୍ୟ ନିତ୍ୟ ନୁହେ, କେବଳ କ୍ଷଣସ୍ଥାୟୀ, ମିଥ୍ୟା, ଭ୍ରମାତ୍ମକ ମତଭେଦ, ବ୍ୟଭିଚାର, ବିବେଧାଭାବ ଉଦ୍ଧୀପକ, ପ୍ରବୃତ୍ତି ଦ୍ରୁତିରେ ଅନେକ ବଶ । ଅନେକ ସ୍ତ୍ରୀରେ ରତ, ଆଜି ଗୋଟିଏ ସ୍ତ୍ରୀ ପାଣିଗ୍ରହଣ କରି କାଲି ବିସର୍ଜନ, ଅପର ଦିନ ପୁନଃ ଗ୍ରହଣ । ସ୍ତ୍ରୀର ଆଧିପତ୍ୟରେ ପୁରୁଷ ବିଚଳିତ । ପୁରୁଷ ଅହଂବାଦୀ, କପଟ ବେଶଧାରୀ । ତେବେ ସ୍ତ୍ରୀ କିପରି ନିକୃଷ୍ଟ; ପୁରୁଷ କିପରି ଉତ୍କୃଷ୍ଟ ହେଲା ? ଏହି ସଦ୍‌ଗୁଣ ଯାକ ଚେତେଇ ଦେଇ ସେମାନଙ୍କୁ ଆହ୍ୱାନ କଲେ—କିଂବା ଆସ ଆମ୍ଭମାନଙ୍କର ଇଚ୍ଛା ଆମ୍ଭେ ପୂର୍ଣ୍ଣ କରିବା ବୋଲି କହିଲେ ସୁଦ୍ଧା ସେମାନେ ଦୃଷ୍ଟିପାତ କରିବେ ନାହିଁ ।

ଅନ୍ନପୂର୍ଣ୍ଣା—ମୁଁ ଦେଖିପାରିବି ନାହିଁ ।

ତାରା—ତୁମେ ଦେଖିବାର କି ଆବଶ୍ୟକ ଅଛି ? ଏତିକି କହି ସେମାନେ ଦୁଇ ଗୋଟି ଦିବ୍ୟ ନୋଷ୍ଟମଁପୁ ପୁରୁଷ ହୋଇଗଲେ । ସେମାନେ କହିଲେ ଯେଉଁ ତାରା ଦୁଇଟି ଦେଖୁଥିଲ ସେହି ଏକା ଆମ୍ଭେମାନେ, ମନରେ କିଛି ସନ୍ଦେହ କରିବ ନାହିଁ ।

ଅନ୍ନପୂର୍ଣ୍ଣା—କାହିଁକି ସନ୍ଦେହ କରିବି ? ସବୁତ ପ୍ରକୃତ ଦେଖୁଛି ।

ତାରା—ଯାହା ତୁମ୍ଭର ଆଶା ଥିଲା ତୁମ କର୍ତ୍ତବ୍ୟ ଅନୁସାରେ କରିଛ । ପ୍ରସ୍ତୁତ ଅଛ, ସ୍ତ୍ରୀମାନଙ୍କର ସ୍ୱାମୀମାନେ ଯାହା କରନ୍ତି ତାହା ତୁମ୍ଭ ଭାଗ୍ୟରେ କିରୂପ ତାହା ତୁମ୍ଭେ ଜାଣ । ତୁମ୍ଭର ସବୁ ସମାନ ହୋଇଗଲା, ତୁମ୍ଭର ବାକି କଣ ରହିଲା ? ଦେଖ, ତୁମ୍ଭେ ସନ୍ତରଣ କରୁଥିଲ । ଆମ୍ଭେ କଲୁ । ତୁମ୍ଭର ମନୁଷ୍ୟ ଶରୀର ଆମ୍ଭେ ମଧ୍ୟ ସେପରି ହେଲୁ—ସମାନ ଭାବରେ ସମାନ ରୂପ ଦେଖାଯାଏ । ଦେଖ ଏହି ଦୃଶ୍ୟ ତୁମ୍ଭ ଆମ୍ଭ ବିନା ଆଉ କେହି ଦେଖିପାରିଲା କି ? ଆମ୍ଭେ ଯାହା କରିବୁ ତୁମ୍ଭେ ପ୍ରତ୍ୟକ୍ଷ ଦେଖିବ । ତୁମର ଏପରି ଆନନ୍ଦ ଦେଖି ଆମ୍ଭେମାନେ ପ୍ରତିଦିନ ଏକ ଏକ ଘଣ୍ଟା ତୁମର କଥା ପକାଇଥାଉ ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ଅବଶ୍ୟ ତୁମମାନଙ୍କ ଅନୁକମ୍ପା ଥିବାରୁ ଆମ୍ଭେମାନେ ସ୍ୱର୍ଗକୁ ଆସୁଛୁ । ଏହା ଆମ୍ଭର ସୌଭାଗ୍ୟର କଥା ।

ତାରା—ତୁମର ଯେଉଁ ବାଳକାଟି ଅଛି ସେ କପରି ବୁଦ୍ଧିମତୀ, ଜ୍ଞାନବତୀ, ବିଦ୍ୟାନୁରାଗିଣୀ ହେବ, ଦେଖିବ ତାକୁ ଆମ୍ଭେମାନେ ସ୍ୱପ୍ନକାଳେ ନେଇଯାଇ ତାର ଯେଉଁ ଯେଉଁ ସୁଖ ଆମ୍ଭେ ଆସ୍ୱାଦନ କରିବା କଥା କର ଗୁଡ଼ଦେଉଅଛୁ ।

ଅନ୍ନପୂର୍ଣ୍ଣା—କପରି ତୁମ୍ଭେମାନେ ନେଉଛ ?

ତାରା—ତୁମ୍ଭେମାନେ ନଦ୍ରାବସ୍ଥାରେ ଥାଅ ? କପରି ଦେଖିବ ? ତୁମ୍ଭେମାନେ ଆମ ସହିତ କଥାହୋଇ ପାରିଲ । ଆଜ କଏ ଜାଣିପାରିବ କି ?

ଅନ୍ନପୂର୍ଣ୍ଣା—ତେବେ ତାର ଭାଗ୍ୟ ।

ତାରା—ଏଥର ଆମ୍ଭେମାନେ ଯିବୁ ।

ଅନ୍ନପୂର୍ଣ୍ଣା—ନମସ୍କାର କଲ ! ଏହି ଅନୁଗ୍ରହ ଆମ୍ଭପ୍ରତି ରଖ ।

ତାରା—ରକ୍ତ ବର୍ଣ୍ଣର ଦୁଇଗୋଟି ପକ୍ଷୀ ରୂପ ହୋଇ ଉଡ଼ି ଅନ୍ତର୍ଦ୍ଧାନ ହେଲେ ।

ଅନ୍ନପୂର୍ଣ୍ଣା—ଗୃହକୁ ଫେରି ନିଜ ସ୍ୱାମୀଙ୍କୁ ସବୁ କହିଲେ; ଦେଖ ଆମ୍ଭର କେବଳ କର୍ମ ଏକା ମୂଳ ହେଲା—କପରି ଦୃଶ୍ୟ ଦେଖି ଆସିଲି । ତୁମେ ଦେଖିପାରିଲ ନାହିଁ ।

ସ୍ୱାମୀ—ମୁଁ ଯେପରି କଷ୍ଟ ଅନୁଭବ କରିଆସୁଛି ତୁମେ ଭୁକ୍ତଭୋଗୀ ହୋଇଥିଲେ ଜାଣିପାରିଥାନ୍ତ ।

ଅନ୍ନପୂର୍ଣ୍ଣା—ତହିଁରୁ ମୁଁ କିଛି ପାଇବି ? ଯାହା ଦେଖିଲି ତାହା କହିଲି ।

ସ୍ୱାମୀ—ହଉ ତମେ ଦେଖିଲ ମୋର ଆଶା ପୂର୍ଣ୍ଣ ହେଲା ନାହିଁକି ? ମୁଁ କର୍ମରେ ରତ ହେଲି ତୁମେ ଦୃଶ୍ୟ ଦେଖିଲ, ସବୁ ଗୋଟିଏ ହେବ ନାହିଁକି ?

●

Digitized by srujanika@gmail.com

୫ । ତପସ୍ୱୀ, ଅନ୍ନପୂର୍ଣ୍ଣା ଓ ଚକ୍ରବର୍ତ୍ତୀ

ସ୍ୱପ୍ନ ଦିବସ—୨୦-୪-୧୯୧୪

ଗୋଟିଏ ସୁନ୍ଦର ଗୃହରେ ଅନେକ ସ୍ତ୍ରୀ । ସମସ୍ତେ ଅଳଙ୍କାର ମଣ୍ଡିତ । ଜଣେ ଗୌର ବର୍ଣ୍ଣ ତପସ୍ୱୀ । ବୃଦ୍ଧ ବାବାଜୀ ଅଛନ୍ତି । ଶ୍ରୀକୃଷ୍ଣ ଆରାଧନା ପୂଜାରେ ମାତିଛନ୍ତି । ନାନାବିଧ ପୁଷ୍ପ ଓ ନୈବେଦ୍ୟ ସାମଗ୍ରୀ ପୂର୍ଣ୍ଣ ଅଛି ।

(ଅନ୍ନପୂର୍ଣ୍ଣା ଓ ଶ୍ରୀରାମଙ୍କୁ ନିମନ୍ତ୍ରଣ ହୋଇଥିବାରୁ ସେମାନେ ଯାଇଥିଲେ । ସେମାନେ କିଏ କେହି ପଚାରିଲେ ନାହିଁ । ବିଚାରିଲୁ—ମହାପ୍ରଭୁଙ୍କ ପୂଜା ହେଲା । ଭୋଗ ସାମଗ୍ରୀମାନଙ୍କୁ ଦୁଇ ଜଣ ସ୍ତ୍ରୀ ଆସି ଘେନିଗଲେ । (ଅନ୍ନପୂର୍ଣ୍ଣା ଓ ଶ୍ରୀରାମ) ଦୁଇ ଜଣ ସେ ଗୃହରେ ପ୍ରବେଶ ହୋଇଲେ ।) ଚର୍ଚ୍ଚିତ ଆସନ, ସୁଚାରୁ ମୂର୍ତ୍ତି ବିଦ୍ୟମାନ ।

ମୂର୍ତ୍ତି - ଯେଉଁ ଭୋଗରେ ଆକାଂକ୍ଷା ଥିଲା ଦେଉଛୁ ନିଅ ।

ଅନ୍ନପୂର୍ଣ୍ଣା—ଗୋଟିଏ ପିଷ୍ଟକରେ ସମସ୍ତଙ୍କର ଉଦର ପୂର୍ଣ୍ଣ । ସାଦରେ ଗ୍ରହଣ କଲା ।

ମୂର୍ତ୍ତି—ତୁମ ଗୃହରେ କେତେ ଜଣ, କିଏ ଅଛନ୍ତି ବିବରଣୀ କୁହ ।

ଅନ୍ନପୂର୍ଣ୍ଣା—ସବୁ କହିଲା ।

ମୂର୍ତ୍ତି— ପିଲାମାନଙ୍କ ବିଷୟରେ ମୋର ବଡ଼ ପ୍ରେମ ଅଛି । ତାଙ୍କ ପାଇଁ କିଛି ପ୍ରସାଦ ନିଅ ।

ଅନ୍ନପୂର୍ଣ୍ଣା—ଗୋଟିଏ ମୁକ୍ତାମାଳ ତାଙ୍କ କଣ୍ଠରେ ଦେଲୁ ।

ମୂର୍ତ୍ତି— ସନ୍ତୋଷରେ ଗ୍ରହଣ କଲେ ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ଆମ୍ଭେ କପର ଯିବୁ ।

ମୂର୍ତ୍ତି—ମୁଁ ଗୋଟିଏ କଞ୍ଚ ଦେବ । ଥିବା ପଥରେ ଛଅଗୋଟି କବାଟ ଲଗିଛି, ଜଳସ୍ରୋଧ ଅଛି । ସେ କଞ୍ଚ ଫିଟାଇ ତୁମେ ତହିଁରେ ଯିବ ପାଣି ତୁମକୁ ସ୍ପର୍ଶ କରିବ ନାହିଁ ।

ଅନ୍ନପୂର୍ଣ୍ଣା—ସେ ବାଟେ ଆସିଲା ସମୟରେ ଜଳ ପୂର୍ଣ୍ଣ ଥିଲା । ବୁଢ଼ିଗଲା ପରି ବୋଧ ହେଉଥିଲା ସିନା ପାରି ହୋଇଗଲୁ । ବାହାର ହେବା ସ୍ଥାନରେ ଚକ୍ରବର୍ତ୍ତୀଙ୍କ ଆସନ । ସୁନାର ଏକ ପ୍ରକାର ମୋହରପରି ଛଅଗୋଟି ବସ୍ତୁ ତାଙ୍କୁ ମିଳିଥିଲା ।

ଚକ୍ରବର୍ତ୍ତୀ—ଏହା ତୁମର କି ?

ଅନ୍ନପୂର୍ଣ୍ଣା—ମୋର ମାତ୍ର ପଡ଼ିଯାଇଛି । ମାତ୍ର ଏହା ମୋର ହେବ କି ନାହିଁ କହି ନ ପାରେ ।

ଚକ୍ରବର୍ତ୍ତୀ—ଏହା ଆଉ କାହାର ନୁହେଁ ତୁମର ଏକା; ନେଇଯାଅ ।

ଅନ୍ନପୂର୍ଣ୍ଣା—ଏ ଛଅଗୋଟି ବସ୍ତୁ କଣ ? ଆପଣ ଚକ୍ରବର୍ତ୍ତୀ । କୋଟି କୋଟି ପ୍ରଜାଙ୍କ ପାଳକ । ଆପଣଙ୍କ ଦର୍ଶନ ମିଳିଲା ଏହା ଯଥେଷ୍ଟ ।

ଚକ୍ରବର୍ତ୍ତୀ—ସତ୍ୟ; ତୁମର କି ଆବଶ୍ୟକ କୁହ ।

ଅନ୍ନପୂର୍ଣ୍ଣା—ମୋର କିଛି ଅଭାବ ନାହିଁ, ଲୋଡ଼ା ନାହିଁ ।

ଚକ୍ରବର୍ତ୍ତୀ—ଖଣ୍ଡେ ହାର ଗୋଡ଼ାଇ ଆସି ପଚାରିଲେ ମୁଁ ଦେବାକୁ ପ୍ରସ୍ତୁତ ଅଛି କି ଆବଶ୍ୟକ କହ ଦେବ ।

ଅନ୍ନପୂର୍ଣ୍ଣା—କିଛି ଲୋଡ଼ା ନାହିଁ ।

ଚକ୍ରବର୍ତ୍ତୀ—ନିଅ କିଛି । ହସ୍ତର ମୁଦି ଗୋଟିଏ ନିଅ ।

ଅନ୍ନପୂର୍ଣ୍ଣା—ଗ୍ରହଣ କଲୁ ନାହିଁ । ଏ ଧନ ଦେଖିଲେ ସ୍ନେହ ଧନ ରହିବ ନାହିଁ ।

Digitized by srujanika@gmail.com

ଚକ୍ରବର୍ତ୍ତୀ—କେବେ ମାତ୍ର ସ୍ୱପ୍ନ ଧନ ଯାଆନ୍ତା ନାହିଁ ।

ଅନ୍ନପୂର୍ଣ୍ଣା—ନ ଗଲେ କଣ ହେଲା । ଆମର ତ ଲୋଭ ନାହିଁ । (ବାହାରେ ଆସିଲୁ ।) ପଥରେ ଗୌରବର୍ଣ୍ଣ ତପସ୍ୱୀଙ୍କୁ ଦର୍ଶନ କଲୁ । କେଡ଼େ ସୁନ୍ଦର ଆଦର କଲେ । ଯାହାହେଉ, ଯାହାପାଇଁ ସବୁ ଆୟୋଜନ ସେହି ଏକା ଆମକୁ ଆଦର କରୁଛନ୍ତି ।

ତପସ୍ୱୀ— ମୌନ, ସୁଖ ହର୍ଷଧ୍ୱାନ, ପିଲାମାନଙ୍କୁ ପ୍ରସାଦ ଦେଲୁ । ଯେଉଁ ପଥରେ ବନ୍ଧାଥିଲା ତାହା ସୁନା ।

୭ । ଶୁକ, ଶାରୀ ଓ ଅନ୍ନପୂର୍ଣ୍ଣା

ସ୍ୱପ୍ନ ଦିବସ—୪-୪-୧୯୧୪

ଗୋଟିଏ ପୁଷ୍ପ ବଗିଚା, ନାନା ଜାତି ପୁଷ୍ପ ପୂର୍ଣ୍ଣ । ମଧ୍ୟରେ ଏକ ଉଚ୍ଚ ସିଂହାସନ, ଶୂନ୍ୟରେ ସ୍ଥିତ । ତହିଁ ଉପରେ ଏକ ପଦ୍ମ ପୁଷ୍ପ । ଉପରେ ଦୁଇଗୋଟି ଯୁବତୀ ବସି ଲେଖୁଛନ୍ତି । ଦୁଇ ପାର୍ଶ୍ୱରେ ଝୋଲା । ବୃକ୍ଷ ସ୍ୱର୍ଣ୍ଣ ପୁଷ୍ପ ପୂର୍ଣ୍ଣ । ଗୋଟିଏ ବୃକ୍ଷରେ ଶାରୀ ପକ୍ଷୀଟିଏ ଅନ୍ୟଟି ଶୁକ ପକ୍ଷୀ ଅନେକ ଲୋକ ଦେଖିବାକୁ ଯାଉଛନ୍ତି । ସିଂହାସନ ଉପରେ ଦୁଇଗୋଟି ଗ୍ଲାସ, ଗୋଟିଏ ସ୍ୱର୍ଣ୍ଣ ଓ ଅନ୍ୟଟି ରୌପ୍ୟ ନିର୍ମିତ । ଦୁଇ ଗୋଟିଏ ଦୁଇ ବୃକ୍ଷର ପୁଷ୍ପ । ସ୍ୱର୍ଣ୍ଣ ଗ୍ଲାସରେ ସ୍ୱର୍ଣ୍ଣ ବୃକ୍ଷର, ରୌପ୍ୟରେ ରୌପ୍ୟ ବର୍ଣ୍ଣ ବୃକ୍ଷର ପୁଷ୍ପ । ଗୋଟିଏ ଗ୍ଲାସର ଭିତର ଗର୍ଭ ଦେଖିଲେ ଏପରି ଦୃଶ୍ୟ ହୁଏ ରୌପ୍ୟ ଗ୍ଲାସ ଗର୍ଭ-ଜଳ, ମତ୍ସ୍ୟ, କଇଁଚ ନାନା ଜାତି ଜନ୍ତୁରେ ପୂର୍ଣ୍ଣ । ଗୋଟିଏ ଦିବ୍ୟ ସୁନ୍ଦର ସ୍ତ୍ରୀ ଗୋଟିଏ ଶୁକ୍ଳ ସୁନ୍ଦର ଘୋଡ଼କ ଧରିଛି । ସ୍ୱର୍ଣ୍ଣ ଗ୍ଲାସରେ ଜଳ ପୂର୍ଣ୍ଣ ଗୋଟିଏ ଦିବ୍ୟ ତେଜ ଅଛି ଦର୍ପଣ କର୍ତ୍ତିକ

Digitized by srujanika@gmail.com

ଦୃଶ୍ୟ ହୁଏ । ଦେଖଣାହାରି ଲୋକଙ୍କୁ କେବଳ ଶାସ୍ତ୍ରୀ ପଚାରେ, ଅନ୍ୟ ସମସ୍ତେ ମୌନ ।

ଶାସ୍ତ୍ରୀ—ତୁମେମାନେ କଏ କୁଆଡ଼େ ଆସିଲ ।

ଲୋକ—ଏହା ଦେଖିବାକୁ ଆସିଲୁ ।

ଶାସ୍ତ୍ରୀ—ତେବେ ଦେଖ ଦୁଇ ଗ୍ଲାସ ଅଛି । କେଉଁ ପଦାର୍ଥ କାହାକୁ ଲୋଡ଼ା ମନୋନୀତ କର । ସମସ୍ତେ କେବଳ ରୌପ୍ୟ ଗ୍ଲାସରେ ମୁଗ୍‌ଧ ହୋଇ ସେ ପଦାର୍ଥକୁ ପସନ୍ଦ କରି ମାଗିଲେ ।

ଶାସ୍ତ୍ରୀ—ତେବେ ତାର ଦାମ ଦେଇ ଉଠାଇ ନିଅ ।

ଲୋକ—କେତେ ଚେଷ୍ଟା କରି ଉଠାଇପାରିଲେ ନାହିଁ । ସମସ୍ତଙ୍କର ପ୍ରସ୍ଥାନ ଦୁଇ ତିନି ଜଣ ମାତ୍ର ସ୍ୱର୍ଣ୍ଣ ଗ୍ଲାସରେ ମୋହିତ ହେଲେ । ସେମାନଙ୍କୁ ଶୁକ ପକ୍ଷୀ ଆଦର କରି ପଚାରିଲେ କିସ ଲୋଡ଼ା ?

ଲୋକମାନେ—ସ୍ୱର୍ଣ୍ଣ ଗ୍ଲାସରେ ଥିବା ଦର୍ପଣ ହାର ତେଜ ଦେଖି ବାହାରିଯିବୁ ।

ଶୁକ—ଅତି ସନ୍ତୋଷରେ ସ୍ୱୀକାର କରି କହିଲେ ତେବେ ଦେଖ ।

ଲୋକ—ଏକ ଘଣ୍ଟା କାଳ ଦେଖି ଶୁକ ପାଖରେ ଏକ ଡାଳରେ ଆସନ କରି ସନ୍ତୋଷରେ ବାହାରିଗଲେ । ଏପରି ସମ୍ମୁଖରେ ଶୁକ ପକ୍ଷୀ ଓ ଶାସ୍ତ୍ରୀର କଥାଳାପ ଓ ଦ୍ୱନ୍ଦ୍ୱ ମୀମାଂସା ଆରମ୍ଭ ହେଲା ।

ଶାସ୍ତ୍ରୀ—ସଂସାର ବ୍ୟାପିଛି ସବୁ ମୋର ସ୍ନେହ ଡୋରେ
ଥାଉଛି, ଆସୁଛି ଦେଖ ସ୍ନେହ ଖେଳନାରେ ।

ଶୁକ—ନାହିଁ ନାହିଁ କହୁ ଲୋଡ଼ା ଅଛି ଶୂନ୍ୟଗାମୀ
ଭବୁକର ଭକସିନା ଚହ୍ଲିପାରେ ପ୍ରାଣୀ ।

ଶାସ୍ତ୍ରୀ—ଆସୁଛି ତୋରଙ୍ଗ ଦେଖ ଦେଉଛି ଓଟାର
ମତଭେଦ କେଉଁ ନାହିଁ ହସ୍ତ ହଏ ଠାବ ।

ଶୁକ—ହସ୍ତର ତୁଳନା ଅଟେ ବଉସୀ ସମାନ
ଏଥି ସହିତରେ ଥାଇ କପାଇଁ ଗୁମାନ ।

Digitized by srujanika@gmail.com

ଶାରୀ—ଜଗତ ହେଉଛି ପୂର୍ଣ୍ଣ ମୋହର ହାଟରେ
ଯିବାକୁ ଆସୁଛ ନାହିଁ ଛୋହର ବାଟରେ ।

ଶୁକ—କେତେ କାଳ ପଥରୋଧ ହେବ କହ କହ
ଏକଇ ଫୁଟୁଳ ଦ୍ୱାର ଫିଟିଯିବ ମୋହ ।

ଶାରୀ—ଫୁଟୁକ ଫୁଟାଇବା କାର କଏ ବା ମନ୍ତ୍ରରେ
ଗୁଡ଼ ନୁହେଁ ଆମ୍ଭ ସୁଖ ରହିଛି ଯହିଁରେ ।

ଶୁକ—ଶୁଷ୍କକାଷ୍ଠେ ଅଗ୍ନି ଦେଲେ ହେବ ଭସ୍ମସାର
ଜାଣିଥା ଅନ୍ଧକାରେ ରହି ନପାରେ ସଂସାର ।

ଶାରୀ—ଆଲୁଅ ଦେଖିଲେ ଯିନା ଗମିବ ନୟନ
ସେହି ଆଶା କାହିଁ ଆଜ ସଞ୍ଚିଛି ଜୀବନ ।

ଶୁକ—ଗୋପନ ହେବ ଜାଣ ତେଜର ଗାରମା
ଚତୁର୍ଦ୍ଦିଗ ଘୋଟିଅଛି ନାହିଁ ତାର ସୀମା ।

ଆସନ ଉପରେ ବସିଥିବା ଦୁଇଜଣ ସ୍ତ୍ରୀ ପକ୍ଷୀମାନଙ୍କର କଳହ ନିବାରଣ କରିଦେଲେ । ଏମନ୍ତ ସମୟରେ ଅନ୍ନପୂର୍ଣ୍ଣା ଗୋଟିଏ ସ୍ଥାନରେ ଲୁଚି ରହିଥିଲେ । ସମସ୍ତଙ୍କ ପ୍ରସ୍ଥାନ ଉତ୍ତାରୁ ସେ ସ୍ତ୍ରୀଙ୍କ ପାଖକୁ ଯାଇ ନମସ୍କାର କଲେ । ସ୍ତ୍ରୀମାନେ କିଛି କହିଲେ ନାହିଁ । ଅନ୍ନପୂର୍ଣ୍ଣାଙ୍କୁ, ଶାରୀ ଶୁଆ ପଚାରିଲେ ତୁମକୁ କଅଣ ଲୋଡ଼ା, ତୁମ ସହିତ କଥା ହେବାକୁ ମୁଁ ଆସି ନାହିଁ । ତୁମକୁ କହିବ ନାହିଁ ।

ପକ୍ଷୀ—ଆଉ କାହା ସାଙ୍ଗରେ କଥା ହେବ ।

ଅନ୍ନପୂର୍ଣ୍ଣା—ସ୍ତ୍ରୀ ମାନଙ୍କ ସହିତ ।

ପକ୍ଷୀ—ସେମାନେ କଥା କହିବେ ନାହିଁ, କେଜାଣି ?

ଅନ୍ନପୂର୍ଣ୍ଣା—ସ୍ତ୍ରୀମାନେ ସମଜାତି, ସମ ଅବସ୍ଥ ହୋଇ ମୌନ କାହିଁକି କଥା ହେଲେ କଏ କିଛି ନ କହିବାରୁ ବାହାର ଆସିବାକୁ ଉଦ୍ୟମ କଲେ ।

ସ୍ତ୍ରୀମାନେ—କାହିଁକି କୁଆଡ଼େ ଆସିଛ । କେଉଁ ବଳହାର କରୁଛ ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ସବୁ ଦେଖିଲି ଶୁଣିଲି ଏ ବଚନ, କିସ ବୋଲି ଦେଖିବାକୁ ଆଶା ହେଲା ବୁଝିବାକୁ ଆସିଲି । ଏଥିକି ମୌନ କାହିଁକି ?

ସ୍ତ୍ରୀମାନେ—ଆମ୍ଭଙ୍କୁ କିଏ କେବେ ଏପରି କିଛି ପଚାରି ନାହିଁ, ଆମ୍ଭେମାନେ ମୌନ ଅଛୁ । ସିଂହାସନ ସତ୍ୟର ଆସନ, ଦୁଇ ବୃକ୍ଷ ପକ୍ଷୀଙ୍କ ଆସନ ଶୁକ = ପୂଣ୍ୟ, ଶାରୀ = ପାପ । ଗ୍ଲାସ ଦୁଇଗୋଟି ଗୋଟିଏ ପୂଣ୍ୟ ପସରା ଦ୍ୱିତୀୟଟି ପାପ ପସରା । ଦୁଇଜଣ ସ୍ତ୍ରୀ ଦଶଜଣଙ୍କର ଅଧିକାରୀ । ବଟିଗ୍ରୁ ହାଟ ସ୍ଥାନ ଯଥା-ସଂସାର, ପାପର ଗରାଖ ବେଶୀ । ପୂଣ୍ୟର ଊଣା । ଏହା ହେଉଛି ରହସ୍ୟ । ତୁମକୁ କଣ ଲୋଡ଼ା ?

ଅନ୍ନପୂର୍ଣ୍ଣା—ମୋତେ କିଛି ଲୋଡ଼ାନାହିଁ । ରହସ୍ୟ ବୁଝିଲେ ହେଲା ମୋର କିଛି କିଣିବାକୁ ଧନ ନାହିଁ ।

ସ୍ତ୍ରୀ –ତୁମେ କି ଧରଣର ପ୍ରାଣ । କେଡ଼େ ସୁନ୍ଦର କଥା କହୁଛ । ତୁମେ କିଏ, କେଉଁଠାରୁ ଆସିଲ ।

ଅନ୍ନପୂର୍ଣ୍ଣା—କେଉଁଠାରୁ ଆସିବି । ଜଗତରେ ତ ଅଛି । ରହସ୍ୟତ ବୁଝିଲି ସବୁ ଦେଖିଲି, ଏବେ ଯାଉଛି ।

ସ୍ତ୍ରୀ—ଯାଅ ଏପରି ଦେଖିଲି ବୋଲି ସମସ୍ତଙ୍କୁ କୁହ । ଆମେ ଏ ପସରା ଦେଖି ଯେତେ ମୋହିତ ନୋହୁ ତୁମର କଥା ଶୁଣି ତେତେ ମୋହିତ ହେଲୁ ।

ଅନ୍ନପୂର୍ଣ୍ଣା—ମୋର କାଥାରେ କଣ ମୋହିତ ? ମୁଁ ତ ସଂସାରେ ଆସକ୍ତ ମାୟା ଜଡ଼ିତ, ପ୍ରକୃତ ଦଶା ମୋର କି କଥାରେ ତୁମେ ମୋହିତ ।

ସ୍ତ୍ରୀ—ଆମେ ସନ୍ତୁଷ୍ଟ ହେଲୁ ।

Digitized by srujanika@gmail.com

୭ । ଯୁବା ସ୍ତ୍ରୀ ଓ ଅନ୍ନପୂର୍ଣ୍ଣା

ସ୍ୱପ୍ନ ଦିବସ—୧୩-୧-୧୯'୬

ଦୁଇ ଜଣ ଯୁବା ସ୍ତ୍ରୀ ଗୃହକୁ ଆସିଲେ । ତାଙ୍କୁ ସମ୍ମାନ କରି ବସାଇଲି । ଏ ଲେଠା ଆମ୍ଭ ଗୃହରେ ରହିବ କି ?

ସ୍ତ୍ରୀ—ନାହିଁ ଆମର ସୁଖ ନାହିଁ । ରହିବୁ ନାହିଁ ।

ଅନ୍ନପୂର୍ଣ୍ଣା—କାହିଁକି ସୁଖ ନାହିଁ ।

ସ୍ତ୍ରୀମାନେ—ଆମର ସୁଖର ଆୟୋଜନ ଏଠାରେ କିଛି ନାହିଁ ।

ଅନ୍ନପୂର୍ଣ୍ଣା—କି ସୁଖର ଆୟୋଜନ ନାହିଁ । କି ସୁଖ ଲୋଡ଼ା ? ତୁମ୍ଭେ ଯେପରି ସୁଖ ଲୋଡ଼ିବ ସେପରି ଭାବୁକ ଲୋକ ଏ ଗୃହରେ ଅଛନ୍ତି ଆମେ ସିନା କଳୁଷିତ ପ୍ରାଣୀ, ପିଲା ଦୁଇଟି ଅଛନ୍ତି ସେମାନଙ୍କ ପରି ରହ । ଆମେ ପିଲାମାନଙ୍କୁ ଦେଖିବାକୁ ଏକା ଆସିଛୁ । ଏମାନେ ଭଲ ପିଲା ହେବେ ।

ଅନ୍ନପୂର୍ଣ୍ଣା—ଭଲ ହେବା ଭଳି ଜ୍ଞାନ ଓ ଶିକ୍ଷା ଦେଇଯାଅ ।

ସ୍ତ୍ରୀ—ବର୍ତ୍ତମାନ ସମୟ ନୁହେଁ । ପୁଅଟି ନିତାନ୍ତ ଶ୍ରେଷ୍ଠ । ପୁଅର ଚଞ୍ଚଳତା ଆହୁରି ଭାବୁନାହିଁ । ଆଜି କେତେକ ସମୟ ଉତ୍ତାରୁ ଆସି କହିବ । ତାଙ୍କୁ ତମେ ଯେବେ ଶିକ୍ଷା ଦେବ ତାଙ୍କ ବିନା ଅନ୍ୟ ଚିନ୍ତା ତୁମକୁ ଆଉ କିଛି ଲୋଡ଼ା ନାହିଁ । ତାଙ୍କର ଏକା ମଙ୍ଗଳ କାମନାରେ ବସିଥିବ ।

ଅନ୍ନପୂର୍ଣ୍ଣା—ହେଉ ସେପରି କରିବୁ । ଏ ସଂକେଳ ଯାହା ବସ୍ତୁର ଭାବନା ସବୁ ହେଉଛନ୍ତି ତାହା କିପରି ?

Digitized by srujanika@gmail.com

ସ୍ତ୍ରୀ—ସେଥିରେ କଣ ଅଛି । ଯିବ ଓ ଥିବ—ଏଥିର ଅର୍ଥ ଜଣାଅଛି କି ?

ଅନ୍ନପୂର୍ଣ୍ଣା—ନାହିଁ ।

ସ୍ତ୍ରୀ—ଯିବ = ବ୍ୟାଘ୍ର ରୂପ; ଥିବ—ଭାଲୁ ରୂପ ।

ଅନ୍ନପୂର୍ଣ୍ଣା—ଏଥିର ଭାବ ବୁଝାଇ କହନ୍ତୁ ।

ସ୍ତ୍ରୀ—ବ୍ୟାଘ୍ର ଅପେକ୍ଷା ଭାଲୁର ବକଟାଳ ରଢ଼ । ଯିବ ବୋଲିବ ବାଘଟି ଯିବ, କିଛି ନାହିଁ, ଥିବ ବୋଲିବ ଏଥିର ଅର୍ଥ ?

ଅନ୍ନପୂର୍ଣ୍ଣା—ମୋତେ ଆହୁରି ବୁଝାଇ କହନ୍ତୁ ।

ସ୍ତ୍ରୀ—ଏପରି ହେଲା ନାହିଁ । ଇତ୍ୟାଦି କହି ସେମାନେ ମନ୍ତବ୍ୟ ଦେଲେ—ପିଲାମାନଙ୍କୁ ଦାୟୀ ମାତ୍ର କରିବ ନାହିଁ । ପିଲାମାନଙ୍କୁ ଏ ବିଷୟର ପଶିବ ନାହିଁ । ମାତ୍ର କିଛି ଶିକ୍ଷା ଦେବାରେ କଷ୍ଟ ପଡ଼ିବ । ପୁତ୍ର ସମ୍ବନ୍ଧେ କିଛି ଆବଶ୍ୟକ ନାହିଁ । ଚାର ସେ ହେବ । ଚାର ଦେଖି ସେ ହେବ । ପୁତ୍ରକୁ ସଂସାରୀ କରିପାରିବ ନାହିଁ । ବୁଦ୍ଧିମାନ ହେବ ।

ଅନ୍ନପୂର୍ଣ୍ଣା—ଯାହା ହୁଅନ୍ତୁ ତୁମେ ଯେବେ ଆସିଛ ଇଚ୍ଛା ଅନୁସାରେ ଆନନ୍ଦ ଅନୁଭବ କରିଯାଅ ।

ସ୍ତ୍ରୀ—ଆଉ କେତେ ସମୟ ଯିବା ଉତ୍ତାରୁ ଆମେ ଏକା ଆସି ଉଚିତ ଶିକ୍ଷା ଦେଇଯିବୁ, ଏତିକିରେ ସ୍ୱପ୍ନ ଭଙ୍ଗ ।

Digitized by srujanika@gmail.com

୮ । ଅନ୍ନପୂର୍ଣ୍ଣା, ଶ୍ରୀରାମ ଓ ଏକ ତେଜୋଦ୍ୱୀପ୍ତ ପୁରୁଷ

ସ୍ୱପ୍ନ ଦିବସ—୫-୨-୧୯୧୭

ଶ୍ରୀରାମ ଓ ଅନ୍ନପୂର୍ଣ୍ଣା ଉଭୟଙ୍କର କଳହ—ସାମାନ୍ୟ ଦୋଷ ଦର୍ଶାଇ ଅନ୍ନପୂର୍ଣ୍ଣାଙ୍କୁ ନାନା ପ୍ରକାର ତିରସ୍କାର ଶେଷକୁ ପ୍ରହାର ମଧ୍ୟ ଚାଲିଲା—

ଅନ୍ନପୂର୍ଣ୍ଣା—ପ୍ରୀତିହୀନା ପ୍ରୀତି ପାଇଁ ଏତେ ଗାଳି ତାଡ଼ନା କାହିଁକି ଏକାଠି ମଧ୍ୟ ଆସିନାହିଁ, କିବା ଏକାଠି ଯିବୁ ନାହିଁ, ଏହିତ ତୁମେ କିଏ ମୁଁ କିଏ କହି ପଳାଅନ୍ତ, ମାତ୍ର ଏତେ କଷ୍ଟ ସହ୍ୟକରି ଏତେ କାଳକୁ ଏପରି ଯୋ ବାଳକା ରତ୍ନ ଲାଭ କରିଥିଲି ତାକୁ ମଧ୍ୟ ଛାଡ଼ି ଯିବାକୁ ହେଉଛି । ଏହା ମନରେ କଷ୍ଟ ହୁଏ । କଣ କରିବାକୁ ହେବ ? ଏପରି ସ୍ନେହ କରି ମୋର ବର୍ତ୍ତମାନ ଅବସ୍ଥାରେ ତାଡ଼ନା କରି ଘଉଡ଼ି ଦେବାର କିପରି ହୃଦୟର ବଳିର ହେଲା ? ଗର୍ଭରେ ଥିବା ପିଣ୍ଡରେ ମଧ୍ୟ ସ୍ନେହ ନହେଲା—ହେଉ ଏ ସବୁ ଈଶ୍ୱରଙ୍କ ଇଚ୍ଛାତ । କଣ ଭାବିବାକୁ ଅଛି ? ଏ କଷ୍ଟ ସମୟରେ ମୋର ମନ ଭାବିଯାକ ଲେଖୁଥିବା ସମ୍ପୁଟରେ ମୋର ଲେଖାଯାକ ଛଡ଼ାଇ ଚିରିଦେଲେ—ସେ ସମୟରେ—କହିଲି—ତୁମର ମୋର ସ୍ନେହଥିଲା—ତାହାଗଲା—ମୋର ଲେଖାରେ ତୁମର କି ଅଧିକାର ? ଏତେ ଉତ୍କଟ ପାପରେ କାହିଁକି ରତ ହେଉଛ ? ଏପରି ଧର୍ମ ଲଙ୍ଘିବାର ମଙ୍ଗଳ ବ୍ୟାପାର ନୁହେଁ ।

ଶ୍ରୀରାମ—ମୋ ଆଗରେ ତୁମର କଥା କହିବାକୁ ଲୋଡ଼ାନାହିଁ । ମୋ ଆଗରେ କିଛି ଲେଖନାହିଁ । ଇଚ୍ଛାଥିଲେ ଏଠାରୁ ପଳାଇ ଅନ୍ୟଠାରେ ବସି ଲେଖ ।

ଅନ୍ନପୂର୍ଣ୍ଣା—ତୁମେ ବୋଲିବାକୁ କ'ଣ ଅଛି, ମୋ ମନ ଡାକିସାରିଲାଣି, ଈଶ୍ୱରଙ୍କୁ ଧାରଣା କରି ଖଣ୍ଡ ଖଣ୍ଡ କରି ଚିରି ଦେଇଥିବା କାଗଜ ଖଣ୍ଡ ମାନ ଧରି ପଳାଇ ଯିବାର ।

Digitized by srujanika@gmail.com

ଗୃହ ପରିବାର—ସମସ୍ତେ ହବନ, ଦୃଶ୍ୟ ଲେଖିବା କଷ୍ଟ । ବାଳକାର ହବନ ପ୍ରଭୃତି ଦୃଶ୍ୟ ହୃଦୟ ବିଦାର୍ଣ୍ଣ ହେଉଅଛି । ତଥାପି ଶ୍ରୀଙ୍କ ଦାମ୍ଭିକ କ୍ରୋଧ ମୂର୍ତ୍ତିରୁ ଅଣୁମାତ୍ର କ୍ଷାନ୍ତ ନାହିଁ ।

ଅନ୍ନପୂର୍ଣ୍ଣା—ପଳାୟନ (ଏକାକ) ଯାଉ ଯାଉ ପଥରେ ଘଟଣା । ଆକାଶରୁ ଏକ ତେଜୋମୟ ପୁରୁଷ ଜଣେ ଓହ୍ଲାଇଲେ । ଆଗରେ ଦଣ୍ଡାୟମାନ ହେଲେ ।

ପୁରୁଷ—ଏ କିଏଣ ? କ୍ରୋଧମୂର୍ତ୍ତି ବହି ଏକାକୀରେ କାହିଁକି କୁଆଡ଼େ ଯାଉଛ ?

ଅନ୍ନପୂର୍ଣ୍ଣା—ସବୁ ବିବରଣୀ କହିଲ,

ପୁରୁଷ ଶୁଣି କହିଲେ—ଗୃହକୁ ଫେର, ଏପରି କ୍ରୋଧ ସମୟରେ ଅନେକ କଥା ଚଳେ ।

ଅନ୍ନପୂର୍ଣ୍ଣା—କାହିଁକି ଚଳିବ ? ଜଣକୁ ଦେଇ ଯେବେ ଅନ୍ୟର ହେଧନ୍ଦ୍ରୁଏ ତେବେ ତାହାର ରହିବାର କାର୍ଯ୍ୟକଣ ? ମୁଁ କଦାପି ଫେରିବି ନାହିଁ । ତୁମେ କିଏ ସେ ? ମୋଠାରେ ଏତେ କରୁଣା ବହି ମୋର ଏ କଷ୍ଟ ସମୟରେ ସାନ୍ତ୍ୱନା ବାକ୍ୟ କହୁଛ ?

ପୁରୁଷ—ଆମେ ସମସ୍ତଙ୍କର ଦୁଃଖ ଜାଣୁ, ମାତ୍ର ମନୁଷ୍ୟ ରୂପ ଧରିଛି । କହିଲେ ତୁମେ ପ୍ରତ୍ୟୟ ଯିବକି ?

ଅନ୍ନପୂର୍ଣ୍ଣା— କାହିଁକି ନଯିବ ?

ପୁରୁଷ—ମୁଁ ଧର୍ମଦେବ (ସୂର୍ଯ୍ୟ)

ଅନ୍ନପୂର୍ଣ୍ଣା—କି କରୁଣା ତବ ହୃଦ ଦେଇ ନମସ୍କାର
ଯାହା ଅଛି ମୋର ହୃଦେ ବୁଝିନିଅ ସାର ।
କି କହିବ ମୁଁ ଅଜ୍ଞାନୀ ପୁଣି କ୍ରୋଧମୂର୍ତ୍ତି
ସୁମଧୁର ଶାନ୍ତ ବାକ୍ୟ ନ ଦେଇ ଶ୍ରୁତି ।
ଯାଉଅଛି ଏକ ପଥେ କରି ପ୍ରଭୁ ସାହା
ପଥରୋଧ ନ କରନ୍ତୁ ହେଉଗଦେବ ଯାହା ।

Digitized by srujanika@gmail.com

ବେଳେ ବେଳେ ଆସି ମାଏ ଦେବ ଦରଶନ
ଯାହା ଯାହା ଚଳିଅଛୁ ଦେଖିଲ୍ ନୟନ ।
ତୋର ସ୍ୱାମୀ ପ୍ରାଣକାନ୍ତେ କହିବ ସକଳ
ତାଙ୍କ ହୃଦେ ଶାନ୍ତି ଢ଼ାଳି କରନ୍ତୁ ମଙ୍ଗଳ ।
ଯାଉଅଛି ମହାପ୍ରଭୁ କରନ୍ତୁ ମେଲାଣି
ପୁନରପି ଆଉ ମନ ନ ଜାଅନ୍ତୁ ଟାଣି ।

ପୁରୁଷ—ଯାଅ ଯାଅ ସତୀ ସାଧ୍ୱୀ ଭଲ ଦୃଢ଼ମନ
ପୁଷ୍ପ ବୃଷ୍ଟି ହେଉ ପଥେ ଗ୍ଭଲନ୍ତୁ ଗମନ ।
କରୁଅଛୁ ପ୍ରସନ୍ନରେ ତୁମ୍ଭଙ୍କୁ କଲ୍ୟାଣ
ଧର୍ମପଥେ ଧର୍ମ ରକ୍ଷୁ ଭବନାକୁ ଟାଣ ।
ଯାହା ଇଚ୍ଛା ତାହା ବର ପ୍ରଭୁଙ୍କ ଜଗତେ
ଅକ୍ଷୟ ସ୍ୱରୂପ ରହୁ ମାନବ ମହତେ ।
ଯାହା ଇଚ୍ଛା ତାହାଙ୍କର ଦେଉଛୁ ବିଦାୟ
ଜୟ ଜୟ ନାଦ ଉଠି କର ସର୍ବ ନ୍ୟାୟ ।
ଏତକ କହି ଅନ୍ତର୍ଧାନ—

ଅନ୍ନପୂର୍ଣ୍ଣା—ପଥରେ ଯାଉ ଯାଉ ଏକ ବୃହତ୍ ସର୍ପ ପଥରେ ପଡ଼ିଅଛି ଦେଖି ଗର୍ଜିକରି ଆସିଲା । ଏତେ ଗର୍ଜନ କାହିଁକି, ତୋର ଇଚ୍ଛାହେଲେ ଗିଳିଦିଅ । ତୋର ସମୀପରେ ତ ରହିଛି । ତୋର ସନ୍ତୋଷ ମତେ ଲୋଡ଼ା । ମତେ ଗିଳିଦିଅ ।

ସର୍ପ—ମୋର ସ୍ୱଭାବ ସେପରି ବୋଲି ଦେଖାଇଲି—କାହିଁକି ଗିଳିଦେବ ? ତତେ ମୁଁ ଗିଳିବ ନାହିଁ—

ଅନ୍ନପୂର୍ଣ୍ଣା—ପୂର୍ଣ୍ଣହେଉ ମନସ୍କାମ ନର୍ହୁ ବସ୍ତୁର
କସ ଅଛି ଏ ଶରୀରେ କସ ଏ ସଂସାର ।
କାଟିଅଛି ମୋହ ଆଶା ସକଳ ମୁହାସ
ହୃଦ ରାଜ୍ୟେ ଦୁଃଖ ପୂର୍ଣ୍ଣ ହଜିଛି ଉଲ୍ଲାସ ।
ନାହିଁ ପ୍ରୀତି ଏହି ପ୍ରାଣେ କରେ ବଳିଦାନ
ଆନନ୍ଦରେ ନଅ ଧରି ଭାବନା ସମାନ ।

Digitized by srujanika@gmail.com

ଯାଉ ପ୍ରାଣ ରହୁ କୀର୍ତ୍ତି ତବ ସନ୍ତୋଷରୁ
ବାକି କିଛି ନ ରଖାଅ ପ୍ରୀତି ମାଗିବାରୁ ।
ଧନେ ନଷ୍ଟେ ଘମିଯିବ ଅନନ୍ତ ମୁଖରେ
ଏବେ ତାହା ପୂର୍ଣ୍ଣହେଉ ତୁମ୍ଭ ସମ୍ମୁଖରେ ।
ଈଶ୍ୱରଙ୍କ ଜଗତରେ କିସ ଅଛି ଭୟ
ନଷ୍ଟପୁରେ ହେବ ମୃତ୍ୟୁ ପାଇବ ଅଭୟ ।

ଧର୍ମ— ବଡ଼ ସନ୍ତୋଷ ହେଲି । ମୋ ସଙ୍ଗରେ ଆସ ତୁମକୁ ଗୋଟିଏ ସୁନ୍ଦର ଆବାସ ଦେଖାଇବି । ତହିଁରେ ରହିବ ।

ଅନ୍ନପୂର୍ଣ୍ଣା—ମୁଁ ଏବେ ଗୋଟିଏ ସ୍ଥାନରେ ସ୍ଥିର ହେବନାହିଁ । ମନ ବଡ଼ ଚପଳ ଅଛି ମତେ ଯେବେ ଶ୍ରମ ପୂର୍ଣ୍ଣ ହେବ ତେବେ ବିଚାର କରିବି ।

ଧର୍ମ—ହେଉ, ଯେବେ ତୁମ୍ଭ ମନ ହେବ ତେବେ ଆବାସ ଦେଖାଇବି ।

ଅନ୍ନପୂର୍ଣ୍ଣା—ପଥରେ ପ୍ରୟାଣ ଆରମ୍ଭ ହେଲା—ପଥରେ ଏକ କ୍ଷୁଦ୍ର ପୋକ ଦୃଶ୍ୟ ହେଲା । ଚକ୍ଷୁ ଦୁଇଟି ହୀରକ ପ୍ରାୟ ଝଟକୁଛି, ମାନବକୁ ଦେଖିବା କ୍ଷଣି ରାଗରେ ଏପରି ପ୍ରଜ୍ୱଳିତ ହୋଇଯାଉଛି ଯେ ଏକ ପ୍ରକାଣ୍ଡ କୁକୁର ଆକୃତି ଧାରଣ ହୋଇଯାଉଛି, ଗ୍ରୈବାଇବାକୁ ଉପରକୁ ଆସୁଛି ।

କୁକୁର—ଏହା ପୁଣି ଏକ କ୍ଷୁଦ୍ର ରୂପ ହୋଇଗଲା । କହିଲା—ତୁମକୁ ମୁଁ କିଛି କହିବ ନାହିଁ । ତୁମ ଇଚ୍ଛା ପଥରେ ଯାଅ ।

ଅନ୍ନପୂର୍ଣ୍ଣା—କପି ଶୋଧକାର ନ ହୁଅଇ ସ୍ଥିର
ଏକ ବଚନ କୌଶଳ
କର୍ମକ୍ଷେତ୍ରେ କର୍ମ ସାଧି ନେଉ ପ୍ରାଣ
ବୃଥା ନହୁଅ ସରଳ ।
ଫଳ ଗୋଟି ଯେବେ ଦେଖିବ ନୟନ
ନକରେ କ ହସ୍ତଗତ
କାର୍ଯ୍ୟ ସିଦ୍ଧି ହେଉ ଫଳ ପ୍ରାପ୍ତି କର
ମହତ ଶକ୍ତି ଜଗତ ।

Digitized by srujanika@gmail.com

ମହତ ପଣରେ କିପାଇଁ କଳଙ୍କ
ଗାଅ କ୍ଷଣ ସୁଖରେ
ନାହିଁ କହୁ ଚର ଅନିତ୍ୟ ସଂସାର
ଭବ ନଯାଉ ଦୁଃଖରେ ।
କ୍ଷଣକରେ କ୍ରୋଧ କ୍ଷଣକରେ ଶାନ୍ତ
ଏହିତ ସ୍ୱଭାବ ନୁହେଁ
ଭାବନା ଛଳରେ ଭାବକୁ ଅଣାଅ
ତୁମ୍ଭେ ଆମ୍ଭେ କେହି ନୁହେଁ ?
ମାନସ ପଣାରେ ଆଶା କାଠି ଫିଙ୍ଗି
ଦାନ ଡାକେ କଏ ଚଣ୍ଡ
ହାବୋଡ଼ବ ଦାନ ଠେକ ଅଭିମାନ
ଉଭୟର ଭାବହିତ ।
ଏଥିପାଇଁ କହିଁ ଦିଅ ପଛବୁଝା
କାର୍ଯ୍ୟ କ୍ଷେତ୍ରେ କାର୍ଯ୍ୟକର
ଉଭୟ ମଙ୍ଗଳ ହେବ ପ୍ରାପ୍ତି ଫଳ
ଧାଇଁ ଆସି ବନ୍ଧ ସର—

ପୋକ—ବହୁତ ସନ୍ତୋଷ ହୋଇ କହିଲା—ଉଭୟର ମଙ୍ଗଳ କହୁ ନାହିଁ ତୁମର ଏକା ମଙ୍ଗଳ । ମୋର କହୁ ନାହିଁ । ଏ ଅରଣ୍ୟ ମଧ୍ୟରେ ତୁମେ ବିହାର କର ତୁମର କାର୍ଯ୍ୟ ତୁମେ ସିଦ୍ଧକର—ତୁମକୁ କୌଣସି ବାଧାବିଘ୍ନ ରହିବ ନାହିଁ ।

ଅନ୍ନପୂର୍ଣ୍ଣା—ପ୍ରୟାଣ ଆରମ୍ଭ କଲା । ସାଂୟକାଳ ହେବାରୁ ଗୋଟିଏ ଲତା ମୂଳେ ଆଶ୍ରୟ ନେଲା । (ମନର ବଳୁର) ଏହି ସମୟରେ ଉଭୟର ଉପାସନା ହେଉଥାଏ—କେତେ ଆଦରରେ, ଆନନ୍ଦରେ ଜୀବନ-ଯାପନ ହେଉଥିଲା—ଏକ ଅଦ୍ଭୁତ ପରିବର୍ତ୍ତନ । ଏ ସବୁ ଈଶ୍ୱରାଧୀନ ବଳୁର ମନକୁ ସାନ୍ତ୍ୱନା ଦେଇ ବସିଲା । ଏବେ ବନରେ ଏକାକୀ ବସି ଏଇ କର୍ମ ଭୁଞ୍ଜିବାକୁ ହେଲା । ଈଶ୍ୱରଙ୍କୁ ପ୍ରାର୍ଥନା କରି ବସିଲା ଏମନ୍ତ ସମୟରେ ଏକ ତେଜ ରଶ୍ମି ଦୃଷ୍ଟି ଗୋଚର ହେଲା

Digitized by srujanika@gmail.com

ଯେଉଁମାନେ ମୋ ପାଖକୁ ଆସୁଛି ଯାଉଛି ମୁଁ ତାକୁ ଧରିବାକୁ ଚେଷ୍ଟା କଲି ।

ତେଜ—କାହିଁକି ଧରିବାକୁ ଚେଷ୍ଟା କରୁଛ । ମୁଁ ତ ମନ୍ଦବାୟୁ ଭିତରୁ ବାହାରେକରି ଉତ୍ତମ ବାୟୁ ପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛି । କାହିଁକି ଧରୁଛ । ଅସାର ତେଜ ମଧ୍ୟ ନେଇ ଭଲ ତେଜ ପୂର୍ଣ୍ଣ କରିବ ।

ଅନ୍ନପୂର୍ଣ୍ଣା—ମତେ ଜଣା ନ ଥିବାରୁ ଏହା କଣ ବୋଲି ଚିହ୍ନିବାକୁ ଚେଷ୍ଟା କରୁଥିଲି ।

ତେଜ—ଏହା ଦେଖିବାକୁ କାହାର କ୍ଷମତା ନାହିଁ । ଏପରି ସମୟରେ ତୁମେ ସ୍ୱ ଚକ୍ଷୁରେ ଦେଖି ଆକାର ମଧ୍ୟ ଜାଣିବାକୁ ଅନୁସନ୍ଧାନ କରିବା କେତେ ଉଚ୍ଚ ବାୟୁର ଚିହ୍ନ ଜାଣି ସନ୍ତୋଷ ହେଲି ।

ଅନ୍ନପୂର୍ଣ୍ଣା—ତେଜେ ତେଜ ମିଶ୍ରିତରେ କପରି ଆକାର
ଏଥିମଧ୍ୟ କେହି ଚିହ୍ନି ବୁଝି ନେବ ସାର ।
ଦେଖିବାକୁ ନାହିଁ ଶକ୍ତି ଶୂନ୍ୟେ ଅଛି ବ୍ୟାପି
ଶୂନ୍ୟର ଭୁବନା ସବୁ ନେଉଅଛି ମାପି ।
ବାୟୁ ସଙ୍ଗେ ବାୟୁ ରୂପ ଅଗ୍ନି ରୂପେ ରଙ୍ଗୀ
ଜ୍ୟୋତିରେ ଜ୍ୟୋତି ମିଶାଇ ନଚୁଉଛି ଭଙ୍ଗି ।
ଆହା କି ବିଚିତ୍ର ଲୀଳା ଭୁବନା ସୁନ୍ଦର
ଚିହ୍ନି ନ ପାରଇ କେହି ମାୟାରେ କାତର ।
ଏହି ଅଙ୍ଗେ ସର୍ବ ଅଛି କାହିଁଯାଏ ଭ୍ରମି
ପଥ କ୍ଳାନ୍ତେ ଏହି ପ୍ରାଣ ବୃଥା ହୁଏ ଶ୍ରମି ।
ଆପେ ରକ୍ଷା ହେଲେ ସିନା ଚିହ୍ନିବ ଜଗତ
ଆପଣାକୁ ବର୍ଜି କର କଣଇ ମହତ ।
କେ ଦେବ ମହତ ଆଉ ହରାଇଲେ ଧନ
ମହା ଶାନ୍ତ ମୂର୍ତ୍ତି ପ୍ରଭୁ ଦୃଢ଼େ ରଖ ମନ ।

ଏହା ଗାୟନକରି ନିଦ୍ରାଗଲି । ଏମନ୍ତ ସମୟରେ ଜଣେ ବୃଦ୍ଧା ଯଷ୍ଟି ଖଣ୍ଡିଏ ଧରି ମୋ ପାଖରେ ଉପସ୍ଥିତ ହେଲେ । ମୋର ହେତୋ

Digitized by srujanika@gmail.com

ପରି ବୋଧ ହେଉଥିଲା (ଗୋସାଇଁ ମା) ମୋର ଗାଢ଼ ନିଦ୍ରା ହୋଇଥିଲା । ସେ ମତେ କୋଳକରି ଶୋଇଲେ ! ମୁଁ ନିଦ୍ରା'ରୁ ଉଠିଲା ବେଳେ ତାଙ୍କୁ ଦେଖିଲି । ତୁମେ କିଏ ସେ ? ଏପରି ଏକାକୀ ସମୟରେ ଉପସ୍ଥିତ ହୋଇ କୋଳାଗ୍ରତ କରି ନିଦ୍ରାଗଲ । ମୋର ଜୀବନ ଧନ୍ୟ ହେଲା ।

ବୃଦ୍ଧା—କଣ ହେଲା । ତୁ କପରି ହୋଇଥିଲୁ—ଏବେ କଣ ହେଲୁ ଏହା ଦେଖି ମୋର ଦେହ ସମ୍ଭାଳନ୍ତା କି ? ତିନି ଦିନ ଉପବାସ ହେଲାଣି କଣ ହେଲେ ଖାଇବୁ କି ? ଶରୀର ଥିଲେ ସିନା ସବୁ ଶରୀର ନଥିଲେ କଣ କରିବୁ ?

ଅନ୍ନପୂର୍ଣ୍ଣା—ମୁଁ ଭ୍ରମି ଭ୍ରମି ପଥକ୍ଲାନ୍ତ ହେବା ପର୍ଯ୍ୟନ୍ତ ଜଳସ୍ପର୍ଶ କରିବି ନାହିଁ । ସଂସାରରେ ଥାଇ ମୁଁ କି କର୍ମ କରିବ ଯେ ମୋର ଶରୀର ରଖିବା ଦରକାର ।

ବୃଦ୍ଧା—ଆଜ ଅଧିକ କର୍ମ କଣ କରନ୍ତୁ, ପାଣି କିଛି ନ ଖାଅ ମୋର କାଣି ଆଙ୍ଗୁଠିଟି ଟିକିଏ ଚୁପିଦିଅ ।

ଅନ୍ନପୂର୍ଣ୍ଣା—ସେପରି ଚୁପିବାରୁ ସମଗ୍ର ଶରୀର ଏପରି ତୃପ୍ତ ଶୀତଳ ହୋଇଗଲା ଯେ ତାହା ବର୍ଣ୍ଣନାତୀତ ।

ବୃଦ୍ଧା—ନିଦ୍ରା ସମୟରେ—ଅନ୍ନପୂର୍ଣ୍ଣାର ଗର୍ଭରେ ସନ୍ତାନ ଥିବାର ଜାଣିପାରି କହିଲେ ଆହା କପରି ସମୟରେ ଏ ଆପଦ ଘଟିଲା ? ହେଉ, ଯେ ଜନ୍ମ ହେବ ସେ କିନ୍ତୁ ଅମର ହେବ ନାହିଁ । ମୁଁ ସବୁଠାରେ ଅଛି । କଥାବାର୍ତ୍ତା ହେଉ ହେଉ ଦିନ ଶେଷ ହେଲା ।

ଅନ୍ନପୂର୍ଣ୍ଣା—ତପ୍ତତାପ କାଳେ କପରି ଉଦୟ ହେଲେ ଶଶଧର
ଢାଳୁଛନ୍ତି ସୁଧା ନିବାରଇ ବାଧା ପ୍ରସାରଇ କର ।
ମନରେ ଭାଳନା ହୁଅଇ ଜୀବନ ଆନନ୍ଦେ ସନ୍ତର
ନାହିଁ କିନ୍ତୁ ଚିନ୍ତା ହୃଦପଦ୍ମେ ପ୍ରଫୁଲ୍ଲି ଫୁଟଇ କପର ।
ଆଗୋ ଦୟାମୟୀ ସବୁ କରି ଜୟ ପାଶେ ଉପସ୍ଥିତ
ମଙ୍ଗଳ କାମନା କରିଛି ସାଧନା ଭାବେ ମଣିହିତ ।

Digitized by srujanika@gmail.com

କ୍ଷୁଧା ତୃଷ୍ଣା ମୋର କରିଅଛୁ ଦୂର ପ୍ରସନ୍ନ ବଢ଼ାଇ
ଦୁଃଖକୁ ହରାଇ ଦେଲୁ କେତେ ସୁଖ ପ୍ରେମରେ ଖେଳାଇ ।
ତବ ଗଉରବ ବର୍ଣ୍ଣି ନ ପାରଇ ମାନବ ଜୀବନ
ମାୟାରେ ମୋହିତ କ୍ରୋଧେ ଜର୍ଜରିତ ବିଚଳିତ ମନ ।
ଚିର କର ଦୟାରଖି ଏ ସୁଦୟା କରୁଛି ବିନତି
ତୁମ୍ଭ ଚରଣ ଅଟେ ମୋ ଚରଣ ଦେବ ନିଶ୍ଚେ ଗତି ।

ବୃଦ୍ଧା—ଅତି ସନ୍ତୋଷ ହୋଇ କହିଲେ—ମୁଁ କି ଉପକାର କଲି ବୋଲି ଏତେ ସନ୍ତୋଷ ହେଲୁ ?

ଅନ୍ନପୂର୍ଣ୍ଣା—ଯାହା ହେଉ ଏହି କରୁଣା ମୋ ପ୍ରତି ଥାଉ ? ମୁଁ ଯାଉଛି ।

ବୃଦ୍ଧା—ହେଉ ଯାଅ—ତୁ ଯେଉଁଠାକୁ ଯାଉ ସେଠାରେ ତୋର ମଙ୍ଗଳ ହେବ । ତୋର ଜଗୁଆ ହୋଇ ମୁଁ ରହିଲି ।

ଅନ୍ନପୂର୍ଣ୍ଣା—ପଥରେ ଗମନ କଲି – ପଥରେ ଗୋଟିଏ ଦୀର୍ଘ ନଦୀ ପଡ଼ିଲା । ଜଳ ପୂର୍ଣ୍ଣ ଅଛି—ସ୍ନାନ କଲି—ସେହି ଓଦା ବସ୍ତ୍ର ପରିଧାନ କଲି । ବାଟ ଚାଲିବାକୁ ଆରମ୍ଭ କଲି ।

ନଦୀ—ତୁମେ ଆସି ମୋ ଜଳରେ ସ୍ନାନ କଲ । ମତେ କିଛି ପରିଚୟ ନ ଦେଇ ପଳାଉଛ; ହେଲେ ତୁମର ସବୁ କଥା ମୁଁ ଜାଣିଛି । ମାତ୍ର ତୁମର ବାଳକାଟି ଯେଉଁ ଆକୁଳ ହେଉଛି ତାହା କହି ନ ପାରେ ।

ଅନ୍ନପୂର୍ଣ୍ଣା—ପରିଚୟ ଦେଲି ନାହିଁ କହି ଏହା କହିବାକୁ ଥିଲି କି ? ଯିବା କଥା ଗଲା—ପୁନର୍ବି ଉଥାପନ କାହିଁକି । ମୋ ବିଷୟରେ ସେ କାହିଁକି ଆକୁଳ ହେବ ? ତାର କିଏ ନାହିଁକି ?

ନଦୀ—କିଏ ଥିଲେ ମଧ୍ୟ ମାତୃ ସମାନ କିଏ ହେବ ? ଏବେ ଏକା ପିତା ପୁତ୍ରୀ ଏଠାକୁ ସ୍ନାନ କରିବାକୁ ଆସିଥିଲେ—ପିଲାକୁ କେତେ ପ୍ରକାର ପ୍ରବୋଧନା କରୁଥିଲା—ମୁଁ ଶୁଣିଛି । ମିଥ୍ୟା ନୁହେଁ ।

ଅନ୍ନପୂର୍ଣ୍ଣା—ହେଲେ ହୋଇଥିବ —ମୋର ଇଚ୍ଛାରେ ମୁଁ ଆସି ନାହିଁ
କିଏ କାହାର ପୁତ୍ର ପୁତ୍ରୀ କିଏ କାହାର ପତି
ମାୟାର ସୁନ୍ଦର ସିନା କଳ୍ପନାର ଗତି ।

Digitized by srujanika@gmail.com

ମାୟା ଡ଼ୋର ଥିଲା ବନ୍ଧା ଯାଇଅଛି ଛିଡ଼ି
ନାହିଁ କାର ଶକ୍ତି ଆଜ ବାନ୍ଧିବାକୁ ଭିଡ଼ି ।
ପ୍ରଭୁଙ୍କର ଲୀଳା ସବୁ ଜାଣିଅଛି ମୁହିଁ
ଗାଈ ନାହିଁ କି ରୂପରେ କ୍ଷୀର ନେବ ଦୁହିଁ ।
କ୍ଷୀର ପ୍ରୟୋଜନ ନାହିଁ କହୁଅଛି ସତ୍ୟ
ଅମୃତ ପାନରେ ସିନା ତୁଟିବ ଅନିତ୍ୟ ।
ମାୟା ଜାଲ ଫିଙ୍ଗ ନାହିଁ କରେ ନମସ୍କାର
ସଂସାର ରହସ୍ୟ ସବୁ କହ ବୁଝି ସାର ।
ଜଗତରେ ବ୍ୟାପିଅଛି ତବ ନିଜ କାୟ
ସବୁ ଶୁଣ ସବୁ ଦେଖ ନ ରଖାଅ ମାୟା ।
ଯିବା କଥା ଗଲା ସବୁ ଲୋଡ଼ା ନାହିଁ ଆଜ
ଯେଉଁଠାରେ ଯେଉଁ କାର୍ଯ୍ୟ ଭାବେ ରହିଥାଜ ।
ପ୍ରଭୁଙ୍କର ସର୍ବଲୀଳା ପ୍ରଭୁଙ୍କ ଆୟତ
କରିବେ ମଙ୍ଗଳ ସର୍ବ ଚିନ୍ତାଇ ମହତ ।

ନନ୍ଦ—ତୁମ ପାଖରେ ମୁଁ ହାରିଲି । ମୋର ଏତେ ବଡ଼ କାୟା ହୋଇ ତୁମକୁ ପରୀକ୍ଷା କରିବାକୁ ବସି ହାରିଲି । ଜଣେ ସ୍ତ୍ରୀ କୁ ତ ହାରିଲି । ଜଗତକୁ କଣ କରିବ ।

ଅନ୍ନପୂର୍ଣ୍ଣା—ଏଠାରେ ଯୁଦ୍ଧ କରିବା ହାର ଜଣା କଥା ପଡ଼ୁନାହିଁ । ମୁଁ ଯାଉଛି । ସେମାନେ ଏଠାକୁ ସ୍ନାନ କରିବାକୁ ଆସିବା ସମୟରେ ମୁଁ ଭଲ ଅଛି ବୋଲି କହିଦେବ । କହି ଚାଲିଗଲା । ପଥରେ ଏକ ବିକଟାଳ ମହାବଳ ବ୍ୟାଘ୍ର ଦେଖିଲା । ତର୍ଜ୍ଜନ ଗର୍ଜ୍ଜନ କରି ମୁଖ ବ୍ୟାଦାନ କରି ଗ୍ରାସ କରିବାକୁ ଉପରକୁ ଆସିଲା ।

ଅନ୍ନପୂର୍ଣ୍ଣା—ଏତେ ଗର୍ଜନ କାହିଁକି ? ଆନନ୍ଦରେ ଭକ୍ଷଣ କର । ଖାଅ ଯାଇ ମୁହିଁ ଅଗ୍ରରେ ଦଣ୍ଡାୟମାନ —

ବ୍ୟାଘ୍ର—ତୋର କୋଳରେ ଗୋଟିଏ ଛୁଆ ଥିଲା । ଛୁଆ କହୁଛି ହେ ମାତା ! ଏହି ପ୍ରାଣୀ ନିଜେ ନିର୍ଭୀକ ଭାବରେ ଉତ୍ସର୍ଗ ହେଉଛିବା ସମୟରେ ଏଥିରେ କଣ କଥା ଅଛି, ଏହାକୁ ଭକ୍ଷଣ କରି ନଥାଏ ।

Digitized by srujanika@gmail.com

ବ୍ୟାଘ୍ର—ସତ କଥା ସତ୍ୟକୁ ରକ୍ଷାକଲେ ସତ୍ୟ ଜୟ କରେ—ମୁଁ ତୁମ୍ଭକୁ ଖାଇବ ନାହିଁ ।

ଅନ୍ନପୂର୍ଣ୍ଣା—ତହିଁରେ କଷ୍ଟ ହେଲେ କଥା ନାହିଁ, କାଳ ଆସିଲା ବେଳେ କାଳକୁ କିଏ ଲୁଚାଇଲେ ହୋଇପାରିବକି ? ସେପରି ଏ ମୋର କାଳ ବୋଲି ଭାବନା କରି ମୁଁ ଆନନ୍ଦରେ ଦଣ୍ଡାୟମାନ ହେଲି ମତେ ଆନନ୍ଦରେ ଗ୍ରହଣ କର—ଏଥିରେ ଅଧିକ କଥା କଅଣ ଅଛି ।

ବ୍ୟାଘ୍ର—ଯେତେବେଳେ ଅଜ୍ଞାନ ହୃଦୟରେ ଜ୍ଞାନ ଜନ୍ମିଛି ଗୋଟିଏ ପ୍ରାଣୀକି ଖାଇଦେଲେ ମୋର ଲାଭ କଅଣ ? ଏତକ କହି ସେମାନଙ୍କ ପଳାୟନ ।

ଅନ୍ନପୂର୍ଣ୍ଣା—ପଶୁ ଜାତି ତୁହି କି ଜାତି ସରଳ
ସତ୍ୟର ଗୌରବ ରଖି ଦେଖାଇଲୁ ଫଳ ।
ଫଳ ପ୍ରାପ୍ତି କରାଇଲୁ ମୋର କରେ ଆଣି
ପ୍ରାଣରୁ ଅମୃତ ପୁଣି ନେଇଅଛୁ ଘେନି ।
ତୁହି ନୋହୁ ପଶୁ ଜାତି ଅଟୁ ଧର୍ମ ମୂର୍ତ୍ତି
କି ସୁନ୍ଦର ସତ୍ୟ ବାକ୍ୟ ଶୁଣିଲା ମୋ ଶ୍ରୁତି
ସତେ କି ପ୍ରତ୍ୟକ୍ଷ ରୂପ ଅଟେ ଏ ଆକାର
କିବା ଗୁପ୍ତ ରୂପ ଧରି ବାଡ଼ିଛୁ ବଣର ।
କିଛି ଅଳ୍ପ ଜଣା ନାହିଁ ହେଉଛି ସନ୍ଦେହ
ଦେଖିବାକୁ ଭୟ ରୂପ ଧର୍ମେ ଅଛି ଭୟ ।
ସତ୍ୟର ଆକାର କହି ପ୍ରୁଞ୍ଛାଅ ମୋ ଦୁଃଖ
ପାଇଛି ଜୀବନ ପୁଣି ହେବ ପ୍ରେମେ ସୁଖ ।
ଘେନ ନଘେନ ମୋ ବନନ୍ତି ରଖ ଏ କରୁଣା
ଦେବୁ ନିଷ୍ଟେ ଉପଦେଶ ଭାବୁକର ବୃଣା ।

ବ୍ୟାଘ୍ର—ସନ୍ତୋଷ ହୋଇ କହିଲା, ମୋର ପ୍ରକୃତ ରୂପ ଏ । ରୂପ କିଛି ଗୋପନ କରିନାହିଁ । ତୁମ ସତ୍ୟ ତୁମକୁ ରକ୍ଷା କରି ମୋର ହୃଦୟରେ ଭୟ ଜନ୍ମାଇଲା । ମୋର ଯେଉଁ ଦୁର୍ବୁଦ୍ଧି ତାହା

Digitized by srujanika@gmail.com

ଦେଖାଇଥିଲ । ମାଏ ପିଲ ପ୍ରତି ତୁମେ ସନ୍ତୋଷ ହୁଅ, ସେ ଏକା ମତେ ବୁଦ୍ଧି ବଢ଼ାଇଲ ।

ଅନ୍ନପୂର୍ଣ୍ଣା—ପିଲ ଓ ତୁମ ଉଭୟ ପ୍ରତି ମୁଁ ସନ୍ତୋଷ ଅଛି । ଏହି ଅରଣ୍ୟ ମଧ୍ୟରେ ତୁମେମାନେ ଏକାମୋର ପଥ ଦର୍ଶକ ହୋଇଅଛ—କହି ଗୃଲଗଲ ।

ଅନ୍ନପୂର୍ଣ୍ଣା—ପଥରେ ଜଣେ ଋଷି ଚକ୍ଷୁ ମୁଦ୍ରିତ କରି ଯୋଗ ସାଧନାରେ ବସିଛନ୍ତି ତାଙ୍କୁ ନମସ୍କାର କରି କେତେକ କାଳ ନିରୀକ୍ଷଣ କରି ଠିଆ ହେଲି । ତାଙ୍କେ ମତେ ନ ଗୃହିଁବାରୁ ମୋ ପଥରେ ମୁଁ ଗୃଲିଲି । (ଋଷିଙ୍କର ମନ ତାଙ୍କୁ ପ୍ରଶ୍ନ କରୁଛି)

ଚକ୍ଷୁବୁଜି କି ସାଧନା କରୁଛୁ ? ଗୋଟିଏ ଅତିଥି ଆସି ନିରୀକ୍ଷଣ କରି ରହିଥିଲ । ଗୃହିଁଲୁ ନାହିଁ । ଚକ୍ଷୁ ମେଲି ଦେଖିଲାବେଳକୁ ମୁଁ ଅନେକ ଦୂର ଗୃଲିଗଲିଣି, ତାଙ୍କର ନିଶ୍ୱାସଟିଏ ଏକ ବାଣ (ଚେଙ୍ଗା ବାଣ) ପରି ଛୁଟି ଆସି ମୋ ସମୀପରେ ଫାଟିଗଲା ଏକ ପକ୍ଷୀ ରୂପ ମୋ ଆଗରେ ବସିଲ—(ଶୁକ୍ଳ ବର୍ଣ୍ଣ ପକ୍ଷୀ

ପକ୍ଷୀ—ତୁମେ ଯେଉଁ ଋଷିଙ୍କି ଦେଖିଲ ସେ ତୁମକୁ ଡ଼କାଇଛନ୍ତି ଆସ ।

ଅନ୍ନପୂର୍ଣ୍ଣା—ଅନେକ ଦୂର ମୁଁ ଆସିଲଣି, ଆଉ ପଛକୁ ଯିବନାହିଁ ।

ପକ୍ଷୀ—ଏହା ଶୁଣି ଯୋ ରୂପରେ ଆସିଥିଲ ସେହିପରି ଗୃଲିଗଲା, ଋଷିଙ୍କି ମୁଁ କହିବା କଥା କହିଲ ।

ଋଷି—ହେଉ, ଏପରି ହେଲ—ମୁଁ ନିଜେ ଯିବାକୁ ହେବ କହି ଉଠିଲେ ।

ଅନ୍ନପୂର୍ଣ୍ଣା—ଅନେକ ଦୂର ଯାଇଥିଲି ତଥାପି ଏକ ନିମିଷରେ ମୋର ଆଗକୁ ଏକ ହାତ ଦୂରରେ ଦଣ୍ଡାୟମାନ ଅଛନ୍ତି ଦେଖି ନମସ୍କାର କଲି ।

ଋଷି—ତୁମର କଣ ଲୋଡ଼ା ? ମୋ ପାଖରେ କାହିଁକି ଛିଡ଼ା ହୋଇଥିଲ ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ମତେ କିଛି ଲୋଡ଼ା ନାହିଁ। ପଥରେ ଯାଇଥିବା ସମୟରେ ଦେଖିଲିତ ଦର୍ଶନ କରି ଯିବି ବୋଲି ଅଳ୍ପ ନିରୀକ୍ଷଣ କରିଥିଲି। ଆପଣଙ୍କର ପରିଚୟ ଟିକିଏ ବୁଝିବାକୁ।

ଋଷି—ଆମେ ଋଷି ଲୋକ। ଆମର ପରିଚୟ କଣ ବୁଝିବ ? ତୁମେ କିଏ ସେ କହ।

ଅନ୍ନପୂର୍ଣ୍ଣା—ମୋର ମଧ୍ୟ କଣ କହିବି, ମୁଁ ଗୋଟିଏ ପଥିକା।

ଋଷି—କୁଆଡ଼େ ଯାଉଛ ?

ଅନ୍ନପୂର୍ଣ୍ଣା—ଯାଉ ଯାଉ ଯେ ପର୍ଯ୍ୟନ୍ତ ଯାଇପାରେ।

ଋଷି—ତୁମେ ପରମାର୍ଥ ବା ଗୃହସ୍ଥ ଲୋକ ଅଟ।

ଅନ୍ନପୂର୍ଣ୍ଣା—ଦୁଇ କଥା ମୁଁ ବୁଝେ ନାହିଁ ଏତିକି ମାତ୍ର ଜାଣେ ଜଗତର ମୁଁ ଗୋଟିଏ ପ୍ରାଣୀ—ଏଥିର ଚିତ୍ର ଦେଖିବାକୁ ଭ୍ରମୁଛି।

ଋଷି—ଆଉ ଅଧିକ ବିବରଣ କିଛି କହିବ ନାହିଁକି ?

ଅନ୍ନପୂର୍ଣ୍ଣା—ଅଧିକ ମତେ କିଛି ଜଣାନାହିଁ।

ଋଷି—ହେଉ ଯାଅ।

ଅନ୍ନପୂର୍ଣ୍ଣା—ଚଳିଲି।

ଋଷି—ଦଣ୍ଡ ଦଣ୍ଡ ରହି ମୋ ପଛେ ପଛେ ଚାଲିଲେ।

ଅନ୍ନପୂର୍ଣ୍ଣା—ପଥରେ ଏକ ପୁଷ୍ପ ବୃକ୍ଷ ଦେଖିଲି ସୂର୍ଯ୍ୟ ଉଜ୍ଜ୍ୱଳ ପୁଷ୍ପ ପତ୍ର ମାତ୍ର ବର୍ଣ୍ଣ ରଙ୍ଗ। ଶାଖା ପ୍ରଶାଖା ସହିତ ସୁନ୍ଦର ବୃକ୍ଷ ହୋଇଛି ବୃକ୍ଷ ଦେଖି ସନ୍ତୋଷ ହେବାରୁ ଦଣ୍ଡେ ରହିଁ ରହିଲି—

କି ସୁନ୍ଦର ବୃକ୍ଷ ତୁହି ମଣ୍ଡିଛ ଧରଣୀ
ମନ ମୁଗ୍ଧ ସକାଶରେ ସୁମନ ମଣ୍ଡଣି।
ସୁଗନ୍ଧରେ ମୋହି ନେଉ ମାନବର ଚିତ୍ତ
ଧନ୍ୟ ବୃକ୍ଷ ପତ୍ରଧାନେ ସାଧୁ ସହିତ।

Digitized by srujanika@gmail.com

ଈଶ୍ୱରଙ୍କ ଚାର ସୃଷ୍ଟି ବଚାର ଆକାର
ମଧୁଦାନ କରିଦେଲ ବୃକ୍ଷ ହୃଦେ ହାର ।
ଆଜି ସେ ସ୍ୱପ୍ନ ବିକାଶଇ କାଲି ଭୂମିଗତ
ପଦେ ଦଳି ହୋଇଯାଉ ନ ରହେ ମହତ ।
ତଟେ ଦେଖି ମୋର ହୃଦେ ଉପୁଜଇ ଜ୍ଞାନ
ହେବ କେବେ ଏହି ପ୍ରାଣ ତୋହର ସମାନ ।

ବୃକ୍ଷ—ଈଶ୍ୱରଙ୍କ ନିର୍ମାଣ ତ—ଯେତେ ପର୍ଯ୍ୟନ୍ତ ବୃକ୍ଷରେ ରହିବୁ ଥିବୁ । ମାନବ ମଧ୍ୟ ଏହିପରି ଏକା—ରାଜା, କର୍ମ୍ମି, ଯୋଗି, ସମସ୍ତେ ସମୟାନୁଗତ ।

ଅନ୍ନପୂର୍ଣ୍ଣା—ଗୋଟିଏ ପୁଷ୍ପ ମତେ ଦେବ କି ?

ବୃକ୍ଷ—ହଁ ନିଅ ।

ଅନ୍ନପୂର୍ଣ୍ଣା—ଗୋଟିଏ ତୁଣ୍ଡାଇ ଆଣିଲ । ପଥରେ ଚାଲିଲ । ଖଣ୍ଡେ ଦୂରରେ ପାଞ୍ଚ ଗୋଟି ସ୍ତ୍ରୀଙ୍କି ଦେଖିଲ । ଅତ୍ୟ ସୁନ୍ଦର ସ୍ତ୍ରୀମାନେ (ଯୁବତୀ) ସଙ୍ଗୀତ କରୁଥିଲେ ।

ଅନ୍ନପୂର୍ଣ୍ଣା—ଦଣ୍ଡେ ଠିଆ ହୋଇ ଦେଖିଲ—

ନାଚ ନାଚ ସଖୀ ସୁତାନ ରଙ୍ଗରେ
ହାବ ଭାବ ବୀଣା ବାଦ୍ୟ ବାଜଇ ରଙ୍ଗରେ ।
ମଳୟ ସଙ୍ଗତେ ମିଶଇ ମଳୟ
କଣ୍ଠ ସ୍ୱରେ କଣ୍ଠ ମିଶି ତାନ ରଖେ ଲୟ ।
ହୃଦୟ ଯନ୍ତ୍ରରେ ନାଚଇ ଉଲ୍ଲାସ
ଚିତ୍ତ ସହଚରୀ ଆସି କଣଇ ବିଶ୍ୱାସ ।
ମାନସ ଲାଳସା ଚୁଲଇ ସୁଧୀରେ
ଭକ୍ତି ଭାବ ପ୍ରକାଶଇ ବଦନ ଗମ୍ଭୀରେ ।
କି ଜାଣି ସୁନ୍ଦର ଏହି ନୃତ୍ୟ ଛବି
ଚୁହୁଁ ଅଛି ବେନ ନେତ୍ର ଭାବେ ଯାଇ ଡୁବି ।
କରନ୍ତି ବିଦାୟ ହେମନ୍ତ ମେଲାଣି
ଭାବସୃଷ୍ଟି ଭାବନ କୁ ନେଉଅଛି ଟାଣି ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ସ୍ବଳିଳ । ପଥରେ ସର୍ପ (ପ୍ରଥମରେ ଦୃଶ୍ୟ ଦେଖିଲି, ଗୋଟିଏ ସ୍ତ୍ରୀରୂପ ହୋଇ ମତେ ଗୋଟିଏ ଦିବ୍ୟ ଭୂବନ ଦେଖାଇଲେ । ଗୃହରେ ଅନେକ ଚନ୍ଦ୍ର ପଦାର୍ଥମାନ ଅଛି । ଗୁପ୍ତ କଳ ମଧ୍ୟ ଅଛି ।

ସ୍ତ୍ରୀ— ଏଠାରେ ତମ କର୍ତ୍ତବ୍ୟ ତମେ ପାଳନକର । ସେଠାରେ ୫ଟି ସ୍ତ୍ରୀ, ବୃଦ୍ଧା ପ୍ରବେଶ ହେଲେ । ଋଷି ଲୁଚିଥିଲେ ।

ଅନ୍ନପୂର୍ଣ୍ଣା—ମୋର ଯାହା ଲେଖାଥିଲା ଗୁପ୍ତ ହେଲା—୩ ଖଣ୍ଡ ପୁସ୍ତକ ଗୃହରୁ ବାହାର ପୁରୁଣାକାଳୀନ ଭାବଯାକ ଏକ ପୁସ୍ତକ ପଡ଼ଙ୍କ ନାମରେ ଉତ୍ସର୍ଗ । ୨ୟ ଖଣ୍ଡ ବୃଦ୍ଧାଙ୍କ ନାମରେ ଉତ୍ସର୍ଗ ହେଲା ମୋର ସ୍ୱାମୀଙ୍କି ଦେଖିଲେ ପ୍ରଥମ ଖଣ୍ଡି ତାଙ୍କୁ ଦେଇପକାଇବ ।

ସ୍ତ୍ରୀ—ତାଙ୍କ ନିଜ ଭାଷାରେ ହୃଦୟ ସାଗର ବୋଲି ଏକ ପତ୍ରିକା ବାହାର କଲେ—ତାଙ୍କର ଭାଷା ମଧ୍ୟ ମତେ ଶିଖାଇ ଦେଲେ (ସଂସ୍କୃତ ଭାଷା ହିନ୍ଦି ଲିପି) ପୁସ୍ତକ ପତ୍ରିକା ସ୍ୱାମୀଙ୍କ ଠିକଣାରେ ପଠାଇଲି ।

ସ୍ୱାମୀ—ପୁସ୍ତକ ପତ୍ରିକା ପାଠରେ ପଶ୍ଚାତାପ ଦୁଃଖ ଅଗ୍ନିରେ ମନ ଓ ଶରୀର ଜଳି ଯାଉଥିଲା, ଅନୁସନ୍ଧାନ ପାଇଁ ବାହାରିଲେ ।

●

Digitized by srujanika@gmail.com

୯ । ଅନ୍ନପୂର୍ଣ୍ଣା ଓ ଏକ ତେଜୋଦ୍ୟାନ ପୁରୁଷ

ସ୍ୱପ୍ନ ଦିବସ—୧୬-୬-୧୯୧୭

ଆକାଶ ଫାଟି ହୋଇ ଦୁଇ ଭାଗ ହୋଇଗଲା—ଜନ ସମୂହ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି । ଆକାଶରୁ ଏକ ତେଜୋଦ୍ୟାନ ପୁରୁଷ ସେପିଲେ ବର୍ଣ୍ଣ—ସୂର୍ଯ୍ୟ ଆକାର—ନିଜ ଗୃହରେ ପତନ ହେଲେ । ପାଦ ତାଙ୍କର ଭୂମିକୁ ଲାଗୁନାହିଁ । ଗୃହରେ କେହି ନଥିଲେ ଅନ୍ନପୂର୍ଣ୍ଣା ଓ ବାଳିକା ମାତ୍ର ଥିଲେ ।

ତେଜୋଦ୍ୟାନ ପୁରୁଷ—କିସ ଲୋଡ଼ା ବୋଲି ପଚାରିଲେ ।

ଅନ୍ନପୂର୍ଣ୍ଣା—ମତେ କିଛି ଆବଶ୍ୟକ ନାହିଁ । କେବଳ ଏତିକି ଇଚ୍ଛା ସ୍ୱାମୀଙ୍କର ଅଭାବ ଦେଖିବ ନାହିଁ । ଆଜି ତାଙ୍କ ଆନନ୍ଦ ଦେଖିବି । ଯେ ଗର୍ଭରେ ଅଛନ୍ତି ତାଙ୍କର ଆନନ୍ଦ ପ୍ରତିମୂର୍ତ୍ତି ଦେଖିବି ।

ପୁରୁଷ—ଆନନ୍ଦ ପ୍ରତିମୂର୍ତ୍ତି ଦେଖିବ ନିଶ୍ଚୟ । ଆଜି ୮ କିବା ୧୦ ଦିନ ମଧ୍ୟରେ ଦେଖିବ । ବାହ୍ୟ ରୂପ ଦେଖିବ ମାତ୍ର ତାର ଅନ୍ତରରେ ବୋଲିଲେ ଆତ୍ମା ଜ୍ଞାନ କେହି ଦେଖି ପାରିବ ନାହିଁ । ସେହି ଜନ୍ମ ସମୟରେ ମୁଁ ଆସିବି ମାତ୍ର ମତେ ଅନ୍ୟ କେହି ଦେଖିପାରିବେ ନାହିଁ । ସେ ଭୂମିଷ୍ଠ ହେବାବେଳେ ମୁଁ ତାକୁ ଧରିବି । ଭୂମିଷ୍ଠ ନ ହେବା ଯୋଗୁଁ ସେ ବହୁ ଜ୍ଞାନବନ୍ତ ହେବ । ବାଳକାରତ ଆଚରଣ ଦ୍ୱାରା ମଧ୍ୟ ତୁମେ କିଛି ଜାଣିପାରୁଥିବ ତୁମଠାରେ ଈଶ୍ୱରଙ୍କର କୃପାର ଅନୁଗ୍ରହ ତୁମର ମନ ଏକା ସାକ୍ଷୀ । ନିଜେ ତୁମେମାନେ ଲେଖା ଲେଖି କରୁଛ ତୁମର ହେଉଁ ସନ୍ତାନମାନେ ଉତ୍ପତ୍ତି ହେବ । ୧୦ରୁ ଆରମ୍ଭ କରି ଲେଖମା ଧାରଣ କରିବେ । ଭୂମି ତଳ ଭୂତେ ଭିତ୍ତି,

Digitized by srujanika@gmail.com

ପ୍ରଂଶଟେଲ୍ଲ ଆବସ୍ଥାର ରୂପ ଭାବ ଲେଖିବେ । ସେମାନଙ୍କର ଲେଖା ବୃଥା ପଡ଼ି ରହିବ ନାହିଁ । ପଶ୍ଚିମ ଦେଶର ଜଣେ ମହାତ୍ମା ସହାଯ୍ୟ ହେବ । ଯେ ସାହାଯ୍ୟ କରିବ ତାର ବର୍ତ୍ତମାନ ବୟସ ୨/୩ ବର୍ଷ ହୋଇଅଛି । ସ୍ୱାମିଙ୍କର ଆନନ୍ଦ ଦେଖିବୁ । ଅଭାବ ଦେଖିବୁ ନାହିଁ ବୋଲି ପବୃତିଲୁ ପରି ଦେଖାଇବ । କିନ୍ତୁ ଅଧୈର୍ଯ୍ୟ ହେବୁ ନାହିଁତ ।

ଅନ୍ନପୂର୍ଣ୍ଣା—ନାହିଁ—ପ୍ରତ୍ୟକ୍ଷରେ ତମର ଆଗମନ ପ୍ରଭୃତି ଦେଖିବା ସମୟରେ ଅଧୈର୍ଯ୍ୟ କାହିଁକି ହେବ ? ଏମନ୍ତ ସମୟରେ ଗୃହରେ ଲୋକ ଗହଳି ହେବାରୁ (ପୁରୁଷ) ଗୋପନ ହୋଇଗଲେ । ଶ୍ରୀରାମର ପ୍ରବେଶ ।

ପୁରୁଷ—ଶ୍ରୀରାମର ପ୍ରବେଶ ହେବାକ୍ଷଣି ତଡ଼ାଙ୍କ ଭାବରେ ମୂର୍ଚ୍ଛିତ କରାଇ ଦେଇ ଶରୀର ଦୁଇ ଭାଗ କରି ଚିରାଇଦେଲେ । ଅନ୍ତର୍ଗତର ପ୍ରତ୍ୟେକ ସ୍ଥାନର ଚିହ୍ନ ଓ ଗଠନ ଦେଖାଇଅଛନ୍ତି । ହୃଦୟ ଭାଗର ଚିହ୍ନ ଆତ୍ମା—ଏକ [illegible] —ପ୍ରାଣ ପକ୍ଷୀ ରୂପ ଆତ୍ମା ଆନନ୍ଦରେ ମଗ୍ନ ହଉଛି—ପକ୍ଷୀ ଦୁଃଖରେ ରୋଦନ କରୁଛି ଏ ଦୁଇ ମଧ୍ୟରେ ଅଳ୍ପ ଛଡ଼ାଛଡ଼ି ଅଛି ।

ଅନ୍ନପୂର୍ଣ୍ଣା—ଆତ୍ମା ଓ ପ୍ରାଣ ମଧ୍ୟରେ ସ୍ଥାନ ଅଳ୍ପ କିପରି ରହିଲା ।

ପୁରୁଷ—ପ୍ରାଣକୁ ଏ ଧିକାର କରିବାରୁ ଛଡ଼ାଛଡ଼ି ହୋଇଅଛି । କିନ୍ତୁ ପୁଣି ଯେଉଁ ଅଭିନ୍ନ ଗୁଣ ଅଛି ମିଶିଥିଲେ ମହାନ ହେବେ । ପ୍ରାଣ ପକ୍ଷୀ ଚତୁର୍ଦ୍ଦିଗେ ଋଷି ପୁତ୍ରମାନେ ଧ୍ୟାନ କରୁଛନ୍ତି । ପକ୍ଷୀ ଅସ୍ୱସ୍ଥ । ଜଣେ ସ୍ତ୍ରୀ ପାଖରେ ବସିଛି । ୪ର୍ଥ ସ୍ଥାନ—ନବଜାତ ଶିଶୁକୁ ରାଜ ଜଗିଛି । ଜଣେ ସ୍ତ୍ରୀ ପାଖରେ ବସିଛି । ୫ମ ସ୍ଥାନ—ହାଣ୍ଡିରେ ସୁବର୍ଣ୍ଣ ପୂର୍ଣ୍ଣ ଅଛି । ପଥର ଢାଙ୍କୁଣି ଅଙ୍କର ବନ୍ଦ ହୋଇଥିଲା । ୬ଷ୍ଠ ତେଜପୁଞ୍ଜ ହାଣ୍ଡିରେ ଜ୍ଞାନ ପୂର୍ଣ୍ଣ ଅଛି — ଅଳ୍ପ ଖୋଲିଅଛି ୭ମ ଅନ୍ନପୂର୍ଣ୍ଣାର ଆସନ—ଗୋଟିଏ ପଥର ଠେସ ଦେଇ ବା ଆଉଜି ଦେଇ ବସିଥିବା । ୮ମ ସନ୍ନ୍ୟାସୀ ଜଣେ ବସି ତପସ୍ୟାରେ ମଗ୍ନ ଅଛନ୍ତି । (ସେ ବୃଦ୍ଧ ଅଟନ୍ତି) ୯ମ ସ୍ତ୍ରୀ ଜଣେ ସଙ୍ଗୀତ କରୁଛନ୍ତି ।

Digitized by srujanika@gmail.com

୧୦ମ ସ୍ଥାନ ବିବେକ ପୁରୁଷ ବସିଛନ୍ତି । ଏପରି ନାନା ବିଧ ଚିହ୍ନ ପୂର୍ଣ୍ଣ ଅଛି । ୧୧—ସ୍ଥାନ କପାଳ ଭିତରେ । ଏକ ଗୁଳ-ଜବା ଚିହ୍ନ ଗାଢ଼ ଉପରେ ଋଷିଙ୍କ ଆସନ—ସେ ସୂର୍ଯ୍ୟଙ୍କଠାରୁ ଉତ୍ପତ୍ତି ବାହାରକୁ ଆସିବାକୁ ଯତ୍ନ ।

ପୁରୁଷ—ଦେଖିଲକି ? ଋଷି ପୁତ୍ରମାନେ ଧନ ଯାଚିଲା ସମୟରେ ସ୍ଥାନ ଛାଡ଼ି ରହିଯାଇଅଛି ।

ଅନ୍ନପୂର୍ଣ୍ଣା—ମୁଁ କପରି ତାଙ୍କ ଭିତରେ ରହିଲି—କେଡ଼େ ମୁଁ ଅଜ୍ଞାନୀ ।

ପୁରୁଷ—ଅଧୈର୍ଯ୍ୟ ଆସି ପ୍ରବେଶ ହେଲାବେଳେ ତାକୁ ଠେଲି ଦେଇ ତୁ ବସିଅଛୁ—ତୁ ଅଜ୍ଞାନୀ ନୋହୁ । ତା'ର ଅଧୈର୍ଯ୍ୟ ସମୟରେ ଧୈର୍ଯ୍ୟ ଦେଇ ଆସନ ଓ ଆନନ୍ଦରେ ରହିଲୁ । ତୁ ସୁଜ୍ଞାନୀ ଅଟୁ । ୧୦ମ ସ୍ଥାନ—ବିବେକ ଋଷିଙ୍କୁ ଅନେକ ଲୋକ ପଥର ଫୋପାଡ଼ି ମାରୁଛନ୍ତି ସେ ସେ ବିଚଳିତ ନୋହି ଆନନ୍ଦରେ ବସିଛନ୍ତି । ଏ ଗୋଟିଏ ତାର ମହତ ଲକ୍ଷଣ—୮ମ—ବୃଦ୍ଧ ତପସ୍ୟାରେ ବସିଛନ୍ତି— ଏପରି ବାହାର ହୃଦୟରେ ବୃଦ୍ଧି ତପସ୍ୟା କରେ ନାହିଁ । ବୃଦ୍ଧି କେବଳ ବିବେକର ସୂଚକ ହୋଇଥାଏ । ୧୧—ବ୍ରହ୍ମସ୍ଥାନ—ଭଲ ରୂପେ ଲକ୍ଷ୍ୟ ସ୍ଥିର ନଥିବାରୁ ସୂର୍ଯ୍ୟ ଭିତରୁ ବାହାରି ପଡ଼ୁଛନ୍ତି । ଭ୍ରମିବାକୁ ଅନୁକୂଳ । ୫ମ—ଧନ ଭଣ୍ଡାରରେ ପଥର ନଙ୍ଗା ଅଙ୍ଗାର ହୋଇଯାଇଛି କପରି ପାଇବ । ୬ଷ୍ଠ—ଅଳ୍ପ ଖୋଲିଅଛି ଅଧିକ କପରି ପ୍ରାପ୍ତି ହେବ ? ୪ର୍ଥ ସ୍ଥାନ—ଏପରି ତାର ଆଗମନରେ ଆନନ୍ଦ ହୋଇ ଆନନ୍ଦ-ରୂପୀ ସ୍ତ୍ରୀ ବସିଛନ୍ତି । ସୁନ୍ଦର ପାଳନ ଯୋଗୁଁ ଆସନ ବଢ଼ାଯାଇଛି । ଏପରି ଆତ୍ମଗତି ଲକ୍ଷଣ ମନ ଦେଖାଇଲି ।

ପୁରୁଷ—ସନ୍ତୋଷ ହେଲକି ?

ଅନ୍ନପୂର୍ଣ୍ଣା—ହେଲି, ହେଲେ ସ୍ତ୍ରୀକୁ ସଂସାରେ କିଏ ସାହାଯ୍ୟ କରିପାରିବ ନାହିଁ ।

ପୁରୁଷ—ନାହିଁ ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା—ଯୁ କୁ, ଦେଖୁଅଛୁ ସେ କପରି ଦେବେ ?

ପୁରୁଷ– ସେ କଥାର କଣ୍ଟୁ ବାକ ନାହିଁ ।

ଅନ୍ନପୂର୍ଣ୍ଣା – ଏପରି ତାଙ୍କର ନିର୍ଲୋଭିତା ଭାବ ଦେଖାଇଲ ଯେ ସେପରିତ ମୁଁ କହୁ ଦେଖୁନାହିଁ ।

ପୁରୁଷ–ସେପରି କପରି ଦେଖିବ ? ଯେତେ ତା'ର ଆଶ୍ରିତ ଜନଙ୍କର ବାପ୍ପୁ ଆସି ତାକୁ ଘେରାଉଛନ୍ତି ସେ କୋଟିଏ ଭଦ୍ରଙ୍କର ରୂପ ଦେଖନ୍ତି, ଭିତରେ ସେ ଏକ ଜନ୍ମ ଲଢ଼ ଲଢ଼ କରି ରୂପ ଗୋଟିଏ ଦଣ୍ଡ ପ୍ରମାନ ଥିବାର ଦେଖିଲ । ଏସବୁ ଦେଖି କଣ ମନରେ ହେଲ ?

ଅନ୍ନପୂର୍ଣ୍ଣା —ସନ୍ତୋଷ ହେଲ, ଏ ଦୁଇ ଟିଲର ସକଳ ଦ୍ବାର ସନ୍ତୋଷ ଦେଖିପାରିବୁକ ?

ପୁରୁଷ ସବୁ ଦେଖିପାରିବ, ସବୁ ଜାଣିବ, ତୁମ ଅଜ୍ଞାକରି ହେଉଥିବେ ଯାହା ବତାଇବେ ତାହା କରିବେ । ଏଥର ଉଠାଇ ଦେବକି ? କସ ଅଭାବ, କ ଆନନ୍ଦ ନାହିଁ ଯାକୁ ଯା'କୁ ସବୁ ଜଗୁଆ ଥାଇ କୋଣ ଲୋଭା ଜଏ ଭିନ୍ନ କରିପାରିବ ନାହିଁ ।

ଅନ୍ନପୂର୍ଣ୍ଣା—ଉଠାଇ ଦଅ ।

ପୁରୁଷ– ଉଠାଇ ଦେଲେ ।

ଶ୍ରୀରାମ – ନମସ୍କାର କରି ପଚାରୁଛନ୍ତି ।

ପୁରୁଷ – ତୁମର କସ ଲୋଭ—

ଶ୍ରୀରାମ—ତାର ମନ ଓ ଭାବ ମୋ ପ୍ରତି କପରି ଅଛି ଜାଣିବାକୁ ଇଚ୍ଛା ।

ପୁରୁଷ—ଅନ୍ନପୂର୍ଣ୍ଣା ଅନ୍ତର୍ଗତ ଶରୀ ଦେଖାଇଲେ । ଏପରି ସମୟରେ ଏକ ମଙ୍ଗଳ ଶବ୍ଦ ଶୁଣି ନିଦ୍ରା ଭଙ୍ଗ ।

ବାଳକର ଜନ୍ମ ୧୯୧୬ ଫେବୃଆରୀ ମାସ ତା ୨୪ ରିଖ ଉଦୟ ୭-୨୦ ମିନିଟରେ ।

★

Digitized by srujanika@gmail.com